ବାସ୍ତବତାର ପରିପ୍ରକାଶ

ISSN: 2583-147X (P)
ISSN: 3048-8958 (O)

# ପ୍ରାଚୀ ପତ୍ରିକା



The Official Journal of Prachee Centre for Cultural Relations

Prachee Patrika

ସେପ୍ଟେମ୍ବର ୨୦୨୫
ମୂଲ୍ୟ : ୨୫ ଟଙ୍କା



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ଟିକିଏ କଷ୍ଟ
## ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

# Prachee Centre for Cultural Relations(PCCR)
## Niladri Vihar
## Naya Bazar, Cuttack-753004

Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ
କବି ଜୟନ୍ତ ମହାପାତ୍ର



ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ
ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସେଣ୍ଟର ଫର କଲଚରାଲ ରିଲେସନ୍ସ

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦୀପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଲାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବବ୍ରୁବାହାନ ମହାପାତ୍ର**
ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ନାକୁ ହାଁସଦାଃ**
ସହାୟକ ପ୍ରଫେସର
ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ

# ପ୍ରାଚୀ ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।

Regd. No.: 23717/65

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ମୁଠାଏ ଦାନା
## ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

Vol.- 11, September 2025, Issue No. VI
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

**ପ୍ରକାଶକ :**
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

**ପ୍ରଚ୍ଛଦ ଚିତ୍ର :**
ବିଜୟ କୁମାର ସାହୁ

**ଅକ୍ଷର ସଜ୍ଜା :**
ବିକ୍ରମ କିଶୋର ସାହୁ

**ଡିଟିପି :**
ଶିବ ପ୍ରସାଦ ଧଳ

**ଅଳଙ୍କରଣ :**
ବିଭୁପ୍ରସାଦ ନାୟକ

**ୱେବ ଡ଼ିଜାଇନର୍ :**
ଶୁଭ୍ରାଂସୁ ଶତପଥି

**ବିଜ୍ଞାପନ ଅଧିକାରୀ :**
ଅବିନାଶ ଦାଶ

**ବିତରଣ ଅଧିକାରୀ :**
ସନ୍ତୋଷ କୁମାର ପାଲ୍

**ମୁଦ୍ରଣ :**
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

# ଏଇ ସଂଖ୍ୟାରେ...

୧. ନୂଆ ଶତାବ୍ଦୀର ନବ ଚେତନା ନୂଆ ଶତାବ୍ଦୀର ନବ ଚେତନା
ସୁମନ୍ତ ନାଏକ ........ ୦୯

୨. 'ବଣ୍ଡା' ଲୋକମିଥ୍ : ପରମ୍ପରା ଓ ପରିସର
ଦେବାଶିଷ ପାତ୍ର ........ ୧୩

୩. ଓଡ଼ିଆ କ୍ୟାମ୍ପସ୍ ଗଳ୍ପ ପ୍ରାଥମିକତାର ଅନୁସନ୍ଧାନ
ଚନ୍ଦ୍ରିକାରାଣୀ ପଣ୍ଡା........ ୨୦

୪. ଆଧୁନିକ ଚିତ୍ରକଳାର କ୍ରାନ୍ତିକାରୀ ସ୍ରଷ୍ଟା ଶିଳ୍ପୀଗୁରୁ ବିମ୍ବାଧର ବର୍ମା
ବସନ୍ତ କିଶୋର ସାହୁ........ ୩୪

୫. ବିଶ୍ୱରଂଜନଙ୍କ 'ବିନ୍ଦୁ ବିନ୍ଦୁ ବର୍ଷା' ଏକ ନୂତନ ଗଳ୍ପ କଥନର ପରିଭାଷା
ଜ୍ୟୋତିରଞ୍ଜନ ମହାନ୍ତି ........ ୪୧

୬. ନାରୀ ମନସ୍ତତ୍ତ୍ୱର ବହୁପାକ୍ଷିକ ରୂପଚିତ୍ରର ସଫଳ ମୁଦ୍ରାଙ୍କ ଯଶୋଧାରା ମିଶ୍ରଙ୍କ 'ଜହ୍ନରାତି'
ଦମୟନ୍ତୀ ଜେନା ........ ୪୫


୭. ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ଅପପୁଷ୍ଟି ପ୍ରସଙ୍ଗ
ତୃପ୍ତିମୟୀ ଭୋଇ........ ୫୩

୮. ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନା: ସ୍ୱର ଓ ସ୍ୱାତନ୍ତ୍ୟ
ରଶ୍ମିତା ପଣ୍ଡା ........ ୬୧

୯. ସାମ୍ପ୍ରତିକ ସମୟର ରାଜନୀତିକ ଚାପ ଓ ତାର ପ୍ରତିବାଦର ସ୍ୱର: ମୂକ
ସୁଦର୍ଶନ ସାହୁ........ ୭୦

୧୦. ପୁରାଣରୁ ଆଧୁନିକତାର ଧାରା : ସୀତା ମୁଁ ସୀତା
ଆରତୀ ନାୟକ ........ ୭୪

# ଖୁସିର ସହିତ ଜଣାଉଛୁ ଯେ, ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।








**PRACHEE SAHITYA SAMAJ PUBLICATION**

At-Niladri Vihar. Po-Naya Bazar, Dist.-Cuttack-753004 (Odisha)

Mob. : 88957 07011

# ବେଦବିତ ମହାତ୍ମା ଗାନ୍ଧୀ

ମାନବିକତାର ମଧୁର ମୂର୍ତ୍ତି ବୋଲି ଜଣେ ମହାମାନବଙ୍କୁ ଜଦି ଆମେ ବିଚାର କରଥାଏ ସେ ହେଉଛନ୍ତି ମହାତ୍ମାଗାନ୍ଧୀ। ତାଙ୍କୁ ଜଣେ ବ୍ୟକ୍ତି ବୋଲି ଗଣନା କରା ଯାଇ ନପାରେ। ସେ ହେଉଛନ୍ତି ସ୍ୱୟଂ ଏକ ଅନୁଷ୍ଠାନ। ସ୍ଥାନ, କାଳ, ପାତ୍ର, ବର୍ଣ୍ଣ ଇତ୍ୟାଦି ଭେଦାଭେଦର ପରିଧି ଭିତରେ ତାଙ୍କୁ ସୀମିତ କରାଯାଇ ନ ପାରେ। ଗାନ୍ଧି ଦର୍ଶନ ର ମୂଳ ତତ୍ୱ ପ୍ରଥମତଃ ଅହିଂସାକୁ ଜଦି ଆମେ ବିଶ୍ଳେଷଣ କରିବା ଆମେ ବେଦର କଥା ହିଁ ଉପସ୍ଥାପନା କରୁଛେ। ବେଦ କହେ –'ଅହିଂସା ପରମୋ ଧର୍ମହଃ'। ହିଂସ୍ରତା ଏକ ପଶୁତ୍ୱ ପ୍ରବୃତ୍ତି ଯାହା ବଣ୍ୟ ହିଂସ୍ର ପ୍ରାଣୀମାନଙ୍କ ଭିତରେ ଥାଏ। ଦିବ୍ୟ ଜ୍ଞାନର ଅଭାବରୁ ତଥା ଭୋଗ ଜ୍ୱନୀରେ ଜାତ ହୋଇଥିବାରୁ ସେମାନେ ଭଲ -ମନ୍ଦ ଭିତରେ ପ୍ରଭେଦ ବୁଝନ୍ତି ନାହିଁ। ଏହି ହିଂସ୍ରତାକୁ ନେଇ ପରସ୍ପର ଭିତରେ ସଂଗ୍ରାମ କରିବା ଯୋଗୁ ଅନେକ ପ୍ରାଣୀଙ୍କର ବଂଶ ବା ଜାତି ଓ ପ୍ରଜାତି ଲୋପ ପାଇଯାଇଛି। ଉଦାହରଣ ସ୍ୱରୂପ ଡାଇନୋସର। ରାଜାରାଜୁଡ଼ା ଶାସନ ସମୟରେ ଅନେକ ରାଜା ଏହି ପଶୁତ୍ୱ ପ୍ରବୃତ୍ତିକୁ ଆପଣାଇ ନିଜର ସମ୍ରାଜ୍ୟକୁ ବିସ୍ତାର କରିବା ପାଇଁ ଅନେକ ଜୀବନ ସହିତ ସମ୍ପତ୍ତିକୁ ଧ୍ୱଂସ କରିଦେଇଛନ୍ତି। ଯେତେବେଳେ ମଣିଷ ହିଂସ୍ର ହୋଇପଡିଛି ତା ଭିତରୁ ମାନବିକତା ଲୋପାପାଇଯାଉଛି। ସେ ପରିଣତି ବିଷୟରେ ସଚେତନ ନ ହୋଇ ଏ ମଧୁମୟ ସୃଷ୍ଟିକୁ ବିକଳାଙ୍ଗ କରି ମାତା ବସୁଧାର ଶରୀରକୁ କ୍ଷତ ବିକ୍ଷତ କରି ଚାଲିଛି। ତେଣୁ ଗାନ୍ଧୀ ମହାତ୍ମା ଦୂରଦୃଷ୍ଟିରେ ହିଂସାକୁ ତିଳେମାତ୍ର ପ୍ରଶୟ ଦେବାକୁ ବିରୋଧ କରିଛନ୍ତି। ଅହିଂସା ଆଚରଣକୁ ପ୍ରାଧାନ୍ୟ ଦେଉଥିଲେ। ଗାନ୍ଧୀ ଦର୍ଶନର ଦ୍ୱିତୀୟ ଅନୁସରଣର ମାର୍ଗ ଜଦି ଆମେ 'ସତ୍ୟ'କୁ ବିଶ୍ଳେଷଣ କରୁଛେ ତାହା ହେଉଛି 'ସତ୍ୟମେବ ଜୟତେ'। 'ସତ୍ୟମେବ ଜୟତେ' ଏହା ବେଦ କହେ। ବୈଦିକ ଯୁଗରୁ ରାଜା ମାନେ ନୀତି ନିୟମକୁ ମାନୁଥିଲେ। ଏକ ନୈତିକ ବାତାବରଣରେ ଗୁରୁକୁଳରେ ଶିଷ୍ୟମାନଙ୍କୁ ସଂଯମତା ଏବଂ ଶୃଙ୍ଖଳା ଜ୍ଞାନ ଶିଖା ଯାଉଥିଲା। ସତରେ ଭାତ ମିଳେ ବୋଲି ଆମ ଓଡ଼ିଆରେ ଏକ ପ୍ରବାଦ ଅଛି। ପରୋପକାର ପାଇଁ ବେଳେ ବେଳେ ସତ୍ୟକୁ ସ୍ଥାନ କାଳ ଏବଂ ପରିସ୍ଥିତିକୁ ଦେଖି ପ୍ରୟୋଗରେ ସାମାନ୍ୟ ବ୍ୟତିକ୍ରମ ସମାଜ ମଙ୍ଗଳ ପାଇଁ କରାଯାଇ ସତ୍ୟର ହିଁ ଜୟ ହୋଇଛି। ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିବା ମଗଧ ନରେଶ ହେଉଛନ୍ତି ପ୍ରକୃଷ୍ଟ ଉଦାହରଣ। ଅନେକ ରାଜ୍ୟ ଜୟକରି ସମୃଦ୍ଧ ଏବଂ ବିଶାଳ ସାମ୍ରାଜ୍ୟ ଗଠନକରିବାର ମୋହାନ୍ଧତା ପ୍ରଚ୍ଛଦ ପଟରେ ଯେଉଁ କୃର ଏବଂ ନୃଶଂସତା ତଥା ବର୍ବରତା ରହିଛି ତାହା ସମ୍ରାଟ ଅଶୋକଙ୍କ ଅନ୍ତର୍ଚେତନାକୁ କ୍ଷତ ବିକ୍ଷତ କରିଛି। ବ୍ୟଥିତ ହୋଇପଡିଛନ୍ତି ସେ। ସଂଗ୍ରାମରେ ନିରୀହ ଶିଶୁଟିଏ ତାର ପିତାକୁ ହରାଇ ଅନାଥ ହୋଇଛି ତ ବୃଦ୍ଧ ପିତା-ମାତା ତାଙ୍କର ଯୁବକ ପୁତ୍ରକୁ ହରାଇଛନ୍ତି, ନବ ବିବାହିତା ସ୍ତ୍ରୀଟିର ମଥାରୁ ଲିଭିଯାଇଛି ସିନ୍ଦୁର, ସେ ବିଧବା ପାଲଟି ଯାଇଛି। ଅଶୋକ ହୃଦୟଙ୍ଗମ କରିଛନ୍ତି ତରବାରୀର ଜୟ, ଜୟ ନୁହେଁ, ବ୍ୟକ୍ତିର ହୃଦୟକୁ ଜୟ କରିବା ହେଉଛି ପ୍ରକୃତ ଜୟ। ଗାନ୍ଧୀ ଦର୍ଶନର ତୃତୀୟ ମାର୍ଗଟି ହେଉଛି- ଜୀବନ ଜାପନ ଶୈଳୀ ସାଧାରଣ ହେଉ, ମାତ୍ର ଚିନ୍ତନ ମହାନତାକୁ ସ୍ପର୍ଶ କରୁ। ଅର୍ଥାତ ସାଧାରଣ ଜୀବନରେ ମହତ ଆକାଂକ୍ଷା । ଜଦି ଏଠାରେ ମହାଭାରତ - ଯୁଧିଷ୍ଠିର ଏବଂ ଯକ୍ଷ ସମ୍ବାଦ ଅବତାରଣା କରିବା, ଏହାର ସଂଗତି ଅନୁଭବ କରିବା। ଯକ୍ଷ ଯୁଧିଷ୍ଠିରଙ୍କୁ ପ୍ରଶ୍ନ କରୁଛନ୍ତି – ଏ ଜୀବନରେ ସୁଖୀ କିଏ ? ଏ ମନୁଷ୍ୟ ଜୀବନରେ ସେ ବ୍ୟକ୍ତି ଜଣକ ହେଉଛନ୍ତି ସୁଖୀ ଯେ ଯେକୌଣସି ଅବସ୍ଥା ରେ ମଧ ତୃପ୍ତ ଥାଏ। ଅର୍ଥାତ ଶାଗ ପଖାଳ ଯେଉଁ ଆନନ୍ଦ ପାଏ ଛପନ ବ୍ୟଞ୍ଜନ ରେ ମଧ ସେଇ ସୁଖ ପାଏ। ଆବଶ୍ୟକତା ଠାରୁ ଅଧିକ ଆଶା କରି ଯେ ନିଜକୁ ବିଭିନ୍ନ ବ୍ୟବସ୍ଥାରେ ଯୋଡି ରଖି ଋଣ ଗ୍ରସ୍ତ କରିପକାଏ ସେ ସୁଖୀ ହୋଇ ନ ପାରେ। ସନ୍ତୋଷ ଭାବ ମନକୁ ସନ୍ତୁଳିତ ରଖେ କ୍ଷ ଉଚିତ ସମୟରେ କର୍ମ ଅନୁସାରେ ଉଚିତ ଫଳ ପ୍ରାପ୍ତ ହୁଏ। ଧୈର୍ଯ୍ୟର ସହ ଲକ୍ଷ୍ୟ ପ୍ରାପ୍ତ ହେବା ପାଇଁ କର୍ମ କରିବା। ବ୍ୟସ୍ତ ବିବ୍ରତ ହୋଇ ଯେନ ତେନ ପ୍ରକାରଣେ କାର୍ଯ୍ୟ ହାସଲ ପାଇଁ ଅସଦ ପନ୍ଥା ଆପଣେଇବା ଆଦୌ ଉଚିତ ନୁହେଁ । କାରଣ ମନହଃ ଏବ ମନୁଷ୍ୟାଣାମ କାରଣମ ବନ୍ଧହଃ ମୋକ୍ଷୟଃ। ଏଇ ମନକୁ ଯେ ନିଜ ବଶରେ ଅର୍ଥାତ ସଂଯମରେ ରଖି ପାରିଛି, ସେ ବିବେକବାନ। ମନୁଷ୍ୟ କେବଳ ବ୍ୟକ୍ତିଗତ ସ୍ୱାର୍ଥ ସାଧନରେ ତାର ଶକ୍ତିକୁ ଅପଚୟ ଏବଂ ଅପପ୍ରୟୋଗ ନକରି ଜନ ମଙ୍ଗଳକାରୀ କର୍ମରେ ଲିପ୍ତ ରଖିବା ଉଚିତ । ରାଷ୍ଟ୍ର ତଥା ପରହିତ ପାଇଁ ସମୟ ଦେବା ଉଚିତ। work is worship ଅର୍ଥାତ କର୍ମ ହିଁ ଭଗବାନ। ତେଣୁ ବ୍ୟକ୍ତି ଉପରେ ନ୍ୟସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ହିଁ ବେଦ ମାର୍ଗ । ପ୍ରାପ୍ୟରୁ ଅଧିକ ଆଶା ରଖିବା ହିଁ ଦୁଃଖର କାରଣ ହୁଏ । Service to mankind is service to God ମାନବ ସେବା ହିଁ ମାଧବ ସେବା । ତେଣୁ ଗାନ୍ଧୀ ମହାତ୍ମା ସେବା ଭାବକୁ ପ୍ରାଧାନ୍ୟ ଦେଇଛନ୍ତି ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ । ତେନ ତ୍ୟକ୍ତେନ ଭୁଞ୍ଜିଥା' । ଦିବ୍ୟ ଜ୍ଞାନଯୁକ୍ତ ମଣିଷ ଚିନ୍ତା ଚେତନା ଯୁକ୍ତ ହୋଇଥିବାରୁ ସୃଷ୍ଟି ଓ ସ୍ରଷ୍ଟା ସମ୍ବନ୍ଧରେ ଚିନ୍ତା କରିପାରେ ଓ ପ୍ରକୃତି ଉପାସନାରେ ପ୍ରବୃତ୍ତ ରହେ । କାଟି ପିନ୍ଧ, କୁଟି ଖାଅ ତାଙ୍କର ସାଧାରଣ ଜୀବନ ଯାପନର ପ୍ରକୃଷ୍ଟ ଉଦାହରଣ । ଗାନ୍ଧୀ ଦର୍ଶନର ଚତୁର୍ଥ ମାର୍ଗଟି ହେଉଛି କ୍ଷମା । ଚତୁର୍ଥ ଦର୍ଶନ କ୍ଷମା ଭିତରେ ସଞ୍ଜମତା ସହିତ ଉଦାରତା ମଧ ଛପି ରହିଛି । ମହାତ୍ମା ଗାନ୍ଧୀ ତାଙ୍କର ସଂଯମତା ପାଇଁ ଏକ ବିରଳ ବ୍ୟକ୍ତିତ୍ୱ ରୂପେ ପରିଗଣିତ। ଶାସ୍ତ୍ର କହିଛି –

'ହିଂସା ବଳ ଅସାଧୁନାମ ରାଜ୍ଞା ଦଣ୍ଡର୍ବିଦ୍ଧି ବଳମ,
ଶୁଶ୍ରୂଷା ଚ ବଳମ ସ୍ତ୍ରୀଣାମ କ୍ଷମା ଗୁଣବତାମ ବଳମ'

ଏହି କ୍ଷମା ଗୁଣ ହିଁ ମାନବୀୟ । ଅନୁସରଣ ମାର୍ଗ କ୍ଷମା ଗୁଣ ଏକ ନୈସର୍ଗିକ ଲକ୍ଷଣ। ଦିବ୍ୟ ଜ୍ଞାନଯୁକ୍ତ ମନୁଷ୍ୟ ଭଗବାନଙ୍କର ଏକ ଅନବଦ୍ୟ ସୃଷ୍ଟି। ଯେଉଁ ବ୍ୟକ୍ତି ଭିତରେ କ୍ଷମା ଗୁଣ ନଥାଏ ସେ ନର ଦେହ ଧାରୀ ପଶୁଟିଏ କହିଲେ ଅତିଶ୍ୟୁକ୍ତି ହେବ ନାହଁ । ସାଧାରଣ ଜୀବନରେ ଯେ ଅସାଧାରଣ କାର୍ଯ୍ୟପ୍ରଣାଳୀକୁ ଆପଣାଇ ପାରିଥିଲେ, ସର୍ବୋତ୍କୃଷ୍ଟ ଉଦାହରଣ ସୃଷ୍ଟିକରି ବିଶ୍ୱଦରବାରରେ ମୋହନ ଦାସ କରମ ଚାନ୍ଦ ଗାନ୍ଧୀରୁ ମହାତ୍ମା ଗାନ୍ଧୀ ପାଲଟି ଥିଲେ ଏହାଠାରୁ ଆଉ ଅଧିକ କଣ ହୋଇପାରେ। ବେଦୋକ୍ତ ଏହି କ୍ଷମା ଗୁଣ ଆଧାତ୍ମିକତା ବହନ କରେ। ଉଦାରତା ଦେବତ୍ୱର ପରିଚାୟକ। ଏହି କ୍ଷମା ଗୁଣ ବୋଧ ହୁଏ ବେଦ ଅଧୟନ କରିବା ଯୋଗୁଁ ମହାତ୍ମା ଗାନ୍ଧୀ ବିଶେଷ ଭବେ ଅନୁସରଣ କରୁଥିଲେ। ଯେତେବେଳେ ଇଂରେଜ ଶାସନାଧୀନ ଭାରତ

ବର୍ଷରେ ଇଂରେଜ ମାନଙ୍କର ଅତ୍ୟାଚାର ନାନା ଉପାୟରେ ବଢ଼ିଚାଲିଥିଲା, ସେତେବେଳେ ମହାତ୍ମା ଗାନ୍ଧୀ ତାକୁ ପ୍ରତିରୋଧ କରୁଥିଲେ ମଧ୍ୟ କୌଣସି ପ୍ରକାର ହିଂସା ଆଚରଣ ନକରି କ୍ଷମା ଦେଉଥିଲେ ଏବଂ ନୈତିକ ମନୋବଳ ନେଇ ସେମାନଙ୍କ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ।

ପଞ୍ଚମ ଗାନ୍ଧିଆନ ଧାରା ହେଉଛି ଦୃଢ଼ତା। ସ୍ଥିର ନିଶ୍ଚିତ ରୂପେ ଦୃଢତାର ସହ ଯେଉଁ କାର୍ଯ୍ୟ କରାଯାଏ ତାହା ଅସଫଳ ହୋଇ ପାରେନା। କୌଣସି ଦୁରାଚାରକୁ ପ୍ରଶୟ ଦେଇ, କୌଣସି ଲୋଭ ମୋହର ବଶବର୍ତ୍ତୀ ହୋଇ ହଟାତ ନିଷ୍ପତି ବଦଳାଇଲେ ଅସଫଳତା ମିଳେ। ଯାହା ସମାଜ ହିତୈଇଶି ଏବଂ ଜନ ମଙ୍ଗଳକର ବ୍ୟକ୍ତିଗତ ସ୍ୱାର୍ଥ ସାଧନ ନ ହୋଇ ପାରିଲେ ମଧ୍ୟ ତାହା ଦୃଢ଼ ସଂକଳ୍ପ ହୋଇ କରଣୀୟ। ଯାହା ଗାନ୍ଧୀ ମହାତ୍ମାଙ୍କ ଜୀବନ ଦର୍ଶନରେ ପ୍ରତିଫଳିତ। ଗାନ୍ଧୀ ଦର୍ଶନର ଅନୁସରଣୀୟ ଏହି ପଞ୍ଚମ ଦିଗକୁ ଦୃଷ୍ଟିପାତ କଲେ ତାହା ହେଉଛି ଦୃଢତା। ସଂକଳ୍ପିତ କର୍ମ, ବାକ୍ୟ ଓ ଲକ୍ଷ ପାଳନ କଲାବେଳେ ବ୍ୟକ୍ତି ଦୃଢ଼ ନିଶ୍ଚିତ ରୂପେ ତାହା ସମ୍ପାଦନ କରିବା ଉଚିତ୍। କାହାର ପ୍ରରୋଚନାରେ କିମ୍ୱା କାହାଦ୍ୱାରା ଭୟଭୀତ ହୋଇ ବିବେକ ଅନୁମୋଦିତ କାର୍ଯ୍ୟ କୌଣସି ସମୟରେ ମଧ୍ୟ ବର୍ଜନୀୟ ନୁହେଁ। ଏହା ଗାନ୍ଧୀ ଅନୁସରଣ କରୁଥିଲେ। ଆମ ସମସ୍ତ କାର୍ଯ୍ୟ କଳାପ ଜଣେ ଅଦୃଷ୍ଟ ଶକ୍ତି ଆମେ ଭଗବାନ କହୁଛେ ସେ ଅବଲୋକନ କରୁଛନ୍ତି ଏବଂ ସେ ତାହାର ଫଳ ପ୍ରଦାନ କରିବେ ତାଙ୍କ ବିଚାରରେ। ତାଙ୍କ 'ଭାଷାରେ'– if there is no God, create a God., ଭଗବତ ବିଶ୍ୱାସ କର। ଏକ ନୈତିକ ବାତାବରଣ ସୃଷ୍ଟି କର । 'who fears God he has not to fear anybody else. ଅର୍ଥାତ ଯେ ଭଗବାନଙ୍କୁ ଭୟ କରେ ତାର ଆଉ କାହାକୁ ଭୟ କରିବା ଦରକାର ନାହିଁ। ତେଣୁ ସ୍ଥାନ କାଳ ଧର୍ମ ବର୍ଣ୍ଣ ବୈଷମ୍ୟ ଭେଦରେ ବ୍ୟକ୍ତିଗତ ହେଉ ସମ୍ପ୍ରଦାୟ ଭେଦରେ ହେଉ ପଦକ୍ଷେପ ନେବା ଆଦୌ ସ୍ପୃହଣୀୟ ନୁହେଁ। ଉଦାରତା ଏବଂ ଦୃଢ଼ତା ହେଉଛି ମାନବ କଲ୍ୟାଣୀୟ ଭାବ। ମାନବିକତା ହିଁ ପ୍ରକୃତ ଧର୍ମ। ଯେତେବେଳେ ମାନବୀୟ ମୂଲ୍ୟବୋଧର ଅପଚୟ ଘଟେ, ସେତେବେଳେ ସବୁ ଅନର୍ଥ ସୃଷ୍ଟି ହୁଏ। ତେଣୁ ଏକ ସର୍ବ ମଙ୍ଗଳ କର ସୁଖଦ ଜୀବନ ପାଇଁ ଗାନ୍ଧୀ ବେଦ ମାର୍ଗ ଅନୁସରଣ କରୁଥିଲେ, ଯାହା ଶାନ୍ତି ଏବଂ ସୌହାର୍ଦ୍ୟ ର ବାର୍ତ୍ତା ପ୍ରଦାନ କରେ ।

ସ୍ୱଦେଶୀ, ସ୍ୱରାଜ, ସତ୍ୟାଗ୍ରହ, ଆତ୍ମନିର୍ଭରଶୀଳତା ପ୍ରତିବଦ୍ଧତାରେ ପ୍ରତିଟିକୁ ସଫଳ କରିବା ପାଇଁ ଏକ ନୈତିକ ମାନବୀୟ ମୂଲ୍ୟବୋଧ ସର୍ବଶ୍ରେଷ୍ଠ ଅଟେ ଏବଂ ତାହା ଆପଣାଇବା ପାଇଁ ନିଜ ଜୀବନରେ ଆଚରଣରେ ଆଣି ଅନ୍ୟମାନଙ୍କୁ ତାହା ଆଚରଣରେ ଆଣିବା ପାଇଁ ନିବେଦନ ରଖୁଥିଲେ। ସମଗ୍ର ମାନବ ସମାଜକୁ ତାଙ୍କ ନୀତି ପ୍ରୟୋଗାତ୍ମକ ଥିଲା ଏବଂ ନିଜ ପର ଭେଦ ତାଙ୍କ ପାଖରେ ନଥିଲା। ସମଗ୍ର ବସୁଧାକୁ ସେ ଏକ ପରିବାର ପରି ମଣୁଥିଲେ। ପୃଥିବୀ ମାତାର କୌଣସି ଅଙ୍ଗ କ୍ଷତିଗ୍ରସ୍ତ ହେଲେ ତାହା ସମସ୍ତଙ୍କ ପାଇଁ କ୍ଷତି କାରକ ବୋଲି ସେ ଅନୁଭବ କରୁଥୁଲେ। ତେଣୁ ତାଙ୍କ ଆଚରଣରେ ବସୁଧୈବ କୁଟୁମ୍ବକମ ଭାବ ବିକଶିତ ଥିଲା। ମହୋପନିଷଦ'ରୁ ଏକ ଶ୍ଳୋକ ଏଠାରେ ଉଧାର କରାଯାଇପାରେ – 'ଅୟମ ନିଜ ପରୋବେତି ଗଣନା ଲଘୁଚେତସାମ, ଉଦାର ଚରିତନାମ ତୁ ବସୁଧୈବ କୁଟୁମ୍ବକମ' । ଲଘୁ ଚେତନା ଯୁକ୍ତ ବ୍ୟକ୍ତିମାନେ ମୋର ତୋର ଭେଦ ଭାବ ସୃଷ୍ଟି କରନ୍ତି, ମାତ୍ର ଉଦାର ଚରିତ୍ରର ବ୍ୟକ୍ତିମାନେ ସମଗ୍ର ବସୁଧାକୁ ଏକ କୁଟୁମ୍ବ ବୋଲି ବିଚାର କରନ୍ତି । ଏହି ଉଦାର ଭାବ ଗାନ୍ଧୀ ମହାତ୍ମାଙ୍କ ଭିତରେ ଥିବାରୁ, ପୃଥିବୀରେ ଯେକୌଣସି ବ୍ୟକ୍ତି କିମ୍ବା ସଂପ୍ରଦାୟ ପ୍ରତି ଅନ୍ୟାୟ ଓ ଅତ୍ୟାଚାରକୁ ସହ୍ୟ କରିପାରୁନଥିଲେ। ଦକ୍ଷିଣ ଆଫ୍ରିକାରେ କଳାଗୋରା ଭେଦ ଭାବକୁ ସେ ଦୃଢଭାବରେ ବିରୋଧ କରୁଥିଲେ । 'ମାତା ଭୂମି ପୁତ୍ର ଅହଂ ପୃଥିବ୍ୟା। ଅର୍ଥାତ ଏ ପୃଥିବୀ ଆମ ସମସ୍ତଙ୍କର ମାତା ଏବଂ ମୁଁ –ପ୍ରତି ବ୍ୟକ୍ତି ଏହାର ସନ୍ତାନ ବୋଲି ଯେଉଁ ବେଦ ବାକ୍ୟକୁ ସେ ଦୃଢ ଭାବରେ ଅପଣାଇ ଏକ ଭାତୃତ୍ୱ ବନ୍ଧନରେ ଆଚରଣରେ ଆଣି ସମଗ୍ର ବିଶ୍ୱକୁ ଜଗତ ଜନ ହିତାୟ ବାର୍ତ୍ତାଟିଏ ପ୍ରଦାନ କରିଥିଲେ । ହିଂସା ପ୍ରଣୋଦିତ ଦୁଇଟି ବିଶ୍ୱ ଯୁଦ୍ଧର ପରିଣତି କେତେ ଭୟାବହ ତାହା ଇତିହାସ ଆମକୁ ଚେତାଇ ଦେଲେ ବି ରାଷ୍ଟ ଭକ୍ତି ନାମରେ ତଥା କଥିତ ରାଜନେତାମାନଙ୍କର ଅହଂଭାବ ଏ ପୃଥିବୀ ମାତାକୁ ବିକଳାଙ୍ଗ କରିଚାଲିଛି, ମାତ୍ର ତଥାପି ସଚେତନତା'ର ଅଭାବ ଆମ ଭିତରେ । ବେଦ ବାକ୍ୟ 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରରାମୟା, ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମା କଶ୍ଚିତ ଦୁଖ ଭାକ ଭବେତ' । ସମସ୍ତଙ୍କର ହିତ କାମନା କରୁଥିବା ମୁକ୍ତ ଅନୁଭବର ଉଦାର ଚରିତ୍ର। ଗାନ୍ଧୀଙ୍କୁ ଏକ ମହାମାନବ ରୂପେ ପରିଗଣିତ କାଟିଥିଲା।

ଆମେ ଜଦି ତାଙ୍କ ତିନି ମାଙ୍କଡ଼ ପ୍ରସଙ୍ଗକୁ ଆସିବା, ତେବେ ଦେଖିବା – ପ୍ରଥମ ମାଙ୍କଡ଼ଟି ଦୁଇ ହାତରେ ତା ପାଟି ଟି ବନ୍ଦ କରିଛି, ଯାହାର ଅର୍ଥ ହେଲା 'ମୁଁ ଖରାପ କଥା କହିବି ନାହିଁ, ଦ୍ୱିତୀୟ ମାଙ୍କଡ଼ଟି ଦୁଇ ହାତରେ କାନକୁ ବନ୍ଦ କରିଛି –'ଯାହାର ଅର୍ଥ ହେଉଛି –'ମୁଁ ଖରାପ କଥା ଶୁଣିବି ନାହିଁ ଓ ତୃତୀୟ ମାଙ୍କଡଟି ଯିଏ ହାତରେ ଆଖି ବନ୍ଦ କରିଛି, ସେ ଭାବ ଦେଉଛି –ମୁଁ ଖରାପ କଥା ଦେଖିବି ନାହିଁ।

ଅନ୍ୟ ଅନେକ ଆଚାରଣରେ ଗାନ୍ଧୀ ମହାତ୍ମା ଯେ ଜଣେ ବେଦବିତ ତାହା ସ୍ୱୀକାର୍ଯ୍ୟ। 'ପରୋପକାର ସ୍ୱର୍ଗାୟ, ପାପାୟ ପର ପୀଡ଼ନମ୍ 'ସେ ପର ଉପକାର ପାଇଁ ଉତ୍ସର୍ଗୀକୃତ ଭାବେ ଆଳସ୍ୟ ବର୍ଜନ କରି କାର୍ଯ୍ୟ କରୁଥିଲେ କୌଣସି ପରିସ୍ଥିତି ରେ ମଧ୍ୟ ସେ ପର ପୀଡାକୁ ପ୍ରଶୟ ଦେଉ ନ ଥିଲେ। ପରକୁ ଦୁଃଖ କଷ୍ଟ ଦେବା ଏକ ପାପଚାର ଭାବେ ସେ ବିଚାର କରୁଥିଲେ, କାରଣ ଏହା ବେଦ ରେ ବର୍ଣ୍ଣନା କରିଛି। ଅନ୍ୟ ଏକ ଉଦାହରଣ ଏଠାରେ ନିଆଯାଇ ପାରେ 'ଓଁ ଆନୋ ଭଦ୍ରା କର୍ତ୍ତ୍ୱଃ ସନ୍ତୁ ବିଶ୍ୱତଃ' ଅର୍ଥାତ ବିଶ୍ୱର ପ୍ରତି କୋଣ ଅନୁକୋଣରୁ ସମସ୍ତ ଉତ୍କୃଷ୍ଟ ଚିନ୍ତା ଆମ ନିକଟକୁ ଆସୁ 'late all noble thoughts come to us from all sides ".

ଏମିତି ଭାବ ଯୁକ୍ତ ଏକ ବ୍ୟକ୍ତି ନୁହନ୍ତି ଏକ ଅସାମାନ୍ୟ ଅନୁଷ୍ଠାନ ଙ୍କୁ ସୀମିତ ଚିନ୍ତା ଚେତନା ରେ ବିଶ୍ଳେଷଣ କରାଯାଇ ନ ପାରେ। ସମଗ୍ର ମାନବ ଜାତିକୁ ମହତ ଦିଗଦର୍ଶନ ଦେବାପାଇଁ ତାଙ୍କର ଆବିର୍ଭାବ ଘଟିଥିଲା। ରାମ ରାଜ୍ୟ ପରିକଳ୍ପନା କରୁଥିବା ତାଙ୍କ ଦୃଷ୍ଟି ସମଗ୍ର ସୃଷ୍ଟି ପାଇଁ ପ୍ରେରିତ ଥିଲା। କୌଣସି ଦେଶ କାଳ, ପାତ୍ର, ଧର୍ମର ସଂକୁଚିତ ସୀମାରେ ଆବଧ ନ ଥାଇ ଏକ ମୁକ୍ତ ପରିବେଶରେ ଏକ ସ୍ୱାଧୀନ ଅନୁଶାସନ ର ଆଶା କରୁଥିଲେ। ଶାନ୍ତି, ମୈତ୍ରୀ ପ୍ରୀତି'ର ଭାବ ଧାରାରେ ଅମୃତ ସନ୍ତାନ ମାନେ ଭାତୃତ୍ୱ ଭାବର ପରାକାଷ୍ଠାରେ ଆନନ୍ଦରେ ପରିପାଳିତ ହେବା ପାଇଁ ତାଙ୍କର ଥିଲା ସ୍ୱପ୍ନ। ତାଙ୍କ ଜୀବନର ଅନେକ ଦୃଷ୍ଟାନ୍ତ ଏହାର ଉଦାହରଣ ହୋଇ ରହିଛି ଓ ରହିଥିବ।

**କୁନଲତା ତ୍ରିପାଠୀ,** କଟକ

## ଖୁସିର ସହିତ ଜଣାଉଛୁ ଯେ,
## ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
## ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।







**PRACHEE SAHITYA SAMAJ PUBLICATION**
At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ ❋ HELP A DIBYANGA**

DOI : https://doi.org/10.5281/zenodo.17550421

ମୂଳ ପ୍ରବନ୍ଧ

# ନୂଆ ଶତାବ୍ଦୀର ନବ ଚେତନା

**ସୁମନ୍ତ ନାଏକ**

**ସଂକ୍ଷିପ୍ତସାର :**

ପ୍ରୟୋଗବାଦୀ ଅବଧାରଣାରେ ସମୃଦ୍ଧ ଥିଲା ସ୍ୱାଧୀନତା ପରବର୍ତ୍ତୀ ସାହିତ୍ୟ । ସ୍ୱାଧୀନତା ପରବର୍ତ୍ତୀ କାଳରୁ ବିଦେଶୀ ତତ୍ତ୍ୱ ଆଉ ଚେତନାକୁ ସର୍ବସ୍ୱମଣି ସାରସ୍ୱତ ସାଧକମାନେ ଯେଉଁ ସାହିତ୍ୟ ସୃଷ୍ଟି କଲେ ତାର ଧାରା ସତୁରୀ ଦଶକ ପରେ ପରେ ନିଷ୍ପ୍ରଭ ହେବାକୁ ଲାଗିଲା । ଯାହା ଧରାଛନ୍ନ ହୋଇଥିଲା ବିଶ୍ୱାୟନର ପ୍ରବଳ ପ୍ରବାହରେ । ସାହିତ୍ୟରେ କ୍ଲିଷ୍ଟତା, ବୁଦ୍ଧିଦୀପ୍ତୋତା, ବ୍ୟକ୍ତିଗତ ଅନ୍ତଃଚେତନାର ଶାବ୍ଦିକ ରୂପକଳ୍ପରେ ପାଠକର ସରଳପଣରେ ବିଭ୍ରମ ଓ ଅବୁଝା ଭାବରେ କୁହୁଡିଛନ୍ନ ହୋଇ ଅଶୀଦଶକ ପରେ ପରେ ନିଷ୍ପ୍ରଭ ହୋଇଗଲା । କୁହାଗଲା ଏହା ହେଉଛି ଉତ୍ତର ଆଧୁନିକତା । କିନ୍ତୁ ସତକଥା ହେଉଛି କେତେଦିନ ଯାଏ କି ପ୍ରକାର ଚେତନାଦୀପ୍ତ ଭାବ ପାଠକକୁ ଉତର ଆଧୁନିକତା ନାମରେ ତାତ୍ତ୍ୱିକ ଅବଧାରଣ ଦେବାକୁ ପ୍ରଚେଷ୍ଟା ହୋଇଥିଲା ତାର ନିର୍ଦ୍ଧିଷ୍ଟତା ନାହିଁ । କେବଳ ଅର୍ଥନୈତିକ ପାଣିପାଗ ଦ୍ୱାରା ପ୍ରଭାବିତ ସାହିତ୍ୟିକ ଗତି ଶୀଳତାକୁ ଲକ୍ଷ କରି ସମାଲୋଚକଗଣ ଇଂରାଜୀ ପ୍ରବନ୍ଧ ତଥା ପୁସ୍ତକ ଆଲୋଚନାର ଶବ୍ଦ ମାନଙ୍କୁ ବିଦେଶୀ ଚାରା କରି ଦେଶୀୟ ମାଟିରେ ପ୍ରତିରୋପଣ କଲେ ଆଉ ସେହି ବିଦେଶୀ ତତ୍ୱକୁ ଦେଶୀୟ ସାହିତ୍ୟ ଭାବରେ ସଂଯୋଜିତ କରି ସାହିତ୍ୟ ଆଉ କାଳଖଣ୍ଡକୁ ନାମିତ କଲେ । ସିଧାକଥାରେ ତାକୁ ଆମେ ଶବ୍ଦ କହୁଛୁ ବା ଯାଦୁ (Ilusim) କହିପାରିବା । ପରଦା ହଟିଲେ ଯାହାର ସତ୍ୟତା ପ୍ରଶ୍ନବାଚୀ ? ତଥାପି ସେହି ସମୟାଖଣ୍ଡରେ ନିର୍ଦ୍ଦିଷ୍ଟ ଶବ୍ଦ କୁହୁକର ପରିଧିରେ ସାରସ୍ୱତ ଭାବମାନଙ୍କୁ ଆଲୋଚନା କରିବା ପାଇଁ ଏକ ସମୃଦ୍ଧ ନହେଲେ ହେଁ ସୁଗମ ମଧ୍ୟମ ଏହି ଚେତନାରେ ସାହିତ୍ୟ ଯୁଗ ସୃଷ୍ଟି ହୋଇ ଆଲୋଚିତ ହେଲା । ଯାହାଥିଲା ଉତରଆଧୁନିକତା । ଅନ୍ୟ ଅର୍ଥରେ କୁହାଯାଇପାରେ ଉତ୍ତର ଆଧୁନିକତାର ସୃଷ୍ଟି ପ୍ରଗତିବାଦୀ ଧାରାର ବାଦ ବା Ism କୁ ଭେଦ କରିବାର ପାଠକୀୟ ଅକ୍ଷମତା ସୃଷ୍ଟି ଏକ ନବ୍ୟ ଚେତନା । ନବେ ଦଶକ ପରେ ଏହି ଚେତନାରେ ବିଦେଶୀ ସଂସ୍କୃତିର ଅପମିଶ୍ରଣ ଏକବିଂଶ ଶତାବ୍ଦୀର ସାହିତ୍ୟ । ଯାହା ସାହିତ୍ୟର ମୂଳ ଭାବକୁ ପ୍ରଦର୍ଶନ କରିବାରେ ଅକ୍ଷମ ବା କୁହାଯାଇପାରେ ଏକ ବେପାରୁଆ ସାହିତ୍ୟିକ ଧାରା । ଏହି ନୂଆ ବେପରୁଆ ଭାବର ସାହିତ୍ୟ କେମିତି ସମାଜ ଜୀବନକୁ ଆଛନ୍ନ କରି ନୂଆ ନୂଆ ଭାବଧାରାକୁ ପ୍ରଦର୍ଶିତ କରୁଛି ତାହାକୁ ପ୍ରଦର୍ଶିତ କରାଇବା ମୋ ପ୍ରବନ୍ଧର ମୌଳିକ ଆବେଦନ ।

**ପ୍ରମୁଖ ଶବ୍ଦାବଳୀ :**

ଅବବୋଧ, ଯାଦୁ, ୱାଇଫ୍ ସ୍ୱାପିଙ୍ଗ୍, ସାଲୋଗାମୀ, ବାୟ୍ ସେକ୍ସୁଆଲ୍, ଉଲ୍ଲାସର ଜରାଶ୍ରମ, ଡ଼େଟିଂ, ଭୋଟରବାଦ ।

## ପ୍ରସଙ୍ଗ :

ନବେ ଦଶକରେ ପ୍ରୟୋଗ ହୋଇଥିବା ଅର୍ଥନୈତିକ ଚେତନା ପ୍ରଭାବର ବାସ୍ତବ ରୂପ ଭାରତ ଦେଖିଲା ଦୁଇହଜାର ମସିହାବେଳକୁ । ଭାରତରେ ସରକାର ପରିବର୍ତ୍ତନ ଫଳରେ ବିଦେଶୀ ପୁଞ୍ଜିକୁ ନେଇ ତାର କଡ ଲେଉଟେଇଲା । ସାଧାରଣ ଜନତା ଏହାକୁ ସରକାରଙ୍କର ପାରିଲାପଣ କହୁଥିବାବେଳେ ବାସ୍ତବରେ ଏହା ଥିଲା FDI ର ସିଧାସଳଖ ପ୍ରଭାବ । ଶକ୍ତିଶାଳୀ ରାଷ୍ଟ୍ର ସମୁହ ଭାରତର

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

| Quick Response Code: | Available online at : https://pracheenews.com/ |
|---|---|
| | DOI: https://doi.org/10.5281/zenodo.17550421<br>Article No - BPP00332 |

**ଯୋଗାଯୋଗ :**
**ଡକ୍ଟର ସୁମନ୍ତ ନାଏକ,** ସହକାରୀ ପ୍ରାଧ୍ୟାପକ
(ଓଡ଼ିଆ ବିଭାଗ) ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର
**E-mail.ID :** naik.sumantra2@gmail.com
**ORCID ID :** https://orcid.org/0009-0007-1953-3738

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୬.୨୦୨୫ | ୧୧.୦୭.୨୦୨୫ | ୨୫.୦୮.୨୦୨୫ | ୧.୦୯.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାଏକ, ସୁମନ୍ତ; ୨୦୨୫ । ନୂଆ ଶତାବ୍ଦୀର ନବ ଚେତନା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଚ ; ପୃଷ୍ଠା :୯-୧୨ ।

ବର୍ଦ୍ଧିତ ଲୋକ ସଂଖ୍ୟାରେ ଉତ୍ସାହିତ ହୋଇ ଏହାକୁ ଏକ ସୁଗମ ବଜାର ଭାବରେ ବିଚାର କଲେ । ସେମାନଙ୍କର ପୁଞ୍ଜିର ପ୍ରୟୋଗରେ ଭାରତବର୍ଷର ଗରିବ ମଣିଷର ହାତ ପାଟିକୁ ଯିବାକୁ ଆଉ ବାଧା ଉପୁଜିଲା ନାହିଁ । ନବେ ଦଶକ ପୂର୍ବରୁ ବଂଚିବାର ଯେଉଁ ସଂଘର୍ଷ ଭାରତୀୟମାନଙ୍କ ପାଖରେ ଥିଲା ତାହା ଅପସରି ଦେଶ ପ୍ରଗତି ପଥରେ ପାଦଦେବା ଆରମ୍ଭ କଲା । ଏହି ବିକାଶର ଧାରାକୁ ସାଥି କରି ଏକ ଉତ୍ସାହର କାଳଖଣ୍ଡ ସମାଜ ଓ ସାହିତ୍ୟର ଦେଖାଦେଲା ଯାହା ଥିଲା ଏକବିଂଶ ଶତାବ୍ଦୀର ପ୍ରାରମ୍ଭିକ କାଳଖଣ୍ଡ ।

ମୁକ୍ତ ବାଣିଜ୍ୟର ପ୍ରଭାବରେ ଭାରତକୁ ପୁଞ୍ଜିପତି ରାଷ୍ଟ୍ରମାନେ ବିରାଟ ବଜାର ଭାବରେ ଗ୍ରହଣ କରି ସେମାନଙ୍କର ଉତ୍ପାଦିତ ସାମଗ୍ରୀର ବିକ୍ରୟ ପ୍ରଚେଷ୍ଟାରେ ଏ ଦେଶର ସବୁ ମଣିଷମାନଙ୍କୁ ଉପଭୋକ୍ତା ମଣିବା ଆରମ୍ଭ କଲେ । ଦିନେ ଆବଶ୍ୟକତା ଅନୁଯାଇ ଉତ୍ପାଦିତ କରାଯାଉଥିବା ସାମଗ୍ରୀ ବଦଳରେ ସେମାନେ ପ୍ରଥମେ ଉତ୍ପାଦନ କରି ଲୋକମାନଙ୍କୁ ବାଧ ଆବଶ୍ୟକତା ସୃଷ୍ଟି କରି ସାମଗ୍ରୀ ବିକିଲେ । ଉପଭୋକ୍ତାବାଦ ପୁଞ୍ଜିପତିମାନଙ୍କୁ ବେଶ୍ ସୁହାଇବା ଆରମ୍ଭ ହୋଇଗଲା ।

ଉପଭୋକ୍ତାର ସବୁବେଳେ ମୋହ ବସ୍ତୁ ପ୍ରତି ଥାଏ । ମଣିଷ ବସ୍ତୁବାଦୀ ହୋଇଗଲେ ପାଲଟି ଯାଏ ବ୍ୟକ୍ତିବାଦୀ । ବ୍ୟକ୍ତିବାଦ ବେଶ୍ ବେପରୁଆ ଭାବରେ ବଂଚେ । ତାର ଆଶା ପରିପୂର୍ଣ୍ଣ ନହେଲେ ସେ ହୋଇପଡେ ବିଷର୍ଣ୍ଣ । ଅବା ଆଶା ପୂର୍ଣ୍ଣ ପାଇଁ ଗ୍ରହଣ କରେ ବିପଥ । ବ୍ୟକ୍ତିବାଦୀ ମଣିଷ ବସ୍ତୁପ୍ରାପ୍ତିର ଅପୂର୍ଣ୍ଣତାରେ ବିଷର୍ଣ୍ଣବାଦୀ ଓ ବିପଥଗାମୀ ହୋଇଥାଏ । ବସ୍ତୁ ପ୍ରାପ୍ତି ହେଲେ ତାହାକୁ ସେ ଗ୍ଲାମର ଭାବରେ ଗ୍ରହଣ କରି ସମାଜରେ ନିଜର ଅସ୍ତିତ୍ୱ ଦେଖାଇବାକୁ ପ୍ରଚେଷ୍ଟା କରେ । ଏହି ଗ୍ଲାମର୍ ର ପ୍ରଭାବ ପଡିଥାଏ, ଶିକ୍ଷାରେ, ସଂସ୍କୃତିରେ ସର୍ବୋପରି ମଣିଷର ସାମଗ୍ରିକ ଜୀବନଧାରାରେ । ଯାହାକୁ କୁହାଯାଏ Educational Glamour, Cultural Glamour ତଥା Teahnological Glamour.

ଏକବିଂଶ ଶତାବ୍ଦୀର ପ୍ରାରମ୍ଭବେଳକୁ ସଂପୂର୍ଣ୍ଣ ବିଶ୍ୱକୁ ଯେଉଁ ନବ୍ୟଚେତନାଟି ଆଚ୍ଛନ୍ନ କଲା ମଣିଷ ତାର ପ୍ରଭାବକୁ ଲକ୍ଷ ରଖି କହିଲା ବିଶ୍ୱ ଏକ ବଜାର । ପଣ୍ୟ ବିନିମୟର ସୂକ୍ଷ୍ମ ଅନ୍ତରାଳରେ ସଂସ୍କୃତିର ବିନିମୟ ଓ ତାର ପ୍ରଭାବ ବିଦେଶୀ ପୁଞ୍ଜିର ଅନ୍ତରାଳରେ ପଶି ଆସି ଭାରତୀୟ ସାମାଜିକ ଜୀବନରେ ପ୍ରଭାବିତ ହୋଇ ନୂଆ ଅବଧାରଣାମାନ ପ୍ରଦର୍ଶିତ ହେଲା । ବିଦେଶୀ ପୁଞ୍ଜିର ସରଳ ପ୍ରବେଶ ପରି ବିଶ୍ୱ ଅର୍ଥନୈତିକ ଚେତନାର ପ୍ରଭାବ ସାହିତ୍ୟ କେବଳ ସରଳ ହେଲା ନାହିଁ, ସାହିତ୍ୟ ସମାଜ ଜୀବନକୁ ସିଧାସଳଖ ବ୍ୟକ୍ତ କଲା । ସାରସ୍ୱତ ସାଧକ ବି ଯାହା ଦେଖିଲା ତାହା ଲେଖିଲା । ପାଠକକୁ ସାହିତ୍ୟର ସବୁ ଚିନ୍ତା ଚେତନା ନିଜର ଅନୁଭବ ହେବାକୁ ଲାଗିଲା । ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଯାହା ଦିନେ ପାଠକର ଅପହଂଚ ଇଲାକାରେ ରହି ପାଠକକୁ କେବଳ ଅବଶୋଷ ହେଉଥିଲା ସେହି ଲାବଣ୍ୟବତୀ ଏକ ବିଂଶ ଶତାବ୍ଦୀର ସାହିତ୍ୟରେ ପାଠକର ସ୍କୁଟି ପଛରେ ବସି ପିଜା ବର୍ଗର ଖାଇବାକୁ କାଫେକୁ ଗଲା । ସାହିତ୍ୟର ପ୍ରକାଶ ମାଧ୍ୟମ ବି ବଦଳିଲା । ପୁରା ସରଳ ଅବା ବେପରୱା । ପୁଣି ସାହିତ୍ୟରେ ଦେଖାଗଲା, ଏହି ଚେତନାର ନୂଆ ଅବଧାରଣା ।

ସାଂପ୍ରତିକ ସମୟ ହେଉଛି ଏକବିଂଶ ଶତାବ୍ଦୀର ଆଦ୍ୟ ପ୍ରହର । ଏହି ସମୟରେ ଯେଉଁ ସାମାଜିକ ପ୍ରଭାବଗୁଡିକ ପରିଦୃଶ୍ୟ ହୁଏ ଏବଂ ସେଥିରୁ ଯେଉଁ ତାତ୍ୱିକ ଅବବୋଧ ମିଳେ ତାକୁ ଆଲୋଚନା କରାଯାଏ ସାଂପ୍ରତିକ କାଳଖଣ୍ଡର ସାହିତ୍ୟରେ । ତତ୍ୱ ଆଉ ସାମାଜିକ ପ୍ରଭାବ ଆଧାରରେ ସାହିତ୍ୟର ଅବଧାରଣାକୁ ସନ୍ଦର୍ଶନ କଲେ ସହଜରେ ଅନୁମତି ହୁଏ ଏକବିଂଶ ଶତାବ୍ଦୀର ସାରସ୍ୱତ ସ୍ୱର ସାମଗ୍ରୀକ ସମାଜର କଥା ଆଉ ବ୍ୟଥାକୁ ସହଜରେ ବ୍ୟକ୍ତ କରିବାର ସକ୍ଷମତା ରଖିଛି । ଏଥି ସହିତ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ସାରସ୍ୱତ ଜଗତ ଯେଉଁ ତତ୍ୱମାନଙ୍କୁ ପ୍ରୟୋଗ କରି ଭାବ ବ୍ୟକ୍ତ କରିବାର ପ୍ରଚେଷ୍ଟା କରିଚି ସେଗୁଡିକ ମଧ୍ୟରୁ ଯଦିଓ କିଛି ଭାବ ଓ ଚେତନା ସତୁରୀ ଦଶକ ପରବର୍ତ୍ତୀ କାଳର କିନ୍ତୁ ଏହି ଭାବ ପ୍ରଭାବ ଏକବିଂଶ ଶତାବ୍ଦୀର ସାହିତ୍ୟରେ ସୂକ୍ଷ୍ମ ପ୍ରୟୋଗ ହୋଇ ସାମାଜିକ ଜୀବନକୁ ପ୍ରଭାବିତ କରିଛି ।

ସାହିତ୍ୟରେ ସବୁବେଳେ ଏହି କଥାଟି ସତ୍ୟ ଯେ ପୂର୍ବବର୍ତ୍ତୀ ସାମାଜିକ ପ୍ରଭାବ ପରବର୍ତ୍ତୀ ସମାଜ ଜୀବନକୁ କେତେକାଂଶରେ ନିଶ୍ଚିତ ଭାବରେ ପ୍ରଭାବ ପକାଇଥାଏ । ଏଣୁ ଏକବିଂଶ ଶତାବ୍ଦୀର ସାହିତ୍ୟରେ ଦେଖାଦେଇଛି କେତେକ ପୂର୍ବବର୍ତ୍ତୀ କାଳର ଅବଧାରଣାର ସୂକ୍ଷ୍ମ ଅବତାରଣା ବ୍ୟତୀତ କିଛି ନୂଆ ଚିନ୍ତା ଓ ଚେତନା । ସେଗୁଡିକ ହେଉଛି - ବାସ୍ତବବାଦ, ଗାନ୍ଧୀବାଦ, ମୃତ୍ୟୁଚେତନା, ରହସ୍ୟବାଦ, ରୋମାଂଟିକ୍ ଭାବ, ନାରୀ ଅବକ୍ଷୟ, ସ୍ଥିତିବାଦ, ସାମାଜିକ ସଂଘର୍ଷ, ଶରଣାର୍ଥୀର ଦୁଃଖ, ଦଳିତର ବ୍ୟଥା, ବିସ୍ଥାପିତର ବ୍ୟଥା, କୃଷକ ସମସ୍ୟା, ଶ୍ରମିକର ବ୍ୟଥା, ଦାମ୍ପତ୍ୟ ଜୀବନ ର କୁହେଳିକା, ପ୍ରେମର ଭିନ୍ନ ପରିଭାଷା, ପରକୀୟା ପ୍ରୀତି, ଧର୍ମର ଭିନ୍ନ ପରିଭାଷା, ବାମାବାଦ, ମିଥ୍‌ର ପୁନଃ ନିର୍ମାଣ, ପ୍ରତୀକର ପ୍ରତିକାତ୍ମକ ପ୍ରୟୋଗ, ଚିତ୍ରକଳ୍ପ ଓ ରୂପକଳ୍ପର ଆଭାସୀ ଆବେଦନ, ସାମ୍ୟବାଦର ସୂକ୍ଷ୍ମ ଆବେଦନ, ଯୁଗ ଯନ୍ତ୍ରଣାର ସ୍ୱର ଇତ୍ୟାଦି ।

ସାମ୍ପ୍ରତିକ ସମାଜର ଯେଉଁ କେତୋଟି ନୂଆ ଚେତନା । ସାହିତ୍ୟକୁ ପ୍ରଭାବିତ କରୁଛି ଆଉ ସାରସ୍ୱତ ମଣିଷମାନଙ୍କୁ ସେହି ଚେତନାର ଅବତାରଣା ପାଇଁ ବାଧ କରୁଛି ତାହା ହେଉଛି - (୧) ଯୌନ କର୍ମପ୍ରତି ସମ୍ବେଦନା, (୨) ବିଜ୍ଞାନର ମୋହ, (୩) ମନସ୍ତତ୍ତ୍ୱର ମାର୍ମିକ ଉଦ୍‌ଘୋଷଣା, (୪) ବେପରୁଆ ବ୍ୟକ୍ତିତ୍ୱ, (୫) ସାଇବର କ୍ରାଇମ୍, (୬) ସାଇବର ସେକ୍ସ (୭) ତୃତୀୟ ଲିଙ୍ଗୀ ପ୍ରତି ସମ୍ବେଦନା,

(୮) ଆଭାସୀ ପ୍ରଣୟ, (୯) ଚିତ୍ର ଭାଷାର ପ୍ରୟୋଗ, (୧୦) ସେକ୍ସୁଆଲ ହାରାସ୍‌ମେଂଟ୍, (୧୧) ସଂରକ୍ଷଣବାଦ, (୧୨) ତୁଷ୍ଟିକରଣ ରାଜନୀତି, (୧୩) ମୂଲ୍ୟବୋଧର ଅବକ୍ଷୟ, (୧୪) ମାନବୀୟ ସଂପର୍କର ନବ ମୂଲ୍ୟାୟନ, (୧୫) ମୌଳିକ ଜୀବନାଦର୍ଶର ସ୍ଫୁରଣ, (୧୬) ଆବେଗମୟ ପାରିପାର୍ଶ୍ୱିକତା, (୧୭) ନିବିଡ ପ୍ରତ୍ୟାଶା, (୧୪) ଭୋଟରବାଦ, (୧୫) ଉପଭୋକ୍ତାବାଦ, (୧୬) ଉଗ୍ର ଦେଶାତ୍ମବୋଧ, (୧୭) ବିଭ୍ରମ ନାରୀ ସ୍ୱୟଂ ସହାୟିକା ଗୋଷ୍ଠୀବାଦ, (୧୮) ପତ୍ନୀ ସ୍ୱେଚ୍ଛାଚାର, (୧୯) ରଢ଼ିବାଦ ଓ ହେତୁବାଦର ସଂଘର୍ଷ, (୨୦) ଉଲ୍ଲାସର ଜରାଶ୍ରମ, (୨୧) ଅପଭ୍ରଂଶର ଭିନ୍ନ ଭାଷା, (୨୨) ବ୍ରେକ୍ ଅପ୍, (୨୩) ସାଲୋଗାମୀ ଚେତନା, (୨୪) ଡେଟିଂ, (୨୫) ଲିଭ୍‌ଇନ୍ ରିଲେସନ୍, (୨୬) ଟେକ୍ନୋଲୋଜିର ଗ୍ଲାମର, (୨୭) ଏଡୁକେସନାଲ୍ ଗ୍ଲାମର୍, (୨୮) କଲ୍‌ଚୁରାଲ ଗ୍ଲାମର, (୨୯) L.G.B.T ଚେତନା ଲେସ୍‌ବିଆନ୍, ଗେ, ବାୟ ସେକ୍ସ, ଟ୍ରାନ୍‌ସ୍ ଜେଣ୍ଡର ତଥା ୱାଇଫ୍ ସ୍ୱାପିଙ୍ଗ୍ ପରିଚେତନା ଓ ତତ୍‌ମାନ ।

ଅଳ୍ପ କିଛି ବର୍ଷ ତଳେ ଜଣେ ପ୍ରତିଷ୍ଠିତ ସରକାରୀ କର୍ମଚାରୀ ରାତ୍ରୀର ନିର୍ଜନତାରେ ନିଜକୁ ନାରୀ ରୂପରେ ସଜେଇ ନାରୀ ଅନୁଭବରେ ରାଧା ପରି ନିଜକୁ ବ୍ୟକ୍ତ କରିବାର କଥା ବେଶ୍ ଚର୍ଚ୍ଚାକୁ ଆସିଥିଲା । ଏହା ହିଁ ସାଲୋଗାମୀ ମାନସିକତା । ନାରୀ ପୁରୁଷ ଉଭୟ ସତାକୁ ନିଜ ଭିତରେ ଅନୁଭବ କରି, ଦୈହିକ ମାନସିକ ପ୍ରଶାନ୍ତିର ଅନ୍ୱେଷଣରେ ବିବାହ କରିବାର ରୁଗ୍ଣ ଧାରା ସମାଜରେ ଏବେ ଦେଖିବାକୁ ମିଳିଲାନି । ଗୁଜୁରାଟର ଝିଅ, କ୍ଷମାବିନ୍ଦୁ ମେହେନ୍ଦି ଓ ହଳଦୀ ଲଗାଇ ନିଜେ ନିଜକୁ ବିବାହ ହୋଇ ଯିବାର ପ୍ରସଙ୍ଗ ଦେଶରେ ଖୁବ୍ ଚର୍ଚ୍ଚା ହୋଇଥିଲା । ଏହି ଆତ୍ମ ବିବାହ ବା ସାଲୋଗାମୀ ସମାଜକୁ ଯେଉଁ ବାର୍ତ୍ତା ଦେଲା ତାହା ଭବିଷ୍ୟତରେ କି ରୂପ ନେବ ତାହା ସମୟ କହିବ ।

ବାୟ ସେକ୍ସୁଆଲ ମାନସିକତା ଏବେ ସମାଜରେ ବହୁ ମାତ୍ରାରେ ଦେଖାଦେଲାଣି । ଜଣେ ପୁରୁଷ ଉଭୟ ନାରୀ ଓ ପୁରୁଷର ସାନିଧ୍ୟ ପାଇବାର ମାନସିକତା ହେଉଛି ବାୟ ସେକ୍ସୁଆଲ୍ ମାନସିକତା । ଅଳ୍ପ କିଛି ଦିନ ତଳେ ବାଲେଶ୍ୱର ଜିଲ୍ଲାର ସୋର ଅଂଚଳରେ ଥାନାକୁ ଏକ ବିଚିତ୍ର କେସ୍ ଜଣେ ସ୍ତ୍ରୀଲୋକ ଆଣିଥିଲା । ଘଟଣାଟି ଥିଲା ସୋର ଅଂଚଳରୁ ଜଣେ ଯୁବକ ସୁରଟରେ ରହି ଦେହ ବ୍ୟବସାୟ କରୁଥିଲା । ତାର ବ୍ୟବସାୟ ଥିଲା ସେ ନିଜକୁ ନାରୀ ପରି ସଜେଇ ହୋଇ ପୁରୁଷମାନଙ୍କୁ କଲ୍ କରି ଡାକି ତାଙ୍କ ସହିତ ସେକ୍ସ କରୁଥିଲା । ମାତ୍ର ସତ କଥା ଥିଲା ସେ ବ୍ୟକ୍ତି ଟ୍ରାନ୍‌ସ୍‌ଜେଣ୍ଡର ନଥିଲା । କାରଣ ତାର ସ୍ତ୍ରୀର କହିବା ମୁତାବକ ତାଙ୍କର ଏକ ସନ୍ତାନ ମଧ୍ୟ ଅଛି । ସ୍ତ୍ରୀ ସହିତ ଶାରୀରିକ ସଂପର୍କର ଆନନ୍ଦ ନେବା ସହିତ କଲ୍‌ଗାର୍ଲ ପରି ପୁରୁଷମାନଙ୍କୁ ସୁଖ ପ୍ରଦାନ କରିବା ସହିତ ଟଙ୍କା ରୋଜଗାର କରିବା ସମଗ୍ର ଓଡ଼ିଶାକୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ବାସ୍ତବରେ ସୋର ଅଂଚଳର ଏହି ଯୁବକଟିର ମାନସିକତା ଥିଲା ବାୟ ସେକ୍ସୁଆଲ୍ ମାନସିକତା ।

ପୁଅ ବୋହୂଙ୍କର ବ୍ୟସ୍ତତାରେ ବିତସ୍ପୃହ ନ ହୋଇ ଏବର ବାପା ମାଆମାନେ ଆଉ ପୁଅ ବୋହୂ ଉପରେ ବୋଝ ନହୋଇ ଆନନ୍ଦର ସହିତ ଜରାଶ୍ରମକୁ ଗ୍ରହଣ କରିବା କଥା ଏବେ ଦେଖାଗଲାଣି । ଜଣେ ଯାତ୍ରା କଳାକାର ଏପରି କାହାଣୀ ଏବେ ଓଡ଼ିଶାର ବୃଦ୍ଧ ବୃଦ୍ଧାଙ୍କୁ ଅନେକ ଆଶ୍ୱସନା ଦେଉଛି ।

ସମାଜ ଜୀବନକୁ ଏବେ ଦୁଇଟି ପ୍ରସଙ୍ଗ ଖୁବ୍ ପ୍ରଭାବିତ କରିଛି, ତାହା ହେଉଛି କଲ୍‌ଚୁରାଲ ଗ୍ଲାମର ଆଉ ଏଜୁକେସନାଲ୍ ଗ୍ଲାମର । ଏହା ବ୍ୟତୀତ ଟେକ୍ନୋଲୋଜିର ଗ୍ଲାମର ମଧ୍ୟ ସମାଜ ଜୀବନରେ ଅନେକ ପରିବର୍ତ୍ତନ ଆଣିଛି ଆଉ ସାହିତ୍ୟକୁ ପ୍ରଭାବିତ କରିଛି ।

କଲ୍‌ଚୁରାଲ ଗ୍ଲାମର ହେଉଛି ସଂସ୍କୃତିର ରକ୍ଷକ ଭାବରେ ନିଜକୁ ଦେଖେଇ ହେବା । ଯେମିତିକି ମାର୍ଗଶିର ମାସର ଗୁରୁବାରମାନଙ୍କରେ ଏବର ସ୍ତ୍ରୀଲୋକମାନେ ଯେଉଁ ଗୁରୁବାର ମାଣବସା ଓଷା କରିବାର ସଂସ୍କୃତି ଓ ପରମ୍ପରାକୁ ପାଳନ କରୁଛନ୍ତି ତାକୁ ନିବିଡ଼ ଅନୁକ୍ଷଣ କଲେ ଜାଣିବା ଯେ ଏହା ହିଁ କଲ୍‌ଚୁରାଲ ଗ୍ଲାମର । ବୁଧବାର ଦିନ ସ୍ୱାମୀକୁ ଦୂବ ଆମ୍ବ ପତ୍ର ସଂଗ୍ରହର ଆଦେଶ ଆଉ ଗୁରୁବାର ବୋଲି ଭୋରୁ ଗିଜର୍‌ରେ ପାଣି ଗରମ କରି ମୁଣ୍ଡ ଧୋଇ ଡ୍ରାୟର୍‌ରେ କେଶ ଶୁଖେଇ ଧଳାଶାଢୀ ପିନ୍ଧି, କେଶକୁ ମୁକୁଳା ରଖି ଗୁରୁବାର ସକାଳୁ ସକାଳୁ ଦାଣ୍ଡରେ ବୁଲେଇବାର ପରମ୍ପରାକୁ କଲ୍‌ଚୁରାଲ ଗ୍ଲାମର କହିପାରିବା । ମାର୍ଗଶିର ଗୁରୁବାର କେବଳ ମାତ୍ର ଉଦାହରଣ ଥିଲା । ଏବେ ପ୍ରତ୍ୟେକ ପର୍ବପର୍ବାଣୀକୁ ସମାଜ ଏମିତି ଢଙ୍ଗରେ ପାଳନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଗଲାଣି । ଯେଉଁ ଜନ୍ମଦିନ ବାର୍ଥଡେ ପାର୍ଟି ଭାବରେ ସହରରେ ଥିଲା ତାହା ଏବେ ନିପଟ ମଫସଲ ଗାଁକୁ ବ୍ୟାପିଗଲାଣି । କେକ୍ କାଟିବା, ମହମବତୀ ଜାଳିବା, ବେଲୁନ୍ ଟାଙ୍ଗିବା ନହେଲେ ଜନ୍ମଦିନ ଆଉ ପାଳନ ହୋଇପାରୁନି । ମନ୍ଦିରକୁ ସକାଳୁ ଯାଇ ନୂଆ ଜାମାପ୍ୟାଂଟ୍ ପିନ୍ଧାଇ ଚନ୍ଦନରେ ସଜେଇ ହେବାର ପ୍ରକ୍ରିୟା ହଜିଗଲାଣି । ପୋଡପିଠା ଆଉ ଚିତଉ ପିଠା କହିଲେ ପିଲାମାନେ ବୁଝି ପାରୁନାହାଁନ୍ତି ।

କଲ୍‌ଚୂରାଲ ଗ୍ଲାମର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ଯାହା ଏବର ସମାଜକୁ ଖୁବ୍ ପ୍ରଭାବିତ କରିଛି ତାହା ହେଉଛି ଏନ୍‌ଗେଜ୍‌ମେଂଟ୍ । ଆଜିକୁ କୋଡିଏ / ତିରିଶ ବର୍ଷ ପୂର୍ବରୁ ବିବାହ ଭିନ୍ନ ପ୍ରକାରର ଥିଲା । ଯିଏ ବାହା ହେଉଥିଲା, ସେ କନ୍ୟାର ମୁହଁକୁ ଚତୁର୍ଥି ପୂର୍ବରୁ ଦେଖିବାକୁ ସୁଯୋଗ ପାଇବା ବି କଷ୍ଟକର ଥିଲା । ପିତା,ମାତା, ଅଭିଭାବକ ଯେଉଁ କନ୍ୟାକୁ ଠିକ୍ କରୁଥିଲେ । ପିଲାମାନେ

ତାକୁ ହିଁ ବିବାହ କରୁଥିଲେ । ବିବାହ ପୂର୍ବରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେଉଥିଲା ଯାହାର ନାମ ନିର୍ବନ୍ଧ । ଏହା କରି ବିବାହର ତାରିଖ ନିର୍ଦ୍ଧାରଣ ବା ଲଗ୍ନ ଧରୁଥିଲେ । ଏବେ ଏହା ଏନ୍‌ଗେଜ୍‌ମେଂଟ୍‌ରେ ପରିବର୍ତ୍ତିତ ହୋଇଛି । ତାହା ଆଗକୁ ଦୁଇପାଦ ବଢିଛି । ବର ନିଜେ ଯାଇ କନ୍ୟାର ହାତରେ ମୁଦି ପିନ୍ଧାଉଛି, ଆଉ କନ୍ୟା ମଧ ତଦନୁରୂପ କରୁଛି । ଏଥି ସହିତ ମୁଦି ପିନ୍ଧା ପର୍ବ ପରେ ଉଭୟ ବରକନ୍ୟା ଡ୍ୟାନ୍‌ସ କରୁଛନ୍ତି । ବିବାହ ପୂର୍ବରୁ ଏହି କାର୍ଯ୍ୟକ୍ରମକୁ ଏବର ସମାଜ ଗ୍ରହଣ କଲାଣି । ମାତ୍ର ଗରିବ ଲୋକଙ୍କ କ୍ଷେତ୍ରରେ ଏପରି କାର୍ଯ୍ୟକ୍ରମ ଦୂରୁହ ହେଲେ ହେଁ କରିବାକୁ ବାଧ୍ୟହେଲେଣି । ଚତୁର୍ଥୀ ଦିନ ରିସେପ୍‌ସନ୍ ପାର୍ଟିର ଗେଟ୍‌ରେ ବରକନ୍ୟାଙ୍କର ଅନ୍ତରଙ୍ଗ ଫଟୋ ଲାଗିବା, ଏବର ଫେସନ୍ ହେଲାଣି । ଆମ ସଂସ୍କୃତି ପରମ୍ପରାର ଦେଖେଇ ହେବାର ଫେସନ୍‌କୁ ଆମେ କଲଚୁରାଲ ଗ୍ଲାମର କହିପାରିବ ।

**ପ୍ରାସଙ୍ଗିକ ଆଲୋଚନା :**

ଏବେ ଭୟଙ୍କର ଭାବରେ ସମାଜକୁ ଆଚ୍ଛନ୍ନ କରିଛି ଏଜୁକେସନାଲ୍ ଗ୍ଲାମର । ଏହି ଚେତନା ହେଉଛି ନିଜର ପୁଅ ଝିଅକୁ ଦାମୀ ପ୍ରାଇଭେଟ୍ ସ୍କୁଲ ଅବା କଲେଜ୍‌ରେ ନାମ ଲେଖାଇ ବାହାବା ନେବା । ଏଥି ସହିତ ବାପା ମାଆମାନେ ପିଲାକୁ ସ୍କୁଲ୍‌କୁ ଛାଡିବାକୁ ଯିବାବେଳେ ନିଜକୁ ସଜେଇ ହୋଇ ଦାମୀ କାର୍ ନେଇ ସ୍କୁଲ୍ ସମ୍ମୁଖରେ ଛିଡା ହେବା ଏବଂ ପିଲାର ମାର୍କ କୁ ନେଇ ଗର୍ବ କରିବା । ଯେଉଁ ଭାରତୀୟ ପରମ୍ପରାରେ ବାପା ମାଆମାନେ ଅରଣ୍ୟର ମୁନୀରଷି କୁଟୀରକୁ ଶିକ୍ଷା ଗ୍ରହଣ ପାଇଁ ଛାଡୁଥିଲେ ଓ ପିଲାର ସାମଗ୍ରୀକ ଶିକ୍ଷା ପାଇଁ ମୁନୀରଷିକୁ କଠୋର ହେବାକୁ ଛାଡୁଥିଲେ ଏବେ ବିଦ୍ୟାଳୟ ବି ଦଣ୍ଡମୁକ୍ତ ହୋଇଗଲାଣି । ପାଠର ସଂଜ୍ଞା ବଦଳି ଯାଇଛି । ଦେଖାଦେଇଛି ଅନେକ ଅବିଭାବକ ନିଜର ସଂପତି ବିକ୍ରୟ କରି ଏହି ଏଜୁକେସନାଲ୍ ଗ୍ଲାମରରେ ପ୍ରଭାବିତ ହୋଇ ବଡ଼ ଶିକ୍ଷାନୁଷ୍ଠାନରେ ଅଧିକ ପଇସାରେ ପାଠ ପଢଉଛନ୍ତି । ନିଜର ପାରିଲାପଣକୁ ଭୁଲି ପିଲାର ସକ୍ଷମତାକୁ ଭୂଲି ଦାମୀ ପ୍ରାଇଭେଟ୍ ସ୍କୁଲ୍‌ରେ ପଢେଇବା ଏକ ବିପଦ ଆଡକୁ ସମାଜକୁ ଟାଣି ନେଉଛି ।

ବ୍ରାଣ୍ଡେଡ୍ ପୋଷାକ ପିନ୍ଧିବା ହାତରେ ଦାମୀ ମୋବାଇଲ୍ ଫୋନ୍ ଧରିବା ଆଉ ଘର ସମ୍ମୁଖରେ ଦାମୀ କାର୍ ରଖିବା ମାନସିକତା ହେଉଛି ଟେକ୍ନୋଲଜି ଗ୍ଲାମର । ଯୁଗ ସହିତ ତାଳ ଦେବାର ଏହି ପ୍ରକ୍ରିୟାରେ ଆମ ଗତାନୁଗତିକ ଜୀବନ ପ୍ରଭାବିତ ହେଉଛି । ଟେକ୍ନୋଲଜିର ଗ୍ଲାମର ପିଡିତ ହେଉଛନ୍ତି ଏବେକାର ଯୁବ ସମାଜ । ନିଜର ପ୍ରକୃତ ଦାୟିତ୍ୱ ଓ କର୍ତ୍ତବ୍ୟ ଭୂଲି ସେମାନେ ରିଲାକୁ କରିବା ଆଉ ରେସିଂ ବାଇକ୍ ଚଲାଇବାର ଯେଉଁ ମୋହ ରଖିଛନ୍ତି ତାହା ଦେଶ ପ୍ରଗତିରେ ବାଧକ ନହେବ ଏହା କିଏ କହିବ ?

ରାଜନୈତିକ ବ୍ୟବସ୍ଥା ମଣିଷକୁ ଏବେ ଭୋଟର କରିଦେଇଛି ।ଭୋଟର ତୃଷ୍ଟିକରଣରେ କ୍ଷମତା ଆରୋହଣ ହେଉଛି ଭୋଟରବାଦ । ସମାଜର ସବୁ ବର୍ଗକୁ ଲକ୍ଷ ରଖି ରାଜନୈତିକ ବ୍ୟକ୍ତିମାନେ ସମାଜ ବିକାଶ ଚିନ୍ତା ନକରି ବ୍ୟକ୍ତିଗତ ସାମୟିକ ଲାଭରେ ଭୋଟ୍ ଆଶା ରଖିବାର ଭୋଟରବାଦ ଦ୍ୱାରା ଦେଶ କ'ଣ ବିକାଶ କରିପାରିବ ? ମାଗଣା ଖାଦ୍ୟ, ବସ୍ତ୍ର ତଥା କିଛି କିଛି ଯୋଜନା ଆଳରେ ଏକାଉଂଟ୍‌କୁ ଯେଉଁ ଟଙ୍କା ଦିଆଯାଉଛି, ତାଦ୍ୱାରା ବ୍ୟକ୍ତି ଅଳସୁଆ ହୋଇ ତାର ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସୁଦ୍ଧା ଭୂଲି ଯାଉଛି । ଏହା ଆଗାମୀର ଅନ୍ୟତମ ବିପଦ ଏକଥା ଅସ୍ୱିକାର କରି ହେବ ନାହିଁ ।।

ଏକବିଂଶ ଶତାବ୍ଦୀର ସାହିତ୍ୟରେ ଏହି ସାମାଜିକ ତତ୍ୱମାନ ପ୍ରତିଫଳିତ ହେବାର ଆରମ୍ଭ କରି ସାହିତ୍ୟର ଭାବକୁ ଗତିଶୀଳ କରାଉଛି ।

**ଉପସଂହାର :**

ବାସ୍ତବରେ ସାହିତ୍ୟ ହେଉଛି ଚିରନ୍ତନ । ଯୁଗ ଚେତନାର ଆବେଗ ଓ ଅନୁଭୂତିକୁ ନେଇ ସାହିତ୍ୟ ବିମଣ୍ଡିତ । ସଂସ୍କୃତି ପରମ୍ପରା ଐତିହ୍ୟ, ଅର୍ଥନୈତିକ ଚେତନା ଆଉ ସାମାଜିକ ତଥା ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବରେ ସାହିତ୍ୟ ସବୁ ଯୁଗୀୟ ଚେତନା ବା ନିର୍ଦ୍ଦିଷ୍ଟ କାଳଖଣ୍ଡର ଅପୂର୍ବ ବର୍ଣ୍ଣବିଭାରେ ବିଶୋଭିତ । ସାରସ୍ୱତ ସାଧକ କେବଳ ବାହ୍ୟ ବିଶ୍ୱକୁ ଦେଖେ ନାହିଁ, ସେହି ବିଶ୍ୱକୁ ସେ ଅନୁଭବ କରେ ଖୁବ୍ ଅନ୍ତରଙ୍ଗ ଭାବରେ । ସେହି ଦିବ୍ୟ ଅନୁଭବଟି କାଳଖଣ୍ଡର ବାଡ଼ ଭିତରେ ନ ଅଟକି ନିର୍ଦ୍ଦିଷ୍ଟ ତତ୍ୱରେ ଆତ୍ମ ସମର୍ପଣ ନକରି ଅତିକ୍ରମ କରିଯାଏ ଦିବ୍ୟଚେତନା ଅଭିମୁଖେ । ତେଣୁ ସାହିତ୍ୟ ପ୍ରାଚୀନ, ଆଧୁନିକ, ଅତ୍ୟାଧୁନିକ, ଉତର ଆଧୁନିକ ତଥା ବିଶ୍ୱାୟନ ପରି ଶବ୍ଦରେ ଛନ୍ଦି ହୁଏ ନାହିଁକି ଏସବୁ ଗୁରୁତ୍ୱକୁ ଆଦରି ନିଏ ନାହିଁ । ସାହିତ୍ୟ ଚିରୋସୁନ୍ଦର ଆଉ ଚିରୋ ଭାସ୍ୱର । ସାହିତ୍ୟ ହେଉଛି ଜୀବନକୁ ଜାଣିବା ଓ ଜୀବନକୁ ବୁଝିବାର ମଞ୍ଜୁଳ ଅଭିବ୍ୟକ୍ତି । ଏଥି ସହିତ ସାହିତ୍ୟ ସମାଜର ବାସ୍ତବ ଚିତ୍ର ପ୍ରଦାନ କରିବା ସହିତ ସମାଜକୁ ସମୁଚିତ ମାର୍ଗ ପ୍ରଦର୍ଶନ କରିଥାଏ । ସମାଜକୁ ସତ୍ୟ, ଶିବ, ଓ ସୁନ୍ଦର ରୂପେ ଗଢିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ । ସାହିତ୍ୟ ଏଥିରେ ଦିଗହରା ନହେଲେ ଆମ ସମାଜ ଜୀବନ ପୁନଃର୍ବାର ମହାଭାରତୀୟ ଦିବ୍ୟ ଚେତନାରେ ଉଦ୍‌ଭାଷିତ ହୋଇପାରିବ ।

**ସହାୟକ ଗ୍ରନ୍ଥସୂଚୀ :**


୧) ଓଡ଼ିଆ ସାହିତ୍ୟର ଇତିହାସ – ଡକ୍ଟର ବାଉରୀବନ୍ଧୁ କର
୨) ପ୍ରାସଙ୍ଗିକ ଆଲୋଚନା – ଡକ୍ଟର ସୁମନ୍ତ ନାଏକ
୩) ଓଡ଼ିଆ ସାହିତ୍ୟର ଇତିହାସ – ଡକ୍ଟର ବେଣୁଧର ପାଢୀ
୪) ସୁମନ୍ତ ନାଏକଙ୍କ ଶ୍ରେଷ୍ଠ ଗଳ୍ପ – ଡକ୍ଟର ତରୁଣ ଗାଙ୍ଗୁଲୀ
୫) ସାଧନାର ସୁଧାକ୍ଷର – ଡକ୍ଟର ଜ୍ୟୋତି କିଶୋର

DOI : https://doi.org/10.5281/zenodo.17550458

ମୂଳ ପ୍ରବନ୍ଧ

# 'ବଣ୍ଡା' ଲୋକମିଥ୍ : ପରମ୍ପରା ଓ ପରିସର

**ଦେବାଶିଷ ପାତ୍ର**

**ସଂକ୍ଷିପ୍ତସାର :**

ପ୍ରତ୍ୟେକ ସମାଜର ସାଂସ୍କୃତିକ ଇତିହାସର ବିଶ୍ଳେଷଣରେ ଲୋକ ମିଥ୍‌ର ଏକ ଗରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସାମୂହିକ ଅବଚେତନର ସୃଷ୍ଟ ମିଥ୍‌ଧର୍ମୀ କାହାଣୀଗୁଡ଼ିକ ଲୋକ ଜୀବନର ସ୍ୱରୂପ ଉଦ୍‌ଘାଟନରେ ସମର୍ଥ । ଓଡ଼ିଶାରେ ଥିବା ପ୍ରକାରର ଜନଜାତିଙ୍କ ଭିତରୁ ବଣ୍ଡା ଜନଜାତି ଅନ୍ୟତମ । ପୂର୍ବଘାଟ ପର୍ବତମାଳାର କୋଣ୍ଡାକାମ୍ବେରୁ ପାହାଡ଼ ଓ ମୁଦିଲିପଡ଼ା ଅଞ୍ଚଳରେ ସେମାନଙ୍କ ବସତି । ଜଗତିକରଣ ପ୍ରଭାବରେ ବଣ୍ଡା ବାଚିକ ପରମ୍ପରାରେ ଥିବା ଲୋକମିଥ୍ କ୍ରମଶଃ ହଜିବାକୁ ବସିଛି । ସେହି ଲୋକମିଥ୍ ସଂଗ୍ରହ କରି ତା'ର ବିଶ୍ଳେଷଣ କରିବା ଏହି ଆଲୋଚନାର ମୁଖ୍ୟ ଦିଗ ।

**ପ୍ରମୁଖ ଶବ୍ଦାବଳୀ :**

ବଣ୍ଡା, ଲୋକମିଥ୍, ପୁରାଣକଳ୍ପ, ଲୋକ ବିଜ୍ଞାନ, କାର୍ଯ୍ୟ କାରଣ ସମ୍ବନ୍ଧ, ବାଚିକ ପରମ୍ପରା, ଜନଜାତି ସଂସ୍କୃତି ।

ଲୋକ ସଂସ୍କୃତି ଓ ଲୋକମାନସର ସମ୍ମିଶ୍ରଣରୁ 'ମିଥ୍'ର ସୃଷ୍ଟି । ଏହା ସମାଜ ନିର୍ଭରଶୀଳ ହୋଇଥିବା କାରଣରୁ ଏକ ଜନସମୁଦାୟର ସାଂସ୍କୃତିକ ଓ ବୈଚାରିକ ପରିପ୍ରକାଶ 'ମିଥ୍'ରେ ଥାଏ । ଏକାଧିକ ଅଭିପ୍ରାୟ ସହିତ ସାମୂହିକ ଅବଚେତନରୁ ଉଦ୍‌ଭୂତ ଅନେକ ବିଷୟ ପ୍ରସଙ୍ଗ କାହାଣୀ ରୂପରେ ସୃଷ୍ଟି ହୋଇଥାଏ । ସେଥିରେ ଥାଏ ମାନବର ଆଦ୍ୟକାଳର ଇତିହାସ । ସେ ଇତିହାସ କଳ୍ପନା ଓ ବାସ୍ତବର ସମ୍ମିଶ୍ରଣ । ଅନେକ ସମୟରେ ଅବୈଜ୍ଞାନିକ ମନେ ହେଉଥିବା ମିଥ୍ 'ଲୋକ ବିଜ୍ଞାନ'ର ଉତ୍ସ ଭାବରେ ଗ୍ରହଣୀୟ ।

'ମିଥ୍'ରେ ବ୍ୟବହୃତ କାହାଣୀଗୁଡ଼ିକ ଲୋକସମାଜର ରୀତିନୀତି, ଲୋକ ପୁରାଣର ଯଥାର୍ଥତା ପ୍ରତିପାଦନ ପାଇଁ ଏକ ଶକ୍ତିଶାଳୀ ଯୁକ୍ତିରୂପେ ଉପସ୍ଥାପିତ । ତେବେ ମିଥ୍ ପଛରେ ରହିଛି ମନସ୍ତତ୍ତ୍ୱ ଓ ସଂରଚନାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା । ତେଣୁ ଜନ ସମୁଦାୟର ନିର୍ଦ୍ଦିଷ୍ଟ ଭୌଗୋଳିକ ପରିମଣ୍ଡଳର ଲୋକ ଅଭିଜ୍ଞତା ସେଥିରେ ପ୍ରତିଫଳିତ । ଆର୍କିଟାଇପ୍ ବା ଆଦିରୂପ ହେଉଛି ମିଥ୍‌ର ଆଧେୟ । ତେଣୁ ଲୋକଜୀବନ ସହିତ ମୂଳରୁ ସଂପୃକ୍ତ ଥିବା ଆଦିମ ଚିତ୍ରକଳ୍ପାବଳୀର ଯଥାର୍ଥତା ଆନୟନ ହିଁ ମିଥ୍‌ର ମୂଳଲକ୍ଷ୍ୟ ।

'ମିଥ୍' ସୃଜନ ପଛରେ ରହିଛି ନୈର୍ବ୍ୟକ୍ତିକ ଓ ବ୍ୟକ୍ତିଗତ ବିଚାର । ଯାହାଦ୍ୱାରା ପରମ୍ପରା ସୁଦୃଢ଼ ହେବା ସହ ଗୋଟିଏ ଜାତିର ଯୁଗ ଚେତନା, ବିଶ୍ୱାସବୋଧ ଓ ସାମାଜିକ ଶୃଙ୍ଖଳା ବଞ୍ଚିରହିଥାଏ । ତେବେ ଅନେକେ ପ୍ରଶ୍ନ କରନ୍ତି ଏହା ଧାର୍ମିକ ବୈଧାନିକତାର ଭିତ୍ତିରେ ନିର୍ମିତ ହୋଇଥିବାରୁ ଏହାର କଳାତ୍ମକତା କେତେ ? ଏପରିକି ସୌନ୍ଦର୍ଯ୍ୟବୋଧର ଏହା କେତେ ନିକଟତର ? ଏହି ପ୍ରଶ୍ନ ବିଚାରର ଉତ୍ତରରେ କୁହାଯାଇପାରେ, ମିଥ୍‌ରେ ଅତ୍ୟଧିକ କଳ୍ପନା ଶକ୍ତିର ପ୍ରଭାବ ରହିଛି ଯେଉଥିପାଇଁ ଅନେକ ତାତ୍ପର୍ଯ୍ୟପୂର୍ଣ୍ଣ ନୂତନ ଅର୍ଥ ମିଥ୍‌ରୁ ସୃଷ୍ଟି ହୋଇଥାଏ । କଳ୍ପନା କାରଣରୁ ସେଥିରୁ ଅଲୌକିକତା ରହିଛି । ଏପରିକି ମିଥ୍ ସ୍ରଷ୍ଟାର ସର୍ଜନଶୀଳତାର ନବୀନ ବିଚାର କାରଣରୁ ବିସ୍ତାରିତ ଜଗତର ବହୁ ପ୍ରସଙ୍ଗ ସେଥିରେ ସ୍ଥାନପାଇ ସୌନ୍ଦର୍ଯ୍ୟ ଦୃଷ୍ଟିର ପ୍ରମାଣ ଦେଉଛି । ସୁତରାଂ ଏହା ଗୋଟିଏ ସମାଜର ଭିତ୍ତି ଓ ପବିତ୍ର କାହାଣୀ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.17550458

Article No - BPP00333

**ଯୋଗାଯୋଗ :**
**ଡ଼କ୍ଟର ଦେବାଶିଷ ପାତ୍ର,** ବିଭାଗ ମୁଖ୍ୟ,
ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ
**Email :** dr.debashispatra@gmail.com
**ORCIDID:** https://orcid.org/0009-0000-8859-0970

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୬.୨୦୨୫ | ୧୧.୦୭.୨୦୨୫ | ୨୫.୦୮.୨୦୨୫ | ୧.୦୯.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପାତ୍ର, ଦେବାଶିଷ ; ୨୦୨୫ । 'ବଣ୍ଡା' ଲୋକମିଥ୍ : ପରମ୍ପରା ଓ ପରିସର । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଚ; ପୃଷ୍ଠା :୧୩-୧୯ ।

ଯାହା ସୃଷ୍ଟି, ସ୍ଥିତି ଓ ବିଲୟର କଥା ସହିତ ପ୍ରାଚୀନ ଓ ଆଧୁନିକର ଯୋଗସୂତ୍ର ।

ପ୍ରତିଟି ସମାଜରେ ମିଥ୍ ରହିଛି ଏବଂ ରହିଛି ତାହାର ଏକ ସ୍ୱତନ୍ତ୍ର ବ୍ୟାକରଣ । ଯାହା ପିଢ଼ିପରେ ପିଢ଼ି ସଂଚରିତ ହେବାପାଇଁ ସାମର୍ଥ୍ୟରେ ଭରପୂର । ତେବେ ନୃତାତ୍ତ୍ୱିକ ଅଧ୍ୟୟନ ପାଇଁ ଏହି ମିଥ୍ ସମୂହର ଭୂମିକା ରହିଛି । ଭାରତୀୟ ତଥା ଓଡ଼ିଶାର ଜନଜାତି ସମାଜରେ ଅନେକ ପ୍ରକାରର ମିଥ୍ ରହିଛି । ଯେଉଁଠି ମାନବ ସମାଜର ଜୀବଜଗତ ଓ ଜଡ଼ ଜଗତ ସହିତ ଥିବା ସଂପର୍କର ନୂତନ ଭୂମି ଦେଖିବାକୁ ମିଳେ ।

ଓଡ଼ିଶାର ଚଉଷଠି ପ୍ରକାରର ଜନଜାତିଙ୍କ ମଧ୍ୟରୁ ଏକ ପୁରାତନ ଜନଜାତି ହେଉଛନ୍ତି 'ବଣ୍ଡା' । ସେହି ଜନଜାତିରେ ରହିଛି ଅନେକ ପ୍ରକାରର ମିଥ୍ ଧର୍ମୀ କାହାଣୀ । ସେହି କାହାଣୀ ମାଧ୍ୟମରେ 'ବଣ୍ଡା' ଜନଜାତିର ସ୍ୱରୂପ ଉଦ୍‌ଘାଟନ ସମ୍ଭବ ମନେହୁଏ । କାରଣ ସେମାନଙ୍କ ଜୀବନଧାରା ସହିତ ଜଡ଼ିତ ମିଥ୍ ସମୂହ ସେମାନଙ୍କ ସମାଜ ସଙ୍ଗଠନ, ଦୃଷ୍ଟିଭଙ୍ଗୀ ବ୍ୟବହାରିକ ଆଚରଣର ଏକ ସାଂସ୍କୃତିକ ଶକ୍ତି । ତେବେ ଜଗତିକରଣର ପ୍ରଭାବରେ ଅନେକ 'ମିଥ୍' ଆଦି ଅବଲୁପ୍ତ ଓ ଅନାଲୋଚିତ । ଆମର ଏହି ପ୍ରୟାସ ସେହି ମିଥ୍ ସମୂହର ସଂଗ୍ରହ ସହିତ ସାଂସ୍କୃତିକ ଭୂମିକୁ ବଂଚାଇ ରଖିବାର ପ୍ରୟାସ ମାତ୍ର ।

**ବଣ୍ଡା ଲୋକମିଥ୍ ପ୍ରସଙ୍ଗ :**

ବଣ୍ଡା ଜନଜାତିର ଲୋକ ସାହିତ୍ୟ ଆଲୋଚନା କାଳରେ ଲୋକମିଥ୍ ପ୍ରସଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭବ ପରି ମନେହୁଏ । କାରଣ ଏହି ଲୋକମିଥ୍ ସର୍ଜନାର ମନୋଭୂମିରେ ସମୂହ ସ୍ମୃତିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମାଜରେ ଥିବା ବିବିଧ ଅନୁଭବ, ପ୍ରକୃତି, ପଶୁପକ୍ଷୀ, ଈଶ୍ୱରୀୟ ସତ୍ତାରେ ଭରପୁର ଲୋକମିଥ୍ ଗୁଡ଼ିକ ପ୍ରତିକାତ୍ମକ ରୂପନେଇ ବଦଳିଯାଇଥାଏ କାହାଣୀରେ । ସେମାନଙ୍କ ସ୍ୱପ୍ନରେ ଆସୁଥିବ କଳ୍ପନା, ଜନଶ୍ରୁତି, ପୁରାଣର ଚରିତ୍ର କି ମିଥ୍‌ମୟ କରିଦିଏ କାହାଣୀକୁ । ଚରିତ୍ର ସବୁ ବିଚରଣ କରନ୍ତି ଝରଣା, ଡଙ୍ଗର କ୍ଷେତ, ଗାଁ, ଅରଣ୍ୟ, ଝୋଲାକୂଳ ସବୁଠି ଏବଂ ସେସବୁ କ୍ରମଶଃ ମିଶିଯାଏ ଦୈନନ୍ଦିନ ଚଳଣି ଓ ଅଭ୍ୟାସ ସହିତ । ସମୟକ୍ରମେ ସ୍ଥାନ, ଭାଷା ଓ ଜାତିର ସୀମାକୁ ଡେଇଁଯାଏ ମିଥ୍‌ଧର୍ମୀ କାହାଣୀ । ଯାହା ଅବାସ୍ତବ ମନେହେଲେ ବି ଉଚ୍ଚକୋଟୀର ଓ ଭାବଗର୍ଭକ ।

ବଣ୍ଡା ଲୋକମିଥ୍‌ର ସଂଗ୍ରହ ଓ ଅନୁଶୀଳନ କାଳରେ ଯେଉଁ କାହାଣୀଗୁଡ଼ିକ ଦୃଷ୍ଟିକୁ ଆସିଛି ସେଗୁଡ଼ିକ କେତୋଟି ଉପ ବିଭାଗରେ ବିଭକ୍ତ କରାଯାଇପାରେ । ଯଥା : ସୃଷ୍ଟି ସମ୍ବନ୍ଧୀୟ ମିଥ୍, ଫୁଲ-ଗଛଲତା ଓ କୃଷି ସମ୍ବନ୍ଧୀୟ ମିଥ୍, ପଶୁପକ୍ଷୀର ସୃଷ୍ଟିକଳ୍ପ ମଣିଷର ବିଶ୍ୱ ମିଥ୍, ସାମାଜିକ ଅନୁଷ୍ଠାନ ସମ୍ପର୍କିତ ମିଥ୍, ଚଳଣି ସମ୍ବନ୍ଧୀୟ ମିଥ୍ ଇତ୍ୟାଦି ।

ସେହିପରି ବଣ୍ଡା ମିଥ୍‌ର ସଂରଚନା ପଦ୍ଧତି ମଧ୍ୟ ଚମତ୍କାର । ନୃତାତ୍ତ୍ୱିକ, ମନୋବୈଜ୍ଞାନିକ, ଭାଷାତାତ୍ତ୍ୱିକ ଓ ବିଷୟ ଭିତ୍ତିକ ବିଶ୍ଳେଷଣର ତାହାର ସଂରଚନା ପଦ୍ଧତି ସ୍ପଷ୍ଟତ ଜ୍ଞାତ ହୋଇଥାଏ । ସେଥିରେ ରହିଛି ଚାରୋଟି ସ୍ତମ୍ଭ – (କ) ମଣିଷର ସ୍ଥିତି (ଖ) ସୃଷ୍ଟିପାଇଁ ଉଦ୍‌ଯୋଗ (ଗ) ପ୍ରଳୟ ଦ୍ୱାରା ଧ୍ୱଂସ (ଗ) ସ୍ତ୍ରୀ-ପୁରୁଷ ଦ୍ୱାରା ସୃଷ୍ଟି । ପୁଣି ମିଥ୍ ସଂରଚନା ଆଦ୍ୟକାଳୀନ ବାସ୍ତବତା ସମ୍ବନ୍ଧୀୟ ବର୍ଣ୍ଣନାତ୍ମକ ବ୍ୟାଖ୍ୟା ଯାହା ସେମାନଙ୍କ ଜ୍ଞାନ ପିପାସର ଚିତ୍ର ବ୍ୟାଖ୍ୟା କରିବାରେ ସମର୍ଥ । ଯାହା ସେମାନଙ୍କ ମନରେ ଥିବା ଅସରନ୍ତି ପ୍ରଶ୍ନର ଉତ୍ତର ।

ସଂପ୍ରତି ଲୋକ ସଂସ୍କୃତିର ଅବଲୁପ୍ତ ପ୍ରକ୍ରିୟାରେ ଅନେକ ଲୋକମିଥ୍ ଜନଜାତିର ବ୍ୟବହାରିକ ପରିସର ଭିତରୁ ହଜିବାରେ ଲାଗିଛି । ଯାହା ସେମାନଙ୍କର ସମୂହ ମାନସିକତା, ଗୋଷ୍ଠୀଜୀବନ ତଥା ଧାର୍ମିକ ଅବଧାରଣା ନିମିତ୍ତ ଉଦ୍ଦିଷ୍ଟ । ତେଣୁ ସେହିଭଳି କିଛି ଲୋକମିଥ୍ ଆମେ ଏଠାରେ ଉପସ୍ଥାପନ କରିବା ଯାହା ବଣ୍ଡା ଜନଜାତିର ଲୋକ ସାହିତ୍ୟ ପରଂପରାରର ସୁଦୀର୍ଘ ପରଂପରାକୁ ମନେ ପକାଇବା ସହିତ ସେମାନଙ୍କ ଶାଶ୍ୱତ ଜୀବନର ଅବଧାରଣକୁ ଆମ ସାମ୍ନାକୁ ନେଇ ଆସିବ ।

ବଣ୍ଡା ଜନଜାତିଙ୍କ ପୁରାଣକଳ୍ପ (ମିଥ୍):

ବିଶ୍ୱର ସୃଷ୍ଟି :

ସିସା ଓ ମୁଦୁଲି ଦି'ଜଣ ଗୋଟିଏ ଛୋଟ ପିଲାକୁ ପାଇ ପାଳିଲେ । ମାତ୍ର ପିଲାଟି ଦୁଷ୍ଟାମି କରିବାରୁ ତାକୁ ମାରୁ ମାରୁ ସେ ମରିଗଲା । ତା' ହାତଗୋଡ଼ରୁ ଗଛ, ଚୁଟିରୁ ଘାସ, ହାଡ଼ରୁ ପଥର, ରକ୍ତରୁ ମାଟି ସୃଷ୍ଟିହେଲା । (ମୁଦୁଲିପଡ଼ା)

ଆକାଶ ଏତେଦୂରରେ କାହିଁକି ?

ମଣିଷ ଏତେ ଛୋଟ ଥିଲା ଯେ ସେ ବାଇଗଣ ତୋଳିବା ପାଇଁ ଗଛରେ ସିଢ଼ି ଲଗାଉଥିଲା, ଆକାଶ ପୃଥିବୀର ଅତି ନିକଟରେ ଥିଲା । ଦିନେ ସ୍ତ୍ରୀ ଲୋକଟିଏ ଲୁଗା ଶୁଖାଇଲାବେଳେ ତା' ମୁଣ୍ଡରେ ମେଘ ବାଜିଲା । ସେ ରାଗିଯାଇ ଝାଡୁରେ ଆକାଶକୁ ଠେଲିଦେଲା । ସେହିଦିନଠୁ ଆକାଶ ଆମଠୁ ବହୁଦୂରରେ । (ରାସବେଡା)

ଗ୍ରହଣ ଓ ପରାଗ

ସୂର୍ଯ୍ୟ ଓ ଚନ୍ଦ୍ର ଦିନେ ପତ୍ରରେ ଦନା ବୁଣିବା ବେଳେ କିଛି ଛୋଟ କାଠି ଦରକାର ହେଲା । ସେମାନେ ଛୋଟ ଛୋଟ କାଠି ଭାଲୁ ଏବଂ ବିଛାଠାରୁ ଉଧାର ସୂତ୍ରରେ ଆଣିଲେ । ମାତ୍ର ସେଗୁଡ଼ିକ ନଫେରାଇବାରୁ ଭାଲୁ ଏବଂ ବିଛା ପାଳିକରି ସୂର୍ଯ୍ୟ ଓ ଚନ୍ଦ୍ରକୁ ଧରିନିଅନ୍ତି । ସେବେଠୁ ଗ୍ରହଣ ଓ ପରାଗ ହେଉଛି । (ଗୋଇଗୁଡ଼ା)

ଥରେ ମରୁଡ଼ି ପଡ଼ିବାରୁ ମହାପ୍ରଭୁ ସୂର୍ଯ୍ୟଙ୍କୁ ପଠାଇଲେ ଶସ୍ୟ ସଂଗ୍ରହ କରିବା ପାଇଁ । ସେ ଖୋଜି ଖୋଜି ଗୋଟିଏ ଚଣ୍ଡାଳ ଘରେ ପହଞ୍ଚି କିଛି ଶସ୍ୟ ଉଧାର ଆଣିଲା ଏବଂ ପ୍ରତିଜ୍ଞା କଲା ଶସ୍ୟ ପରେ ଫେରାଇବ । ମାତ୍ର ଫେରାଇଲା ନାହିଁ । ସେହିପରି ଶସ୍ୟ ଅମଳ ପରେ ମହାପ୍ରଭୁ ଲୋକଙ୍କୁ  ଭାତ ଖୁଆଇବା ପାଇଁ ପତ୍ରଦନା ତିଆରି କରିବାକୁ ଚାହିଁଲେ । ପତ୍ରପୋଡ଼ିବା ପାଇଁ ବାଉଁଶ କାଠି ନ ଥିବାରୁ ଚନ୍ଦ୍ରକୁ ପଠାଇଲେ ତାହା ସଂଗ୍ରହ କରିବା ପାଇଁ । ଚନ୍ଦ୍ର ତାହା ଖୋଜି ଖୋଜି ଚଣ୍ଡାଳ ଘରୁ ଉଧାର ସୂତ୍ରରେ ଆଣିଲା, କିନ୍ତୁ ଫେରାଇଲା ନାହିଁ । ସେବେଠାରୁ ଚଣ୍ଡାଳ ଥରେ ସୂର୍ଯ୍ୟଙ୍କ ଘରକୁ ଓ ଥରେ ଚନ୍ଦ୍ରଙ୍କ ଘରକୁ ଉଧାର ଜିନିଷ ମାଗିବାକୁ ଯାଏ । ତାକୁ ଦେଖି ସୂର୍ଯ୍ୟ ଓ ଚନ୍ଦ୍ର ଲୁଚୁଥିବାରୁ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହୁଏ ।

### ସୂର୍ଯ୍ୟ ଓ ଚନ୍ଦ୍ର

ସୂର୍ଯ୍ୟ ଓ ଚନ୍ଦ୍ର ଦୁଇ ଭଉଣୀ ଥିଲେ । ଦୁହିଁଙ୍କର ଅନେକ ପିଲାଥିଲେ । ଦୁଇ ଭଉଣୀ ବଣରୁ ଖାଦ୍ୟ ସଂଗ୍ରହକରି ପିଲାଙ୍କୁ ଦିଅନ୍ତି । ଦିନେ ଚନ୍ଦ୍ର ଚଞ୍ଚଳ ଫେରିଆସି ଭାବିଲା ମୁଁ ତ'ଅଧିକ ଖାଦ୍ୟ ସଂଗ୍ରହ କରୁଛି, ମାତ୍ର ମୋ ପିଲାମାନେ ଅଧିକ ଖାଇପାରୁ ନାହାଁନ୍ତି । ତେଣୁ ସେ ଉପାୟ ପାଞ୍ଚି ତା' କେଶ ଭିତରେ ପିଲାଙ୍କୁ ଲୁଚାଇ ଦେଲା । ସୂର୍ଯ୍ୟ ଫେରିବାରୁ ଚନ୍ଦ୍ର ତାକୁ କହିଲା, ମୋ ପିଲାଙ୍କ ଜଞ୍ଜାଳ ସହି ନପାରି ତାଙ୍କୁ ଖାଇଦେଲି । ସୂର୍ଯ୍ୟ ଭଉଣୀର ଦୁଃଖରେ ଦୁଃଖି ହେଇ ତା' ନିଜ ପିଲାଙ୍କୁ ଖାଇଦେଲା । ଚନ୍ଦ୍ର ତା' ପିଲାଙ୍କୁ କେଶ ଭିତରୁ ବାହାରକଲା । ତାକୁ ଦେଖି ସୂର୍ଯ୍ୟ ରାଗରେ ଲାଲ ପଡ଼ିଗଲା ଓ ଚନ୍ଦ୍ରକୁ ଘରୁବାହାର କରିଦେଲା । ସେହି ଦିନଠୁ ସୂର୍ଯ୍ୟର ଉତ୍ତାପ ପ୍ରଖର ଓ ଚନ୍ଦ୍ର ଶୀତଳ । (ବଡ଼ପଡ଼ା)

### ଘଡ଼ଘଡ଼ି

ମଣିଷ ସୃଷ୍ଟି ହେଲାପରେ ମହାପ୍ରଭୁ ଯିବା ଆସିବା କରିବା ପାଇଁ ଆକାଶରୁ ପୃଥିବୀକୁ ରାସ୍ତାଟିଏ ତିଆରି କରିଥିଲେ । ଲୋକେ ସୁବିଧା ଅସୁବିଧା ସମୟରେ ମହାପ୍ରଭୁଙ୍କ ପାଖକୁ ସାହାଯ୍ୟ ପାଇଁ ଯାଆନ୍ତି । ମାତ୍ର ଜନସଂଖ୍ୟା ବଢ଼ିବାରୁ ମହାପ୍ରଭୁ ସେହି ରାସ୍ତାକୁ ନଷ୍ଟ କରିଦେଲେ ।

ଦିନେ ପୃଥିବୀର ଲୋକେ ମହାପ୍ରଭୁଙ୍କୁ ପ୍ରାର୍ଥନା କରି ପଚାରିଲେ ଆମେ କେଉଁ ସମୟରେ ଶସ୍ୟ ବୁଣିବୁ । ମହାପ୍ରଭୁ କହିଲେ ବର୍ଷା ପୂର୍ବରୁ ମୋ ଚପରାଶି ତମକୁ ଡ଼ାକିବ, ସେତିକିବେଳେ ତମେ ଶସ୍ୟ ବୁଣିବ । ସେବେଠାରୁ ଘଡ଼ଘଡ଼ି ଶବ୍ଦଶୁଣି ବଣ୍ଡାମାନେ କ୍ଷେତରେ ଶସ୍ୟ ବୁଣନ୍ତି ।

### ଭୂମିକମ୍ପ (ପିଣ୍ଡାଜାଙ୍ଗର)

ମହାପ୍ରଭୁ ପୃଥିବୀରେ ମଣିଷ ସୃଷ୍ଟିକଲେ । ସମୟକ୍ରମେ ଜନସଂଖ୍ୟା ବଢ଼ିବାରୁ ପୃଥିବୀ ଦୋହଲିବାକୁ ଲାଗିଲା । ସମସ୍ତେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ ବିପଦରୁ ରକ୍ଷା କରିବା ପାଇଁ । ମାତ୍ର ପୃଥିବୀ ତଳକୁ ଦବି ଯାଉଥିଲା ।

ମହାପ୍ରଭୁ କଙ୍କାଳିକୁ ଡ଼ାକି କହିଲେ ପୃଥିବୀ ତଳେ ତମକୁ ରାଜ୍ୟ ଦେଲି । ସେଠାକୁ ଯାଇ ପୃଥିବୀକୁ ଦବିବାରୁ ରକ୍ଷାକର । କଙ୍କାଳି ପଚାରିଲା, ମହାପ୍ରଭୁ ମୁଁ ସେଠାରେ କ'ଣ ଖାଇବି ? ମହାପ୍ରଭୁ ସୋମା ବଡ଼ନାଏକକୁ ଡ଼ାକି କହିଲେ କଙ୍କାଳିର ଖାଦ୍ୟ ପାଇଁ ସମସ୍ତେ ବଳି ଅର୍ପଣ କରିବେ ।

ସମୟକ୍ରମେ କଙ୍କାଳିକୁ ଲୋକେ ବଳିଦେବାକୁ ଭୁଲିଗଲେ । ସେହି କଥାକୁ ମନେ ପକାଇବା ପାଇଁ କଙ୍କାଳି ପୃଥିବୀକୁ ଦୋହଲାଏ ଆଉ ଭୂମିକମ୍ପ ହୁଏ ।

### ତେନ୍ତୁଳି (ପିଣ୍ଡା ଜାଙ୍ଗର) :

ମହାପ୍ରଭୁ ଗୋଟିଏ ତେନ୍ତୁଳିଗଛ ଲଗାଇ ତାକୁ ଅତି ଯତ୍ନର ସହିତ ପାଳିଲେ । ଗଛ ବଡ଼ ହେଲାପରେ ଆଙ୍ଗୁଳି ପରି ଲମ୍ବା ଲମ୍ବା ଫଳ ଧରିଲା । ଫଳ ପାଚିଲା ପରେ ମହାପ୍ରଭୁ ଖାଇଲେ, ତାଙ୍କୁ ଭଲ ଲାଗିଲା । ସେ ଭାବିଲେ ଏହା ଯଦି ମଣିଷମାନଙ୍କୁ ଦିଆଯାଏ ତେବେ ଖାଦ୍ୟାଭାବ ଅନେକ ପରିମାଣରେ ଦୂରହେବ । ମାତ୍ର ପକ୍ଷୀମାନେ ଏହି ଫଳ ବିଷୟରେ ଜାଣିବା ଅନୁଚିତ ।

କିଛି ଦିନପରେ ତିନୋଟି ପକ୍ଷୀ ଆସି ମହାପ୍ରଭୁଙ୍କୁ ପଚାରିଲେ ଏ ଫଳର ନାଁ କ'ଣ ? ଆମେ ଏହାକୁ ଖାଇବାକୁ ଚାହୁଁଛୁ । ମହାପ୍ରଭୁ କହିଲେ ଏ ଫଳଟି ଅତ୍ୟନ୍ତ ପିତା ଏହା ଖାଇଲେ ତମେ ସବୁ ମରିଯିବ । ତମେ ବରଂ ଅନ୍ୟ ପକ୍ଷୀମାନଙ୍କ ପାଖକୁ ଯାଇ କୁହ ଯେ ଏହି ଫଳ ତୁମ ପାଇଁ ନୁହେଁ ।

ପକ୍ଷୀମାନେ ଯିବାପରେ ମହାପ୍ରଭୁ ସିଙ୍ଗି (ସୂର୍ଯ୍ୟ) ଓ ଆର୍କେ (ଚନ୍ଦ୍ର)ଙ୍କୁ ଏହି ଫଳ ଖାଇବାକୁ ଦେଲେ । ସିଙ୍ଗି ଗଛ ମୂଳରେ ବସି ତାହା ଖାଉଥିବାବେଳେ ତାଙ୍କ ଉତ୍ତାପ ପ୍ରଭାବରେ ଫଳ ଖଟା ହୋଇଗଲା । ପରେ ମହାପ୍ରଭୁ ଏହାର ମଞ୍ଜିନେଇ ଲଛମୀ ବଡ଼ନାଏକଙ୍କୁ ଦେଲେ, କହିଲେ – ଏହି ମଞ୍ଜି ନେଇ ଲଗାଅ, ଏହା ତୁମପାଇଁ ଅତ୍ୟନ୍ତ ଲାଭପ୍ରଦ ହେବ । ସେବେଠୁ ଆଦିବାସୀ ଗାଁରେ ତେନ୍ତୁଳିଗଛ ଅଛି ।

### ଧାନର ସୃଷ୍ଟି (ଅଣ୍ଡ୍ରାହାଲ)

ଥରେ ଜଣେ ପୁରୁଷ ଓ ନାରୀ ପାହାଡ଼ଟିଏ ସଫା କରୁଥିବାବେଳେ ସ୍ତ୍ରୀ ଲୋକର ବେକରେ ଥିବା କଣ୍ଠିମାଳି ଛିଡ଼ିଯାଇ ଝରଣା କୂଳରେ ପଡ଼ିଲା । କିଛିଦିନ ପରେ ସେହି କଣ୍ଠିରୁ ଗଛ ଉଠି ସେଥିରେ ଶସ୍ୟ ଧରିଲା ।

ସମୟକ୍ରମେ ସ୍ତ୍ରୀ ଲୋକଟି ଗର୍ଭବତୀ ହେଲା । ଦିନେ ସେ ଝରଣା କୂଳକୁ ଯାଇଛି ତ ସେହି ପାଚିଲା ଶସ୍ୟର ବାସ୍ନା ତାକୁ ଆମୋଦିତ କଲା । ସେ ତା' ସ୍ୱାମୀକୁ କହିଲା ମୋତେ ସେହି ଶସ୍ୟ ଖାଇବାକୁ ଦିଅ ନହେଲେ ମୁଁ ମରିଯିବି । ସ୍ୱାମୀ ଚିନ୍ତାରେ ପଡ଼ିଲା, ଶସ୍ୟ ଭିତରୁ ଚାଉଳ ବାହାର କରିବ କେମିତି ? ସେ କାନ୍ଦିଲା ।

ସିଙ୍ଗିରାଜ ସେଇପଟେ ଯାଉଥିଲେ । ସେ ପଚାରିଲେ କାହିଁକି କାନ୍ଦୁଛୁ ? 'ମୋ ସ୍ତ୍ରୀ ଗର୍ଭବତୀ ଅଛି, ସେ ଏଇଟା ଖାଇବାକୁ ଜିଦ୍ କରୁଛି । ମୁଁ କ'ଣ କରିବି ଜାଣିପାରୁ ନାହିଁ, ସ୍ୱାମୀ କହିଲା ।

ସିଙ୍ଗିରାଜ କହିଲେ, ଏହି ଶସ୍ୟ ତୋର ଲାଭ ପାଇଁ ସୃଷ୍ଟି । ତୁ ସେହି ଶସ୍ୟକୁ ହାତରେ ଦଳିଦେ, ତା ଭିତରୁ ଚାଉଳ ବାହାରିବ । ତାକୁ ନେଇ ତୋ ସ୍ତ୍ରୀକୁ ଦେ ଖାଇବା ପାଇଁ । ଆଉ କିଛି ଶସ୍ୟ ରଖିଥା ବିହନ କରିବା ପାଇଁ । ସ୍ୱାମୀ ସମସ୍ତ କଥା ଶୁଣିଲା । ସେବେଠୁ ବଣ୍ଡାଘାଟିରେ ଧାନଚାଷ ହେଉଛି ।

### ଧୂଆଁପତ୍ର (ପିଣ୍ଡାଜାଙ୍ଗର)

ମହାପ୍ରଭୁ ଗୋଟିଏ ପାର୍ବତ୍ୟ ଭୂମିରେ ଧୂଆଁପତ୍ର ଚାଷ କରିଥିଲେ । ତାଙ୍କୁ ଚାଷ କାମରେ ସୋମା ବଡ଼ନାଏକ ସାହାଯ୍ୟ କରିଥିଲା । ସେଇଥିପାଇଁ ମହାପ୍ରଭୁ ତାକୁ କହିଲେ ତୋ ବଗିଚାରେ ହଳକରି, ଖତପକାଇ ତାକୁ ଠିକ୍ ଠାକ୍‌କରି ଏହି ଗଛ ସେଇଠି ଲଗାଇବୁ । ଗଛର ପ୍ରଥମ ଫୁଲକୁ କାଟି ପକାଇଲା ପରେ ବଡ଼ ବଡ଼ ଫୁଲ ଧରିବ, ଆଉ ତା' ପରେ ଫଳ ଧରିବ । ସେଥିରୁ ମଞ୍ଜି ସଂଗ୍ରହକରି ରଖିବୁ । ଗଛର ବଡ଼ ବଡ଼ ପତ୍ରକୁ ଶୁଖାଇ ସାରିଲାପରେ ମୋ ପାଖକୁ ଆଣିବୁ ।

ସୋମା ବଡ଼ ନାଏକ ସେହି ପତ୍ରକୁ ଧରି ମହାପ୍ରଭୁଙ୍କ ପାଖକୁ ଗଲା । ମହାପ୍ରଭୁ ପିକା ପ୍ରସ୍ତୁତକରି ସୋମା ବଡ଼ ନାଏକକୁ ଦେଲେ । କହିଲେ ଏଇଠି ଧୂଆଁ ପତ୍ର । ଗାଁକୁ କେହି ଅତିଥି ଆସିଲେ ଧୂଆଁପତ୍ର ପିକାଟାଣିବା ପାଇଁ ସେମାନଙ୍କୁ ଦେବ ଏବଂ ତାଙ୍କ ମନ ଖୁସି କରାଇବା ଫଳରେ ସେମାନେ ତମର ବନ୍ଧୁ ହେବେ । ଆଉ ମନରେ ଖୁସି ଆଣିବା ପାଇଁ ତମେ ସବୁ ସମୟ ସମୟରେ ପିକା ଟାଣିବ । ସେବେଠୁ ଆଦିବାସୀ ଅଞ୍ଚଳରେ ଧୂଆଁପତ୍ର ବ୍ୟବହାର ହେଉଛି ।

### ସଲପ ରସ (ମୁଦୁଲିପଡ଼ା)

ଦିନେରାମ ଜଙ୍ଗଲ ଭିତରେ ବୁଲୁଥିଲା ବେଳେ ଗଛମୂଳରେ ଗୋଟିଏ ମାଟି ପାତ୍ରରେ କିଛି ତରଳ ପଦାର୍ଥ ଥିବା ଦେଖିବାକୁ ପାଇଲେ । ତାଙ୍କୁ ଶୋଷ ଲାଗୁଥିବାରୁ ତାହା କ'ଣ ନ ଜାଣି ମଧ୍ୟ ସିଏ ପିଇଗଲେ । ପିଇ ସାରିଲାପରେ ତାଙ୍କୁ ପାଗଳ ପରିଲାଗିଲା । ସେ ସୀତାଙ୍କ ପାଖକୁ ଯାଇ ତାଙ୍କୁ ତିରସ୍କାର କଲେ । ସୀତାଙ୍କ ଆଖିରେ ତରଳ ପଦାର୍ଥ ଥିବା ମାଟି ପାତ୍ରଟି ପଡ଼ିଲା । ସେ ତାଙ୍କୁ ଗଛ ଉପରକୁ ପିଙ୍ଗି ଦେଇ କହିଲେ, ଯିଏ ଏହା ପିଇବାକୁ ଚାହିଁବ, ସେ ଗଛ ଉପରକୁ ଚଢ଼ି ତାକୁ ଆଣିବ । ସେବେଠାରୁ ସଲପ ରସ ସଲପଗଛର ଉପରୁ ହିଁ ଝରେ ।

### ଜିଆ (ପଣ୍ଡା ଜାଙ୍ଗର)

ମହାପ୍ରଭୁ ମଣିଷକୁ କର୍ମ ସଂସ୍ଥାନ ବାଣ୍ଟିଲା ବେଳେ ବଣ୍ଡାକୁ କୃଷିକର୍ମ କରିବାକୁ କହିଲେ । ଦିନେ ସେ ଦେଖିଲେ ବଣ୍ଡାମାନେ ପଥୁରିଆ ଭୂଇଁରେ ଅତିକଷ୍ଟରେ ଖୋଳି ଚାଷକାମ କରୁଛନ୍ତି । ସମୟକ୍ରମେ ବଣ୍ଡାମାନେ ମହାପ୍ରଭୁଙ୍କ ପାଖକୁ ଅଭିଯୋଗ ନେଇ ଆସିଲେ ପଥରରେ କିପରି ଚାଷ କରିବେ ? ମହାପ୍ରଭୁ ଆଶ୍ୱାସନା ଦେଲେ, କିଛି କରିବେ ।

ମହାପ୍ରଭୁ ତାଙ୍କ ସ୍ତ୍ରୀ ବେକରେ ଥିବା ମାଳିକୁ ଛିଣ୍ଡାଇ ସେଥିରୁ ସୂତା ବାହାରକରି ଜିଆ ତିଆରି କଲେ । ତାକୁ ପଠାଇଲେ ଡ଼ଙ୍ଗର, ପାହାଡ଼ ଖୋଳି ମାଟିକୁ ଉର୍ବର କରିବାକୁ । ମହାପ୍ରଭୁ ଜିଆକୁ କହିଲେ, ଦିନରେ ତୁମେସବୁ ମାଟି ଭିତରେ ରହି ମାଟି ଖାଇବ । ରାତି ହେଲେ ମାଟି ଉପରକୁ ଆସି ପିମ୍ପୁଡ଼ି ଓ ଛୋଟ ଛୋଟ ପୋକମାନଙ୍କୁ ଖାଇବ । ଜିଆ ସଂଖ୍ୟା ବଢ଼ିବାରୁ ମାଟି ଅତି ନରମ ଓ ଉର୍ବର ହେଲା । ସ୍ତ୍ରୀ ଲୋକଙ୍କର ମାଳିରେ ଥିବା ସୂତାରୁ ସୃଷ୍ଟି ହୋଇଥିବାରୁ ଜିଆଗୁଡ଼ିକ ଲାଲ ଓ ସୁନ୍ଦର ଦେଖାଯାଆନ୍ତି ବୋଲି ବଣ୍ଡାର ବିଶ୍ୱାସ ।

### ମଣିଷ ଜାଲବୁଣା କିପରି ଶିଖିଲା ?

ମହାପ୍ରଭୁ ମଣିଷମାନଙ୍କୁ ବିଭିନ୍ନ ଜାତିରେ ବିଭକ୍ତ କରି କର୍ମ ବଣ୍ଟନ କଲେ । ଲୋକଟିଏ ସଲପ ପିଇ ନିଶାଗ୍ରସ୍ତ ହେଇ ସେଠାକୁ ଆସିନଥିଲା । ନିଶା କାଟିଲାପରେ ମହାପ୍ରଭୁଙ୍କୁ ଆସି ପଚାରିଲା ମୋ ଜାତି କ'ଣ ? ମୁଁ କେଉଁକାମ କରିବି ?

ମହାପ୍ରଭୁ କହିଲେ, ତୁ ଜାଲଟିଏ ତିଆରି କରି ମାଛଧରି ଜୀବିକା ନିର୍ବାହ କରିବୁ । ଲୋକଟି ଘରକୁ ଆସି ସୂତାରେ ଜାଲ ବୁଣିବାକୁ ଚେଷ୍ଟାକଲା, ମାତ୍ର ବୁଣିପାରିଲା ନାହିଁ । ଲୋକଟି ପୁଣି ମନ ଦୁଃଖରେ ଆସିଲା ।

ମହାପ୍ରଭୁ କହିଲେ, ତୁ ଘରକୁ ଯା' । ମୁଁ ଜଣକୁ ପଠାଇବି ସେ ଜାଲବୁଣିବା ଶିଖାଇବ । ଲୋକଟି ଘରକୁ ଫେରିଲା ।

ମହାପ୍ରଭୁ ବୁଢ଼ିଆଣୀ ସୃଷ୍ଟିକରି ତା ପେଟରେ ସୂତାଦେଇ କହିଲେ ଯା ତୁ ସେ ଲୋକଟିକୁ ଜାଲ ତିଆରି ଶିଖାଇବୁ । ବୁଢ଼ିଆଣୀ ସେ ଲୋକଟି ଘରକୁ ଗଲା ଆଉ କବାଟ ପାଖରେ ଜାଲ ବୁଣିଲା । ତାକୁ ଦେଖି ଲୋକଟି ଜାଲ ବୁଣା ଶିଖିଲା ।

### କୁମ୍ଭୀରର ସୃଷ୍ଟି (ଡୁମୁରିପଡ଼ା)

ମାଛକୁଣ୍ଡ ନଦୀରୁ ସ୍ତ୍ରୀ ଲୋକଟି ସବୁଦିନେ ପାଣିଧରି ତା' ଗାଁକୁ ଆସୁଥିଲା । ବାରମ୍ୱାର ପାଣି ବୋହିବା ସତ୍ତ୍ୱେ ଘରେ ପାଣି ନିଅଣ୍ଟ

ହେଉଥିଲା ଆଉ ତାକୁ ମଧ୍ୟ କଷ୍ଟ ହେଉଥିଲା । କଷ୍ଟ ସହିନପାରି ଦିନେ ସ୍ତ୍ରୀ ଲୋକଟି ନଦୀକୁ ଡେଇପଡ଼ିଲା ଆଉ କୁମ୍ଭୀର ହୋଇଗଲା । ତେଣୁ କୁମ୍ଭୀର ମୁଣ୍ଡରେ ମାଠିଆ ବସିବା ଚିହ୍ନ ରହିଛି ବୋଲି ବଣ୍ଡାଙ୍କ ବିଶ୍ୱାସ ।

### ମାଛର ସୃଷ୍ଟି

ମହାପ୍ରଭୁ ଗୋଟିଏ ପୁଷ୍କରିଣୀ ତିଆରି କଲେ । ମାତ୍ର ସେଥିରେ ଥିବା ପାଣି ଅତ୍ୟନ୍ତ ଅପରିଷ୍କାର ଥିଲା । ମଣିଷ ଓ ପଶୁର ବ୍ୟବହାର ଉପଯୋଗୀ ନଥିଲା ସେହି ପାଣି । ମହାପ୍ରଭୁ ପାଣିର ଅବସ୍ଥା ଦେଖି ଚିନ୍ତିତ ହେଲେ । ସେ ବେକରେ ପକେଇଥିବା ମାଳି ଏବଂ ପଇତା ବାହାରକରି ତାକୁ ମନ୍ତ୍ରପୁତ କରି ଫିଙ୍ଗିଦେଲେ, ସେଇଟା ମାଛ ହୋଇଗଲା । ମାଛମାନେ ସେବେଠାରୁ ପାଣିରେ ଥିବା ଅପରିଷ୍କାର ଓ ମଇଳା ଖାଇବାରୁ ପୁଷ୍କରିଣୀର ପାଣି ସଫାରହେ ।

### ସ୍ଥଳଭାଗ କିପରି ହେଲା ? (ଗୋଇଗୁଡ଼ା)

ପୃଥିବୀ ସଂପୂର୍ଣ୍ଣ ଜଳମଗ୍ନ ଥିଲାବେଳେ ମହାପ୍ରଭୁ ତାଙ୍କ ଦେହର ମଳିରୁ ଏକ କାଉ ତିଆରି କଲେ । କାଉ ପଚାରିଲା, ମୁଁ କେଉଁଠି ବସିବି ?

ମହାପ୍ରଭୁ ତାଙ୍କ କାନ୍ଧରେ ବସିବାକୁ କହିଲେ । କାଉ ଯେତେବେଳେ ପାଣି ଉପରେ ଉଡ଼ି ଉଡ଼ି କ୍ଲାନ୍ତ ହେଇ ପଚାରିଲା ମୁଁ କେଉଁଠି ବସିବି ? ମହାପ୍ରଭୁ ଏକ କପାଗଛ ସୃଷ୍ଟି କରି ସେଥିରେ ବସିବାକୁ କହିଲେ ।

ଏହି ସମୟରେ ଗୋଟିଏ ପାଛିଆ ପାଣିରେ ଭାସି ଆସୁଥିବାର ଦେଖାଗଲା । କାଉ ତା' ଭିତରକୁ ଅନେଇ ଦେଖିଲା ତା' ଭିତରେ ଭାଇଭଉଣୀ ଅଛନ୍ତି । କାଉ ଆସି ମହାପ୍ରଭୁଙ୍କୁ କହିଲା ସେମାନଙ୍କ ପାଇଁ କିଛି ସ୍ଥଳଭାଗ ତିଆରି କରିବାକୁ । କାଉ ଗୋଟିଏ ଜିଆକୁ ଦେଖି ମହାପ୍ରଭୁଙ୍କ ପାଖକୁ ନେଇଆସିଲା । ତା' ଦେହରେ କିଛି ମାଟି ଲାଗିଥିଲା ଭଗବାନ ସେଇ ମାଟିକୁ ଏଠି ସେଠି ଛିଞ୍ଚି ଦେଲାପରେ ସ୍ଥଳଭାଗ ତିଆରି ହେଲା ।

### ମଣିଷର ମୃତ୍ୟୁ କାହିଁକି ? (ବାସୁପଡ଼ା)

ମହାପ୍ରଭୁ ତାଙ୍କ ବଗିଚାରେ ଆମ୍ବଗଛ ଲଗାଇଥିଲେ । ବାରମାସ ଆମ୍ବ ଫଳୁଥିଲା । ମହାପ୍ରଭୁ ଯେତେବେଳେ ପ୍ରାଣୀମାନଙ୍କୁ ସୃଷ୍ଟିକଲେ ସେତେବେଳେ ସେମାନଙ୍କର ମୃତ୍ୟୁ ହେଉନଥିଲା । ପ୍ରାଣୀଙ୍କ ଦ୍ୱାରା ପୃଥିବୀ ଭର୍ତ୍ତି ହୋଇଯିବାରୁ ଭଗବାନ ଚିନ୍ତାରେ ଖାଇବା ପିଇବା ଛାଡ଼ିଦେଲେ । ମହାପ୍ରଭୁଙ୍କ ସ୍ତ୍ରୀ କାରଣ ଜାଣିପାରି କହିଲେ – 'ଆମ୍ବଗଛରୁ ପାଞ୍ଚଟି ଆମ୍ବ ଆଣି ତା' ଭିତରେ ମୃତ୍ୟୁର ମଞ୍ଜି ଭର୍ତ୍ତିକରି ମଣିଷର ଦୁନିଆକୁ ପଠେଇଦିଅ ।

ମହାପ୍ରଭୁ ଖୁସିହୋଇ ପାଞ୍ଚଟି ଆମ୍ବ ଭୀମାଇ ହାତରେ ବାଲିପର୍ବତକୁ ପଠେଇଦେଲେ । ଭୀମାଇ ଆମ୍ବ ପୋତି ବାଲି ପର୍ବତରୁ ଗଲାପରେ ଗଛ ଉଠିଲା ଆଉ ବାରବର୍ଷ ପରେ ଫଳ ଧରିଲା । ମହାପ୍ରଭୁ ସେଥିରୁ ଆମ୍ବତୋଳି ଶୁକ୍ରୁ ସିସାକୁ ଖାଇବାକୁ କହିଲେ । ସେବେଠାରୁ ଆମ୍ବ ଖାଇବାଦ୍ୱାରା ମଣିଷ ଭିତରକୁ ମୃତ୍ୟୁ ଆସୁଛି ଆଉ ସମୟକ୍ରମେ ସେ ମୃତ୍ୟୁବରଣ କରୁଛି ।

### ବିଛା କାମୁଡ଼ା ଔଷଧର ସୃଷ୍ଟି କିପରି ? (ପିଣ୍ଡା ଜାଙ୍ଗର)

ମହାପ୍ରଭୁ ସାପ ସୃଷ୍ଟି କଲାପରେ ମଧ୍ୟ ସାପ କାମୁଡ଼ାରେ ଲୋକଙ୍କର କୌଣସି କ୍ଷତି ହେଲାନାହିଁ । ତେଣୁ ମହାପ୍ରଭୁ ପାଞ୍ଚଟି ସାପକୁ ମାରି ସାପର ଲାଞ୍ଜକାଟି ସେଥିରେ ବିଷରଖି ଗୋଟିଏ ପଥର ତଳେ ରଖି ବିଛାକୁ ସୃଷ୍ଟିକଲେ । ବିଛା ଉଦ୍ଦେଶ୍ୟରେ କହିଲେ, ଯିଏ ଏଇ ପଥର ଉପରେ ବସିବ ତାକୁ ତୁ କାମୁଡ଼ିବୁ । ଏହାପରେ ବିଛା କାମୁଡ଼ାରେ ଅନେକ ଲୋକ ମରିବାରୁ ସେମାନେ ମହାପ୍ରଭୁଙ୍କ ପାଖକୁ ଗଲେ । ଈଶ୍ୱର ସିସାକୁ ଡାକି କହିଲେ, ଯେତେବେଳେ ବିଛା କାମୁଡ଼ିବ କ୍ଷତ ସ୍ଥାନରେ ଛପର ହେଉଥିବା ଘାସର ଚେରକାଟି ଲଗାଇଲେ ମଣିଷର ମୃତ୍ୟୁହେବ ନାହିଁ । ସେବେଠାରୁ ବଣ୍ଡା ଗାଁର ସିସାମାନେ ବିଛା କାମୁଡ଼ା ଔଷଧ ଭାବେ ସେହି ଘାସର ଚେରକୁ ବ୍ୟବହାର କରୁଛନ୍ତି ।

### ପେଚାର ସୃଷ୍ଟି (ରାସବେଡ଼ା)

ରାସବେଡ଼ା ଅଞ୍ଚଳରେ ଭାଇଭଉଣୀ ବାସ କରୁଥିଲାବେଳେ ମହାପ୍ରଭୁ ଦିନେ ଭାଇକୁ ପାଖକୁ ଡାକି କହିଲେ ମୋର ଗେଣ୍ଡୁଫୁଲ ଦରକାର । ଭାଇ ସବୁଆଡ଼େ ଖୋଜିଲା ମାତ୍ର ସେହି ଫୁଲକୁ କୋଉଠି ବି ପାଇଲାନି । ହତାଶ ହେଇ ଫେରିଲା ପରେ ରାଗରେ ତା' ଭଉଣୀକୁ ମାରିଦେଲା । ଏହାପରେ ସେହି ଭଉଣୀର ଆତ୍ମ 'ପେଚା' ରୂପରେ ଦୃଶ୍ୟମାନ ହେଲା । ସେହି ପେଚା ଉଡ଼ି ଉଡ଼ି ଦିନେ ଏକ ଗେଣ୍ଡୁଫୁଲ ପାଇ ଈଶ୍ୱରଙ୍କୁ ଆଣି ଦେଲା । ଏହା ଦେଖି ଭାଇ ବହୁତ କାନ୍ଦିଲା ଏବଂ ତା' ଆଖି ଲୁହରୁ ବର୍ଷାର ସୃଷ୍ଟି ହେଲା । ଏହା ଦେଖି ପେଚା ରାବିଲା । ସେବେଠାରୁ ତଳବଣ୍ଡା ଅଞ୍ଚଳରେ ପେଚା ରାବିଲେ ଉପର ବଣ୍ଡା ଅଞ୍ଚଳରେ ଲୋକେ ମୃତ୍ୟୁ ମୁଖରେ ପଡନ୍ତି ।

### ମଣିଷ ପଶୁ ଶିକାର କରେ କାହିଁକି ? (ଡୁମୁରିପଡ଼ା)

ବହୁ ବର୍ଷ ପୂର୍ବେ ପଶୁମାନେ ପରସ୍ପର କଥା ହେଇପାରୁଥିଲେ । ଉଭୟ ପଶୁ ଏବଂ ମଣିଷର ହାତୀପରି ବଡ଼ କାନ ଥିଲା । ସେତେବେଳେ ଠେକୁଆ ମାନଙ୍କର କିଛି ଖାଇବାକୁ ନ ଥିଲା । ତେଣୁ ସେ ଚତୁର ଥିବାରୁ ସବୁ ପଶୁଙ୍କୁ କହିଲା, ତୁମ ମାନଙ୍କର କାନ ବଡ଼ ହୋଇଥିବାରୁ ଅସୁନ୍ଦର । ମୁଁ ତାକୁ ଦାନ୍ତରେ କାମୁଡ଼ି ଛୋଟ ଆଉ ସୁନ୍ଦର କରିଦେବି । ସେମିତିରେ ସମସ୍ତଙ୍କ କାନ ଛୋଟହେଲା ହାତୀ ଆଉ ମଣିଷକୁ ଛାଡ଼ି । ଦିନେ ସିଏ ମଣିଷ ପାଖରେ ପହଞ୍ଚି ତା' କାନ ଖାଇବାରୁ ମଣିଷକୁ ବହୁତ କାଟିବାରୁ ସେ କାନ୍ଦିଲା । ଏହାପରେ

ମଣିଷ ପଶୁକୁ ଶତ୍ରୁଭାବି ସେମାନଙ୍କ ଏକ ପ୍ରକାର ଫଳ ଖୁଆଇ ଦେବାରୁ ସେମାନେ ମୂକ ହୋଇଗଲେ ଏବଂ ମଣିଷର ଉପସ୍ଥିତି ବିଷୟରେ କାହାକୁ କହିପାରେ ନାହିଁ । ମଣିଷ ସେବେଠୁ ପଶୁ ଶିକାର କରି ତାକୁ ଭକ୍ଷଣ କରୁଛି ।

### ବଳଦ ହଳ କରୁଛି କାହିଁକି ? (ଅଣ୍ଡାହାଲ୍)

ପ୍ରାରମ୍ଭିକ ସମୟରେ ମଣିଷ ହଳ କରିବା ଶିଖିନଥିଲା । ଖାଦ୍ୟାଭାବ ଦୂରପାଇଁ ସେ କଷ୍ଟକରି ଚାଷ କରୁଥିଲା । ଈଶ୍ୱର ବଳଦକୁ ମଣିଷମାନଙ୍କ ନିକଟକୁ ପଠାଇଲେ ବାର୍ତ୍ତା ଦେବାପାଇଁ ଯେ ମଣିଷମାନେ ଦିନକୁ ଗୋଟିଏ ଥର ଖାଇବେ ।

ରାସ୍ତାରେ ଆସୁ ଆସୁ ବଳଦ ଭୁଲିଗଲା ଯେ କେତେଥର ଖାଇବା ପାଇଁ ମଣିଷମାନଙ୍କୁ କହିବ ! ମଣିଷଙ୍କ ସାଥିରେ ଦେଖାହେଲାତ ? ବଳଦ କହିଲା, ଈଶ୍ୱର କହିଛନ୍ତି ଦିନକୁ ଦୁଇଓଳି ଖାଇବାକୁ । ମଣିଷପାଇଁ ଖାଦ୍ୟାଭାବ ଦେଖାଗଲା । ଈଶ୍ୱର ବଳଦ ଉପରେ ବିରକ୍ତ ହୋଇ କହିଲେ ତୁ ଯା' ମଣିଷକୁ କୃଷି କାମରେ ସାହାଯ୍ୟ କରିବୁ । ସେବେଠୁ ବଳଦ ହଳ କରୁଛି । ଯଦି ସିଏ କାମରେ ଖିଲାପ କରୁଛି ମଣିଷ ତାକୁ ମାରି ମାଂସ ଖାଉଛି ।

### କୁକୁରର ସୃଷ୍ଟି (କିର୍ସାନୀପଡ଼ା)

ମହାପ୍ରଭୁ ବିଲରେ ହଳ କରୁଥିଲେ । ଘରେ ତାଙ୍କ ମା' ଓ ଭଉଣୀ ଥିଲେ । ମା' ତାଙ୍କ ଝିଅ ହାତରେ ଫଳଟିଏ ପଠାଇଲେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ । ଝିଅକୁ କହିଲେ, ଯାହାବି ହେଲେ ସେ ଫଳ ତୁ ଖାଇବୁ ନାହିଁ । ରାସ୍ତାରେ ଯାଉଥିଲା ବେଳେ ଝିଅକୁ ଭୋକ ଲାଗିବାରୁ ସେ ସେହି ଫଳକୁ ଖାଇଦେଲା । ଫଳ ଖାଇବାରୁ ତା ମୁଣ୍ଡର ଚୁଟି ଝଡ଼ିଗଲା । ଘରକୁ ଯିବାରୁ ମା ତାକୁ ଛାଞ୍ଚୁଣିରେ ପିଟିଲା । ଏହାପରେ ଝିଅଟି କୁକୁର ଆଉ ଛାଞ୍ଚୁଣିଟି ତା'ର ଲାଞ୍ଜ ହେଇଗଲା ।

### ଶିକାର (ବଡ଼ପଡ଼ା)

ପ୍ରଥମ ବଣ୍ଡାଲୋକ ସୋମାବଡ଼ ନାଏକର ଦୁଇଟି ସ୍ତ୍ରୀ ଥିଲା; ସମ୍ବାରୀ ଏବଂ ଶୁକ୍ରୀ । ଦୁଇ ସ୍ତ୍ରୀଙ୍କ ଠାରୁ ତା'ର ଦୁଇଜଣ ପୁଅଥିଲେ । ସେମାନେ ହେଲେ ସୋନିଆ ଓ ଲଛମୀ । ଯେତେବେଳେ ସେମାନେ କୈଶୋରରେ ପହଞ୍ଚିଲେ କିଛି କାମ ନ କରି ଚୁପ୍‌ଚୁପ୍ ଘରେ ରହୁଥିଲେ । ମହାପ୍ରଭୁ ସୋମା ବଡ଼ ନାଏକକୁ ଡାକି କହିଲେ, ସେମାନଙ୍କୁ କିଛି ଖେଳଣା କରିଦେ, ଖେଳନ୍ତୁ । ସୋମା ବଡ଼ନାଏକ କହିଲା ମୋର ସେ ବିଷୟରେ କିଛି ଧାରଣା ନାହିଁ ।

ମହାପ୍ରଭୁ ଧନୁତୀର ତିଆରି କରି ପିଲା ଦୁହିଁଙ୍କୁ କହିଲେ, ନିଅ ! ଘର ସାମ୍ନାରେ ଥିବା ସେଇ ପିଆଶାଳ ଗଛକୁ ତୀର ନିକ୍ଷେପ କର । ପିଲାଦୁଇଟି ନିର୍ଦ୍ଦିଷ୍ଟ ସ୍ଥାନରେ ତୀର ବଜାଇଲେ । ମହାପ୍ରଭୁ ଖୁସି ହେଲେ, କହିଲେ ତୁମେ ଯେକୌଣସି ପଶୁକୁ ଶିକାର କରି ଖାଦ୍ୟ ଭାବରେ ବ୍ୟବହାର କରିପାରିବ ।

### ନୃତ୍ୟ ଗୀତ (ମୁଦୁଲିପଡ଼ା)

ସୋମା ବଡ଼ନାଏକ ଏବଂ ତା'ର ପତ୍ନୀକୁ ଖୁସିରେ ରଖିବା ପାଇଁ ମହାପ୍ରଭୁ ନୃତ୍ୟଶିକ୍ଷା ଦେଇଥିଲେ । ସୋମା ତା'ର ଦୁଇପତ୍ନୀଙ୍କ ସହିତ ଦିନେ ନାଚୁଥିବା ବେଳେ ମହାପ୍ରଭୁ ସେମାନଙ୍କୁ ଭକ୍ତିପୂର୍ବକ ସନ୍ଧ୍ୟାରୁ ସକାଳ ଯାଏଁ ନାଚିବାକୁ କହିଲେ । ମାତ୍ର ସେମାନେ ଥକି ପଡ଼ିବାରୁ ନାଚ ବନ୍ଦହେଲା । ମହାପ୍ରଭୁ କ୍ରୋଧ ପ୍ରକାଶ କଲେ ଏବଂ ସେମାନଙ୍କୁ ଅନେକ କଷ୍ଟ ସହିବାକୁ ପଡ଼ିଲା । ତିନିହେଁ ମହାପ୍ରଭୁଙ୍କ ଶରଣାପନ୍ନ ହୋଇ ପୁଣି ନାଚିବାରୁ ଦୁଃଖ ଦୂରେଇଗଲା ଏବଂ କ୍ଷେତ୍ରରେ ଫସଲ ଭଲ ହେଲା । ସେବେଠାରୁ ବଣ୍ଡା ସମାଜରେ ନାଚ-ଗୀତର ପ୍ରାଧାନ୍ୟ ରହିଛି ।

### ପାଟଖଣ୍ଡା ପୂଜା (ମୁଦୁଲିପଡ଼ା)

ଦ୍ୱାପର ଯୁଗରେ ପାଣ୍ଡବମାନେ ଅଜ୍ଞାତ ବାସରେ ଥିଲାବେଳେ ଦଣ୍ଡକାରଣ୍ୟରେ ମୁଦୁଲିପଡ଼ାକୁ ଆସିଥିଲେ । ନିଜର ପରିଚୟ ଗୋପନ ରଖିବା ପାଇଁ ସମସ୍ତ ଅସ୍ତ୍ରଶସ୍ତ୍ର ଏକ ଗଛର କୋରଡ଼ରେ ଲୁଚାଇ ରଖିଲେ । ଅଜ୍ଞାତ ବାସପରେ ସମସ୍ତ ଅସ୍ତ୍ରଶସ୍ତ୍ର ନେଲାବେଳେ ଭୁଲବଶତଃ ଖଣ୍ଡାଟିଏ ମୁଦୁଲିପଡ଼ାର ଗଛ କୋରଡ଼ରେ ରହିଯାଇଥିଲା ।

ବହୁବର୍ଷ ପରେ ମାଘ ପୂର୍ଣ୍ଣମୀ ରାତିରେ ଏକ ବିଚିତ୍ର ଘଟଣା ଘଟିଲା । ରାତିର ପ୍ରଥମ ପ୍ରହରରେ ବଣ୍ଡାଦେଶର ପ୍ରଥମ ମଣିଷ ତା' ସ୍ତ୍ରୀ ଗୋର୍ଭେଇ ସହିତ ବସି ଆକାଶକୁ ଦେଖୁଥିଲା ବେଳେ ଗୋର୍ଭେଇର ଦୃଷ୍ଟି ପଡ଼ିଲା ବରଗଛ ଉପରେ । ବରଗଛ ଦେହରେ ଏକ ଅଗ୍ନିଶିଖାର ସ୍ତମ୍ଭ ଦେଖାଗଲା । ଦୁହେଁ ଭୟରେ ଥରିବାକୁ ଲାଗିଲେ । ଅଗ୍ନିଶିଖାଟି ଶୁଭ୍ରଛାୟାରେ ରୂପାନ୍ତରିତ ହୋଇ ଅଦୃଶ୍ୟ ହୋଇଗଲା ।

ରାତିରେ ଗୋର୍ଭେଇ ସ୍ୱପ୍ନରେ ଏକ ତେଜୋମୟ ପୁରୁଷଙ୍କୁ ଦେଖିଲା । ସେ ଯେମିତି କହୁଥିଲେ, ମୁଁ ବରଗଛରେ ଅଛି, ଯେତେସବୁ ବଣ ପାହାଡ଼ ଦେଖୁଛ ସେ ସବୁ ମୋର । ମୋର ସେବାକଲେ ତୁମର ବଂଶ ବଢ଼ିବ ଆଉ ପ୍ରଚୁର ଶିକାର ମିଳିବ । ତହିଁ ପରଦିନ ବଣ୍ଡା ମଣିଷ ଗଛ କୋରଡ଼ରୁ ଲୁହାଖଣ୍ଡା ଆବିଷ୍କାର କଲା । ସେହି ଦିନଠୁ ସେହି ଖଣ୍ଡାକୁ ପାଟଖଣ୍ଡା ମନେକରି ବଣ୍ଡା ମଣିଷ ପୂଜା କରି ଆସୁଛି ।

### ବଣ୍ଡା ମଣିଷ ଉଲଗ୍ନ କାହିଁକି ? (ମୁଦୁଲିପଡ଼ା, କିଚିପଡ଼ା)

ତ୍ରେତୟା ଯୁଗରେ ବନବାସରେ ଥିବା ରାମ, ଲକ୍ଷ୍ମଣ ଓ ସୀତା ପାଦରେ ଚାଲି ଚାଲି ମୁଦିଲିପଡ଼ାରେ ପହଞ୍ଚିଲେ । ସୀତା ପିନ୍ଧିଥିବା ଏକମାତ୍ର ବସ୍ତ୍ରକୁ ବାହାରକରି ଏକ ପାଣିକୁଣ୍ଡରେ ସ୍ନାନ କରୁଥିଲେ । ସୀତାଙ୍କ ଉଲଗ୍ନ ବେଶ ଦେଖି ବଣ୍ଡାମାନେ ହସିବାରୁ ସୀତା ଅପମାନିତ ବୋଧକରି ସେମାନଙ୍କୁ ଅଭିଶାପ ଦେଲେ, 'ଆଜିଠୁ ତୁମେ ଉଲଗ୍ନ ରହିବ' । ମୋ କଥା ଅମାନ୍ୟ କଲେ ତୁମ ବଂଶ ବିନାଶ ହେବ ।

ସେହି ଦିନଠୁ ବଣ୍ଡା ସ୍ତ୍ରୀ ଲୋକମାନେ ଶରୀରକୁ ସଂପୂର୍ଣ୍ଣରୂପେ ଘୋଡ଼େଇ ରଖନ୍ତି ନାହିଁ ।

**ବଣ୍ଡା ଲୋକମିଥ୍‌ର ବୈଶିଷ୍ଟ୍ୟ :**

ବଣ୍ଡା ଜନଜାତିର ଲୋକ ମିଥ୍‌ରେ ଯେଉଁସବୁ ବୈଶିଷ୍ଟ୍ୟ ରହିଛି, ସେଗୁଡ଼ିକ ହେଲା –

(କ) କାହାଣୀଗୁଡ଼ିକ କାର୍ଯ୍ୟ କାରଣ ସମ୍ବନ୍ଧିତ ।

(ଖ) ପ୍ରାକୃତିକ ନିୟମ, ଧାରା ଓ ତତ୍ତ୍ୱର ବ୍ୟାଖ୍ୟା ନିମନ୍ତେ ପ୍ରୟାସ ।

(ଗ) ସେମାନଙ୍କ ସାମାଜିକ ଜୀବନ ଓ ଲୋକବିଶ୍ୱାସ ସହିତ ଜଡ଼ିତ ।

(ଘ) ଅତିକଳ୍ପନାକୁ ଗ୍ରହଣ କରିଥିଲେ ମଧ୍ୟ ବିଷୟ ବିନ୍ୟାସ ସରଳ ଓ ନିରାଡ଼ମ୍ବର ।

(ଙ) ବ୍ୟକ୍ତି ଓ ବିଶ୍ୱର ନିବିଡ଼ ସଂପର୍କର ବ୍ୟାଖ୍ୟା ନିମନ୍ତେ ଉଦ୍ଦିଷ୍ଟ ।

(ଚ) ନିଜ ଭୌଗୋଳିକ ପରିମଣ୍ଡଳରେ ସାଂସ୍କୃତିକ ବିଚାରକୁ ବଞ୍ଚାଇବାର ପ୍ରୟାସ ।

ପ୍ରକୃତରେ ବଣ୍ଡା ସମାଜରେ ପ୍ରଚଳିତ ମିଥ୍‌ଗୁଡ଼ିକ ସଂରଚନା ଦୃଷ୍ଟିରୁ ପ୍ରତୀକାତ୍ମକ ନୁହେଁ, ବରଂ ଏହା ପ୍ରାଚୀନ କାଳରୁ ସେମାନଙ୍କ ଚେତନାରେ ବଞ୍ଚି ରହିଥିବା ଲୋକ ବିଜ୍ଞାନ ଓ ଜ୍ଞାନ ପିପାସର ସମୂହ ଦୃଷ୍ଟି । ବଣ୍ଡା ଲୋକମିଥ୍‌ରେ ଅନ୍ୟ ଜନଜାତିର ଲୋକମିଥ୍ ପରି ବିଶେଷ କଳାତ୍ମକତା ନାହିଁ । ସେଥିରେ ଲୋକାଚାର ଅନୁଯାୟୀ ହେଉଥିବା କ୍ରିୟାକଳାପର ଯୁକ୍ତିଗତ ଉପସ୍ଥାପନା ଅଛି । ସେଥିପାଇଁ ସେମାନଙ୍କ ଦୃଷ୍ଟିରେ ଲୋକମିଥ୍ ଅତ୍ୟନ୍ତ ପବିତ୍ର ସେମାନଙ୍କ ପୁରାଣ ଓ ଈଶ୍ୱରଙ୍କ ପରି ।

ସେହି ମିଥ୍‌ଗୁଡ଼ିକ ନଥିଲେ ଜନଜାତି ସମାଜରେ କ'ଣ ହୋଇଥାନ୍ତା ? ଏହି ପ୍ରଶ୍ନର ଉତ୍ତରରେ କୁହାଯାଇପାରେ –

(୧) ମିଥ୍ ପ୍ରକୃତି ସହିତ ସଂପର୍କର ଭିତ୍ତି ସ୍ଥାପନ କରିଥାଏ ।

(୨) ନୈତିକତା ସଂପର୍କରେ ଶିକ୍ଷା ଦେଇଥାଏ ।

(୩) ଘଟଣ, ଅଘଟଣର ବ୍ୟାଖ୍ୟା କରିଥାଏ ।

(୪) ସାମାଜିକ ଓ ଧାର୍ମିକ କର୍ମକର୍ମାଣି, ରୀତି-ନୀତିର ସଞ୍ଚରଣ ।

(୫) ପୂର୍ବଜଙ୍କ ସ୍ମୃତି ଓ ସାଧନାକୁ ଧରି ରଖିବାର ପ୍ରୟାସ ।

(୬) ଜନଜାତିର ଜ୍ଞାନ, ସଂସ୍କୃତି, କଳା ଓ ବାଚିକ ପରମ୍ପରାକୁ ସଂରକ୍ଷଣ ଦେବାରେ ବ୍ରତୀ ।

ପ୍ରକୃତରେ ବଣ୍ଡାର ଲୋକମିଥ୍ ସେମାନଙ୍କ 'ଲୋକାୟତ'ର ପ୍ରତିବିମ୍ବ । ଯାହାର ଆଧାରରେ ଅନେକ କଥାରୂପ ଓ କାବ୍ୟରୂପର ସୃଷ୍ଟି ହୋଇଛି । ସମୟ ବଦଳୁଛି, ନବ୍ୟ ପିଢ଼ି କ୍ରମଶଃ ବାଚିକ ପରଂପରାର ଏହି ପ୍ରବାହ ଠାରୁ ଦୂରେଇ ରହୁଛନ୍ତି । ଏସବୁ ସତ୍ତ୍ୱେ ଆମକୁ ଗ୍ରହଣ କରିବାକୁ ହେବଯେ, ଲୋକମିଥ୍ ତାଙ୍କ ସମାଜର ସାଂସ୍କୃତିକ ଅଭିପ୍ରାୟକୁ ଅବଧାରଣ କରିବାରେ ଅତ୍ୟନ୍ତ ସମର୍ଥ ।

**ସହାୟକ ଗ୍ରନ୍ଥସୂଚୀ :**

1. Tribal Myths of Odisha - Vol-I; Elwin, Verrier, Prafulla Pathagara, Jagatsinghpur.
2. Bondo High Lender; Elwin, Verrier, Oxford University Press, 1950.
୩. ରେମୋ; ପାତ୍ର, ଦେବାଶିଷ, ଓଡ଼ିଆ ସାହିତ୍ୟ ଏକାଡ଼େମୀ, ୨୦୧୮ ।
4. The New Comparative Mythology, Berkley, 1966.

❖ ❖ ❖

DOI :https://doi.org/10.5281/zenodo.17550498

ମୂଳ ପ୍ରବନ୍ଧ

# ଓଡ଼ିଆ କ୍ୟାମ୍ପସ୍ ଗଳ୍ପ ପ୍ରାଥମିକତାର ଅନୁସନ୍ଧାନ

**ଚନ୍ଦ୍ରିକାରାଣୀ ପଣ୍ଡା**

**ସଂକ୍ଷିପ୍ତସାର :**

ସମୟ ବଦଳିବା ସହିତ ସାହିତ୍ୟରେ ଯଦି ଗୋଟିଏ ଧାରା ଦୀର୍ଘକାଳ ଧରି ଅବ୍ୟାହତ ଅଥବା ଅପ୍ରତିହତ ରହେ କିମ୍ବା ପରିବର୍ତ୍ତନକୁ ଉପେକ୍ଷା କରି ପରମ୍ପରାର ସ୍ରୋତରେ ଭାସିଚାଲେ ଯଦି ସାହିତ୍ୟର କଳାଶିଳ୍ପ ତେବେ ଏହା ଅଭିନବତାର ଐଶ୍ୱର୍ଯ୍ୟରୁ ବଂଚିତ ହୁଏ। ଏହା ଦ୍ୱାରା ଏକ ବିଶେଷ ଜାତିର ସ୍ୱାଷ୍ଟାପଣର ଭବିଷ୍ୟତଟି ହୋଇଉଠେ ଅନିଶ୍ଚିତ, ବିଡ଼ମ୍ବିତ ଏବଂ ବିପର୍ଯ୍ୟସ୍ତ। ତେଣୁ ପରିବର୍ତ୍ତନ ହିଁ ଗତିଶୀଳତାର ପ୍ରାଣପ୍ରାଚୁର୍ଯ୍ୟକୁ ସର୍ବଦା ମୁଖର ରୂପେ ପ୍ରତିପାଦିତ କରିଥାଏ। ତେଣୁ ପରିବର୍ତ୍ତନ ଏକ ଜାତି ତଥା ଜାତୀୟ ସାହିତ୍ୟ ପାଇଁ ହେଉଛି ଶ୍ରେଷ୍ଠ ଆଶୀର୍ବାଦ। ପ୍ରାଥମିକ ପର୍ଯ୍ୟାୟର ଗଳ୍ପକୁ ଦେଖିଲେ ତାହାର ରୂପରେଖ ଯାହା ଥିଲା ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହାର ରୂପରେଖ ବଦଳିଗଲା। ଇଂରେଜ ଶାସନର ପରିଣତି ସ୍ୱରୂପ ନୂତନ ଶିଳ୍ପ ସଭ୍ୟତା, ଜ୍ଞାନବିଜ୍ଞାନ, ପ୍ରଯୁକ୍ତିବିଦ୍ୟାର ପରିସୀମା ବୃଦ୍ଧି ଫଳରେ ଏହାର ଯଥେଷ୍ଟ ପ୍ରଭାବ ଦେଖାଗଲା କ୍ଷୁଦ୍ରଗଳ୍ପରେ। ସ୍ୱାଧୀନତା ପରେ ସାମାଜିକ ଜୀବନ ପରିବର୍ତ୍ତିତ ହେଲା। ନାରୀ, ପୁରୁଷ ଭିତରେ ଥିବା ତାରତମ୍ୟଗତ ସମ୍ପର୍କ ଇତ୍ୟାଦିର ପରିଭାଷା ବଦଳିବାକୁ ଲାଗିଲା। ଅନୁରୂପେ ଇଂରାଜୀ ଶିକ୍ଷାର ଆରମ୍ଭ ହେଲା, ଯଦ୍ୱାରା ଓଡ଼ିଶାରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ସୃଷ୍ଟି ହେଲା। ଫଳରେ ସମାଜରେ ନାରୀ ପୁରୁଷ ଉଭୟ ଶିକ୍ଷିତ ହେଲେ। ସମାଜରେ ସ୍ୱଚ୍ଛନ୍ଦରେ ଜୀବନ ନିର୍ବାହ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଶିକ୍ଷା ମଧ୍ୟ ହୋଇଗଲା ଏକ ମୌଳିକ ଆବଶ୍ୟକତା। ନବଶିକ୍ଷିତମାନଙ୍କ ପାଇଁ ଅନୁରୂପେ ଶିକ୍ଷାକ୍ଷେତ୍ର ବା କ୍ୟାମ୍ପସ୍ ଗୁଡ଼ିକର ଭୂମିକା ହୋଇଗଲା ଗୁରୁତ୍ୱପୂର୍ଣ୍ଣ। ସେହିପରି କ୍ୟାମ୍ପସ୍ ପାଲଟିଗଲା ତାରୁଣ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସ୍ମୃତି ବିଜଡ଼ିତ ମଣିଷ ନିମନ୍ତେ ପୁଣି ବୟସର ଅପରାହ୍ନରେ ଏହି କ୍ୟାମ୍ପସ୍ ପାଲଟିଗଲା ଏକ ରମଣୀୟ ସ୍ମୃତି ତୀର୍ଥ। ବିଶେଷ କରି ଗାଳ୍ପିକମାନେ ସ୍ପର୍ଶକାତର ଓ ସମ୍ବେଦନଶୀଳ ହୋଇଥିବାରୁ ନିଜର କ୍ୟାମ୍ପସ୍ ଜୀବନର ଅଭୁଲା ସ୍ମୃତିକୁ ସେମାନେ ଲିପିବଦ୍ଧ କରିବାକୁ ପ୍ରୟାସ କଲେ ସେମାନଙ୍କ ସ୍ୱରଚିତ କ୍ଷୁଦ୍ରଗଳ୍ପମାନଙ୍କରେ। ଏହାକୁ ଓଡ଼ିଆ କ୍ଷୁଦ୍ରଗଳ୍ପର ଏକ ଅଭିନବ ଧାରା ଭାବରେ ଅଭିହିତ କରିପାରିବା।

**ପ୍ରମୁଖ ଶବ୍ଦାବଳୀ:**

ଓଡ଼ିଆ କ୍ଷୁଦ୍ରଗଳ୍ପ, ଶିଳ୍ପସଭ୍ୟତା, ନବଜାଗରଣ, ଜ୍ଞାନବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା-ଶିକ୍ଷକ-ଶିକ୍ଷାୟତନ, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, କ୍ୟାମ୍ପସ୍, ଏଜୁକେସ୍ନାଲ ଡ଼ାଇମେନ୍ସନ, ନୂତନ ଶୈଳୀ।

## ପ୍ରସଙ୍ଗ:

ସୁଦୂର ଅତୀତରୁ କାହାଣୀ କହିବା ଓ ରଚନା କରିବାର ପରମ୍ପରା ପୃଥିବୀର ପ୍ରାୟ ବିଭିନ୍ନ ଦେଶରେ ତଥା ଭାଷାରେ ରହିଛି।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.17550498

Article No - BPP00334

**ଯୋଗାଯୋଗ :**

**ଡ଼କ୍ଟର ଚନ୍ଦ୍ରିକାରାଣୀ ପଣ୍ଡା,** ଅଧ୍ୟାପିକା ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ,ରାଉରକେଲା,ସେକ୍ଟର-୨

**Email :** chandrikaranipanda3@gmail.com

**ORCID ID :** https://orcid.org/0009-0001-6930-2985

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୬.୨୦୨୫ | ୧୦.୦୭.୨୦୨୫ | ୨୮.୦୮.୨୦୨୫ | ୧.୦୯.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପଣ୍ଡା, ଚନ୍ଦ୍ରିକାରାଣୀ; ୨୦୨୫। ଓଡ଼ିଆ କ୍ୟାମ୍ପସ୍ ଗଳ୍ପ ପ୍ରାଥମିକତାର ଅନୁସନ୍ଧାନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଚ; ପୃଷ୍ଠା :୨୦-୩୩।

କିନ୍ତୁ ପ୍ରକୃତରେ କ୍ଷୁଦ୍ରଗଳ୍ପର ସୃଷ୍ଟି ହୋଇଛି ମଧ୍ୟଯୁଗୀୟ ସମଷ୍ଟି ଚେତନା ସହିତ ଆଧୁନିକ ଯୁଗର ବ୍ୟକ୍ତିବୋଧର ସଂଘାତରୁ। ତେଣୁ କ୍ଷୁଦ୍ରଗଳ୍ପରେ ବିଶେଷ କରି ଏକ ସମଷ୍ଟିଗତ ବ୍ୟକ୍ତି-ଜିଜ୍ଞାସା ପ୍ରାଧାନ୍ୟ ଲାଭ କଲା। ବିଶ୍ୱସାହିତ୍ୟରେ ସର୍ବପ୍ରଥମେ ଇରଭିଂ ହିଁ ପ୍ରଥମେ ପରୀକ୍ଷା କରି ଦେଖାଇଲେ ଗଦ୍ୟରେ ମଧ୍ୟ କାହାଣୀକୁ ଏକ ସ୍ୱତନ୍ତ୍ର ଶୈଳୀରେ ପ୍ରକାଶ କରାଯାଇପାରିବ, ଯାହାର ଥିବ ନିଜସ୍ୱ ନିୟମ ଓ ବ୍ୟକ୍ତିତ୍ୱ। କ୍ଷୁଦ୍ରଗଳ୍ପରେ କ୍ୟାମ୍ପସ୍ ନୁହେଁ ପ୍ରଥମେ ସାହିତ୍ୟରେ କ୍ୟାମ୍ପସ୍ କଥାକୁ ଆସିଲେ ଆମେ ଦେଖୁ କେବଳ ଓଡ଼ିଆ ନୁହେଁ ଏହା ପୂର୍ବରୁ ବିଭିନ୍ନ ପାଶ୍ଚାତ୍ୟ ତଥା ଭାରତୀୟ ସାହିତ୍ୟରେ ଏହି କ୍ୟାମ୍ପସ୍ ପ୍ରସଙ୍ଗକୁ ଭିତ୍ତିକରି ସାହିତ୍ୟ ସୃଷ୍ଟି ହୋଇଥିବାର ନିଦର୍ଶନ ମିଳେ। କ୍ୟାମ୍ପସ୍ ଶବ୍ଦଟିର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି 'campu'। ଏହା ଏକ ଲାଟିନ୍ ଶବ୍ଦ। ଏହା ସର୍ବପ୍ରଥମେ ୧୭୭୪ରେ Princeton university ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା। ଦେଖାଯାଏ ଯଦିଓ ଲାଟିନ୍ ଶବ୍ଦରୁ ଏହି କ୍ୟାମ୍ପସ୍ ଶବ୍ଦଟିର ଜନ୍ମଜାତକ ପ୍ରସ୍ତୁତ। ଏହାଛଡ଼ା ବିଭିନ୍ନ ପାଶ୍ଚାତ୍ୟ ଭାଷାମାନଙ୍କରେ ଏହି କ୍ୟାମ୍ପସ୍‌ର ରହିଛି ସାମାନ୍ୟ ବ୍ୟତିକ୍ରମ ଜନିତ ଭିନ୍ନ ଭିନ୍ନ ନାମ। ଯେମିତିକି ଜର୍ମାନ୍‌ରେ 'kamph', ସ୍ୱେଡ଼ନ୍‌ରେ 'kamp', ପର୍ତ୍ତୁଗାଲ୍‌ରେ 'campo', ସ୍ପେନ୍‌ରେ'campo', ରୁଷିଆରେ 'kamayc' ତାଛଡ଼ା ଆର୍ନ୍ତଜାତୀୟ ଧ୍ୱନ୍ୟାଲିପି (IPA) ରେ 'campus'କୁ kaemes/. ଏହିପରି ଭାବରେ ଲେଖାଯାଏ। ଇଂରାଜୀ Wikipedia ଅନୁସାରେ କ୍ୟାମ୍ପସ୍‌ର ସଂଜ୍ଞା ହେଉଛି "A campus is traditionally the land on which a college or university & related institutions are situated"। ଅର୍ଥାତ୍ କ୍ୟାମ୍ପସ୍ କହିଲେ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ତଥା ସମଜାତୀୟ ଶିକ୍ଷାନୁଷ୍ଠାନକୁ ବିଶେଷ କରି ବୁଝାଏ। ସେହିପରି ଇଂଲିସ୍ Appର ଅଭିଧାନ ଅନୁଯାୟୀ "An institution of higher education and it's ambience" ତେଣୁ କ୍ୟାମ୍ପସ୍‌ର ଉଦ୍ଦେଶ୍ୟ ଏବଂ ଆକାଂକ୍ଷା ହେଉଛି ଉଚ୍ଚଶିକ୍ଷା। ପୁନଶ୍ଚ କ୍ୟାମ୍ପସ୍‌ର ସଂଜ୍ଞା ନିରୂପଣ ବେଳେ ଦେଖୁ Google English free dictionary **ଅନୁସାରେ** "An area of ground or group of buildings belonging to school, college or *university*." ସେହିପରି 'English to ଓଡ଼ିଆ' ଫୋନ୍ ଅଭିଧାନ ଅନୁସାରେ 'campus' ପରିସର, ବିଦ୍ୟାଳୟ, ମହାବିଦ୍ୟାଳୟ ହତା, ବିଦ୍ୟାବିହାର। ଓଡ଼ିଆରେ କ୍ୟାମ୍ପସ୍‌ଗଳ୍ପର କୌଣସି ସ୍ୱତନ୍ତ୍ର ସଂଜ୍ଞା ନଥିବା ହେତୁ ତେଣୁ ଇଂରାଜୀ ଭାଷାରୁ ଏହାର ସଂଜ୍ଞା ନିରୂପଣ କରି ଏହାର ଏକ ସୂକ୍ଷ୍ମ ତଥା ସାଙ୍କିକ ଦିଗ ପ୍ରତି ଏଠାରେ ସୂଚନା ପ୍ରଦାନ କରାଗଲା।

**କ୍ୟାମ୍ପସ୍ ଗଳ୍ପ:**

କୌଣସି ବିଦ୍ୟାଳୟ, ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟକୁ ନେଇ ଯଦି କୌଣସି ଗଳ୍ପ ରଚନା କରାଯାଇଥାଏ ଏବଂ ଉକ୍ତ ଗଳ୍ପଟିରେ କ୍ୟାମ୍ପସ୍ ଏକ ମୁଖ୍ୟ ଭୂମିକା ନିର୍ବାହ କରୁଥାଏ ତେବେ ସେହି ଗଳ୍ପଟିକୁ ଆମେ କ୍ୟାମ୍ପସ୍ ଗଳ୍ପର ପର୍ଯ୍ୟାୟଭୁକ୍ତ କରିପାରିବା। ଏହି ଧରଣର ଗଳ୍ପରେ ପୃଷ୍ଠଭୂମି ହେଉଛି 'କ୍ୟାମ୍ପସ୍' ଏହି କ୍ୟାମ୍ପସ୍ ହୋଇପାରେ ବିଦ୍ୟାଳୟ, ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟର। ଗଳ୍ପ ଉତ୍ପତ୍ତିର ମୁଖ୍ୟ କେନ୍ଦ୍ର ଏଠାରେ ହୋଇଥାଏ କ୍ୟାମ୍ପସ୍। ଏହି ଧରଣର ଗଳ୍ପରେ ଗାଳ୍ପିକ ପ୍ରମୁଖ ଚରିତ୍ର ଗୁଡ଼ିକ ଗ୍ରହଣ କରିଥାନ୍ତି କ୍ୟାମ୍ପସ୍‌ରୁ। ଯେହେତୁ ଏହି ଗଳ୍ପମାନଙ୍କରେ କ୍ୟାମ୍ପସ୍ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ସେହି ଦୃଷ୍ଟିରୁ ଏହି ଗଳ୍ପଗୁଡ଼ିକୁ ଏକ ସ୍ୱତନ୍ତ୍ର ନାମ ଦିଆଯାଇପାରେ 'କ୍ୟାମ୍ପସ୍ ଗଳ୍ପ'।

**'କ୍ୟାମ୍ପସ୍ ଗଳ୍ପ'ର ସ୍ୱରୂପ:**

୧- କ୍ୟାମ୍ପସ୍ ଗଳ୍ପ ମୁଖ୍ୟତଃ ଯେକୌଣସି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ କିମ୍ବା ସମଜାତୀୟ ଶିକ୍ଷାନୁଷ୍ଠାନକୁ ନେଇ ରଚିତ ହୋଇଥାଏ।

୨- ମୁଖ୍ୟତଃ ଏହି ଧରଣର ଗଳ୍ପମାନଙ୍କରେ ପ୍ରେମ, ବନ୍ଧୁତା, ଖଟି, ମଜା, ମସ୍ତି ଓ ଚପଳାମିର ଚିତ୍ର ଦେଖାଯାଏ।

୩- ହଷ୍ଟେଲ୍ ଓ କ୍ୟାମ୍ପସ୍‌ର ବାସ୍ତବ ଅନୁଭୂତି କ୍ୟାମ୍ପସ୍ ଗଳ୍ପରେ ରହିଥାଏ।

୪- କ୍ୟାମ୍ପସ୍ ଗଳ୍ପରେ ବାସ୍ତବତା ଅଧିକ ଓ କଳ୍ପନାର ପରିମାଣ କମ୍ ଦେଖାଯାଏ।

୫- କ୍ୟାମ୍ପସ୍‌ରେ ସମ୍ଭ୍ରାନ୍ତ ଶ୍ରେଣୀୟ ଭାଷାର ପ୍ରୟୋଗ ଦେଖାଯାଏ।

୬- କ୍ୟାମ୍ପସ୍ ଗଳ୍ପର ଭାଷାରେ କାବ୍ୟିକତା ଦେଖାଯାଏ।

୭- ଅନେକ ସମୟରେ କ୍ୟାମ୍ପସ୍ ଗଳ୍ପରେ ସତ୍ୟ ଘଟଣା ଚିତ୍ରିତ ହୋଇଥାଏ।

୮- କ୍ୟାମ୍ପସ୍ ଗଳ୍ପରୁ ତତ୍‌କାଳୀନ ଶିକ୍ଷା, ଶିକ୍ଷାବ୍ୟବସ୍ଥା ଏବଂ ଛାତ୍ର ଛାତ୍ରୀଙ୍କର ଶିକ୍ଷା ପ୍ରତି ଆନ୍ତରିକତା ସମ୍ପର୍କରେ ଜାଣିହୁଏ।

୯- ବିଶ୍ୱ ଓ ସମାଜର ଏକ ଅଣୁରୂପ ହେଉଛି କ୍ୟାମ୍ପସ୍ ଗଳ୍ପ।

୧୦- ବ୍ୟକ୍ତିର ବୌଦ୍ଧିକ ବିକାଶର କ୍ଷେତ୍ର ହେଉଛି କ୍ୟାମ୍ପସ୍।

୧୧- ଛାତ୍ର,ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ପ୍ରଧାପକ, ପ୍ରଧାପିକା, ଗବେଷକ, ଗବେଷିକା, ଶ୍ରେଣୀଗୃହ, ଖେଳପଡ଼ିଆ, ପାଠାଗାର, ପାଣିଟାଙ୍କି, କ୍ୟାଣ୍ଟିନ୍, ହଷ୍ଟେଲ୍, ଇତ୍ୟାଦି ହେଉଛି କ୍ୟାମ୍ପସ୍ ଗଳ୍ପର ଗୋଟିଏ ଗୋଟିଏ ଅଙ୍ଗ।

୧୨- କ୍ୟାମ୍ପସ୍ କେବଳ ଶିକ୍ଷା ନୁହେଁ ଜାତୀୟ ରାଜନୀତିର ମଧ୍ୟ କେନ୍ଦ୍ରବିନ୍ଦୁ।

**୧୩-** କ୍ୟାମ୍ପସ୍ କେବଳ ଶିକ୍ଷାକ୍ଷେତ୍ର ନୁହେଁ ବରଂ ଏକ ସମ୍ଭାବନାର କ୍ଷେତ୍ର ମଧ୍ୟ ଯେଉଁସବୁର ସଫଳ ରୂପାୟନ କ୍ୟାମ୍ପସ୍ ଆଧାରିତ କ୍ଷୁଦ୍ରଗଳ୍ପମାନଙ୍କରେ ଦେଖିବାକୁ ପାଇଥାଉ ।

**କ୍ୟାମ୍ପସ୍ ଗଳ୍ପର ବୈଶିଷ୍ଟ୍ୟତା:**

କ୍ଷୁଦ୍ରଗଳ୍ପର ସୃଷ୍ଟି ପରଠାରୁ ଏଯାବତ୍ ବିଭିନ୍ନ ନୂତନ ଚିନ୍ତା, ଚେତନା ତଥା ଗତି ପ୍ରକୃତି ଏବଂ ବୈଚିତ୍ର୍ୟତାକୁ ନେଇ ଆଜି ଏକବିଂଶ ଶତାବ୍ଦୀରେ ପହଂଚିଛି ଏହି ଅଭିନବ କ୍ଷୁଦ୍ରଗଳ୍ପର ଧାରା। କେବଳ ଏତିକି ନୁହେଁ କାହାଣୀ ମଧ୍ୟ ଗତାନୁଗତିକତାରୁ ମୁକ୍ତ ହୋଇଛି। ଯାହାଫଳରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି କ୍ଷୁଦ୍ରଗଳ୍ପରେ। ପରିବର୍ତ୍ତନର ଧାରା ଭିତରେ ଅନ୍ୟତମ ନୂତନ ଆବିଷ୍କାର ହେଉଛି 'କ୍ୟାମ୍ପସ୍ ଗଳ୍ପ'। ଏହାର ବୈଶିଷ୍ଟ୍ୟତା ହେଉଛି ଏହି ଧରଣରେ ଗଳ୍ପଗୁଡିକ ଘଟଣା ପ୍ରଧାନ। କାରଣ କ୍ୟାମ୍ପସ କୈନ୍ଦ୍ରୀକ ପ୍ରତ୍ୟେକ ଗଳ୍ପରେ ରହିଥାଏ ଛାତ୍ର-ଛାତ୍ରୀଙ୍କ ସମ୍ପର୍କିତ ଅନେକ ଘଟଣା ତଥା ଉପଘଟଣା ଯାହା ଉପରେ କି କ୍ୟାମ୍ପସ୍ ଗଳ୍ପଗୁଡିକ ପର୍ଯ୍ୟବେସିତ ହୋଇଥାଏ। ଏହି ଧରଣରେ ଗଳ୍ପରେ ପରିବେଶ ଏକ ସଂକ୍ଷିପ୍ତ କ୍ଷେତ୍ର ଅର୍ଥାତ୍ କୌଣସି ଏକ ଶିକ୍ଷାନୁଷ୍ଠାନ ହିଁ ଏହି ଧରଣର ଗଳ୍ପରେ ପ୍ରମୁଖ କେନ୍ଦ୍ରବିନ୍ଦୁ, ସମୁଦାୟ ଗଳ୍ପଟିର ଭୂମି ଯାହା ଉପରେ ସମଗ୍ର ଗଳ୍ପଟି ଠିଆ ହୋଇଥାଏ। କ୍ୟାମ୍ପସ୍ ଗଳ୍ପଗୁଡିକର ଚରିତ୍ରମାନେ ମଧ୍ୟ ମୁଖ୍ୟତଃ ! କ୍ୟାମ୍ପସ୍ ଭିତରର। ଏହି ଧରଣର ଗଳ୍ପରେ ଛାତ୍ରଛାତ୍ରୀଙ୍କ ଜୀବନର ବହୁମୁଖୀ ଦିଗ ନିର୍ଦ୍ଦେଶ କରାଯାଇଥାଏ। ପ୍ରେମ,ରାଜନୀତି ସମେତ ଏହି ଗଳ୍ପଗୁଡିକରୁ କ୍ୟାମ୍ପସ୍‌ରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ତଥା ତରୁଣମାନଙ୍କର ମନୋଭାବ ତଥା ମନସ୍ଥିତି ସମ୍ପର୍କରେ ମଧ୍ୟ ଅନେକାଂଶରେ ସୂଚନା ମିଳେ। ଏହି ଧରଣର ଗଳ୍ପରେ ଫ୍ଲାସ୍ ବ୍ୟାକ୍, ବିଭଙ୍ଗନ, ନାଟକୀୟ, ମେଟାଫିକ୍ସନ, କାବ୍ୟିକ ଭାଷା, ବର୍ଣ୍ଣନାତ୍ମକ ଶୈଳୀ, ଦୀର୍ଘଶୀର୍ଷକ, ଇତ୍ୟାଦି ଏହି ଧରଣର ଶୈଳୀ ଦୃଷ୍ଟିଗୋଚର ହୋଇଥାଏ। ତେଣୁ ଆମେ କହିପାରିବା ଆଧୁନିକ କ୍ଷୁଦ୍ରଗଳ୍ପରେ ହେଇ ଆସୁଥିବା ନାନା ପରୀକ୍ଷା ନିରୀକ୍ଷା ଭିତରୁ ଏହା ମଧ୍ୟ ଏକ ନୂତନ ପରୀକ୍ଷା। ଯାହାକି ଛାତ୍ର-ଛାତ୍ରୀ ତଥା ଶିକ୍ଷାନୁଷ୍ଠାନଭିତ୍ତିକ ସାହିତ୍ୟ କ୍ଷେତ୍ରର ଆଲୋଚନା ପାଇଁ ଏକ ଦିଗ ନିର୍ଦ୍ଦେଶ କରେ। ସାହିତ୍ୟରେ ମଣିଷ ଠାରୁ ଗଛ, ଲତା, ଜୀବ, ଜନ୍ତୁ, ପାହାଡ଼, ଝରଣା, ଫୁଲ, ଫଗୁଣ ଇତ୍ୟାଦି କେତେ କେତେ କଥା କାହାଣୀରେ ରୂପାୟିତ ହୋଇଛି। ସେହି ଦୃଷ୍ଟିରୁ ଦେଖିଲେ 'କ୍ୟାମ୍ପସ ଗଳ୍ପ' ଗଳ୍ପ ସାହିତ୍ୟର ଏକ ନବଉନ୍ମୋଚିତ ଦିଗ। ଏବଂ କ୍ଷୁଦ୍ରଗଳ୍ପର ଅନ୍ୟାନ୍ୟ ଦିଗଠାରୁ ଏହାର ଯଥେଷ୍ଟ ସ୍ୱତନ୍ତ୍ରତା ତଥା ମୌଳିକତା ମଧ୍ୟ ରହିଛି।

**ଓଡ଼ିଆ 'କ୍ୟାମ୍ପସ୍ ଗଳ୍ପ' ପ୍ରାଥମିକତାର ଅନୁସନ୍ଧାନ:**

ଓଡ଼ିଆ ଗଳ୍ପଧାରାରେ ଫକୀରମୋହନ ଯେଉଁ ବୀଜ ରୋପଣ କରିଥିଲେ ଆଜି ତାହା ମହାଦ୍ରୁମ। ଅଧୁନା ଗତାନୁଗତିକ ଧାରାରୁ ମୁକୁଳି ଗଦ୍ୟସ୍ରଷ୍ଟାମାନେ ସମାଜ ତଥା ବ୍ୟକ୍ତି ଜୀବନର ବିଭିନ୍ନ ଅଂଶକୁ ନିଜ ସର୍ଜନାର ନମୁନା ଭାବେ ଗ୍ରହଣ କରିଛନ୍ତି। ଏହିପରି ଭାବରେ ଦେଖିଲେ ୧୯୬୦ ପରବର୍ତ୍ତୀ ସମୟରେ କେତେକ ଓଡ଼ିଆ କଥାଶିଳ୍ପୀଙ୍କ ଗଳ୍ପରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ , ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ର ଚିତ୍ର ଦେଖିବାକୁ ମିଳେ। ସୁତରାଂ ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶଧାରାରେ ଏକ ନୂତନ ତଥା ଅଭିନବ ରୂପ ଭାବେ 'କ୍ୟାମ୍ପସ୍ ଗଳ୍ପ' କୁ ଗ୍ରହଣ କରାଯିବାରେ କୌଣସି ଅସୁବିଧା ନାହିଁ। ପରିବର୍ତ୍ତନର ଧାରାରେ କେତେକ କଥାଶିଳ୍ପୀଙ୍କ ଅଜାଣତରେ ମଧ୍ୟ ତାଙ୍କ ଗଳ୍ପରେ କ୍ୟାମ୍ପସ୍ ପ୍ରସଙ୍ଗ ପ୍ରତିଭାତ ହେବାକୁ ଲାଗିଲା। କେତେକ କ୍ୟାମ୍ପସ୍‌ରେ ଥିବା ସମୟରେ କ୍ୟାମ୍ପସର ସଦ୍ୟ ସଜଳ ଅନୁଭବମାନଙ୍କୁ ନେଇ ଗଳ୍ପ ରଚନା କରିବାକୁ ଲାଗିଲା ବେଳେ ଆଉ କେତେକ କ୍ୟାମ୍ପସ ଛାଡ଼ିବାର ବହୁଦିନ ପରେ କ୍ୟାମ୍ପସର ସ୍ମୃତି ରୋମନ୍ଥନ କରି ଗଳ୍ପ ରଚନା କଲେ। ଅତଏବ, ଓଡ଼ିଆ ଗଳ୍ପରେ କ୍ୟାମ୍ପସ ପ୍ରସଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ଅବତରିବା ଆରମ୍ଭ କଲା। ସେହିପରି କେତେକ ଗଳ୍ପରେ ଏହି କ୍ୟାମ୍ପସ୍ ପ୍ରସଙ୍ଗର ଖୁବ୍ ଶକ୍ତିଶାଳୀ ପ୍ରଭାବ ପରିଲକ୍ଷିତ ହେଲା। ଯେଉଁ ଗଳ୍ପଗୁଡ଼ିକୁ ଆମେ କ୍ୟାମ୍ପସ୍ ଗଳ୍ପର ପର୍ଯ୍ୟାୟଭୁକ୍ତ କରିପାରିବା। ଆମେ କହିପାରିବା ଆଧୁନିକ ଓଡ଼ିଆ ଗଳ୍ପର ଏକ ନୂତନ ତଥା ଅଭିନବ ରୂପ ହେଉଛି କ୍ୟାମ୍ପସ୍ ଗଳ୍ପ। ଆମେ କହିପାରିବା କ୍ୟାମ୍ପସ୍ ହେଉଛି ଏକ ମିନିବିଶ୍ୱ(ଙ୍କସଭସ ଙ୍କକ୍ସକ୍ଷୟ) ଯାହାର ସଂକ୍ଷିପ୍ତ ପରିସର ଭିତରେ ସମୁଦାୟ ବିଶ୍ୱକୁ ଦେଖିପାରିବା ଏବଂ ଦେଖାଇପାରିବାର ସୁଯୋଗ ନିହିତ ଥାଏ। ତେଣୁ,କହିପାରିବା ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ପାଇଁ ତାର କ୍ୟାମ୍ପସ୍ ଜୀବନରେ ଦିନଗୁଡ଼ିକ ହେଉଛି ଖୁବ୍ ସ୍ମୃତି ବିଜଡ଼ିତ କାରଣ କ୍ୟାମ୍ପସ୍‌ରେ ଜଣେ ନିଜ ଭିତରର କଳାକୁ ଯେତେ ମୁକ୍ତ ଓ ସ୍ୱଚ୍ଛନ୍ଦ ଭାବରେ ପ୍ରକାଶ କରିପାରିବ ଅନ୍ୟ କେଉଁଠି ସେପରି କରିପାରିବ ନାହିଁ କିମ୍ବା ସୁଯୋଗ ମଧ୍ୟ ପାଇବ ନାହିଁ। ପାଠ ସହ କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ଚିତ୍ର, ଖେଳକୁଦ, ଇତ୍ୟାଦି ସମସ୍ତ ପ୍ରତିଭାର ପରିସ୍ଫୁଟନର କ୍ଷେତ୍ର ହେଉଛି କ୍ୟାମ୍ପସ୍। ଧିରେ ଧିରେ ବ୍ୟକ୍ତି ଓ ସମାଜର ଅଗ୍ରଗତୀ ଫଳରେ ଆବଶ୍ୟକତା ମଧ୍ୟ ତଦନୁରୂପ ବଢ଼ିଚାଲିଛି। ଠିକ୍ ସେହିପରି ଆଧୁନିକ ମଣିଷ ପାଇଁ ଶିକ୍ଷା ମଧ୍ୟ ହୋଇଯାଇଛି ଏକ ମୌଳିକ ଆବଶ୍ୟକତା ତେଣୁ ଶିକ୍ଷା ପାଇଁ ସଭିଏଁ ଲୋଡ଼ିଲେ କ୍ୟାମ୍ପସ୍। ଏହି କ୍ୟାମ୍ପସ୍‌ର ସଦ୍ୟ ଅନୁଭବ ଓ ଅନୁଭୂତି ଅନେକ କଥାଶିଳ୍ପୀଙ୍କ କଲମରେ ଗଳ୍ପାକାର ପାଇଛି। ପ୍ରାଥମିକ ପର୍ଯ୍ୟାୟରେ ଯେଉଁ କେତେଜଣ ଗଦ୍ୟସ୍ରଷ୍ଟାଙ୍କ ଗଳ୍ପରେ କ୍ୟାମ୍ପସ୍‌ର ଆଦ୍ୟ ଚିହ୍ନ ଦେଖାଯାଇଥିଲା ସେମାନେ ହେଲେ ପ୍ରାଣବନ୍ଧୁ କର, ବ୍ରହ୍ମାନନ୍ଦ ପଣ୍ଡା, ରାଜକିଶୋର ରାୟ, ଅଖିଳମୋହନ ପଟ୍ଟନାୟକ, ଗୋପାଳ ଛୋଟରାୟ, ମହାପାତ୍ର ନୀଳମଣି ସାହୁ, କିଶୋରୀ ଚରଣ ଦାସ,

ରାମଚନ୍ଦ୍ର ବେହେରା, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ଶ୍ରୀ ଚନ୍ଦ୍ରଭାନୁ ଶତପଥୀ, ଶ୍ରଦ୍ଧାକର ସୂପକାର, ଯଦୁନାଥ ଦାଶ ମହାପାତ୍ର, ଡ଼କ୍ଟର୍ ଗୁରୁପ୍ରସାଦ ମହାନ୍ତି, ଶକୁନ୍ତଳା ପଣ୍ଡା, କୃଷ୍ଣପ୍ରସାଦ ମିଶ୍ର, ରଜନୀକାନ୍ତ ମହାନ୍ତି, କଇଳାଶ ପଟ୍ଟନାୟକ, ପ୍ରମୋଦ କୁମାର ମହାପାତ୍ର, ଇତ୍ୟାଦି ପ୍ରମୁଖ।

କ୍ୟାମ୍ପସ୍ ଗଳ୍ପ ଆଲୋଚନା ପରିପ୍ରେକ୍ଷୀରେ ଡ଼କ୍ଟର ଆର୍ଯ୍ୟକୁମାର ହର୍ଷବର୍ଦ୍ଧନଙ୍କ ଉକ୍ତିଟି ଗ୍ରହଣଯୋଗ୍ୟ "କଲେଜ କ୍ୟାମ୍ପସ୍ ତାରୁଣ୍ୟର ତିରେ ଚହଲା ମନର ଏକ ଅପାସୋରା କୋରସ୍। ଜୀବନର ମହାର୍ଘ ମୁହୂର୍ତ୍ତମାନଙ୍କୁ ନିଜ ମର୍ଜିରେ ବଂଚିବାର ଏକ ଅଥକ ପ୍ରୟାସ। କ୍ୟାମ୍ପସ୍ କାହା ମନରେ ଖେଳାଏ ଅଫୁରନ୍ତି ବିନ୍ଦାସ୍ ତ ଆଉ କାହା ମନରେ ଆବୋରି ଆଣେ ହତାଶ। କଲେଜ କ୍ୟାମ୍ପସ୍ ଜୀବନ ଯାତ୍ରାରେ ଆଗକୁ ଲକ୍ଷ୍ୟ ନିର୍ଣ୍ଣୟ କରିବାର ଏକ ନିର୍ଯ୍ୟାସ୍।" (୦୧)

ପ୍ରାଥମିକ ପର୍ଯ୍ୟାୟରେ ଅଖିଳମୋହନ ପଟ୍ଟନାୟକଙ୍କ 'ଚନ୍ଦ୍ରର ଅଭିଶାପ' ଗଳ୍ପରେ କଲେଜ କ୍ୟାମ୍ପସ୍‌ର ଚିତ୍ର ସଫଳ ଦେଖାଯାଇଛି। ଗଳ୍ପଟିର ଦୁଇଟି ମୁଖ୍ୟ ଚରିତ୍ର ସୀମାଦ୍ରି ଓ ସରୋଜ ଦୁହେଁ ହେଉଛନ୍ତି ସିଟି କଲେଜ୍‌ରେ ପଢୁଥିବା ସମୟରେ ଦୁହିଁଙ୍କ ଭିତରେ ଗଢିଉଠିଥିଲା ପ୍ରେମ। କିନ୍ତୁ, ସେ ପ୍ରେମ ସଫଳ ହୋଇପାରି ନାହିଁ। ହଷ୍ଟେଲ୍ ଛାତରୁ ଖସି ପଡ଼ି ସୀମାଦ୍ରିର ଆକସ୍ମିକ ଅପମୃତ୍ୟୁ ହୋଇଛି। ଗାଳ୍ପିକଙ୍କ ଭାଷାରେ "ଗାର୍ଲସ ହଷ୍ଟେଲ୍ ପଡ଼ିଆରେ ଅନେକ ଲୋକଙ୍କ ଭିଡ଼ ଜମିଛି। ସୀମାଦ୍ରି ଛାତ ଉପରୁ ପଡ଼ିଯାଇଛି ଅସତର୍କ ହୋଇ। ସରୋଜ ବି ଆସିଛି ସେଠିକି। ସୀମାଦ୍ରିର ମୁଣ୍ଡ ଖପୁରିଟା ଛେଚି ହୋଇଯାଇ ମୁହଁଟା କିପରି ବିକୃତ ଦେଖାଯାଉଛି।"(୦୨) ଏହା ପରେ ଦୀର୍ଘ ଦଶବର୍ଷ ବିତି ଯାଇଛି ସରୋଜ ନିଜ ସ୍ତ୍ରୀକୁ ନେଇ ଗାଡିରେ ସେଇବାଟ ଦେଇ ଯାଉଛି ଯେଉଁଠି ଦିନେ ବିସ୍ତୀର୍ଣ୍ଣ ବାଲି ଉପରେ ସୀମାଦ୍ରି ସହ ସେ ବିତାଇଥିଲା କେତେ କେତେ ସୁଖଦ ମୁହୂର୍ତ୍ତ, ଆଉ ମୃତ୍ୟୁ ପରେ ସେଇଠି ଅନ୍ତିମ ସଂସ୍କାର ହୋଇଥିଲା ସୀମାଦ୍ରିର। ବହୁ ବର୍ଷ ପରେ ସେଇବାଟ ଦେଇ ଯିବାବେଳେ ସରୋଜର ପୂର୍ବସ୍ମୃତି ସବୁ ସତେଜ ହୋଇ ଉଠିଛନ୍ତି। ପ୍ରକୃତରେ ଗଳ୍ପଟି ସଂଗଠିତ ହୋଇଛି ଦୁଇଟି କଲେଜ ପଢୁଆ ଛାତ୍ର, ଛାତ୍ରୀଙ୍କୁ ନେଇ ଯଦିଓ ଗଳ୍ପଟି ପରେ ଭିନ୍ନ ମୋଡ ନେଇଛି। ସରୋଜ ବିବାହ କରିଛି କିନ୍ତୁ ତା ମନରୁ କ୍ୟାମ୍ପସ୍ ଦିନର ପ୍ରେମ, ସୀମାଦ୍ରିର ସ୍ମୃତି ଲିଭିପାରିନାହିଁ। ଗଳ୍ପଟି ବିୟୋଗାନ୍ତକ ହେଲେ ହେଁ ହୃଦୟସ୍ପର୍ଶୀ।

ସେହିପରି ଆଧୁନିକ କଥାସାହିତ୍ୟର ଅନ୍ୟତମ ଯୋଗଜନ୍ମା। ଗାଳ୍ପିକ ରାଜକିଶୋର ରାୟଙ୍କର 'ବ୍ୟାକ୍‌ସିଟ୍' ନାମରେ ରହିଛି ଏକ କ୍ୟାମ୍ପସ୍ ଗଳ୍ପ। ଗଳ୍ପଟି ଆରମ୍ଭ ହୋଇଛି ଏକ ପ୍ରାଇଭେଟ୍ କଲେଜ କ୍ୟାମ୍ପସ୍‌ରୁ। ଗଳ୍ପଟିରେ ରହିଛି ପ୍ରାଇଭେଟ୍ କଲେଜର ବାତାବରଣ। ପ୍ରାଇଭେଟ୍ କଲେଜର ଛାତ୍ର,ଛାତ୍ରୀ ଙ୍କର କୋହଳ ମାନସିକତା। ପାଠ ନପଢ଼ି କପି କରି ବିପାଶ୍ କରିବାର ମନବୃତ୍ତି। ଏହା ସହ ବିଶ୍ୱବିଦ୍ୟାଳୟର ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କର ରହୁଛି ସକ୍ରିୟ ସହଯୋଗ। ଯାହା ଫଳରେ ପିଲାଙ୍କର ମଧ୍ୟ ଦାବୀ ଯିଏ ନୂଆ କରି କଲେଜକୁ ପ୍ରିନ୍‌ସିପାଲ୍ ଆସିଛନ୍ତି ସେ ମଧ୍ୟ ଏହି ନିୟମକୁ ମାନି ଚଳିବେ। ଘଟଣାଟି ଏହିପରି ଭାବରେ ଘଟିଛି ଇତିହାସର ଜଣେ ତରୁଣ ଅଧ୍ୟାପକ ପ୍ରାଇଭେଟ୍ କଲେଜଟିକୁ ପ୍ରିନ୍‌ସିପାଲ୍ ଭାବରେ ଆସିଛନ୍ତି ଏବଂ ପୂର୍ବରୁ କଲେଜରେ ଚାଲୁଥିବା କପି ପ୍ରଥାକୁ ସେ ବିରୋଧ କରିବାରୁ ସେଠାକାର ଛାତ୍ରସଂସଦ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସେ ଚରମ ପତ୍ର ପାଇ କଲେଜ ଛାଡ଼ିଛନ୍ତି। ଛାତ୍ର ସଂଘ ଆସି ପ୍ରିନ୍‌ସିପାଲ୍‌ଙ୍କୁ କହିଛନ୍ତି "ପ୍ରିନ୍‌ସିପାଲ୍ ମୋହଦୟ, ଆମର କପି କରିବା ଅଧିକାରକୁ ଆପଣ ଥରେ ନୁହେଁ, ବାରମ୍ୱାର କ୍ଷୁଣ୍ଣ କଲେ ସିପାହୀ ମାନଙ୍କୁ କଲେଜ ହତା ଭିତରକୁ ଆଣି ଆମକୁ ଭୟ ଦେଖାଇ। ଏ ଚାଲାଖି ଆଉ ଚଳିବ ନାହିଁ। ଆମେ ମାନୁଛୁ ବି.ଏ ଶ୍ରେଣୀର ଛାତ୍ର ହେଲେ ବି ଆମର ଜ୍ଞାନ ସପ୍ତମ ଶ୍ରେଣୀ ଯାଏଁ। ଆମ ଶିକ୍ଷକ ଆମକୁ ମୂଳରୁ ପରାମର୍ଶ ଦେଇ ଆସିଛନ୍ତି ସେମାନେ ପଢ଼େଇବେ ନାହିଁ ଆମେ ପଢିବୁ ନାହିଁ। ତେବେ ସବୁ ପ୍ରକାର କପି କରିବାକୁ ସୁବିଧା ସେମାନେ ଦେବେ। ଆପଣ ଆସିଲା ପରେ ଏ କଲେଜର ଅନୁସୃତ ପରମ୍ପରା ନଷ୍ଟ ହୋଇଗଲା।"(୦୩) ଗାଳ୍ପିକ ଶ୍ରୀ ରାୟଙ୍କର ଉକ୍ତ ଗଳ୍ପଟି ମାଧ୍ୟମରେ ପରିଦୃଷ୍ଟ ହୋଇଛି ପ୍ରାଇଭେଟ୍ କଲେଜ ମାନଙ୍କରେ ହେଉଥିବା ଅନୈତିକ ଶିକ୍ଷା ବ୍ୟବସ୍ଥା। ପ୍ରକୃତରେ କ୍ୟାମ୍ପସ୍ ହିଁ ଛାତ୍ର ଛାତ୍ରୀଙ୍କୁ ଜଣେ ଜଣେ ଉଚିତ ଉତ୍ତରଦାୟଦ ଭାବେ ନିରୂପଣ କରେ। କଥାରେ ତେଣୁ ଅଛି "ଆଜିର ଛାତ୍ର କାଲିର ନାଗରିକ" ତେବେ ଏଭଳି ଶିକ୍ଷା ବ୍ୟବସ୍ଥା ଯେ ପ୍ରକାରାନ୍ତରେ ଜାତୀୟ ଜୀବନକୁ ବିପଥଗାମୀ କରୁଛି ଏହାର ସଫଳ ନିଦର୍ଶନ ଗଳ୍ପଟିରେ ଦେଖାଯାଏ।

ସେହିପରି ଗାଳ୍ପିକ ବ୍ରହ୍ମାନନ୍ଦ ପଣ୍ଡାଙ୍କ 'କାମଃ କରୋତି ସର୍ବମ୍' ଗଳ୍ପରେ ଗାଳ୍ପିକ ଯଦିଓ କେଉଁ କ୍ୟାମ୍ପସ୍‌ର କଥା କହୁଛନ୍ତି ତାହା ଉଲ୍ଲେଖ କରି ନାହାନ୍ତି କିନ୍ତୁ ହିଁ ଗଳ୍ପଟିରୁ ବୁଝା ପଡୁଛି ଯେ ଏଠାରେ କୌଣସି ଏକ କଲେଜ କ୍ୟାମ୍ପସ୍‌ର ରହିଛି ଶକ୍ତିଶାଳୀ ଭୂମିକା। ଗଳ୍ପଟିର ଚରିତ୍ର ଦୁଇଜଣ ହେଲେ କଲେଜରେ ପଢୁଥିବା ଦୁଇଜଣ ଛାତ୍ର ଛାତ୍ରୀ। ଛାତ୍ରୀଟିର ନାମ ଛନ୍ଦା, ଛାତ୍ର ଜଣକ (ମୁଁ) ଭାବେ ଗଳ୍ପଟିରେ ଦଣ୍ଡାୟମାନ। ଦୁଇଜଣଙ୍କ ପ୍ରେମ ସଂଗଠିତ ହୋଇଥିଲା ଲାଇବ୍ରେରୀରୁ। "ଦିନେ କଲେଜ ଲାଇବ୍ରେରୀ ଭିତରକୁ ପଶିଲା ବେଳକୁ ଦେଖିଲି ସେ ବାହାରି ଆସୁଛି। ମତେ ଦେଖି ସେ ଦଶ ସେକେଣ୍ଡ ଅଟକିଗଲା। ଆଖିରେ ତାର କୌତୁକ ଭରା ଆନନ୍ଦ,ଅଧରରେ ଧାରେ କ୍ଷୀଣ ତଥା ଅର୍ଥପୂର୍ଣ୍ଣ ହସ। ସେ ହସର ଅର୍ଥ ହେଉଛି ମୋ ମନ ନେଇ ମୁଁ ଯାହା ଅନୁମାନ କଲି, ମତେ ତମେ ଭୁଲି ପାରିବନି।"(୦୪) ଯଦିଓ ପୂର୍ବରୁ

କୌଣସି ଏକ ବିବାହ ଉତ୍ସବରେ ଛାତ୍ରଟିର ଛନ୍ଦା ସହ ସାକ୍ଷାତ ହୋଇଥିଲା କିନ୍ତୁ ପ୍ରେମ ଗଢିଉଠିଥିଲା ଲାଇବ୍ରେରୀରୁ, କବିତା ଆଦାନ ପ୍ରଦାନରୁ। ବାସ୍ତବରେ କ୍ୟାମ୍ପସ୍ ହେଉଛି ଏକ ଏମିତି କ୍ଷେତ୍ର ଯେଉଁଠି ଅଧିକାଂଶ ଛାତ୍ରଛାତ୍ରୀଙ୍କର ପ୍ରେମର ଅଙ୍କୁରୋଦ୍‌ଗମ ହୋଇଥାଏ। କିନ୍ତୁ ସବୁ ପ୍ରେମ ବିବାହର ରୂପ ନେଇପାରେ ନାହିଁ। ଯାହା ଉକ୍ତ ଗଳ୍ପଟିରେ ପରିଲକ୍ଷିତ। ଛନ୍ଦା ବିବାହ କରିଛି ଆଉଜଣକୁ ଯାହାଫଳରେ ଦୁହିଁଙ୍କର ପ୍ରେମ ପ୍ରେମରେ ରହିଯାଇଛି।

ଅନେକ ସମୟରେ ଦେଖାଯାଏ କ୍ୟାମ୍ପସ୍‌ରେ ପଢୁଥିବା କେତେକ ଛାତ୍ର ଛାତ୍ରୀଙ୍କର ଏହି ଧାରଣା ଥାଏ କି ପାଠ ନପଢ଼ି, ବିନା ପରିଶ୍ରମରେ ପାଶ୍ କରିଯିବା। ପାଠ ନପଢ଼ି କପି କରି ପାଶ୍ କରିବା ତଥା କପି ଯୋଗାଇ ପାଶ୍ କରାଇଦେବା ର ଏକ କଦର୍ଯ୍ୟ ପରମ୍ପରା କେତେକ କ୍ୟାମ୍ପସ୍ ମାନଙ୍କରେ ମଧ୍ୟ ଦେଖାଯାଏ। ଯେଉଁଠି କି ପିଲାମାନେ କେବଳ କପି ଉପରେ ନିର୍ଭରଶୀଳ। ଏହିପରି ପ୍ରସଙ୍ଗକୁ ନେଇ ଗାଳ୍ପିକ ଶ୍ରୀ ଚନ୍ଦ୍ରଭାନୁ ଶତପଥୀଙ୍କର 'ଅଧ୍ୟାପକ ବ୍ରହ୍ମଦର୍ଶନଙ୍କ କଲେଜ' ଗଳ୍ପଟି ଏଠାରେ ପରିସରଭୁକ୍ତ। ଗଳ୍ପଟିରେ କ୍ୟାମ୍ପସ୍ ହେଉଛି ଚାରିଥର ପୃଥିବୀ ପରିଭ୍ରମଣ କରିଥିବା ବିଶ୍ୱବିଖ୍ୟାତ ପ୍ରଫେସର ଡ଼କ୍ଟର ବ୍ରହ୍ମଦର୍ଶନଙ୍କ କୋଚିଙ୍ଗ କଲେଜ। ଯେଉଁଠି କି ସ୍କୁଲ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଏ। ବିଶେଷ କରି ଏହି ଶିକ୍ଷାନୁଷ୍ଠାନଟି ବାରମ୍ବାର ଫେଲ୍ ହୋଇଥିବା ତଥା ପରୀକ୍ଷାରେ ପାଶ୍ କରିପାରୁନଥିବା ଛାତ୍ର ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। "ଯଦି କେହି ଛାତ୍ର ପରୀକ୍ଷାରେ ଫେଲ୍ ହୁଏ ତାହାହେଲେ ତାହାର ସଂପୂର୍ଣ୍ଣ ପଇସା ଫେରସ୍ତ ଦିଆଯିବ। ବିସ୍ତୃତ ବିବରଣୀ ପାଇଁ ନିମ୍ନଲିଖିତ ଠିକଣାରେ ସକାଳ ଆଠଟାରୁ ଦଶଟା ପର୍ଯ୍ୟନ୍ତ ପ୍ରଫେସର ଡ ବ୍ରହ୍ମଦର୍ଶନଙ୍କର ସେକ୍ରେଟାରୀ ଶ୍ରୀ ବିଶ୍ୱଦର୍ଶନଙ୍କ ସାଙ୍ଗରେ ସମ୍ପର୍କ ସ୍ଥାପନ କରନ୍ତୁ........ଇତ୍ୟାଦି।" (୦୫) ଅର୍ଥାତ୍ ଏହିପରି ଶିକ୍ଷାବ୍ୟବସ୍ଥା ଯେ ପ୍ରକାରାନ୍ତରେ ପିଲାମାନଙ୍କୁ ପ୍ରକୃତ ଶିକ୍ଷାରୁ ବଞ୍ଚିତ କରିବା ସହ ସେମାନଙ୍କୁ ବିପଥଗାମୀ କରୁଛି ଏହା ନିଃସନ୍ଦେହରେ କୁହାଯାଇପାରେ।

ପୁନଶ୍ଚ ଆଉ ଦୁଇଟି ଭାବୋଦ୍ଦୀପକ କ୍ୟାମ୍ପସ୍ ଗଳ୍ପ ହେଉଛି ଗାଳ୍ପିକ ଶ୍ରଦ୍ଧାକର ସୂପକାରଙ୍କର 'ମସ୍ତିଷ୍କ ନର୍ଦ୍ଦମା','ବାୟୁ ବିଶ୍ୱବିଦ୍ୟାଳୟ'। ଏ ଦୁଇଟି ଯାକ ଗଳ୍ପ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ନେଇ ରଚିତ। 'ମସ୍ତିଷ୍କ ନର୍ଦ୍ଦମା' ଗଳ୍ପରେ ଯେଉଁ କ୍ୟାମ୍ପସ୍‌ର କଥା ରହିଛି ତାହା ହେଉଛି ଅଳନ୍ଦା ବିଶ୍ୱବିଦ୍ୟାଳୟର ଭେଷଜ ମହାବିଦ୍ୟାଳୟ। ଏଠାରେ ଶଲ୍ୟ ଚିକିତ୍ସା ବିଭାଗର ପ୍ରାଧ୍ୟାପକ ପଦ ଖାଲି ଥିବାରୁ ଏହି ପଦରେ ନିଯୁକ୍ତି ପାଇଁ ଦେଶ-ବିଦେଶରେ ବିଜ୍ଞାପନ ଦିଆଯାଇଛି। ପ୍ରାଧ୍ୟାପକ ପଦ ପାଇଁ ଆବେଦନ କରିଛନ୍ତି ଆମେରିକାର ଏକ ବିଖ୍ୟାତ ବିଶ୍ୱବିଦ୍ୟାଳୟରେ ମସ୍ତିଷ୍କ ଶଲ୍ୟ-ଚିକିତ୍ସା ବିଶେଷଜ୍ଞ ରୂପେ କାମ କରୁଥିବା ଡ଼ା.ବି.ଦାସ। ଡ଼ା.ବି.ଦାସଙ୍କୁ ଇନଟରଭିୟୁ ନେବାକୁ ବସିଥିବା ତିନିଜଣ ପ୍ରଫେସର ବିଭିନ୍ନ ପ୍ରକାର ଜଟିଳ ପ୍ରଶ୍ନ ମାଧ୍ୟମରେ ଡ଼ା.ବି.ଦାସଙ୍କୁ ଆକ୍ରାନ୍ତ କରିଥିଲେ ମାତ୍ର ସେ ସମସ୍ତ ପ୍ରଶ୍ନକୁ ଅନାୟାସରେ ସମ୍ମୁଖୀନ ହୋଇଯାଉଥିଲେ। କିନ୍ତୁ ଯେତେବେଳେ ଶେଷ ପର୍ଯ୍ୟାୟରେ ବିଶେଷଜ୍ଞମାନେ ଜାଣିବାକୁ ପାଇଛନ୍ତି ଡ଼ା.ବି.ଦାସ ଆମେରିକାର ନୁହେଁ ଆସାମର ଲୋକ ସେତେବେଳେ ସେ ତାଙ୍କୁ ପ୍ରାଧ୍ୟାପକ ନୁହେଁ ସ୍ୱଳ୍ପ ଦରମାରେ ଅଧ୍ୟାପକ ଭାବେ ରହିବାକୁ କହିଛନ୍ତି। ଉକ୍ତି ଗଳ୍ପଟି ମାଧ୍ୟମରେ ଦେଖାଯାଏ କେବଳ ଶିକ୍ଷା ନୁହେଁ ବିଶ୍ୱବିଦ୍ୟାଳୟ ମାନଙ୍କରେ ଚାକିରୀ କ୍ଷେତ୍ରରେ କିପରି ପକ୍ଷପାତିତା ହୁଏ। ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ଡ଼ା.ବି.ଦାସଙ୍କୁ ତାଙ୍କର ପ୍ରାପ୍ୟ ତଥା ଦାବୀ ଥିବା ପଦବୀ ମିଳୁନାହିଁ ତା ଠାରୁ ନିମ୍ନ ପଦବୀ ଦିଆଯାଉଛି। ଏଠାରେ ପ୍ରଫେସର ମାନଙ୍କର ଜାତିଆଣା ମନବୃତ୍ତି ପାଇଁ ସେମାନେ ଡ଼ା.ବି.ଦାସଙ୍କୁ ପ୍ରାଧ୍ୟାପକ ପଦବୀ ଦେବାକୁ କୁଣ୍ଠିତ ହେଉଛନ୍ତି। ଏହା ପରେ ଅଧ୍ୟାପକ ପଦବୀରେ ଡ଼ା.ବି.ଦାସ ନରହି ଆମେରିକା ଫେରି ଯାଇଛନ୍ତି ଓ ସେଠାରେ ନିଜର ନାମକୁ ପରିବର୍ତ୍ତନ କରି ଡ଼.ଡ଼ସ **(DAWCE)** ରେ ପରିବର୍ତ୍ତନ କରିବା ସହିତ ନିଜର ଦାଢିକୁ ମଧ୍ୟ ବଢାଇଛନ୍ତି ଓ ଏକବର୍ଷ ପରେ ପୁଣି ସେ ଅଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପଦବୀ ପାଇଁ ଦରଖାସ୍ତ ଦେଇଛନ୍ତି। ଏଥର ତାଙ୍କର ବିଲାତି ନାମ ଦେଖି ବିଶ୍ୱବିଦ୍ୟାଳୟ ନିଃସନ୍ଦେହରେ ତାଙ୍କୁ ପ୍ରାଧ୍ୟାପକ ଭାବେ ମନୋନୀତ କରିଛନ୍ତି।

ପୁନଶ୍ଚ ଗାଳ୍ପିକ ସୂପକାର 'ବାୟୁ ବିଶ୍ୱବିଦ୍ୟାଳୟ' ଗଳ୍ପରେ ଆମ ଦେଶର ଶିକ୍ଷାକୁ ଆହୁରି ସହଜୀକରଣ କରିବା ପାଇଁ ବାୟୁ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ସମ୍ପର୍କରେ କହିଛନ୍ତି। "ଆକାଶବାଣୀରେ ହିନ୍ଦୀଶିକ୍ଷା, ସଙ୍ଗୀତଶିକ୍ଷା, କୃଷିଶିକ୍ଷା, କାର୍ଯ୍ୟକ୍ରମର ଅପୂର୍ବ ସଫଳତା ଦୃଷ୍ଟିରୁ ଭାରତବର୍ଷରେ ସର୍ବଭାରତୀୟ ସ୍ତରରେ ଏକ ବାୟୁ ବିଶ୍ୱବିଦ୍ୟାଳୟ (ଇସକ୍ଷ ଟଭସଙ୍ଖରକ୍ଷସ୍ପସଝ) ସ୍ଥାପନ କରିବାର ଆବଶ୍ୟକତା ରହିଛି। ଏ ଦେଶରେ ଶିକ୍ଷା ଯେପରି ଧୀରେ ଧୀରେ ବାଷ୍ପୀୟ ଆକାର ଧାରଣ କରୁଛି, ଏଥିରେ ବିଶ୍ୱବିଦ୍ୟାଳୟ ଶିକ୍ଷା ପାଇଁ କ୍ୟାମ୍ପସ୍ ଦରକାର ପଡ଼ିବ ନାହିଁ।"(୬) ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରସଙ୍ଗ ରହିଛି ଗଳ୍ପଟିରେ ଯଥା:- ବିଶ୍ୱବିଦ୍ୟାଳୟଗୁଡ଼ିକର ପରିସର ସୀମାବଦ୍ଧ ହୋଇଥିବାରୁ କିପରି ଉପକୁଳପତିମାନଙ୍କୁ ଘେରାଉ କରୁଛନ୍ତି ଛାତ୍ର ଛାତ୍ରୀ, ଯାନବାହନ ପୋଡ଼ା ଯାଉଛି, କୁଳସଚିବ ଏବଂ ପରୀକ୍ଷକମାନେ କିପରି ପ୍ରହାର ଖାଉଛନ୍ତି, ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ପ୍ରତି ଅନାଗ୍ରହ, ଅଧ୍ୟାପନାର ଅପବ୍ୟୟ, ଶ୍ରେଣୀରେ ଛାତ୍ର ଛାତ୍ରୀ ମାନଙ୍କର ଅନିୟମିତତା ଇତ୍ୟାଦି ବିଭିନ୍ନ ସମସ୍ୟାରୁ ମୁକ୍ତି ପାଇଁ ବାୟୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏବଂ ଆକାଶବାଣୀ ପରି ଶିକ୍ଷା ପ୍ରସାରିତ କରିବାର ଆବଶ୍ୟକତା ଇତ୍ୟାଦି ସମ୍ପର୍କରେ ଗାଳ୍ପିକ କହିଛନ୍ତି।

ସେହିପରି କ୍ୟାମ୍ପସ୍‌ରେ ଛାତ୍ର ରାଜନୀତିରେ ତଥା ଛାତ୍ର

ଅନ୍ଦୋଳନର ଥାଏ ଏକ ବିଶେଷ ଭୂମିକା। ଏହି ଛାତ୍ର ରାଜନୀତିକୁ ନେଇ ଗାଳ୍ପିକ ଯଦୁନାଥ ଦାଶ ମହାପାତ୍ରଙ୍କର ରହିଛି 'ଅଂଧ ଶାସନ' ନାମରେ ଏକ ଗଳ୍ପ। ଗଳ୍ପର ମୁଖ୍ୟ ଚରିତ୍ର ଜଣେ ଛାତ୍ର ନେତା ଯିଏ କି କ୍ୟାମ୍ପସ୍ ଛାଡ଼ିବାର ପାଂଚବର୍ଷ ପରେ ବି ମନେପକାଉଛି କଲେଜର ରାଜନୀତି, ସ୍ଲୋଗାନ୍, ଆନ୍ଦୋଳନ ଇତ୍ୟାଦି କ୍ୟାମ୍ପସ୍ ସମ୍ପର୍କିତ ଅନୁଭୂତିଗୁଡ଼ିକୁ। "ପାଂଚ ବର୍ଷ ତଳେ ମୁଁ ସେଇ କଲେଜର ଛାତ୍ର ଥିଲି। ଖାଲି ଯେ, ଛାତ୍ରଥିଲି ତା'ନୁହେଁ, ଛାତ୍ରନେତା ଥିଲି। ପା ବର୍ଷ ତଳେ ସେହି କଲେଜର ଜଣେ ଅଧ୍ୟାପକଙ୍କ ବଦଳିକୁ କେନ୍ଦ୍ର କରି ଯେଉଁ ଅନ୍ଦୋଳନ ହୋଇଥିଲା ଓ ଯେଉଁଥିରେ ପୋଲିସ୍ ଗୁଳିରେ ଦୁଇଜଣ ଛାତ୍ର ପ୍ରାଣବଳି ଦେଇଥିଲେ ସେହି ଅନ୍ଦୋଳନର ନେତୃତ୍ୱ ଯେଉଁ ଛାତ୍ରମାନେ ନେଇଥିଲେ, ମୁଁ ଥିଲି ସେମାନଙ୍କ ଭିତରୁ ଜଣେ।"(୦୭) ଗଳ୍ପଟି ଆତ୍ମକଥନ ଶୈଳୀରେ ରଚିତ। ଛାତ୍ର ଜଣଙ୍କ କ୍ୟାମ୍ପସ୍‌ରେ ଥିବା ସମୟରେ କ୍ୟାମ୍ପସ୍‌ରେ ଥିବା ସମୟରେ କ୍ୟାମ୍ପସ୍ ରାଜନୀତିରେ କ୍ୟାପ୍‌ଟେନ୍ ଉପାଧି ପାଇଥିଲା, ଏହା ସହ ବିଭିନ୍ନ ଅନ୍ଦୋଳନ ମାନଙ୍କରେ ଯୋଗଦେଉଥିଲା ଏହି ସବୁ କ୍ୟାମ୍ପସ୍ ଦିନର ସ୍ମୃତି ରୋମନ୍ଥିତ ହେଉଛି ଛାତ୍ରଟିର ଯେତେବେଳେ ସେ ସେହି କଲେଜରେ ହେଉଥିବା ଏକ ଆନ୍ଦୋଳନକୁ ଦମନ କରିବାକୁ ପୋଲିସ୍ ହିସାବରେ ଯାଇଛି। ପରମ୍ପରାରେ ପରିବର୍ତ୍ତନ ଆସିବା ଯେପରି ସମୟୋପଯୋଗୀ, ସେହିପରି ପରମ୍ପରାକୁ ନବୀକରଣ କରି ସାହିତ୍ୟରେ ପ୍ରୟୋଗ କରିବା ଲେଖକର ଧର୍ମ। ସାହିତ୍ୟ ଯେହେତୁ ସମୟ ସହିତ ଗତି କରେ ତେଣୁ ସାହିତ୍ୟରେ ନୂତନତା ଅଭିନନ୍ଦନୀୟ। ଅନୁରୂପ ଭାବରେ ଦେଖିଲେ ଜାଣିପାରିବା କିଛି କିଛି କାଳଖଣ୍ଡରେ ସାହିତ୍ୟରେ ଏକ ବିଶେଷ ପରିବର୍ତ୍ତନ ଦେଖାଯାଇଛି ସେଥିମଧ୍ୟରୁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପଧାରା ହେଉଛି ଅନ୍ୟତମ। ଏହି ସମୟରେ ଶିକ୍ଷାର ପ୍ରସଙ୍ଗ ଯେହେତୁ ଏକ ମୌଳିକ ଆଙ୍ଗୀକ ଭାବେ ଗଳ୍ପମାନଙ୍କରେ ପ୍ରତିଭାତ ହୋଇଛି। ସେ ଦୃଷ୍ଟିରୁ ଏହି ସମୟର ଗଳ୍ପମାନଙ୍କରେ ମଧ୍ୟ ଶିକ୍ଷାକ୍ଷେତ୍ର ବା କ୍ୟାମ୍ପସ୍ ଗୁଡ଼ିକର ରହିଛି ଏକ ବିଶ୍ୱସ୍ତ ଭୂମିକା। କ୍ୟାମ୍ପସ୍ କେବଳ ପରିବେଶ, ପରିବେଷ୍ଟନୀ, ଗଛଲତା, କ୍ୟାମ୍ପସ୍‌ର କୋଠାବାଡ଼ି କି ଶ୍ରେଣୀଗୃହ ନୁହେଁ ଏହା ସହ କ୍ୟାମ୍ପସ୍‌ର ଜୀବନଶୈଳୀ, ନିତ୍ୟ ନୈମିତିକ ଘଟଣାରାଜି ଇତ୍ୟାଦି ମଧ୍ୟ କ୍ୟାମ୍ପସ୍‌ର ଗୋଟେ ଗୋଟେ ବିଶେଷ ଅଙ୍ଗ। ଯେଉଁଗୁଡ଼ିକୁ ବାଦ୍ ଦେଇ କ୍ୟାମ୍ପସ୍‌ର ସଂଜ୍ଞା ନିର୍ଣ୍ଣୟ କରିବା କଷ୍ଟସାଧ୍ୟ।

ଏହିପରି ଭାବରେ ଦେଖିଲେ ଆମେ ଜାଣି ପାରିବା ଆଧୁନିକ କ୍ୟାମ୍ପସ୍ ଗୁଡ଼ିକରେ ର୍‍ୟାଗିଙ୍ଗ୍ ହେଉଛି ଏକ କଦର୍ଯ୍ୟ ପ୍ରଥା ଅର୍ଥାତ୍ କ୍ୟାମ୍ପସ୍ ମାନଙ୍କରେ ପୁରୁଣା ଛାତ୍ର ମାନେ ନୂଆ ଛାତ୍ର ମାନଙ୍କ ଉପରେ ପ୍ରଭୁତ୍ୱ ଦେଖାଇବା। ଏହାର ଏକ ସ୍ପଷ୍ଟ ନମୁନା ଦେଖିବାକୁ ମିଳେ ଗାଳ୍ପିକ ଡକ୍‌ଟର ଗୁରୁପ୍ରସାଦ ମହାନ୍ତିଙ୍କ 'ର୍‍ୟାଗିଙ୍ଗ୍' ଗଳ୍ପରେ। ଗଳ୍ପର ମୁଖ୍ୟ ଚରିତ୍ର ଦୀପୁ ଓରଫ୍ ଦୀପକ୍ ମହାପାତ୍ର ଯିଏ କି ଖଡ଼ଗପୁର ଆଇ.ଆଇ.ଟି ର ଛାତ୍ର। ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଦଶଜଣରେ ସପ୍ତମ ସ୍ଥାନ ଅଧିକାର କରିଥିଲା। ଆଇ.ଏସ୍.ସି ରେ ପ୍ରଥମ। ପ୍ରଥମ କରି ଦୀପୁ ଆଇ.ଆଇ.ଟି ଯିବା ବେଳେ, ବାପା ବିନୟ ମହାପାତ୍ର ଓ ମାଆ ନିରୂପମା ନିଜ କାର୍‌ରେ ନେଇ ତାକୁ ଛାଡ଼ି ଆସିଥିଲେ। ହଷ୍ଟେଲ୍ ରେ ରହିଲେ ବି ଦୀପୁର ଘର କଥା ଖୁବ୍ ମନେପଡୁଥିଲା। ଦୀପୁ ପାଇଁ ସବୁଠାରୁ ଯାହା କଷ୍ଟଦାୟକ ଥିଲା ହଷ୍ଟେଲ୍‌ର ର୍‍ୟାଗିଙ୍ଗ୍। ଦୀପୁ ଏକ୍‌ରାଇଟିଆ ସ୍ୱାଭାବର ହୋଇଥିବାରୁ ଏ ସବୁ ତା ପକ୍ଷରେ ସହିବା କଷ୍ଟକର ଥିଲା। "ସେଦିନ ମାଥ୍ କ୍ଲାସ୍‌ରୁ ପଦାକୁ ଆସିବା ମାତ୍ରେ ପଛରୁ ଜଣେ କିଏ ତାକୁ ଡ଼ାକିଲା, ହେ ପିଲା! ନଶୁଣିଲା ପରି ସେ ଚାଲି ଆସୁ ଆସୁ ଦୁଇ ଜଣ ଉପର ଶ୍ରେଣୀର ଛାତ୍ର ବୁଲିପଡ଼ି ତା ବାଟ ଓଗାଳିଲେ। କିରେ କ'ଣ ଖାତିର ପଡୁନି? ଡାକିଲେ ଚାଲିଯାଉଛୁ କ'ଣ? ଦୀପକ୍ ନୀରବ ରହିଲା- ଖୁବ୍ ରାଗିଯାଇଥାଏ ସେ। ତା ଭିତରୁ ଜଣେ କହିଲା-ଏଇନା ବେଳନାହିଁ ତୋ ସାଙ୍ଗେ ମୁକାବିଲା କରିବା ପାଇଁ। ତୁ ଆଜି ଦୁଇ ନମ୍ବର ହଷ୍ଟେଲ୍‌ର ୪୧ ନମ୍ବର ରୁମ୍‌କୁ ସନ୍ଧ୍ୟାପରେ ଆସିବୁ।" (୦୮) ଏହିପରି ବାରମ୍ବାର ର୍‍ୟାଗିଙ୍ଗ୍‌ରେ ସମ୍ମୁଖୀନ ହୋଇଛି ଦୀପୁ। କେତେବେଳେ ଛେଳିପରି ବ୍ୟବହାର କରିବାକୁ ବାଧ୍ୟ କରିବା, କେତେବେଳେ ଚୁନକାଳି ଲଗାଇ ହଷ୍ଟେଲ୍‌ରେ ବୁଲାଇବା ତ କେତେବେଳେ ମୁହଁକୁ ଛେପ ଫୋପାଡିବା ଇତ୍ୟାଦି। ଏହିପରି ବାରମ୍ବାର ର୍‍ୟାଗିଙ୍ଗରେ ସମ୍ମୁଖୀନ ହୋଇ ଶେଷରେ ଉପର ଶ୍ରେଣୀର ପିଲାଙ୍କ ଅତ୍ୟାଚାର ସହି ନପାରି ଦୀପୁ ଟ୍ରେନ ଲାଇନ୍‌ରେ ଶୋଇ ଆତ୍ମହତ୍ୟା କରିଛି। ଅତଏବ କ୍ୟାମ୍ପସ୍ ଏମିତି ଏକ କ୍ଷେତ୍ର ଯେଉଁଠି ଛାତ୍ର ଛାତ୍ରୀଙ୍କର ଭବିଷ୍ୟତ ଗଢାଯାଏ କୁହାଯାଏ। କୁହାଯାଏ କ୍ୟାମ୍ପସ୍ ହେଉଛି ମଣିଷ ତିଆରି କାରଖାନା କିନ୍ତୁ ଏ ପ୍ରକାର ଅମାନବୀୟ କାର୍ଯ୍ୟକଳାପ ଯେ ଦୀପୁ ଭଳି କେତେ କେତେ ନିରୀହ ମେଧାବୀ ଛାତ୍ରଙ୍କ ଭବିଷ୍ୟତ ନଷ୍ଟ କରିବା ସହ ସେମାନଙ୍କ ମୃତ୍ୟୁ ପାଇଁ ମଧ୍ୟ ଦାୟୀ ହେଉଛି କ୍ୟାମ୍ପସ୍ ଏହାର ଜ୍ୱଳନ୍ତ ନମୁନା ଭାବେ ଆମେ ଏହି 'ର୍‍ୟାଗିଙ୍ଗ' ଗଳ୍ପଟିକୁ ନେଇ ପାରିବା।

କୁହାଯାଏ କ୍ୟାମ୍ପସ୍ ହେଉଛି ଏମିତି ଏକ କ୍ଷେତ୍ର ଯେଉଁଠି କି ବିଶ୍ୱର ଏକ ଅଣୁରୂପ ଦେଖିବାକୁ ମିଳେ। ବିଭିନ୍ନ ସଂସ୍କୃତି,ପରମ୍ପରା,ଲୋକାଚାର ଇତ୍ୟାଦି ସମ୍ପର୍କରେ ଆମକୁ ବିଶେଷ ପରିଚୟ ମିଳେ କ୍ୟାମ୍ପସ୍‌ରୁ। ଗବେଷଣା ମାଧ୍ୟମରେ ମଧ୍ୟ କ୍ୟାମ୍ପସ୍ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ନୂତନତ୍ୱର ଆବିଷ୍କାର କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଡକ୍‌ଟର ଗୁରୁପ୍ରସାଦ ମହାନ୍ତିଙ୍କ ର କ୍ୟାମ୍ପସ୍‌କୁ ଭିତ୍ତିକରି ରହିଛି ଆଉ ଏକ କ୍ୟାମ୍ପସ୍ ଗଳ୍ପ 'ମୃତ୍ୟୁପଥର ଯାତ୍ରୀ'। ଗଳ୍ପର ମୁଖ୍ୟ ଚରିତ୍ର ଆମେରିକାର ସାଉଥ୍ ଡ଼ାକୋଟା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶ୍ରେଣୀର ଛାତ୍ର। ଯିଏ କି ଜଣେ ଭାରତୀୟ ନାଗରିକ। ଆମେରିକାରେ

ପାଠପଢ଼ି ଫେରିବାର ଉଣେଇଶ ବର୍ଷପରେ ଯାହାର ମନେପଡୁଛି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍,ଗବେଷଣା କରିବା ସମୟର ଅନୁଭୂତି ଇତ୍ୟାଦି ସ୍ମରଣୀୟ ସ୍ମୃତି। ଆମେରିକାରେ ଗ୍ରୀଷ୍ମକାଳୀନ ଛୁଟିରେ ମୁଁ ଆଗାମୀ ବର୍ଷର ପଢ଼ା ଖର୍ଚ୍ଚ ଯୋଗାଡ଼ କରିବା ପାଇଁ ଛାତ୍ର ଛାତ୍ରୀ ମାନେ ଛାତ୍ରାବାସ ଛାଡ଼ି ଚାଲି ଯାଆନ୍ତି କାମଧନ୍ଦା କରିବା ପାଇଁ। ସେଠାରେ ଡ଼ାନି ନାମକ ଜଣେ ରସାୟନ ଛାତ୍ର ସହ ପରିଚୟ ହୋଇଛି ଭାରତୀୟ ଯୁବକଙ୍କର। "ଡ଼ାନି ହେଉଛି ଜଣେ ରସାୟନ ଛାତ୍ର। ବି.ଏସ୍.ସି ପଢୁଥାଏ। କ୍ଲାସ୍ ନଥିବା ବେଳେ ମୋ ଗବେଷଣାଗାରକୁ ଆସି କାମକରେ। ପରୀକ୍ଷାଧୀନ ଜୀବଜନ୍ତୁ ମାନଙ୍କୁ ଖାଇବାକୁ ଦିଏ। କାଚ ଜିନିଷ ସବୁ ଧୁଆ ଧୋଇ କରେ ଓ ଅନ୍ୟାନ୍ୟ ଗବେଷଣାତ୍ମକ କାର୍ଯ୍ୟରେ ଦରକାର ଅନୁଯାୟୀ ସାହାର୍ଯ୍ୟ କରେ। ଘଂଟାଓ୍ୱାର୍ କାମରେ ସେ ମଜୁରୀ ପାଏ।" (୦୯) ଡ଼ାନି ସହ କ୍ୟାମ୍ପସ୍‌ରୁ ପରିଚୟ। ତାପରେ ଭାରତୀୟ ଯୁବକ ଜଣକ ନିଜର ଭାରତୀୟ ବନ୍ଧୁ ନାରାୟନ ଏବଂ ଡ଼ାନିଙ୍କ ସହ ଚିକାଗୋ ଯାଇଛନ୍ତି। ଡ଼ାନିର ପରାମର୍ଶ କ୍ରମେ ଆମେରିକାର ବିଭିନ୍ନ ସ୍ଥାନ ବୁଲିଛନ୍ତି ସେଥିମଧ୍ୟରୁ ଯାହା ସବୁଠୁ ଆକର୍ଷଣୀୟ ସ୍ଥାନ ଥିଲା ତାହା ହେଉଛି ଆମେରିକାର କଂଶେଇଶାଳ। ଗବେଷଣାର ଆବଶ୍ୟକତା ଦୃଷ୍ଟିରୁ ବିଭିନ୍ନ ସ୍ଥାନ ବୁଲିଛନ୍ତି ତଥା ବିଭିନ୍ନ ନୂତନ ଅନୁଭୂତି ସାଉଁଟିଛନ୍ତି ଭାରତୀୟ ଯୁବକ। ଯାହାକି ତାଙ୍କର ବହୁବର୍ଷ ପରେ ମନେପଡୁଛି। ତେଣୁ ଯାହା ଜଣାଯାଏ କ୍ୟାମ୍ପସ୍‌ରେ ଶିକ୍ଷା ବ୍ୟତୀତ ଜଣେ ବ୍ୟକ୍ତିର ସାମଗ୍ରିକ ବିକାଶ ମଧ୍ୟ ସମାହିତ ହୋଇଥାଏ। ଯାହା ଫଳରେ ବିଭିନ୍ନ ସଂସ୍କୃତି ତଥା ପରମ୍ପରା ସହିତ ମଧ୍ୟ ସେ ପରିଚିତ ହୋଇଥାଏ କ୍ୟାମ୍ପସ୍‌ରୁ।

ଅତଏବ କ୍ୟାମ୍ପସ୍ କହିଲେ କେବଳ ଏକ କ୍ୟାମ୍ପସ୍ ନୁହେଁ ବରଂ କ୍ୟାମ୍ପସ୍‌ର ଛାତ୍ର, ଛାତ୍ରୀ, ପରିବେଶ, ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଗବେଷକ, ଗବେଷିକା ଇତ୍ୟାଦିଙ୍କ ଠାରୁ ନେଇ କ୍ୟାମ୍ପସ୍‌ର ଖେଳପଡ଼ିଆ, ଗବେଷଣାଗାର, ପାଠାଗାର ସମେତ କିରାନୀ ତଥା ଅଧସ୍ତନ କର୍ମଚାରୀ ପର୍ଯ୍ୟନ୍ତ ଏ ସମସ୍ତ ହେଉଛନ୍ତି କ୍ୟାମ୍ପସ୍‌ର ଗୋଟେ ଗୋଟେ ଅଂଶ। ତେଣୁ ଏ ସମସ୍ତ ହେଉଛନ୍ତି କ୍ୟାମ୍ପସ୍ ଗଳ୍ପର ଗୋଟେ ଗୋଟେ ଅଙ୍ଗ।

ଏହିପରି ଭାବରେ ଆମେ ଦେଖିବା କଥାଶିଳ୍ପୀ ରାମଚନ୍ଦ୍ର ବେହେରାଙ୍କ 'ମଧ୍ୟାହ୍ନର ଛାଇ' କଲିକତାର କୌଣସି ଏକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ସମ୍ପର୍କିତ। ବିଶ୍ୱବିଦ୍ୟାଳୟଟିରେ ତିନିଦିନିଆ ଅଧିବେଶନରେ ଯୋଗଦେବା ପାଇଁ ବିଭିନ୍ନ ସ୍ଥାନରୁ ଅଧ୍ୟାପକ ଅଧ୍ୟାପିକାମାନେ ଆସିଛନ୍ତି। ସେଇମାନଙ୍କର କ୍ୟାମ୍ପସ୍ ଦିନର ସ୍ମୃତିକୁ ନେଇ ଗଳ୍ପଟି ପରିକଳ୍ପିତ। ଅଧିବେଶନରେ ଯୋଗଦେବା ପାଇଁ ରେବା କପୁର ଆସିଛନ୍ତି। ରେବା କପୁର ଏକଦା ଅଧିବେଶନ ଚାଲିଥିବା ବିଶ୍ୱବିଦ୍ୟାଳୟର ଛାତ୍ରୀ ଥିଲେ ଓ ସେ ସମୟରେ ତାଙ୍କର ଘନିଷ୍ଠତା ଗଢିଉଠିଥିଲା ବିଶ୍ୱବିଦ୍ୟାଳୟର ଛାତ୍ର ମିଃ ଦାସଙ୍କ ସହ। ହେଲେ ରେବା କପୁରଙ୍କ ଦୃଷ୍ଟିରେ ମିଃ ଦାସ କେବଳ ଥିଲେ ଜଣେ ମେଧାବୀ ଛାତ୍ର କିନ୍ତୁ ମିଃ ଦାସଙ୍କ ଠାରେ ପୁରୁଷତ୍ୱର ଅଭାବ ଅଛି ବୋଲି ଭାବି ରେବା କପୁର ତାଙ୍କୁ ବିବାହ କରିବା କଥା ଭାବିପାରିନଥିଲେ। ମିଃ ଦାସଙ୍କୁ ବହୁ ବର୍ଷ ପରେ ରେବା କପୁର ଯେତେବେଳେ ସେହି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ ଅଧିବେଶନରେ ଦେଖିଛନ୍ତି ଓ ଜାଣିବାକୁ ପାଇଛନ୍ତି ତାଙ୍କର ସ୍ତ୍ରୀ ଏବଂ ଗୋଟିଏ ସନ୍ତାନ ଅଛି। ମିଃ ଦାସଙ୍କ ସହ ମଧ୍ୟ ସେ ତାଙ୍କ ଘରକୁ ଯାଇଛନ୍ତି। ମିଃ ଦାସ ବିବାହିତ ଜାଣି ସାରିବା ପରେ ରେବା କପୁର ଖୁବ୍ କଷ୍ଟ ପାଇଛନ୍ତି। ଅତୀତରେ ମିଃ ଦାସଙ୍କର ପୁରୁଷତ୍ୱ ସମ୍ପର୍କରେ ତାଙ୍କର ଧାରଣା ଓ ତାଙ୍କୁ ବିବାହ କରିପାରିନଥିବା ଦୁଃଖ ତାଙ୍କୁ ଖୁବ୍ ଘାରି ଯାଇଛି। ସୁତରାଂ କ୍ୟାମ୍ପସ୍ କେବଳ ଶିକ୍ଷାର ନୁହେଁ ଆଦ୍ୟ ଯୌବନରେ ପ୍ରତ୍ୟେକଙ୍କର ପ୍ରେମର ସ୍ଫୁରଣ ମଧ୍ୟ ଘଟିଥାଏ କ୍ୟାମ୍ପସ୍‌ରୁ। ଯାହା କେବେହେଲେ ଜଣେ ବ୍ୟକ୍ତି ମାନସପଟରୁ ମଉଳେନା। ଯାହାର ନମୁନା ଆମେ ଉକ୍ତ ଗଳ୍ପଟିରୁ ପାଇଥାଉ।

କ୍ୟାମ୍ପସ୍ କେବଳ ଶିକ୍ଷାର ପ୍ରମାଣପତ୍ର ଦିଏନି ବରଂ ତାରୁଣ୍ୟର ଛଳ ଛଳ ଦିନମାନଙ୍କର ଆବେଗଭରା ମୁହୂର୍ତ୍ତର ଏକ ପୋଷ୍ଟକାର୍ଡ଼ ହେଉଛି କ୍ୟାମ୍ପସ୍ ଦିନର ସ୍ମୃତି। ଯାହାକୁ ଓଲଟାଇଲେ ଦେଖାଯାଏ ଫର୍ଦ୍ଦ ଫର୍ଦ୍ଦ ତରଳ ଆବେଗ ଓ ଅନୁଭବ। ତେଣୁ ଏ କ୍ୟାମ୍ପସ୍ ଦିନ ତଥା କ୍ୟାମ୍ପସ୍‌ରେ ଘଟିଥିବା ଘଟଣାମାନ ଖୁବ୍ ଅଭୁଲା ସମସ୍ତଙ୍କ ପାଇଁ। ଏହି ଦୃଷ୍ଟିରୁ ଦେଖିଲେ କଥାଶିଳ୍ପୀ ଜଗଦୀଶ ମହାନ୍ତିଙ୍କର 'ଏ ଏକ ବିଷାଦଖେଳ' ଗଳ୍ପରେ ଗଳ୍ପ ନାୟକ ସଞ୍ଜୟ ଯିଏ କି ରେଭେନ୍‌ସା କଲେଜର ପ୍ରାକ୍ତନ ଛାତ୍ର। ରେଭେନ୍‌ସା କଲେଜ ତଥା ହଷ୍ଟେଲ୍ ଛାଡ଼ିବା ପରେ ଯାହାର ମନେପଡୁଛି କ୍ୟାମ୍ପସ୍, କ୍ୟାମ୍ପସ୍‌ର ପ୍ରେମ, କବିତା ଲେଖା, କ୍ୟାମ୍ପସ୍‌ର କବିତା ଲେଖା, କ୍ୟାମ୍ପସ୍‌ର ସାହିତ୍ୟ ଚର୍ଚ୍ଚା, ସବୁପରେ ମନେପଡୁଛି ପ୍ରେମିକା ଗୌତମୀ। ଯାହା'ଲରେ ସେ ବେଲପାହାଡ଼ରୁ ଚାକିର ଛାଡ଼ି ଧାଇଁ ଆସିଛି କଟକକୁ। ଆଉ ଫେରି ଆସି ଦେଖିଛି ବଦଳି ଯାଇଛି ସମୟ ତା ସହିତ କଟକ ଏବଂ ରେଭେନ୍‌ସା କଲେଜ। "କେତେ ସ୍ମୃତିଘେରା ଏଇ ନାଲି କୋଠା ସବୁ। କୁଆଡ଼େ ଗଲେ ଗୋପବନ୍ଧୁ, ଅରୁଣ, ଜୟସିଂହ ? ସମସ୍ତେ କଟକରୁ ଦୂରେଇ ଯାଇଛନ୍ତି ନିଜ ନିଜର ମାଟି ଖୋଜି-ଯା ଉପରେ ପାଦଦେଇ ସେମାନେ ଠିଆହେଇ ପାରିବେ। ଆଉ ତମେ, ପାଦତଳର, ମାଟି ଛାଡ଼ି ଧାଇଁ ଆସିଛ କଟକକୁ, ଠିଆହେବା ପାଇଁ ସ୍ୱାଧିନ ହେଇ,କବିତା ପାଇଁ ବଂଚିବା ଉଦ୍ଦେଶ୍ୟରେ ?"(୧୦)

ଅର୍ଥାତ୍ କ୍ୟାମ୍ପସ୍ ଏମିତି ଏକ ଦାଗ ଛାଡ଼ି ଯାଏ ହୃଦୟରେ ଯାହା କେବେ ଲିଭିବାର ନୁହେଁ। ଯାହା ସଞ୍ଜୟ ଅନୁଭବିଛି ଆଉ

ବ୍ୟାକୁଳ ହୋଇ ଧାଇଁ ଆସିଛି କ୍ୟାମ୍ପସ୍‌କୁ କିନ୍ତୁ ଦୁଃଖର କଥା କ୍ୟାମ୍ପସ୍ ଛାଡିରୁ କିନ୍ତୁ ଲିଭିଯାଇଛି ସଞ୍ଜୟର ପାଦଚିହ୍ନ। କ୍ୟାମ୍ପସ୍‌ରେ ଖାଲି ଭଳିକି ଭଳି ନୂଆ ମୁହଁ। ପୁରୁଣାର ଚିହ୍ନ ସତେକି ଲିଭିଯାଇଛି କ୍ୟାମ୍ପସ୍‌ରୁ କିନ୍ତୁ ସଞ୍ଜୟ ଛାଡିରୁ ଲିଭିପାରିନାହିଁ କ୍ୟାମ୍ପସ ଦିନର ଅଭୁଲା ସ୍ମୃତି।

କେତେକ ଗଳ୍ପ ସଂପୂର୍ଣ୍ଣ ରୂପେ ଏକ କ୍ୟାମ୍ପସ୍‌କୁ ନେଇ ଗଢିଉଠିଥିବା ସ୍ଥଳେ ଆଉ କେତେକ ଗଳ୍ପରେ ପ୍ରସଙ୍ଗ କ୍ରମେ କ୍ୟାମ୍ପସ୍‌ର ଚିତ୍ର ଦେଖାଯାଇଛି। କେତେକ ଗଳ୍ପରେ ମଧ୍ୟ ଗଳ୍ପ ସ୍ରଷ୍ଟା ପ୍ରଥମ ପୁରୁଷୀୟ ଶୈଳୀରେ(ମୁଁ) ଭାବେ ଉପସ୍ଥିତ ରହି ନିଜର ଅତୀତ କ୍ୟାମ୍ପସ୍ ଦିନର କଥା ଉପସ୍ଥାପିତ କରିଥାଏ। ଏହି ଦୃଷ୍ଟିରୁ କଥାଶିଳ୍ପୀ କିଶୋରୀ ଚରଣଙ୍କ 'ଧରାଶାୟୀ' ଗଳ୍ପଟି ଆଲୋଚ୍ୟ। ଗଳ୍ପର ଦୁଇ ଚରିତ୍ର ଅକ୍ଷୟ-ଅଜୟ ଖୁବ୍ ଘନିଷ୍ଠ ବନ୍ଧୁ ଏକଦା କଲେଜ ଛାଡ଼ିବାର ବହୁଦିନ ପରେ ସାକ୍ଷାତ ହୋଇଛନ୍ତି ଆଉ ଉଭୟଙ୍କର ପରସ୍ପରକୁ ଦେଖି ପରସ୍ପରଙ୍କର ସ୍ମୃତି ଉଜ୍ଜୀବିତ ହୋଇ ଉଠିଛି। ଅଜୟ କହୁଛି "କଲେଜରେ ପଢିବା ବେଳେ ଆମେ ବି ଝିଅମାନଙ୍କୁ ଅନଉଥିଲୁ। ହେଲେ ଦୂରରେ ଥାଇ। ସିଟି ମାରୁ ନଥିଲୁ। ଅଶ୍ଳୀଳ ଇଙ୍ଗିତ କରୁନଥିଲୁ। ହେଲେ ତାଙ୍କ ଗୋଡ଼ରୁ ମୁଣ୍ଡ ଯାଏଁ ଅନେଇବାରେ ତ୍ରୁଟି କରୁନଥିଲୁ।"(୧୧) ଏହା ମାଧ୍ୟମରେ ତତ୍‌କାଳୀନ ସମୟରେ କ୍ୟାମ୍ପସ୍‌ର ପରିବେଶ, ଛାତ୍ରଛାତ୍ରୀଙ୍କର ଚିନ୍ତାଧାରା ତଥା ନାରୀ-ପ୍ରତି ଥିବା ସମ୍ମାନ ଇତ୍ୟାଦି ମଧ୍ୟ ଅଜୟର ଉକ୍ତି ମାଧ୍ୟମରେ ସ୍ପଷ୍ଟ। ଯଦିଓ ନାରୀ ପ୍ରତି ପୁରୁଷର ଆକର୍ଷଣ ଯୁଗ ଯୁଗର ଏହା ରହିବା ସ୍ୱାଭାବିକ୍। ଏହି ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନ କ୍ୟାମ୍ପସ୍ ଗୁଡ଼ିକ ଖୁବ୍ କଳୁଷିତ।

କ୍ୟାମ୍ପସ୍ କେବଳ ପାଠପଢାର କ୍ଷେତ୍ର ନୁହେଁ କି ପ୍ରେମର ଭୂମି ନୁହେଁ, ରାଜନୀତିର ମଧ୍ୟ ଏକ ଗୁରତ୍ୱପୂର୍ଣ୍ଣ ଭୂମିକା ଥାଏ କ୍ୟାମ୍ପସ୍‌ରେ। ଦେଶର ରାଜନୀତି ଏବଂ କ୍ୟାମ୍ପସ୍‌ର ରାଜନୀତି ଭିତରେ ଥାଏ ଏକ ଆନ୍ତଃ ସମ୍ପର୍କ । ଅନେକ ସମୟରେ ଦେଶରେ ରାଜନୀତି ପରି କ୍ୟାମ୍ପସ୍ ରାଜନୀତିରେ ମଧ୍ୟ ଦେଖାଯାଏ ତିକ୍ତତା, ହିଂସା, ପ୍ରତିଶୋଧ ପରାୟଣତା। ଯେହେତୁ କ୍ୟାମ୍ପସ୍ ହେଉଛି ତରୁଣମାନଙ୍କର କ୍ଷେତ୍ର, ତେଣୁ ଏହି ବୟସରେ ଯୁବଶକ୍ତି ଓ ଛାତ୍ର ରାଜନୀତିରେ ଥାଏ ନିଆରା ସ୍ୱାଦ। କିନ୍ତୁ ବେଳେ ବେଳେ ଏହା ଭୟଙ୍କର ରୂପ ନିଏ। ଶେଷରେ ପ୍ରତିଶୋଧ ପରାୟଣ ହୋଇ ଛାତ୍ର ଛାତ୍ରୀ ଙ୍କର ମୃତ୍ୟୁ ମଧ୍ୟ ହୁଏ।

ଏହିପରି ଏକ କ୍ୟାମ୍ପସ୍‌ର ରାଜନୀତିକୁ କେନ୍ଦ୍ରକରି କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କର ଗଳ୍ପ 'ଓଃ କାଲକାଟା' ଗପଟି ତତ୍‌କାଳୀନ କ୍ୟାମ୍ପସ୍‌ର ହେଉଥିବା ରାଜନୀତି ଓ ରାଜନୀତିକୁ କେନ୍ଦ୍ରକରି ଘଟୁଥିବା ବିଭ୍ରାଟ ସମ୍ପର୍କରେ ସୂଚନା ଦିଏ। ଗଳ୍ପର ଚରିତ୍ର ମାନେ ହେଲେ ଗୁରୁ,ଭବତୋଷ ଏବଂ ଲଚକ୍ (ଶୁଭେନ୍ଦୁ ଦାସ)। ଭବତୋଷ ଦେଶଗୌରବ କଲେଜର ଛାତ୍ର। କଲେଜ ୟୁନିୟନ୍‌ର ସେ ମୁଖ୍ୟ। ତାକୁ ସେଥିରୁ ହଟାଇବା ପାଇଁ ଗୁରୁର ପ୍ରୟାସ। ଏଥିପାଇଁ ତାର ଏକ ଦଳ ମଧ୍ୟ ରହିଛି। ସେଥିରେ ଅଛନ୍ତି ଅନେକ ବେକାରି ଯୁବକ। ସେଥିରେ ଶୁଭେନ୍ଦୁ ଦାସ ଜଣେ। ବିଶ୍ୱବିଦ୍ୟାଳୟରୁ ଏମ୍.ଏ ପାଶ କରିସାରିବା ପରେ ସେ ଚାକିରି ପାଇନାହିଁ ଶେଷରେ ଆସି ଗୁରୁ ସହ ତା ଦଳରେ ଯୋଗ ଦେଇଛି। ସେଇଠୁ ତା ନାମ ପରିବର୍ତ୍ତନ ହୋଇ ହୋଇଯାଇଛି ଲଚ୍‌କରେ। ଶେଷରେ ଦେଶଗୌରବ କଲେଜ୍‌ର ସାଂସ୍କୃତିକ ସମାରୋହରେ ଗୁରୁ ଭବତୋଷ  ଉପରେ ପ୍ରତିଶୋଧ ପରାୟଣ ହୋଇ ଲଚକ୍‌କୁ ଅସ୍ତ୍ର କରିଛି ତାକୁ ମାରିବା ପାଇଁ। ତା ହାତରେ ବୋମା ଭର୍ତ୍ତି ଆଟାଚି ଦେଇଛି ଭବତୋଷକୁ ମାରିବା ଉଦ୍ଦେଶ୍ୟରେ କିନ୍ତୁ ସେ ବୋମାରେ ଭବତୋଷର ମୃତ୍ୟୁ ହେବା ବଦଳରେ ସେ ବୋମାରେ ଲଚକ୍‌ର ମୃତ୍ୟୁ ହୋଇଛି। "ଅନ୍ଧକାର କଲେଜ-କ୍ୟାମ୍ପସ୍ ଗୋଟାଏ ଗଛମୂଳେ ଠିଆ ହୋଇଚି ଭବତୋଷ ଉତ୍ତେଜିତ ଭାବରେ ଖଣ୍ଡେ ସିଗାରେଟ୍ ଟାଣୁଥିଲା। ଗୋଟାଏ ଛାୟାମୂର୍ତ୍ତି ସେଇ ଅନ୍ଧକାର ଭିତରେ ଭବତୋଷ ପାଖକୁ ଆସିବା ମାତ୍ରେ ଭବତୋଷ ପଚାରିଲା...କିଏ ସେଟା? ଲାସ୍‌ର ପକେଟ୍‌ରୁ ଏମ୍ପଲ୍ଲମେଂଟ ଏକ୍‌ସଚେଞ୍ଜର ଗୋଟାଏ ରକ୍ତଭିଜା କାର୍ଡ଼ ବାହାରକୁ ଉଙ୍କିମାରୁଥିଲା... ଶୁଭେନ୍ଦୁ ଦାସ... ଶିକ୍ଷା ଏମ୍.ଏ ଗଣିତ, ବୟସ ବାଇଶ।" (୧୨)

ଅନେକ ସମୟରେ ଛାତ୍ର ରାଜନୀତିରେ ମଧ୍ୟ ଏପରି ଅମାନବୀୟ ଘଟଣାମାନ ଘଟେ। ଏହାର  ପରିଣାମ ସ୍ୱରୂପ କେତେକ ନିରୀହ ଛାତ୍ର ମଧ୍ୟ ମୃତ୍ୟୁବରଣ କରନ୍ତି ଯାହାକି ଉପରୋକ୍ତ ଗଳ୍ପଟିରେ ପ୍ରତିପାଦିତ। ନାଟକରେ ଖ୍ୟାତି ଅର୍ଜନ କରିଥିବା ଗୋପାଳ ଛୋଟରାୟଙ୍କର ରହିଛି 'ମାଧବୀ' ନାମରେ ଏକ କ୍ୟାମ୍ପସ୍‌ଗଳ୍ପ ଯାହା କି ବାଣୀବିହାର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ସମ୍ପର୍କିତ। ବିଶ୍ୱବିଦ୍ୟାଳୟରେ ପଢୁଥିବା ଦୁଇଜଣ ଛାତ୍ର ଛାତ୍ରୀଙ୍କୁ ନେଇ। ଗଳ୍ପର ଦୁଇଟି ଚରିତ୍ର ମାଧବୀ ଓ ବିକାଶ। ପରସ୍ପର ଦୁଇଜଣ ଥିଲେ ଘନିଷ୍ଠ ବନ୍ଧୁ ପରେ ସେହି ବନ୍ଧୁତାରୁ ଗଢିଉଠିଛି ପ୍ରେମ। ମାଧବୀ ବିଶ୍ୱବିଦ୍ୟାଳୟର କୃତି ଛାତ୍ର ଟଙ୍କା ଅଭାବରୁ ଗବେଷଣା କରିବ ନାହିଁ ବୋଲି ମାନସିକ ସ୍ତରରେ ନିଷ୍ପତି ନେଇ ସାରିଥିଲା କିନ୍ତୁ ବନ୍ଧୁ ବିକାଶର ସହଯୋଗ ଫଳରେ ସେ ପିଲାନି ଯାଇଛି ସେଠାରେ ଗବେଷଣା କରିବା ପାଇଁ। "ପିଲାନି ଶିକ୍ଷାୟତନ। ବିକାଶ ଓ ମାଧବୀ ସ୍ନାତକୋତ୍ତର ପଦାର୍ଥବିଜ୍ଞାନର ଛାତ୍ର ଛାତ୍ରୀ। ଏଇ ଶିକ୍ଷାୟତନରେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ଉଭୟ ପଦ୍ଧତି ଏକ ଉଚ୍ଚ ଆଦର୍ଶର ସମ୍ମାନ ଲାଭ କରିଛି।" (୧୩) ପିଲାନିରେ ମାଧବୀ ଡ଼କ୍ଟର ମାଲ୍‌ହୋତ୍ରାଙ୍କ ଠାରୁ ମଧ୍ୟ ବହୁ ପ୍ରେରଣା ପାଇଛି ଗବେଷଣା କରିବା ପାଇଁ। କିନ୍ତୁ ଶେଷରେ ମାଧବୀର ମାଙ୍କ ମୃତ୍ୟୁ ଏବଂ ବାପାଙ୍କର ପକ୍ଷାଘାତ ମାଧବୀକୁ ଏକ ଅନିଶ୍ଚିତ ମୋଡ଼ରେ ଆଣି ଠିଆ କରେଇ ଦେଇଛି। ସୁତରାଂ, କ୍ୟାମ୍ପସ୍ କେବଳ ଶିକ୍ଷା ନୁହେଁ, ବରଂ ଜୀବନର ବହୁମୁଖି ଦିଗକୁ ଉନ୍ମୋଚନ କରିଥାଏ

ଏହି କ୍ୟାମ୍ପସ୍ କେତେବେଳେ ଏହା ବଦଳାଇ ଦିଏ ଭବିଷ୍ୟତ ତ କେତେବେଳେ ଜୀବନକୁ କରିଦିଏ କୁପଥଗାମୀ। ପୁଣି ହିଂସା,ପ୍ରତିହିଂସା ଇତ୍ୟାଦି କିଛି କମ୍ ଦେଖାଯାଏ ନାହିଁ କ୍ୟାମ୍ପସ୍‌ରେ।

ସେହିପରି ଖ୍ୟାତିସମ୍ପନ୍ନ ଗାଳ୍ପିକ ଶାନ୍ତନୁ ଆଚାର୍ଯ୍ୟଙ୍କର 'ମୁଖ୍ୟବକ୍ତା' ଗଳ୍ପଟି ସାନ୍ଦୀପନି ଆଶ୍ରମ କଲେଜ କ୍ୟାମ୍ପସ୍‌କୁ ନେଇ ଗଢ଼ିଉଠିଛି। ଗଳ୍ପଟିରେ ଅବସରପ୍ରାପ୍ତ ଜଣେ ପ୍ରଫେସର ନାମ ବଳଭଦ୍ର ରାୟ ଯାହାଙ୍କୁ ସେହି କଲେଜର ଏକ ସଭାକୁ ମୁଖ୍ୟବକ୍ତା ଭାବେ ଡକାଯାଇଛି। ଏବଂ ସେ ସଭାରେ ଉପସ୍ଥିତ ଥିବା ମନ୍ତ୍ରୀମାନଙ୍କ ବିପକ୍ଷରେ ଭାଷଣ ଦେଇଛନ୍ତି କାରଣ ବର୍ତ୍ତମାନ ଅଧିକାଂଶ ଶିକ୍ଷାନୁଷ୍ଠାନ ମାନଙ୍କରେ ଏହି ମନ୍ତ୍ରୀମାନେ ହିଁ ନିଜର କୃତିତ୍ୱ ବିଛେଇ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରୁଛନ୍ତି। ଶିକ୍ଷା କ୍ଷେତ୍ରମାନଙ୍କରେ ଏହି ରାଜନୀତିର ଅବାଧ ପ୍ରବେଶ ଫଳରେ ଶିକ୍ଷା ତାର ପ୍ରକୃତ ସଂଜ୍ଞା ହରାଇ ବସୁଛି। ଯାହାର ପ୍ରଭାବ ପିଲାମାନଙ୍କ ସୁନେଲୀ ଭବିଷ୍ୟତ ଉପରେ ପଡୁଛି। ପ୍ରଫେସର ରାୟ ଏହା ହୃଦୟଙ୍ଗମ କରିଛନ୍ତି ଯାହା ଫଳରେ ସେ ଏପରି ଏକ ଅଗ୍ନିଗର୍ଭକ ଭାଷଣ ଦେଇଛନ୍ତି।

ଯେହେତୁ କ୍ୟାମ୍ପସ୍ ଏକାଧାରରେ ପ୍ରେମ ସ୍ୱପ୍ନ ଓ ସମ୍ଭାବନାର କ୍ଷେତ୍ର। ଅନେକ ସମୟରେ ଦେଖାଯାଏ କ୍ୟାମ୍ପସ୍‌ରେ ପଢୁଥିବା ଛାତ୍ର ଛାତ୍ରୀଙ୍କ ପ୍ରେମ ପରି କିଛି ଶିକ୍ଷକଙ୍କର ଛାତ୍ରୀ ସହ ଗଢ଼ିଉଠେ ପ୍ରେମ ସମ୍ପର୍କ। ଏହିପରି ଏକ ପ୍ରେମର ନମୁନା ଦେଖାଯାଏ ପ୍ରଶାନ୍ତ ମହାନ୍ତିଙ୍କ 'ନିଆଁ ଶେଯରେ ସ୍ୱପ' ଗଳ୍ପରେ। ଗଳ୍ପଟିର ନାୟକ ପରେଶ ଯିଏ କି ପ୍ରାଇଭେଟ୍ କଲେଜର ଜଣେ ଅଧ୍ୟାପକ ଯାହାର କି ନିଜ ଛାତ୍ରୀ ପିନା ପ୍ରତି ସୃଷ୍ଟି ହୋଇଛି ଭାବାନ୍ତର ଏବଂ ଅନୁରୂପ ଭାବରେ ଛାତ୍ରୀ ପିନାର ମଧ୍ୟ ଅଧ୍ୟାପକ ପରେଶଙ୍କ ପ୍ରତି ରହିଛି ଦୁର୍ବଳତା। କିନ୍ତୁ ସମାଜ ପ୍ରତି ଥିବା ଭୟ ଉଭୟଙ୍କ ପ୍ରେମକୁ ସଫଳ କରିବାକୁ ଦେଇନି। ଦିନେ ହଠାତ୍ ପରେଶ ସ୍ୱପ୍ନ ପ୍ରବଣ ହେଇ ଦେଖୁଛି "ସ୍ୱପ୍ନ ବିଭୋର ଆଖିରେ ପରେଶ ଦେଖୁଥିଲା ପିନା ଆସିଛିଡ଼ା ହେଇଛ ତା' ଆଗରେ ତା'ହାତ ଉପରେ ହାତ ରଖିଛି ଓ କହୁଛି– ଆପଣ ମତେ ଭୁଲିବେନି ସାର୍। ମୁଁ ଆପଣଙ୍କୁ କଣ ବା ଦେଇପାରିବି ? ମୁଁ କଣ ଆପଣଙ୍କ ଭଳି ସ୍ୱାଧୀନ ?"(୧୪) ସୁତରାଂ ଉକ୍ତ ଗଳ୍ପଟି ମାଧ୍ୟମରେ ପ୍ରତିଫଳିତ ହୋଇଛି ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଗୁରୁ ଛାତ୍ର ପରମ୍ପରାର ବ୍ୟତିକ୍ରମ, ଗୁରୁ ଛାତ୍ର ସମ୍ପର୍କ କହିଲେ ଯାହା ଆମେ ବୁଝୁଥିଲେ ଯେ କେବଳ ଏହା ଶିକ୍ଷା ଆଦାନ ପ୍ରଦାନ ଭିତରେ ସୀମିତ ଥିଲା। କିନ୍ତୁ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ କିପରି ଏ ସମ୍ପର୍କର ସଂଜ୍ଞା ବଦଳି ଯାଉଛି ଗୁରୁ–ଛାତ୍ର ଭିତରେ ବି ଗଢି ଉଠୁଛି ପ୍ରେମ ସମ୍ପର୍କ। ଯାହାର ନମୁନା ଉକ୍ତ ଗଳ୍ପଟିରେ ଅଧ୍ୟାପକ ପରେଶ ଏବଂ ଛାତ୍ରୀ ପିନା ଏହି ଦୁଇ ଚରିତ୍ର ମଧ୍ୟରେ ସଂଗଠିତ ହୋଇଥିବାର ଦେଖିବାକୁ ପାଉ।

ବିଭିନ୍ନତାର କ୍ଷେତ୍ର ହେଉଛି କ୍ୟାମ୍ପସ୍। ବହୁ ପ୍ରକାର ଆବେଗର ଭୂମି ମଧ୍ୟ କ୍ୟାମ୍ପସ୍। ଯୌବନର ସବୁ ସ୍ୱପ୍ନ ଓ ସମ୍ଭାବନାର ଅୟମାରମ୍ଭ ହୋଇଥାଏ କ୍ୟାମ୍ପସ୍‌ରୁ। କ୍ୟାମ୍ପସ୍‌ରେ କେବଳ ପ୍ରେମ ନୁହେଁ ପ୍ରତାରଣା ବି ମିଳେ। କିଛି ପ୍ରେମ ସଫଳ ହୁଏ ଆଉ କିଛି ହୁଏ ବିଫଳ। ଏହି ବିଫଳତାକୁ କେତେକ ଭାଗ୍ୟ ମଣି ରହିଯାଆନ୍ତି ସାରା କାଳ। ପ୍ରକୃତରେ କ୍ୟାମ୍ପସ୍‌ରେ ହୋଇଥିବା ପ୍ରଥମ ପ୍ରେମର ପୁଲକକୁ, ମହକକୁ ଅନେକେ ଭୁଲି ପାରନ୍ତିନି ଯାହା ଫଳରେ ଆଉ କାହାକୁ ଗ୍ରହଣ କରିବା ତାଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ। ଏହିପରି ଏକ କ୍ୟାମ୍ପସ୍‌ର ପ୍ରେମକୁ ନେଇ ଗାଳ୍ପିକ ପ୍ରାଣବନ୍ଧୁ କରଙ୍କର ଗଳ୍ପ 'ନାନ୍‌ସି'। ନାନ୍‌ସି ଗଳ୍ପରେ ନାନ୍‌ସି ହେଉଛି ଏକ ବିଦେଶୀ ତରୁଣୀ ଯିଏ କି ଏଡୁକେସନରେ ଏମ୍.ଏ ପଢୁଥିଲେ ୟୁନିଭର୍ସିଟି ଅଫ୍ ସି.ଏଲ୍ ରେ। ସେଠାରେ ଜଣେ ଭାରତୀୟ ଯୁବକ ଆନିମେଷ ସିହ୍ନା ଏଡୁକେସନରେ ଡ଼କ୍‌ଟରେଟ୍ କରିବାକୁ ଆସିଥିଲେ ଓ ସେଠାରେ ନାନ୍‌ସି ଓ ଆନିମେଷ ସିହ୍ନା ଦୁହିଁଙ୍କ ଭିତରେ ପ୍ରେମ ସଂଘଠିତ ହୋଇଥିଲା। ଏମିତିକି ଦୁହିଁଙ୍କ ଭିତରେ ଶାରୀରିକ ସମ୍ପର୍କ ମଧ୍ୟ ରହିଛି। ନାନ୍‌ସି ଗର୍ଭବତୀ ବୋଲି ଜାଣି ମଧ୍ୟ ଆନିମେଷ ତାକୁ ଏକାକୀ ଛାଡ଼ି ପି.ଏଚ୍.ଡ଼ି ଥେସିସ୍ ଡ଼ିପୋଜିଟ୍ କରି ସାନଫ୍ରାନ୍‌ସିସ୍‌କୋ ଚାଲିଯାଇଛି। ଶେଷରେ ନାନ୍‌ସି ଆନିମେଷର ପିଲାକୁ ଜନ୍ମ ଦେଇଛି ଛୁଆଟି କିନ୍ତୁ ହୋଇଛ ଭାରତୀୟ ଙ୍କ ରଙ୍ଗର ଅର୍ଥାତ୍ ବ୍ରାଉନ୍ କଲର୍। କିଛି ବର୍ଷ ପରେ ସେହି ୟୁନିଭର୍ସିଟିକୁ ଆଉ ଜଣେ ଭାରତୀୟ ଏଡୁକେସନରେ ଫୁଲ୍ ବ୍ରାଇଟ୍ ଫେଲୋସିପ୍ ପାଇ ଉକ୍ତ ୟୁନିଭର୍ସିଟିକୁ ଆସିବା ଅବସରରେ ତାଙ୍କର ନାନ୍‌ସି ସହ ସାକ୍ଷାତ ହୋଇଛି। ତାପରେ ପରିଚୟ, ପରିଚୟରୁ ଘନିଷ୍ଠତା ଭିତରେ ପ୍ରଫେସର୍ ଜଣଙ୍କ ଜାଣିବାକୁ ପାଇଛନ୍ତି ନାନ୍‌ସିର ଅତୀତ ଅର୍ଥାତ କ୍ୟାମ୍ପସ୍ ଦିନର ଅଧୁରା ପ୍ରେମ ସମ୍ପର୍କରେ। କେବଳ ଏତିକି ନୁହେଁ ନାନ୍‌ସିର ପ୍ରେମର ସନ୍ତକ ତା ଛୁଆକୁ ଦେଖି ଆଶ୍ଚର୍ଯ୍ୟ ମଧ୍ୟ ହୋଇଛନ୍ତି। ଭାବିଛନ୍ତି ହୁଏତ ନାନ୍‌ସି ଜାଗାରେ ଆଉ କିଏ ଥିଲେ ଏ ଛୁଆକୁ ହୁଏତ ଜନ୍ମ ଦେଇ ନଥାନ୍ତା। କିନ୍ତୁ ନାନ୍‌ସି ସେ ଦୃଷ୍ଟିରୁ ବ୍ୟତିକ୍ରମ।

ସେହିପରି ଗାଳ୍ପିକ କରଙ୍କ 'ରୋମନ୍ଥନ' ଗଳ୍ପରେ ଏକ ସରକାରୀ ମହାବିଦ୍ୟାଳୟରେ ବାର୍ଷିକ ନାଟକୋତ୍ସବ ଅନୁଷ୍ଠିତ ହେବା ଅବସରରେ। ବିଭିନ୍ନ ଆଡୁ ନିମନ୍ତ୍ରିତ ହୋଇ ଅତିଥିମାନେ ଆସିଛନ୍ତି ମହାବିଦ୍ୟାଳୟକୁ। ସେଠାକୁ ସମ୍ମାନୀତ ହୋଇ ଆସିଥିବା ଅତିଥିମାନଙ୍କ ମଧ୍ୟରେ ଅଛନ୍ତି ଅଧ୍ୟାପକ ସରୋଜ ଛୋଟରାୟ ଯାହାଙ୍କର ଅତୀତରେ ପ୍ରେମ ସମ୍ପର୍କ ଥିଲା ଉକ୍ତ ମହାବିଦ୍ୟାଳୟର ଅଧକ୍ଷା ତଥା ନାଟ୍ୟ ସଂସଦର ଉପସଭାପତି ଶ୍ରୀମତୀ ସବିତା ବିଶ୍ୱାଳଙ୍କ ସହ। ନାଟକୋତ୍ସବର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା। କ୍ୟାମ୍ପସ୍ ଛାଡ଼ିବାର ଅନେକ ବର୍ଷ ପରେ ଅଧ୍ୟାପକ ଛୋଟରାୟ ଏବଂ ଅଧ୍ୟାପିକା ସବିତା ବିଶ୍ୱାଳ ମହାବିଦ୍ୟାଳୟର ନାଟକୋତ୍ସବରେ ପରସ୍ପରକୁ ଦେଖି

ଦୁହିଁଙ୍କର ଅତୀତ ରୋମନ୍ଥିତ ହୋଇଛି। ଗଳ୍ପଟିରେ ଦୁଇଟି କ୍ୟାମ୍ପସ୍‌ର ଭୂମିକା ରହିଛି। ଗୋଟିଏ ହେଉଛି ଦୁଇଜଣ ଅତୀତରେ କୌଣସି ଏକ କ୍ୟାମ୍ପସ୍‌ରେ ପଢୁଥିଲେ ଯଉଠି କି ପରସ୍ପରଙ୍କ ଭିତରେ ପ୍ରେମ ଗଢିଉଠିଥିଲା ଆଉ ଗୋଟିଏ ହେଉଛି ଆଜି ପରସ୍ପରଙ୍କର ସାକ୍ଷାତ ହେଉଛି ଆଉ ଏକ କ୍ୟାମ୍ପସ୍‌ରେ।

ସୁତରାଂ, କ୍ୟାମ୍ପସ୍‌ର ଅନୁଭୂତି ଜଣେ ବ୍ୟକ୍ତି ଜୀବନର ଏକ ଚିର ସବୁଜ ଅନୁଭୂତି ଯାହା କୌଣସି ଦିନଫିକା ପଡ଼େନା। ସେତିକି ନୁହେଁ କେବଳ କ୍ୟାମ୍ପସ୍ ଏକ ଅଜବ ଦୁନିଆ, ଏକ ନିଆରା ଅନୁଭବ। ପ୍ରଥମ ପ୍ରେମ ପରି ଯାହା ଭୁଲିହୁଏ ନାହିଁ କେବେ ବି ତାହା ହେଉଛି କ୍ୟାମ୍ପସ୍। କ୍ୟାମ୍ପସ୍ ଏମିତି ଏକ ସୁନେଲୀ ପୃଷ୍ଠା ଯାହା ସ୍ମୃତିର ଦଲିଲ୍‌ରୁ ବିଲୀନ ହେବା ଅସମ୍ଭବ।

ଉତ୍ତର ଅଶୀ ସମୟରେ ଓଡ଼ିଆ କଥାସାହିତ୍ୟରେ ଜଣେ ଚର୍ଚ୍ଚିତ ଗାଳ୍ପିକ ହେଉଛନ୍ତି ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ଯାହାଙ୍କ ଗଳ୍ପରେ ମୁଖ୍ୟତଃ ଫୁଟି ଉଠିଛି ମାନବୀୟ ମୂଲ୍ୟବୋଧ, ପାରମ୍ପରିକ ମୂଲ୍ୟବୋଧ, ଅବକ୍ଷୟ, ବ୍ୟଥିତ ମଣିଷର କଥା ଇତ୍ୟାଦି। ଏହି ମନନଶୀଳ କଥାକାର ଙ୍କର ରହିଛି 'ଏକାକୀ' ନାମରେ ଏକ କ୍ୟାମ୍ପସ୍ ଗଳ୍ପ। ଗଳ୍ପଟି ଦର୍ଶନଶାସ୍ତ୍ରର ଜଣେ ଅଧ୍ୟାପକ ଡକ୍ଟର ମହାବୀର ମହାପାତ୍ର ଓ ଛାତ୍ର ଅରବିନ୍ଦ ଏ ଦୁହିଁ ଙ୍କୁ ନେଇ। "ଡ଼କ୍ଟର ମହାପାତ୍ର ଜୁନ୍ ମାସ ଶେଷ ଆଡ଼କୁ ବଦଳି ହୋଇ ଆସି ଏଲ୍-ଏଲ୍ କଲେଜରେ ଯୋଗଦେଲେ। ଦର୍ଶନ ବିଭାଗର ବି.ଏ ଶେଷ ବର୍ଷର ଜଣେ ମାତ୍ର ଛାତ୍ର ଥିଲା। ସେ ଅରବିନ୍ଦ। ଏତେ ବଡ଼ ସହରରେ ଏତେ ବଡ଼ କଲେଜ। ଅଥଚ ଜଣେ ହିଁ ଛାତ୍ର ଫିଲସଫି ନେଇଛି। ଡ଼କ୍ଟର ମହାପାତ୍ରଙ୍କ ମନରେ ଅସନ୍ତୋଷ ଭରିଗଲା। ସେ ଯେଉଁ କଲେଜରୁ ଆସିଛନ୍ତି ସେଠାରେ ଅନ୍ତତଃ ପଚାଶରୁ ଊର୍ଦ୍ଧ ପିଲା ଫିଲସଫିରେ ଥାଆନ୍ତି ପ୍ରତିବର୍ଷ। ଅନର୍ସରେ ଷୋହଳ ରୁ ଷୋହଳ ନିଶ୍ଚୟ। ଏଠି ସର୍ବୋଚ୍ଚ ଶ୍ରେଣୀରେ ମାତ୍ର ଜଣେ ପିଲାକୁ ପଢାଇବେ ?"(୧୫) ବାସ୍ତବରେ କ୍ୟାମ୍ପସ୍‌ର ସୁନ୍ଦରତା କହିଲେ ବିପୁଳ ଛାତ୍ର ଛାତ୍ରୀ ଙ୍କୁ ବୁଝାଏ। ଯେଉଁ କଲେଜ୍ କ୍ୟାମ୍ପସ୍‌ରେ ଛାତ୍ର ଛାତ୍ରୀ ନଥାନ୍ତି ସେ କ୍ୟାମ୍ପସ୍ ଖାଲି ଖାଲି ଲାଗେ। ସବୁ ଭିତରେ କେମିତି ଗୋଟେ ଶୂନ୍ୟତା ଛାଇଯାଏ କ୍ୟାମ୍ପସ୍‌ରେ। ଯାହା ଏହି ଗଳ୍ପଟିରେ ଡ଼କ୍ଟର ମହାବୀର ମହାପାତ୍ର ଅନୁଭବ କରିଛନ୍ତି। ହେଲେ ବି ଗୋଟିଏ ଛାତ୍ର କୁ ପଢାଇଲା ବେଳେ ମଧ୍ୟ ସେ ଭାବନ୍ତିନି ଯେ ସେ ଜଣେ ମାତ୍ର ଛାତ୍ର କୁ ପଢାଉଛନ୍ତି। ସେ ଏପରି ପଢାନ୍ତି ସତେକି ଶହେ ଅଠେଇଶ କି ଦୁଇଶହ ଛପନ ପିଲାଙ୍କୁ ପଢାଉଛନ୍ତି। ବିଧିବଦ୍ଧ ଭାବେ ରୋଲ୍ ନମ୍ବର ଡାକନ୍ତି, ଅରବିନ୍ଦକୁ ସିଧା ଚାହାଁନ୍ତି ନାହିଁ । ମଝି ମଝିରେ ବହୁତ କିଛି କହି ପକାଇବା ଭଙ୍ଗୀରେ ମଧ୍ୟ ସେ କଳାପଟା ପାଖକୁ ଉଠିଯାଆନ୍ତି। ଏମିତି ବି କିଛି କ୍ୟାମ୍ପସ୍ ଅଛି ଯେଉଁଠି ପିଲାଙ୍କର ଅଭାବ ରହିଛି। ଏତଦ୍‌ବ୍ୟତୀତ କିଛି କଲେଜ ମେଧାବୀ ଛାତ୍ର ଛାତ୍ରୀ ଲୋଡୁଛନ୍ତି। ଆଉ ମେଧାବୀ ଛାତ୍ର ଛାତ୍ରୀଙ୍କ ଅଭାବ ହେତୁ କିଛି କ୍ୟାମ୍ପସ୍ ରେ ପିଲାଙ୍କ ପରିଣାମ କମିଯାଉଛି। ଯାହାକି ସଦାନନ୍ଦ ତ୍ରିପାଠୀ ଙ୍କ 'ଏକାକୀ' ଗଳ୍ପରେ ପ୍ରତିଫଳିତ।

ଅନେକ ସମୟରେ ଆମେ ଭାବୁ କ୍ୟାମ୍ପସ୍‌ରେ ପଢା କୁ ଛାଡିଲା ପରେ ଯାହା ହୁଏ ତାହା ହେଉଛି ପ୍ରେମ। ପ୍ରକୃତରେ କ୍ୟାମ୍ପସ୍ ରେ ମଧ୍ୟ ଅନେକ ଭଲ ବନ୍ଧୁତାର ନମୁନା ମିଳେ। ଏମିତି ବି ବନ୍ଧୁତା ଅଛି ଯେଉଁଠି ପ୍ରେମ ବି ହାରିଯିବ। ଏମିତି ଏକ କ୍ୟାମ୍ପସ୍‌ର ବନ୍ଧୁତାର ଚିତ୍ର ଦେଖିବାକୁ ମିଳେ ଗଦ୍ୟଶିଳ୍ପୀ ଶକୁନ୍ତଳା ପଣ୍ଡାଙ୍କର 'ପ୍ରଭାତର ପ୍ରତୀକ୍ଷା' ଗଳ୍ପରେ। ଯଦିଓ ଗଳ୍ପରେ କୌଣସି ଜାଗାରେ କୁହାଯାଏ ନାହିଁ ଏହା କେଉଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ନେଇ ରଚିତ। କିନ୍ତୁ ଗଳ୍ପଟିରୁ ସ୍ପଷ୍ଟ ଯେ ଏହା ଏକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ସମ୍ପର୍କିତ। ଯାହାକି ଗଳ୍ପ ଆରମ୍ଭରୁ ପ୍ରତିଫଳିତ "ସେତେବେଳେ ବିଶ୍ୱବିଦ୍ୟାଳୟର ଶାନ୍ତ ପରିସରରେ ଅନ୍ଧକାର ଛାଇ ଯାଇ ଥିଲା। ଅନେକ ସମୟ ଧରି ରାତ୍ରି ଆକାଶରେ ହସୁଥିବା କେଉଁ ଏକ ତିଥିର ଚନ୍ଦ୍ର ବାଦଲର ଅନ୍ତରାଳରେ ଛପିଯାଇ ରାତ୍ରିର ନିସ୍ତବ୍ଧତାକୁ ଆହୁରି ଗଭୀର କରିଦେଇଥିଲା।"(୧୬)

ଗଳ୍ପଟିର ଦୁଇଟି ମୁଖ୍ୟ ଚରିତ୍ର ହେଲେ ୟାଙ୍ଗ୍‌ଲୋ ଏବଂ ସୁଜିତ୍। ଦୁହେଁ ବିଶ୍ୱବିଦ୍ୟାଳୟର କୃତି ଛାତ୍ର। ୟାଙ୍ଗ୍‌ଲୋ ଦେଶ ବିରୋଧ ଯୁବ ନେତା ହୋଇଥିବାରୁ ସୁଜିତ୍ ତାକୁ ପସନ୍ଦ କରୁନଥିଲା। କିନ୍ତୁ ୟାଙ୍ଗ୍‌ଲୋ ସୁଜିତ୍ କୁ ଖୁବ୍ ଭଲ ପାଉଥିଲା। ପ୍ରଥମେ ହଷ୍ଟେଲ୍‌ରେ ରହିବା ବେଳେ ସୁଜିତ୍‌ର ୟାଙ୍ଗ୍‌ଲୋ ଉପରେ ଥିବା ଧାରଣା ପରେ ବଦଳିଯାଇଛି। ଧିରେ ଧିରେ ଦୁହିଁଙ୍କ ଭିତରେ ନିବିଡ ବନ୍ଧୁତା ଗଢି ଉଠିଛି। "ସୁଜିତ୍ ୟାଙ୍ଗ୍‌ଲୋକୁ ଭୁଲିପାରେନା। ସେ ଦେଶ ବିରୋଧି ହୋଇପାରେ। ମାତ୍ର ତାର ବନ୍ଧୁତ୍ୱକୁ ଶ୍ରଦ୍ଧା କରେ ସୁଜିତ୍,ସମ୍ମାନ ଦିଏ ତାର ମାନବିକତାକୁ।"(୧୭) କିନ୍ତୁ ଯେତେବେଳେ ସୁଜିତ୍ ସମ୍ବାଦପତ୍ରରେ ୟାଙ୍ଗ୍‌ଲୋର ମୃତ୍ୟୁ ଖବର ପଢିଛି ଖୁବ୍ ଭାଙ୍ଗି ପଡିଛି ଓ କଷ୍ଟ ପାଇଛି। "ସମ୍ବାଦପତ୍ରର ଶେଷ ସ୍ତମ୍ଭରେ ସେଇ ପାହାଡ଼ିଆ ସହରର ନାମ ଦେଖିବା ପରେ ସମ୍ବାଦଟି ପଢିବାକୁ ଅଧିକ ବ୍ୟଗ୍ର ହୋଇଉଠିଲା ସୁଜିତ୍। ଗଣମୁକ୍ତି ସାମ୍ମୁଖ୍ୟର ଯୁବନେତା ଟି.ପି. ୱାଙ୍ଗ୍‌ଲୋଙ୍କର ପୋଲିସ୍ ଗୁଳି ରେ ମୃତ୍ୟୁ ହୋଇଛି।"(୧୮) ଏ ଖବର ସୁଜିତ୍ କୁ ସମ୍ପୂର୍ଣ୍ଣ ଭାବେ ନିଷ୍କ୍ରିୟ କରିଦେଇଛି।ଏମିତିକି ସେ ଅନେକଥର ହଷ୍ଟେଲ୍‌ରେ ଶୋଇବା ବେଳେ ମ୍ମ ଅଜାଣତରେ ୟାଙ୍ଗ୍‌ଲୋ କୁ ଖୋଜିଛି, ସେ ବିଶ୍ୱାସ କରିପାରିନି ୟାଙ୍ଗ୍‌ଲୋ ଆଉ ଦୁନିଆରେ ନାହିଁ।

ସେହିପରି ଗାଳ୍ପିକାଙ୍କର ଆଉ ଏକ କ୍ୟାମ୍ପସ୍‌ଧର୍ମୀ ଗଳ୍ପ ହେଲା 'ସଳିତା'। ଗଳ୍ପର ମୁଖ୍ୟ କଥା ହେଉଛି କ୍ୟାମ୍ପସ୍‌ରେ ଗଢିଉଠିଥିବା ପ୍ରେମ ଓ ସେ ପ୍ରେମର ବିଫଳତା,। କ୍ୟାମ୍ପସ୍‌ରେ ଗଢିଉଠିଥିବା ସବୁ ପ୍ରେମ ହୁଏତ ସତ ହୋଇନପାରେ କିନ୍ତୁ ସେଦିନମାନଙ୍କର ପ୍ରେମ

ଖୁବ୍ ସ୍ମରଣୀୟ ସମସ୍ତଙ୍କ ପାଇଁ। 'ସଳିତା' ଗଳ୍ପରେ ସଳିତା ହେଉଛି ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଛାତ୍ରୀ। "ସଳିତା ସେତେବେଳେ ମୋ ସାଙ୍ଗରେ ରେଭେନ୍‌ସା କଲେଜରେ ଆଇ.ଏସ୍.ସି ପଢୁଥିଲା। ଆଇ.ଏସ୍‌ସି ପରେ ଗଲା ମେଡିକାଲ୍ କଲେଜ। ଭଲ ଛାତ୍ରୀ ଭାବେ ତାର ଖୁବ୍ ନାଁ ଥିଲା। ସୁପ୍ରିତ୍ କଳାର ଛାତ୍ର ଏମ୍.ଏ ପାଶ୍ ପରେ ସେ ଗଲା ବମ୍ବେରେ ପଢ଼ିବାକୁ। ସଳିତା ପାଖକୁ ଚିଠିପତ୍ର ଖୁବ୍ ଆସେ। ସୁପ୍ରିତ୍ ଛୁଟିରେ ଆସିଲେ ଦେଖା ହୁଏ ଦୁଇଜଣଙ୍କର। ପାଠଶେଷ ପରେ ସେମାନେ ନିଶ୍ଚୟ ବିବାହ କରିବେ ସ୍ଥିର କରିଥିଲେ।"(୧୯) କିନ୍ତୁ ପରସ୍ପରକୁ ବିବାହ କରିବା ପୂର୍ବରୁ ହଠାତ୍ ସବୁ ବଦଳି ଗଲା। ସୁପ୍ରିତ୍ ଚାକିରୀ ପାଇବା ପାଇଛି। ସଳୀତା ମଧ୍ୟ ଚିକିତ୍ସା କ୍ଷେତ୍ରରେ ଖୁବ୍ ସୁନାମ ପାଇଛି। ଉଭୟ ଅନ୍ୟତ୍ର ବିବାହ କରିଛନ୍ତି ମାତ୍ର କେହି କାହାକୁ ବିବାହ କରିପାରି ନାହାନ୍ତି।

କ୍ୟାମ୍ପସ୍‌ର ବହୁମୁଖୀ ଦିଗକୁ ସର୍ବଦା କ୍ୟାମ୍ପସ୍ ଗଳ୍ପ ବହନ କରିଥାଏ। ଏହି ଦୃଷ୍ଟିରୁ ଆମେ ଦେଖିଲେ ଜାଣିପାରିବା କ୍ୟାମ୍ପସ୍‌ରେ ଛାତ୍ର-ରାଜନୀତି ତଥା ଛାତ୍ର ସଂଗଠନର ଭୂମିକା ଥାଏ ଗୁରୁତ୍ୱପୂର୍ଣ୍ଣ। ଏହାର ପ୍ରତିଫଳନ ମଧ୍ୟଆମେ ଅନେକ ଗଳ୍ପରେ ଦେଖିବାକୁ ପାଇଥାଉ। ସେଥିମଧ୍ୟରୁ ଡକ୍ଟର କୃଷ୍ଣପ୍ରସାଦ ମିଶ୍ରଙ୍କ 'ଆର୍ଚି' ଗଳ୍ପ ହେଉଛି ଅନ୍ୟତମ। ଉକ୍ତ ଗଳ୍ପଟିରେ ଦେଖିବାକୁ ମିଳେ ଅଧକ୍ଷଙ୍କ ଉପରେ ଅବାସ୍ତବ ଦାବୀ ଯାହାକି କଲେଜ କ୍ୟାମ୍ପସ୍‌ରେ ଆଦୌ ସମ୍ଭବପର ନୁହେଁ। ଦାବୀଟି ହେଉଛି କଲେଜର ବାର୍ଷିକ ଉତ୍ସବ ଅବସରରେ ଏକ ଅସାମାଜିକ ଫିଲ୍ମ ଆଣିବା ଯାହାର ନାମ 'ଆର୍ଚି'। ଏହି ପ୍ରସ୍ତାବରେ ଅଧକ୍ଷ ଅମତ ହେଇ ଏକ ଶିକ୍ଷଣୀୟ ଫିଲ୍ମ ଆଣିବାର ମନ୍ତବ୍ୟ ରଖିବାରୁ ବାର୍ଷିକ ଉତ୍ସବରେ ଛାତ୍ରମାନେ ତାଙ୍କୁ ଅପମାନିତ କରିଛନ୍ତି ଏବଂ ତାଙ୍କ ବେକରେ ଜୋତାମାଳ ମଧ୍ୟ ପିନ୍ଧେଇବାକୁ ପଛେଇନାହାନ୍ତି। ଅର୍ଥାତ୍ କ୍ୟାମ୍ପସ୍‌ରେ ଦେଖାଯାଉଥିବା ଛାତ୍ରନେତାମାନଙ୍କର ଅସାମାଜିକ କାର୍ଯ୍ୟକଳାପ କିପରି କ୍ୟାମ୍ପସ୍‌ର ଶୈକ୍ଷିକ ବାତାବରଣକୁ ନଷ୍ଟକରି ଏହାର ପ୍ରକୃତ ସ୍ୱରୂପ ଉନ୍ମୋଚନ କରିବାରେ ଅକ୍ଷମ ହେଉଚି ଏହାର ଦୃଷ୍ଟାନ୍ତ ଉପରୋକ୍ତ ଗଳ୍ପଟିରୁ ମିଳେ।

ସେହିପରି ଓଡ଼ିଆ ଲୋକସାହିତ୍ୟ ପରି ଓଡ଼ିଆ କଥାସାହିତ୍ୟ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିପାରିଥିବା କଥାଶିଳ୍ପୀ କଇଳାଶ ପଟ୍ଟନାୟକଙ୍କର 'ପ୍ରିୟତମ ଶତ୍ରୁ' ଏବଂ 'ବିଷାଦର ମାନଚିତ୍ର' ନାମରେ ରହିଛି ଦୁଇଟି କ୍ୟାମ୍ପସ୍ ଭିତ୍ତିକ ଗଳ୍ପ। 'ପ୍ରିୟତମ ଶତ୍ରୁ' ଗଳ୍ପଟି କୌଣସି ଏକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ପଢୁଥିବା ଦୁଇଜଣ ଛାତ୍ର ଛାତ୍ରୀଙ୍କର ବିଫଳ ପ୍ରେମ ଉପରେ ଆଧାରିତ। ଗଳ୍ପର ଦୁଇଟି ଚରିତ୍ର ହେଉଛନ୍ତି ଜୟନ୍ତ ଓ ସୁମିତ୍ରା। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ଦୁହିଁଙ୍କର ଗଢିଉଠିଛି ପ୍ରେମ, ସେ ପ୍ରେମ ପୁଣି ବଦଳିଯାଇଛି ପ୍ରତାରଣାରେ କିନ୍ତୁ ସୁମିତ୍ରା ଭୁଲିପାରିନାହିଁ ଜୟନ୍ତକୁ। ଯାହା ନିମ୍ନ ଉକ୍ତି ଗୁଡ଼ିକରେ ପ୍ରତିଫଳିତ। "କେତେଦିନ ପରେ ତୁମକୁ ଦେଖିଲି ହେ ଜୟନ୍ତ? ମୋର କିଛି ମନେ ପଡୁନି। ମନେରହୁନି କିଛି ଏଇ କେଇଦିନ ହେବ। ଚାରିଆଡ଼େ ଖାଲି ଖାଁ-ଖାଁ। ତାରି ଭିତରେ ମୁଁ ତ ସବୁ ଭୁଲିସାରିଚି, ତମକୁ ନୁହେଁ ମୋ ବାକି ସବୁ। ତମକୁ କଣ ଭୁଲିହୁଏ? ତମେ ଭୁଲିପାରିବ ମୋତେ? ମୁଁ ଭୁଲିପାରିବି ତମକୁ? ଅଥଚ ଦେଖ କି ଆଶ୍ଚର୍ଯ୍ୟଜନକ ଭାବେ ଧିରେ ଧିରେ ଯିବାଟା ବି ହୋଇଗଲା ଆମ ଚାରିପଟେ?"(୨୦)

ପ୍ରକୃତରେ ସବୁ ପ୍ରେମ,ପ୍ରତାରଣା,ପାଇବା,ହରାଇବା, ଭିତରେ କ୍ୟାମ୍ପସ୍ ଦିନଗୁଡ଼ିକ ଯୋଡ଼ିଦିଏ ସ୍ମୃତିର ପୃଷ୍ଠାରେ କେତେ କେତେ ଅଙ୍ଗେନିଭା ଅନୁଭବ ଓ ଅନୁଭୂତି ଯାହା ଶବ୍ଦରେ ବର୍ଣ୍ଣିବା କଷ୍ଟ। ଯାହାକି କଥାଶିଳ୍ପୀ ପଟ୍ଟନାୟକଙ୍କର ଉକ୍ତ ଗଳ୍ପଟିରେ ପ୍ରତିଫଳିତ। ଜୟନ୍ତ ବଦଳି ଯାଇଥିଲେ ହେଁ ସୁମିତ୍ରା ଭୁଲିପାରି ନାହିଁ ତାକୁ, କ୍ୟାମ୍ପସ୍ ରେ ଦୁହିଁଙ୍କ ଭିତରେ ଗଢିଉଠିଥିବା ସମ୍ପର୍କକୁ।

ସେହିପରି କଥାଶିଳ୍ପୀ ପଟ୍ଟନାୟକଙ୍କର 'ବିଷାଦର ମାନଚିତ୍ର' ଗଳ୍ପଟି ଶାନ୍ତିନିକେତନ କ୍ୟାମ୍ପସ୍‌କୁ ନେଇ ରଚିତ। ସବୁ କ୍ୟାମ୍ପସ୍‌ର ପ୍ରେମ ଶାନ୍ତିନିକେତନର ପ୍ରେମ ଭିତରେ ଥାଏ ଅନେକ ତଫାତ୍। ଶାନ୍ତିନିକେତନ ପ୍ରେମରେ ଥାଏ ଏକ ନିଆରା ଆକର୍ଷଣ। ସତେକି ପ୍ରକୃତି ସହ ଏଠି ପ୍ରେମର ଏକ ଅନ୍ତସଲୀଳା ଫଲଗୁ ବୋହୁଥାଏ ନୀରବରେ ଖୁବ୍ ନୀରବରେ। ଏଠି ଋତୁ ପରି, ଫୁଲ ପରି, ପ୍ରକୃତି ପରି ପ୍ରେମରେ ବି ଥାଏ ଅନେକ ରଙ୍ଗ। ଏହିପରି ନିଆରା କ୍ୟାମ୍ପସ୍‌ର ପ୍ରେମକୁ ନେଇ ଉକ୍ତ ଗଳ୍ପଟି ରଚିତ। ଗଳ୍ପର ନାୟକ ହେଉଛନ୍ତି ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଏକ ଛାତ୍ର। କ୍ୟାମ୍ପସ୍ ଛାଡ଼ିବାର ବହୁଦିନ ପରେ ଯାହାର ସ୍ମୃତିରେ ଉଦ୍‌ଭାସିତ ହେଉଛି କ୍ୟାମ୍ପସ୍ ସହ ଜଡ଼ିତ ଥିବା ତାର ସବୁତକ ତିକ୍ତ ମଧୁର ସ୍ମୃତି ଓ ଅନୁଭୂତି। ତା ଭିତରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନ ଯଥା:- ଘଣ୍ଟତଲା, ହସ୍‌ପିଟାଲ୍, ଓଡ଼ିଆ ଡ଼ିପାର୍ଟମେଂଟ, ଶ୍ରୀନିକେତନ, ଶ୍ୟାମ୍‌ବାଟୀ ସମେତ ଶାନ୍ତିନିକେତନର ପାନ ଦୋକାନି ଦାଦୁ। ଯାହା ସବୁଠୁ ବେଶି ମନେପଡ଼ିବାର ବିଷୟ ତାହା ହେଉଛି ଶାନ୍ତିନିକେତନରେ ପଢିବା ବେଳେ ମିନି ନାମ୍ନୀ ଜଣେ ଝିଅ ସହ ଥିବା ପ୍ରେମ ଓ ତାର ପ୍ରିତିଭରା ଚିଠି। ଯାହା କ୍ୟାମ୍ପସ୍ ଛାଡ଼ିବା ପରେ ଆତ୍ମହରା କରିଛି ଗଳ୍ପ ନାୟକକୁ। "କାହିଁକି କେଜାଣି ମିନି କଥା ଏବେ ଭୀଷଣ ମନେ ପଡୁଛି। କଣ କରୁଥିବ ସେ ଏବେ? କଉଠି ଥିବ? ଭାବିପାରିଲିନି ଅଚାନକ କେମିତି ରାସ୍ତାର ଲାଇଟ୍ ସବୁ ଲିଭିଗଲା।"(୨୧) ପ୍ରକୃତରେ ଏ କ୍ୟାମ୍ପସ୍ କେତେବେଳେ ସଙ୍ଗୀତର ମେହେଫିଲ୍ ପରି ମନକୁ କେଉଁଠି ହଜାଇଦିଏ ତ ପୁଣି କେତେବେଳେ ପ୍ରେମର ବିଫଳତା ଦେଇଥାଏ ଜୀବନ ତମାମ୍ ଅଦେଖା ଯନ୍ତ୍ରଣା। କ୍ୟାମ୍ପସ୍ ଏମିତି ଏକ ସଂଯୋଗ ସ୍ଥଳ ଯାହା ବଦଳାଇଦିଏ ପୁରା ଜୀବନର ଗତିପଥ। କେବଳ ସେତିକି

ନୁହେଁ କ୍ୟାମ୍ପସ୍ ରେ ବି ଚାଲିଥାଏ ରେସ୍ କେତେବେଳେ ପଢାରେ ତ କେତେବେଳେ ନୃତ୍ୟରେ,ସଙ୍ଗୀତରେ,କଳାରେ ଆଉ କେତେବେଳେ ପ୍ରେମରେ। ପ୍ରକୃତରେ କ୍ୟାମ୍ପସ୍‌ର ପ୍ରେମ ଖୁବ୍ ଅଜବ। କେତେବେଳେ କାହା ପାଖରେ ମନ ହଜିଯାଏ, ମନର ଟାଣ ପରଦାକୁ ଭାଙ୍ଗିଦେଇ କେତେବେଳେ କିଏ ମନରେ ଘର କରି ବସେ ତାହା ନିଜକୁ ବି ଅଜଣା।

ଏହିପରି କ୍ୟାମ୍ପସ୍‌ର ପ୍ରେମକୁ ନେଇ କଥାଶିଳ୍ପୀ ରଜନୀକାନ୍ତ ମହାନ୍ତିଙ୍କ 'ବହ୍ନି ପୁରୁଷ' ଗଳ୍ପଟି ଏଠାରେ ଆଲୋଚ୍ୟ। ଗଳ୍ପର ନାୟକ ଗର୍ଗ ଯିଏ କି ବିଶ୍ୱବିଦ୍ୟାଳୟର ଜଣେ ଚର୍ଚ୍ଚିତ ଚରିତ୍ର, ଗଳ୍ପର ନାୟିକା ଆହୁତି ହେଉଛି କମିଶନରଙ୍କ ଝିଅ। ଖୁବ୍ ଗରୀବ ଘରର ପିଲା ଗର୍ଗ କମିଶନରଙ୍କ ଝିଅ ଆହୁତିର ଅହଂକାରକୁ ଭାଙ୍ଗିବା ପାଇଁ ୟୁନିଭର୍ସିଟିରେ ଏକ ମିଛ ପ୍ରଚାର କରିଛି ଯେ ସେ ଆହୁତିକୁ ବିବାହ କରିବାକୁ ଯାଉଛି। ଏ ଖବର ୟୁନିଭର୍ସିଟିରେ ଚାରିଆଡ଼େ ରାଷ୍ଟ୍ର ହେଇଗଲା ଯାହା ଫଳରେ ଆହୁତିର ସମ୍ମାନ ଉପରେ ପ୍ରଭାବ ପଡିଲା। ଏ ପ୍ରକାର ଗୁଜବ ଶୁଣି ଆହୁତି ଭୟଭୀତ ହୋଇଗଲା, ୟୁନିଭର୍ସିଟିରେ ସମସ୍ତେ ତାକୁ କଥାବାର୍ତ୍ତା ହେଉଛନ୍ତି,ଝିଅମାନେ କଣେଇଁ କଣେଇଁ ଚାହୁଁଛନ୍ତି, ଯାହା ତାର ଅହଂକାରକୁ ଭାଙ୍ଗିଦେଉଛି। ପ୍ରକୃତରେ ଗର୍ଗ ଏପରି ଗୁଜବ ପ୍ରଚାର କରିବାର ଉଦ୍ଦେଶ୍ୟ ଆହୁତି ଭିତରେ ଥିବା ବଡ଼ଲୋକୀ ଅହଂକାରକୁ ଦୂର କରିବା ପାଇଁ। କିନ୍ତୁ ଶେଷରେ ଗର୍ଗକୁ ସତ ସତିକା ପ୍ରେମ କରି ବସିଛି ଆହୁତି। "ଇଚ୍ଛା ହେଉଥିଲା ସେ ଗର୍ଗ ପଛେ,ପଛେ ଧାଇଁ ଯାଆନ୍ତା। ତା ହାତକୁ ମୁଠାଇ କହନ୍ତା। ମୁଁ ..ମୁଁ ଗୋଟେ ମୁର୍ଦ୍ଦାର ଗର୍ଗ। ମତେ ଜୀବନ୍ୟାସ ଦିଅ। ଏବଂ ତା ଛାତିରେ ମୁଣ୍ଡ ଗୁଞ୍ଜି କୁହନ୍ତା। ତମେ ହିଁ ମୋର ଏକାନ୍ତ ପୁରୁଷ , ମୋର ବହୁ ପ୍ରଶ୍ନର ଇପ୍ସିତ ଉତ୍ତର।"(୨୨) ବାସ୍ତବରେ ବ୍ୟକ୍ତି ଜୀବନର ବହୁ ପ୍ରକାର ଆବେଗ, ପ୍ରତ୍ୟୟ, ଅନୁଭବ ଓ ଅଭିଜ୍ଞତାର କ୍ଷେତ୍ର ହେଉଛି କ୍ୟାମ୍ପସ୍।

ଏକ ନିଆରା କ୍ୟାମ୍ପସ୍ ପ୍ରେମକୁ ନେଇ କଥାଶିଳ୍ପୀ ଶ୍ରୀ ପ୍ରମୋଦକୁମାର ମହାପାତ୍ରଙ୍କର ରହିଛି 'ରକ୍ତ ଗୋଲାପ' ନାମରେ ଏକ ସୁନ୍ଦର କ୍ୟାମ୍ପସ୍ ଗଳ୍ପ। ଗଳ୍ପର ନାୟକ ହେଉଛି ରାଜୁ,ପ୍ରେମିକା ସ୍ୱପ୍ନା। ଦୁହେଁ ଗୋଟିଏ କଲେଜରେ ପଢନ୍ତି। କଲେଜ ଯିବାର ପ୍ରଥମ ଦିନରୁ ହିଁ ଦୁହିଁଙ୍କର ପରସ୍ପର ପ୍ରତି ଗଢିଉଠିଥିଲା ଏକ ଆକର୍ଷଣ। "ପ୍ରଥମ ଦିନ କଲେଜ ଯିବା ଭିତରେ ସେ ରକ୍ଷା କରି ଦେଇଥିଲା ସ୍ୱପ୍ନା କୁ ଏକ ଗାଡି ମୁହଁରୁ। ତାର ଠିକ୍ ମନେ ଅଛି, ଆଗ ପଛ ହୋଇଯାଉଥିଲା ସ୍ୱପ୍ନା ଆଉ ସେ। ହଠାତ୍ ଏକ କାର୍ ମାଡ଼ିଆସିଲା ଠିକ୍ ତାରି ସାମ୍ନାରେ ଯାଉଥିବା ସ୍ୱପ୍ନା ଆଡ଼କୁ। କିଛି କହିବା ପୂର୍ବରୁ ସେ ସ୍ୱପ୍ନାକୁ ପେଲି ଦେଇଥିଲା ସେଦିନ ରାସ୍ତା କଡ଼କୁ। ନିଜେ ପଡି ଖଣ୍ଡିଆ ଖାବରା ହେଇଥିଲେ ମଧ୍ୟ ବଂଚାଇପାରିଥିଲା ସ୍ୱପ୍ନାର ଜୀବନ।"(୨୩) ଦୁହିଁଙ୍କ ନିବିଡ଼ତା ଗଢିଉଠିବା ଭିତରେ ରାଜୁ ଜାଣିବାକୁ ପାଇଥିଲା ଯେ ସ୍ୱପ୍ନାର ରକ୍ତ ଗୋଲାପରେ ଭାରି ଆଦର। ସ୍ୱପ୍ନାର ଜନ୍ମଦିନରେ ରାଜୁ ତାକୁ ରକ୍ତଗୋଲାପ ଉପହାର ଦେବା ପାଇଁ ଜଣଙ୍କ ପ୍ରାସାଦରୁ ଚୋରୀ କରିବାକୁ ଯାଇଛି ସେଠି ମାଲିକଙ୍କ ଆଲ୍‌ସିସିଆନ୍ କୁକୁର ରାଜୁର ଗୋଡ଼କୁ କାମୁଡି ମାଂସ କାଢି ଦେଇଛି। ରାଜୁ ଡାକ୍ତରଖାନାରେ ଭର୍ତ୍ତି ହେଇଛି। "ଚୋରି କରିଥିବାରୁ ସ୍ୱପ୍ନା ଓ ଅନ୍ୟ ସହପାଠୀ ତଥା କଲେଜରେ ତାକୁ ବହୁ ତିରସ୍କାର ଶୁଣିବାକୁ ହୋଇଛି।"(୨୪) ବାସ୍ତବରେ କ୍ୟାମ୍ପସ୍‌ରୁ ବି ମଣିଷକୁ ଅନେକ ନୀତିଶିକ୍ଷା ମିଳେ। ଜୀବନର ଚରମ ବାସ୍ତବତା ଯାହାକୁ ମଣିଷ ବେଳେ ବେଳେ ଅସ୍ୱୀକାର କରେ ସେ ସମ୍ପର୍କରେ କ୍ୟାମ୍ପସ୍ କେବେ କେବେ ଚେତେଇ ଦିଏ। ଭଲ, ମନ୍ଦ, ଭୁଲ୍ ଠିକ୍‌ର ନିର୍ଣ୍ଣୟ କରିବାର କଳା ମଧ୍ୟ ମଣିଷକୁ ଶିକ୍ଷା ମିଳେ କ୍ୟାମ୍ପସ୍ ରୁ। ଯାହା ଶ୍ରୀ ମହାପାତ୍ରଙ୍କର 'ରକ୍ତ ଗୋଲାପ' ଗଳ୍ପଟିରେ ପ୍ରତିଫଳିତ।

କୁହାଯାଏ କ୍ୟାମ୍ପସ୍‌ରୁ ଆରମ୍ଭ ହୁଏ ଜୀବନର ଗତିପଥ,ଜୀବନର ଦୀର୍ଘ ଯାତ୍ରାରେ ମୋଡ଼ ପରିବର୍ତ୍ତନ କରିବାରେ କ୍ୟାମ୍ପସ୍‌ର ରହିଛି ଏକ ବିଶାଳ ଭୂମିକା। ଶିକ୍ଷା,ସମାଜ ତଥା ଜୀବନ ଗଠନ ପାଇଁ ଶିକ୍ଷାନୁଷ୍ଠାନର ଅବଦାନ ଅତୁଳନୀୟ। ଏହିପରି ଭାବରେ ଆମେ ଦେଖିବା ଏକ ଗଭୀର ମନନଧର୍ମୀ କ୍ୟାମ୍ପସ୍ ଗଳ୍ପ ହେଇଛି ଗାଳ୍ପିକ ହୃଷୀକେଶ ପଣ୍ଡାଙ୍କ ଗଳ୍ପ 'ରେବତୀ'। 'ରେବତୀ' ଗଳ୍ପଟି ଫକୀରମୋହନଙ୍କ 'ରେବତୀ' ଗଳ୍ପ ଆଧାରରେ ରଚିତ ଏଠାରେ ଯଦିଓ ମୁଖ୍ୟ ପ୍ରସଙ୍ଗ ହେଉଛି ନାରୀ ଶିକ୍ଷା କିନ୍ତୁ ଏହା ସହିତ ବି ଗଳ୍ପଟିରେ ରହିଛି ପ୍ରେମ, ଶିକ୍ଷା ସମସ୍ୟା ଏବଂ ଏହି ସମସ୍ୟା ଭିତରେ ବି ରେବତୀ କିପରି ଦେଶ ଛାଡି ବିଦେଶ ଯାଉଛି, ବିଦେଶରୁ ଶିକ୍ଷିତ ହେଇ ଫେରୁଛି। କିନ୍ତୁ ଆମେରିକା ଫେରନ୍ତା ରେବତୀ ଶିକ୍ଷାରମ୍ଭ କରିଥିଲା ଗାଁ ପାଖ ପ୍ରାଇଭେଟ୍ କଲେଜରୁ। "ମାଟ୍ରିକ୍ ପାଶ୍ କଲାପରେ ଆମ ଗାଁ ଠାରୁ ପାଞ୍ଚ କିଲୋମିଟର ଦୂର ପ୍ରାଇଭେଟ୍ କଲେଜରେ ମୁଁ ନାଁ ଲେଖେଇଲି। ମୁଁ ନିଜେ କଳାର ଛାତ୍ର ଥିଲି;ଅନେକ ସମୟରେ ପାଖକୁ ପାଖ ଛିଡାହୋଇ,ପ୍ରାୟ ମୁହଁ ଲଗେଇ,ଅଣୁବୀକ୍ଷଣ ଯନ୍ତ୍ର ଭିତରକୁ ପୁଅ-ଝିଅମାନେ ଅନାଇଲାବେଳେ ସେମାନଙ୍କ ଭିତରେ ପ୍ରେମ ଯେ ଅବଶ୍ୟମ୍ଭାବୀ,ସେକଥା ଆମେମାନେ ସ୍ଥିର କରିସାରିଥିଲୁ ଓ ଲାବରେଟରି ଝରକା ବାହାରେ ଛିଡାହୋଇ ଦୀର୍ଘଶ୍ୱାସ ମାରୁଥିଲୁ। ରେବତୀ ପ୍ରାଣୀବିଜ୍ଞାନ ପଢୁଥିଲା ବୋଲି ଏହା ଭିତରେ ମୁଁ ଜାଣି ସାରିଥିଲି।"(୨୫) ରେବତୀର ନିଷ୍ଠା ତଥା ଶିକ୍ଷାପ୍ରତି ଥିବା ଏକାଗ୍ରତା ରବେତୀକୁ ଗାଁ ପାଖ ପ୍ରାଇଭେଟ୍ କଲେଜରୁ ନେଇ ଆମେରିକାରେ ପି.ଏଚ୍.ଡି କରି ଫେରିବା ପାଇଁ ସକ୍ଷମ କରିପାରିଲା ତେଣୁ କ୍ୟାମ୍ପସ୍ ସମେତ ଶିକ୍ଷାକ୍ଷେତ୍ରରେ ଉନ୍ନତି ପାଇଁ ଛାତ୍ର ଛାତ୍ରୀଙ୍କ ଏକାଗ୍ରତା ତଥା ଆଗ୍ରହ ଅନେକ ପରିମାଣରେ ଦାୟୀ। କେବଳ 'ରେବତୀ' ନୁହେଁ

ଗାଳ୍ପିକ ପଣ୍ଡାଙ୍କର ରହିଛି 'ପୃଥିବୀର ହୃଦୟରେ ସମସ୍ତେ ଏକାକୀ' ଏବଂ 'ହାତଟିଏ' ନାମରେ ଆହୁରି ଦୁଇଟି ଆକର୍ଷଣୀୟ କ୍ୟାମ୍ପସ୍ ଗଳ୍ପ ।

ଅତଏବ ପ୍ରାଥମିକ ପର୍ଯ୍ୟାୟର କ୍ୟାମ୍ପସ୍ ଗଳ୍ପଗୁଡ଼ିକ ଅନେକ ନୂତନତାକୁ ନେଇ ଆତ୍ମପ୍ରକାଶ କରିଛି । କ୍ୟାମ୍ପସ୍ ଗଳ୍ପରେ କେବଳ ପ୍ରେମ ନୁହେଁ ବନ୍ଧୁତା, ରାଜନୀତି, ନୈତିକତା, ଆଦର୍ଶବୋଧତା, ତ୍ୟାଗ,ଜାତୀୟ ସ୍ୱାର୍ଥ, ଦେଶସେବା ଇତ୍ୟାଦିର ଚିତ୍ର ପ୍ରତିଫଳିତ ହୋଇଥାଏ ଯାହାକି ଆମେ ପ୍ରାଥମିକ ପର୍ଯ୍ୟାୟରେ ତାର ଜୀବନ୍ତ ନମୁନା ଦେଖିବାକୁ ପାଉ । ଏତଦ୍‌ବ୍ୟତୀତ କେତେକ କ୍ୟାମ୍ପସ୍ ଗଳ୍ପରେ ସମ୍ଭାବନା,ପ୍ରଗତୀ ଏବଂ ମାନବିକତାର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ଏହି କ୍ୟାମ୍ପସ୍ ଗଳ୍ପଗୁଡ଼ିକର ବିକଶିତ ରୂପ ଯଦିଓ ଦେଖାଯାଇଛି ଏକବିଂଶ ଶତାବ୍ଦୀର କାଳଖଣ୍ଡରେ କିନ୍ତୁ ଏହାର ଏକ ପ୍ରାଥମିକ ରୂପ ଦେଖାଯାଇଛି ବିଂଶ ଶତାବ୍ଦୀର ଶେଷ ତୃତୀୟ ଦଶକରେ । ଏହା ନିଶ୍ଚିତ ରୂପେ କୁହାଯାଇପାରେ ପ୍ରାଥମିକ ପର୍ଯ୍ୟାୟର କ୍ୟାମ୍ପସ୍ ଗଳ୍ପଗୁଡ଼ିକ ପ୍ରକାରାନ୍ତରେ ପରବର୍ତ୍ତି ସମୟରେ ଓଡ଼ିଆ କଥାକାର ମାନଙ୍କୁ କ୍ୟାମ୍ପସ୍ ପ୍ରସଙ୍ଗକୁ ନେଇ ଗଳ୍ପ ରଚନା କରିବାକୁ ପ୍ରେରଣା ଦେଇଛି । ପ୍ରତ୍ୟେକ ସୃଷ୍ଟିର ରହିଛି ଏକ ପ୍ରାଥମିକତା ଯେଉଁଥିରୁ ତାର ପ୍ରାଥମିକ ସ୍ତରର ରୂପରେଖ କୁ ବର୍ତ୍ତମାନ ର ପରିପ୍ରେକ୍ଷୀରେ ବିଚାର କରାଯାଇ ପାରେ । ଏହି ଦୃଷ୍ଟିରୁ ଦେଖିଲେ କ୍ୟାମ୍ପସ୍ ଗଳ୍ପର ମଧ୍ୟ ରହିଛି ଏକ ପ୍ରାଥମିକତା ଯେଉଁଥିରୁ ପ୍ରାଥମିକ ପର୍ଯ୍ୟାୟର କ୍ୟାମ୍ପସ୍ ଗଳ୍ପଗୁଡ଼ିକର ସ୍ୱତନ୍ତ୍ରତା ସମ୍ପର୍କରେ ସୂଚନା ମିଳେ ।

କ୍ୟାମ୍ପସ୍ ଗଳ୍ପଗୁଡ଼ିକ କ୍ୟାମ୍ପସ୍ ଦିନମାନଙ୍କର ବହୁପ୍ରକାର ଆବେଗ ତଥା ପ୍ରତ୍ୟୟକୁ ବହନ କରିଥାଏ । ଏହାକୁ ଏକ ନୂତନ ଶିଳ୍ପ ରୀତି ଭାବେ ମଧ୍ୟ ଗ୍ରହଣ କରିପାରିବା । ଜୀବନର ସ୍ମୃତି ବିଜଡ଼ିତ ଉର୍ବର ମୁହୁର୍ତ୍ତଗୁଡ଼ିକୁ ବାନ୍ଧି ରଖିଥାଏ କ୍ୟାମ୍ପସ୍ । କ୍ୟାମ୍ପସ୍‌ରେ ପଢୁଥିବା ସମସ୍ତ ଛାତ୍ର ଛାତ୍ରୀ ତାରୁଣ୍ୟର ଯେଉଁ ପର୍ଯ୍ୟାୟ ଦେଇ ଗତି କରିଥାନ୍ତି ସେ ସମୟରେ ଭାବ ହିଁ ଥାଏ ଭାଷା ଠାରୁ ଆହୁରି ଶକ୍ତିଶାଳୀ, ଶବ୍ଦଠାରୁ ନୀରବତାର ଭୂମିକା ସେ ସମୟରେ ବେଶି ଗୁରୁତ୍ୱପୂର୍ଣ୍ଣ । କ୍ୟାମ୍ପସ୍ ଜୀବନର ଏହି ଆବେଗ ଗୁଡ଼ିକ ଅନେକ ଗଦ୍ୟସ୍ରଷ୍ଟାଙ୍କ ଲେଖନୀରେ ଗଳ୍ପାକାରରେ ଫୁଟି ଉଠିଛନ୍ତି । ଆମ ପ୍ରାଥମିକତାର ଅନୁସନ୍ଧାନରୁ ଦେଖାହେଲା ଯେ ଏକବିଂଶ ଶତାବ୍ଦୀର ପୂର୍ବରୁ ଯେଉଁ କେତେଜଣ କଥାକାର କ୍ୟାମ୍ପସ୍ ଜୀବନ ତଥା କ୍ୟାମ୍ପସ୍ ସ୍ମୃତି ଏବଂ କ୍ୟାମ୍ପସ୍‌ର ଛାତ୍ର ଜୀବନରେ ଥିବା ପ୍ରଭାବ ଏବଂ ପରିଣତି ଇତ୍ୟାଦି ଘଟଣାମାନଙ୍କୁ ନେଇ କ୍ୟାମ୍ପସ୍ ଗଳ୍ପ ରଚନା କରିଛନ୍ତି । ସେମାନଙ୍କର ଗଳ୍ପଗୁଡିକ ହେଲା ଅଖିଳମୋହନ ପଟ୍ଟନାୟକଙ୍କ 'ଚନ୍ଦ୍ରର ଅଭିଶାପ', ରାଜକିଶୋର ରାୟଙ୍କର 'ବ୍ୟାକ୍ ସିଟ୍', ବ୍ରହ୍ମାନନ୍ଦ ପଣ୍ଡାଙ୍କର 'କାମଃ କରୋତି ସର୍ବମ', ଚନ୍ଦ୍ରଭାନୁ ଶତପଥୀଙ୍କର 'ଅଧ୍ୟାପକ ବ୍ରହ୍ମଦର୍ଶନଙ୍କ କଲେଜ', ଶ୍ରଧାକର ସୁପକାରଙ୍କ 'ମସ୍ତିଷ୍କ ନର୍ଦ୍ଦମା' ଏବଂ 'ବାୟୁ ବିଦ୍ୟାଳୟ', ଯଦୁନାଥ ଦାଶ ମହାପାତ୍ରଙ୍କର 'ଅଂଧ ଶାସନ',ଡକ୍ଟର ଗୁରୁପ୍ରସାଦ ମହାନ୍ତିଙ୍କର'ର୍‍ୟାଗିଙ୍ଗ୍' ଏବଂ 'ମୃତ୍ୟୁପଥର ଯାତ୍ରୀ', ରାମଚନ୍ଦ୍ର ବେହେରାଙ୍କ 'ମଧ୍ୟାହ୍ନର ଛାଇ', କିଶୋରୀ ଚରଣଙ୍କର 'ଧରାଶାୟୀ', ସୁରେନ୍ଦ୍ର ମହାନ୍ତିଙ୍କର 'ଓଃ କାଲକାଟା', ଗୋପାଳ ଛୋଟରାୟଙ୍କର 'ମାଧବୀ', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର 'ମୁଖ୍ୟବକ୍ତା', ପ୍ରଶାନ୍ତ ମହାନ୍ତିଙ୍କ 'ନିଆଁ ଶେଯରେ ସ୍ୱପ୍ନ' ପ୍ରାଣବନ୍ଧୁ କରଙ୍କ 'ନାନ୍‌ସି' ଏବଂ 'ରୋମନ୍ଥନ', ଜଗଦୀଶ ମହାନ୍ତିଙ୍କ 'ଏ ଏକ ବିଷାଦ ଖେଳ', ସଦାନନ୍ଦ ତ୍ରିପାଠୀଙ୍କ 'ଏକାକୀ', ଶକୁନ୍ତଳା ପଣ୍ଡାଙ୍କର 'ପ୍ରଭାତର ପ୍ରତୀକ୍ଷାରେ' ଏବଂ 'ସଳିତା', କୃଷ୍ଣପ୍ରସାଦ ମିଶ୍ରଙ୍କର 'ଆର୍ଟି', ରଜନୀକାନ୍ତ ମହାନ୍ତିଙ୍କ 'ବହ୍ନି ପୁରୁଷ', କଇଳାଶ ପଟ୍ଟନାୟକଙ୍କ 'ପ୍ରିୟତମ ଶତ୍ରୁ' ଏବଂ 'ବିଷାଦର ମାନଚିତ୍ର', କବିତା ବାରିକଙ୍କ 'ସ୍ମୃତିର ସହର', ପ୍ରମୋଦ କୁମାରଙ୍କ 'ରକ୍ତ ଗୋଲାପ', ପବିତ୍ର ପାଣିଗ୍ରାହୀଙ୍କ 'ବୋର୍ ହେଇ ଯାଉଥିବା ସ୍ୱପ୍ନସମ୍ରାଟ ଦିନେ ଅନୁଭବ କଲେ ଯେ ସେ ତାଙ୍କ ବିଛଣା ଉପରେଫ୍ରିଜ୍ ହେଇଯାଇଛନ୍ତି' ଇତ୍ୟାଦି ।

## ଉପସଂହାର:

ଏହିପରି ଭାବରେ ଦେଖିବାକୁ ଗଲେ ପ୍ରତିଟି କ୍ୟାମ୍ପସ୍ ଗଳ୍ପରେ ରହିଛି ସ୍ନେହ, ପ୍ରେମ, ଆବେଗ, ସ୍ୱପ୍ନ ଓ ସମ୍ଭାବନା ଇତ୍ୟାଦିର ଭାବମୟ ସ୍ପନ୍ଦନ । ଯେହେତୁ ତାରୁଣ୍ୟର ସୁନେଲୀ ମୁହୁର୍ତ୍ତ ସବୁ କଟିଥାଏ କ୍ୟାମ୍ପସ୍‌ରେ, ତେଣୁ ଯେତେବେଳେ କ୍ୟାମ୍ପସ୍‌କୁ ମୁଖ୍ୟ ଉପଜୀବ୍ୟ କରି ଗାଳ୍ପିକ ଯେଉଁ ଗଳ୍ପ ରଚନା କରନ୍ତି ସେହି ଗଳ୍ପଗୁଡ଼ିକରେ ଆପଣାଛାଏଁ କ୍ୟାମ୍ପସ୍‌ର ଘଟଣା, ଦୁର୍ଘଟଣା, କ୍ୟାମ୍ପସ୍ ଦିନର ତିକ୍ତ ମଧୁର ସ୍ମୃତି ମାନ ଉଦ୍‌ଭାସିତ ହୋଇଥାନ୍ତି । ସୁତରାଂ ! କ୍ୟାମ୍ପସ୍ କେବଳ ଶିକ୍ଷାର କ୍ଷେତ୍ର ନୁହେଁ ବରଂ ଗୋଟେ ସଭ୍ୟତା ତଥା ସଂସ୍କୃତିର ବାହକ ମଧ୍ୟ । କ୍ୟାମ୍ପସ୍ ନୂତନତାର ସନ୍ଧାନ ଦିଏ । କ୍ୟାମ୍ପସ୍ ବ୍ୟକ୍ତି ଭିତରେ ଥିବା ବହୁମୁଖିନତା ଅର୍ଥାତ୍ ବିଭିନ୍ନ କଳାକୁ ବିକଶିତ କରିଥାଏ । ଯାହା ଫଳରେ ଏହି କ୍ୟାମ୍ପସ୍ ଦିନଗୁଡ଼ିକ ତଥା କ୍ୟାମ୍ପସ୍‌ର ଅନୁଭୂତିମାନ ଖୁବ୍ ଅପାସୋରା ସମସ୍ତଙ୍କ ପାଇଁ । କ୍ୟାମ୍ପସ୍ କୁ ନେଇ ରଚିତ ଗଳ୍ପଗୁଡ଼ିକ ତେଣୁ ଯେତିକି ହୃଦୟସ୍ପର୍ଶୀ ସେତିକି ଜୀବନ୍ତ ଓ ବାସ୍ତବତାରେ ଛଳ ଛଳ ମଧ୍ୟ । ପ୍ରକୃତରେ ଓଡ଼ିଆ ଗଳ୍ପ ସାହିତ୍ୟରେ 'କ୍ୟାମ୍ପସ୍ ଗଳ୍ପ' ଏକ ନୂତନ ଆବିଷ୍କାର କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ସହାୟକ ଗ୍ରନ୍ଥସୂଚୀ :

୦୧- 'ସାମ୍ନା'(୨୦୧୧),ଟାଇମ୍ପାସ୍ ପ୍ରକାଶନୀ,ପୃଷ୍ଠା-୨୨୨

୦୨- ପଟ୍ଟନାୟକ, ଅଖିଳମୋହନ,'ଝଡ଼ର ଈଗଲ ଓ ଧରଣୀର କୃଷ୍ଣସାର',ପୃଷ୍ଠା-୨୨୨

୦୩- ରାୟ, ରାଜକିଶୋର, 'ଦୁର୍ବଳ ଦେବାଳୟ', ବିନୋଦ ବିହାରୀ, କଟକ, ପ୍ରଥମପ୍ରକାଶ-୧୯୭୩, ପୃଷ୍ଠା-୧୩୫

୦୪- ପଣ୍ଡା,ବ୍ରହ୍ମାନନ୍ଦ,'ପ୍ରାନ୍ତ ଯମକ', ବିନୋଦ ବିହାରୀ, କଟକ, ପ୍ରଥମପ୍ରକାଶ-୧୯୯୫,ପୃଷ୍ଠା-୯୫

୦୫- ଶତପଥୀ, ଚନ୍ଦ୍ରଭାନୁ, 'କିଛି ହସ କିଛିଟା ବିଦ୍ରୁପ', ବିନୋଦବିହାରୀ, କଟକ,ପ୍ରକାଶକ-ଗ୍ରନ୍ଥମନ୍ଦିର, ପ୍ରଥମ ପ୍ରକାଶ-୧୯୯୦, ପୃଷ୍ଠା-୬୫

୦୬- ସୂପକାର, ଶ୍ରୀ ଶ୍ରଦ୍ଧାକର,'ସୂପ', ବିନୋଦବିହାରୀ, କଟକ, ପ୍ରକାଶକ-ଗ୍ରନ୍ଥମନ୍ଦିର, ପ୍ରଥମ ପ୍ରକାଶ:୧୯୮୩,ପୃଷ୍ଠା-୧୦୦

୦୭- ମହାପାତ୍ର,ଦାଶ, ଯଦୁନାଥ, 'ମୁଖଦର୍ପଣ', ବିନୋଦବିହାରୀ,କଟକ-୨,ପ୍ରକାଶକ-ବୁକ୍ସ ଏଣ୍ଡ ବୁକ୍ସ, ପ୍ରଥମ ପ୍ରକାଶ-୧୯୮୩, ପୃଷ୍ଠା-୯୯

୦୮- ମହାନ୍ତି,ଡକ୍ଟର,ଗୁରୁପ୍ରସାଦ,'ଏକାକୀ ଅଶ୍ୱାରୋହୀ',ବିନୋଦବିହାରୀ,କଟକ-୨,ପ୍ରକାଶକ-ଶ୍ରୀ ରାଧାଶ୍ୟାମ ମହାନ୍ତି, ପ୍ରଥମ ପ୍ରକାଶ-୧୯୮୮,ପୃଷ୍ଠା-୩

୦୯- ତ୍ରତ୍ୟବ-'ସାଲବେଗର ଅଶ୍ରୁ,ପୃଷ୍ଠା-୦୩

୧୦- ମହାନ୍ତି,ଜଗଦୀଶ,'ସୁନା ଇଲିଶି',ଭୁବନେଶ୍ୱର,ପ୍ରକାଶକ-ଓଡ଼ିଶା ଲେଖକ ସମାବାୟ ସମିତି ଲିଃ, ପ୍ରଥମ ପ୍ରକାଶ-୨୦୦୨,ପଷ୍ଠା-୫୯

୧୧- ଦାସ, କିଶୋରୀଚରଣ, 'ନିଜସଂଜ', ବାଲୁବଜାର,କଟକ, ପ୍ରକାଶକ-ବିଦ୍ୟାପୁରୀ, ପ୍ରଥମ ପ୍ରକାଶ-୧୯୯୨, ପୃଷ୍ଠା-୧୯

୧୨- ମହାନ୍ତି,ସୁରେନ୍ଦ୍ର, 'ଶ୍ରେଷ୍ଠ ଗଳ୍ପ', ଭୁବନେଶ୍ୱର-୯, ପ୍ରକାଶକ-ଚତୁରଙ୍ଗ ପ୍ରକାଶନୀ, ପ୍ରଥମ ପ୍ରକାଶନୀ-୧୯୯୩, ପୃଷ୍ଠା-୧୪୫

୧୩- ଛୋଟରାୟ, ଗୋପାଳ, 'ଚନ୍ଦ୍ରମୁଖି ଓ ଅନ୍ୟାନ୍ୟ ଗଳ୍ପ', ବିନୋଦ ବିହାରୀ, କଟକ, ପ୍ରଥମ ପ୍ରକାଶ-୧୯୯୩,ପୃଷ୍ଠା-୮୧

୧୪- ମହାନ୍ତି,ପ୍ରଶାନ୍ତ, 'ଆଷାଢ଼ ଓ ଅନ୍ୟାନ୍ୟ ଗଳ୍ପ', ବିନୋଦବିହାରୀ, କଟକ-୨, ପ୍ରକାଶକ-ଓଡିଶା ବୁକ୍ ଷ୍ଟୋର,ପ୍ରଥମ ପ୍ରକାଶ-୧୯୯୬, ପୃଷ୍ଠା-୧୧୧

୧୫- ତ୍ରିପାଠୀ, ସଦାନନ୍ଦ,'ଯେଝା ବାଟରେ ଯିଏ', ବାଙ୍କାବଜାର, କଟକ, ପ୍ରକାଶକ-ଅଗ୍ରଦୂତ, ପ୍ରଥମ ପ୍ରକାଶ-୧୯୯୪,ପୃଷ୍ଠା-୦୩

୧୬- ପଣ୍ଡା, ଶକୁନ୍ତଳା, 'ଅଂଧକାରର ରଙ୍ଗ', ସହିଦ୍ନଗର, ଭୁବନେଶ୍ୱର, ପ୍ରକାଶକ-ସୁଚରିତା ପବ୍ଲିକେଶନ, ପ୍ରଥମ ପ୍ରକାଶ-୧୯୮୭,ପୃଷ୍ଠା-୨୪

୧୭- ତ୍ରତ୍ୟବ, ପୃଷ୍ଠା-୩୦

୧୮- ତ୍ରତ୍ୟବ

୧୯- ତ୍ରତ୍ୟବ, ପୃଷ୍ଠା-୮୦

୨୦- ବିଶ୍ୱାଳ, ଗଙ୍ଗାଧର (ସଂପାଦନା), 'କ୍ୟାମ୍ପସ୍', ବରମୁଣ୍ଡା, ଭୁବନେଶ୍ୱର, ପ୍ରକାଶକ-ଟାଇମ୍ପାସ୍, ପ୍ରଥମ ପ୍ରକାଶ-୨୦୧୦, ପୃଷ୍ଠା-୧୮

୨୧- ପଟ୍ଟନାୟକ, କଇଳାଶ, 'ଦକ୍ଷିଣ ପବନ', ବିନୋଦବିହାରୀ, କଟକ, ପ୍ରକାଶକ-ଫ୍ରେଣ୍ଡର୍ସ ପବ୍ଲିଶର୍ସ, ପ୍ରଥମ ପ୍ରକାଶ-୧୯୮୬, ପଷ୍ଠା-୯୭

୨୨- ନବରବି, ୧୮୮୨, ଜାନୁଆରି ସଂଖ୍ୟା

୨୩- ମହାପାତ୍ର, ପ୍ରମୋଦ କୁମାର, 'ମଣିଷ ଶିକାର', ବିନୋଦ ବିହାରୀ, କଟକ, ପ୍ରକାଶକ-ଓଡିଶା ବୁକ୍ଷ୍ଟୋର, ପ୍ରଥମ ପ୍ରକାଶ-୧୯୯୮, ପୃଷ୍ଠା-୧୦୪

୨୪- ତ୍ରତ୍ୟବ, ପୃଷ୍ଠା-୧୦୬

୨୫- ପଣ୍ଡା, ହୃଷୀକେଶ, 'ଗଳ୍ପସମଗ୍ର', ପ୍ରକାଶକ-ବିନୋଦବିହାରୀ, କଟକ, ପ୍ରଥମପ୍ରକାଶ-୨୦୦୮, ପଷ୍ଠା-୧୮୯ ।

❖ ❖ ❖

DOI : https://doi.org/10.5281/zenodo.17550538 ମୂଳ ପ୍ରବନ୍ଧ

# ଆଧୁନିକ ଚିତ୍ରକଳାର କ୍ରାନ୍ତିକାରୀ ସ୍ରଷ୍ଟା ଶିଳ୍ପୀଗୁରୁ ବିମ୍ବାଧର ବର୍ମା

**ବସନ୍ତ କିଶୋର ସାହୁ**

**ସଂକ୍ଷିପ୍ତ ସାର :**

ଆଧୁନିକ ଚିତ୍ରକଳାର ଜନକ ହେଉଛନ୍ତି ଶିଳ୍ପୀଗୁରୁ ବିମ୍ବାଧର ବର୍ମା । ସେ ସର୍ବତ୍ର ବି.ବର୍ମା ନାମରେ ପରିଚିତ । ତାଙ୍କ ଜନ୍ମସ୍ଥାନ ହେଉଛି କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ । ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସହିତ ତାଙ୍କର ଘନିଷ୍ଠତା ଥିଲା । କବୟିତ୍ରୀ କୁନ୍ତଳାକୁମାରୀଙ୍କ ଅନୁରୋଧ ରକ୍ଷା କରି ସେ କୁସୁପୁରରୁ କଟକ ଆସି ତାଙ୍କ ଚିତ୍ରକଳାର ପରାକାଷ୍ଠା ପ୍ରଦର୍ଶନ କରି ସଫଳ ହୋଇଥିଲେ । ତାଙ୍କର ପିତୃଦତ୍ତ ନାମ ଥିଲା ବିମ୍ବାଧର ଜେନା । ପିଲାବେଳେ ସେ ପାଠ ପ୍ରତି ଆକୃଷ୍ଟ ନହୋଇ ଚିତ୍ରକଳା ପ୍ରତି ଆକୃଷ୍ଟ ହୋଇଥିଲେ । ପିଲାବେଳେ ସେ ପାଖ ଗାଆଁ ଚାୟାଁପାଳଙ୍କ ଠାରୁ ମୂର୍ତ୍ତିକଳା ଶିଖି ନିଜ ପ୍ରତିଭାର ବିକାଶ ଘଟାଇଥିଲେ । ଉନବିଂଶ ଶତାବ୍ଦୀରେ ଭାରତୀୟ କଳାରେ ଜଣେ ପ୍ରତିଷ୍ଠିତ ଶିଳ୍ପୀଙ୍କର ଆବିର୍ଭାବ ଘଟିଥିଲା । ସେ ଥିଲେ ରାଜା ରବି ବର୍ମା । ସେ ତ୍ରିବାଙ୍କୁଡ ମହାରାଜାଙ୍କର ଆତ୍ମୀୟ ଥିଲେ । ତାଙ୍କରି ସାଙ୍ଗିଆ ଅନୁସାରେ ବିମ୍ବାଧର ଜେନାରୁ ବର୍ମା ହୋଇଥିଲେ ବୋଲି ଅନୁମାନ କରାଯାଏ ।

ଶିଳ୍ପୀ ରୂପରେ ପ୍ରତିଷ୍ଠା ଅର୍ଜନ କରିବା ଯେପରି ବିମ୍ବାଧରଙ୍କ କ୍ଷେତ୍ରରେ ବିଧି ନିର୍ଦ୍ଦିଷ୍ଟ ଥିଲା । କାରଣ ସେ କବିତା, ନାଟକ, ଉପନ୍ୟାସ, ପ୍ରବନ୍ଧ ଲେଖିଥିଲେ ମଧ୍ୟ ସଫଳତା ଲାଭ କରିଛନ୍ତି କେବଳ ଚିତ୍ରଶିଳ୍ପୀ ଭାବରେ । ପତିପତ୍ନୀ ହେଉଛି ତାଙ୍କର ବହୁ ପ୍ରଶଂସିତ ଉପନ୍ୟାସ । ତାଙ୍କର ଚିତ୍ରକଳା ମଧ୍ୟରେ ପ୍ରମୁଖ ପ୍ରତିକୃତି ହେଲା ଉତ୍କଳଗୌରବ ମଧୁସୂଦନ, ପଲ୍ଲୀକବି ନନ୍ଦକିଶୋର, ବିଶ୍ୱଗୁରୁ ରବୀନ୍ଦ୍ରନାଥ, କବି ଜ୍ଞାନୀନ୍ଦ୍ର, ଶିଳ୍ପୀ ଜନନୀ, ପଲ୍ଲୀବଧୂ ପ୍ରଧାନ । ଏଗୁଡ଼ିକ ବ୍ୟତୀତ ତାଙ୍କର ଅନ୍ୟ କେତେକ ପ୍ରସିଦ୍ଧ ଚିତ୍ରକଳା ହେଲା ଲାବଣ୍ୟବତୀ, ବାଲିରଥ, ବୁବୁକ୍ଷା, ଦେବଦାସୀ, ସାଧବ ଝିଅ, ଶେଷ ରଞ୍ଜନ, ପ୍ରଣତି, ଶୂନ୍ୟ ଓ ପୂର୍ଣ୍ଣ, ଗୋଧୂଳୀ ରାଗିଣୀ, ଅଧ ଶତ ବର୍ଷ ପରେ, ଶକୁନ୍ତଳା, ଦୀପାନ୍ୱିତା, ଛାୟା ଚନ୍ଦ୍ରିକା, ସ୍ମୃତିରେ ସୌରଭ, ନବବଧୂର ପ୍ରସାଧାନ, ଦେବଦାସୀ, ମେଘଦୂତ, ମାତା ଓ କନ୍ୟା, ମେଘ ଓ ମୟୂର । ଏଣୁ ବିମ୍ବାଧର ଚିତ୍ରକଳାରେ କୌଣସି ଡିଗ୍ରୀ ହାସଲ କରି ନଥିଲେ ମଧ୍ୟ କିପରି ନିଜ ସୃଜନଶୀଳତାର ପରିପ୍ରକାଶ ଘଟାଇଛନ୍ତି ତାହା ଏହି ପ୍ରବନ୍ଧରେ ଦର୍ଶାଇ ଦିଆଯାଇଛି । ତାଙ୍କ ବ୍ୟକ୍ତିଗତ ଜୀବନ ଅନେକ ସମସ୍ୟା ମଧ୍ୟ ଦେଇ ଗତି କରିଥିଲା । ତା ସହିତ ଉତ୍କୃଷ୍ଟ ଦାରିଦ୍ର୍ୟ କିପରି ତାଙ୍କ ଶିଳ୍ପୀ ଜୀବନକୁ ଦୁଃଖାଭିଭୂତ କରିଥିଲା ତାହା ମଧ୍ୟ ଦର୍ଶାଇ ଦିଆଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ଶିଳ୍ପୀଗୁରୁ, ଚିତ୍ରକଳା, କଳା ଭାସ୍କର୍ଯ୍ୟ, ମୃଣ୍ମୟ ମୂର୍ତ୍ତି, ପ୍ରତିମୂର୍ତ୍ତି, ଦାରିଦ୍ର୍ୟ, କ୍ରାନ୍ତିକାରୀ, ସ୍ରଷ୍ଟା

ହେ ସାଧକ ତୁମ ଜୀବନଟି ଧନ୍ୟ
କଳା କରିନାହଁ ବଜାରର ପଣ୍ୟ ।
କଳା ପାଇଁ ତୁମ କଳାର ସାଧନା
ନାହିଁ ତହିଁ ଲାଭ କ୍ଷତିର କଳ୍ପନା ।

**ଯୋଗାଯୋଗ : ଡକ୍ଟର ବସନ୍ତ କିଶୋର ସାହୁ,**
ଅବସରପ୍ରାପ୍ତ ଅଧ୍ୟାପକ, ସାହିତ୍ୟିକ ଓ ଶିକ୍ଷାବିତ୍, କୁସୁପୁର,
କୁଆଁପାଳ-୭୫୪୨୦୪, କଟକ
**Email :** basantasahoo57@gmail.com
**ORCID ID :** https://orcid.org/0009-0009-8163-4649

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୭.୦୬.୨୦୨୫ | ୦୯.୦୭.୨୦୨୫ | ୨୦.୦୭.୨୦୨୫ | ୧.୦୯.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ବସନ୍ତ କୁମାର; ୨୦୨୫ । ଆଧୁନିକ ଚିତ୍ରକଳାର କ୍ରାନ୍ତିକାରୀ ସ୍ରଷ୍ଟା ଶିଳ୍ପୀଗୁରୁ ବିମ୍ବାଧର ବର୍ମା । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଚ; ପୃଷ୍ଠା : ୩୪-୪୦ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

**Available online at :**
https://pracheenews.com/

**DOI :**
https://doi.org/10.5281/zenodo.17550538
Article No - BPP00335

ମହତ ଆଦର୍ଶ ପଛେ ପଛେ ଧାଇଁ
କଳାର ମହତ୍ତ୍ୱ ରଖିଛ ବଞ୍ଚାଇ ।
ଜୀବନ ସଂଗ୍ରାମେ ମହାବୀର ସମ
ଲଢ଼ିବା ମଣିଛ କର୍ମ ଶ୍ରେଷ୍ଠତମ ।
ତୁମ୍ଭକୁ ଦେଖିଲେ ହୁଅଇ ପରତେ
କଳା ଗନ୍ତାଘର ଏ ଉତ୍କଳ ସତେ ॥

(ଶିଳ୍ପୀଗୁରୁ ବିମ୍ବାଧର ବର୍ମାଙ୍କ ପ୍ରତି,ଲକ୍ଷ୍ମୀକାନ୍ତ ମହାପାତ୍ର, ଝଙ୍କାର, ତୃତୀୟ ବର୍ଷ,୫ମ ସଂଖ୍ୟା)

ଯାହାଙ୍କର ଜୟଗାନ ଏହି କବିତାରେ କରାଯାଇଛି ସେ ହେଉଛନ୍ତି ଆଧୁନିକ ଚିତ୍ରକଳାର ଅପ୍ରତିଦ୍ୱନ୍ଦୀ ସମ୍ରାଟ ଶିଳ୍ପୀଗୁରୁ ବିମ୍ବାଧର ବର୍ମା । ବି.ବର୍ମା ନାମରେ ସେ ସର୍ବତ୍ର ପରିଚିତ । ତାଙ୍କର ଜନ୍ମ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ । ସେ ୧୯୦୧ ମସିହା ଅଗଷ୍ଟ ମାସ ୨୧ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଲକ୍ଷ୍ମୀଧର ଜେନା ଓ ମାତାଙ୍କ ନାମ ଶାରଦା ଦେବୀ । ତାଙ୍କ ନାମ ପିଲାବେଳେ ଥିଲା ବିମ୍ବାଧର ଜେନା । ପିତା ଢେଙ୍କାନାଳର ରାଜ କର୍ମଚାରୀ ଥିବାରୁ ବିମ୍ବାଧରଙ୍କ ବାଲ୍ୟ ଶିକ୍ଷା ଢେଙ୍କାନାଳ ଗଡରେ ହୋଇଥିଲା । ସେଠାରେ ତାଙ୍କର ସହପାଠୀ ଥିଲେ ସବୁଜ ଯୁଗର ବିଶିଷ୍ଟ କବି ଅନ୍ନଦା ଶଙ୍କର ରାୟ ।

ମାଆ ଶାରଦାଦେବୀ ଚାହୁଁଥିଲେ ବିମ୍ବାଧର ପାଠ ପଢ଼ି ବାପାଙ୍କ ପରି ଭଲ ଚାକିରୀ କରୁ । ଶାରଦା ଦେବୀ ତାଙ୍କ ବଡ ଭାଇ ଲମ୍ବୋଧରଙ୍କ ସହିତ ବିମ୍ବାଧରଙ୍କୁ ଆଣି କୁସୁପୁର ସ୍କୁଲ୍‌ରେ ପାଠ ପଢ଼ାଇଥିଲେ । କିନ୍ତୁ ବିଧିର ନିର୍ଦ୍ଦେଶ ଥିଲା ଅନ୍ୟ ପ୍ରକାର । ସ୍କୁଲ ଯିବା ସହିତ ସେ ମାଟିରେ ମୂର୍ତ୍ତି ଗଢ଼ିବାରେ ମନୋନିବେଶ କରିଥିଲେ । ତାଙ୍କୁ ଏଥିରେ ସହଯୋଗ କରିଥିଲେ ପାଖ ଗାଆଁ ଚାୟାଁପାଳର ରାଖାଲ ଚକ୍ରବର୍ତ୍ତୀ । ରାଖାଲ ବାବୁ ଥିଲେ ଜଣେ ମୃଣ୍ମୟ ମୂର୍ତ୍ତି ଶିଳ୍ପୀ । ସେ ଗାଆଁ ଗାଆଁ ବୁଲି ମୂର୍ତ୍ତି ନିର୍ମାଣ କରୁଥିଲେ । ତାଙ୍କ ମାଆ ଏହାକୁ ଗ୍ରହଣ କରିପାରୁ ନଥିଲେ । କାରଣ ତାଙ୍କର ଏକ ଧାରଣା ଥିଲା ଯେ ମୂର୍ତ୍ତି କାରିଗର ଦେବଦେବୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରୁଥିବାରୁ ସେମାନେ ଅପୁତ୍ରିକ ରୁହନ୍ତି । ମାଆଙ୍କର ଏହି ବିଶ୍ୱାସକୁ ଦୂର କରିବା ପାଇଁ ବିମ୍ବାଧର ଆଜୀବନ ଅବିବାହିତ ରହିବେ ବୋଲି ସଂକଳ୍ପ କରିଥିଲେ ଓ ରହିଥିଲେ ମଧ୍ୟ । ସମୟ କ୍ରମେ ମୃଣ୍ମୟ ମୂର୍ତ୍ତି ଗଢ଼ି ସେ ସମଗ୍ର ମାହାଙ୍ଗା ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ଆସନ ପ୍ରତିଷ୍ଠା କରିଥିଲେ ।

ଏହି ମୂର୍ତ୍ତି ଗଢ଼ା ପରମ୍ପରା ପୂର୍ବରୁ ଓଡ଼ିଶାରେ ନଥିଲା । ଏହା ବଙ୍ଗଳା ବାଟ ଦେଇ ଓଡ଼ିଶାରେ ପ୍ରବେଶ କରିଥିଲା । ପୂର୍ବରୁ ଖୁଦୁରୁକୁଣୀ ଓଷାରେ ବାଲୁକା, ବଡ ଓଷାରେ ଗଜମଣ୍ଡା, ବୁଧେଇ ଓଷାରେ ଶିଳପୁଆ, ସରସ୍ୱତୀ ପୂଜାରେ ଚିତ୍ରିତ ନଡିଆ, ଦଶହରାରେ କଳସ ଓ ଖଣ୍ଡା, ଲକ୍ଷ୍ମୀପୂଜାରେ ମାଣ ଓ ଗୌଣୀ ପୂଜାର ପରମ୍ପରା ଥିଲା । ସୂର୍ଯ୍ୟାସ୍ତ ଆଇନ୍ ବଳରେ ବଙ୍ଗାଳିମାନେ ଓଡ଼ିଶାର ଜମିଦାରୀ ଶାଗ ମୁଗ ଦରରେ କିଣି ନେଇ ଏଠାରେ ବସବାସ କରି ଓଡ଼ିଶା ଲୋକଙ୍କୁ ପରୋକ୍ଷରେ ଶାସନ କଲେ । ଜମିଦାରୀ ସହିତ ଅନେକ ବଙ୍ଗାଳି ଓଡ଼ିଶା ଆସି ଏଠାରେ ନିଜର ପେଟପାଟଣା ପାଇଁ ବିଭିନ୍ନ ବୃତ୍ତି ଅବଲମ୍ବନ କଲେ । ଫଳରେ ମୃଣ୍ମୟ କଳା ବା ମାଟି ମୂର୍ତ୍ତି ନିର୍ମାଣ କରି ପୂଜା କରିବା ପରମ୍ପରା ଧୀରେ ଧୀରେ ଓଡ଼ିଶା ମାଟିରେ ଆଦର ଲାଭ କଲା । ଖୁଦୁରୁକୁଣୀ ଓଷାରେ ମଙ୍ଗଳା, ସରସ୍ୱତୀ ପୂଜାରେ ବୀଣାଧାରିଣୀ ସରସ୍ୱତୀ, ଦଶହରାରେ ଦୁର୍ଗା, କୁମାର ପୂର୍ଣ୍ଣିମାରେ ଗଜଲକ୍ଷ୍ମୀ ପୂଜା ପାଇବାକୁ ଲାଗିଲେ । ପରେ ପରେ ଭାଦ୍ରବ ମାସରେ ଗଣେଶ, କାର୍ତ୍ତିକ ମାସରେ କାର୍ତ୍ତିକେଶ୍ୱର, ଶିବରାତ୍ରୀରେ ଶିବ ପାର୍ବତୀ, ବସନ୍ତ ଋତୁରେ ବାସନ୍ତୀକ ଦୁର୍ଗା ଆଦି ମୂର୍ତ୍ତି କରାଯାଇ ପୂଜା ଅର୍ଚ୍ଚନା କରାଗଲା । ଏହି ସବୁ ପୂଜାରେ ବିମ୍ବାଧର ମୃଣ୍ମୟ ମୂର୍ତ୍ତି ଗଢ଼ି ନିଜର ଏକ ସ୍ୱତନ୍ତ୍ର ସରଣୀ ମାହାଙ୍ଗା ଅଞ୍ଚଳରେ ସୃଷ୍ଟି କରିଥିଲେ ।

ବିମ୍ବାଧରଙ୍କୁ କ୍ରାନ୍ତିକାରୀ କହିବା ପୂର୍ବରୁ ଆମକୁ ତତ୍‌କାଳୀନ ସାମାଜିକ, ଅର୍ଥନୈତିକ, ଧାର୍ମିକ ସ୍ଥିତି ସମ୍ପର୍କରେ ଅବହିତ ହେବାକୁ ପଡିବ । ୧୮୦୩ ମସିହାରେ ଓଡ଼ିଶାକୁ ଇଂରେଜ ମାନେ ଅଧିକାର କରିଥିଲେ । ଫଳରେ ପରାଧିନ ହୋଇ ଓଡ଼ିଆମାନେ ନିଜର ଅସ୍ତିତ୍ୱ ହରାଇ ବସିଲେ । ଇଂରେଜମାନେ ଆମକୁ ଶାସନ କରିବା ପୂର୍ବରୁ ମରହଟ୍ଟା ଓ ମୋଗଲମାନଙ୍କର କୁଶାସନ, ବର୍ଗୀମାନଙ୍କର ଲୁଣ୍ଠନ ଫଳରେ ଓଡ଼ିଆମାନେ ନିଜର ଅସ୍ମିତା ହରାଇ ବସିଥିଲେ । ନିଜର ଐତିହାସିକ ଗରିମା ଓ ଆଧିପତ୍ୟ ବିସ୍ତାର ଲାଭ କରିଥିବା ଗଙ୍ଗା ଠାରୁ ଗୋଦାବରୀ ଅଞ୍ଚଳକୁ ସେମାନେ ହରାଇ ବସିଲେ । ଏହା ଦ୍ୱାରା ଓଡ଼ିଆମାନଙ୍କର ମେରୁଦଣ୍ଡ ଭାଙ୍ଗିପଡିଲା । ଏହା ପରେ ଇଂରେଜମାନଙ୍କ ଶାସନ କାଳରେ ଓଡ଼ିଶାକୁ ବିଭିନ୍ନ ପ୍ରଦେଶ ସହିତ ମିଶ୍ରଣ କରି ଇଂରେଜ ସରକାର ଆହୁରି ଅତ୍ୟାଚାର କରିବାରେ ଲାଗିଲେ । ଫଳରେ ଓଡ଼ିଆମାନଙ୍କର ଅର୍ଥନୈତିକ ମେରୁଦଣ୍ଡ ମଧ୍ୟ ଭାଙ୍ଗି ପଡିଲା । ତା ସହିତ ବାରମ୍ବାର ବନ୍ୟା ବାତ୍ୟା ଓ ମରୁଡିର ଶିକାର ହୋଇ ସେମାନେ ଦୟନୀୟ ଭାବରେ ଜୀବନ ଯାପନ କଲେ ।

ଏହା ସହିତ ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷରେ ଅକାଳରେ ଅନେକ ଓଡ଼ିଆ ମୃତ୍ୟୁ ବରଣ କଲେ । ଏହି ଦୁର୍ଭିକ୍ଷର କରାଳ ଦାଉରୁ ଯେଉଁମାନେ ବଞ୍ଚିଗଲେ ସେମାନେ ଜୀବନ ବଞ୍ଚାଇବା ପାଇଁ ଇତସ୍ତତଃ ଭାବରେ ରେଙ୍ଗୁନ, ବଙ୍ଗ ଆଦି ଅଞ୍ଚଳକୁ ଦାଦନ ଖଟିବାକୁ ଚାଲିଗଲେ । ତା ସହିତ ଓଡ଼ିଶାକୁ ଅଣ ଓଡ଼ିଆମାନେ ଶାସନ କରିବାରୁ ଓଡ଼ିଆ ଭାଷା ଓ ସଂସ୍କୃତିରେ ସଂକଟ ଦେଖାଗଲା । ୧୮୬୮ରେ କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କର 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନୟ'ଆହ୍ୱାନ ଫଳରେ ଓଡ଼ିଆମାନେ ନିଜକୁ ଓଡ଼ିଆ ବୋଲି ପରିଚୟ

ଦେବାକୁ କୁଣ୍ଠିତ ହେଲେ । ସେମାନେ ଚାକିରୀ ପାଇବା ପାଇଁ ନିଜକୁ ମହାନ୍ତିରୁ ମାଇତି, ବରାଳରୁ ବଡାଲ, ସ୍ୱାଇଁରୁ ସୋମ, ପରିଡାରୁ ପରିଜା, ନାୟକରୁ ପଟ୍ଟନାୟକ, ଦାସରୁ ଦାସମହାପାତ୍ର, ମଳିକରୁ ମଲ୍ଲିକ ଭାବରେ ନିଜ ସାଙ୍ଗିଆ ପରିବର୍ତ୍ତନ କରିଦେଲେ । ସେହି ସୂତ୍ରରେ ଶିଳ୍ପୀ ବିମ୍ବାଧର ବିମ୍ବାଧର ଜେନାରୁ ବିମ୍ବାଧର ବର୍ମା ହୋଇଥିଲେ ବୋଲି କେତେକ ମତବ୍ୟକ୍ତ କରିଥାନ୍ତି ।

ଅନ୍ୟ ଏକ କାରଣ ହେଉଛି ଉନବିଂଶ ଶତାବ୍ଦୀରେ ଭାରତୀୟ କଳାରେ ସେତେବେଳେ ଜଣେ ପ୍ରତିଷ୍ଠିତ ଶିଳ୍ପୀଙ୍କର ଆବିର୍ଭାବ ଘଟିଥିଲା । ସେ ଥିଲେ ରାଜା ରବି ବର୍ମା । ସେ ତ୍ରିବାଙ୍କୁଡ ମହାରାଜାଙ୍କର ଆତ୍ମୀୟ ଥିଲେ । ତାଙ୍କରି ସାଙ୍ଗିଆ ଅନୁସାରେ ବିମ୍ବାଧର ଜେନାରୁ ବର୍ମା ହୋଇଥିଲେ ବୋଲି ଅନୁମାନ କରାଯାଏ । ବିମ୍ବାଧରଙ୍କ ସହିତ ତାଙ୍କ ଗ୍ରାମର ଅନେକ ମଧ୍ୟ ବର୍ମା ସାଙ୍ଗିଆକୁ ଗ୍ରହଣ କରି ନେଇଥିଲେ । ଯଥା ରାଜେନ୍ଦ୍ର ବର୍ମା, ଜ୍ଞାନୀନ୍ଦ୍ର ବର୍ମା, ଶୁଭେନ୍ଦ୍ର ବର୍ମା, ନିରୂପମା ବର୍ମା ସଞ୍ଜୟ ବର୍ମା ଇତ୍ୟାଦି ।

୧୯୩୩ ମସିହାରେ ମାତ୍ର ୩୨ ବର୍ଷ ବୟସରେ ଶିଳ୍ପୀଙ୍କ ପିତା ମାତାଙ୍କ ବିୟୋଗ ଓ ୧୯୩୮ ମସିହାରେ ବଡ ଭାଇ ଲମ୍ବୋଧରଙ୍କ ଦେହାନ୍ତ ତାଙ୍କୁ ଦୁଃଖ ସାଗର ମଧ୍ୟକୁ ଠେଲି ଦେଇଥିଲା । ପୂର୍ବରୁ ସେ ଅସଂସାରୀ ଜୀବନ ଅତିବାହିତ କରୁଥିଲେ । ତେଣୁ କୌଣସି ବାଧା ବନ୍ଧନ ଓ ସଂସାରହୀନ ହୋଇ ସେ ନିଜକୁ ଚିତ୍ରକଳା ଓ ସାହିତ୍ୟ, ସଂସ୍କୃତି ମଧ୍ୟରେ ହଜାଇ ଦେଇଥିଲେ ।

ଶିଳ୍ପୀ ରୂପରେ ପ୍ରତିଷ୍ଠା ଅର୍ଜନ କରିବା ଯେପରି ବିମ୍ବାଧରଙ୍କ କ୍ଷେତ୍ରରେ ବିଧି ନିର୍ଦ୍ଦିଷ୍ଟ ଥିଲା । କାରଣ ସେ କବିତା ଲେଖିଛନ୍ତି, ନାଟକ ଲେଖିଛନ୍ତି,ଉପନ୍ୟାସ ଲେଖିଛନ୍ତି, ପ୍ରବନ୍ଧ ଲେଖିଛନ୍ତି ସଙ୍ଗୀତ ଲେଖିଛନ୍ତି ଓ ଗାନ ମଧ୍ୟ କରିଛନ୍ତି । ତା ସହିତ ସେ ପ୍ରକାଶକ ମଧ୍ୟ ହୋଇଛନ୍ତି । କିନ୍ତୁ, ସଫଳତା ଲାଭ କରିଛନ୍ତି କେବଳ ଚିତ୍ରଶିଳ୍ପୀ ଭାବରେ । ସ୍ୱର୍ଗତ ଶିଳ୍ପୀ କେତେକ ନାଟକ ଲେଖିଥିଲେ ମଧ୍ୟ ସେଗୁଡ଼ିକ ପ୍ରକାଶ ପାଇ ନାହିଁ । ଏବେ ସେଗୁଡ଼ିକ କେଉଁଠି ଅଛି ତାହା ମଧ୍ୟ କାହାକୁ ଜଣାନାହିଁ । ତାଙ୍କ ସଙ୍ଗୀତଗୁଡ଼ିକ **'ସଙ୍ଗୀତ କୃଷ୍ଣପ୍ରିୟା'** ନାମରେ ଅନେକ ଦିନ ତଳେ ପ୍ରକାଶ ପାଇଥିଲା । ଏବେ ସେ ବହି ମଧ୍ୟ ଦୁଷ୍ପ୍ରାପ୍ୟ । ଉପନ୍ୟାସ ମଧ୍ୟରୁ କେବଳ **'ପତିପତ୍ନୀ'** ଉପନ୍ୟାସଟି ପ୍ରଥମେ ୧୯୪୩ ମସିହାରେ ପ୍ରକାଶ ପାଇଥିଲା । ମଲାଜହ୍ନ ଓ ମନେ ମନେ ଉପନ୍ୟାସ ପରେ ତାଙ୍କ 'ପତିପତ୍ନୀ' ଏକ ସାର୍ଥକ ଓ ସଫଳ ଉପନ୍ୟାସ ବୋଲି ଗବେଷକମାନେ ମତବ୍ୟକ୍ତ କରିଥାନ୍ତି ।

ଏହି ଉପନ୍ୟାସରେ ବାଲ୍ୟ ବିବାହ ଓ ବିଧବା ବିବାହ ଉପରେ ଗୁରୁତ୍ୱ ଦିଆଯାଇ ସାମାଜିକ କୁସଂସ୍କାର ଦୂର କରିବା ପାଇଁ ପ୍ରୟାସ କରାଯାଇଛି । ସେ ଆଉ ଉପନ୍ୟାସ ଲେଖିଥିଲେ କି ନାହିଁ ତାହା ଗବେଷଣା ସାପେକ୍ଷ । ପତିପତ୍ନୀ ଉପନ୍ୟାସର ପ୍ରଥମ ପୃଷ୍ଠାରେ ବର୍ଣ୍ଣିତ ସନ୍ଧ୍ୟା ବର୍ଣ୍ଣନାର ସମ୍ପର୍କ ତାଙ୍କ 'ଛାୟା ଚନ୍ଦ୍ରିକା' ଓ 'ଶଙ୍ଖଧ୍ୱନି' ଚିତ୍ର ସହିତ ରହିଥିବା ଅନୁମାନ କରାଯାଏ । ମୋଟାମୋଟି ଭାବରେ କହିବାକୁ ଗଲେ ତାଙ୍କ ସାହିତ୍ୟିକ କୃତି ସହିତ ତାଙ୍କ ଅଙ୍କିତ ଚିତ୍ରକଳାର ଗଭୀର ସମ୍ପର୍କ ରହିଥିଲା । ଏହା ଖୁବ୍ କମ୍ କଳାକାରଙ୍କ ଜୀବନରେ ଦେଖାଯାଏ । ପତିପତ୍ନୀ ପରେ ତାଙ୍କର ଅନ୍ୟ ତିନୋଟି ଉପନ୍ୟାସ ଯଥା **ଅପର୍ଣ୍ଣା, ଅୟସ୍କାନ୍ତ ଓ ସଦାନନ୍ଦ** ଲେଖାଯାଇଥିଲେ ହେଁ ସେଗୁଡ଼ିକ ଅପ୍ରକାଶିତ ଥିଲା ବୋଲି ଜ୍ଞାନୀନ୍ଦ୍ର ବର୍ମା ମତବ୍ୟକ୍ତ କରିଛନ୍ତି । ମାତ୍ର ସେଗୁଡ଼ିକ ଏ ପର୍ଯ୍ୟନ୍ତ ଲୋକଲୋଚନକୁ ଆସିନାହିଁ ।

ତାଙ୍କର କବିତା ଓ ଗୀତିକବିତା ଗୁଡ଼ିକ ସହକାର ଓ ନବଭାରତ ପତ୍ରିକାରେ ପ୍ରକାଶ ପାଇଥିଲା । ତାଙ୍କ ପ୍ରବନ୍ଧଗୁଡ଼ିକ ଡଗର, ଭଞ୍ଜପ୍ରଦୀପ, ଆରତୀ ଆଦି ପତ୍ରପତ୍ରିକାରେ ପ୍ରକାଶ ପାଇ ତାଙ୍କ ବିଜ୍ଞତା ଓ ବୁଦ୍ଧିମତାର ପରିଚୟ ଦେଇଥାଏ । ତାଙ୍କ ପ୍ରବନ୍ଧଗୁଡ଼ିକ ମୁଖ୍ୟତଃ ଚିତ୍ରକଳା ସମ୍ପର୍କିତ ଥିଲା । ତାଙ୍କ 'ଶିଳ୍ପରେ ନଗ୍ନତା' ଆରତୀ ପତ୍ରିକାର ପ୍ରଥମ ବର୍ଷ ୪ର୍ଥ ସଂଖ୍ୟା ଓ 'ଚିତ୍ର ଶିଳ୍ପର ଆଦର୍ଶ' ପ୍ରଥମ ବର୍ଷ ୬ଷ୍ଠ ସଂଖ୍ୟାରେ ପ୍ରକାଶ ପାଇଥିଲା । ଏଥିରୁ ଶିଳ୍ପ କଳା ସମ୍ପର୍କରେ ତାଙ୍କର ଜ୍ଞାନର ଗଭୀରତା ସମ୍ପର୍କରେ ଜାଣିହୁଏ । ସେହି ଆରତୀ ପତ୍ରିକାରେ ମଧ୍ୟ ତାଙ୍କ 'ଗୋଧୂଳି ରାଗିଣୀ' ଓ ଅର୍ଦ୍ଧ ଶତ ବର୍ଷ ପରେ' ଚିତ୍ର ଦ୍ୱୟ ପ୍ରକାଶ ପାଇ ତାଙ୍କୁ ଅନେକ ସିଦ୍ଧି ଆଣି ଦେଇଥିଲା । ତାଙ୍କ 'ନବ ବନିତା' କବିତାଟି ନବଭାରତ ପତ୍ରିକାର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାରେ ପ୍ରକାଶ ପାଇ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା ।

ଏହି କବିତାଟି ତରୁଣ ବୟସରେ ବର୍ମାଙ୍କର ଉଚ୍ଛ୍ୱାସ ଓ ଆବେଗକୁ ନେଇ ରଚିତ । ତାଙ୍କ ସାହିତ୍ୟିକ କୃତି ଓ ଚିତ୍ର ଶିଳ୍ପ ମଧ୍ୟରେ ଅପୂର୍ବ ସାମଞ୍ଜସ୍ୟ ରହିଥିଲା ବୋଲି ଗବେଷକମାନେ ମତ ବ୍ୟକ୍ତ କରିଥାନ୍ତି । ବର୍ମାଙ୍କ ପୂର୍ବରୁ ଆମର ଝିଅ ବୋହୂମାନେ ଯେଉଁ ରଙ୍ଗତୂଳୀ ଧରି ଚିତ୍ର ଅଙ୍କନ କରୁଥିଲେ ସେଥିରେ ପୁରାଣର ବିଷୟବସ୍ତୁ, ରାଧାକୃଷ୍ଣ ବା ନବଗୁଞ୍ଜର ଆଦି ଚିତ୍ରକୁ ପ୍ରାଧାନ୍ୟ ଦିଆଯାଉଥିଲା । ପୁରାଣ କଥାବସ୍ତୁରୁ ବାହାରି ଅନ୍ୟ କାଳ୍ପନିକ ଚିତ୍ର ଆଙ୍କିବାକୁ କେହି ସାହସ କରି ପାରୁନଥିଲେ । ପ୍ରଥମେ ବିମ୍ବାଧର ହିଁ ଏଥିରେ ମାନବ ଓ ମାନବର ସ୍ନେହ, ଶ୍ରଦ୍ଧା, ଭାବାବେଗକୁ ଆଣି ଚିତ୍ର ମାଧ୍ୟମରେ ଆମ ନିକଟରେ ଉପସ୍ଥାପନ କଲେ । ବିମ୍ବାଧର ଚିତ୍ର ଆଙ୍କିବା ପୂର୍ବରୁ ବିଷୟ ନିର୍ବାଚନରେ କ୍ରାନ୍ତି ସୃଷ୍ଟି କରିବାରେ ସଫଳ ହୋଇଥିଲେ । ସେହି ଚିତ୍ର ଦେଖି ସମସ୍ତେ ତାଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ସେହି ଚିତ୍ର ମଧ୍ୟରେ ରହିଛି– ପଲ୍ଲୀବଧୂ, ଗୋଧୂଳି ରାଗିଣୀ, ଶୂନ୍ୟ ଓ ପୂର୍ଣ୍ଣ, ଦିପାନ୍ୱିତା, ଲାବଣ୍ୟବତୀ ଆଦି ଚିତ୍ରକଳା ପ୍ରଧାନ ।

ଚିତ୍ରଗୁଡ଼ିକରେ ଆମ ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣା ଓ ଦେଖା ଯାଉଥିବା ଚରିତ୍ରମାନେ ଅତ୍ୟନ୍ତ ଜୀବନ୍ତ ଭାବରେ ପ୍ରକାଶ

ପାଇଲା । ତାଙ୍କୁ ଏ ଦିଗରେ ପ୍ରେରଣା ଦେଇଛନ୍ତି ପଲ୍ଲୀକବି ନନ୍ଦ କିଶୋର ବଳ ଓ ଉତ୍କଳ ଗୌରବ ମଧୁସୂଦନ । ତାଙ୍କର ଚିତ୍ରକଳା ମଧ୍ୟରେ ପ୍ରମୁଖ ପ୍ରତିକୃତି ହେଲା ଉତ୍କଳଗୌରବ ମଧୁସୂଦନ, ପଲ୍ଲୀକବି ନନ୍ଦକିଶୋର, ବିଶ୍ୱଗୁରୁ ରବୀନ୍ଦ୍ରନାଥ, କବି ଜ୍ଞାନୀନ୍ଦ୍ର, ଶିଳ୍ପୀ ଜନନୀ, ପଲ୍ଲୀବଧୂ ପ୍ରଧାନ । ଏଗୁଡ଼ିକ ବ୍ୟତୀତ ତାଙ୍କର କେତେକ ପ୍ରଧାନ ଚିତ୍ରକଳା ହେଲା ଲାବଣ୍ୟବତୀ, ବାଲିରଥ, ବୁଭୁକ୍ଷା, ଦେବଦାସୀ, ସାଧବ ଝିଅ, ଶେଷ ରଞ୍ଜନ, ପ୍ରଣତି, ଶୂନ୍ୟ ଓ ପୂର୍ଣ୍ଣ, ଗୋଧୁଳୀ ରାଗିଣୀ, ଅଧ ଶତ ବର୍ଷ ପରେ, ଶକୁନ୍ତଳା, ଦୀପାନ୍ୱିତା, ଛାୟା ଚନ୍ଦ୍ରିକା, ସ୍ମୃତିରେ ସୌରଭ, ନବବଧୂର ପ୍ରସାଧାନ, ଦେବଦାସୀ, ମେଘଦୂତ, ମାତା ଓ କନ୍ୟା, ମେଘ ଓ ମୟୂର । ଏହା ବ୍ୟତୀତ ସେ ବିଭିନ୍ନ ପତ୍ରିକାର ଅଙ୍ଗସଜ୍ଜା ପାଇଁ ଅନେକ ଚିତ୍ର ଆଙ୍କି ଦେଇଥିବା ଜଣାଯାଏ । ସେଗୁଡ଼ିକ ଇତସ୍ତତ ଭାବରେ ବିଭିନ୍ନ ସ୍ଥାନରେ ରହିଛି ଓ ତାର ହିସାବ କେହି ରଖି ନାହାଁନ୍ତି । ଶୁଣାଯାଏ ତାଙ୍କ ସମସାମୟିକ ଶିଳ୍ପୀମାନେ ପତ୍ରପତ୍ରିକା ପାଇଁ ପାଞ୍ଚ ଟଙ୍କାରେ ଚିତ୍ର ଆଙ୍କି ଦେଉଥିବା ବେଳେ ସ୍ୱାଭିମାନୀ ଶିଳ୍ପୀ ବିମ୍ବାଧର କୋଡିଏ ଟଙ୍କା ନହେଲେ ବରାଦ ଦିଆ ଚିତ୍ର ଆଙ୍କୁ ନଥିଲେ ।

ବଞ୍ଚିବା ପାଇଁ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଥିଲେ ମଧ ସେ ନିଜ ନୀତି ଓ ଆଦର୍ଶରୁ କେବେ ଓହରି ଯାଉ ନଥିଲେ । ପ୍ରତିଷ୍ଠିତ 'ନବଭାରତ' ପତ୍ରିକାର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାର ଦ୍ୱିରଙ୍ଗୀ ପ୍ରଚ୍ଛଦପଟ ସହିତ ଭିତରର ପଲ୍ଲୀ ପାଠ, ରଙ୍ଗବ୍ୟଙ୍ଗ ଓ ଆଲୋଚନା ଆଦିର ବିଭାଗୀୟ ଚିତ୍ର ମଧ୍ୟ ଅଙ୍କନ କରି ଦେଇଥିଲେ ।

ତାଙ୍କ ଚିତ୍ରକଳାରେ ଓଡ଼ିଆ ରମଣୀର ଚିତ୍ରରୂପ ସୁସ୍ପଷ୍ଟ । 'ପଲ୍ଲୀବଧୂ' ଚିତ୍ରଟି ଅଗଣିତ ଓଡ଼ିଆ ବଧୂଙ୍କର ପ୍ରତିରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଥିରେ ପଲ୍ଲୀ ରମଣୀର କେଶ ବିନ୍ୟାସ ଓ ପ୍ରସାଧାନ ପୂର୍ବରୁ ମାନସିକ ଭାବାବେଗର ଚିତ୍ର ପ୍ରକଟିତ । ଭରା ଯୌବନରେ ନାରୀ ମନର ଆଶା, ଆକାଙ୍କ୍ଷା, ସ୍ୱପ୍ନ ସହିତ ନିଜ ପ୍ରିୟ ମଣିଷ ସହିତ ମିଳିବାର ଦୁର୍ବାର ଆଶା ଓ ମାନସିକ ଭାବନା ଅତି ସୁନ୍ଦର ଭାବରେ ଏଥିରେ ଅଙ୍କିତ ହୋଇଛି । ଅନେକ କଳା ସମୀକ୍ଷକ ଏହି ଚିତ୍ରଟି ସହିତ ବିଶ୍ୱ ପ୍ରସିଦ୍ଧ 'ମୋନାଲିସା' ଚିତ୍ରର ତୁଳନା କରିଥାନ୍ତି ।

ତାଙ୍କର ଅନ୍ୟ ଏକ ପ୍ରସିଦ୍ଧ ଚିତ୍ର ହେଉଛି 'ଗୋଧୁଳି ରାଗିଣୀ' । ଏହି ଚିତ୍ରଟି ପ୍ରଥମେ 'ଆରତୀ' ପତ୍ରିକାରେ ପ୍ରକାଶ ପାଇଥିଲା । ଚିତ୍ରଟିରେ ଓଡ଼ିଶାର ଗ୍ରାମ୍ୟ ଜୀବନର ନିଚ୍ଛକ ପ୍ରତିଛବି ପ୍ରତିଫଳିତ । ଏଥିରେ ସନ୍ଧ୍ୟା ଆଗମନ ପୂର୍ବରୁ ଗାଈଆଳ ବାଳକଟି ତାଳପତ୍ର ଛତା ଧରି ବଇଁଶୀ ବଜାଇ ଫେରିବାର ଚିତ୍ର ଅଙ୍କିତ ହୋଇଛି । ତାଳପତ୍ର ଛତାରେ ଦୁଇଟି କଇଁ କେରା ଓ ଭଦଭଦଳିଆ ପର ସଂଯୋଜିତ ହୋଇଛି । ତା ସହିତ ବାଳକଟିର ପାଦ ପାଖରେ ଦୁଇଟି ନାଗଫେଣୀର ଚିତ୍ର ପ୍ରକାଶ ପାଇଛି । ଏହି ଚିତ୍ରଟି ଗ୍ରାମୀଣ ଉତ୍କଳର ପ୍ରତ୍ୟେକ ଗାଆଁର ଗୋଷ୍ଠ ବାହୁଡ଼ା ଗାଈଆଳର ଘରବାହୁଡାର ଚିତ୍ରକୁ ସୂଚୀତ କରିଥାଏ ।

ସେହିପରି ତାଙ୍କର ଏକ ବହୁ ଚର୍ଚ୍ଚିତ ଚିତ୍ର ହେଉଛି 'ଅର୍ଦ୍ଧ ଶତ ବର୍ଷ ପରେ' । ଦୀର୍ଘ ପଚାଶ ବର୍ଷ ପରେ ଦୁଇ ଜଣ ବୃଦ୍ଧ ବ୍ରାହ୍ମଣଙ୍କର ସାକ୍ଷାତ ଓ ଭାବ ବିନିମୟର ଚିତ୍ର ଏଥିରେ ପ୍ରତିଫଳିତ । ପରିପୂର୍ଣ୍ଣ ଜୀବନର ସମସ୍ତ ଅଭିଜ୍ଞତାକୁ ପରସ୍ପର ମଧ୍ୟରେ ବାଣ୍ଟିବା ପାଇଁ ଦୁହେଁ ଯେପରି ଉଦବେଳିତ ହୋଇଛନ୍ତି ତାହା ଚିତ୍ରଟି ବ୍ୟକ୍ତ କରୁଛି । ତାଙ୍କର ଆଉ ଏକ ପ୍ରସିଦ୍ଧ ରେଖାଚିତ୍ର ହେଉଛି 'ପ୍ରସାଧାନ' । ଏଥିରେ ପ୍ରତ୍ୟେକ ଯୁବତୀ ବା ନାରୀ ଅଭିସାର ପୂର୍ବରୁ ନିଜର ତନୁ ବଲ୍ଲରୀକୁ ସଂଦର୍ଶନ କରି କିପରି ବିହ୍ୱଳିତ ଓ ଉଲ୍ଲସିତ ହୋଇଥାନ୍ତି ସେ କଥା ଶିଳ୍ପୀ ଅନୁଭବ କରି ତାକୁ ରେଖାଚିତ୍ରରେ ଫୁଟାଇବାକୁ ଚେଷ୍ଟା କରିଛନ୍ତି । ଚିତ୍ର ଆଙ୍କିବା ପୂର୍ବରୁ ସେ ତତ୍‌କାଳୀନ ପରିସ୍ଥିତି ଓ ମନୋଭାବକୁ ସୁନ୍ଦର ଭାବରେ ବିଶ୍ଳେଷଣ କରି ତାକୁ ଚିତ୍ରରେ ଫୁଟାଇବାକୁ  ପ୍ରୟାସ କରିଥାନ୍ତି । ଏହା ତାଙ୍କର ରେଖାଚିତ୍ର, ଚିତ୍ରକଳା ସବୁଥିରେ ପରିସ୍ଫୁଟିତ ହୋଇଛି ।

ବି. ବର୍ମାଙ୍କର ଭାସ୍କର୍ଯ୍ୟ ଶିଳ୍ପରେ ଯଥେଷ୍ଟ ପାରଦର୍ଶିତା ରହିଥିଲା । ସେ ମେଞ୍ଚାଏ ମାଟି ହାତରେ ଧରି ଅନେକ ବ୍ୟକ୍ତିଙ୍କର ପୂର୍ଣ୍ଣ ଅବୟବ ବା ମୁଖମଣ୍ଡଳ ପ୍ରସ୍ତୁତ କରିପାରୁଥିଲେ । ସେଗୁଡ଼ିକ ଅତ୍ୟନ୍ତ ଜୀବନ୍ତ ଦିଶୁଥିଲା । ଉତ୍କଳମଣି ଗୋପବନ୍ଧୁ, ମହାତ୍ମାଗାନ୍ଧୀ ଓ ଲୋକମାନ୍ୟ ତିଳକ ଆଦିଙ୍କର ପୂର୍ଣ୍ଣାବୟବ ନିର୍ମାଣ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ । ରଙ୍ଗତୂଳୀରେ ମଧ ସେ ଖ୍ୟାତି ଅର୍ଜନ କରି ବହୁ ପ୍ରଶଂସା ସାଉଁଟି ଥିଲେ ।

ଏହି ମୃଣ୍ମୟ କଳାର ବିକାଶ ପୂର୍ବରୁ ଆମକୁ ତତ୍‌କାଳୀନ ସାମାଜିକ ପରମ୍ପରା ପ୍ରତି ଧ୍ୟାନ ଦେବାକୁ ପଡିବ । ସେ ଗାଆଁରେ ରହି ନିଜ ଚିତ୍ର କଳାର ବିକାଶ ଘଟାଉଥିଲେ । ପଲ୍ଲୀକବି ଥିଲେ ତାଙ୍କର ଏକାନ୍ତ ଆପଣାର ଲୋକ । ପଲ୍ଲୀକବିଙ୍କ ଅନୁରୋଧରେ ନାରୀ କବି କୁନ୍ତଳା କୁମାରୀ ସାବତ ଏକ ମାସ ତାଙ୍କ ଗୃହକୁ (କୁସୁପୁର) ଆସି ଅବସ୍ଥାନ କରିଥିଲେ । ସେ ବିମ୍ବାଧରଙ୍କ ପ୍ରତିଭାରେ ମୁଗଧ୍ ହୋଇ ତାଙ୍କୁ କଟକ ଆସି ନିଜ ପ୍ରତିଭା ବିକାଶ ପାଇଁ ଅନୁରୋଧ କରିଥିଲେ । ଗାଆଁକୁ ଭଲ ପାଉଥିବା ବିମ୍ବାଧର ପ୍ରଥମେ ଏହାକୁ ଗ୍ରହଣ କରି ପାରିନଥିଲେ । ମାତ୍ର ପରବର୍ତ୍ତୀ କାଳରେ କଟକ ଆସି  ନିଜ ଭାଗ୍ୟ ପରୀକ୍ଷା କରିଥିଲେ । କଟକ ଜାଉଁଳିଆପଟିରେ ଘର ଭଡା ନେଇ ରହିଥିଲେ । ତାଙ୍କ ବସାଟି ପୁରୁଣା ମୁକୁର ପ୍ରେସ୍ ପଛପଟେ ଅବସ୍ଥିତ ଥିଲା । ସେହିଠାରେ ରହି ସେ ଗୋପବନ୍ଧୁଙ୍କର ମୂର୍ତ୍ତି ନିର୍ମାଣ କରିଥିଲେ ।

ଏହି ମୂର୍ତ୍ତିଟି ପୁରୀ ବଡଦାଣ୍ଡରେ ପ୍ରତିଷ୍ଠିତ ହୋଇଥିଲା । ମହାତ୍ମା ଗାନ୍ଧୀ ଓ ଲୋକମାନ୍ୟ ତିଳକଙ୍କ ପଟ୍ଟ ଚିତ୍ର ଆଙ୍କି ସେ ପ୍ରଶଂସା ସାଉଁଟି ଥିଲେ । ତାହାହିଁ ତାଙ୍କ ଭାଗ୍ୟ ବଦଳାଇ ଦେଇଥିଲା । ଚିତ୍ର ଦୁଇଟିର ପ୍ରଶଂସା 'ସମାଜ' ଖବର କାଗଜରେ ପ୍ରକାଶ ପାଇବା ପରେ ସମସ୍ତେ ବିମ୍ବାଧରଙ୍କ ପ୍ରତିଭା ସହିତ ପରିଚିତ ହୋଇଥିଲେ ।

ଏହି ସମୟରେ ବିଚ୍ଛିନ୍ନାଞ୍ଚଳକୁ ଏକତ୍ର କରିବା ପାଇଁ ମଧୁସୂଦନଙ୍କ ନେତୃତ୍ୱରେ ଆନ୍ଦୋଳନ ଜୋରସୋରରେ ଚାଲିଥିଲା । ଫିଲିପ୍ ଡିଫ୍ କମିଟିକୁ ଯେଉଁ ସ୍ମାରକ ପତ୍ର ଦିଆଯାଉଥିଲା ସେଥିପାଇ କେତେକ ଚିତ୍ରର ଆବଶ୍ୟକତା ଥିବାରୁ କୁଳବୃଦ୍ଧ ମଧୁସୂଦନ ତାଙ୍କୁ ଦାୟିତ୍ୱ ଦେଲେ । ସେ ୫ଟି ଚିତ୍ର ଅଙ୍କନ କରିଥିଲେ । ପ୍ରଥମ ଚିତ୍ରଟି ଉତ୍କଳ ଜନନୀଙ୍କର, ଛିନ୍ନ ମସ୍ତା, ଛିନ୍ନ ହସ୍ତା, ଛିନ୍ନ ପାଦ ଚିତ୍ର କେବଳ ବର୍ମାଙ୍କ ପରିକଳ୍ପନାରୁ ସୃଷ୍ଟି ହୋଇଥିଲା । ଦ୍ୱିତୀୟ ଚିତ୍ରଟି ପ୍ରାକୃତିକ ଓଡ଼ିଶା ଓ ବିଚ୍ଛିନ୍ନାଞ୍ଚଳର ନକ୍ସା । ଅନ୍ୟ ୩ଟି ଚିତ୍ରରେ ଓଡ଼ିଆମାନେ କିପରି ଅନ୍ୟ ପ୍ରଦେଶରେ ନିର୍ଯ୍ୟାତୀତ ହେଉଛନ୍ତି ତାର ଚିତ୍ର ଥିଲା । ବର୍ମାଙ୍କର ଛିନ୍ନମସ୍ତା ଚିତ୍ର ସେ କାଳରେ ଅନେକ ଓଡିଆଙ୍କ ପ୍ରାଣରେ ଜାତୀୟବାଦୀ ଚେତନା ସୃଷ୍ଟି କରିଥିଲା ।

ବି.ବର୍ମାଙ୍କର ଚିତ୍ର କଳାରେ ଓଡ଼ିଶାର ସଂସ୍କୃତି, ବେଶଭୁଷା ଓ ଗହଣାଗାଣ୍ଠି ଚିତ୍ର ସୁସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି । ଆଜି ଓଡ଼ିଆଣୀ ଆଉ ମାଣିଆବନ୍ଧ କି ପୁଞ୍ଜିଫୁଲିଆ ଶାଢ଼ୀ ପିନ୍ଧୁ ନାହିଁ କି ଗହଣାଗାଣ୍ଠି ଭାବରେ ନୋଥ, ଚୁଡି, ତାଇତ, ବଟଫଳ, ମୁଠି ଶଙ୍ଖା, ଗୁଣା, ଝୁଣ୍ଟିଆ, କାପ, ଅଣ୍ଟା ସୂତା ବ୍ୟବହାର କରୁନାହିଁ । ଆମର ସଂସ୍କୃତି ଯେତେ ଅପମିଶ୍ରିତ ଓ ଅପସୃତ ହେଲେ ମଧ ବର୍ମାଙ୍କ ଚିତ୍ର ଯେତେଦିନ ବଞ୍ଚି ରହିଥିବ ଆମେ ସେତେ ଦିନ ଆମ ସଂସ୍କୃତିକୁ ତା ମଧରେ ଚିହ୍ନି ପାରୁଥିବା ।

ମାତ୍ର ଦୁଃଖର କଥା ଯେ ଶିଳ୍ପୀଗୁରୁ ବି. ବର୍ମାଙ୍କୁ ଏ ଜାତି ଭଲ ଭାବରେ ଚିହ୍ନି ପାରି ନଥିଲା । ଘୋର ଦାରିଦ୍ର୍ୟ ତଥା ରୋଗ ଶଯ୍ୟାରେ ପଡି ତାଙ୍କ ଜୀବନ ଦୀପ ଲିଭି ଯାଇଥିଲା । ପିତାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ତାଙ୍କୁ ଡାକ୍ତରୀ ଶିକ୍ଷା ପ୍ରଦାନ ପାଇଁ ଚେଷ୍ଟା କରିଥିଲେ । ମାତ୍ର ସେଠାରେ ସେ ମାତ୍ର ଚାରି ମାସ ରହି ଗ୍ରାମକୁ ଫେରି ଆସିଥିଲେ । ଗ୍ରାମକୁ ଆସି ସଙ୍ଗୀତ ଗାନ, ଥିଏଟର ଓ ଅପେରା ଦଳ ସୃଷ୍ଟି କରି ତାର ନେତୃତ୍ୱ ନେଉଥିଲେ । ବେହେଲା ବଜାଇ ଗୀତ ଗାଇବା, କେଉଁଠି ମୃଦଙ୍ଗ ବଜାଇ କୀର୍ତ୍ତନରେ ନିଜକୁ ହଜାଇ ଦେବାରେ ତାଙ୍କର ଆନନ୍ଦ ଥିଲା । ତା ସହିତ ଗ୍ରାମରେ ଓ ଅନ୍ୟ ସ୍ଥାନରେ ଥିଏଟର ପାଇଁ ଆବଶ୍ୟକୀୟ ପରଦା ତିଆରି ପାଇଁ ନିଜ ଚିତ୍ରଶିଳ୍ପ କଳାର ପରାକାଷ୍ଠା ଦେଖାଇବାରେ ସେ ନିଜକୁ ନିୟୋଜିତ କରିଥିଲେ । ଶିଶୁ ସାହିତ୍ୟିକ ନନ୍ଦ କିଶୋର ସାମଲଙ୍କ କୁମାର ସମ୍ଭବ ନାଟକ ଅଭିନୟ ପାଇଁ ଯେଉଁ ରଙ୍ଗମଞ୍ଚ ପ୍ରସ୍ତୁତ ହୋଇଥିଲା ତାର ପ୍ରଚ୍ଛଦ ବା ପଛପଟ ପରଦା ବିମ୍ବାଧର ଅଙ୍କନ କରିବା ସହିତ ମାୟାଧର ମାନସିଂ ନାଟକ ପୂର୍ବରୁ ଯେଉଁ ସଭା ହୋଇଥିଲା ସେଥିରେ ଯୋଗ ଦେଇଥିଲେ ବୋଲି ସ୍ୱର୍ଗତ କବି ମୋତେ କହିଥିଲେ ।

କିଛି କାଳ ପରେ ତାଙ୍କର କଳାକାର ମନବୃତ୍ତି ନାଟକ ଓ ସଙ୍ଗୀତ ପରିତ୍ୟାଗ କରି କେବଳ ଚିତ୍ରକଳାରେ ନିମଗ୍ନ ରହିଲା । ଗାନ୍ଧିଜୀ, ସରୋଜିନୀ ନାଇଡୁ, ମୋତିଲାଲ ନେହେରୁ, ବାଲ ଗଙ୍ଗାଧର ତିଳକ, ଲାଜପତ ରାୟ ଆଦି ଚିତ୍ର ଅଙ୍କନ କରି ସେ ପ୍ରସିଦ୍ଧ ହେବାକୁ ଲାଗିଲେ । ଏହି ସବୁ କଳା ମାଧ୍ୟମରେ ବିମ୍ବାଧର କଟକ ସହରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ଏହି ଠାରେ ତାଙ୍କର ଉତ୍କଳ ଗୌରବ ମଧୁସୂଦନଙ୍କ ସହିତ ଘନିଷ୍ଠତା ହୋଇଥିଲା । ଏହା ପରେ ତାଙ୍କ ତୂଳୀରେ ଅଙ୍କିତ ହେଲା ବଳରାମ ଦାସଙ୍କ 'ବାଲି ରଥ' । ଏହି ଚିତ୍ରଟିକୁ ଜମିଦାର ଭାସ୍କର ଚନ୍ଦ୍ର ମହାପାତ୍ର ଅଧିକ ମୂଲ୍ୟ ଦେଇ କ୍ରୟ କରି ନେଇଥିଲେ । ବ୍ୟବସାୟିକ ବା ବରାଦ ଦିଆ ଚିତ୍ର ଆଙ୍କିବା ତାଙ୍କ ନୀତି ବିରୁଦ୍ଧ ଥିଲା । ପୁରୀ ଠାରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀରୁ ତାଙ୍କ ଚିତ୍ର 'ବୁଭୁକ୍ଷା' କୁ ମଧ ଭାସ୍କର ଚନ୍ଦ୍ର ଅଧିକ ମୂଲ୍ୟ ଦେଇ କ୍ରୟ କରିଥିଲେ । ଫଳରେ ବାଲିରଥ ଓ ବୁବୁକ୍ଷା ଚିତ୍ର ଦ୍ୱୟ ଲୋକଲୋଚନର ଅନ୍ତରାଳରେ ରହିଗଲା । ତାର ସୁରଭି ଯେତିକି ବିକଶିତ ହେବା କଥା, ସେତିକି ହୋଇ ପାରିଲା ନାହିଁ ।

ଏହା ପରେ ଶିଳ୍ପୀ ବର୍ମା ତାଳଚେର ଯାଇଁ ସେଠାରେ ଦୀର୍ଘ ଅଢ଼େଇ ବର୍ଷ ରହି କେତେକ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ । ଏହା ଦ୍ୱାରା ତାଙ୍କର ଆର୍ଥିକ ଅବସ୍ଥାରେ ସୁଧାର ଆସିବ ବୋଲି ସେ ଭାବିଥିଲେ କିନ୍ତୁ ତାହା ହୋଇ ପାରିଲା ନାହିଁ । କେବଳ ତାଳଚେର ନୁହେଁ ଅନ୍ୟ କେତେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସେ ଚିତ୍ରକଳା ପ୍ରଦାନ କରି ନିଜର ଆର୍ଥିକ ଉନ୍ନତି କରିବେ ବୋଲି ଯେଉଁ ପରିକଳ୍ପନା କରିଥିଲେ ତାହା ମଧ ସଫଳ ହେଲା ନାହିଁ । ଏହି ଘଡିସନ୍ଧି ମୂହର୍ତ୍ତରେ ସେତେବେଳର ପଲିଟିକାଲ୍ ଏଜେଣ୍ଟ ଗ୍ରିଫନ୍ ସାହେବଙ୍କ ହସ୍ତକ୍ଷେପ କରିବାରୁ ତାଙ୍କୁ କିଛି ଅର୍ଥ ମିଳିଥିଲା । ବିଶ୍ୱଯୁଦ୍ଧର ଆତଙ୍କ ଫଳରେ ତାଙ୍କୁ ଅନେକ କିଛି ହରାଇବାକୁ ପଡିଥିଲା । ଯୁଦ୍ଧ ଫଳରେ ତାଙ୍କର ପୁସ୍ତକ ପ୍ରକାଶନ ସଂସ୍ଥା ମୈତ୍ରି ମହଲ ମଧ ବନ୍ଦ ହୋଇ ଯାଇଥିଲା ।

ମାତ୍ର ତତ୍ କାଳୀନ ମୁଖ୍ୟମନ୍ତ୍ରୀ ପାରଳାର ଗଜପତିଙ୍କ ସୁଦୃଷ୍ଟି ତାଙ୍କ ଉପରେ ପଡିବାରୁ ସେ କିଛି ଆର୍ଥିକ ସାହାଯ୍ୟ ପାଇଥିଲେ । ମାତ୍ର ତତ୍କାଳୀନ ଶିକ୍ଷାମନ୍ତ୍ରୀଙ୍କ ସୁଦୃଷ୍ଟିରେ ପଡିବା ପାଇଁ ସେ ତାଙ୍କୁ 'ଦେବଦାସୀ' ଚିତ୍ରଟି ଉପଢୌକନ ଭାବରେ ପ୍ରଦାନ କରିଥିଲେ । ମାତ୍ର, ଶିକ୍ଷାମନ୍ତ୍ରୀ ଜଣଙ୍କ ଜଣେ ସାହିତ୍ୟିକ ଓ ପଣ୍ଡିତ ହୋଇଥିଲେ ମଧ ଜଣେ କଳାକାରର କଳାର ମୂଲ୍ୟ ବୁଝି ପାରିଲେ ନାହିଁ । ଫଳରେ ବର୍ମା କେବଳ ମନସ୍ତାପରେ ସମୟ ଅତିବାହିତ କରିବାକୁ ଲାଗିଲେ । ମୁଖ୍ୟମନ୍ତ୍ରୀ ଗଜପତିଙ୍କ ସୁଦୃଷ୍ଟି ତାଙ୍କ ଉପରେ ଥିବାରୁ ସେ ଏହା ପରେ

'ସାଧବ ଝିଅ' ଓ 'ଶେଷ ସ୍ପର୍ଶ' ଚିତ୍ର ଦୁଇଟିକୁ ଅଧିକ ଟଙ୍କା ଦେଇ କିଣି ନେଇଥିଲେ । ଯାହା ଫଳରେ ସେ ଆର୍ଥିକ କ୍ଷତିରୁ ରକ୍ଷା ପାଇଗଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା ମଧ୍ୟରେ ସେ ୧୯୩୯ ମସିହାରେ 'ମୈତ୍ରି ମହଲ' ନାମରେ ଏକ ପ୍ରକାଶନ ସଂସ୍ଥା ଗଠନ କରିଥିଲେ । ଏହି ପ୍ରକାଶନ ସଂସ୍ଥା ତରଫରୁ ମାୟାଧର ମାନସିଂହଙ୍କ 'ପୁଷ୍ପିତା', ଜ୍ଞାନୀନ୍ଦ୍ର ବର୍ମାଙ୍କ 'ବୋଲେ ହୁଁଟି', ପ୍ରାଣକୃଷ୍ଣ ସାମଲଙ୍କ 'ଜୋଛନା' ଓ 'ରଜପର୍ବ' ଆଦି ପୁସ୍ତକ ପ୍ରକାଶ ପାଇଥିଲା । ଯୁଦ୍ଧ ପାଇଁ ତାଙ୍କର ଏହି ସଂସ୍ଥା କ୍ଷତିରେ ଚାଲିଥିଲା । ନିଜର ପ୍ରକାଶନ ସଂସ୍ଥାକୁ ବଞ୍ଚାଇବା ପାଇଁ ଜଣେ ସାହିତ୍ୟିକ ଓ ଉଚ୍ଚ ରେଳବାଇ କର୍ମଚାରିଙ୍କୁ ନିଜର କୃତି 'ଶୂନ୍ୟ ଓ ପୂର୍ଣ୍ଣ' ଓ 'ପ୍ରଣତି' ବିକିବା ପାଇଁ ସେ ସୁଦୂର ବାଲେଶ୍ୱର ଧାଇଁ ଯାଇଥିଲେ । କିନ୍ତୁ, ଦୁର୍ଭାଗ୍ୟର ବିଷୟ ଯେ ସେହି ଭଦ୍ର ବ୍ୟକ୍ତି ଚିତ୍ର ଦୁଇଟିକୁ ରଖି ଏକ ଚିଠି ତାଙ୍କୁ ଧରାଇ ଦେଇ କହିଲେ କଟକର ଜଣେ ଓକିଲଙ୍କ ଠାରୁ ଟଙ୍କା ନେବା ପାଇଁ । ମାତ୍ର କଟକରେ ସେହି ଓକିଲଙ୍କ ଚକ୍ରାନ୍ତର ଶିକାର ହୋଇ ଛବି ଦୁଇଟିକୁ ବିନା ମୂଲ୍ୟରେ ହରାଇବାକୁ ପଡିଥିଲା ।

ଶିଳ୍ପୀ ଗୁରୁ ବିମ୍ବାଧରଙ୍କର ବ୍ୟକ୍ତିଗତ ଜୀବନ ଥିଲା ଦୁଃଖପୂର୍ଣ୍ଣ । ସେ ବିବାହ କରି ନଥିଲେ ହେଁ ତାଙ୍କର ପାରିବାରିକ ସମ୍ପର୍କ ଅଧିକ ସ୍ମୃତି ମଧୁର ଥିଲା । ନିଜ ପରିଚିତ ଓ ନିଜ ବୟସର ପୁଅ ଝିଅଙ୍କୁ ସେ ଭାଇ ଓ ଭଉଣୀ ପରି ଦେଖୁଥିଲେ । କଟକ, ପୁରୀ ଓ ସମ୍ବଲପୁରରେ ତାଙ୍କର ଅନେକ ଧର୍ମ ଭଉଣୀ ରହିଥିଲେ । ସେମାନଙ୍କୁ ପର୍ବପର୍ବାଣିରେ ଲୁଗା ଓ ଉପଢୌକନ ପ୍ରଦାନ କରୁଥିଲେ । କଟକ ସହରରେ ଅବସ୍ଥାନ କରୁଥିଲେ ହେଁ ସେ ଦଶହରାକୁ ନିଶ୍ଚୟ ଗାଆଁକୁ ଆସୁଥିଲେ । ଗାଆଁ ପ୍ରତି ତାଙ୍କର ସ୍ନେହ ମମତା ଅଧିକ ଥିଲା । ଜୀବନରେ ସେ ଅନେକ ଟଙ୍କା ପଇସା ରୋଜଗାର କରିଛନ୍ତି । କିନ୍ତୁ ସେଗୁଡ଼ିକ ବନ୍ଧୁ ପରିଚର୍ଚ୍ଚାରେ ଖର୍ଚ୍ଚ କରି ଦେଇଥିଲେ । ସେଥିପାଇଁ ତାଙ୍କୁ ଶେଷ ଜୀବନରେ ଦୁଃଖ ଦୈନ୍ୟରେ ରହିବାକୁ ପଡିଥିଲା । ସେ ସ୍ୱାଭିମାନୀ ଥିବାରୁ କାହା ପାଖରେ ହାତ ପତାଉ ନଥିଲେ ।

୧୯୫୨ ମସିହା ବେଳକୁ ଶିଳ୍ପୀ ବି.ବର୍ମା ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ । ରୋଗ, ବ୍ୟାଧି ତାଙ୍କୁ ଗ୍ରାସ କରିଥିଲା । ଆର୍ଥିକ ଅନଟନ ରୋଗର ଯନ୍ତ୍ରଣା ଫଳରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ । ଶ୍ୱାସ, ଉଚ୍ଚ ରକ୍ତଚାପ ଓ ଜଳୋଦରୀ ରୋଗ ତାଙ୍କୁ ଗ୍ରାସ କରିଥିଲା । ଏହି ରୋଗରୁ ଉଦ୍ଧାର ପାଇଁ ସେ ବିଭିନ୍ନ ଚିକିତ୍ସା କେନ୍ଦ୍ର ଓ ଚିକିତ୍ସକଙ୍କ ଦ୍ୱାରସ୍ଥ ହୋଇଥିଲେ । ମାତ୍ର କେଉଁଠାରୁ ସାହାଯ୍ୟ କି ସହାୟତା ପାଇ ନାହାଁନ୍ତି । ପ୍ରଥମେ କଟକରେ ଚିକିତ୍ସା କରାଇ ସୁଫଳ ପାଇଲେ ନାହିଁ । ତା ପରେ କଳା ବିକାଶ କେନ୍ଦ୍ରର ଆର୍ଥିକ ସହଯୋଗରେ ଖୋର୍ଦ୍ଧା ଯାଇ ଚିକିତ୍ସା ପାଇଁ ଚେଷ୍ଟା କରିଥିଲେ । ସେଠାରେ ଟୁଣୁକାଟୁଣୁକି ହୁକୁମ ଔଷଧ ବ୍ୟବହାର କରିଥିଲେ । ସେଥିରେ ମଧ୍ୟ କିଛି ସୁଫଳ ପାଇଲେ ନାହିଁ । ତା ପରେ ପୁରୀ ଯାଇଁ ନିର୍ମଳ ଚନ୍ଦ୍ର ଦାଶଙ୍କର ଅତିଥି ହୋଇଥିଲେ । ତାଙ୍କରି ଚେଷ୍ଟାରେ ବର୍ମା 'ଗୋପବନ୍ଧୁ ଆୟୁର୍ବେଦିକ କଲେଜ'ରେ ଚିକିତ୍ସିତ ହୋଇଥିଲେ । ସେଠାରୁ ଭଲ ହେବା ପରେ ସେ ପୁରୀର 'ଅଠର ନଳା' ପାଖରେ ଏକ ଘର ଭଡା ନେଇ ରହିଥିଲେ । ଭାବିଥିଲେ ଅବଶିଷ୍ଟ ଜୀବନ ଶ୍ରୀକ୍ଷେତ୍ରରେ ରହି ଶାନ୍ତିରେ ଜୀବନ ଅତିବାହିତ କରିବେ । କିନ୍ତୁ, ବିଧିର ବିଧାନ ଥିଲା ଅନ୍ୟ ପ୍ରକାର । ଦାରିଦ୍ର୍ୟ ଓ ଆର୍ଥିକ ଅନଟନ ମଧ୍ୟରେ ସେ ସେଠାରେ ନିଜର ଖାଦ୍ୟ ପେୟ ମଧ୍ୟ ଯୋଗାଡ କରି ପାରିଲେ ନାହିଁ ।

ବିଭିନ୍ନ ଚିନ୍ତାଗ୍ରସ୍ତ ହୋଇ ସେ ପୁଣି ଶଯ୍ୟାଶାୟୀ ହେଲେ । ସରକାରୀ ସାହାଯ୍ୟ ପାଇଁ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଶେଷରେ ସେ ବାଧ୍ୟ ହୋଇ ନିଜ ଜନ୍ମଭୂମି କୁସୁପୁରକୁ ଫେରି ଆସିଥିଲେ । ସେହି ଦୈନ୍ୟ, ଅନଟନକୁ ନେଇ କବି ରାଧାମୋହନ ଗଡନାୟକ ସୁନ୍ଦର ଭାବରେ ଅଭିବ୍ୟକ୍ତି କରିଛନ୍ତି–

ରୋଗର ବଢ଼ିଲା ଜ୍ୱାଳା
    ତିବ୍ର ହେଲା ଅଭାବର ଦାଉ
ହେ ରୁଗଣ୍ ହେ ଦୁସ୍ଥ ବନ୍ଧୁ
    ସମ୍ବାଳନ୍ତ କେତେ ଅବା କାହୁଁ ?
ଘୂରିଲ ଉଦ୍‌ଭ୍ରାନ୍ତ ପରି
    ସମ୍ଭ୍ରାନ୍ତ ଏ କଟକର ପଥେ
ଶ୍ରୀକ୍ଷେତ୍ରର ବଡ ଦଣ୍ଡେ
    ସମୁଦ୍ରର ବାଲି ସଇକତେ ।
ଭେଟିଲ ବହୁତ ବନ୍ଧୁ
    ବହୁ ଦ୍ୱାର ଗଳିରେ କନ୍ଦିରେ
ଘୂରିଲ ହେ ଅଭିଶପ୍ତ
    ବହୁ ବହୁ ଚିକିତ୍ସା ମନ୍ଦିରେ ॥

*    *    *

ସମ୍ଭ୍ରାନ୍ତ ସହର ବାସ
    ଖୋଜଇ ତ ଟଙ୍କା ଖାଲି ଟଙ୍କା
ବୁଲି ବୁଲି ଆହେ ବନ୍ଧୁ
    ଅବଶେଷେ ହୋଇଗଲ ଥକ୍‌କା ।
ସଭ୍ୟ ଏ ସହର ଛାଡି
    ସର୍ବ ଶେଷେ ବିରୂପାର କୂଳେ
ହେ ମୁମୂର୍ଷୁ ଫେରିଗଲ
    ପ୍ରିୟତମ ତୁମ କୁସୁପୁରେ

(ଧୂଷର ଭୂମିକା, ରାଧାମୋହନ ଗଡନାୟକ)

ଦାରିଦ୍ର୍ୟର ତାଡନାରେ ବି.ବର୍ମାଙ୍କର ଜୀବନ ଦୀପ ୧୯୫୩ ମସିହା ଡିସେମ୍ବର ୨୩ ତାରିଖ ଦିନ ମାତ୍ର ୫୨ ବର୍ଷ ବୟସରେ ନିର୍ବାପିତ ହୋଇଥିଲା । ତାଙ୍କର ମୃତ୍ୟୁର ପରଦିନ ଭାରତ ସରକାରଙ୍କର ପେନସନ୍ ମଞ୍ଜୁରି ଚିଠି କୁସୁପୁର ଗ୍ରାମରେ ପହଞ୍ଚିଥିଲା । ଓଡିଶା ସରକାର ଯେଉଁ ପେନସନ୍ ମଞ୍ଜୁର କରିଥିଲେ ତାହା ମଧ ବର୍ମା ମୃତ୍ୟୁ ପୂର୍ବରୁ ଜାଣି ପାରି ନଥିଲେ । ଏହାହିଁ ହେଉଛି ଆମ ଦେଶର ଭାଗ୍ୟ । ତାଙ୍କ ମୃତ୍ୟୁ ପରେ ଡଗର ପତ୍ରିକା ତରଫରୁ ବିମ୍ବାଧର ସ୍ମୃତି ସଂଖ୍ୟା ପ୍ରକାଶ ପାଇଥିଲା । ସେଥିରେ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଜଣେ ପ୍ରତିଷ୍ଠିତ ଶିଳ୍ପୀଙ୍କର ଅଳ୍ପ ବୟସରେ ମୃତ୍ୟୁ ନିଶ୍ଚୟ ଓଡ଼ିଆ ଚିତ୍ର କଳା ଜଗତ ପାଇଁ ଅପୂରଣୀୟ କ୍ଷତି । ତାଙ୍କ ସ୍ମୃତି ରକ୍ଷା ପାଇଁ ସେପରି କୌଣସି ଆଖିଦୃଶିଆ କାର୍ଯ୍ୟ ସରକାରୀ କି ବେସରକାରୀ ସ୍ତରରେ କରାଯାଇ ନାହିଁ । ତାଙ୍କର ପ୍ରତିମୂର୍ତ୍ତି କୁସୁପୁରସ୍ଥ ନନ୍ଦକିଶୋର ବିଦ୍ୟାମନ୍ଦିର ପରିସରରେ ସ୍ଥାପନ କରାଯାଇଛି । ପ୍ରତିବର୍ଷ ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ତାଙ୍କର ଶ୍ରାଦ୍ଧ ଦିବସ ପାଳନ କରାଯାଇ ତାଙ୍କର ସ୍ମୃତି ଚାରଣ କରାଯାଉଛି । କୁସୁପୁର ଗ୍ରାମର ଦାୟାଦ ଭାବରେ ମୁଁ ସେହି ପ୍ରତିଭାଙ୍କୁ ବାରମ୍ବାର ପ୍ରଣାମ ଜଣାଉଛି । ୧୯୭୪ ମସିହାରେ ପଲ୍ଲୀକବି ଓ ଶିଳ୍ପୀଗୁରୁଙ୍କ ସ୍ମୃତିକୁ ନେଇ ମୁଁ ଲେଖିଥିବା ଏକ କବିତାର କିଛି ଅଂଶ ଉଦ୍ଧାର କରୁଛି-

ଏଇ ଗାଆଁ ଭୂଇଁ କଥା ଜଣେ ଯେବେ ଦେଉଥିଲା ଲେଖି
ଆଉ ଜଣେ ସେଇ କଥା ତୁଳୀ ମୂନେ ଦେଉଥିଲା ଆଙ୍କି ।
ଜନତାର ସୁଖ ଦୁଃଖ ହସକାନ୍ଦ ଜଣେ ବସି ଲେଖୁଥିଲା ବେଳେ
ଅନ୍ୟ ଜଣେ ସେଇ କଥା ଦେଉଥିଲା ଆଲେଖ୍ୟରେ ହେଳେ ॥
ଜଣେ ଲେଖୁଥିଲା ଯଦି ପଲ୍ଲୀବଧୂର ଛନ୍ଦ ଚପଳ ଚାଲି
ଅନ୍ୟ ଜଣେ ତାର ଲାଜ ସରମକୁ ରଙ୍ଗେ ଦେଉଥିଲା ତୋଳି ।
ଆମ ପାଖେ 'ପଲ୍ଲୀକବି' ନାମେ ଜଣେ ଆଜି ପରିଚିତ
ଆଉ ଜଣେ 'ଶିଳ୍ପୀଗୁରୁ' ନାମେ ହୋଇଛି ବିଖ୍ୟାତ ॥

**ଉପସଂହାର :**

ଶିଳ୍ପୀଗୁରୁ ବିମ୍ବାଧର ବର୍ମା ଓରଫ ବି.ବର୍ମା କୌଣସି ଶିକ୍ଷାନୁଷ୍ଠାନରୁ ଚିତ୍ରକଳା, ମୃଣ୍ମୟଶିଳ୍ପରେ ଶିକ୍ଷା ଲାଭ ନକରି ମଧ ନିଜର ସୃଜନଶୀଳତା ବଳରେ ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ସମୟରେ ଜଣେ ପ୍ରତିଷ୍ଠିତ ଶିଳ୍ପୀ ଭାବରେ ପ୍ରତିଷ୍ଠା ଅର୍ଜନ କରି ସମସ୍ତଙ୍କର ପ୍ରଶଂସାଭାଜନ ହୋଇପାରିଥିଲେ । ତାଙ୍କ ଚିତ୍ରକଳାର ପ୍ରଶଂସା ଉତ୍କଳ ଗୌରବ ମଧୁସୂଦନ ଦାସ, ପାରଳାର ଗଜପତିଙ୍କ ଠାରୁ ଆରମ୍ଭ କରି ପଲ୍ଲୀକବି ନନ୍ଦକିଶୋର ବଳ, କୁନ୍ତଳାକୁମାରୀ ସାବତ, ଅନଦା ଶଙ୍କର ରାୟ ପ୍ରଭୃତି ମହାମନୀଷଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ମଧ କରି ଯାଇଛନ୍ତି । ତାଙ୍କର ପ୍ରତିଷ୍ଠିତ ଚିତ୍ରକଳା ହେଉଛି 'ପଲ୍ଲୀବଧୂ' । ଯାହାକୁ 'ମୋନାଲିସା' ସହିତ ସମୀକ୍ଷକମାନେ ତୁଳନା କରିଥାନ୍ତି । ଶେଷ ଜୀବନରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ । ରୋଗ, ବ୍ୟାଧି ତାଙ୍କୁ ଗ୍ରାସ କରି ତାଙ୍କ ମନୋବଳକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା । ଶ୍ୱାସ, ଉଚ୍ଚ ରକ୍ତଚାପ ଓ ଜଳୋଦରୀ ଆଦି ରୋଗରେ ପୀଡିତ ହୋଇ ସେ ଅନେକ ଯନ୍ତ୍ରଣା ଭୋଗ କରିଥିଲେ । ଆର୍ଥିକ ସାହାଯ୍ୟ ପାଇଁ ସେ ବିଭିନ୍ନ ଲୋକଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ ତାଙ୍କୁ କୌଣସି ସରକାରୀ କି ବେସରକାରୀ ସହାୟତା ମିଳି ନଥିଲା । ଦାରିଦ୍ର୍ୟର କଷାଘାତରେ ବି.ବର୍ମାଙ୍କର ଜୀବନ ଦୀପ ୧୯୫୩ ମସିହା ଡିସେମ୍ବର ୨୩ ତାରିଖ ଦିନ ମାତ୍ର ୫୨ ବର୍ଷ ବୟସରେ ନିର୍ବାପିତ ହୋଇଥିଲା । ତାଙ୍କର ମୃତ୍ୟୁର ପରଦିନ ଭାରତ ସରକାରଙ୍କର ପେନସନ୍ ମଞ୍ଜୁରି ଚିଠି କୁସୁପୁର ଗ୍ରାମରେ ପହଞ୍ଚିଥିଲା । ଓଡିଶା ସରକାର ଯେଉଁ ପେନସନ୍ ମଞ୍ଜୁର କରିଥିଲେ ତାହା ମଧ ବର୍ମା ମୃତ୍ୟୁ ପୂର୍ବରୁ ଜାଣି ପାରି ନଥିଲେ । ଏହାହିଁ ହେଉଛି ଆମ ଦେଶର ଭାଗ୍ୟ ।

**ସହାୟକ ଗ୍ରନ୍ଥ :**

୧॥ ଶିଳ୍ପୀ ବିମ୍ବାଧର ବର୍ମା, ଅଧ୍ୟାପକ ବିନୋଦ ବିହାରୀ ରାଉତରାୟ, ଓଡିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର, ୧୯୭୬

୨॥ ଡଗର, ବିମ୍ବାଧର ବର୍ମା ସ୍ମୃତି ସଂଖ୍ୟା, ୧୭ଶ ବର୍ଷ, ଅଷ୍ଟମ ସଂଖ୍ୟା,ଫେବୃଆରୀ ୧୯୫୪ ।

୩॥ ଏହା ବ୍ୟତୀତ କୁସୁପୁର ଗ୍ରାମର ବୟସ୍କ ବ୍ୟକ୍ତି ସ୍ୱର୍ଗତ ନନ୍ଦ କିଶୋର ସାମଲ ଓ ସ୍ୱର୍ଗତ କେଶବାନନ୍ଦ ସାହୁ ଓ ଯାଦବାନନ୍ଦ ଜେନାଙ୍କ ଠାରୁ ତଥ୍ୟ ସଂଗ୍ରହ ।

❖ ❖ ❖

DOI :https://doi.org/10.5281/zenodo.17550569 ମୂଳ ପ୍ରବନ୍ଧ

# ବିଶ୍ୱରଂଜନଙ୍କ 'ବିନ୍ଦୁ ବିନ୍ଦୁ ବର୍ଷା' ଏକ ନୂତନ ଗଳ୍ପ କଥନର ପରିଭାଷା

**ଜ୍ୟୋତିରଞ୍ଜନ ମହାନ୍ତି**

**ସଂକ୍ଷିପ୍ତସାର :**

"ବିନ୍ଦୁଏ ଚୁମ୍ବନରେ ଶିହରିତ ହୋଇଯାଏ ସମଗ୍ର ପ୍ରାଣସତ୍ତା । ବିନ୍ଦୁ ବିନ୍ଦୁ ବର୍ଷାରେ ଧରିତ୍ରୀ ହୁଏ ରତିକ୍ରାନ୍ତା । ମାଟି ଲୋଡୁଥାଏ ଆକାଶର ଉଷ୍ଣତା । ଆକାଶ ଲୋଡୁଥାଏ ମାଟିର ଆର୍ଦ୍ରତା । ଅଥଚ କେହି କାହାରିପାଖରେ ପହଁ*ପାରନ୍ତିନାହିଁ । ଅପହ* ଦୂରତା ଭିତରେ ତଥାପି ଥାଏ ନିକଟରେ ପରସ୍ପରକୁ ପାଇବାର ଆତୁରତା । ସାରା ଜୀବନକୁ ଘେରି ରହିଥାଏ ଏହିଭଳି ବିରହ ଓ ବ୍ୟାକୁଳତା । ଜୀବନର ସବୁ କଥା ନଦୀହୋଇ ସାଗର ସଙ୍ଗମର ସୌଭାଗ୍ୟ ଅର୍ଜନ କରନ୍ତି ନାହିଁ । ଅନେକ କଥା ସେହିଭଳି କଥା ହୋଇ ରହିଯାଏ ବିନା କାହାଣୀରେ । ରହିଯାଏ ଛାତି ତଳର ରୁଗୁରୁଗୁ ବ୍ୟଥା ହୋଇ ।" ଏହି ମୁକ୍ତ ମଣିଷର ସ୍ୱର ହୋଇଛି ଅଧ୍ୟାପକ ବିଶ୍ୱରଂଜନଙ୍କ ଗଳ୍ପ ରଚନା 'ବିନ୍ଦୁ ବିନ୍ଦୁ ବର୍ଷା' । ଏଥିରେ ଗଳ୍ପ କଥନର ପରଂପରାକୁ ଭାଙ୍ଗିଦେବାର ଯେଉଁ ସଂକେତ ସେ ଦେଇଛନ୍ତି; ସେଥିରେ ଫିଟି ପଡ଼ିଛି, ଏକ ନୂତନ କଥା ମାର୍ଗର ସଂଦେଶ, ଗଳ୍ପ ରଚନା ଶୈଳୀରେ ଏହା ଏକ ପରୀକ୍ଷା ମାତ୍ର । ଗପ ତ ଶୁଣିବାର କଥା । କିନ୍ତୁ ଏଠି କାହାଣୀର ରୂପ ବଦଳିଗଲା । କଥା କହୁକହୁ ଅକସ୍ମାତ୍ କଥାକାର କବି ପାଲଟିଗଲେ । କଥା କହିବାର ପ୍ରତିଶୃତି ଦେଇ ଆମକୁ ଡାକିଥିଲେ । ଅଥଚ ବିଶ୍ୱରଂଜନ ଶୁଣେଇ ଦେଲେ ଏକ ଚମତ୍କାର କବିତା । ତେବେ ଅଧ୍ୟାପକ ବିଶ୍ୱରଂଜନ କ'ଣ କଥା ଓ କବିତାର ମଧ୍ୟଭୂମିରେ ସେହି ପୁରାଣ ତ୍ରିଶଙ୍କୁ ? କ'ଣ ମହାଭାରତର ସେହି ପନ୍ନଗ ନାରାୟଣ, ହାତପାର ମାଟିକୁ ଛୁଇଁଲେ, ସେ ପାଲଟିଯାଏ ସୁନା । ବିଶ୍ୱରଂଜନ ଭାବ ସ୍ନିଗ୍ଧ ଶବ୍ଦସବୁ କାହାଣୀ କହିବାକୁ ଆସି କବିତାର ପଦ ସଂଯୋଜନା କରି ଦେଉଛନ୍ତି କେମିତି ? ତେଣୁ ଲେଖକଟିଏ କବି ହେଉ ଅବା ଔପନ୍ୟାସିକ, ଗାଳ୍ପିକ ହୁଅନ୍ତୁ ଅବା ନାଟ୍ୟକାର, ତାର ସୃଜନୀରେ ପ୍ରକୃତ ଧର୍ମ ହୋଇଥାଏ ଶୈଳୀରେ ନୂତନତା ଓ ପ୍ରକାଶିତ ଭାବରେ ଥାଏ ଚମତ୍କାରିତା । ତେବେ ଲେଖକଟିଏ ସେତେବେଳେ ଜଗତ ତଥା ସମାଜର ସହୃଦୟ ପାଠକଙ୍କ ନିକଟରେ ସୃଷ୍ଟି କରେ ନିଜର ସ୍ୱତନ୍ତ୍ର ପରିଚୟ । ଯେମିତି ଅଧ୍ୟାପକ ବିଶ୍ୱରଂଜନ ଗପ କହୁକହୁ ପାଠକ ହୃଦୟରେ କବିତାର ରସସ୍ନିଗ୍ଧତାକୁ ବୁଣି ଦେଇଛନ୍ତି । ଏହା ଏକ ସଫଳ ଲେଖକର ଧର୍ମ ନୁହେଁ ତ ଆଉ କ'ଣ ହୋଇପାରେ ? ଆମେ ଜାଣୁ ସାହିତ୍ୟ ଯୁଗେ ଯୁଗେ ପରିବର୍ତ୍ତନଶୀଳ, ତା'ର ଆଦର୍ଶରେ, ମୂଲ୍ୟବୋଧରେ ଓ ରଚନା ଶୈଳୀରେ ଏ ପରିବର୍ତ୍ତନ ପ୍ରକଟିତ ହୋଇଥାଏ । ଏହା ନ ହେଲେ କଳା ସ୍ଥାଣୁ ହୋଇଯିବ, ହୋଇଯିବ ଧରାବନ୍ଧା କଥା । ତେଣୁ ଅଧ୍ୟାପକ ବିଶ୍ୱରଂଜନ, ତାଙ୍କ ଗଳ୍ପ ରଚିତ ପୁସ୍ତକ 'ବିନ୍ଦୁବିନ୍ଦୁ ବର୍ଷା'ରେ ମୁକ୍ତ ଆକାଶର ବିହଙ୍ଗ ସାଜି ଘୂରି ବୁଲିଛନ୍ତି ମୁକ୍ତହୋଇ । ହୃଦୟର ଅକୁହା କଥାକୁ ସହୃଦୟ ପାଠକ ନିକଟରେ ବଖାଣିବା ପାଇଁ କୌଣସି ଦ୍ୱନ୍ଦ୍ୱ କିମ୍ବା ଦ୍ୱିଧା ସେ ରଖିନାହାନ୍ତି। ଏଇତ ଅଧ୍ୟାପକ ବିଶ୍ୱରଂଜନଙ୍କ କଥା କହିବାର ଚମତ୍କାରିତା, ପାଠକ ହୃଦୟକୁ ଜିଣିବାର ଏକ ନୂତନ ପ୍ରୟାସ।

**ପ୍ରମୁଖ ଶବ୍ଦାବଳୀ :**

ରତିକ୍ରାନ୍ତା, ରୁଗୁରୁଗୁ, ପନ୍ନଗ, ତ୍ରିଶଙ୍କୁ, ରସସ୍ନିଗ୍ଧତା, ଦ୍ୱିଧା, ମୁକ୍ତ ମଣିଷର ସ୍ୱର – 'ବିନ୍ଦୁ ବିନ୍ଦୁ ବର୍ଷା'

"ମୁଁ ଜଣେନା ତୁମେ କିଏ ?' ଏକ ଶବ୍ଦମୟ ବାସ୍ତବତା ଅବା ନିଶବ୍ଦ ନୀରବତା ।"

"ମୁଁ ଜାଣେନା ମୁଁ ତୁମର ପ୍ରେମରେ ଥାଏ କି ନ ଥାଏ ।"

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.17550569
Article No - BPP00336

**ଯୋଗାଯୋଗ : ଜ୍ୟୋତିରଞ୍ଜନ ମହାନ୍ତି,**
ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ବହୁଗ୍ରାମ ଜୁନିୟର କଲେଜ, କଟକ
**Email:** jyotimohanty1993@gmail.com
**ORCID ID:** https://0009-0008-1691-9229

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୬.୦୬.୨୦୨୫ | ୧୦.୦୭.୨୦୨୫ | ୨୦.୦୮.୨୦୨୫ | ୧.୦୯.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାନ୍ତି, ଜ୍ୟୋତିରଞ୍ଜନ; ୨୦୨୫। ବିଶ୍ୱରଂଜନଙ୍କ 'ବିନ୍ଦୁ ବିନ୍ଦୁ ବର୍ଷା' ଏକ ନୂତନ ଗଳ୍ପ କଥନର ପରିଭାଷା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଚ; ପୃଷ୍ଠା : ୪୧-୪୪।

'ତୁମ ସ୍ୱପ୍ନ ଦେଖା ବନ୍ଦ ହୋଇଗଲେ ମୋ ଜୀବନର ମୁକୁଳା ଦୁଆର ସବୁ ଆପେ ଆପେ ବନ୍ଦ ହୋଇଯାଏ କାହିଁକି, କହିପାରିବ ?'

ସ୍ରଷ୍ଟା ପୁରୁଷଙ୍କର ଏଇ ମାତ୍ର କେତୋଟି ପ୍ରଶ୍ନ ଆସନ୍ତୁ ସ୍ରଷ୍ଟା ମାନସର ଏଇ ପ୍ରଶ୍ନ ଚାହାଣୀରୁ ଖୋଜିବାକୁ ଯିବା ତାଙ୍କ କଳାକର୍ମର କୋମଳ ପରିଭାଷାକୁ। ଅନ୍ୱେଷଣ କରିବାକୁ ଯିବା ତାଙ୍କ ଶବ୍ଦ ସର୍ଜନାର କମନୀୟ କାରିଗରୀରେ ମୁକୁଳିତ ହୋଇଥିବା ଆଦର୍ଶର ଅମ୍ଳାନ ଆଲେଖିକାକୁ। ସୃଜନ ପ୍ରେରଣାର ମନସ୍ତାତ୍ତ୍ୱିକ ଦିଗ୍‌ବଳୟରେ ପ୍ରସ୍ଫୁଟିତ ହୋଇଥିବା ଦୂରନ୍ତ ଚିତ୍ରପଟ୍ଟକୁ ।

ପାଦତଳର ପୃଥିବୀରେ ପ୍ରଶ୍ନ ଥାଏ; ଥାଏ ଆଖିର ଚାହାଣୀରେ ଦୃଷ୍ଟି ଓ ଦର୍ଶନର ଦୂରନ୍ତ ଦିଗ୍‌ବଳୟରେ ଚାହାଣୀର ପ୍ରଶ୍ନ ଫୁଟିଲେ ଚକ୍ରବାଳ ହୁଏ ଚିତ୍ରଭୂମି। ଅବାସ୍ତବ ଆଦର୍ଶର ଅସୀମ ଆକାଶ ବାସ୍ତବର ମାଟିକୁ ଛୁଇଁବାକୁ ନଇଁପଡେ । ଅବାସ୍ତବ ଓ ବାସ୍ତବତାର ଏଇ ମଧୁର ମୈଥୁନ ହିଁ ସକଳ ସୃଜନକର୍ମର ମୁଖଶାଳା । ସକଳ କଳାର କମ୍ର କମନୀୟ ଉପକ୍ରମଣିକା । ଏଇଥିପାଇଁ କଳା ସୃଷ୍ଟି ସଂପୂର୍ଣ୍ଣରୂପେ ବାସ୍ତବ ରୂପର ବର୍ଣ୍ଣନା କି ଘଟଣାର ଫଟୋଗ୍ରାଫ୍ ନୁହେଁ, କି ଅଭୂତ ଅବାସ୍ତବର କଳ୍ପିତ ଆଦର୍ଶ ନୁହେଁ, ଅବାସ୍ତବ ଆଦର୍ଶର ମୁଗ୍ଧ ସାନିଧ୍ୟରେ ବାସ୍ତବତାର ଯେଉଁ ରୂପାନ୍ତରୀକରଣ ସମାହିତ ହୁଏ, ସେହି ରୂପାନ୍ତରିତ ଚିତ୍ରରେଖା ହୁଏ କଳା କମନୀୟ ଅଭିବ୍ୟକ୍ତି । ସେଇଥିପାଇଁ ସାହିତ୍ୟ ବର୍ଣ୍ଣନାରେ ନଥାଏ, ଥାଏ ବର୍ଣ୍ଣିତ କଥାରେ । ଫୁଟିଥିବା ବ୍ୟଞ୍ଜନାରେ, ସେଇଥିପାଇଁ ତ ସର୍ଜନା ଏକ ସଂକେତ ମାତ୍ର । ଲେଖକ ସମ୍ବାଦ ପଢ଼େନାହିଁ । ଘଟଣା ଦୃଶ୍ୟର ସଂପୂର୍ଣ୍ଣ ବର୍ଣ୍ଣନା କରେନାହିଁ । ଟିକିଏ ମାତ୍ର ଆଭାସ ଦେଇ ପାଠକକୁ ଅନନ୍ତ ଯାତ୍ରା ଲାଗି ତା ମନରାଜ୍ୟରେ ଛାଡ଼ିଦିଏ । ପାଠକ ସେଇ ସଂକେତ ବିନ୍ଦୁର ପ୍ରେରଣାରେ ନିଜର ସାମର୍ଥ୍ୟକୁ ନେଇ ପରିଧିଟିଏ ଅଙ୍କନ କରିବାର ପୂର୍ଣ୍ଣ ସ୍ୱାଧୀନତା ପାଇଥାଏ । ସେଇଥିପାଇଁ କୁହାଯାଏ ଲେଖକ ପାଠକର ଚିତ୍ତକୁ ଆବଦ୍ଧ କରେ ନାହିଁ । ତାର ମାନସିକ ତାକୁ ଲିଖିତ କଥା ବସ୍ତୁରେ ନିରୁଦ୍ଧ କରେ ନାହିଁ ବରଂ ତା କଳ୍ପନାକୁ କଥାବିନ୍ଦୁରୁ ଅନନ୍ତ ବ୍ୟାପ୍ତିଲାଗି ସୁଯୋଗ ସୃଷ୍ଟି କରିଦିଏ । ତା ମନକୁ ଦିଏ ମୁକ୍ତିର ସାନିଧ୍ୟ ।

ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସଦ୍ୟ ପ୍ରକାଶିତ କଥା ପୁସ୍ତକ 'ବିନ୍ଦୁ ବିନ୍ଦୁ ବର୍ଷା'କୁ ଏହି ଭାବର ବ୍ୟାସାସନ ଉପରେ ପ୍ରତିଷ୍ଠା ଦେଲାବେଳେ ଲେଖକଙ୍କର ସ୍ୱଷ୍ଟ ବକ୍ତବ୍ୟକୁ ଶୁଣିବାକୁ ହୁଏ । ଲେଖକ ତାଙ୍କର ବିନ୍ଦୁଏ କଥାରେ କହନ୍ତି – "ବିନ୍ଦୁ ବିନ୍ଦୁ ବର୍ଷାରେ ଥିବା କଥା କେତୋଟିରେ ନାହିଁ କାହାଣୀ ଧର୍ମିତା, ଅଛି କେବଳ କାହାଣୀର ଇଙ୍ଗୀତ । କିଛି ସୂଚନା, କିଛି ସଂକେତ । ଯାହାକୁ ନେଇ ଜଣେ କଥାକାର ସଫଳ କାହାଣୀଟିଏ ସୃଷ୍ଟି କରିପାରେ । ମାତ୍ର ମୁଁ ପାରିଲି ନାହିଁ ।" ଏଇ ନ ପାରିବା ପଣ ତ ସ୍ରଷ୍ଟାର । ଏଇ ନ ପାରିବା ପଣରେ ବା ପ୍ରାଣର ଅପୂର୍ଣ୍ଣତା ବୋଧରେ ହିଁ ରହିଛି କଳାଦୃଷ୍ଟିର ଅସଲ ଆଦର୍ଶ । ଏଇ ବିଫଳତା ବୋଧରେ ସ୍ରଷ୍ଟା ପଣର ସକଳ ଗୌରବ ଅନ୍ତର୍ଗର୍ଭିତ ସୂଚନା ହିଁ ସାହିତ୍ୟର ସମ୍ପତ୍ତି । ସାହିତ୍ୟର ଆଦର୍ଶ କଳାକର୍ମର ସକଳ ମୂଲ୍ୟବୋଧ ଟିକିଏ ମାତ୍ର ଇଙ୍ଗିତର ସଂକେତ ଉପରେ ହିଁ ପର୍ଯ୍ୟବେଶିତ । କଳାକର୍ମ କାଳେ କାଳେ ସଂଶ୍ଳେଷଣଧର୍ମୀ । ବିଶ୍ଳେଷଣରେ କଳାତ୍ମକତା ନଥାଏ ।

କଥାଟିଏ କହିବା, କାହାଣୀଟିଏ କଳ୍ପନା କରିବା ଯେମିତି ମଣିଷର ବିଶେଷତା, ସେମିତି ତାକୁ ଅନ୍ୟମାନଙ୍କୁ ଶୁଣେଇବା ମଧ୍ୟ ମଣିଷର ଅନ୍ୟତମ ବିଶେଷଣ । ଅନୁଭୂତି ହିଁ ମଣିଷର ସର୍ବସ୍ୱ । ଚିନ୍ତା ହିଁ ଜୀବନର ପରିଚାୟକ । ପୃଥିବୀରେ ଘଟୁଥିବା ନାନା ଦୃଶ୍ୟ ଓ ଘଟଣା ଏବଂ ତା ସହିତ ମଣିଷର ଭାବ ବିନିମୟ ତାକୁ ଅନୁଭୂତି ସଂପନ୍ନ କରେ । ସେହି ଅନୁଭୂତି ଲାଭରେ ସେ ରୋମାଞ୍ଚିତ ହୁଏ, ପୁଲକିତ ହୁଏ, ଆନନ୍ଦ ଲାଭକରେ, ବେଳେବେଳେ ସେଇ ଅନୁଭୂତି ମଧ୍ୟ ଦେଇଥାଏ ଦୁଃଖ ଓ ଯନ୍ତ୍ରଣା । ନିଜର ଏଇ ଆନନ୍ଦ ଓ ଦୁଃଖକୁ ସେ ନିଜ ଭିତରେ ରଖିପାରେ ନାହିଁ । ବ୍ୟକ୍ତି ଅନୁଭୂତିର ଏକାନ୍ତ ଅଳିନ୍ଦରୁ ସେ ସାର୍ବଜନୀନ ଜୀବନ ମାର୍ଗ ଆଡ଼କୁ ମୁକୁଳି ଯିବାକୁ ଉଦ୍‌ଗ୍ରୀବ ହୋଇଉଠେ । ଅବଲୋକନ ପ୍ରକ୍ରିୟାରୁ ବ୍ୟକ୍ତିଗତ ଅନୁଭୂତି ସୃଷ୍ଟି ହୁଏ । ପୁଣି ବ୍ୟକ୍ତିର ଅଭିବ୍ୟକ୍ତି ପ୍ରକ୍ରିୟା କରିଦିଏ ତାର ସାର୍ବଜନୀନ ସଂସ୍କରଣ । ବ୍ୟକ୍ତି ଅନୁଭୂତିର ଏହି ସାର୍ବଜନୀନ ପ୍ରକାଶ ହୁଏ ସାହିତ୍ୟରେ । ସେ କଥା ହେଉ, କି ହେଉ କବିତା, ଉପନ୍ୟାସ ହେଉ କି ହେଉ ନାଟକ, ଏ ସବୁଥିରେ ଥାଏ ଜଣେ ସ୍ରଷ୍ଟାର ଅବଚେତନ ମନରେ ସ୍ତୁପିକୃତ ହୋଇ ରହିଥିବା ଅନୁଭବ ଓ ଅନୁଭୂତି ।

ମଣିଷ ଏକ ଭାବମୟ ପ୍ରାଣୀ । ଭାବରେ ତା ଜୀବନ ଆଲୋଡ଼ିତ ହୁଏ । ସମପ୍ରାଣତା ହେଉଛି ଭାବର ଅନ୍ୟତମ ଅବଦାନ । ମଣିଷର ଅଭିବ୍ୟକ୍ତିରେ ତା'ର ସମପ୍ରାଣତାର ପରିପ୍ରକାଶ ଯେତେ ସ୍ୱଷ୍ଟ ହୁଏ, ତାହା ସେତେ ପରିମାଣରେ ତା ସାହିତ୍ୟକୁ ମାର୍ଜିତ କରାଏ । କଥା ଓ କାହାଣୀ କଥନରେ ଏହି ସମପ୍ରାଣତାର ପରିପ୍ରକାଶ ତାକୁ କଥାଶିଳ୍ପରେ ପରିଣତ କରେ ।

ମଣିଷର ହୃଦରାଜ୍ୟରେ ନିତ୍ୟ ଫୁଟି ଉଠୁଥିବା ସର୍ବକାଳୀନ ଓ ସାର୍ବଜନୀନ ଭାବରାଶୀ ଭିତରୁ ପ୍ରେମ ହିଁ ସବୁଠାରୁ ବଳିଷ୍ଠ; ସବୁଠାରୁ ପ୍ରଭାବଶାଳୀ । ତେଣୁ ମଣିଷର ପ୍ରେମମୟ ଅନୁଭୂତିରେ ହିଁ ତା ସୃଜନଶୀଳ ଅଭିବ୍ୟକ୍ତିରେ ସାର୍ଥକତା ଲାଭକରେ । ସେଇଥିପାଇଁ ମାହାକବ୍ୟରୁ ନାଟକ, କାହାଣୀରୁ ରମ୍ୟରଚନା, ସର୍ବତ୍ର ପ୍ରେମ ହୋଇଛି ସାରବସ୍ତୁ । ସେଇଥିପାଇଁ ଆଦିମ କାଳର ମଣିଷ ତା ପହିଲି କଥା କଳ୍ପନାରେ ପ୍ରେମର ରୂପଚିତ୍ରକୁ ଫୁଟେଇଛି । ରୂପ ରାଜ୍ୟର ରାଜକୁମାର ସେହି ଲୋକ କାହାଣୀର ପକ୍ଷୀରାଜ ଘୋଡ଼ାରେ ଅଗ୍ନାଅଗ୍ନୀ ଅରଣ୍ୟ ଡେଇଁ ମୌନାବତୀ ରୂପକୁମାରୀର ବିଜନ ପାହାନ୍ତିକୁ ପ୍ରଣୟ ବାସ୍ନାରେ ମହକାଇ ଦେଇଛନ୍ତି । ସେହି ଆଦିମ କାଳରୁ ଗଡ଼ି ଆସିଥିବା ମଣିଷର କାହାଣୀ

ଧାରାରେ ପ୍ରେମର ପ୍ରମାହ ତେଣୁ ଅବାରିତ ଫିଟି ପଡ଼ିଛି । ପ୍ରେମର ତରଙ୍ଗମାଳାରେ ମଣିଷର କାହାଣୀ ହୋଇଛି ଉତ୍‌କୂଳ । ମାନବୀକ ସୃଜନରେ ପ୍ରେମର ପ୍ରବାହ ହୋଇଛି ଅବାରିତ । କଥାକାର ଅଧ୍ୟାପକ ବିଶ୍ୱରଂଜନଙ୍କ କଥା ଓ କାହାରୀରେ ସେହି ପ୍ରେମମୟ ଭାବର ପରିସ୍ଫୁଟନ ଅତି ପରିସ୍କାର । ଏବେ ଦେଖନ୍ତୁ ବିଶ୍ୱରଂଜନଙ୍କ କଥା କଳ୍ପନାରେ ଫୁଟି ଉଠିଥିବା ପ୍ରେମର ଚମତ୍କାର ଚିତ୍ରାୟନକୁ – "କବାଟ ବନ୍ଦ ହୁଏ, ଖୋଲା ହୁଏ । ଖୋଲା ହୁଏ । ପୁଣି ବନ୍ଦ, ପୁଣି ଖୋଲା । ବାରମ୍ବାର କେହି ଜଣେ ଡାକୁଥାଏ ବନ୍ଦ କବାଟ କଣରୁ । ଅତି କରୁଣ ସ୍ୱରରେ ଆସ ମୋ ପାଖକୁ ଆସ । ମୁକ୍ତିଦିଏ ମତେ ଏ ଘେରାବନ୍ଦୀ ଜୀବନରୁ । ('ବିନ୍ଦୁ ବିନ୍ଦୁ ବର୍ଷା', 'ବିନ୍ଦୁଏ ମାତ୍ର ପ୍ରେମ' – ପୃଷ୍ଠା – ୬୧)

ଗପ ତ ଶୁଣିବାର କଥା । କିନ୍ତୁ ଏଠି କାହାଣୀର ରୂପ ବଦଳିଗଲା । କଥା କହୁ କହୁ ଅକସ୍ମାତ୍ କଥାକାର କବି ପାଲଟିଗଲେ । କଥା କହିବାର ପ୍ରତିଶୃତି ଦେଇ ଆମକୁ ଡାକିଥିଲେ । ଅଥଚ ବିଶ୍ୱରଂଜନ ଶୁଣେଇ ଦେଲେ ଏକ ଚମତ୍କାର କବିତା । ତେବେ ଅଧ୍ୟାପକ ବିଶ୍ୱରଂଜନ କଣ କଥା ଓ କବିତାର ମଧ୍ୟ ଭୂମିରେ ସେହି ପୁରାଣ ତ୍ରିଶଙ୍କୁ ? କ'ଣ ମହାଭାରତର ସେହି ପନ୍ନଗ ନାରାୟଣ, ହାତପାର ମାଟିକୁ ଛୁଇଁଲେ, ସେ ପାଲଟିଯାଏ ସୁନା । ବିଶ୍ୱରଂଜନଙ୍କ ଭାବ ସ୍ନିଗ୍ଧ ଶବ୍ଦ ସବୁ କାହାଣୀ କହିବାକୁ ଆସି କବିତାର ପଦ ସଂଯୋଜନା କରି ଦେଉଛନ୍ତି କେମିତି ? ବିଶ୍ୱରଂଜନ ଏମିତି ଏକ ସାରସ୍ୱତ ବିସ୍ମୟ ନିଶ୍ଚୟ ।

ଏବେ ଆସିବା ଲେଖକଙ୍କର ସେହି ପ୍ରଶ୍ନର ପୃଷ୍ଠଭୂମିକୁ । ଯେଉଁ ପୃଷ୍ଠଭୂମିରୁ ଆମେ ଆଲୋଚନାର ଆରମ୍ଭ କରିଥିଲେ । ଲେଖକ ଚାହିଁଲେ ତା ପ୍ରଶ୍ନ ଆଖିରେ ଦୂରନ୍ତ ଦିଗ୍‌ବଳୟ ଚମକିପଡ଼େ । ତା ପ୍ରଶ୍ନ ଚାହାଣୀର ଆଦର୍ଶ ଯେମିତି ପଚାରି ଉଠେ ଏଇ ବାସ୍ତବତା ଏମିତି ଅସଙ୍ଗତ କାହିଁକି ? ଏମିତି ଅପୂର୍ଣ୍ଣ କାହିଁକି ? ଏଠି କାହିଁକି ଏତେ ବିଚ୍ୟୁତି ଓ ବିକୃତି ? ଏତେ ବିଲକ୍ଷଣ ଏତେ ବିସଙ୍ଗତି ? ଏତେ ବିଷାଦ ଏତେ ବିଫଳତା, ଅବାସ୍ତବ ଆଦର୍ଶ ପାଖରୁ ସତେଯେମିତି ସେ ଏହାର ଉତ୍ତର ଖୋଜୁଥାଏ । ସ୍ରଷ୍ଟା ଦୃଷ୍ଟିର ଏଇ ପ୍ରଶ୍ନରେ ଆଦର୍ଶର ଅବାସ୍ତବତା ଚମକି ଉଠେ । ଏଇ ଚମକର ଚିତ୍ରଲେଖା ହିଁ ହୁଏ କଳା । ସେଠି ଆଉ କେହି ନଥାନ୍ତି । ଥାଏ କେବଳ ମାତ୍ର ଲେଖକ ଏକାକୀ, ସେ ଏକମାତ୍ର ସ୍ରଷ୍ଟା ପୁରୁଷ । ଦୃଷ୍ଟି ହିଁ ଦିଗବଳୟର ଏଇ ଭାବବିନିମୟକୁ ଶବ୍ଦର ଚିତ୍ର ଲେଖାରେ ଫୁଟେଇଲା ବେଳେ ଲେଖକ ଆଉ ଏକା ହୋଇ ନଥାଏ । ଥାଏ ସମାଜ, ସଂସ୍କାର ଓ ପରମ୍ପରା । ତେଣୁ ଲେଖକ ତାର ଶବ୍ଦାଭିବ୍ୟକ୍ତିରେ ଅନୁଭୂତିକୁ ଅବିକଳ କହିପାରେ ନାହିଁ । ଏଇ ବ୍ୟର୍ଥତାର ବେଦନାରେ ସେ ସବୁଦିନେ ସନ୍ତୁଳି ହେଉଥାଏ । ସାଧାରଣ ମଣିଷ ହୁଏତ ତା ବକ୍ତବ୍ୟର ପୂର୍ଣ୍ଣ ପ୍ରକାଶରେ ସଫଳ ହୁଏ । ସେ ସଂପୂର୍ଣ୍ଣ କଥା କହିଦେଇ ପାରେ ମାତ୍ର ସାର୍ଥକ ଲେଖକଟିଏ ତା କଥାକୁ ପୁରା କରିପାରେନାହିଁ । ତା ଛଡ଼ା ଲେଖକ ତାର ଆଦର୍ଶକୁ ଭେଟିଲାବେଳେ ସେଠି ଶବ୍ଦ ନ ଥାଏ । କିଛି ଫର୍ମ ନଥାଏ । ସେଇ ନିଶବ୍ଦର ଇଲାକାରେ ଥାଏ କେବଳ ନୀରବତା । ସେଠି ଘଟିଥିବା ଦୃଷ୍ଟି ଓ ଦୃଶ୍ୟର ଅପୂର୍ବ ଯୁଗନନ୍ଧତା କାଳେ କାଳେ ଅବ୍ୟକ୍ତ । କଳା ସେହି ଅବ୍ୟକ୍ତର ଅଭିବ୍ୟକ୍ତି । ସାହିତ୍ୟ ସେଇ ସୂକ୍ଷ୍ମାନୁଭୂତିର ଶାବ୍ଦିକ ପ୍ରକାଶ । ସେଇ ନିଃଶବ୍ଦର ନୀରବତା ହିଁ ସବୁ ପ୍ରକାଶର ଶବ୍ଦମୟ ବାସ୍ତବତାର ମୌଳିକ ହେତୁ ।

ଦୃଶ୍ୟ ଓ ଦୃଷ୍ଟିରୁ ସେଇ ଚମତ୍କାର ଭାବ ବିନିମୟର ମୁହୂର୍ତ୍ତର ଆନନ୍ଦମୟ ଅନୁଭୂତି, ପରବର୍ତ୍ତୀ କାଳର ପ୍ରକାଶ ବେଳରେ ନଥାଏ । ନିଜକୁ ପୂର୍ଣ୍ଣ ବ୍ୟକ୍ତକରି ନ ପାରିବାର ବ୍ୟର୍ଥତା ଲେଖକକୁ ବିଷର୍ଣ୍ଣ କରିଦେଉଥାଏ । ସେ ସନ୍ଦିହାନ ହୋଇ ଉଠୁଥାଏ, ତାର ଦୃଷ୍ଟି ଓ ଦୃଶ୍ୟର ସଂପର୍କକୁ ନେଇ, କାହିଁକି ହଜିଯାଏ ? ସେଇ ଆନନ୍ଦମୟ ସମୟର ଅନୁଭୂତି, ଅନୁଭୂତିକୁ ହରେଇ ଲେଖାଟି ଯେଉଁ ବେଦନାବୋଧରେ ବିଚଳିତ ହୁଏ । ସେହି ବିଚ୍‌ଳନ ସବୁ ଲେଖକର ଭାଗ୍ୟ ।

ଯେତେବେଳ ପର୍ଯ୍ୟନ୍ତ ଦୃଷ୍ଟି ଓ ଦୃଶ୍ୟର ଅନ୍ତରଙ୍ଗତା ଅଖଣ୍ଡ ରହିଥାଏ, ସେ ପର୍ଯ୍ୟନ୍ତ ଆନନ୍ଦ ଥାଏ । ସବୁଦ୍ୱାର ଓ ଦିଗକୁ ଦିଗନ୍ତ ଯାଏ ମୁକୁଳିତ କରି ଦୃଶ୍ୟର ବିଶ୍ୱରୂପ ପ୍ରକଟି ଉଠୁଥାଏ । ସେହି ଦୃଶ୍ୟର ପ୍ରେମ ବାସ୍ତବତାର ବନ୍ଧନରୁ ଦ୍ରଷ୍ଟାକୁ ମୁକ୍ତ କରିଦିଏ । ସେହି ଦୃଶ୍ୟାନୁଭୂତିର ମୂହୁର୍ତ୍ତ ଅର୍ନ୍ତହିତ ହୋଇଗଲେ, ପୁଣି ବାସ୍ତବତାର ବନ୍ଧନ, ପୁଣି ଆବଦ୍ଧତା ପୁଣି କ୍ଷୁଦ୍ର ଜୀବନର, ସାଂସାରିକ ଜୀବନର ଆବଦ୍ଧ ଅର୍ଗଳୀ, ସବୁ ଝର୍କା ସବୁଦ୍ୱାର ବନ୍ଦ ।

ସ୍ରଷ୍ଟାର ଅନୁଭୂତି ଠିକ୍ ବତ୍ରିଶ ସିଂହାସନ ରୂପ ଗଳ୍ପକରି । ସିଂହାସନ ପୋତା ହୋଇଥିବା ମାଟି ଉପରକୁ ଗଲେ ସାଧାରଣ ଚାଷୀଟି ଅସାଧାରଣ ମଣିଷ ହୋଇଯାଏ । ପୁଣି ଓହ୍ଲେଇ ଆସିଲେ ଯେଉଁ ସାଧାରଣ ମଣିଷକୁ ସେଇ ସାଧାରଣ ମଣିଷ । ଦୃଶ୍ୟ ଓ ଦୃଷ୍ଟିର ଭାବ ବିନିମୟରେ ପୁଲକିତ ହେଉଥିବା ରସଘନ ମହୂର୍ତ୍ତ ହିଁ ଅନନ୍ୟ ଓ ଅନୁପମ । ସେହି ଫର୍ମଲେସ୍ ଓ ଶବ୍ଦହୀନ ମୂହୁର୍ତ୍ତର ଅନୁଭୂତି ଯେତେବେଳେ ବର୍ଣ୍ଣନାର ଫର୍ମରେ ଫୁଟିଉଠେ, ସେତେବେଳେ ତାହାହୁଏ କବିତା, ଗଳ୍ପ, ଉପନ୍ୟାସ କି ନାଟକ । ଏସବୁ ଫର୍ମ ପରମ୍ପରାର ସୃଷ୍ଟି । ମାତ୍ର ଅନୁଭୂତି ଅନନ୍ୟ ପରମ୍ପରା ହିଁ ନିତ୍ୟ ନୂତନ । ଅନୁଭୂତିର ଏଇ ନିତ୍ୟ ନୂତନତାକୁ ଲେଖକ ଫର୍ମକୁ ଆଣେ ଓ ପ୍ରକାଶ କରେ । ଫର୍ମରେ କହିବା ଲେଖକର ଅଭ୍ୟାସ ଉପରେ ନିର୍ଭରଶୀଳ । ଅଧ୍ୟାପକ ବିଶ୍ୱ ରଞ୍ଜନ କଥାଟିଏ କହନ୍ତି, ଗଳ୍ପର ଫର୍ମରେ କହିବାକୁ ପ୍ରଯତ୍ନ କରନ୍ତି କିନ୍ତୁ କଥା ହୋଇଯାଏ କବିତା । ଗଳ୍ପର କବିତା କି କବିତାର ଗଳ୍ପ – ଏହା ବିଶ୍ୱରଞ୍ଜନଙ୍କ ଏକ ଅନୁପମ ସୃଷ୍ଟି । ଏହା ତାଙ୍କର ଏକ ବିଶେଷ ଶୈଳୀ । ନିଜର ଅନୁଭୂତିକୁ

ଅବିକଳ ଭାବରେ କହିଦେବାର ପ୍ରଯତ୍ନ ଓ ତାକୁ କୃତ୍ରିମ ନ କରିବାର ସଚେତନତା ଯୋଗୁଁ ତାଙ୍କ ଗଳ୍ପଗୁଡ଼ିକ କାବ୍ୟ ରସରେ ବ୍ୟଞ୍ଜିତ ହୋଇ ଉଠନ୍ତି । ଆଲୋଚିତ ଗଳ୍ପ ପୁସ୍ତକ 'ବିନ୍ଦୁ ବିନ୍ଦୁ ବର୍ଷା' ତାର ଯଥାର୍ଥ ଉଦାହରଣ ।

ଅଧ୍ୟାପକ ବିଶ୍ୱରଞ୍ଜନ କାହାଣୀ ଲେଖୁ ଲେଖୁ କବିତା ଲେଖି ଦିଅନ୍ତି, ଏହା ତାଙ୍କର ରସସିକ୍ତ ବ୍ୟକ୍ତିସତ୍ତା ଓ କୋମଳ ଅଭିବ୍ୟକ୍ତିଶୀଳତାର ଅବଦାନ ମାତ୍ର । ସହଜ ଓ ଶୃଙ୍ଖଳିତ ଭାବରେ କହିବା ତାଙ୍କର ଅଭିଳାଷ ଅନୁଭୂତିକୁ ସିଧାସଳଖ ଓ ଅବିକଳ ଭାବରେ ପ୍ରକାଶ କରିବା ତାଙ୍କର ସ୍ୱଭାବ । ସବୁକଥାକୁ ସହଜ ଓ ସରଳ ଭାବରେ କହିବାକୁ ସେ ଚାହାନ୍ତି । ପାଠକର ହୃଦୟକୁ ସ୍ପର୍ଶ କରିବା ଲାଗି ସେ ନିଜର ଅଭିବ୍ୟକ୍ତିକୁ ଦିଅନ୍ତି ଏକ ଭାବପୂର୍ଣ୍ଣ ବର୍ଣ୍ଣନା ଶୈଳୀର କୋମଳ କାବ୍ୟିକତା ।

ସେ ଗଳ୍ପ ଲେଖନ୍ତୁ କି ଲେଖନ୍ତୁ ଉପନ୍ୟାସ, ଲେଖନ୍ତୁ ଫିଚର କି ରମ୍ୟରଚନା ପ୍ରବନ୍ଧ ଅଥବା ସମାଲୋଚନା, କରନ୍ତୁ ଅଧ୍ୟାପନା କି ସଂବାଦ ପତ୍ରର ସଂପାଦନା, ସେ ଯେଉଁଠି ଥାନ୍ତୁ ସବୁଠି ତାଙ୍କର କୋମଳ ଭାବମୟ କାବ୍ୟ ପୁରୁଷର ଉଜ୍ଜ୍ୱଳ ଚେହେରା ହିଁ ଝଟକି ଉଠେ । କବିତା ହିଁ ତାଙ୍କ ଅନ୍ତରର ସ୍ୱର, ହୃଦୟ ଉଚ୍ଛ୍ୱାସର ଅଭିବ୍ୟକ୍ତି । ଏକ ଉଦାର ମାନବୀକ ମୂର୍ତ୍ତି ତାଙ୍କ ବ୍ୟକ୍ତି ଚେତନାରେ ପ୍ରତିଷ୍ଠିତ ହୋଇଛି । ଏଇ ମାନବୀକ ଭାବ ତାଙ୍କୁ ଦେଇଛି ଆଦର୍ଶ ଦୃଷ୍ଟି । ଏଇ ଦୃଷ୍ଟିକୋଣ ତାଙ୍କୁ କରିଛି ଆକର୍ଷଣୀୟ । ସେଇଥିପାଇଁ ସେ ଶିକ୍ଷକ ଭାବରେ ଯେମିତି ଛାତ୍ରବତ୍ସଳ ଜ୍ଞାନନିଷ୍ଠ ଓ ଚରିତ୍ରବାନ, ସାମ୍ବାଦିକ ଭାବରେ ସେମିତି ସଂବେଦନଶୀଳ ଲେଖକ ଭାବରେ ଆଦର୍ଶ ଜୀବନର ଭାଷ୍ୟକାର । ତାଙ୍କ ଭିତରର କବିସତ୍ତା ତାଙ୍କୁ ଏମିତି ଏକ ସଂବେଦନଶୀଳ ମଣିଷରେ ପରିଣତ କରିଛି । ସେ ହୋଇଛନ୍ତି ବସ୍ତୁର ବନ୍ଧନରୁ ସଂପୂର୍ଣ୍ଣ ରୂପେ ମୁକ୍ତ । ଏହି ମୁକ୍ତ ମଣିଷର ସ୍ୱର ହୋଇଛି ଅଧ୍ୟାପକ ବିଶ୍ୱରଂଜନଙ୍କ ରଚନା । ଆଲୋଚିତ ପୁସ୍ତକ 'ବିନ୍ଦୁ ବିନ୍ଦୁ ବର୍ଷା' ସେହି ବିଶ୍ୱରଂଜନଙ୍କ ସୃଷ୍ଟିଧାରାର ଅନ୍ୟତମ ପ୍ରତିନିଧି ସ୍ଥାନୀୟ ରଚନା । ଏଥିରେ ଗଳ୍ପ କଥନର ପରମ୍ପରାକୁ ଭାଙ୍ଗିଦେବାର ଯେଉଁ ସଂକେତ ସେ ଦେଇଛନ୍ତି; ସେଥିରେ ଫିଟି ପଡ଼ିଛି, ଏକ ନୂତନ କଥାମାର୍ଗର ସଂଦେଶ, ଗଳ୍ପ ରଚନା ଶୈଳୀରେ ଏହା ଏକ ପରୀକ୍ଷା ମାତ୍ର । ସାହିତ୍ୟ ଯୁଗେ ଯୁଗେ ପରିବର୍ତ୍ତନଶୀଳ, ତାର ଆଦର୍ଶରେ, ମୂଲ୍ୟବୋଧରେ ଓ ରଚନା ଶୈଳୀରେ ଏ ପରିବର୍ତ୍ତନ ପ୍ରକଟିତ ହେଉଥାଏ । ଏହା ନ ହେଲେ କଳା ସ୍ଥାଣୁ ହୋଇଯିବ, ହୋଇଯିବ ଧରାବନ୍ଧା କଥା । ଏଇ ଆବଦ୍ଧ ଗ୍ରାମର ଶଗଡ଼ ଗୁଳା ଭିତରୁ କଳାତ୍ମକ ଅଭିବ୍ୟକ୍ତି ସବୁଦିନେ ମୁକ୍ତି ମାଗୁଥାଏ । ଏ ମୁକ୍ତି ସୃଜନଶୀଳ ସ୍ରଷ୍ଟାର ଅବଦାନକୁ ଅପେକ୍ଷା ରଖିଥାଏ । ଅଧ୍ୟାପକ ବିଶ୍ୱରଂଜନ ସେହି ମୁକ୍ତି ମାର୍ଗକୁ ସଂକେତ କରିଛନ୍ତି ତାଙ୍କ ପ୍ରକାଶିତ 'ବିନ୍ଦୁ ବିନ୍ଦୁ ବର୍ଷା' ବହିରେ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଅଧ୍ୟାପକ, ବିଶ୍ୱରଂଜନ, ବିନ୍ଦୁ ବିନ୍ଦୁ ବର୍ଷା, ଟାଇମ୍ ପାସ୍, ପ୍ରଥମ ସଂସ୍କରଣ-୨୦୨୩ ।

୨. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତବୃତ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ-୨୦୧୯ ।

୩. ପ୍ରଧାନ, କୃଷ୍ଣଚନ୍ଦ୍ର, ଓଡ଼ିଆ କ୍ଷୁଦ୍ରଗଳ୍ପ : ଧରା ଓ ଧାରା (ଦ୍ୱିତୀୟ ଭାଗ), ସତ୍ୟନାରାୟଣ ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ-୨୦୨୨ ।

୪. ମହାନ୍ତି, ଗୋପୀନାଥ; ଛାଇ ଆଲୁଅ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୨, ପୃ-୮୭

୫. ମିଶ୍ର, ଯଶୋଧାରା; (ସଂ)ଭୁବନେଶ୍ୱର ବେହେରାଙ୍କ ଶ୍ରେଷ୍ଠଗଳ୍ପ, ୨୦୧୬, ପୃ-୦୭

୬. ମହାନ୍ତି, ସୁରେନ୍ଦ୍ର;ଶ୍ରେଷ୍ଠଗଳ୍ପ', ଭୁବନେଶ୍ୱର, ଚତୁରଙ୍ଗ ପ୍ରକାଶନୀ, ୧୯୯୯, ପୃ-୧୦୦

୭. ପଟ୍ଟନାୟକ, ଅଖିଳ ମୋହନ; ଓ ଅନ୍ଧଗଳି, କଟକ, ଅଗ୍ରଦୂତ, ୧୯୮୫, ପୃ-୧୭୬

୮. ସୁଧୀର ବେହୁରା ଓ ମନ୍ଦାକିନୀ ଦାସ; କୃଷ୍ଣ ଚରଣ ବୀଥିକା, ୧୯୯୯, ପୃ-୧୧୬

୯. ସୁଧୀର ବେହୁରା ଓ ମନ୍ଦାକିନୀ ଦାସ; କୃଷ୍ଣ ଚରଣ ବୀଥିକା, ୧୯୯୯, ସେହିଠାରେ, ପୃ-୧୧୯

୧୦.ହୋତା, ସାତକଡ଼ି; କିରିବୁରୁର କନ୍ୟା, କଟକ,ଫ୍ରେଣ୍ଡସ୍ ପବ୍ଲିଶର୍ସ,୧୯୮୩, ପୃ-୧୪

୧୧.ରାୟ, ପ୍ରତିଭା; ଭଗବାଁର ଦେଶ୍, କଟକ, ଆଦ୍ୟାପ୍ରକାଶନୀ, ୨୦୧୫, ପୃ-୫

୧୨. ପ୍ରଧାନ, ଉତ୍ତମ କୁମାର; ନଚିକେତାର ହାତ, କଟକ, ଓଡ଼ିଶା ବୁକ୍ ଷ୍ଟୋର, ୧୯୮୭, ପୃ-୪୦


❖ ❖ ❖

DOI : https://doi.org/10.5281/zenodo.17550692 ମୂଳ ପ୍ରବନ୍ଧ

# ନାରୀ ମନସ୍ତତ୍ତ୍ୱର ବହୁପାକ୍ଷିକ ରୂପଚିତ୍ରର ସଫଳ ମୁଦ୍ରାଙ୍କ ଯଶୋଧାରା ମିଶ୍ରଙ୍କ 'ଜହ୍ନରାତି'

**ଦମୟନ୍ତୀ ଜେନା**

**ସଂକ୍ଷିପ୍ତସାର :**

ଯୁଗ ଯୁଗ ଧରି ନାରୀ ମନରେ ଥିବା ସାମାନ୍ୟରୁ ଅସାମାନ୍ୟ ଧାରଣା, ଚିନ୍ତାଚେତନା, ଆନ୍ତରିକ ଭାବାବେଗ, ମାନସିକ ସ୍ଥିତି ଆଦିକୁ ମାଧ୍ୟମ କରି ଗଳ୍ପକୁ ଏକ ପ୍ରଲୋଭିତ ମର୍ମସ୍ପର୍ଶୀ ରୂପ ପ୍ରଦାନ କରିବାରେ ଗାଳ୍ପିକା ଯଶୋଧାରା ମିଶ୍ର ବେଶ୍ ସିଦ୍ଧହସ୍ତା। ପ୍ରାତ୍ୟହିକ ଜୀବନରେ ପ୍ରତିନିୟତ ଘଟି ଯାଉଥିବା ସାମାଜିକ ଘଟଣାବଳୀକୁ ଅତି ନିକଟରୁ ତନ୍ନ ତନ୍ନ କରି ପରଖି, ସେସବୁକୁ କାଗଜ ପୃଷ୍ଠାରେ ଆଙ୍କି ଜୀବନ୍ତ ରୂପ ପ୍ରଦାନ କରିବା ଏବଂ ସାମାଜିକ କୁସଂସ୍କାର, ସ୍ୱାର୍ଥୀ ମନୋଭାବ, ଭ୍ରମଧାରଣା, ମନସ୍ତାତ୍ତ୍ୱିକ ଦୁଃଶ୍ଚିନ୍ତା ଆଦି ସମସ୍ତ ଘଟଣା ଭିତରେ ପାଠକ ନିଜକୁ ଖୋଜିପାଇବା ଓ ନିଜର ଦୁଃସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଉପାଦାନମାନଙ୍କୁ ଉପସ୍ଥାପନା କରିବା ହିଁ ଗାଳ୍ପିକା ମିଶ୍ରଙ୍କର ପ୍ରତ୍ୟେକ ଗଳ୍ପର ଉଦ୍ଦେଶ୍ୟ । ଗାଳ୍ପିକାଙ୍କ ଏହି ମାନବବାଦୀ, ଜୀବନଧର୍ମୀ ଅନୁଚିନ୍ତାର ଭାବାବେଗ ବହନ କରିଥିବା 'ଜହ୍ନରାତି' ଗଳ୍ପ ସଂକଳନଟି ହେଉଛି ଆଲୋଚନାର ବିଷୟ ।

**ପ୍ରମୁଖ ଶବ୍ଦାବଳୀ :**

ଯଶୋଧାରା ମିଶ୍ର, ଜହ୍ନରାତି ଗଳ୍ପ ସଂକଳନ, ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ମାନବବାଦ, ଜୀବନଧର୍ମୀ ଅନୁଚିନ୍ତା।

## ଉପକ୍ରମ :

ଉତ୍ତର ସତୁରିକାଳରେ ଜଣେ ନାରୀ ମନସ୍ତତ୍ତ୍ୱଧର୍ମୀ, ଶିଶୁ କିଶୋର ମନସ୍ତତ୍ତ୍ୱଧର୍ମୀ, ଜୀବନଧର୍ମୀ ତଥା ମାନବବାଦର ଜୟଗାନରେ ସଦାସର୍ବଦା ନିମଜ୍ଜିତା ଲେଖିକା ଭାବରେ ଯଶୋଧାରା ମିଶ୍ର ଜନସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଓ ସାମ୍ପ୍ରତିକ ସମୟର ବିବିଧ ସମସ୍ୟା ପ୍ରତି ଗଭୀର ଅନ୍ତର୍ଦୃଷ୍ଟି ତାଙ୍କର 'ଜହ୍ନରାତି' ଗଳ୍ପସଂକଳନର ପ୍ରାଣ ସ୍ପନ୍ଦନ। ସମ୍ଭ୍ରାନ୍ତ ଅଥଚ ମାପଚୁପ ଶବ୍ଦର ବ୍ୟବହାର, ସରଳ ଭାଷାର ପ୍ରୟୋଗ, ପ୍ରକାଶ ଭଙ୍ଗୀରେ ସାବଲୀଳତା ତାଙ୍କର ଗଳ୍ପମାନସକୁ କରିଛି ଆକର୍ଷଣୀୟ । ମଣିଷ ମନରେ ଥିବା ଦ୍ୱନ୍ଦ୍ୱ-ସଂଘାତ ଏବଂ ତା' ଜୀବନରେ ଥିବା ସଫଳତା-ବିଫଳତା, ପ୍ରାପ୍ତି-ଅପ୍ରାପ୍ତି, ନିଃସଙ୍ଗତା, ଏକାକୀତ୍ୱ, ସନ୍ତାନବତ୍ସଳ ମନୋଭାବ, ଅତୀତର ସ୍ମୃତିଚାରଣ, ମୃତ୍ୟୁଚେତନା, ତିକ୍ତ ଘଟଣାବଳୀର ପରିବେଷଣରେ ନାଟକୀୟତା, ବୈବାହିକ ସମସ୍ୟା, ସୌନ୍ଦର୍ଯ୍ୟବୋଧ, ସ୍ୱପ୍ନଭଙ୍ଗ ଜନିତ ନୈରାଶ୍ୟବୋଧ, ସନ୍ଦେହ ମନୋଭାବ, ମାତୃତ୍ୱର ଅଭିଳାଷା, ଆର୍ଥିକ ସମସ୍ୟା, ଅତୀତ ଓ ବର୍ତ୍ତମାନକୁ ନେଇ ତୁଳନାତ୍ମକ ଦୃଷ୍ଟିଭଙ୍ଗୀ, ଅନ୍ଧବିଶ୍ୱାସମୂଳକ ସମସ୍ୟା,

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.17550692
Article No - BPP00337

**ଯୋଗାଯୋଗ : ଦମୟନ୍ତୀ ଜେନା**
ଗବେଷିକା, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**Email:** damayantijena1996@gmail.com
**ORCID ID:** https://orcid.org/0009-0009-7854-4298

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୬.୨୦୨୫ | ୧୫.୦୭.୨୦୨୫ | ୨୨.୦୮.୨୦୨୫ | ୧.୦୯.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଜେନା, ଦମୟନ୍ତୀ ; ୨୦୨୫। ନାରୀ ମନସ୍ତତ୍ତ୍ୱର ବହୁପାକ୍ଷିକ ରୂପଚିତ୍ରର ସଫଳ ମୁଦ୍ରାଙ୍କ ଯଶୋଧାରା ମିଶ୍ରଙ୍କ 'ଜହ୍ନରାତି'। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଚ; ପୃଷ୍ଠା : ୪୫-୫୨।

ଜାତିପ୍ରଥାମୂଳକ ସମସ୍ୟା, ଗ୍ରାମ୍ୟ ପରିବେଶ ପ୍ରତି ଅନାବିଳ ମୋହ, ଭାରାପ୍ରାପ୍ତ ପରିସ୍ଥିତିର କଠୋର ପରିଣତି ଆଦି ପ୍ରାତ୍ୟହିକ ଜୀବନଧାରାରେ ଗତି କରୁଥିବା ବିବିଧ ଘଟଣାକୁ ନିଜସ୍ୱ ଅନୁଭୂତିରେ ସଜାଇ ଉକ୍ତ ଗଳ୍ପସଂକଳନରେ ସ୍ଥାନିତ କରିଛନ୍ତି। ସମୁଦାୟ ଦଶଗୋଟି ଗଳ୍ପକୁ ଆୟୁଧ କରି ଗଢ଼ି ଉଠିଥିବା ଏହି ଗଳ୍ପସଂକଳନଟି ୧୯୯୦ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କାର ପ୍ରାପ୍ତ । ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଏହି ସଂକଳନଟିରେ ନାରୀକୁ ଅନନ୍ୟ ଭାବରେ ପରିକଳ୍ପନା ଓ ପରିକଳନା କରାଯାଇଛି ।

**ବିଷୟର ଆଲୋଚନା :**

ନାରୀ କନ୍ୟା ପ୍ରତିମା, ନାରୀ ପତ୍ନୀ ପ୍ରତିମା, ନାରୀ ମାତୃ ପ୍ରତିମା ଏବଂ ନାରୀ ଏସବୁର ସମାହାରରେ ଜଣେ ଦେବୀପ୍ରତିମା । ନାରୀ ତା'ର ଦୟା, କ୍ଷମା, ସହନଶୀଳତା, ସର୍ବଂସହା ଗୁଣ ପାଇଁ ଅତୁଳନୀୟ । ତେଣୁ ନାରୀ ଭିତରେ ଏ ସମସ୍ତ ସତ୍ତା ଅତି ମାର୍ମିକ ଭାବରେ ଚିତ୍ରିତ କରାଯାଇଛି ତାଙ୍କ ଗଳ୍ପମାନଙ୍କରେ। ନାରୀର ଏସବୁ ସତ୍ତା ମଧ୍ୟରୁ ମାତୃପ୍ରତିମା ନାରୀ ଜୀବନର ସାର୍ଥକତାକୁ ହୃଦ୍‌ବୋଧ କରାଇଛି 'ବନ୍‌ସାଇ' ଗଳ୍ପରେ । ଏଥିରେ ଗାଳ୍ପିକା ମାତୃମନର ଭାବନା, ତା' ମନରେ ଅସୁମାରୀ ଆଶା, ସନ୍ତାନକୁ ଜନ୍ମଦେବା ଓ ତା' ପରର ଆନନ୍ଦର ମୁହୂର୍ତ୍ତ, ତାକୁ ଲାଳନପାଳନ କରିବା ଏବଂ ସମାଜରେ ଜଣେ ଭଲମଣିଷ ରୂପେ ଗଢ଼ି ତୋଳିବାର ଅଭିଳାଷା କିଭଳି ସର୍ବଦା ଜଣେ ମାତୃହୃଦୟରେ ଆତଯାତ ହୋଇଥାଏ, ତାହା ବର୍ଣ୍ଣିତ। ମା'ଟିଏ ତା' ଛୁଆ ପାଇଁ ଅନେକ ପ୍ରକାରର ସ୍ୱପ୍ନ ଦେଖେ ଏବଂ ତାକୁ ପୂରଣ କରିବା ନିମିତ୍ତ ଭିନ୍ନଭିନ୍ନ ଯୋଜନା ମଧ୍ୟ କରେ। କିନ୍ତୁ ଯେତେବେଳେ ସେ ଜାଣିବାକୁ ପାଏ ଯେ, ତା' ଅଗୋଚରରେ ସନ୍ତାନଟି ବିପଥଗାମୀ ହେଉଛି, ସେହି ପଥଭ୍ରଷ୍ଟା ସନ୍ତାନ ପାଇଁ ତା'ର ବିଳପିତ ମାତୃହୃଦୟ ଯନ୍ତ୍ରଣା ଜର୍ଜରିତ ହୋଇଉଠେ। ମାନସିକ ଯନ୍ତ୍ରଣା ଜର୍ଜରିତ ମା'ଟି ନିଜ ମନର ବେଦନାକୁ କାହା ପାଖରେ ବର୍ଣ୍ଣନା କରିପାରେ ନାହିଁ କି ନିଜ ମନକୁ ବୁଝେଇ ପାରେ ନାହିଁ । କି ଅନ୍ତରରୁ ସେ କଥାକୁ ପାଶୋରି ପାରେ ନାହିଁ। ଖାଲି ଯା' ବାହାରର ପରିବେଶରେ ନିଜ ଅନ୍ତରର ଓ ମନର ବ୍ୟଥାକୁ ଲୁଚାଇ ମିଛ ଅଭିନୟ କରିବାକୁ ବାଧ ହୁଏ । ଅନ୍ତର ଭିତରେ ଏକପ୍ରକାରର କୋଳାହଳପୂର୍ଣ୍ଣ ବାତାବରଣ ତାକୁ ଅଥୟ କରିଦିଏ । ଅତୀତ ଓ ବର୍ତ୍ତମାନର ଅବକ୍ଷୟିଷ୍ଣୁ ଯୁବସମ୍ପ୍ରଦାୟ ତଥା ସମାଜରେ ଯୁବକ-ଯୁବତୀଙ୍କ ଅଧୋଃପତନମୁଖୀ ସଂସ୍କାର ଓ ଆଚରଣକୁ ସେ ମନେମନେ କଳନା କରେ। ତା' ମନ ଭିତରେ ତଉଲି ରହେ। ଆଉ ଶେଷରେ ହାର ମାନିଯାଏ ଆଜିର ଏ ଯୁବସମାଜ ଏବଂ ସେମାନଙ୍କର ବେପରୁଆ ଉଗ୍ର ଆଧୁନିକ ଚିନ୍ତାଧାରା ନିକଟରେ । 'ବନ୍‌ସାଇ' ଗଳ୍ପରେ ମାତୃପ୍ରତିମା ସୁଷମାଙ୍କ ନିଜ କନ୍ୟା ସନ୍ତାନ ରୀତୁ ଏହି ଅଧୋଃପତନମୁଖୀ ଯୁବସମାଜର ଚାକଚକ୍ୟ ଭିତରେ ହଜି ଯାଇଛି ଓ ନିଜ ସଂସ୍କାରକୁ ଭୁଲି ହୋଇଯାଇଛି ପଥଭ୍ରଷ୍ଟା। ଯାହା ମାଆ ସୁଷମାଙ୍କୁ ବ୍ୟଥିତ କରିଛି।

ଅର୍ଥାତ୍ ରୀତୁର ଗୋପନୀୟ ଚିଠିଟି ପାଇବା ପରେ ସୁଷମାଙ୍କ ମାତୃତ୍ୱ ବେଦନାସିକ୍ତ ହୋଇଛି। ରୀତୁକୁ ସାମ୍ନା କରିବାର ଅଭିପ୍ରାୟ କରି ମଧ୍ୟ ବିଫଳ ହୋଇଛନ୍ତି। ଏଥିପାଇଁ ସେ ଚିଠିଟିକୁ ଲୁଚାଇ ଦେଇ ଭାବହୀନ ଭଙ୍ଗୀରେ ରୀତୁ ସହ ସାଧାରଣ ବକ୍ତବ୍ୟର ଆଦାନପ୍ରଦାନ କରିଛନ୍ତି । ରୀତୁର ଏଭଳି ଭୁଲ ପାଇଁ ଚିନ୍ତିତ ହୋଇଛନ୍ତି। ଆଉ ମନେମନେ ଭାବିଛନ୍ତି – "ସୁଷମା ତା' ପରେ ଖବରକାଗଜ ଖୋଲି ନିଜ ଆଗରେ ମେଲି ଧରିଲେ ଓ ଦୁର୍ଗଟି ଭିତରେ ଏବ ପାଇଁ କାର୍ଯ୍ୟ ସ୍ଥିର କଲେ । ଏମିତି ବଜ୍ର ତ ପଡ଼ିଯାଇ ନାହିଁ କିଛି। ଅଭିମାନରେ କାନ୍ଦିଲେ କି କାନି ଘୋଡ଼େଇଲେ ଘର ନିଆଁ ବି ଲିଭିଯାଏ ନାହିଁ ଆପେ ।"(ବନ୍‌ସାଇ, ପୃ.-୧୧) ଏମିତି ଏକ ଅନାହତ ଘଟଣା ଘଟି ଯାଇଥିବାର କୋହରେ ସୁଷମା ନିଜ ଉପରେ ରାଗିଛନ୍ତି । ନିଜ ଲାଳନପାଳନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି ଏବଂ ନିଜ ମାତୃତ୍ୱକୁ ନେଇ ମଧ୍ୟ ବ୍ୟସ୍ତବିବ୍ରତ ହୋଇଛନ୍ତି ।

ନାରୀ ମନର ପ୍ରେମ, ଆସକ୍ତିଭାବ ସାଂସାରିକ ମୋହାଚ୍ଛନ୍ନ ମାନସିକତା ଯେତେ ପୁରୁଣା ହେଲେ ମଧ୍ୟ ନୂଆ ପରି ବୋଧହୁଏ। ପୁରୁଷର ଅନ୍ୟମନସ୍କତା ତାକୁ ଏଡ଼ାଇପାରେ ନାହିଁ କି ବୟସର ଅପରାହ୍ଣ ତାକୁ ଟାଳିପାରେ ନାହିଁ । ଅତିକ୍ରାନ୍ତ ବୟସର ଭାର ଯେତେ ଯେତେ ଅଗ୍ରସର ହେଉଥାଏ, ସେତେ ସେତେ ସଂଚରିତ ହୁଏ ନୂଆ ରୂପେ ବଞ୍ଚିବାର ଆଶା, ନୂଆ ରୂପେ ସମାଜକୁ ଅନୁଭବ କରିବାର ଆକାଂକ୍ଷା, ନିଜକୁ ପ୍ରାଚୀନତାରୁ ନୂତନତା ଆଡ଼କୁ ବାଟ କଢ଼େଇ ନେବାର ମନୋଭାବ, ଅତ୍ୟାଧୁନିକ ବେଶପୋଷାକରେ ନିଜକୁ ସୁସଜ୍ଜିତ କରିବାର କମନୀୟତା । ଆଉ ତା' ସାଙ୍ଗକୁ ବଢ଼ିଚାଲେ ଅନ୍ତରର ଧୈର୍ଯ୍ୟ, ସହନଶୀଳତା ଏବଂ ସ୍ଥିର ମାନସିକତା । ନାରୀଟିଏ ଅତିକ୍ରାନ୍ତ ସମୟ ପରିଧି ମଧ୍ୟରେ ଯେଉଁ ଅନୁଭୂତିକୁ ସାଉଁଟି ଥାଏ, ସେ ଅନୁଭୂତି କେବେ ଦୁଃଖଦାୟକ ନୁହେଁ ବରଂ ସମ୍ଭାବନାପୂର୍ଣ୍ଣ, ସୁଖଦାୟକ । ଏହି ସୁଖଦାୟକ ସମ୍ଭାବନାକୁ ଶକ୍ତ କରୁଥାଏ ନାରୀ ହୃଦୟର ଧୈର୍ଯ୍ୟ। ଯେଉଁ ଧୈର୍ଯ୍ୟ ହେଉଛି କଳ୍ପନାର, ଅବଚେତନର। ହୋଇପାରେ ନାରୀ ଅନେକ ସମୟରେ ନିଜକୁ ନିଃସଙ୍ଗ ମନେକରେ, ଏକାକୀତ୍ୱକୁ ନିଜ ମଧ୍ୟରେ ଖୋଜିପାଏ, ଅସହାୟତାକୁ ଅନୁଭବ କରେ, କିନ୍ତୁ ଏସବୁକୁ ପାଶୋରି ଦିଏ ବାସ୍ କେଇତକ ପ୍ରେମଭରା ମୁହୂର୍ତ୍ତକୁ ପାଖରୁ ସାଉଁଟି । ଯାହାକୁ କେନ୍ଦ୍ର କରି ତା'ର ପାଦ ଆତିକ୍ରମ କରିଚାଲେ ସବୁଜ ମରୁଦ୍ୟାନ ଭିତରକୁ । ବହୁଦିନର ଅପେକ୍ଷା ଅନ୍ତଘଟି ସେ ଅନୁଭବ କରେ ଅସରନ୍ତି ଖୁସିକୁ, ଭଲପାଇବାର ଅସରାଏ ପ୍ରେମଭରା ମୁହୂର୍ତ୍ତକୁ । ଯେଉଁ ମୁହୂର୍ତ୍ତକୁ ସେ ଖୁବ୍ ଶୀଘ୍ର ନିଜ ମଧ୍ୟରେ ଲୀନ କରିଦିଏ। ଆଉ କାଢ଼ିବାକୁ କୁଣ୍ଠାବୋଧ କରେ । ଜାଣିଥାଏ ସେ

ମୁହୂର୍ତ୍ତ କେବଳ ମୁହୂର୍ତ୍ତକ ପାଇଁ । ନା' ତା'ର କିଛି ନିଶ୍ଚିତତା ଥାଏ ନା' ତା'ର କିଛି ସମୟଜ୍ଞାନ ଥାଏ। ବାସ୍ ଥାଏ କେବଳ କଳ୍ପନା ମଧ୍ୟରେ ବୁଡ଼ି ରହିବାର ସମୟସୀମା। ଯାହାକି ଖୁବ୍ ଯନ୍ତ୍ରଣାଦାୟକ ହେଲେ ମଧ୍ୟ ପାଖରୁ ଦୂରେଇ ଦେବାର ଇଚ୍ଛାଶକ୍ତିକୁ ବାଧାପ୍ରାପ୍ତ କରେ। ସମୟ ଯେତେଯେତେ ଆଗକୁ ଗତିକରେ ସେତେସେତେ ଏପ୍ରକାରର ଇଚ୍ଛାଶକ୍ତି ଗଭୀରରୁ ଗଭୀରତମ ହୁଏ । ଆଉ ମନ ଓ ଦେହକୁ ଦଗ୍ଧ କରେ। ନୂଆ ରୂପେ ବଞ୍ଚିବାର ରାହା ଦେଖାଏ । ସେ ରାହା ସମ୍ଭାବନାର, ଅନିଶ୍ଚିତତାର ।

ଏ ପ୍ରକାରର ମାନସିକତାପୂର୍ଣ୍ଣ ଜଣେ ନାରୀ ଶାନ୍ତାର ହୃଦୟକୁ ଗାଳ୍ପିକା ଯଶୋଧାରା ମିଶ୍ର ଚିତ୍ରିତ କରିଛନ୍ତି ତାଙ୍କର 'ପିକ୍‌ନିକ୍' ଗଳ୍ପରେ। ଶାନ୍ତା ନିଜ ସ୍ୱାମୀ ମହେଶ୍ ସହ ପିକ୍‌ନିକ୍‌ରେ ଯାଇଛନ୍ତି ସତ; ମାତ୍ର କାର୍ଯ୍ୟବ୍ୟସ୍ତତା ଭିତରେ ଛନ୍ଦି ହୋଇ ମହେଶ ଶାନ୍ତାଙ୍କୁ ସମୟ ଦେଇପାରି ନାହାନ୍ତି । ଶାନ୍ତା ନୂଆକରି କିଣିଥିବା ମେକ୍‌ସିକୁ ମହେଶ୍‌ଙ୍କ ଦୃଷ୍ଟିଆକର୍ଷଣ କରିବାକୁ ଚାହିଁଛନ୍ତି । କିନ୍ତୁ ବାରମ୍ବାର ଅସଫଳ ହୋଇ ଶେଷରେ ଭାରାକ୍ରାନ୍ତା ମନରେ ଜାମାଟାକୁ ବଦଳି ଦେବାପାଇଁ ଭାବିଛନ୍ତି । ତଥାପି ମନ ଭିତରର ଆଶା ତାଙ୍କୁ ଅଟକାଇଛି, କିଛି ମୁହୂର୍ତ୍ତକ ପାଇଁ ହେଉପଛେ ଅପେକ୍ଷା କରିବାକୁ ପ୍ରବର୍ତ୍ତାଇଛି । ଯାହାକୁ କେନ୍ଦ୍ରକରି ମହେଶ୍‌ଙ୍କ ଆସିବା ଯାଏଁ ସେ ଅପେକ୍ଷା କରିଛନ୍ତି। ଆଉ ମହେଶଙ୍କ ଆସିବା ପରର ପରିସ୍ଥିତିକୁ ମନେମନେ କଳ୍ପନା କରିଛନ୍ତି । ଯାହା ଏହିପରି – "ନୂଆ ଜାମା ବଦଳି ଦେଉଚି, ପୁରୁଣା ଶାଢ଼ୀ ପିନ୍ଧୁଛି, ତଥାପି ରହ – ଦିନଟା ପୂରା ସରି ତ ଯାଇନାହିଁ । ମହେଶ୍ ଫେରିବେ, ଡେରି ପାଇଁ ଦୁଃଖିତ ହେବେ, ଓ – ।"(ପିକ୍‌ନିକ୍, ପୃ.-୩୩) ଅର୍ଥାତ୍ ଗାଳ୍ପିକା ମିଶ୍ର 'ପିକ୍‌ନିକ୍' ଗଳ୍ପରେ ନାରୀ ମନରେ ଥିବା ଆଧୁନିକା ହେବାର ଇଚ୍ଛା, ପ୍ରେମଭରା ମୁହୂର୍ତ୍ତରେ ହଜିଯିବାର ଆକାଂକ୍ଷା, ନିଃସଙ୍ଗତାକୁ ଦୂରବର୍ତ୍ତୀ କରିବାର ଅଭିଳାଷ, ବୟସର ଅପରାହ୍ଣରୁ ନିଜକୁ ମୁକ୍ତ କରି ସବୁଜ ମରୁଦ୍ୟାନରେ ସଙ୍ଗୀ ସହ ଚାଲିବାର ଆଶା ଏବଂ ଶେଷରେ ସେସବୁ ଭିତରେ ନିଜକୁ ହଜାଇ ଦେବାର ମନୋବୃତ୍ତିକୁ ଶାନ୍ତା ଚରିତ୍ର ମଧ୍ୟଦେଇ ଦର୍ଶାଇଛନ୍ତି । ଯେଉଁ ଚରିତ୍ରଟିକି ସମୟର ଅନ୍ତିମ ପର୍ଯ୍ୟନ୍ତ ମଧ୍ୟ ନିରାଶା ନ ହୋଇ ଅପେକ୍ଷାରତ ନୟନରେ ନିଜ ସ୍ୱାମୀର ବାଟ ଚାହିଁ ବସିଛି ।

ଯୁଗେ ଯୁଗେ ବାପା ମା'ଙ୍କର ସ୍ଥାନ ଅପରିବର୍ତ୍ତନୀୟ । ସନ୍ତାନ ପ୍ରତି ଥିବା ମମତ୍ୱବୋଧ ମଧ୍ୟ ଅପରିବର୍ତ୍ତନୀୟ । ସନ୍ତାନଟିଏ ଯେତେ ଖରାପ, ଦୁଷ୍ଟ, ବଦ୍‌ମାସ୍ ହେଲେ ମଧ୍ୟ ବାପା-ମା'ଙ୍କ ଆଖିରେ ସେ ଶାନ୍ତ, ସୁଧାର ଓ ସରଳପ୍ରତିମା। ବାହାରର ଲୋକ କେହି ସେମାନଙ୍କ ପିଲା ନାଁରେ ପଦେ କହିଦେଲେ, ସେମାନଙ୍କୁ କଷ୍ଟବୋଧ ହୁଏ । ରାଗରେ ସେମାନେ ଜର୍ଜରିତ ହୋଇଯା'ନ୍ତି। ଏଣୁ ସନ୍ତାନ ସର୍ବଦା ପିତା-ମାତାଙ୍କ ଆଗରେ ସ୍ନେହ, ଆଦର, ଭଲପାଇବାର ପାତ୍ର । କିନ୍ତୁ ଯେତେବେଳେ ସନ୍ତାନଟି ଜନ୍ମରୁ ଏକ ପ୍ରଗଳ୍ଭ ମାନସିକତା ନେଇ ଜନ୍ମ ନିଏ, ସେତେବେଳେ ବାପା-ମା'ଙ୍କର ପରିସ୍ଥିତି ଖୁବ୍ ଶୋଚନୀୟ ହୋଇଯାଏ । ନିଜ ବିଚଳିତ, ମନୁଆ, ବେପରୁଆ ପିଲାର ଆଚରଣରେ ସେମାନେ ଅତିଷ୍ଠ ହେବାସହ ଆଖପାଖର ଲୋକ ମଧ୍ୟ ଅତିଷ୍ଠ ହୋଇଯା'ନ୍ତି । କିନ୍ତୁ ସବୁ ପରେ ବି ବାହାରର ଲୋକଙ୍କ ମନରେ ସେହି ଅତିଷ୍ଠ ଭାବ ଚିରଦିନ ଲାଗିରୁହେ ସିନା; କିନ୍ତୁ ବାପା ମା'ଙ୍କ ମନରେ ସେହି ଅତିଷ୍ଠ ଭାବ ନାମକୁ ମାତ୍ର, କ୍ଷଣିକ ମାତ୍ର । ମୁହୂର୍ତ୍ତକ ପରେ ଅତିଷ୍ଠତା, ବିରକ୍ତିଭାବ, କ୍ରୋଧ କ୍ରମେ ସ୍ଥିରତା, ସ୍ନେହ, ଶ୍ରଦ୍ଧାରେ ପରିବର୍ତ୍ତିତ ହୋଇଯାଏ । ଆଉ ଅନ୍ୟ ଲୋକମାନଙ୍କ କଥା ମଧ୍ୟ ମନ ଭିତରୁ ଧୀରେ ଧୀରେ ପାଶୋରି ହୋଇଯାଏ । କିନ୍ତୁ ସନ୍ତାନ ପ୍ରତି ଆକଟ, ଶାସନର ପ୍ରତିଛବି ନଥାଏ । ଖାଲି ଯାହା ଥାଏ ଆପଣାପଣ ଓ ଆଦରର ପରିଚୟ । ସେଥିପାଇଁ ତ ବାପା ମା'ଙ୍କର ସ୍ଥାନ ସଂସାରରେ ଅପୂରଣୀୟ, ଅତୁଳନୀୟ । ହେଲେ ଦୁଃଖ ତ ସେତେବେଳେ ଲାଗେ, କଷ୍ଟ ତ ସେତେବେଳେ ଅନୁଭବ ହୁଏ, ଯେତେବେଳେ ସେ ପ୍ରଗଳ୍ଭ ପିଲାଟି କିଛି ଠିକ୍-ଭୁଲର ବିଚାର କରି ନଜାଣି ବାପା-ମା'ଙ୍କୁ କଷ୍ଟ ଦେଇ ଚାଲେ, ଆଉ ବାପା-ମା', ସନ୍ତାନ ଯେ ଠିକ୍ ହେଇଯିବ ଭାବି ଦିନ ପରେ ଦିନ ଗଣିବା ସତ୍ତ୍ୱେ ମଧ୍ୟ ପିଲାଟି ଆହୁରି ବିଗିଡ଼ି ଯାଏ ସିନା ଠିକ୍ ହେବାର କୌଣସି ଆଭାସ ନଥାଏ। ଆଉ ଏହାଠୁଁ ବଳି ଦୁଃଖ ଲାଗେ, ଯେତେବେଳେ ନିଜ ଜନ୍ମକଲା ମା' ପ୍ରତି ପ୍ରଗଳ୍ଭ ସନ୍ତାନଟି ହାତ ଉଠାଇ ମାଡ଼ ମାରେ । ଆଉ ଏହିସବୁ ଆଚରଣକୁ ଦେଖି ଆଉଜଣେ ସନ୍ତାନ ତା'ର ପ୍ରତିବାଦ କରେ । କାରଣ ବାହାରର ଲୋକ ଯେତେ ଯାହା କହିଲେ ମଧ୍ୟ ତାହା କିଛିକ୍ଷଣ ପରେ ମନ ଭିତରୁ ପାଶୋରି ହୋଇଯାଏ ସିନା; କିନ୍ତୁ କେହି ନିଜ ଲୋକ ପଦେ କହିଦେଲେ, ତାହା ମନ ଭିତରେ ଚିରଦିନ ଲାଗି ଗାର ହୋଇ ରହିଯାଏ। ଆଉ ଠିକ୍ ଏତିକିବେଳେ ବାପା-ମା'ଙ୍କର କଷ୍ଟ, ମନର କୋହ, ବେଦନା ଦ୍ୱିଗୁଣିତ ହୋଇଯାଏ । କାରଣ କେହି ବାପା-ମା' ଚାହାନ୍ତିନି କି ସେମାନଙ୍କର ସନ୍ତାନ ମଧ୍ୟରେ କଳି ହେଉ, ରାଗରୋଷ ହେଉ, ଅପ୍ରୀତିକର ସ୍ଥିତି ଉପୁଜୁ । ସର୍ବଦା ସନ୍ତାନମାନଙ୍କ ଖୁସିରେ ହିଁ ସେମାନଙ୍କର ଖୁସି । କିନ୍ତୁ ଯେତେବେଳେ ସନ୍ତାନ-ସନ୍ତାନ ଭିତରେ ସାମାନ୍ୟତମ ବି ସ୍ନେହ, ମମତା ନଥାଏ, ଆପଣାପଣର ଛାପ ଦୃଶ୍ୟମାନ ହୁଏନାହିଁ, ସେତେବେଳେ ପରିସ୍ଥିତିର ଗମ୍ଭୀରତା ଆହୁରି ନିମ୍ନମୁଖୀ ହୁଏ । ଏହାର ସ୍ୱଷ୍ଟ ପ୍ରମାଣ ହିଁ ଗାଳ୍ପିକା ଯଶୋଧାରା ମିଶ୍ରଙ୍କ 'ପୁଅ' ଗଳ୍ପଟି ।

'ପୁଅ' ଗଳ୍ପରେ ବୁଲା ନାମକ ଚରିତ୍ରଟି ଜନ୍ମରୁ ପ୍ରଗଳ୍ଭ। ଏହି ପ୍ରଗଳ୍ଭ ସନ୍ତାନର ଅମାନବୀୟ କ୍ରିୟାକଳାପରେ ଆଖପାଖର ଲୋକ ଖୁବ୍ ଅତିଷ୍ଠ ହୋଇଯାଇଛନ୍ତି । ଏଣୁ ପ୍ରଗଳ୍ଭ ପୁଅକୁ ଉପଯୁକ୍ତ ରାସ୍ତାକୁ ଫେରାଇ ଆଣିବା ପାଇଁ ତା' ବିକୃତ ମସ୍ତିଷ୍କରେ ସ୍ଥିରତା ଆଣିବା ପାଇଁ

ବୁଲାର ମା'-ବାପା ବହୁ ଗୁଣିଗାରେଡ଼ିର ମଧ୍ୟ ଆୟୋଜନ କରିଛନ୍ତି । କିନ୍ତୁ ସେସବୁଥିରୁ କୌଣସି ବି ଉପକାର ମିଳି ନାହିଁ । ଶେଷରେ ବୁଲାର ଅମାନୁଷିକ କ୍ରିୟାକଳାପ ଦିନକୁ ଦିନକୁ ବଢ଼ିବାରେ ଲାଗିଛି । ଆଉ ତା' ସାଙ୍ଗକୁ ଆଖପାଖ ଲୋକଙ୍କ ଆକଟ ମଧ୍ୟ । କିନ୍ତୁ ଏତେସବୁ ପରେ ମଧ୍ୟ ବୁଲାର ବାପା-ମା' ତାକୁ ପାଗଳଗାରକୁ ପଠାଇବା ପାଇଁ ରାଜି ହୋଇ ନାହାନ୍ତି । ହେଲେ ବୁଲାର ଭାଇ କୁନାର ପ୍ରଶ୍ନ ବାପା-ମା'ଙ୍କ ମନକୁ ଅଥୟ କରିଦେଇଛି - "ଠାକୁର ଦେଇଛି ବୋଲି କେତେଦିନ ଆଉ ଏମିତି ସହିବା ମା' ? ଆମକୁ ବି ତ ଜୀବନ ଦେଇଚି ସିଏ, ଆମେ ପୁଣି ବଞ୍ଚିବା ନା ନାହିଁ ?" (ପୁଅ, ପୃ.-୪୨) । କୁନା ମନରେ ବୁଲା ପ୍ରତି ଏ ପ୍ରକାରର ମନୋଭାବକୁ ହୃଦ୍‌ବୋଧ କରି ଉଭୟେ ବାପା-ମା' ଅସ୍ଥିର ହୋଇପଡ଼ିଛନ୍ତି ଏବଂ ଶେଷରେ ବୁଲାକୁ ପାଗଳଗାରଦ ପଠାଇବାକୁ ସ୍ଥିର କରିଛନ୍ତି । ଯାହାର ପ୍ରମାଣ ଏହି ଉକ୍ତିରୁ ସ୍ପଷ୍ଟ ପ୍ରମାଣିତ ହୋଇଥାଏ - "ନିଜ ମା' ପେଟର ଭାଇର ଦାଉ ଯଦି କିଏ ସହିଯାଇ ନ ପାରିବ, ଆମେ ଆଉ ସାହିଲୋକଙ୍କୁ କ'ଣ କହିବା ?"(ପୃ.-୪୩) କିନ୍ତୁ ଦଇବର ବିଧି ଅଲଗା କିଛି ଥିଲା । ଶେଷରେ ବୁଲା ପାଗଳଗାରଦ ଯିବା ଦିନ ହିଁ ତା' ଦେହ ଖୁବ୍ ଅସୁସ୍ଥ ହୋଇଛି ଏବଂ ସକାଳ ହେଲା ବେଳକୁ କୁନା ଆଉ ଘରେ ନାହିଁ । ବୁଲା ପାଗଳଗାରଦ ଯିବା ପରିବର୍ତ୍ତେ କୁନା ଘର ଛାଡ଼ି, ବାପା-ମା'ଙ୍କୁ ଛାଡ଼ି, ଭାଇ-ଭଉଣୀଙ୍କୁ ଛାଡ଼ି ସବୁଦିନ ଲାଗି ଅନ୍ୟତ୍ର ପଳାଇ ଯାଇଛି ।

ସେ ନାରୀ ହେଉ ଅବା ପୁରୁଷ ଆଶାଠାରୁ ଅଧିକ ପ୍ରାପ୍ତି ବେଳେ ବେଳେ ତାକୁ ନିର୍ଭୀକ କରେ, ନିଜର ପରିସୀମାକୁ ଉଲଘଂନ କରାଇ ଦିଏ । ନିଜର ସ୍ଥିତି, ନିଜର ପରିଚୟ, ନିଜର ଅସ୍ତିତ୍ୱକୁ ଘୋଡ଼ାଇ ଦିଏ । ଯାହାକୁ କେନ୍ଦ୍ରକରି ସେ ହୋଇଯାଏ ମୁକ୍ତ, ସ୍ୱେଚ୍ଛାଚାରୀ । ଏହାର ପରିଣାମ ସ୍ୱରୂପ ଦୁଃଖ, ଯନ୍ତ୍ରଣାର ସଙ୍ଗୀ ହୋଇ ସମୟ ଅତିବାହିତ କରେ । ଆଉ ଶେଷରେ ନିଜକୁ ତଥା ନିଜର କର୍ମକୁ ନେଇ ଆଶ୍ଚର୍ଯ୍ୟ ହୁଏ । ଲୁହଗଡ଼ାଏ । ପୂର୍ବର ଅଭୁଲା ସ୍ମୃତିରେ ମଜ୍ଜିରହି ସେ ପ୍ରେମ ପ୍ରୀତିପୂର୍ଣ୍ଣ ଆବେଗରେ ନିଜ ଭବିଷ୍ୟତ ନିକଟରେ ଅତୀତକୁ ବଖାଣି ବସେ । ବିଶ୍ୱାସର ଦ୍ୱାହି ଦେଇ କହିଚାଲେ ମନର ଗୋପନୀୟ ବକ୍ତବ୍ୟକୁ । କିନ୍ତୁ ଭବିଷ୍ୟତ ଯେ ସେସବୁ ବକ୍ତବ୍ୟକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରିବ ତା'ର କୌଣସି ନିଶ୍ଚିତତା ନଥାଏ । ଯାହାକୁ କେନ୍ଦ୍ରକରି ପୁରୁଷର ଆଚରଣରେ ଲୁଚି ରହିଥିବା ଦ୍ୱନ୍ଦ୍ୱାତ୍ମକ ମନୋଭାବ ଓ ତଦ୍‌ଜନିତ ଜିଜ୍ଞାସାବୋଧ ହିଁ ନାରୀ ଜୀବନ ପାଇଁ କାଳ ପାଲଟେ । ଏଣୁ ନାରୀଟିଏ ମନରେ ଅନ୍ତଃଦ୍ୱନ୍ଦ୍ୱ ସୃଷ୍ଟିହୁଏ । ଅନିଶ୍ଚିତତା, ଆଶଙ୍କା ଏବଂ ଲୁକ୍କାୟିତ ଅସ୍ଥିରତା ଭିତରେ ଛନ୍ଦି ହୋଇ ସେ ବିଚାର କରିଚାଲେ ପ୍ରକୃତରେ କିଏ ବିଶ୍ୱାସଯୋଗ୍ୟ । ଏହି ଚିତ୍ରକୁ ଗାଳ୍ପିକା 'ଜହ୍ନରାତି' ଗଳ୍ପରେ ଥିବା ମଞ୍ଜୁ ଚରିତ୍ର ମଧ୍ୟଦେଇ ଦର୍ଶାଇଛନ୍ତି । ଯାହାର ଉକ୍ତିଟି ଏହିପରି - "ମଞ୍ଜୁ କାଚ କାନ୍ଥର ଅଶ୍ୱସ୍ତିକର ଠିନ୍‌ଠାନ୍ ଘଂଟି ଶୁଣି ଆଗରେ କେଉଁ ଅନ୍ଧାରୁଆ କୂଅର ଆଶଙ୍କା କରିବ, କି ସାମ୍ନାରେ ବିଛା ଯାଇଥିବା ସବୁଜ ତାଳପତ୍ରରେ ବିଶ୍ୱାସ କରିବ ଭାବୁ ଭାବୁ ବିଜୟ ପଚାରି ବସିଲା ।"(ଜହ୍ନରାତି, ପୃ.-୫୫) ହେଲେ ଧୀରେ ଧୀରେ ସେ ପ୍ରକୃତିସ୍ଥ ହୁଏ । ଭବିଷ୍ୟତ ଯେ ଅତୀତ ଅପେକ୍ଷା ଢେର ବେଶି ମହତ୍ତ୍ୱପୂର୍ଣ୍ଣ : ଏ କଥାକୁ ହୃଦ୍‌ବୋଧ କରେ । ଏଣୁ ସେ ନିଜ ସ୍ୱାମୀ ନିକଟରେ ଅତୀତକୁ ନେଇ ଅଧାସତ ଓ ଅଧାମିଛ ହିଁ କହିଚାଲେ । କିନ୍ତୁ ପୁରୁଷ ମନରେ ଥିବା ଅବିଶ୍ୱସନୀୟ ଭାବ ହେତୁ ତା'ର ସ୍ୱାମୀ ମଞ୍ଜୁର କଥାକୁ ଗ୍ରହଣ କରିପାରେ ନାହିଁ । ଅଲାଜୁକ ଭଳି ନିଜ ସ୍ତ୍ରୀର ପୁରୁଣା ପ୍ରେମକୁ ଶୁଣିବାକୁ ଇଚ୍ଛା ପ୍ରକାଶ କରେ । ଆଉ ବାରମ୍ବାର ଶୁଣିବା ପରେ ଗୋପନୀୟ ଯନ୍ତ୍ରଣାରେ ଜୁଡୁବୁଡୁ ହେଇ ଅନ୍ୟମନସ୍କ ଭଳି ବ୍ୟବହାର ଦେଖାଏ । ଯାହାକୁ କେନ୍ଦ୍ରକରି ସ୍ତ୍ରୀଟି ନିଜ କୁମାରୀ ବେଳର ସ୍ମୃତିକୁ, ନିଜ ଅନ୍ତରର ଜିଜ୍ଞାସାକୁ, ଆକାଂକ୍ଷାକୁ ମାନସିକ ସ୍ତରରେ ତଉଲେ । ଆଉ ଅନୁତପ୍ତ ବେଦନାରେ ଲୋତକ ଝରାଏ । ଶେଷରେ ନିଜ ବୈବାହିକ ସମ୍ପର୍କକୁ ସଜାଡ଼ିବା ଲାଗି ଅସ୍ତବ୍ୟସ୍ତ ହୋଇପଡ଼େ ।

ଗାଳ୍ପିକା ମିଶ୍ର ମଞ୍ଜୁ ନାମକ ଚରିତ୍ର ମଧ୍ୟ ଦେଇ ପ୍ରେମଭରା ଅଭୁଲା ସ୍ମୃତି ଓ ତଦ୍‌ଜନିତ ବିଷାଦବୋଧ, ଅତୀତ ଓ ଭବିଷ୍ୟତ ମଧ୍ୟରେ ଥିବା ଗୁରୁତ୍ୱ ତଥା ନାରୀ ଜୀବନରେ ମହତ୍ତ୍ୱ ରଖୁଥିବା ବୈବାହିକ ସମ୍ପର୍କକୁ ବେଶ୍ ତୁଳନାତ୍ମକ ଭଙ୍ଗୀରେ 'ଜହ୍ନରାତି' ଗଳ୍ପରେ ବର୍ଣ୍ଣନା କରିଛନ୍ତି । ମଞ୍ଜୁ ନାମକ ଚରିତ୍ରଟି ବୁଢ଼ିଆଣୀ ପରି ଜହ୍ନରାତି ରୂପକ ପ୍ରେମଭରା ଅଭୁଲା ସ୍ମୃତିକୁ ଇତଃସ୍ତତଃ ଜାଲ ସଦୃଶ ବୁଣି ଚାଲିଛନ୍ତି ତଥା ବଖାଣିଛନ୍ତି । ଆଉ ଶେଷରେ ସ୍ୱାମୀଙ୍କଠାରୁ ଗାମ୍ଭୀର୍ଯ୍ୟପୂର୍ଣ୍ଣ ରେଖାହୀନ ଚେହେରାକୁ କେନ୍ଦ୍ରକରି ଆଘାତ ପାଇଛନ୍ତି । ଫଳରେ ମଞ୍ଜୁ ଆଉ ନିର୍ଭୀକ ହୋଇ ରହି ନାହାନ୍ତି । ନିଜ ଭବିଷ୍ୟତକୁ ତଥା ନିଜ ସମ୍ପର୍କକୁ ଯଥାସମ୍ଭବ ସଜାଡ଼ିବାକୁ ଚେଷ୍ଟା କରିଛନ୍ତି । ଏହାର ଦୃଷ୍ଟାନ୍ତ ଏହିପରି - "ମଞ୍ଜୁଶ୍ରୀ ଟେବୁଲ୍ ଉପରେ ଅସ୍ତବ୍ୟସ୍ତ ଖେଳେଇ ପଡ଼ିଥିବା ସୁଟ୍‌କେସ୍‌କୁ ସଜାଡ଼ିବା କଥା ଭାବୁଥାଏ । ଭାଗ୍ୟ ଭଲ ଝରକା ପର୍ଦ୍ଦା ଟେକା ହେଇନାହିଁ ଏମିତି ବେଳେ ଭାବୁଥାଏ ଓ କାନ୍ଥ କଡ଼ରେ ବୁଢ଼ିଆଣୀଟିଏ ଲାଗି ପଡ଼ି ତା' ଜାଲ ମରାମତି କରୁଥିବା ଲକ୍ଷ୍ୟ କରୁଥାଏ ।"(ପୃ.-୬୧) ଏବଂ ଶେଷରେ ମଞ୍ଜୁଙ୍କର ପୁରୁଣା ପ୍ରେମଭରା ସ୍ମୃତି ଉପରେ ଆଉ ଜହ୍ନରାତିର ଛାଇ ପଡ଼ିନାହିଁ ବରଂ ତାଙ୍କପ୍ରତି ଥିବା ତାଙ୍କ ସ୍ୱାମୀଙ୍କର ପ୍ରେମଭରା କୋମଳ ଭାବାପନ୍ନ ମନୋଭାବ, ନିବିଡ଼ପଣ ପତଳା ପିନ୍ ପିନ୍ କାନ୍ଥଟିଏ ପରି ଠିଆ ହୋଇଛି । ଯାହାର ଦୃଷ୍ଟାନ୍ତ - "ବୁଢ଼ିଆଣୀଟି ନିଜ ଜାଲ ଭିତରେ ଏଥର ନିଶ୍ଚୁପ ହେଇ ବସି ପଡ଼ିଥାଏ । ବୁଢ଼ିଆଣୀ ନିଜ ଜାଲରେ

ନିଜେ ଫନ୍ଦି ହୁଏନାହିଁ କେବେ କେମିତି ? ତା' ଗୋଡ଼, ଦେହ ଆଉ ତା' ତିଆରି ସୁନ୍ଦର ଘରର ତନ୍ତୁ ମଝିରେ ପତଳା ପିନ୍ ପିନ୍ କାନ୍ଦୁଟିଏ ଥାଏ କି ?"(ପୃ.-୬୧) ଶେଷରେ ମଞ୍ଜୁ ଚରିତ୍ରଟି ଅତୀତର ପ୍ରେମଭରା ସ୍ମୃତିକୁ ଦୂରେଇ ଦେଇ ବର୍ତ୍ତମାନରେ ବଞ୍ଚିବା ପାଇଁ ଚେଷ୍ଟାକରି ସଫଳ ହୋଇଛି ।

ଦୁଇଦିନର ମଣିଷ ଜୀବନ। କେତେ ଆଶା, ଆକାଂକ୍ଷାପୂର୍ଣ୍ଣ ଅନୁଭୂତି । କେତେ ଲୋଭ, ମାୟା, କପଟତାପୂର୍ଣ୍ଣ ଆଚରଣ। ମଣିଷ ଜୀବିତ ଥିବା ସମୟରେ ସାଂସାରିକ ମୋହ ବନ୍ଧନରେ ସବୁକିଛିକୁ ମୋର ମୋର ବୋଲି କୁହେ । କିନ୍ତୁ ମୃତ୍ୟୁ ପରେ ସେସବୁ ନ୍ୟୂନ, ମୂଲ୍ୟହୀନ ହୋଇଯାଏ । ମଣିଷର ମୃତ୍ୟୁରେ ହିଁ ସେସବୁ ଭୋଗଲାଳସାର ପୂର୍ଣ୍ଣଚ୍ଛେଦ ପଡ଼େ । ଜୀବିତ ଅବସ୍ଥାରେ ସାଉଁଟି ଥିବା ସମସ୍ତ ତିକ୍ତମଧୁର ଅନୁଭୂତି ମୃତ୍ୟୁରେ ହିଁ ଅନ୍ତ ଘଟି; ଦୟା, କ୍ଷମାରେ ପରିବର୍ତ୍ତିତ ହୁଏ । କିନ୍ତୁ ଏ ଚିରନ୍ତନ ସତ୍ୟକୁ ମଣିଷ ହୃଦ୍‌ବୋଧ କଲେ ମଧ୍ୟ ଆତ୍ମଲାଳସାରୁ ମୁକ୍ତ ହୋଇପାରେ ନାହିଁ । ଫଳସ୍ୱରୂପ ଚିହ୍ନା ଅଚିହ୍ନା ଲୋକଙ୍କର କ୍ରୋଧରେ ଶିକାର ହୁଏ । କିନ୍ତୁ ଆଶ୍ଚର୍ଯ୍ୟ ତ ସେତେବେଳେ ଲାଗେ, ଯେତେବେଳେ ରକ୍ତ-ରକ୍ତ ସହ ଧପାବାଜ୍ କରେ । ଗୋଟିଏ ପରିବାରରେ, ଗୋଟିଏ ମା'ର ସନ୍ତାନ - ସନ୍ତାନ ଭିତରେ ଫାଟ ସୃଷ୍ଟି ହୁଏ । ସେ ଫାଟ ସ୍ନେହ-ମମତାର, ଅନ୍ତର-ପାତର ଯୋଗୁଁ ନୁହେଁ ବରଂ ଧନ-ସମ୍ପତ୍ତି ମୋହରେ ବାନ୍ଧି ହୋଇ ଅକ୍ତିଆର କରିବାର ଲାଳସାରୁ ସୃଷ୍ଟ । କିନ୍ତୁ ସମୟ ବଡ଼ ବଳବାନ୍ । ସମୟ ଆଗରେ ନା କାହାର ଅହଙ୍କାର ତିଷ୍ଠିଛି, ନା କାହାର ଗର୍ବ। ସମୟ ସହ ସେ ସବୁକିଛି ମ୍ଳାନ ଓ ଲୀନ ହୋଇଯାଏ । ଖାଲି ଯାହା ଝାପ୍‌ସା ଚିହ୍ନଟିକକ କେତେକ ଲୋକଙ୍କ ମନରେ କାଁ ଭାଁ ମନେପଡ଼ିଯାଏ। ଜରାଜୀର୍ଣ୍ଣ ହୋଇଯାଏ ମଣିଷର ବୟସ ଏବଂ ତା'ର ବାସସ୍ଥାନ । କିନ୍ତୁ ଦୁଃଖ ତ ସେତେବେଳେ ହୁଏ ଯେତେବେଳେ ଜଣକର ମୃତ୍ୟୁରେ ଆଉଜଣେ ସାରାଜୀବନ ପାଇଁ ନିଜ ପରିଚୟରୁ ବଞ୍ଚିତ ହୁଏ । ଆଉ ସେ ପରିବର୍ତ୍ତିତ ପରିଚୟକୁ ନେଇ ବାକିତକ ଜୀବନ ତାକୁ ଅତିବାହିତ କରିବାକୁ ପଡ଼େ । ହେଲେ ସନ୍ତାନ ଆଖିରେ ସେ ପରିବର୍ତ୍ତିତ ପରିଚୟ ଖୁବ୍ ଯନ୍ତ୍ରଣାଦାୟକ ହୋଇଥାଏ । ନା ସେ ତାକୁ ସହଜରେ ଗ୍ରହଣ କରିପାରେ ନା ପାଖରୁ ଦେଖିପାରେ । ଅନ୍ତର ବେଦନାରେ ଖାଲି ଜର୍ଜରିତ ହୋଇ କଷ୍ଟ ପାଏ । ଅର୍ଥାତ୍ ବାପାଙ୍କ ମୃତ୍ୟୁରେ ମା'ଟିଏ ଯେ ବିଧବା ହୁଏ, ଏ କଥା ସମସ୍ତ ସନ୍ତାନଙ୍କୁ ଜଣା । କିନ୍ତୁ ମାତୃତ୍ୱର ସେହି ବିଧବା ବେଶ ସନ୍ତାନପକ୍ଷେ ଖୁବ୍ କଠୋର, ହୃଦୟବିଦାରକ, କାରୁଣ୍ୟ । ଅନ୍ୟପକ୍ଷରେ ଦେଖିଲେ ସ୍ୱାମୀ ହେଉଛି ସ୍ତ୍ରୀର ସାହସ, ଦମ୍ଭ, ଧୈର୍ଯ୍ୟ, ଆତ୍ମୀୟତାର ପ୍ରତୀକ । ହେଲେ ସ୍ୱାମୀଟିଏ ଯେତେବେଳେ ଚିରଦିନ ଲାଗି ସଂସାରରୁ ମୁକ୍ତ ହୋଇଯାଏ, ସେତେବେଳେ ସ୍ତ୍ରୀର ସମସ୍ତ ଦମ୍ଭ ଭାଙ୍ଗିଯାଏ। ସେ ଅସହାୟ, ନିର୍ବିକାର, ଜଡ଼ ପାଲଟି ଯାଏ । ମାତ୍ର ବର୍ତ୍ତମାନର ପାଶ୍ଚାତ୍ୟ ସଭ୍ୟତାରେ ବଶବର୍ତ୍ତୀ କିଛି ଯୁବସମାଜଙ୍କ ଆଖିରେ ଏସବୁ ଦୁଃଖ କେବଳ ଫର୍ମାଲ୍ ମାତ୍ର । ଏସବୁ ଦୁଃଖ ମୂଲ୍ୟହୀନ, ଯାହାର ଏକ ଦୃଷ୍ଟାନ୍ତ ଗାଳ୍ପିକାଙ୍କ କଲମରେ ପ୍ରତିଫଳିତ - "ଏ ଅଯଥା ସେଣ୍ଟିମେଣ୍ଟାଲିଟି, ଲୋକଙ୍କ କଥାକୁ ଡର-ଏସବୁ ମୁଁ ବୁଝିପାରେ ନାହିଁ । ? ମୁଁ ଏସବୁକୁ ହିପୋକ୍ରେସି କହେ - ଏଇ ଫର୍ମାଲ୍ ଶୋକ ।"(ଶୋକ, ପୃ.-୬୭) ଏ ପ୍ରକାରର ଦୃଷ୍ଟାନ୍ତରୁ ଆଧୁନିକ ଶିକ୍ଷିତ ଯୁବମାନସର ମୃତ୍ୟୁ ପ୍ରତି ଥିବା ଭାବଧାରାର ପରିଚୟ ମିଳେ।

ଉପରଲିଖିତ ବର୍ଣ୍ଣନାର ଦୃଷ୍ଟାନ୍ତ ଗାଳ୍ପିକା ଯଶୋଧାରା ମିଶ୍ରଙ୍କ 'ଶୋକ' ଗଳ୍ପର ମୁଖ୍ୟ ବିଷୟବସ୍ତୁ । ଏହି ଗଳ୍ପରେ ସୀତାନାଥ ବାବୁଙ୍କ ବାପାଙ୍କର ମୃତ୍ୟୁ ପରେ କକେଇ ତାଙ୍କର ସମସ୍ତ ସମ୍ପତ୍ତିକୁ ଭାଗ କରିବା ପାଇଁ ସ୍ଥିର କରିଛନ୍ତି ଏବଂ ଯାହାକୁ କେନ୍ଦ୍ରକରି ଘର ଭିତରେ ଅଜାଡ଼ି ହୋଇ ପଡ଼ିଛି ଅପ୍ରୀତିକର ପରିସ୍ଥିତିର ଅନ୍ଧକାର । ଯାହାର ଏକ ଦୃଷ୍ଟାନ୍ତ - "ତାଙ୍କ ଭାଗ ମିଠେଇ ପଡ଼ିଶାଘରର ରଘୁ ଛଡ଼େଇ ନେଇ ଧାଇଁ ପଳାଇ ଗଲା ବେଳେ ହାତଗୋଡ଼ ଛାଟି ନିଷ୍ଫଳ ଆକ୍ରୋଶରେ ସେ ରଡ଼ି ଛାଡୁ ଥା'ନ୍ତି । ଆଉ ଦିଶିଲେ ଦୁଃସ୍ଥ ଦୁର୍ବଳ କକେଇ ଯିଏ ନିଜ ଭାଗଟି ପାଇଁ, ପରିବାରଟି ପାଇଁ ହାତଗୋଡ଼ ବାଡ଼େଇ ଯାଉଥିଲେ ପାଖଲୋକ ସମସ୍ତ ଉପରେ ।"(ପୃ.-୭୧) କିନ୍ତୁ କକେଇଙ୍କର ଶୁଦ୍ଧିକ୍ରିୟାରେ ସାମିଲ୍ ହୋଇଛନ୍ତି । ତାଙ୍କ ମନରେ ଥିବା କେତେଦିନର ଅନୁଭୂତିର ବାଲିଗଦା କକେଇଙ୍କ ମୃତ୍ୟ ପରେ ଭୁଷୁଡ଼ି ତଳେ ପଡ଼ିଛି ଏବଂ ନିଜ ଅଜାଣତରେ କେଉଁ ଏକ ସ୍ରୋତର ଭଉଁରୀ ତଳେ ସେ ନିଜକୁ ସମର୍ପି ଦେଇଛନ୍ତି । ଯାହା ଗାଳ୍ପିକା ମିଶ୍ରଙ୍କ ବର୍ଣ୍ଣନାରେ ଏହିପରି ପ୍ରତିଫଳିତ - "ଗ୍ରୀଷ୍ମର ଉତ୍ତପ୍ତ ଖରା ଝଲସିଲା ପରି ଆକାଶରୁ ଆସି ପଡ଼ିଛି ଝଲକାଏ ଶୋକ ଏ ଘରେ - କାହା ଉପରେ ଲାଖି ନାହିଁ ସିଏ; ଏକ ସ୍ୱତନ୍ତ୍ର ସତ୍ତା ନେଇ ସେ ଯେମିତି ଝୁଲୁଛି ଶୂନ୍ୟରେ, ଯିଏ ତା' ବାଟ ଦେଇ ଚାଲି ଯାଉଛି ବୁଡ଼ି ଯାଇ ଝଲସି ଯାଉଛି କ୍ଷଣେ ।"(ପୃ.-୬୮) ଉକ୍ତ ଗଳ୍ପରେ ଗାଳ୍ପିକା ମିଶ୍ର ମନୁଷ୍ୟର ମୃତ୍ୟୁକୁ ଗ୍ରୀଷ୍ମର ଝଲସିଲା ଖରା ସହ ତୁଳନା କରିଛନ୍ତି ।

ସ୍ତ୍ରୀଟିଏ ତା' ଜୀବନରେ ସବୁକିଛିକୁ ସହ୍ୟ କରିପାରେ ସିନା କିନ୍ତୁ ନିଜ ସ୍ୱାମୀକୁ ଆଉ କାହା ସହିତ ବାଣ୍ଟିପାରେ ନାହିଁ । ଆଉ କାହା ପ୍ରତି ନିଜ ସ୍ୱାମୀ ମନରେ ଥିବା ଆନ୍ତରିକତାକୁ ସହ୍ୟ କରିପାରେ ନାହିଁ। ସେ ସାମାନ୍ୟତମ ଆକର୍ଷଣ ହେଉ କିମ୍ବା କୌଣସି ବିରାଟ

ଭୁଲ, ସ୍ତ୍ରୀ ମନରେ ସ୍ୱାମୀ ପ୍ରତି ସୃଷ୍ଟି ହୁଏ ସନ୍ଦେହ ମନୋଭାବ। ଯାହାକୁ କେନ୍ଦ୍ରକରି ତା' ମନରେ ସ*ାରିତ ହୁଏ ଭୟ । ଏ ପ୍ରକାରର ପାରିବାରିକ ତଥା ବୈବାହିକ ସମସ୍ୟା ବର୍ତ୍ତମାନ ମଧ୍ୟ ସମାଜଜୀବନରେ ପରିଲକ୍ଷିତ ହେଉଛି । ପୁରୁଷ ମନର ଆସକ୍ତଭାବ ତାକୁ ଟାଣିନିଏ ଅନ୍ୟ ଯୁବତୀ ପ୍ରତି ଆକର୍ଷିତ ହେବାପାଇଁ । ଫଳରେ ସେ ଭୁଲିଯାଏ ନିଜ ସ୍ଥିତିକୁ, ପରିଚୟକୁ, ଅସ୍ତିତ୍ୱକୁ, ପରିସୀମାକୁ। ଅଧାଦିନିଆ ଲାଳସାସିକ୍ତ ପ୍ରଲୋଭନାରେ ଉବୁଟୁବୁ ହେଇ ଶେଷରେ ନିଜ ସାଂସାରିକ ଜୀବନକୁ ପାଶୋରି ଦିଏ । ଭୁଲିଯାଏ ତା' ପ୍ରତି ଭରସି ଥିବା ଆଖିଦୁଇକୁ । ତା' ପାଦତଳେ ଅଜାଡ଼ି ହୋଇ ପଡ଼ିଥିବା ହୃଦୟକୁ, ତା' ବାଟ ଜଗି ବସିଥିବା ମଣିଷଟିକୁ । କିନ୍ତୁ ସ୍ୱାମୀର ଏତାଦୃଶ କ୍ରିୟାକଳାପ ସମ୍ପର୍କରେ ଅବଗତ ଥାଇ ମଧ୍ୟ ସ୍ତ୍ରୀଟିଏ ମନର କୋହକୁ ଚାପିରଖି ଅଭିଯୋଗ ଭରା ଆନ୍ତରିକ ବେଦନାରେ ଛଟପଟ ହୁଏ । ଆଉ ବିଗିଡ଼ି ଚାଲିଥିବା ସମୟ ତଥା ମଣିଷକୁ ସଜାଡ଼ିବାର ପ୍ରୟାସ କରିଚାଲେ । ଏହି ଭାଙ୍ଗିବା, ଗଢ଼ିବା ଭିତରେ ସମୟ ସିନା ଅତିକ୍ରାନ୍ତ କରେ; କିନ୍ତୁ ମିଛିମିଛିକା ଗଢ଼ିବା ହିଁ ଶେଷରେ ପ୍ରମାଣିତ ହୋଇ ରହେ। ପରିଶ୍ରମ ସବୁ ଅର୍ଥହୀନ, ମୂଲ୍ୟହୀନ ହୁଏ । ଯାହାର ଦୃଷ୍ଟାନ୍ତ ଗାଳ୍ପିକା ଯଶୋଧାରା ମିଶ୍ରଙ୍କ 'ଦୀପାବଳୀ' ଗଳ୍ପରେ ରହିଛି – "ମୁଁ ତ ସବୁବେଳେ ତିଆରି କରିବାକୁ ରହିଛି। ଯାହାକୁ ବଞ୍ଚିବା ବୋଲି ବୁଝିଥିଲି, ବିଶ୍ୱାସ କରିଥିଲି, ସେ ସବୁ ହାତ ପାହାନ୍ତାରୁ ଖସି ଚାଲିଗଲା ବେଳେ ରୋକି ନାହିଁ, ଯେତିକି ହାତରେ ରହିଲା ତାକୁ ହିଁ ଗଢ଼ି ଦେଇ ସମ୍ପୂର୍ଣ୍ଣଟିଏ କରିଦେବାକୁ ଚେଷ୍ଟା କରିଛି । କିନ୍ତୁ ଯେଉଁ କାମରେ ଗଢ଼ିବା ଖାଲି ମିଛିମିଛିକା ବୋଲି ଜଣାପଡ଼େ, କିଛି ହେଲେ ସେଥିରୁ ତିଆରି ହୁଏ ନାହିଁ, ସେ ପରିଶ୍ରମ କରି ଚାଲିଥିବାର ଅର୍ଥ କ'ଣ ?"(ଦୀପାବଳୀ,ପୃ.-୮୦) ଶେଷରେ ସ୍ୱାମୀ-ସ୍ତ୍ରୀ ସମ୍ପର୍କରେ ଫାଟ ସୃଷ୍ଟି ହୁଏ । ଆଉ ବିରାଟତ୍ୱର ରୂପ ନେଇ ମନକୁ ଖିନ୍‌ଭିନ୍ କରିଦିଏ । ଠିକ୍ ଯେମିତି ଉକ୍ତ ଗଳ୍ପରେ ଥିବା ମନୋଜ-ବିନୁ ଚରିତ୍ର ଭଳି ।

ରୁମା ଚରିତ୍ର ସହ ମନୋଜର ମିଳାମିଶା ବିନୁକୁ ଆଘାତ ଦେଇଛି। ରୁମା ପ୍ରତି ଥିବା ମନୋଜର ଆସକ୍ତିଭାବ ବିନୁ ମନରେ ସନ୍ଦେହ ସୃଷ୍ଟି କରିଛି। କିନ୍ତୁ ନିଜ ସଂସାରକୁ ସଜାଡ଼ି ଦେବାର ଭରସାରେ ବିନୁ ପ୍ରୟାସ କରିଛି। ହେଲେ ମନୋଜର ଈର୍ଷା, ବିରସଭାବ ଏବଂ ତଦ୍‌ଜନିତ ଆଚରଣରେ ବିନୁ ଅତିଷ୍ଠ ହୋଇଯାଇ ଶେଷରେ ମନ ସ୍ଥିର କରି ମିଛିମିଛିକା ସମ୍ପର୍କରେ ଛନ୍ଦି ନ ରହି ଅନ୍ତରରୁ ଦୂରେଇ ରହିବାର ନିଷ୍ପତ୍ତି ନେଇଛି। ଯାହାର ଦୃଷ୍ଟାନ୍ତ – "ମନୋଜ ରୁମା ସହିତ ମିଳାମିଶା କରିବା ସହିଥିଲି, ହେଲେ ତା' ହତାଦରରେ ତାଙ୍କର ଈର୍ଷା, ବିରସ ଭାବ, ଆଉ ସବୁଠୁ ବଳି ତାକୁ ପୁଣି ମନେଇବାକୁ ଚେଷ୍ଟା ମୁଁ ସହିପାରିଲି ନାହିଁ । ସେଇଥିଲାଗି ଦୀପାବଳିର ମାସଟିଏ ଆଗରୁ ପର୍ବ ଆଳରେ ଚାଲିଗଲି ବାପଘରକୁ ।"(ପୃ.-୮୧) ହେଲେ ମନୋଜ ଯେତେବେଳେ ବୀନୁକୁ ଶେଷ ମୁହୂର୍ତ୍ତରେ ଅତ୍ୟନ୍ତ ଅସ୍ଥିର ହୋଇ ଲୋଡ଼ିଛି, ସେତେବେଳେ ବୀନୁ ମନରେ ଥିବା କ୍ରୋଧ – ଅଭିମାନଭରା ଗର୍ବରେ ରୂପାନ୍ତରିତ ହୋଇଛି । ମାତ୍ର ଶେଷ ଯାଏଁ ମଧ୍ୟ ଦୁହେଁ ଦୁହିଁଙ୍କ ପ୍ରତି ପୂର୍ବ ଭଳି ଆକୃଷ୍ଟ ହୋଇ ନପାରି ଏକ ସମ୍ଭାବନାମୟ ପରିସ୍ଥିତିକୁ ଆପଣେଇ ନେଇଛନ୍ତି ।

ବାହ୍ୟ ପ୍ରକୃତିର ଖୋଳପା ଭିତରେ ରହି ଅନ୍ତଃପ୍ରକୃତିକୁ ଘୋଡ଼ାଇ ଦେବାର କୌଶଳ ମନୁଷ୍ୟକୁ ଠିକ୍ ଜଣା ଥାଏ । ଏଥିରୁ ମନୁଷ୍ୟର ପ୍ରକୃତ ପରିଚୟର ପ୍ରମାଣ ମିଳେ । ଦୁନିଆ ଆଖିରେ ଦେଖେଇ ହୁଏ, ଭଲ ହେବାର । ମୁଖାପିନ୍ଧି ମୁହଁରେ ମିଛିମିଛିକା ହସ ଫୁଟାଇ ନିଜକୁ ତଥା ନିଜର ପରିଚୟକୁ ଉପସ୍ଥାପନ କରେ । ଲୋକଦେଖାଣିଆ ଅଯଥା, ଯୁକ୍ତିହୀନ ବାର୍ତ୍ତାଳାପ କରେ । ଆଉ ଆନନ୍ଦିତ ହୁଏ । ଯେମିତି ମେକଅପ୍ ବୋଳା ଚେହେରା ଭିତରେ ଲୁଚି ରହିଛି ଭିନ୍ନ ଏକ ପ୍ରକୃତି । ଯାହାକୁ କି ସେ ଖୁବ୍ ସଚେତନ ଭଙ୍ଗୀରେ, ଆଦବ୍ କାଇଦାରେ ଶିକ୍ଷି ନେଇଥାଏ ସମାଜ ପାଖରୁ ତଥା ସମାଜ ଜୀବନରୁ। ଅଭ୍ୟସ୍ତ ହୋଇଯାଇଥାଏ । କିନ୍ତୁ ସାମାନ୍ୟ ସୁଯୋଗ ପାଇବା କ୍ଷଣି ପ୍ରକୃତିସ୍ଥ ହୋଇ ଅନ୍ତଃ ପ୍ରକୃତିକୁ ଉନ୍ମୁକ୍ତ କରିଦିଏ। କେବଳ ଉପହାସର ଭୟରେ ଯାହା ସୀମିତ ସମୟ ପାଇଁ ନିଜକୁ ନିଜେ ତିଆରି ନିଏ । ସଜେଇ ନିଏ – "ଏକୁଟିଆ ଥିଲାବେଳେ ଏ ଅନୁଭବ ହୁଏନାହିଁ, ଘରେ ଥିବାବେଳେ ମୁହଁ ଦେହର ଭାବଭଙ୍ଗୀ ସହଜ ଥାଏ ସତ, କିନ୍ତୁ ନିୟମର ଡୋରି ସେ ଛିଡ଼େଇ ପାରନ୍ତି ନାହିଁ, ତେଣୁ ହାଇ ମାଡ଼େ । ଏତେବେଶି ସେ ପଡ଼ିଯାଇ ଥାଆନ୍ତି ନିୟମର ଅଭ୍ୟାସରେ ଯେ ନିରନ୍ତର କାମରେ ଲାଗିଥିବା ସତ୍ତ୍ୱେ ବେଳେବେଳେ ମୁଣ୍ଡଟା ଶୋଇପଡ଼େ ।"(ମେକ୍‌ଅପ୍, ପୃ.-୯୪) ଯାହାକି 'ମେକଅପ୍' ଗଳ୍ପର ଭାବସ୍ୱର ।

ମଣିଷର ବୟସ ଯେତେ ଅତିକ୍ରାନ୍ତ ହେଲେ ମଧ୍ୟ ସୌନ୍ଦର୍ଯ୍ୟବୋଧ ତା' ହୃଦୟରୁ କେବେ ଟଳି ପାରେ ନାହିଁ । ପ୍ରତିଟି ସୋପାନରେ ସେ ନିଜକୁ ସମାଜ ଆଗରେ ସଜେଇ ହୋଇ ପରିବେଷଣ କରିବାକୁ ଚାହେଁ । କିନ୍ତୁ ପ୍ରକୃତ ଚେହେରାରୁ କେବେ ମୁହଁ ଫେରାଇ ପାରେ ନାହିଁ କି ସମାଜ ଆଗରେ ଅଛପା ରଖିପାରେ ନାହିଁ । ଯେତେ ଚେଷ୍ଟା କଲେ ମଧ୍ୟ ବୟସର ଅପରାହ୍ଣ ତାକୁ ସ୍ପଷ୍ଟ ରୂପେ ଦର୍ଶାଇ ଦିଏ। ପରିଶେଷରେ ନିଜ ସୌନ୍ଦର୍ଯ୍ୟ, କର୍ମ ପ୍ରତି ସେ ସଚେତନ ହୁଏ ସିନା; କିନ୍ତୁ ସମୟକ୍ରମେ ପରିବର୍ତ୍ତନ ହେଉଥିବା ଏସବୁକୁ ସେ ଟାଳିପାରେ ନାହିଁ । ପ୍ରକୃତରେ କହିବାକୁ ଗଲେ ଟାଳିବାର ଶକ୍ତି, ସାମର୍ଥ୍ୟ ନଥାଏ ତା' ଭିତରେ । ଯାହାକୁ କି ଗାଳ୍ପିକା ମିଶ୍ର ଜଣେ ନାରୀ ମନସ୍ତତ୍ତ୍ୱ ମଧ୍ୟଦେଇ 'ନିଜ ଛବି' ଗଳ୍ପରେ ଦର୍ଶାଇଛନ୍ତି ।

ସୁଚିତ୍ରା ନାମକ ଚରିତ୍ର ବୃତ୍ତିରେ ଜଣେ ଡାକ୍ତର। କୌଣସି ଏକ ଫର୍ମ ନିମିତ୍ତ ତାଙ୍କର ପାସ୍‌ପୋର୍ଟ ସାଇଜର ଫଟୋ ଆବଶ୍ୟକ ପଡ଼େ । ଯାହାକୁ ନେଇ ତାଙ୍କ ମନରେ ସୃଷ୍ଟି ହୁଏ ଦ୍ୱନ୍ଦ୍ୱ । ଦ୍ୱନ୍ଦ୍ୱ ଫର୍ମ ପାଇଁ ନୁହେଁ ବରଂ ଫଟୋଟି ଭଲ ଉଠି ନଥିବା ପାଇଁ । ତେଣୁ ନିଜ ବୟସକୁ ତଥା ବୟସ୍କ ମନୋଭାବକୁ କିଛିଦୂର ପଛକୁ ନେଇଯାଇ ଫଟୋ ଭିତରେ ସୌନ୍ଦର୍ଯ୍ୟବୋଧକୁ ଦର୍ଶାଇବା ପାଇଁ ଚେଷ୍ଟା କରିଛନ୍ତି। ମାତ୍ର ଅତିକ୍ରାନ୍ତ ସମୟ ଆଗରେ ହାର ମାନି ଶେଷରେ ସେଇ ପୁରୁଣା ଫଟୋଟିକୁ ଫର୍ମରେ ଦେବାପାଇଁ ବାଧ ହୋଇଛନ୍ତି। କାରଣ ସମୟ ଆଗରେ ସବୁ ମଣିଷ ସମାନ । ସେ ଧନୀ ହେଉ ବା ଗରିବ, ମୂର୍ଖ ହେଉ ବା ଶିକ୍ଷିତ। ସମୟର ଶକ୍ତି ନିକଟରେ ମନୁଷ୍ୟର ଶକ୍ତି ଖୁବ୍ କମ୍। ଯାହାର ଦୃଷ୍ଟାନ୍ତ ଏହିପରି – "ଆଉ ଟିକିଏ ପରେ ଯେଉଁ ଅକୃତଜ୍ଞ ମୁହଁଙ୍କର ଧାଡ଼ି ମୋ ପାଖକୁ ଲମ୍ବିବେ, ସେମାନେ କ'ଣ ସତରେ ମୋ ବିରୋଧରେ ଅଭିଯୋଗ, ଅସନ୍ତୋଷ ନେଇ ଫେରୁଥିବେ? ସେସବୁ ବିଷୟରେ ମୁଁ କେତେ ବା ମୁଣ୍ଡ ଖେଳେଇ ପାରିବି ? ମୋର କେତେ ଶକ୍ତି ?"(ନିଜଛବି, ପୃ.-୧୦୨) ସମୟର ଶକ୍ତି ନିକଟରେ ମଣିଷର ଶକ୍ତି ଯେ ସାମାନ୍ୟ : ଏହାହିଁ 'ନିଜ ଛବି' ଗଳ୍ପର ଭାବସ୍ୱର ।

'ସେତୁ' ଗଳ୍ପରେ ମଧ୍ୟ ଗାଳ୍ପିକା ସେଇ ସମାନ କଥା କହିଛନ୍ତି। ନାରୀ ଜୀବନର ନିଃସଙ୍ଗତା, ଏକାକୀତ୍ୱବୋଧ, ଅସହାୟତା ତଥା ଜଣେ ସ୍ତ୍ରୀ ମନରେ ଥିବା ବୈବାହିକ ସମ୍ପର୍କକୁ ନେଇ ଭୟ, ଆଶଙ୍କା ମନୋଭାବକୁ ସ୍ପଷ୍ଟ ରୂପେ ବର୍ଣ୍ଣନା କରିଛନ୍ତି ଏବଂ ବର୍ଣ୍ଣନା କରିଛନ୍ତି ପୁରୁଷ ମନର ଅଚରିତାର୍ଥ ଭୋଗବିଳାସ । ଯାହା ଯୁଗେ ଯୁଗେ ମଣିଷକୁ ଅଥୟ କରିଛି। ବିପଥଗାମୀ କରିଛି, ଭୁଲ କରିବାକୁ ପ୍ରଶ୍ରୟ ଦେଇଛି। ଯାହାର ଫଳସ୍ୱରୂପ ଅନେକ ଯୁବତୀ ମିଥ୍ୟା, ଲାଞ୍ଛନା, ଅତ୍ୟାଚାରର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏହାର ପ୍ରମାଣ 'ସେତୁ' ଗଳ୍ପରେ ଥିବା ମୋନା ଓ ଦିନେଶ ଚରିତ୍ର ମଧ୍ୟ ଦେଇ ଗାଳ୍ପିକା ଦର୍ଶାଇଛନ୍ତି ଏବଂ ଅପର ପାର୍ଶ୍ୱରେ ନାରୀ ମନରେ ଥିବା ଅସରନ୍ତି କୋହ, ଲୁକ୍କାୟିତ ଅବସ୍ଥାରେ ଥିବା ଅନ୍ତର ବେଦନା, ମାନସିକ ଚିନ୍ତା, ଭାରାପ୍ରାପ୍ତ ପରିସ୍ଥିତିର କଠୋର ପରିଣତି ଆଦିକୁ ସୁମତି ଚରିତ୍ର ମଧ୍ୟ ଦେଇ ବର୍ଣ୍ଣନା କରିଛନ୍ତି ।

ଏ ସମସ୍ତ ଦୃଶ୍ୟ ନିମିତ୍ତ ଗଳ୍ପର ମୁଖ୍ୟ କେନ୍ଦ୍ରବିନ୍ଦୁ ରୂପେ ଜଣେ ଗରିବ, ସାହସୀ, କର୍ମପରାୟଣା ଦୁଃଖୀ କିଶୋରୀକୁ ଗାଳ୍ପିକା ମୁଖ୍ୟ ଚରିତ୍ର ରୂପେ ଗ୍ରହଣ କରିଛନ୍ତି । ଯେ କି ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଘର ଛାଡ଼ି ଦିନ ଦିନ ଧରି ବାହାରେ ବୁଲିଛି । ଦୁନିଆ ଆଖିରେ ନିନ୍ଦାର ପାତ୍ରୀ ସାଜିଛି । କିନ୍ତୁ ପରପୁରୁଷର ଭୁଲ ନିକଟରେ ସେ ନିଜର ସତୀତ୍ୱର ପ୍ରମାଣ ଦେଇପାରି ନାହିଁ। ସମାଜ ଆଖିରେ ଘୃଣ୍ୟ, ଅବହେଳିତ ହୋଇଛି । ଅର୍ଥାତ୍ ମୋନା ଚରିତ୍ରଟିକୁ ସୁମତି ସନ୍ଦେହ କରିଛନ୍ତି । ଏଣୁ ନିଜ ସଂସାରକୁ ବଞ୍ଚାଇବା ଭୟରେ ଆପଣା ଇଚ୍ଛାକୁ ମାରି, ନିରୂପାୟ ହୋଇଯାଇଛନ୍ତି । ଦୃଷ୍ଟାନ୍ତ – "ଖରାରେ କୁହୁଡ଼ି ପରି ଅଦୃଶ୍ୟ ହୋଇଯାଉଥିଲା ମୋନା । ତାକୁ ରୋକିବି କୋଉଥି ଲାଗି ? ହେଲେ ଦିନେଶ ଆସି ପହଞ୍ଚି ଯିବେ ଏହିକ୍ଷଣି । ସେତୁ ଭାଙ୍ଗିଯିବ, ତୋ ଉପରେ କାଳେ ରାଗିଥିବି ବୋଲି ମୋନା ତୁ ମୋ'ପାଇଁ ମେହେନ୍ଦୀପୁଡ଼ା କିଣି ଆଣିଦେଲୁ, ଆଉ ଏବେ କ'ଣ ମୋ ନିରୂପାୟ ଅବସ୍ଥା ବୁଝିବୁ ନାହିଁ?"(ସେତୁ, ପୃ.-୧୧୫) ନାରୀ ମନରେ ନିଜ ସ୍ୱାମୀକୁ ବାନ୍ଧି ରଖିବାର ପ୍ରୟାସ ଏବଂ ତଦ୍‌ଜନିତ ବିଚ୍ଛେଦବୋଧ ହିଁ ଏ ପ୍ରକାରର ଉକ୍ତିର ମୂଳ ତାତ୍ପର୍ଯ୍ୟ ।

'ଉର୍ମିଳାଙ୍କ କାନ୍ଦ' – ନିଚ୍ଛକ ନାରୀ ମନସ୍ତତ୍ତ୍ୱର ସ୍ପଷ୍ଟ ଦୃଷ୍ଟାନ୍ତ। କର୍ମମୟ ସାଂସାରିକ ଜୀବନ ଜଞ୍ଜାଳ ମଧ୍ୟରେ ଛନ୍ଦି ହୋଇ ସ୍ୱାମୀଟିଏ ନିଜ ବ୍ୟସ୍ତବହୁଳ ଜୀବନରେ ବ୍ରତୀ ଥିବା ବେଳେ ଅପର ପାର୍ଶ୍ୱରେ ସ୍ତ୍ରୀଟିଏ ସ୍ୱାମୀ ନିକଟରୁ ଆଶା କରୁଥିବା ସ୍ନେହ, ପ୍ରେମ, ଆଦର, ଭଲପାଇବା, ଯତ୍ନରୁ ବଞ୍ଚିତ ହୋଇ କିମ୍ବା ଉପଯୁକ୍ତ ସମୟରେ, ଉପଯୁକ୍ତ ମାତ୍ରାରେ ନପାଇ ପ୍ରତି ମୁହୂର୍ତ୍ତରେ ଅଭିମାନଭରା ହୃଦୟରେ ଆଖିରୁ ଲୋତକ ଝରାଇଛି । କିନ୍ତୁ ପାଟି ଖୋଲି ଯୁକ୍ତି କରିବାର ପ୍ରୟାସରୁ ଦୂରେଇ ରହିଛି । ନିଜକୁ ନିଃସଙ୍ଗ, ଏକାକୀ, ଅସହାୟ ମନେକରି ସାଂସାରିକ ଜୀବନର ଛୋଟ ବଡ଼ କଥାରେ ଛୋଟପିଲାଙ୍କ ଭଳି ଅବୁଝା ଲୁହ ଗଡ଼ାଇଛି । ଏ ପ୍ରକାର କ୍ରିୟାକଳାପରେ ଚିନ୍ତିତ ସ୍ୱାମୀ ସ୍ତ୍ରୀର ପ୍ରତିଟି କଥାକୁ, ଆତ୍ମବିଶ୍ୱାସକୁ, ଉତ୍ସାହକୁ ନିରେଖି ଅନୁଭବ କରିଛି ଏବଂ ଶେଷରେ ନିଜକୁ ସାନ୍ତ୍ୱନା ଦେଇଛି । ଅର୍ଥାତ୍ ସ୍ତ୍ରୀର ଆଖି ଲୁହରେ ଅଥୟ ହୋଇପଡୁଥିବା ସ୍ୱାମୀ ଜଣକ ସ୍ତ୍ରୀକୁ ବୁଝାଇବା ପାଇଁ ଚେଷ୍ଟା କରିଛି । ଖୁସି ଦେବା ପାଇଁ ପ୍ରୟାସ କରିଛି । ଆଉ ଶେଷରେ ସ୍ତ୍ରୀ ଓଠରେ ହସ ଦେଖି ସେ ନିଶ୍ଚିନ୍ତ ହୋଇଯାଇଛି । ଦୃଷ୍ଟାନ୍ତ – "ତେବେ ପ୍ରତିକ୍ରନ୍ଦନର ସମୟ ପରିମାପ କମ୍ ବେଶି ହେଉ ପଛକେ, ଶେଷ ପର୍ଯ୍ୟାୟଟି ନିଶ୍ଚୟ ସୁଖଦ ହେଇଛି ଓ ସୁବାସବାବୁ ନିଜକୁ ବଧାଇ ଦେଇଛନ୍ତି – ନା, ମୁଁ ଉର୍ମିଳାକୁ ଦୁଃଖ ଦେଇନାହିଁ ।"(ଉର୍ମିଳାଙ୍କ କାନ୍ଦ, ପୃ.-୧୧୯) ଏଣୁ ନିଜକୁ ଦୋଷୀ ମନେ କରୁଥିବା ସ୍ୱାମୀ ଶେଷରେ ସ୍ତ୍ରୀର ଖୁସିରେ ନିଶ୍ଚିନ୍ତ ହୋଇଛି, ନିଜକୁ ବଧାଇ ଦେଇଛି ।

ଅପର ପାର୍ଶ୍ୱରେ ଉର୍ମିଳା କିନ୍ତୁ ପ୍ରତିଟି କ୍ରନ୍ଦନ ଶେଷରେ ମନେମନେ ଗର୍ବ ଅନୁଭବ କରନ୍ତି । କାରଣ ତାଙ୍କର କ୍ରନ୍ଦନ ଦେଖି ସୁବାସ ବାସ୍ ତାଙ୍କ ଉପରେ ଭଲପାଇବାକୁ ଅଜାଡ଼ି ଦିଅନ୍ତି, କ୍ରନ୍ଦନ ପାଇଁ ଚିନ୍ତିତ ହୁଅନ୍ତି । ଆଉ ଉର୍ମିଳାଙ୍କର ଯତ୍ନ ନିଅନ୍ତି । ତେଣୁ ଉର୍ମିଳା ନିଜ ଲୁହକୁ ମାଧ୍ୟମ କରି ସର୍ବଦା ସୁବାସବାବୁଙ୍କୁ ନିଜ ପ୍ରତି ତଥା ନିଜ ସଂସାର ପ୍ରତି ଆକର୍ଷିତ କରିବା ପାଇଁ ଚେଷ୍ଟା କରନ୍ତି ଏବଂ ଶେଷରେ ଗଡ଼ ଜିତିଲା ପରି କୁହନ୍ତି – "ଯାହାହେଉ, କାନ୍ଦିଲି ବା ଅକାରଣ

କେତେ ସମୟ, ଏଇ ଲୁହ ବଳରେ ତ ବାନ୍ଧିପାରିଚି ମୋ ସ୍ୱାମୀଟିକୁ। କେତେଜଣ ଭଲା ପାରନ୍ତି ଏମିତି ?"(ପୃ.-୧୧୮) ଲୁହ ହିଁ ଊର୍ମିଳା ଏବଂ ସୁବାସବାବୁଙ୍କ ମଧ୍ୟରେ ଏକ ଯୋଗସୂତ୍ର ପାଲଟିଛି ।

**ଉପସଂହାର :**

ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ ପରିଲକ୍ଷିତ ହୁଏ ଯେ, ଯଶୋଧାରା ମିଶ୍ରଙ୍କ 'ଜହ୍ନରାତି' ଗଳ୍ପ ସଂକଳନଟି ନାରୀ ମନସ୍ତତ୍ତ୍ୱ ଆଧାରିତ ଭାବବସ୍ତୁକୁ ନେଇ ଗଢ଼ା । କେତେବେଳେ ନାରୀଟି ନିଜ ସନ୍ତାନକୁ ନେଇ ଚିନ୍ତିତ, ତ ପୁଣି କେତେବେଳେ ନିଜ ସୌନ୍ଦର୍ଯ୍ୟବୋଧ ପ୍ରତି ସଚେତନା । କେତେବେଳେ ନିଜ ଅସହାୟତା, ନିଃସଙ୍ଗତା ଓ ଏକାକୀତ୍ୱକୁ ପାଶୋରିବା ପାଇଁ ଚେଷ୍ଟିତା, ତ ପୁଣି କେତେବେଳେ ଅନ୍ୟ ଯୁବତୀଠାରୁ ନିଜ ସ୍ୱାମୀଙ୍କୁ ଦୂରେଇବା ନିମିତ୍ତ ପ୍ରୟାସରତା । ପ୍ରତିଟି ସମୟ, ପ୍ରତିଟି ପରିସ୍ଥିତିରେ ନାରୀ ମନର ଆବେଗ, ଅନ୍ତଃଦ୍ୱନ୍ଦ୍ୱ, ଉତ୍ସାହ, ଯନ୍ତ୍ରଣା, ଭୟ, ଅସହାୟତା, ନିଃସଙ୍ଗତା, ଏକାକୀତ୍ୱବୋଧ, ସୌନ୍ଦର୍ଯ୍ୟଚେତନା, ପୂର୍ବ ସ୍ମୃତି, ସ୍ୱାମୀକୁ ନିଜ ଆଡ଼କୁ ଆକର୍ଷିତ କରିବାର ଅଭିପ୍ରାୟ, ନିଜ ସଂସାରକୁ ବାନ୍ଧି ରଖିବାର ପ୍ରୟାସ ଆଦି ମୁଖ୍ୟ ରୂପେ ପ୍ରତିଫଳିତ । ମୋଟାମୋଟି ଭାବରେ କହିଲେ, ନାରୀ ଜୀବନର, ଅନ୍ତରର ସମସ୍ତ କଥା ଓ ଭାବନା 'ଜହ୍ନରାତି' ଗଳ୍ପ ସଂକଳନରେ ଖୋଲାଖୋଲି ଭାବରେ ବର୍ଣ୍ଣନା କରାଯାଇଛି । ଯେଉଁଥିରୁ ନାରୀ ମନସ୍ତତ୍ତ୍ୱର ବହୁ ପାକ୍ଷିକ ରୂପଚିତ୍ରର ପ୍ରମାଣ ମିଳିଥାଏ । ଗାଳ୍ପିକା ମିଶ୍ରଙ୍କ ଦ୍ୱନ୍ଦ୍ୱବୋଧ, ଦ୍ୱିଧାଗ୍ରସ୍ତ ଅନୁଭବ ହିଁ 'ଜହ୍ନରାତି' ଗଳ୍ପ ସଂକଳନରେ ନିଃସଙ୍ଗତା ଓ ଏକାକୀତ୍ୱର ପ୍ରକୃତ ପରିଚୟ । ନାନା ବାଗରେ, ନାନା ଭାବରେ, ନାନା ରୂପରେ ଚିତ୍ରିତା ନିଃସଙ୍ଗ ନାରୀ ହିଁ ପ୍ରତ୍ୟେକ ଗଳ୍ପର କେନ୍ଦ୍ରବିନ୍ଦୁ ।

**ସହାୟକ ଗ୍ରନ୍ଥସୂଚୀ :**


୧. କର, ବାଉରୀବନ୍ଧୁ - ଓଡ଼ିଆ ସାହିତ୍ୟର ଇତିହାସ, ପ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୫

୨. ଖୁଣ୍ଟିଆ, ଡ.ବ୍ରହ୍ମାନନ୍ଦ - ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଗଳ୍ପସ୍ରଷ୍ଟା, ନବଦିଗନ୍ତ, କଟକ, ୨୦୧୬

୩. ମହାରଣା, ସୁରେନ୍ଦ୍ର କୁମାର - ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍‌ଷ୍ଟୋର୍, କଟକ, ୨୦୧୫

୪. ମିଶ୍ର, ଯଶୋଧାରା - ଜହ୍ନରାତି, ବ୍ଲାକ୍‌ଇଗଲ ବୁକ୍ସ, ୨୦୧୯

୫. ସାମଲ, ବୈଷ୍ଣବଚରଣ - ଓଡ଼ିଆ ଗଳ୍ପ ଉନ୍ମେଷ ଓ ଉତ୍ତରଣ, ପ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୯୮


❖ ❖ ❖

DOI : https://doi.org/10.5281/zenodo.17550742 ମୂଳ ପ୍ରବନ୍ଧ

# ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ଅପପୁଷ୍ଟି ପ୍ରସଙ୍ଗ

**ତୃପ୍ତିମୟୀ ଭୋଇ**

**ସଂକ୍ଷିପ୍ତସାର :**

ଏକବିଂଶ ଶତାବ୍ଦୀ କେବଳ ସାମାଜିକ ପ୍ରଗତି କ୍ଷେତ୍ରରେ ନୁହେଁ, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ୍ୟ ବହୁ ନୂତନ ସମ୍ଭାବନାର ଦ୍ୟୋତକ। ସମୟର ପରିବର୍ତ୍ତନ ଓ ଜୀବନଚର୍ଯ୍ୟାର ଅଭିନବତା ସହ ସାମାଜିକ ମୂଲ୍ୟବୋଧରେ ଘଟିଛି ବହୁ ପରିବର୍ତ୍ତନ । ଚିରାଚରିତ ଉନ୍ନତିର ଆଳରେ ମୁଣ୍ଡ ଟେକିଛି ଅନେକ ସମସ୍ୟା । ଯାହା ରହିଯାଇଛି ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ । ସେଇ ସବୁ ସମସ୍ୟା ମଧ୍ୟରେ ଏକ ପ୍ରମୁଖ ସମସ୍ୟା ହେଉଛି ଅପପୁଷ୍ଟି । ଯାହାକୁ ମୂଳ ପ୍ରସଙ୍ଗ କରି ଓଡ଼ିଆ ସାହିତ୍ୟରେ ଉପନ୍ୟାସ ରଚନା କରାଯାଇଛି । ସେସବୁର ଆଲୋଚନା ଓ ଆକଳନ ଏହି ପ୍ରବନ୍ଧର ମୂଳ ଲକ୍ଷ୍ୟ ।

**ପ୍ରମୁଖ ଶବ୍ଦାବଳୀ :**

ଏକବିଂଶ ଶତାବ୍ଦୀ, ଓଡ଼ିଆ ଉପନ୍ୟାସ, ଅପପୁଷ୍ଟି (Malnutrition), ଭୋକ(Hunger), ନଗଡ଼ା

**ବିଷୟବସ୍ତୁ :**

ଓଡ଼ିଶା ତଥା ସାରା ଭାରତବର୍ଷର ଏକ ବିକଟ ସମସ୍ୟା ହେଉଛି ଅପପୁଷ୍ଟି (Malnutrition) ଓ ଭୋକ(Hunger) । ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ଯୁଗରେ ଯେଉଁଠି ବୈଜ୍ଞାନିକମାନେ ଚନ୍ଦ୍ରରେ ପାଦ ପକାଇ ସାରିଲେଣି ସେହିଭଳି ଏକ ଉନ୍ନତ ଦେଶ ଭାରତବର୍ଷ ହେଉ କି ଭାରତ ମଧ୍ୟରେ ଥିବା ଯେକୌଣସି ରାଜ୍ୟ ହେଉ କି ସାରା ପୃଥିବୀ ହେଉ ଭୋକ ଓପାସରେ ଶିଶୁ ମରିବା କଥା ଏକ ନିନ୍ଦନୀୟ ଘଟଣା । ଏହି ଉତ୍ତର ଆଧୁନିକ ଯୁଗରେ ଶିଶୁ ଅପପୁଷ୍ଟିଜନିତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ହେବା ଏହା ଆମ ପାଇଁ ଯେତିକି ଲଜ୍ୟାକର ଘଟଣା ସେତିକି ଗମ୍ଭୀର ସମସ୍ୟା ମଧ୍ୟ ।

ଶିଶୁମଡ଼କ ଓ ବିପର୍ଯ୍ୟସ୍ତ ସାମାଜିକ ଆର୍ଥିକ ସ୍ଥିତାବସ୍ଥା ପାଇଁ ସମଗ୍ର ଦେଶରେ ଚର୍ଚ୍ଚାକୁ ଆସିଥିଲା ନଗଡ଼ା । ୧୯୧୬ ମସିହା ଜୁନ୍ ୩୦ରେ ତିନି ମାସରେ ଉଣେଇଶ ଜଣ ଶିଶୁଙ୍କ ମୃତ୍ୟୁ ସମ୍ପର୍କିତ ଖବର ପାଇଁ ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ କାଳିଆ ପାଣି ନିକଟସ୍ଥ 'ନଗଡ଼ା' ଯାହାକୁ ଭୋକର ଭୂଗୋଳ କୁହାଯାଏ । ନଗଡ଼ା ଏକ ବାସ୍ତବତା, କୌଣସି ମିଥ୍ୟା କିମ୍ବା କଳ୍ପନାରେ ଗଢ଼ା କାହାଣୀ ନୁହେଁ । ଭାରତ ଦେଶ ତଥା ଓଡ଼ିଶା ରାଜ୍ୟର ବୃହତ୍ତମ ଖଣିଜ ସମ୍ପଦ ଭରା 'ସୁକିନ୍ଦା' ମାନଚିତ୍ରରେ ଏହା ଗୋଟେ ଜୀବନ୍ତ ଉଦାହରଣ । ଯାହାର ମାଟି ତଳେ କୋଟି କୋଟି ଟଙ୍କାର ଖଣିଜ ସଂପଦ ଭରା ଯାହା ଦେଶ ବିଦେଶକୁ ଉଦ୍ୟୋଗକୁ ଦେଇଛି ଲକ୍ଷ ଲକ୍ଷ ଟଙ୍କାର ମୁନାଫା । କିନ୍ତୁ ଆଜି ଆମ ଦେଶ ତଥା ରାଜ୍ୟ ଏକବିଂଶ ଶତାବ୍ଦୀରେ ଆସି ପହଂଚି ଗଲାଣି ତଥାପି ନଗଡ଼ା ବାସୀ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ । ଯେଉଁଠି ମୁଠାଏ ଖାଇବାକୁ ନପାଇ ଶହ ଶହ ଶିଶୁ ଅପପୁଷ୍ଟିର ଶିକାର ହେଉଛନ୍ତି । ପାଣି ଟୋପେ ପିଇବା ପାଇ ମିଳି ନାହିଁ, ବିଜୁଳି ଆଲୁଅ ଏଠି ତ ସାତ ସପନ । ଏତେ ନିରୀହ ଜୁଆଙ୍ଗ ଜାତି ଯେ ସେ ଚିକିତ୍ସା କ'ଣ ଜାଣେ ନାହିଁ । ଅନେକ ଲୋକ ଅଧୁନା ଚିକିତ୍ସାର

**ଯୋଗାଯୋଗ :**
**ତୃପ୍ତିମୟୀ ଭୋଇ,** ଅଧ୍ୟାପିକା, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଜଗତସିଂହପୁର
**Email:** truptimayeebhoi123@gmail.com
**ORCID ID:** https://orcid.org/0009-0008-8915-604X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୭.୦୫.୨୦୨୫ | ୧୧.୦୬.୨୦୨୫ | ୨୫.୦୮.୨୦୨୫ | ୧.୦୯.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଭୋଇ, ତୃପ୍ତିମୟୀ ;୨୦୨୫। ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ଅପପୁଷ୍ଟି ପ୍ରସଙ୍ଗ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଚ, ପୃଷ୍ଠା : ୫୩-୬୦।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.17550742
Article No - BPP00338

ବିକଳ୍ପରେ ଗୁଣି, ଗାରେଡ଼ି, ଝଡା ଫୁଙ୍କା ଏବଂ ଅନ୍ଧବିଶ୍ୱାସକୁ ଆଶ୍ରୟ କରିଥାନ୍ତି । ଏଠିକାର ଜଳବାୟୁ ଖଣିଜ ପଦାର୍ଥ, ଧୂଳି ଓ ବିଷାକ୍ତ ରାସାୟନିକ ପଦାର୍ଥରେ ଏତେ ଦୂଷିତ ଯେ ଆଦିବାସୀ ଲୋକମାନେ ନାନାପ୍ରକାର ଜଟିଳ ରୋଗରେ ପୀଡିତ ହେଉଛନ୍ତି । ସେମାନେ ନିଜ ଭିଟାମାଟିରେ ନିଜେ ଅସହାୟ, ନିଜେ ଅଭିଶପ୍ତ । ଏହି ନଗଡ଼ା ଶିଶୁ ମଡ଼କ ଘଟଣା ଓଡ଼ିଶା କାହିଁକି ସାରା ଭାରତରେ ଚହଳ ପକାଇଥିଲା । ଏହି ନଗଡ଼ା ତଥା ଅପପୁଷ୍ଟି ଜନିତ ସମସ୍ୟାକୁ ଭିତ୍ତି କରି ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ଯୋଦ୍ଧା' (୨୦୧୭) ଓ 'ନଶ୍ୱର ଗଡ଼ର ଡାକବାଜି' (୨୦୨୧), ମମତାମୟୀ ଚୌଧୁରୀଙ୍କ 'ଲୁହା'(୨୦୨୨) ଉପନ୍ୟାସ ରଚିତ ।

**ଆଲୋଚନା :**

**ଯୋଦ୍ଧା (୨୦୧୭) :**

ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ଯୋଦ୍ଧା' (୨୦୧୭) ଉପନ୍ୟାସ ନଗଡ଼ା ପୃଷ୍ଠଭୂମି ଉପରେ ଆଧାରିତ । ଏହି ଉପନ୍ୟାସଟି ପ୍ରଥମେ ୨୦୧୭ ମସିହା କଥା ପତ୍ରିକାର ଫେବୃଆରୀ ସଂଖ୍ୟାରେ ପ୍ରକାଶ ପାଇଥିଲା । ପରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି । ଯାଜପୁର ଅନ୍ତର୍ଗତ ନଗଡ଼ା ହେଉଛି ଜୁଆଙ୍ଗ ଅଧିବାସୀଙ୍କର ବିପର୍ଯ୍ୟସ୍ତ ଭୋକର ଭୂଗୋଳ । ଅପପୁଷ୍ଟିଜନିତ ଉଣେଇଶି ଜଣ ଶିଶୁ ମୃତ୍ୟୁ ଓ ବିପର୍ଯ୍ୟସ୍ତ ସାମାଜିକ, ଆର୍ଥିକ ଅବସ୍ଥା ପାଇଁ ସମଗ୍ର ଦେଶରେ ଚର୍ଚ୍ଚାକୁ ଆସିଥିଲା ନଗଡ଼ା । ସେଇ ଅପପୁଷ୍ଟିଗତ ଭୂଖଣ୍ଡର କାହାଣୀ ହେଉଛି 'ଯୋଦ୍ଧା'ଉପନ୍ୟାସ। ଯେଉଁଥିରେ ନାବାଳକ ସୁନିଆଁ ଯୋଦ୍ଧାଟିଏ ହୋଇ ବାଟ କଢ଼େଇ ନେଇଥିଲା ଯେ ଏକବିଂଶ ଶତାବ୍ଦୀରେ ମଧ୍ୟ ଶିଶୁମାନେ ଖାଇବାକୁ ନପାଇ ଭୋକ ଉପାସରେ ଅକାଳରେ ମରିଯାଉଛନ୍ତି । 'ଭୋକ' ବି ହୋଇପାରେ ମୃତ୍ୟୁର କାରଣ ଯାହାକି ଏ ଉପନ୍ୟାସରେ ମୌଳିକ ଅଭିବ୍ୟକ୍ତି। ସୁନିଆଁ ହେଉଛି ଉପନ୍ୟାସର କୁନି ଯୋଦ୍ଧା ଯିଏକି ତାର ଭାଇ ଚରଣକୁ ବଞ୍ଚେଇବା ପାଇଁ ସଂଘର୍ଷ କରିଛି।

ଉପର, ତଳ, ମଝି ନଗଡ଼ା ମିଶିକି ଅଛି ଯେଉଁଠି ଆଦିବାସୀ ଜୁଆଙ୍ଗମାନେ ବସବାସ କରନ୍ତି । ଉପର ନଗଡ଼ାରେ ନିଧିଆ ଓ ଚୁକେଇ ବସବାସ କରନ୍ତି। ତାଙ୍କର ତୁଳସୀ, ସୁନିଆଁ, ମାଙ୍ଗିଳି, ମାନସି, ରାଜସୁ ଓ ଚରଣକୁ ମିଶାଇ ଛଅଟି ସନ୍ତାନ ପୁଣି ଗୋଟେ ପେଟରେ। ଏତେ ଗୁଡ଼ିଏ ସନ୍ତାନ ଜନ୍ମ କରିଥିଲେ ମଧ୍ୟ ନିଧିଆ ଓ ଚୁକେଇର ଚିନ୍ତା ଟିକିଏ ମଧ୍ୟ ନଥିଲା କିଏ ମଲା କିଏ ହଜିଲା । ପୁଅ ରାଇସୁ ଭୋକ ଓ ଖାଦ୍ୟ ଅଭାବରେ ମୃତ୍ୟୁବରଣ କରିଛି । ରାଇସୁ ପରି ଜାଇନ ପ୍ରଧାନ, ମଙ୍ଗଲ, ବିକ୍ରମ, ନଟରାମ ଆଦିଙ୍କ ଛୁଆ ଅପପୁଷ୍ଟି ଶିକାର ହୋଇଥିଲେ। ରାଇସୁର ମୃତ୍ୟୁ ବଡ଼ ଭାଇ ସୁନିଆଁକୁ ଦେଇଛି ଗଭୀର ମାନସିକ ଯନ୍ତ୍ରଣା । ତାକୁ ଅନୁଭବ ହେଉଥିଲା ଭାଇ ରାଇସୁ ମରିଯିବା ରେ ମଧ୍ୟ ପୁନର୍ଜନ୍ମ ନେଇଛି ପକ୍ଷୀ ରୂପରେ । ସେ ପକ୍ଷୀର ଆଖିରେ ଭାସୁଥିଲା ଡ଼ିମା ଆଖିଆ, ଥନ୍ତଲପେଟିଆ ରାଇସୁର ମୁହଁ । ସୁନିଆଁକୁ ରାଇସୁ ଯେମିତି ଡାକୁଥିଲା, ପକ୍ଷୀ ବସୁଥିବା ଗଛ କୋରଡରେ ପାଣି ଦେଇଛି, ଭାତ ତୁଣ ତରକାରୀ ଦେଇଛି ଯାହାଫଳରେ ଗ୍ରାମସିରି ମାରା ହୋଇଗଲା ବୋଲି ପଧାନ, ନାଗମ, ଗାଁବାଲାଙ୍କର ଆକ୍ରୋଶର ଶିକାର ହୋଇଛି । ଏପରିକି ଘରେ ମା, ବାପାଙ୍କ ଠାରୁ ମାଡ଼ ମଧ୍ୟ ଖାଇଛି । ରାଇସୁ ପରି ଚରଣର ମଧ୍ୟ ଦେହ ତାତିଛି । ନଗଡ଼ାର ଜୁଆଙ୍ଗମାନେ ଭାବୁଥିଲେ ଗ୍ରାମସିରି କୋପ କରିଥିବାରୁ ଛୁଆଗୁଡ଼ିକ ମରିଯାଉଛନ୍ତି । "ଖାଲି ଏକା ରାଇସୁ ନୁହେଁ, ନଗଡ଼ାର ତିନି ସାହିରେ ସବୁ ଛୁଆଙ୍କ ଜୀବନ ଭାରି ଶସ୍ତା । କେତେବେଳେ କିଏ ଜନ୍ମ ନଉଛି, କେତେବେଳେ କିଏ ଆଖି ବୁଜି ଦଉଛି ତା'ର ହିସାବ ରଖିବାକୁ କେହି ନାହିଁ । ତାଙ୍କ ଘରର ଆଖପାଖରେ ଏଇ କେଇଦିନ ଭିତରେ କେତେ ଛୁଆ ମରିଗଲେଣି କଷ୍ଟ, ମୋଗଲ, ଚେଙ୍ଗ ଏବଂ ଆହୁରି କୋଳରେ ଥିବା ଆଉ ଦି' ତିନିଟା ଛୁଆଁ ଗାତ ଭିତରେ ମାଟି ହୋଇସାରିଲେଣି । ସୁନିଆଁ ଭାବୁଥିଲା, ଯଦି ହିସାବ କରାଯାଏ । ତିନି ସାହିରେ ତ ଯାହାକୁ ଯେତେ ଛୁଆଙ୍କର ଜୀବନ ଯାଇସାରିଲାଣି ।" (୧) ଏପରିକି ଜୁଆଙ୍ଗମାନେ ଏତେ ଅନ୍ଧବିଶ୍ୱାସରେ ଥିଲେ ଯେ ଛୁଆମାନଙ୍କୁ ଜ୍ୱର ହେଲେ ସେମାନେ ଦେବଦେବୀଙ୍କ କୋପ ଭାବୁଥିଲେ, କି ପୂର୍ବପୁରୁଷଙ୍କ ଆତ୍ମା ଶାନ୍ତି ନଥିଲେ ଏମିତି ହୁଏ ବୋଲି ତେଣୁ ସେମାନେ ଗ୍ରାମସିରିଙ୍କ ନିକଟରେ ପଣାଲାଗି, କୁକୁଡ଼ା ବଳି, ଗୁଣି ଝାଡ଼ିବା, ଚେରମୂଳି ଔଷଧ, ଝଡ଼ାଫୁଙ୍କାର ଚିକିତ୍ସା କରୁଥିଲେ । ଜୁଆଙ୍ଗ ଛୁଆଙ୍କ ଜୀବନ ଯେମିତି ପଶୁପକ୍ଷୀଙ୍କ ଭଳି, ନଗଡ଼ାର କେତେ ଶିଶୁ ଏମିତି ମରିଯାଉଛନ୍ତି ହେଲେ ସେସବୁର ହିସାବ କେହି ରଖନ୍ତିନି । ପରମ୍ପରାର ଦାୟ ଓ ଭାଗ୍ୟ ହାତରେ ନିଜ ଜନ୍ମିତ ଶିଶୁକୁ ହସି ହସି ମୃତ୍ୟୁ ଦେଇଛନ୍ତି ଜୁଆଙ୍ଗମାନେ ଏହା କ'ଣ କମ୍ ଯୋଦ୍ଧାପଣିଆର କଥା ? କିନ୍ତୁ ସୁନିଆଁ ପରମ୍ପରା ଓ ଭାଗ୍ୟ ହାତରେ ସବୁକିଛିକୁ ଛାଡ଼ି ନଦେଇ ଚରଣକୁ ବଞ୍ଚେଇବା ପାଇଁ ସଂଘର୍ଷ କରିଛି, ଯୋଦ୍ଧା ସାଜିଛି । ନିଜ ବିବାହକୁ ଛାଡି ସେ ଚରଣକୁ ଗୋଟେ କପଡ଼ାରେ ଘୋଡ଼ାଇ ଗୋଟେ ଝୁଲା ତିଆରି କରି ରାତିର ଜହ୍ନ ଆଲୁଅରେ ବାହାରି ପଡ଼ିଛି । ଅନ୍ଧାର ରାତି ଜନ୍ତୁ ଥିବେ ବୋଲି ଡରିଛି । ସେ ଡରକୁରା ଥିଲେ ମଧ୍ୟ ଭାରି ସାହସୀ ଥିଲା । ସାମାନ୍ୟ ଅଠର ବର୍ଷ ହୋଇଥିଲେ ମଧ୍ୟ ତା ଭିତରେ କମ୍ ସାହସ ନଥିଲା । ନଦୀ ପାର ହୋଇ ପାହାଡ଼ ଚଢ଼ିଛି । ଯାତ୍ରା ଏତେ ସହଜ ନଥିଲା ତଳକୁ ଗଡ଼ାଣି ଥିଲା ଦେହକୁ ନସମ୍ଭାଳିଲେ ଦୌଡ଼ିକି ପଡ଼ିବା ପରିସ୍ଥିତି । ଜଙ୍ଗଲରେ ବହୁ ପରିସ୍ଥିତି ଦେଇ ସମତଳ ଭୂମି ନିଜ ଗନ୍ତବ୍ୟ ସ୍ଥଳକୁ ପହଞ୍ଚିଯାଇଛି। ରଚଣକୁ ଦେଖିଛି ତାର ତାତି ଆହୁରି ବଢ଼ିଯାଇଛି ମୁଣ୍ଡଟା ବାହାରିପଡି ତଳକୁ ଝୁଲି ପଡ଼ିଛି । ସେଠି ଲୋକମାନେ ଚରଣକୁ ଆଫ୍ରିକା, ଇଥୋପିଆ କି ସୋମାଲିଆର ଛୁଆ ଭଳିଆ

ଦେଖାଯାଉଛି ବୋଲି କହିଛନ୍ତି । ପେଟଟା ଢାବଲ ଭଳିଆ, ଗୋଡ଼ ହାତ ପୁରା ସରୁ ସରୁ ନଳିଆ ଆଦି ଅନେକ କିଛି ସୁନିଆଁକୁ ଶୁଣିବାକୁ ପଡ଼ିଛି । ଏପଟେ ତା ଘର ଲୋକ ପଧାନ ଆସି ଅନେକ କଥା କିହିଛି କିନ୍ତୁ ସୁନିଆଁର ଗୋଟେ ଚିନ୍ତା ସେ ତା ଭାଇକୁ ବଞ୍ଚେଇବ ସେ ମାଲିକକୁ କହୁଛି ''ଏଇ ଛୁଆ ଭାଇଟାକୁ ତା'ର ବଞ୍ଚେଇ ଦିଅ । ବଞ୍ଚେଇ ଦିଅ ମାଲିକ୍ । କିଛିଦିନ ତଳେ ଆଉ ଗୋଟେ ଭାଇ ତା'ର ଆଖି ବୁଜି ଦେଇଛି ! ଖାଲି ତା' ଭାଇ ନୁହେଁ, କେତେ ଛୁଆ ବି ମରିସାରିଲେଣି । କେହି ବି ତା'ର ହିସାବ ରଖିନାହାନ୍ତି । କେହି ବି ଥରେ ସେମାନଙ୍କ କଥା ଥରୁଟିଏ ଭାବୁନାହାନ୍ତି । ସେତିକି ଜୀବନ ଥିଲା ଚାଲିଗଲା କହି ଚୁପ୍ ହୋଇ ବସିଛନ୍ତି । ଏଇ ଭାଇଟା ମୋର କେଇଦିନ ହେବ ବିଛଣାରେ ପଡ଼ିଛି ! ତା' ଜୀବନଠାରୁ ଏମାନଙ୍କ ଆଖିରେ ଘର ବଡ଼ ପରମ୍ପରା ବଡ଼ । ମୋ ଭାଇଟାକୁ ବଞ୍ଚାଇବା ପାଇଁ ମୁଁ ଚାଲିଆସିଛି ବାବୁ ।'' (୨) ସାହେବ ଲୋକଟା ଚରଣ ପିଠିରେ ପକେଇ ଚେକ କରିଲେ କହିଲେ ସାଙ୍ଘାତିକ ଅପପୁଷ୍ଟିର ଶିକାର ସେଇ ନଗଡ଼ାରେ ଯେତିକି ଶିଶୁ ମରିଛନ୍ତି ସମସ୍ତେ ସେଇ ଅପପୁଷ୍ଟିର ଶିକାର ।

ଏହାସହିତ ସରକାରଙ୍କ ଅବହେଳା ମଧ୍ୟ ଜଳ ଜଳ ହୋଇ ଦେଖାଦେଇଛି ଉପନ୍ୟାସରେ । ''ଅପପୁଷ୍ଟି ନୁହେଁ, ଇଏ ତ ଦାରିଦ୍ର୍ୟର ଏକ ବଡ଼ ସଂକେତ ରାଜ୍ୟରେ ତଥା ଦେଶରେ ଯୋଜନା ପରେ ଯୋଜନା କାର୍ଯ୍ୟକାରୀ ହେଉଛି ଏହାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ହେଉଛି ପ୍ରଶାସନ, ରାଜନେତା ଏବଂ ସ୍ଥାନୀୟ ଲୋକପ୍ରତିନିଧିଙ୍କର । ମାତ୍ର, ଏମାନଙ୍କୁ କିଛି ମିଳେନି, ନା ଚାଉଳ ନା ଗହମ ଚରଣ ଭଳି ନଗଡ଼ାର ଜୁଆଙ୍ଗ ଛୁଆ ଅପପୁଷ୍ଟିର ଶିକାର ହେବା ଖବର କିମ୍ବା ତିନି ମାସରେ ଉଣେଇଶି ଜଣ ଛୁଆଙ୍କ ମରିବା ଖବର ବାହାରକୁ ଆସି ନ ଥିଲେ, ଏମାନଙ୍କ ଅବହେଳା ଧରା ପଡ଼ି ନ ଥା'ନ୍ତା ।'' (୩) ନଗଡ଼ାବାସୀଙ୍କ ପାଇଁ ମୁଖ୍ୟ ଥିଲା ଚାଉଳ ଯେଉଁଥିପାଇଁ ସେମାନେ ଡାକ୍ତରଖାନାରେ ଟେଷ୍ଟ ପରୀକ୍ଷା କରିବା ପାଇଁ ରାଜି ହୋଇଯାଇଛନ୍ତି । ପେଟର ଭୋକ ଥିଲା ତାଙ୍କ ପାଇଁ ମୁଖ୍ୟ ଜୀବନ ପଛେ ପରେ । ସମସ୍ତେ ଚାଉଳ ପାଇଁ ଧାଉଁଥିବା ବେଳେ ସୁନିଆଁ କିନ୍ତୁ ଧାଉଁଥିଲା ତା ଭାଇର ଜୀବନ ପାଇଁ । ଯାହାକି ତା ପାଇଁ ଥିଲା ବିଜୟ । ତାହା ଖାଲି ଏକ ବିଜୟ ନୁହେଁ, ଶହ ଶହ ଶିଶୁଙ୍କ ମୁହଁରେ ହସ ଖେଳାଇବାର ଗୋଟିଏ ଅଭିଯାନ । ଆଗାମୀ କାଲି ପାଇଁ ଜିଆଇଁ ରଖିବାର ଗୋଟିଏ ଗୋଟିଏ ସଂଘର୍ଷ, ଗୋଟିଏ ଗୋଟିଏ ସଂକଳ୍ପ । ଆଉ ସେ ହିଁ ପ୍ରକୃତ ଯୋଦ୍ଧା !! (୪)

### ନଶ୍ୱର ଗଡ଼ର ଡାକବାଜି (୨୦୨୧) :

ଯୋଦ୍ଧା ଉପନ୍ୟାସ ପରି ସେହି ନଗଡ଼ା ବା ଅପପୁଷ୍ଟିଜନିତ ସମସ୍ୟାକୁ ନେଇ ଚିତ୍ତରଞ୍ଜନ ଚିରଞ୍ଜିତଙ୍କ "ନଶ୍ୱର ଗଡ଼ର ଡାକବାଜି'(୨୦୨୧) ଉପନ୍ୟାସ ରଚିତ । ଯାହାକୁ ଔପନ୍ୟାସିକ ନଗଡ଼ାରେ ଅପପୁଷ୍ଟିରେ ଜୀବନ ହାରିଥିବା ନିରୀହ ଶିଶୁମାନଙ୍କ ଉତ୍ସର୍ଗ କରିଛନ୍ତି । ଏହା ଏକ ତଥ୍ୟଭିତ୍ତିକ ଉପନ୍ୟାସ/ "ଫ୍ୟାକ୍ଟ ବେସ୍‌ଡ ନ୍ୟାରେଟିଭ୍' । ନିଜେ ଔପନ୍ୟାସିକ ୨୦୧୬ ମସିହାରେ "ସମ୍ବାଦ' କଟକ ସଂସ୍କରଣରେ କାର୍ଯ୍ୟ କରୁଥିବା ସମୟରେ ନଗଡ଼ା ସହିତ ଯୋଡ଼ି ହୋଇଥିଲେ ଏବଂ ଅନେକ ଥର ନଗଡ଼ାକୁ ଯାଇ ପ୍ରତ୍ୟକ୍ଷ ଭାବରେ ସେଠିକାର ଲୋକମାନଙ୍କ ସହ ଯୋଡ଼ି ହୋଇ ତଥ୍ୟ ସଂଗ୍ରହ କରିଥିଲେ । ସେହି ତଥ୍ୟକୁ କେନ୍ଦ୍ର କରି ତାଙ୍କ ଏହି ଉପନ୍ୟାସ ରଚିତ । ଦୀର୍ଘ ପାଞ୍ଚ ବର୍ଷ ମଧ୍ୟରେ ନଗଡ଼ାରେ ହୋଇଥିବା ପରିବର୍ତ୍ତନକୁ କରି ଏହି ଉପନ୍ୟାସର ପରିକଳ୍ପନା । ଏଭଳି ଦୁର୍ଗମ ଅଞ୍ଚଳର ଚିତ୍ରକୁ ଲୋକଲୋଚନ ତଥା ସରକାରଙ୍କ ନିକଟରେ ପହଞ୍ଚାଇବା ଏକ ମାତ୍ର ମାଧ୍ୟମ ସମ୍ବାଦ ବା ଖବରକାଗଜର । ଯେଉଁ କାର୍ଯ୍ୟ ନିଜେ ସାମ୍ବାଦିକ ତଥା ଔପନ୍ୟାସିକ କରିଛନ୍ତି । ନଗଡ଼ା ଘଟଣା କିଭଳି ସୃଷ୍ଟି ହେଲା, କିଭଳି ଜନସାଧାରଣଙ୍କୁ ଆନ୍ଦୋଳିତ କଲା, ପ୍ରଶାସନ ଓ ସରକାର କିଭଳି ଶିଶୁମାନଙ୍କ ଅପପୁଷ୍ଟିର କବଳକୁ ବଂଚାଇବା ପାଇଁ ପ୍ରଚେଷ୍ଟା କଲେ ଆଦିର ତଥ୍ୟାତ୍ମକ ରୂପ ହେଉଛି "ନଶ୍ୱର ଗଡ଼ର ଡ଼ାକବାଜି' ଉପନ୍ୟାସ ।

ଯାଜପୁର ଜିଲ୍ଲାର ସୁକିନ୍ଦା କେବଳ ଗୋଟେ ବ୍ଲକ୍ ନୁହେଁ, ପ୍ରାକୃତିକ ଖଣିଜ ସମ୍ପଦରେ ଭରା ଏକ ଶିଳ୍ପାଞ୍ଚଳ ତା ଭିତରେ ରହିଛି ଅନେକ ଖଣିର ଖାଦାନ। ସୁକିନ୍ଦା ବ୍ଲକ୍‌ର କାଳିଆପାଣି ଅଂଚଳର ସାତକୁଲିଆ ଓ କମାରୁଣୀ ଦୁଇ ପାହାଡ଼ ମଝିରେ ଗାଁ ହେଉଛି ନଗଡ଼ା। ତଳ ନଗଡ଼ା, ମଝି ନଗଡ଼ା ଓ ଉପରରେ ଆଦିବାସୀ ଜୁଆଙ୍ଗମାନେ ବସବାସ କରନ୍ତି । ଯାହାର ଚତୁର୍ପାର୍ଶ୍ୱରେ ଘେରି ରହିଛି ୧୪ଟି ଖଣି ଓ ୧୦ଟି କାରଖାନା । ତଥାପି ଏକବିଂଶ ଶତାବ୍ଦୀରେ ଅପପୁଷ୍ଟିରେ ଶିଶୁ ପ୍ରାଣ ହରେଇବା ଏକ ନିନ୍ଦନୀୟ ଘଟଣା । ଏହି ଉପନ୍ୟାସରେ ଦଶ ଜଣ ଶିଶୁଙ୍କର କାହାଣୀ ବର୍ଣ୍ଣିତ । ସେହି ଶିଶୁମାନେ ହିଁ ଏହି ଉପନ୍ୟାସର ଅବହେଳିତ ନାୟକ ନାୟିକା । ସେହି ଶିଶୁଙ୍କଠାରୁ ହିଁ କାହାଣୀର ଆରମ୍ଭ ଓ ଶିଶୁଙ୍କଠାରେ ହିଁ କାହାଣୀ ଶେଷ । ଉପନ୍ୟାସରେ ମୋଟ ବାଇଶି ଜଣ ଶିଶୁ ମରିଥିବାର ସୂଚନା ଦିଆଯାଇଛି । ଉପନ୍ୟାସର ପ୍ରଥମରେ ମିଟୁଆ ଯିଏ କି ସୁନିଆରି ପ୍ରଧାନଙ୍କ ନାତି ଓ ବଇଲ ଓ ବୁଦୁରୀଙ୍କ ପୁଅ । ତାର ଦେହ ଅସୁସ୍ଥ ଥିବାରୁ ଜେଜେମା ସୁନିଆରି ତାକୁ ପାହାଡ଼ ତଳକୁ ଆଣୁଥିଲେ । ମିଟୁଆର ଦେହରେ ଅବସ୍ଥା ଗଭୀର ହେବାକୁ ଜ୍ୟେଷ୍ଠ ମାସରେ ଖରାକୁ ଖାତିର ନକରି ୪ କି.ମି. ପର୍ଯ୍ୟନ୍ତ ପାହାଡ଼ିଆ ରାସ୍ତାରେ ବୈଦ୍ୟ/ କ୍ୱାକ୍ ପାଖକୁ ଆଣିଲେ । ବଇଲ ବୁଦୁରୀକୁ ବୁଝାଉଥିଲା ଦେଖରବୁ ଭଲ ହୋଇଯିବ ଆମ ପୁଅ । ଆମେ ପରା ବଇଦ ପାଖକୁ ଆଇଚୁ । ବଇଦ ପାଖରେ ପହଁଚିଲେ କେହି କଣ କେବେ ମରେ ? ବଇଦ ପାଖକୁ ନଆଣିଲାରୁ ଛୁଆଗୁଡ଼ା

ନଷ୍ଟ ହୋଇଗଲେ ସିନା ! ଙ୍ଘଙ୍ଘ ଆମେତ ବଇଦ ନୁହେଁ ଦେବତା ଘରକୁ ଆଇଛ ନାତି ଭଲ ନହୋଇ ଯିବ କୁଆଡ଼େ ?'' (୫) ଚିକିତ୍ସା କହିଲେ ଜୁଆଙ୍ଗମାନେ ବଇଦ ଗୁଣି ଗାରେଡ଼ି, ଝଡ଼ା ଫୁଙ୍କା, ଯଞ୍ଜ ପୂଜାକୁ ବୁଝୁଥିଲେ ଏ ସବୁ ପ୍ରତି ଥିଲା ତାଙ୍କର ଗଭୀର ବିଶ୍ୱାସ । କ୍ୱାକ୍ ମିଟୁଆକୁ ଔଷଧ ଦେଲାପରେ ମଧ୍ୟ ଅବସ୍ଥାରେ କିଛି ପରିବର୍ତ୍ତନ ହେଲାନାହିଁ । ଶେଷରେ ମିଟୁଆ ମରିଯାଇଛି ।

ମିଟୁଆ ପରେ ହିମାନୀର ମୃତ୍ୟୁ ଘଟିଛି ଯିଏ କି ଉପର ନଗଡ଼ାର ମଙ୍ଗଳା ପ୍ରଧାନର ଝିଅ । ସକାଳୁ ହିମାନୀ ଜ୍ୱରରେ କଷ୍ଟ ପାଉଥିଲା କିନ୍ତୁ ମଙ୍ଗଳା ପାଖରେ ସମୟ ନଥିଲା । ଜମିକୁ ଚାଷ କରିବା ପାଇଁ ବାହାରି ପଡ଼ିଥିଲା । ଯଦିଓ ତା ମନରେ ନିଜ ପୁଅ ଓ ଘରର ଭବିଷ୍ୟତ ପାଇଁ ଚିନ୍ତା ରହିଥିଲା ତଥାପି ମଧ୍ୟ ହିମାନୀକୁ ବଞ୍ଚିପାରିନଥିଲା । କାହୁଣିଆ ଆସି ମଙ୍ଗଳାକୁ ହିମାନୀର ଦେହ ଅସୁସ୍ଥ ଖବର ଦେଇଛି । ଘରକୁ ଫେରିଲା ବେଳକୁ ହିମାନୀ ମୃତ୍ୟୁବରଣ କରି ସାରିଥିଲା । ହିମାନୀକୁ ମିଶାଇ ନଗଡ଼ାରେ ଏପରି ୧୬ଜଣ ଶିଶୁ ମରିସାରିଥିଲେ । ପ୍ରକୃତରେ ଏହା କେଉଁ ରୋଗ କଣ ଗାଁ ଲୋକେ ଜାଣିନଥିଲେ । କୋଉ ଗୁଣ୍ଡିରୋଗରେ ଆକ୍ରାନ୍ତ ହୋଇ ପିଲା ଅକାଳରେ ଚାଲି ଯାଉଛନ୍ତି । ଏହା ଭାବିକି ସମସ୍ୟାର ସମାଧାନ ମଧ୍ୟ କରିବା ପାଇଁ ଚାହିଁନାହାନ୍ତି କୁସଂସ୍କାରକୁ ଆପଣାର କରି ସେମାନେ ଭାବୁଛନ୍ତି ଯେ ଏହା ଦଇବଙ୍କ ଇଚ୍ଛା । ଏହିପରି ଭାବେ ୮ ଗୋଟି ଛୁଆ ସେମିତି ରୋଗରେ ମୃତ୍ୟୁବରଣ କରିଥିଲେ । ଶିଶୁ ମୃତ୍ୟୁ ଘଟଣା ସବୁଆଡ଼େ ପ୍ରଘଟ ହୋଇ ସମ୍ବାଦ ପୃଷ୍ଠାରେ ମଣ୍ଡନ ପରେ ତତ୍ପରତା ବଢ଼ିଲା ପ୍ରଶାସନର । ଯେଉଁ ଜାଗାକୁ କେବେ କିଏ ଜାଣିନଥିଲେ କି ଶୁଣିନଥିଲେ ସେ ଜାଗାକୁ ପ୍ରଶାସନ ଯିବା ପାଇଁ ବାଧ୍ୟ ହେଲେ । ପ୍ରଶାସନର ଗୋଟିଏ ଟିମ୍ ପଠାହେଲା ନଗଡ଼ାକୁ । ଡାକ୍ତର ସାରଥୀ, ସ୍ୱାସ୍ଥ୍ୟ କର୍ମୀ ରବିରଂଜନ, ବହୁଜନ ବ୍ୟାଧି ପରାମର୍ଶଦାତା ଅନୀଲ କୁମାର ଆଦି କେତେଜଣ କର୍ମଚାରୀ । ଶିଶୁ ମଡ଼କର କାରଣ ଖୋଜିବା ସହିତ ଔଷଧ ପେଟି ମଧ୍ୟ ନେଇକି ଯାଇଥିଲେ । ତଳ, ମଝି, ଉପର ନଗଡ଼ାକୁ ମିଶାଇ ପଞ୍ଚାନନ ସରିକି ଘର ଥିଲା । ଛେଳି, କୁକୁଡ଼ାମାନଙ୍କ ସହିତ ସେମାନେ ରହୁଥିଲେ । ପରିବେଶ ଥିଲା ଅତ୍ୟନ୍ତ ଖରାପ । ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଣାପଡ଼ିଲା ଅପପୁଷ୍ଟିର ଶିକାର ବୋଲି । ସେପରି ତଳନଗଡ଼ାରେ ସେମାନେ ପହଁଚିଛନ୍ତି । ଘନେଶ୍ୱର ଏବଂ ସ୍ତ୍ରୀ ସାବିରାଣୀ ପ୍ରଧାନଙ୍କ ଦୁଇ ଶିଶୁକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି – “ ”ଇଥୋପିଆ ଶିଶୁଙ୍କ ଭଳି ସେମିତି କଙ୍କାଳସାର । ସେମିତି ନଳିଆ ନଳିଆ ହାତ, ଢୁମା ଢୁମା ପେଟ, ଢେଗା ଢେଗା ମୁଣ୍ଡ ଓ ଢିମା ଢିମା ଆଖି ।” (୬) ଉଭୟ ଦୁଇ ଶିଶୁ ତୁଳସୀ ଓ ମନସୀକୁ ପୃଷ୍ଟି ସାଧନ କେନ୍ଦ୍ରକରି ଭର୍ତ୍ତି କରିବା ପାଇଁ କହିଛନ୍ତି କିନ୍ତୁ ସେମାନେ ମଙ୍ଗିନାହାନ୍ତି । ତୁଳସୀ, ମନସୀ ପରି ଉଦି, ଚରଣ, ମଙ୍ଗଲୁ, ଦୁଃଖୀ ଆଦି ଏମିତି ଜ୍ୱରରେ ପୀଡ଼ିତ ଥିଲେ । ଲେଖକ ନିଜେ ସାମ୍ବାଦିକ ହୋଇଥିବାରୁ ନଗଡ଼ାର ସମସ୍ତ ଖବର ସମ୍ବାଦ ପୃଷ୍ଠାରେ ବାହାରିଛି । ଏପରିକି ମନସୀର ଖବର କାଗଜର ପ୍ରଥମ ପୃଷ୍ଠାରେ ବାହାରିବା ପରେ ପ୍ରଶାସନର ମୁଣ୍ଡ ବ୍ୟଥା ଆରମ୍ଭ ହୋଇଛି । କେମିତି ମନସୀକୁ ପୁଷ୍ଟିସାଧନ କେନ୍ଦ୍ରକରି ଭର୍ତ୍ତି କରିବେ । କିନ୍ତୁ ଜୁଆଙ୍ଗମାନେ ରାଜି ହେଉନଥିଲେ । ସେମାନଙ୍କ ପାଇଁ ବଇଦର ଚେରମୂଳି ଔଷଧ ହିଁ ମୁଖ୍ୟ ଚିକିତ୍ସା ।

ଭୋକ କହିଲେ କେବଳ ଚାଉଳକୁ ହିଁ ବୁଝନ୍ତି ନଗଡ଼ାବାସୀ । ଚାଉଳ ମୁଠାଏ ପାଇଁ ସେମାନେ ଡହଳବିକଳ । ଯେପରିକି ଚାଉଳ ଛଡ଼ା ସେମାନଙ୍କ ଦୃଷ୍ଟିରେ ଆଉ କିଛି ମୂଲ୍ୟବାନ ସାମଗ୍ରୀ ନାହିଁ । ଚାଉଳ ସେମାନଙ୍କ ଜୀବନ ସହ ଯୋଡ଼ି ହୋଇଯାଇଥିଲା । ସେମାନଙ୍କ ବଞ୍ଚିବା ପାଇଁ ଏକମାତ୍ର ରାହା ହେଉଛି ଚାଉଳ । ଏହି ଚାଉଳ ପାଇବା ଲୋଭରେ ମନସୀ ଓ ତୁଳସୀ ଏପରିକି ଅନ୍ୟ ଶିଶୁମାନଙ୍କ ମଧ୍ୟ ଡାକ୍ତରଖାନା ଆଣିବା ପାଇଁ ରାଜି ହୋଇଛନ୍ତି । ମନସୀ ଓ ତୁଳସୀଙ୍କୁ କାଳିଆପାଣି ଟାଟା ହସ୍ପିଟାଲ୍‌ରେ ଭର୍ତ୍ତି କରାଗଲା । ଉଭୟଙ୍କୁ ଓଜନ କରାଗଲା ମନସୀର ଓଜନ ଥିଲା । ମାତ୍ର ୯୦୦ ଗ୍ରାମ୍ ଓ ତୁଳସୀର ୨ କି.ଲୋ ବତୀଶ ଗ୍ରାମ । ଉଭୟଙ୍କ ଓଜନ ହିଁ କହିଦେଉଥିଲା ସେଠିକାର ଶିଶୁମାନେ କିପରି ଅପପୁଷ୍ଟିରେ ପୀଡ଼ିତ ଥିଲା । ଡାକ୍ତରଖାନାରେ ୬ ଦିନ ଚିକିତ୍ସା ସତ୍ତ୍ୱେ ମଧ୍ୟ ତୁଳସୀକୁ ବଞ୍ଚେଇ ପାରିଲେନି । ଦୁଃଖରେ ଭାଙ୍ଗିପଡ଼ିଛନ୍ତି ଉଭୟ ସାବିରାଣୀ ଓ ଧନେଶ୍ୱର ଏବଂ ମନସୀଙ୍କୁ ସେମାନେ ଡାକ୍ତରଖାନାରୁ ନେଇଯାଇଛନ୍ତି । ସେହିପରି ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସରଣ, ବାନ୍ଦୁରୁ, ମଙ୍ଗୁଲୁ, ସରସ୍ୱତୀ, ଡାକ୍ତର ମଧ୍ୟ ତାଙ୍କ ବାପା ମା ଧରିକି ଚାଲିଆସିଥିଲେ । ପ୍ରତ୍ୟେକ ଦିନ ଖବର ପୃଷ୍ଠାରେ ମଣ୍ଡନ କରୁଥିଲା ନଗଡ଼ାର ଶିଶୁ ମଡ଼କ ପ୍ରସଙ୍ଗ । ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ସମସ୍ତଙ୍କ ମନରେ ଏ ଘଟଣା । ଯାହା ଥିଲା ମୁଖ୍ୟତଃ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଓ ସରକାରଙ୍କ ପ୍ରତି ଉଦ୍ଦିଷ୍ଟ । ସେମାନଙ୍କ ପାଖକୁ କଣ ପାଇଁ ସରକାରୀ ସୁବିଧା ପହଂଚିପାରୁ ନାହିଁ । ଗମନାଗମନର ସୁବିଧା ନାହିଁ । ସେମାନଙ୍କ ମଧ୍ୟରେ ସୃଷ୍ଟି କରାଯାଉନାହିଁ କାହିଁକି ଇତ୍ୟାଦି । ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା ଅପପୁଷ୍ଟି। ତେଣୁ କ'ଣ ପାଇଁ ଅପପୁଷ୍ଟିର ଶିକାର ହେବେ ଏ ନିରୀହ ଶିଶୁମାନେ ।

ଏହାସହିତ ଔପନ୍ୟାସିକ ବୃତ୍ତିରେ ସାମ୍ବାଦିକ ହୋଇଥିବାରୁ ତାଙ୍କ ପ୍ରତ୍ୟକ୍ଷରେ ଘଟିଥିବା ଘଟଣା ସହିତ ଆମ ଦୃଷ୍ଟି ଆଢୁଆଳରେ ଲୁଚିଯାଇଥିବା ସତ୍ୟାସତ୍ୟ ତଥ୍ୟକୁ ମଧ୍ୟ ଆମ ଆଗରେ ବାଢିଦେଇଛନ୍ତି। ସେଠିକାର ଶିଶୁମାନେ କ'ଣ ପାଇଁ ଅପପୁଷ୍ଟିର ଶିକାର ହେଉଛନ୍ତି ତାର ବିଭିନ୍ନ କାରଣ ଖୋଜିକି ପାଇଥିଲେ । ପ୍ରଥମ କାରଣ ଥିଲା ପିଲା ଜନ୍ମ

ପ୍ରତି ନିୟନ୍ତ୍ରଣ ନରହିବା । ଉପର, ତଳ, ମଝି ନଗଡ଼ାକୁ ମିଶାଇ ୬୧ଟି ପରିବାରରୁ ୧୪୩ ଜଣ ଶିଶୁ ବସବାସ କରୁଥିଲେ । ଏଥିରୁ ସ୍ପଷ୍ଟ ଜଣାପଡୁଛି । ଜୁଆଙ୍ଗମାନେ ନିଜର ପିଲାମାନଙ୍କ ଜନ୍ମଜନିତ ସମସ୍ୟା ପ୍ରତି ସଚେତନ ନଥିଲା । ଏପରି ସମସ୍ୟା ସୃଷ୍ଟି ହେବାର ମୁଖ୍ୟ କାରଣ ଥିଲା ଶିକ୍ଷା ଓ ସଚେତନତାର ଅଭାବ । ଏହି ତିନି ନଗଡ଼ାରେ ଜଣ ମାତ୍ର ଅଷ୍ଟମ ପଢିଥିଲା ଏବଂ ପାଠ ପଢିଯିବା ପାଇଁ ମୁଖ୍ୟତଃ ଗମନାଗମନର ମଧ୍ୟ ସୁବିଧା ନଥିଲା । ସେହିପରି ଦ୍ୱିତୀୟ କାରଣ ଖାଦ୍ୟରେ ବିବିଧତା ନଥିଲା । ଏପରିକି ଜୁଆଙ୍ଗମାନେ ବିଭିନ୍ନ ପ୍ରକାର ଖାଦ୍ୟ ଖାଇବା ପାଇଁ ଅର୍ଥ ମଧ୍ୟ ନଥିଲା । ଭାତ ଏବଂ ଲୁଣ ଖାଇ ସେମାନଙ୍କ ଜୀବନ କଟୁଥିଲା । ସେମାନେ ଡାଲି ବ୍ୟବହାର ମଧ୍ୟ ଜାଣିନଥିଲା । ତୃତୀୟ କାରଣ ହେଉଛି ସ୍ୱାସ୍ଥ୍ୟ ପ୍ରତି ସଚେତନତାର ଅଭାବ । ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବଇଦ, ଚେରିମୂଳି ଔଷଧ, ପାଞ୍ଜିଆ ଡାକି ପୂଜା ପାଠ ଥିଲା ମୁଖ୍ୟତଃ ତାଙ୍କର ଚିକିତ୍ସା । ସେଥିପାଇଁ ସରକାରଙ୍କ ତରଫରୁ ପୃଷ୍ଟି ସାଧନ କେନ୍ଦ୍ର (ଏନ୍ ଆର୍ ସି) ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିଥିଲେ ମଧ୍ୟ ଜୁଆଙ୍ଗମାନେ ସେମାନଙ୍କ ଶିଶୁମାନଙ୍କୁ ଆଣୁନଥିଲେ ।

ଏହା ଭିତରେ ଅନେକ ଶିଶୁ ଅପପୁଷ୍ଟିର ଶିକାର ହୋଇସାରିଥିଲେ । କିନ୍ତୁ ଏ ସବୁ ଶିଶୁମାନଙ୍କ ଭିତରୁ ମନସୀର ଘଟଣା ସର୍ବ ସମ୍ମୁଖକୁ ଆସିଥିଲା । ଯିଏକି ନଗଡ଼ା ଅପପୁଷ୍ଟିର ପୋଷ୍ଟର ଗାର୍ଲ ଭାବେ ପରିଚିତ । ନଗଡ଼ା ଶିଶୁ ମଡ଼କ ଯେତେବେଳେ ଗଣମାଧ୍ୟମର ଶୀର୍ଷକ ପାଲଟିଥିଲା ଏବଂ ମାସମାସ ଧରି ଏହାକୁ ନେଇ ଚର୍ଚ୍ଚା ଜାରି ରହିଥିଲା, ସେତେବେଳେ ରାଜ୍ୟ ତଥା ଦେଶବିଦେଶରେ ମନସୀର ଚେହେରା ହିଁ ପ୍ରତିବିମ୍ବିତ ହେଉଥିଲା । କୁହାଯାଇପାରିବ ଯେ, ଏହି ଶିଶୁଟି ହିଁ ଥିଲା ଏକ ଅପପୁଷ୍ଟିର ମାପଦଣ୍ଡ (Measurement) । ଏହି ଶିଶୁଟିକୁ ଦେଖି ବୁଝାପଡୁଥିଲା ଯେ ନଗଡ଼ାରେ ଅପପୁଷ୍ଟିର ପରିସ୍ଥିତି କେତେ ଯେ ଗମ୍ଭୀର, କେତେ ଭୟଙ୍କର । ଏହି ଘଟଣା ଲୋକଲୋଚନକୁ ଆସିବା ପରେ ପ୍ରଶାସନ ସ୍ୱତନ୍ତ୍ର ଭାବେ ମନସୀର ଦାୟିତ୍ୱ ନେଇଥିଲା । କିନ୍ତୁ, ସେହି ମନସୀ ବେଶିଦିନ ଯାଏଁ ଜୀବିତ ରହିପାରିଲାନାହିଁ । ଏପରିକି ମନସୀର ବଡ଼ ଭଉଣୀ ତୁଳସୀକୁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ସେ ବି ପ୍ରାଣ ହରେଇ ସାରିଥିଲା “ ”ଯେତେ ତତ୍ପରତା ଦେଖାଇଲେ ବି ମନସୀର ମୃତ୍ୟୁପରେ ପ୍ରଶାସନର ଅବହେଳା ପୁଣିଥରେ ଜଳଜଳ ହୋଇ ଦିଶିଲା । ମନସୀ ଥିଲା ବାଇଶ ନମ୍ବର ଅଭାଗା ଶିଶୁ, ଯିଏକି ଅପପୁଷ୍ଟିର ଶିକାର ହୋଇ ଆରପାରିକି ଚାଲିଗଲା xxx କିନ୍ତୁ, ଅପପୁଷ୍ଟିର ପୋଷ୍ଟର୍ ଗାର୍ଲ ମନସୀର ମୃତ୍ୟୁକୁ ନେଇ ପୁଣିଥରେ ପ୍ରକମ୍ପନ୍ନ ସୃଷ୍ଟି ହୋଇଥିଲା । ମନସୀ ପୂର୍ବରୁ ସେହି ତଳନଗଡ଼ାର ଟୁଇ ଓ ଡାଇନ ପ୍ରଧାନଙ୍କ ପୁଅ ବୁଦୁରା (ଆଠ ମାସ) ଏବଂ ବଇଲ ଓ ବୁଦୁରି ପ୍ରଧାନଙ୍କ ପୁଅ ମିଟୁଆ ଆଖି ବୁଜିସାରିଥିଲା ।’’ (୭) ମନସୀ ପରେ ସନା ପ୍ରଧାନ ପୁଅ ରୁଦନ ଓ ସରଣ ମୃତ୍ୟୁବରଣ କରିଥିଲେ । ଏମାନଙ୍କୁ ମିଶାଇ ନଗଡ଼ାରେ ଶିଶୁ ମୃତ୍ୟୁ ସଂଖ୍ୟା ୧୯ରେ ପହଂଚିଯାଇଥିଲା । ଏତେ ଜଣ ଶିଶୁ ମୃତ୍ୟୁବରଣ କରିବା ପରେ ମଧ୍ୟ ଜୁଆଙ୍ଗମାନେ ସଚେତନ ହୋଇନଥିଲେ ପୁଣି ବଡ଼ ପାଞ୍ଜିଆକୁ ଡାକି ପୂଜାପାଠ କରିବା ପାଇଁ ବିଚାର କରୁଥିଲେ । ଅପପୁଷ୍ଟିକୁ ସେମାନେ ସରକାରୀ ଜିନିଷ ଭାବୁଥିଲେ ।

ନଗଡ଼ାର ଶିଶୁ ମଡ଼କ ପାଇଁ ସରକାର ବିଭିନ୍ନ ଯୋଜନାମାନ କରୁଥିଲେ । ଏପରିକି ଚାଉଳ ମଧ୍ୟ ଦେଇଛନ୍ତି ଅଥଚ ନଗଡ଼ାବାସୀ ନିକଟକୁ ପହଞ୍ଚୁନଥିଲା ଯାହା‘ଲରେ ଅପପୁଷ୍ଟିର ଶିକାର ହେଉଥିଲେ । ଏହାକୁ ନଜରରେ ରଖି ସ୍ୱାସ୍ଥ୍ୟ ବିଭାଗର ସବୁଠୁ ଉଚ୍ଚ ପାହ୍ୟାର ଅଧିକାରୀ ମଧ୍ୟ ନଗଡ଼ାକୁ ଯାଇଥିଲେ । ଏହା ଭିତରେ ଗିରିମା ଓ ଅଦିଆ ପ୍ରଧାନର ପୁଅ ସୁନିଆ ମୃତ୍ୟୁବରଣ କରିସାରିଥିଲେ ଏବଂ ଗୋପାଳ, କମ୍ପୁଡ଼ି, ଯୁଗଳ, ମାଘୁ ଆଦି ଜ୍ୱରରେ କମ୍ପୁଥିଲେ । ଏହି ଶିଶୁମଡ଼କ ଘଟଣା କେବଳ ଓଡ଼ିଶା ରାଜ୍ୟରେ ସୀମିତ ନଥିଲା । ବରଂ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଏହାକୁ ନେଇ ଚର୍ଚ୍ଚା ହେଉଥିଲା । ଏହାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ବିଭିନ୍ନ ସଂସ୍ଥାମାନେ ତତ୍ପରତା ପ୍ରକାଶ କରିଥିଲେ । ୟୁନାଇଟେଡ୍ ନେସନ୍ ଚିଲଡ୍ରେନ୍ସ୍ ଫଣ୍ଡ୍ ବା ୟୁନିସେଫ୍ ଏହାର ନିରାକରଣ ପାଇଁ ସ୍ୱେଚ୍ଛାସେବୀ ସଂଗଠନ ସିମାମ (କମ୍ୟୁନିଟି ବେସ୍‌ଡ ମ୍ୟାନେଜମେଣ୍ଟ ଅଫ୍ ମାଲ୍ ନ୍ୟୁଟ୍ରିସନ୍)କୁ ନିଯୋଜିତ କରିଥିଲେ । ସିମାମ ପ୍ରତିନିଧି ଦଳ ନଗଡ଼ା, ଗୁହିଆଶାଳ, ଡୁମୁଣି, ଅଶୋକଝରର ସାହିର ଷାଠିଏ ଜଣ ଦୁର୍ବଳ ଶିଶୁଙ୍କୁ ରକ୍ଷା ପାଇଁ ସେଠିକାର ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଯୋଗାଯୋଗ କରି ଶିଶୁମାନଙ୍କୁ ସ୍ୱତନ୍ତ୍ର ପୁଷ୍ଟିକର ଖାଦ୍ୟ ମଧ୍ୟ ଦେଉଥିଲେ । ୟୁନିସେଫ୍ ପରେ କେନ୍ଦ୍ର ସରକାର ମଧ୍ୟ ଏକ ସାତଜଣିଆ କେନ୍ଦ୍ରୀୟ ଅନୁସନ୍ଧାନକାରୀ ଦଳ ପଠେଇଥିଲେ । ନଗଡ଼ାର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଯୋଜନା ମଧ୍ୟ ଘୋଷଣା କରାଗଲା । ଏତେ ଗୁଡ଼ିଏ ଶିଶୁ ମୃତ୍ୟୁ ପରେ ଏପରିକି ସରକାରୀ, ବେସରକାରୀ ଦଳ ଆସି ଏତେ ସଚେତନ କରିବା ପରେ ମଧ୍ୟ ନଗଡ଼ାବସୀ ସଚେତନ ହୋଇନଥିଲେ । ଘନେଶ୍ୱର ପ୍ରଧାନର ସ୍ତ୍ରୀ ସାବିରାଣୀ ଆଉ ଗୋଟେ କନ୍ୟା ସନ୍ତାନ ମାଳତୀକୁ ଜନ୍ମ ଦେଇଛି ଅଥଚ ତାକୁ ପ୍ରୋଟିନ୍ ପାଉଡର୍ ଦେଇନି ବରଂ ସେ ପାଉଡର୍‌କୁ ଘୃଣାରେ ନାକଟେକିଛି ।

ନଗଡ଼ାର ବାଇଶ ଜଣ ଶିଶୁ ମରିବାର ୫ବର୍ଷ ପୁରିଯାଇଥିଲେ ମଧ୍ୟ ସେଠିକାର ଲୋକଙ୍କ ମନରେ କିଛି ପରିବର୍ତ୍ତନ ହୋଇନଥିଲା । ସଚେତନତାର ଅଭାବ ଲାଗିରହିଥିଲା । ଧିରେ ଧିରେ ରାଜନୀତି ମଧ୍ୟ ନଗଡ଼ାକୁ ପହଞ୍ଚିଛି । ବିଜୁଳିର ପୁଅ ରାଇସୁକୁ ଜ୍ୱର ହେବାର ଖବର ଆସିଛି । ରାଇସୁକୁ ଅପପୁଷ୍ଟି ହେବାର କଥାକୁ ନେଇକି ଗାଁର ମୁଖିଆ

ଗଦାଧର ଓ ଓ୍ୱାର୍ଡ଼ମେମ୍ବର୍ ଚୁଗୁଲି ମଧ୍ୟରେ ଯୁକ୍ତିତର୍କ ହୋଇଛି । ଗୋଟେ ପଟେ ସରକାରୀ ଅନ୍ୟ ପଟେ ବିରୋଧୀବାଲା ଲଢେଇ ଚିତ୍ରକୁ ଆମେ ଦେଖିପାରୁଛେ । ଶେଷରେ ରାଇସୁର ଜୀବନ ମଧ୍ୟ ଅପପୁଷ୍ଟିରେ ଚାଲିଯାଇଛି । କିନ୍ତୁ ଅପପୁଷ୍ଟି କ'ଣ ଏଯାଏ ଦ୍ୱନ୍ଦ୍ୱରେ ଥିଲେ ନଗଡ଼ାବାସୀ ।

ଏହାସହିତ ଔପନ୍ୟାସିକ ବୃତ୍ତିରେ ସାମ୍ବାଦିକ ହୋଇଥିବାରୁ ତାଙ୍କ ପ୍ରତ୍ୟେକ୍ଷରେ ଘଟିଥିବା ଘଟଣା ସହିତ ଆମ ଦୃଷ୍ଟି ଆଢୁଆଳରେ ଲୁଚିଯାଇଥିବା ସତ୍ୟାସତ୍ୟ ତଥ୍ୟକୁ ମଧ୍ୟ ଆମ ଆଗରେ ବାଢ଼ିଦେଇଛନ୍ତି । ଲେଖକ ଯେତେବେଳେ ନିଜେ ସେହି ଜାଗାକୁ ଯାଇଛନ୍ତି ନଗଡ଼ା କଣ, ସେଠାକାର ଲୋକଙ୍କ ସାମାଜିକ ଜୀବନୀ, ଚଳଣୀ, ଶିଶୁ ଅକାଳରେ ଝଡ଼ି ପଡ଼ିବାର କାରଣ ଆଦି ଜାଣିପାରିଛନ୍ତି ଏହା ସହିତ କିଛି ଦିନ ଜୁଆଙ୍ଗମାନଙ୍କୁ ଅନୁଧ୍ୟାନ କଲାପରେ ଶିଶୁ ମୃତ୍ୟୁର କାରଣ ଭାବେ ଖାଦ୍ୟାଭାବ, ପୁଷ୍ଟିହୀନତା, ଜନ୍ମ ନିୟନ୍ତ୍ରଣର ବିଫଳତା, ସ୍ୱାସ୍ଥ୍ୟ ଓ ସଚେତନତାର ଅଭାବ, ଲୋକଙ୍କ ଅଜ୍ଞାନତା ଓ କୁସଂସ୍କାର ଇତ୍ୟାଦି ତାଙ୍କ ଦୃଷ୍ଟିକୋଣକୁ ଆସିଛି । ଏହାସହିତ ଶିଶୁମାନଙ୍କ ଉଦ୍ଧାର ପାଇଁ ସରକାରଙ୍କ ବିଭିନ୍ନ ଚେଷ୍ଟା ଓ ନଗଡ଼ାର କିପରି ନବୀକରଣ ହୋଇପାରିବ ତାର ଚିତ୍ର ମଧ୍ୟ ସ୍ୱଷ୍ଟ ଭାବରେ ଉକ୍ତ ଉପନ୍ୟାସରେ ଆମେ ଲକ୍ଷ୍ୟ କରିପାରିବା ।

## ଲୁହା (୨୦୨୨):

ଅନ୍ୟ ଦୁଇ ଉପନ୍ୟାସ ପରି ନଗଡ଼ା ପୃଷ୍ଠଭୂମି ଉପରେ ଆଧାରିତ ମମତାମୟୀ ଚୌଧୁରୀଙ୍କ "ଲୁହା' (୨୦୨୨) ଉପନ୍ୟାସ । ଯେଉଁଥିରେ ଶିଶୁ ମଡ଼କ, ନଗଡ଼ାର ସାମାଜିକ, ଆର୍ଥିକ, ପରିବେଶ ଆଦିର ବିପର୍ଯ୍ୟସ୍ତର ଚିତ୍ର, ସରକାରଙ୍କ ଅପାରଗତା, ସ୍ଥାନୀୟ ଅଧିବାସୀଙ୍କ କଲ୍ୟାଣ ନାଁରେ ବିଭିନ୍ନ କମ୍ପାନୀମାନଙ୍କର ଫାଇଦା, ଶିଳ୍ପାୟନ ଓ ପୁଞ୍ଜିତନ୍ତ୍ରର ଆଧିପତ୍ୟରେ ଆଦିମ ଜନଜାତି ଓ ସଂସ୍କୃତିର ସଙ୍କଟାପନ୍ନ ଅବସ୍ଥା ଇତ୍ୟାଦିର ଚିତ୍ର ପ୍ରତିଫଳିତ । ସଭ୍ୟତାର ଚାକଚକ୍ୟ ଦୁନିଆରୁ ତଥା ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ନଗଡ଼ାର ଜୁଆଙ୍ଗ ଜନଜାତି । ଏଠି ପ୍ରକୃତି ଏବଂ ଖଣିଜ ସମ୍ପଦର ଅଭାବ ନାହିଁ । ଲୁହା, କ୍ରୋମାଇଟ୍, ବକ୍ସାଇଟ୍, ମାଂଗାନିଜ, ଚୂନପଥର, ଗ୍ରାଫାଇଟ୍ ଇତ୍ୟାଦି ଖଣିଜ ପଦାର୍ଥରେ ପରିପୂର୍ଣ୍ଣ । ତଥାପି ମାନଚିତ୍ରରେ ଲେଖାହୁଏ "ଭୋକର ଭୂଗୋଳ ନଗଡ଼ା' । ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ଆସେ ସ୍ଥାନୀୟ ବିକାଶ ଓ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ କିନ୍ତୁ ତାର ଫାଇଦା କେବଳ ଉଦ୍ୟୋଗୀ ବା ପୁଞ୍ଜିପତିମାନଙ୍କ ପାଇଁ ।

ଜୁଆଙ୍ଗମାନେ ଆମ ପରି ମଣିଷ ଜାତି ହେଲେ ମଧ୍ୟ ସେମାନେ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ । ସେମାନେ ସରକାର, ଶାସନ, ସମ୍ବିଧାନ କ'ଣ ବୁଝନ୍ତି ନାହିଁ ଏପରିକି ତାଙ୍କ ପାଇଁ ସରକାର, ଶାସନ କି ସମ୍ବିଧାନ ମଧ୍ୟ ନାହିଁ । ତଥାପି ବଞ୍ଚିବାର ଜିଜ୍ଞାସା ନେଇ, ଦୁଃଖ, କଷ୍ଟକୁ ପାଣି ପରି ପିଇ ଦେଇ ବାଟ ଚାଲନ୍ତି ଉପନ୍ୟାସର ବାସନ୍ତୀ ଜୁଆଙ୍ଗ ଓରଫ ବାସ ଓ ସ୍ୱାମୀ ସୁରି । ବାସର ଦେଢ଼ ବର୍ଷର ଝିଅ କନିଆରୀ ଯାହାକୁ ଅଢ଼େଇ ଦିନ ହେଲାଣି ଜ୍ୱର, ଦେହ ସାରା ନାଲି ନାଲି ଫୋଟକା ତା ସହିତ ଝାଡା ଓ ବାନ୍ତି । ଏତେ ନିରୀହ ଜୁଆଙ୍ଗ ଜାତି ଯେ ସେ ଚିକିତ୍ସା କଣ ଜାଣେ ନାହିଁ । ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବାସ ଅଧସେର ଚାଉଳ ନେଇ ତା ଛୁଆର ଝଡ଼ାଫୁଙ୍କା କରେଇଛି । ତଳ ନଗଡ଼ାରୁ ଅଙ୍ଗନବାଡ଼ି କେନ୍ଦ୍ର ଏଗାର କି.ମି. ପାଦରେ ଚାଲି ଚାଲି ଯିବାକୁ ପଡ଼ିବ ରାସ୍ତା ଘାଟର ସୁବିଧା ନାହିଁ ତଥାପି ଯାଇଛି ବାସ । ଅଙ୍ଗନବାଡ଼ିର ଛୋଟ ଶିଶି ଔଷଧରେ ଭଲ ହୋଇନାହିଁ । ଏହା ପୂର୍ବରୁ ମଝି ନଗଡ଼ାର ମିନିକି ଦେଈର କଅଁଳା ପୁଅ ମରିଯାଇଥିଲା । ବାସର ମନରେ କନିଆରୀର ସ୍ୱାସ୍ଥ୍ୟକୁ ନେଇ ଛଳନା ପଶିଯାଇଛି । କନିଆରୀକୁ ସୁକିନ୍ଦା ଡାକ୍ତରଖାନା ନେବା ପାଇଁ ସାମର୍ଥ୍ୟ ଅର୍ଥ ନାହିଁ ଏପରିକି ଦୁଇ ପ୍ରାଣୀ ଖାଇବାକୁ ଭାତ ମୁଠାଏ ନାହିଁ । ପିଇବା ପାଇଁ ପାଣି ନଳାରୁ ବା ଜଙ୍ଗଲରୁ ଚୁଆ ପାଣି ଆଣନ୍ତି ଯାହାକି ବାଦାମୀ ରଙ୍ଗର । ସୁକିନ୍ଦା ଯିବା ପାଇଁ ଗମନାଗମନର ସୁବିଧା ନାହିଁ । ତଥାପି ବାସ ତା ଛୁଆକୁ ଧରି ଛଅ କି.ମି ଚାଲିବା ପରେ ଟ୍ରେଲର୍ ଷ୍ଟେସନ୍ ଆସିଛି । କେବେ କେମିତି ଯାଏ ସୁକିନ୍ଦାକୁ ବାସ ଯାଇଛି ସେଥିରେ । ସୁକିନ୍ଦା ଡାକ୍ତରଖାନାରେ କନିଅରୀକୁ ଦିଆଗଲା ଔଷଧ, ସାଲାଇନ୍ କିନ୍ତୁ କଣ ହେବ କନିଆରୀ ସବୁଦିନ ପାଇଁ ଚାଲିଯାଇଛି ଆରପାରିକି ଅପପୁଷ୍ଟିର ଶିକାର ହୋଇ । ବାସ ଛାନିଆ ହେଇ କହିଲା' ଇୟେ କ'ଣ ? ଛୁଆ ମୁଣ୍ଡ ଭାଙ୍ଗିଦେଉଛି କି ନିକି ! ଦିଦି, ଆଣ ଇଂଜେକସନ୍ ଦିଅ । ଆଉ ଗୁଟେ ସାଲାଇନ୍ ଲଗା ମୁଁ ପଇସା ଦେଇଦେମି । ନର୍ସ ତା' କାନ୍ଧରେ ହାତ ରଖରଲେ । ଯିଏ ଯେତିକି ଦିନ ପାଇଁ ଆସିଥିବ । ତୁନି ହ ।' ବାସ କନିଆରୀକୁ କୁଣ୍ଢେଇ ଧରି ରଡି କରୁଥିଲା ।" (୮) ଝିଅର ମରିବା ଖବର ପାଇ ବାସର ସ୍ୱାମୀ ଖଣିରୁ କାମ ଛାଡ଼ି ଆସିଛି ସୁକିନ୍ଦାକୁ । ଏପରିକି ଏମାନେ ଆମ ପରି ମଣିଷ ଜାତି ହୋଇଥିଲେ ମଧ୍ୟ ପଶୁ ଭଳି ଗଣନା ହୋଇଛନ୍ତି । ଯେମିତିକି କନିଅରୀ ଲାସ ଧରି ଫେରୁଥିବା ଟ୍ରେକର କଣ୍ଡକ୍ଟର୍ ଜାଣିପାଇଛି ତେଣୁ ବାସ ଓ ସୁରି ଉଭୟଙ୍କୁ ମାଡ଼ ମାରିଛି । ବାସ ପାଖରେ ଥିବା ଟଙ୍କାକୁ ନେଇଯାଇଛି ।

କନିଆରୀ ପରେ ପରେ ରତନାର ଝିଅ, ଅମରୀର ଛୁଆ ଏପରିକି ଶିଶୁ ମୃତ୍ୟୁ ସଂଖ୍ୟା ଉଣେଇଶକୁ ପହଞ୍ଚିଛି । ସାରା ରାଜ୍ୟରେ ଏହି ଖବର ପ୍ରଚାର ହୋଇଯାଇଛି । ସରକାରଙ୍କ ତତ୍ପରତା ବଢ଼ିଛି । ସରକାର ନଗଡ଼ାର ଅପପୁଷ୍ଟିରେ ଶିଶୁ ମୃତ୍ୟୁ ପାଇଁ ଗୋଟିଏ ସ୍ପେଶାଲ୍ ଇଂଭେଷ୍ଟିଗେଟିଭ୍ ଟିମ୍ ପଠେଇଛନ୍ତି । ଏହି ଟିମ୍‌ର ମୁଖ୍ୟ ଦାୟିତ୍ୱ ସରକାର ଦେଇଥିଲେ ଶ୍ରୀଯୁକ୍ତ ଉମାକାନ୍ତ ଦେବତାଙ୍କୁ । ତାଙ୍କୁ

ପରିଚାଳନା ସାହାଯ୍ୟ ପାଇଁ ଦୁଇଜଣ ସିନିଅର୍ ଓ.ଏ.ଏସ୍ । ଏହା ସହିତ ଦୁଇ ଜଣ ଡାକ୍ତର (ମେଡ଼ିସିନ୍ ସ୍ପେଶାଲିଷ୍ଟ, ଶିଶୁ ବିଶେଷଜ୍ଞ) । ଆଶାକର୍ମୀ ଚାରିଜଣ, ଦୁଇଜଣ ଏ.ଏନ୍.ଏମ୍. । ମହିଳା ଓ ଶିଶୁ ବିକାଶ ବିଭାଗରୁ ଇତିଶ୍ରୀ ହେମ୍ବ୍ରମ, ମାନବ କୁମାର ସାହୁ । ପାଞ୍ଚ ଜଣ ଗ୍ରେଡ୍ ଫୋର୍ କର୍ମଚାରୀ, ସୁକିନ୍ଦା ବ୍ଲକ୍ ବି.ଡ଼ି.ଓ ଏବଂ ଚାରି ଜଣ ହେଡ୍‌ମାଷ୍ଟର୍‌କୁ ମିଶେଇ ୨୩ ଜଣ ଯାଇଥିଲେ । ସେଠି ପହଞ୍ଚିବା ପରେ ସମସ୍ତଙ୍କୁ ମିଶାଇ ତିନି ଗଠନ କରାଗଲା । ପ୍ରଥମେ ଇତି ଓ ସରିତା କେହି ଅସୁସ୍ଥ ଅଛନ୍ତି କି ବୋଲି ବୁଝିବାକୁ ଯାଇଥିଲେ ପାଖରେ ଜୁଆଙ୍ଗମାନଙ୍କ ପାଖକୁ । ସେଠି ସେମାନେ ଦେଖିଥିଲେ " "ଆଶ୍ଚର୍ଯ୍ୟ କଥା ପ୍ରତି ଘରେ କେହି ନା କେହି ବେମାର ଥିଲେ । ଚାରି ଛଅ ଜଣ ନଙ୍ଗଳା ଛୁଆ ଠିଆ ହେଇଥିଲେ । ନାକରୁ ସିଙ୍ଘାଣି ବହୁଥିଲା । ଚୁଟି ସବୁ ମୋଡ଼ି ମୋଡ଼ି ହେଇ କାନ୍ଧ ଯାଏଁ ଓହଳିଥିଲା । ପେଟ ବହୁତ ବଡ଼, ଗୋଡ଼ହାତ ସରୁ ସରୁ । ବେକରେ ଡେଉଁରିଆ, ଆଉ ହାତରେ କମରି ଡାଙ୍ଗ । ସେମାନଙ୍କ ଭିତରୁ ତିନି ଚାରି ଜଣଙ୍କ ଜ୍ୱର ହୋଇଥିଲା ବୋଲି ଜାଣିବାକୁ ପାଇଲେ ।" (୯) ଇତି ଆଦିବାସୀ ଝିଅ ଥିବାରୁ ମୁଣ୍ଡା ଭାଷାରେ ତାଙ୍କ ସହିତ କଥାବାର୍ତ୍ତା ହୋଇଥିଲା । ଇତି ସେଠିକାର ଲୋକଙ୍କ କଥା ସବୁ ରେକର୍ଡିଂ କରୁଥିଲା । ବାସଠାରୁ ମୃତ୍ୟୁ ଘଟିଥିବା ଶିଶୁମାନଙ୍କ ଖବର ନେଲା । ଅନ୍ତୋଦୟ ଚାଉଳ ମିଳୁଛି ୩୫ କେ.ଜି. କିନ୍ତୁ ଗମନାଗମନ ସୁବିଧା ନଥିବାରୁ ୧୮ କିଲୋମିଟର୍ ଚାଲି ଚାଲି ଯାଉଥିଲେ ଦୂର ପଞ୍ଚାୟତକୁ । ପିଲାମାନେ ସେଠି ଭାତ ସହିତ ପତ୍ରରେ ଲୁଣ ଟିକେ ଧରି ଖାଉଥିଲେ । ମଝି ନଗଡ଼ା, ତଳ ନଗଡ଼ାର ଆଠ ଜଣ ଶିଶୁଙ୍କୁ ଯାଜପୁର ରୋଡ଼ ଡାକ୍ତରଖାନା ଏବଂ ଗୁହିଆଶାଳ ମୌଜାର ତୁମୁଣି, ନାଳିଆଡାବ ଓ ତଳଡିହରୁ ସାତ ଜଣ ଶିଶୁରୁ ୪ ଜଣଙ୍କୁ କଟକ ପଠାଯାଇଥିଲା । ପାନୀୟ ଜଳର ସୁବିଧା ନଥିବାରୁ ସେଠିକାର ଲୋକେ ଝରଣା, ନଳା, ଚୁଆର ଅପରିଷ୍କାର ପାଣି ଛାଣିକି ପିଉଥିଲେ । ରାସ୍ତା ନଥିବାରୁ ଯୋଗାଯୋଗରେ ଅସୁବିଧା ହେଉଥିଲା । କଟକ ପଠାଯାଇଥିବା ଶିଶୁଙ୍କ ମଧ୍ୟରୁ ୨ ଜଣ ମୃତ୍ୟୁବରଣ କରିଥିଲେ ।

ବାଲ୍ୟ ବିବାହ ଆଦିବାସୀମାନଙ୍କର ଏକ ପରମ୍ପରା । ଭଲ ସେ ମୁଠାଏ ଖାଇବା ପାଇଁ ସେମାନେ ଝିଅକୁ ବିବାହ କରିଦିଅନ୍ତି । ଯେମିତିକି ଏହି ଉପନ୍ୟାସରେ ବାସର ସାନ ଭଉଣୀ କୁସୁମକୁ ୧୪ ବର୍ଷ ବୟସରେ ବାଲୁ ସହିତ ବାହାଘର କରିଦିଆଯାଇଥିଲା । ଆମେ ଝିଅମାନଙ୍କ ବା'ଘର ଖୁସି କି ସଉକ ପାଇଁ କରୁନା । ଗଣ୍ଡେ ଭଲରେ ଖାଇବାକୁ ପାଇବୁ ବୋଲି ମୁଠେ ପଇସା ବଦଳରେ ଝିଅକୁ ଦି'ହାତ କରିଦଉ । ଏଇଟା ନିୟମ ନୁହେଁ କହି ତୁମେ ଆମ ଘର ପଦାରେ ପକାଇଦେଲ । ଆମକୁ ନିୟମରୁ କି ମିଳିବ ? ଆଜିଯାଏଁ ଏତେ ନିୟମରୁ ଆମକୁ କି ଟା ମିଳିଚି ? ସେଇଟା ସେମାନେ ନିୟମ ଭାଙ୍ଗୁନାହାନ୍ତି ?'' (୧୦) ସେହିପରି ଅପରିପକ୍ୱ ମାତୃତ୍ୱ ମଧ୍ୟ ଏକ ବଡ଼ ସମସ୍ୟା । ଯେମିତିକି ଏହି ଉପନ୍ୟାସରେ କୁସୁମ କମ୍ ବୟସରୁ ଗର୍ଭ ଧାରଣ କରିଥିବାରୁ ସେ ମରିଯାଇଛି ତା ଛୁଆ ବଞ୍ଚିଯାଇଛି । ବାଲ୍ୟବିବାହ ହେଉ କି ଅପରିପକ୍ୱ ମାତୃତ୍ୱ ହଉ ଏମାନଙ୍କ ପାଇଁ ଏକପ୍ରକାର ପରମ୍ପରା ଓ ବାଧ୍ୟବାଧକତା । ଶିଶୁ ମଡ଼କ ପରେ ସରକାରୀ ଦଳ ଆସି ଫି ଘର ପିଛା ଚାଉଳ, ଡାଲି, କିରାସିନି, ଛତୁଆ, ବିସ୍କୁଟ୍, ଭିଟାମିନ୍ ବଟିକା, ଆଇରନ୍ ବଟିକା, ଗାମୁଛା, ପଲିଥିନ୍ ବାଣ୍ଟିଥିଲେ ପରେ ପାଣି ଫିଲ୍‌ଟର୍ ଛତା ବାଣ୍ଟିଥିଲେ । ଗାଁ ବାଟରେ ସୋଲାର୍ ଲାଇଟ୍ ଲଗେଇଥିଲେ ଛୁଆ ସବୁ ତା ତଳେ ଖେଳିଲେ । ଜୁଆଙ୍ଗ ମରଦମାନେ ତା ତଳେ ବିଡ଼ି ଫୁଙ୍କି ଫୁଙ୍କି ସପନର ରଙ୍ଗ ମାଖିଲେ । ତା ପରେ ସରକାର କେତେ ବୁଝିଛି ତାଙ୍କ କଥା । ସବୁଦିନ ଏହି ଜୁଆଙ୍ଗମାନେ ଅବହେଳିତ । ସରକାରଙ୍କ ଅପାରଗତା ଚିତ୍ର ସ୍ପଷ୍ଟ ଭାବରେ ଆମେ ଦେଖିପାରୁ ।

ନଗଡ଼ାର ଶିଶୁ ମୃତ୍ୟୁ ପାଇଁ ନଗଡ଼ାର ଆଦିବାସୀମାନଙ୍କୁ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ଏସ୍.ଏମ୍.ସି.ଏଲ୍. ବା ଷ୍ଟେଟ୍ ମିନେରାଲ୍ କର୍ପୋରେସନ୍ ଲିମିଟେଡ୍ ବା ରାଜ୍ୟ ଖଣିଜ ନିଗମରୁ ଚାଲୁଥିବା କମ୍ପାନୀଗୁଡ଼ିକ ମଧ୍ୟରୁ ଲ୍ୟାଣ୍ଡ୍ ଲାବିରିନ୍ଥ ନାମରେ ଓପନ କାଷ୍ଟର କ୍ରୋମାଇଟ୍ ମାଇନ୍ସ । ସେହି ଖଣିରେ ସ୍ଥାନୀୟ ଆଦିବାସୀମାନଙ୍କ ପାଇଁ କୋଡ଼ିଏ ପ୍ରତିଶତ କାମ ଶ୍ରମିକମାନଙ୍କ ପାଇଁ ସଂରକ୍ଷିତ ରଖିବାର ବ୍ୟବସ୍ଥା କିନ୍ତୁ; ଲ୍ୟାଣ୍ଡ୍ ଲାବିରିନ୍ଥ କମ୍ପାନୀ ଖଣି ଯେଉଁ କିଛି ଲୋକଙ୍କର ଜମି ନେଇ କାମ କରିଥିଲା । ସେମାନଙ୍କୁ କ୍ଷତିପୂରଣ ଦେଇଛି ଏବଂ ଶ୍ରମିକମାନଙ୍କ କାମ ସଂରକ୍ଷିତ ରଖିବା ପାଇଁ କୌଣସି ଲିଖିତ ରାଜିନାମା ହୋଇନଥିଲା । ତେଣୁ ଏହାର ଭରପୂର ଫାଇଦା ଉଠେଇଛି ସୁପ୍ରିୟ ମିଶ୍ର ଯିଏକି ଏହି ଲ୍ୟାଣ୍ଡ୍ ଲାବିରନ୍ଥର ମୁଖ୍ୟ । ସେ ଥିଲେ ମୂଳରୁ ସଂରକ୍ଷଣ ବିରୁଦ୍ଧରେ ତେଣୁ ଶ୍ରମିକମାନଙ୍କର ୨୦ ପ୍ରତିଶତ ଶ୍ରମିକ ସଂରକ୍ଷିତ ଫାଇଦା ସେ ନେଉଥିଲା । ଏହା ସହିତ ବିଦେଶୀ କମ୍ପାନୀମାନଙ୍କ ଇଜି ଏକ୍ସପୋର୍ଟ୍ ବା ସରଳ ରପ୍ତାନୀ କରିବା ପାଇଁ ଆସିଥିବା ବିଦେଶୀ କ୍ଲାଭିନ୍‌କୁ ଏହି ଡିଲ୍‌ରେ ସାମିଲ୍ କରି ତାର ଭରପୁର ଫାଇଦା ନେବା ପାଇଁ ପ୍ରୟାସ ଚଳେଇଥିଲା । ଲ୍ୟାଣ୍ଡ୍ ଲାବିରିନ୍ଥ କିପରି ପରିବେଶ ଉପରେ ଦେଢ଼ ଶହ ପ୍ରତିଶତ ପ୍ରଶସ୍ତି କରୁଛି ଏବଂ ସ୍ଥାନୀୟ ବାସିନ୍ଦା ଖଣି ନିଗମ ଦ୍ୱାରା ଉପକୃତ ହେଉଛନ୍ତି ତା ଉପରେ ମିଟିଙ୍ଗ୍‌ରେ ବିସ୍ତୃତ ଭାବରେ କହିଥିଲା । କିନ୍ତୁ ସତରେ କଣ ସ୍ଥାନୀୟ ବାସିନ୍ଦା ଉପକୃତ ହେଉଥିଲେ ? ପରିବେଶ ପ୍ରଦୂଷଣ ଯୋଗୁଁ ଶିଶୁ ମୃତ୍ୟୁହାର ବଢୁଥିଲା । ଜୁଆଙ୍ଗମାନେ କାମ ନପାଇ ଭୋକ ଉପାସରେ ଦିନ କାଟୁଥିଲେ । ନଗଡ଼ାର ଏହି ବିପର୍ଯ୍ୟସ୍ତ ଜନସମାଜ ପାଇଁ ତଥା ମହିଳା ଓ ଶିଶୁ ବିକାଶ ନିମନ୍ତେ ଇତି ହେମ୍ବ୍ରମ ଓରଫ୍ ଇତି ସାଜିଛି ଏହି ଉପନ୍ୟାସର ନାୟିକା । ଆଦିବାସୀ ଜୁଆଙ୍ଗମାନଙ୍କ ପାଇଁ ସେ ଲଢ଼ିଛି ଏବଂ ତା ସହିତ ହାତ ମିଶାଇ

ଚାଲିଛନ୍ତି ଉମାକାନ୍ତ ଦେବତା ଓ ବିଦେଶୀ କ୍ଲାଭିନ୍ । ଇତି ସେହି ମିଟିଙ୍ଗ୍‌ରେ କମ୍ପାନୀ ତଥା ସୁପ୍ରିୟର କଥା ବିରୋଧରେ ସ୍ୱର ଉଠେଇଛନ୍ତି ପ୍ରଥମେ କୁହନ୍ତୁ, ଯେଉଁ ଜଳ, ଜମି ଓ ଜଙ୍ଗଲକୁ ଅକ୍ତିଆର କରି ଖଣି ଉତଖନନ ହେଉଛି, ସେହି ଜଳ, ଜମି, ଜଙ୍ଗଲର ମାଲିକ ଆଦିବାସୀମାନଙ୍କ ଭିତରୁ କେତେ ଜଣ ଶ୍ରମିକ ଭାବେ ନିଯୁକ୍ତି ପାଇଛନ୍ତି ?" (୧୧) ସ୍ଥାନୀୟ ଅଧିବାସୀଙ୍କ କଲ୍ୟାଣ ବା ବିକାଶ ପାଇଁ ଏଲ୍.ଏଲ୍. କମ୍ପାନୀକୁ ସରକାରଙ୍କ ଠାରୁ ପ୍ରଚୁର ଅର୍ଥ ଯାଉଥିଲା ତେଣୁ ଏତେ ସବୁ ଅର୍ଥ କଣ ହେଉଛି ବୋଲି ଉମାକାନ୍ତ ବାବୁ ଆର୍.ଟି.ଆଇ କରିଥିଲେ । ଏହା ସହିତ ଡି.ଏମ୍.ଏ'. ଏବଂ ଏଲ୍.ଏଲ୍. କମ୍ପାନୀକୁ ଇତି ସହିତ ଉମାକାନ୍ତ ବାବୁ ପରିଦର୍ଶନରେ ଯାଇଥିଲେ । ଇତି ସେଠିକାର ଗଣତନ୍ତ୍ର ଦିବସରେ ମଧ୍ୟ ନଗଡ଼ା ବାସିନ୍ଦାଙ୍କ ପାଇଁ ସ୍ୱର ଉତ୍ତୋଳନ କରିଛି – " "ଯାଅ ସରକାର ଦେଖ ଯାଇ ନଗଡ଼ାରେ କୁପୋଷଣର ଶୀକାର ହୋଇ ଦମ୍ ଛାଡୁଥିବା କୁନିକୁନି ମଣିଷର ଅସାଡ଼ ଶରୀର । ସେ ବଞ୍ଚିଗଲେ ସିନା ସଂରକ୍ଷଣର ସୁବିଧା ପାଇବ ! ସେ ବଂଚି ରହିଲେ ସିନା ପାଠ ପଢ଼ିବ, ଚାକିରୀ କରିବ ! ଘଫଘ ସଂରକ୍ଷଣ ନୁହେଁ ସରକାର, ସୁରକ୍ଷା ଦିଅ । ଆରକ୍ଷଣ ନୁହେଁ, ନିରକ୍ଷଣ କର । ଯେଉଁ ସଂରକ୍ଷଣ, ଆରକ୍ଷଣ ତା'ର ଆତ୍ମସମ୍ମାନକୁ ଦଳିମକଚି ଧୂଳିସାତ୍ କରେ ତାହା ସଂସ୍କରଣସାପେକ୍ଷ । ଯାଅ ସରକାର, ନଗଡ଼ାର ସେଇ ଆଦିବାସୀକୁ ପଚାର ଯିଏ ପାହାଡ଼ର ଦନ୍ତୁରା ଛାତିରେ ପୋଡୁଚାଷ କରି ଜିଇଁବାର ମୂଳମନ୍ତ୍ର ଉଚ୍ଚାରଣ କରୁଛି । ନା ତା' ପାଖେ ଅଛି ତେଲ, ନା ଅଛି ମସଲା । ନା ସେ ତେଲ ଲଗାଇ ଶିଖିଛି, ନା ସେ ତେଲ ମାଖିପାରୁଛି । ନା ସିଏ ମସଲା କଷି ଖାଇପାରୁଛି, ନା ସେ ମସଲାର ମାଲେମାଲ ପ୍ରଚାର କରିପାରୁଛି । ହଁ, ତା' ପାଖରେ ଭୋକ ବ୍ୟତିରେକ ଅଛି ଆଉ ଗୋଟିଏ ଜିନିଷ ଯାହା ସେ ସରକାରଙ୍କୁ ଦେଇପାରିବ । ସେହି ଭୋଟ ବଦଳରେ ସରକାର, ତମେ ତାକୁ ଦିଅ କଣ ? ! ମଧ୍ୟାହ୍ନ ଭୋଜନ, ରେସନ ଆଉ ସିଲଟ ଖଡ଼ିର ଉପରକୁ ଯାଇ ଦେଖ ସରକାର, ସେ ତା' ଜାଳିରେ ସଜସଜ ବିଶ୍ୱାସ ନେଇ ତୁମର ସାମାନ୍ୟ ଉପଚାରକୁ ଚାହିଁବସିଛି ।" (୧୨) ଏହା ହିଁ ନଗଡ଼ାର ନଗ୍ନ ବାସ୍ତବତା । ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ଆସେ ସ୍ଥାନୀୟ ବିକାଶ ଓ ସ୍ଥାନୀୟ ବାସିନ୍ଦାଙ୍କ କଲ୍ୟାଣ ପାଇଁ କିନ୍ତୁ ତା'ର ଫାଇଦା ଉଠାନ୍ତି କେବଳ ଉଦ୍ୟୋଗୀ ବା ପୁଞ୍ଜିପତିମାନେ । ଆଦିବାସୀ ଜୁଆଙ୍ଗ କାମ ପାଉ ସମସ୍ତ ସୁବିଧାରୁ ବଞ୍ଚିତ ହୁଏ ଦୁଃଖ କଷ୍ଟରେ ସରକାରଙ୍କୁ ଚାହିଁ ଚାହିଁ ଏମିତି ଦିନ ବିତିଯାଏ ।

**ଉପସଂହାର:**

ଶେଷରେ ଏତିକି କୁହାଯାଇପାରେ ଯେ, ଏକବିଂଶ ଶତାବ୍ଦୀର ଏ ପ୍ରଗତିଶୀଳ ସମୟଖଣ୍ଡରେ ଅପପୁଷ୍ଟି ଭଳି ଏକ ସମସ୍ୟା ଆମ ପ୍ରକାଶନ ଓ ବ୍ୟବସ୍ଥା ପ୍ରତି ଏକ ଉପହାସ । ଏହି ସମସ୍ୟାକୁ କେନ୍ଦ୍ର କରି ଯଦିଓ ଓଡ଼ିଆ ଉପନ୍ୟାସ ସାହିତ୍ୟରେ କେତେଜଣ ହାତଗଣତି କଥାକାର ନିଜର ଲେଖନୀ ଚାଳନା କରିଛନ୍ତି; ତଥାପି ଏହା ବଳିଷ୍ଠ ହୋଇପାରିଛି । ଉପରୋକ୍ତ ଆଲୋଚନା ଏ କ୍ଷେତ୍ରରେ ସୂଚନାତ୍ମକ ଏକ ପ୍ରୟାସ ମାତ୍ର ।

**ସହାୟକ ଗ୍ରନ୍ଥସୂଚୀ :**


- ଚିରଞ୍ଜିତ, ଚିତ୍ତରଞ୍ଜନ, "ଯୋଦ୍ଧା', କଥା ପତ୍ରିକା, ଭୁବନେଶ୍ୱର, ଫେବୃୟାରୀ ସଂଖ୍ୟା ୨୦୧୭, ପୃଷ୍ଠା-୧୨୫
- ତତ୍ରୈବ, ପୃ- ୧୪୧
- ତତ୍ରୈବ, ପୃ- ୧୪୨
- ତତ୍ରୈବ, ପୃ-୧୦୩
- ଚିରଞ୍ଜିତ, ଚିତ୍ତରଞ୍ଜନ, କର, ରବିନାରାୟଣ, " ନଶ୍ୱର ଗଡ଼ର ଡ଼ାକବାଜି ', ପଶ୍ଚିମା ପବ୍ଲିକେସନ୍ସ, ଭୁବନେଶ୍ୱର, ପ୍ରକାଶ ୨୦୨୧, ପୃ-୧୭
- ତତ୍ରୈବ, ପୃ-୪୫
- ତତ୍ରୈବ, ପୃ-୧୩୯
- ଚୌଧୁରୀ, ମମତାମୟୀ, "ଲୁହା" ପଶ୍ଚିମା ପବ୍ଲିକେନ୍ସ, ଭୁବନେଶ୍ୱର, ପ୍ରଥମ ପ୍ରକାଶ ୨୦୨୨, ପୃ-୨୧
- ତତ୍ରୈବ, ପୃ-୫୨
- ତତ୍ରୈବ, ପୃ-୬୫
- ତତ୍ରୈବ, ପୃ-୭୩
- ତତ୍ରୈବ, ପୃ-୧୮୪, ୧୮୫


❖ ❖ ❖

DOI : https://doi.org/10.5281/zenodo.17550801

ମୂଳ ପ୍ରବନ୍ଧ

# ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନା: ସ୍ୱର ଓ ସ୍ୱାତନ୍ତ୍ର୍ୟ

**ରଶ୍ମିତା ପଣ୍ଡା**

**ସଂକ୍ଷିପ୍ତସାର:**

ସ୍ୱାଧୀନତ୍ତୋର କାଳରେ ଓଡ଼ିଆ ସମାଲୋଚନା ଯେତିକି ବୈଚିତ୍ର୍ୟ ଓ ବର୍ଣ୍ଣବିଭା ବିମଣ୍ଡିତ ଏକବିଂଶ ଶତାବ୍ଦୀର ସମାଲୋଚନା ସେହି ଅନୁପାତରେ ଯଥେଷ୍ଟ ସଚେତନ ଦୃଷ୍ଟି ଓ ଦର୍ଶନ ସାପେକ୍ଷ। ବିଶେଷକରି ସତୁରୀ-ଅଶୀ ଦଶକରେ ଓଡ଼ିଆ ସାହିତ୍ୟ ସମାଲୋଚନାର ଦୃଷ୍ଟି ଓ ଦର୍ଶନଗତ ଭିନ୍ନତା ପରିଲକ୍ଷିତ ହୋଇଥିଲା ଯାହା ଏକବିଂଶ ଶତାବ୍ଦୀ ବେଳକୁ ସବିଶେଷ ପରିବେଶ ଓ ପରିସ୍ଥିତି ଭିତରେ ଅଧିକରୁ ଅଧିକ ପୁଷ୍ଟ ହେବାସହ ନବନବ ପଥରେ ପଦପାତ କରିଥିବାର ଲକ୍ଷ୍ୟ କରିହେବ। ପାଶ୍ଚାତ୍ୟ ଦୃଷ୍ଟି ଓ ଦାର୍ଶନିକ ଭାବଧାରା ସାହିତ୍ୟର ଅନ୍ୟାନ୍ୟ ବିଭାଗକୁ ପ୍ରଭାବିତ କଲାପରି ଏହି ଦିଗଟିକୁ ଶତକଡ଼ା ନବେ ଭାଗରୁ ଅଧିକ ପ୍ରଭାବିତ କରିଛି। ପ୍ରକୃତପକ୍ଷେ କହିବାକୁ ଗଲେ ସ୍ୱାଧୀନତା ପରବର୍ତ୍ତୀ ଓ ଏକବିଂଶ ଶତାବ୍ଦୀର ସାହିତ୍ୟ ସମାଲୋଚନାକୁ ଯଦି କିଛି ସର୍ବାଧିକ ପ୍ରଭାବିତ କରିଛି ବୋଲି କୁହାଯାଏ, ତେବେ ତାହା ହେବ ପ୍ରତୀଚ୍ୟ ସମୀକ୍ଷା ଦୃଷ୍ଟି ଓ ସମୀକ୍ଷା ପନ୍ଥା। ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ ମଧ୍ୟରୁ ଯଦି କୌଣସି ବିଭାଗକୁ ପାଶ୍ଚାତ୍ୟ ଦୃଷ୍ଟି-ଦର୍ଶନ ସର୍ବାଧିକ ପ୍ରଭାବିତ କରିଛି, ତାହା ହେଉଛି ସମାଲୋଚନା ମାତ୍ର। ପ୍ରତୀଚ୍ୟ ସମାଲୋଚନା ବିଶେଷକରି ସମାଜତତ୍ତ୍ୱ, ନୃତତ୍ତ୍ୱ, ରାଜନୀତି ବିଜ୍ଞାନ, ଦର୍ଶନତତ୍ତ୍ୱ, ମନସ୍ତତ୍ତ୍ୱ ଓ ଭୌତିକ ବିଜ୍ଞାନର ମୌଳିକ ସିଦ୍ଧାନ୍ତବଳୀକୁ ଆଧାର କରି ଏକ ଆନ୍ତର୍ବିଷୟକ ଆବେଦନକୁ ଅଙ୍ଗୀକାର କରିଛି। ସେହି ସମାନ ଆଧାରକୁ ଆଶ୍ରୟ କରି ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନା ମଧ୍ୟ ଆନ୍ତର୍ବିଷୟକ ହୋଇପଡ଼ିଛି। ଅବଶ୍ୟ ଏହା ମଧ୍ୟ ସତ୍ୟ ଯେ, ଏହି ଆନ୍ତର୍ବିଷୟକ ଆବେଦନର ମାତ୍ରା ଖୁବ୍ କମ୍। କିନ୍ତୁ ଉତ୍ତର ପଚାଶ ବା ଉତ୍ତର ସତୁରୀ ଦଶକ ବା ତତ୍‌ପରବର୍ତ୍ତୀ କାଳର ସମାଲୋଚନାର କଳା ଓ କାରିଗରୀ ତଥା ସେହିସବୁ ଆବେଦନ ଏକବିଂଶ ଶତକର ଏହି ଆଦ୍ୟ ଦୁଇ ଦଶନ୍ଧିରେ ମଧ୍ୟ ବେଶ୍ ପ୍ରତିଫଳିତ।

**ପ୍ରମୁଖ ଶବ୍ଦାବଳୀ:**

ବିନିର୍ମାଣ, ଉତ୍ତର ଉପନିବେଶବାଦ, ପରିବେଶନାରୀବାଦ, ସମୀପପଠନ, ଆନ୍ତଃବିଷୟକତା।

## ଉପୋଦ୍‌ଘାତ (Introduction):

ସମାଲୋଚନା ଏକ ସାରସ୍ୱତ କଳାବିଶେଷ ଅଟେ। ସାହିତ୍ୟର ବିବେକ ହେଉଛି ସମାଲୋଚନା, ପାଠକ ନିଜ ମନ ଓ ପ୍ରାଣର ପ୍ରତିଛବିକୁ ପ୍ରତ୍ୟକ୍ଷ କରିବା ନିମିତ୍ତ ଆବଶ୍ୟକ ମୁକୁର ହେଉଛି ସମାଲୋଚନା। ପୁଣି କେହିକେହି କହନ୍ତି କଳା ଉପରେ ବିଦଗ୍ଧପଣର ପ୍ରତିଶୋଧ ହେଉଛି ସମାଲୋଚନା। ପୁଣି ଦେଖିବାକୁ ଗଲେ ବସ୍ତୁନିଷ୍ଠ ବା ତନ୍ମୟ ସମାଲୋଚକ ପରି ବ୍ୟକ୍ତିଟିଏ ନାହିଁ, କିନ୍ତୁ ମନ୍ମୟ ପରିପ୍ରକାଶ ହିଁ ଅଦ୍ୱିତୀୟ ସମାଲୋଚନା ପଦବାଚ୍ୟ। ଜଣେ ଉତ୍ତମ ସମାଲୋଚକ ହେଉଛି ଜଣେ ପାଠକ ଯିଏ କି ତା'କୁ କ'ଣ ଭଲଲାଗେ ଜାଣିପାରିଥାଏ ଓ ତା'ର ବ୍ୟାଖ୍ୟା ମଧ୍ୟ କରିପାରିବାର କ୍ଷମତା ରଖିଥାଏ। ସମାଲୋଚକ ଜନସାଧାରଣଙ୍କୁ ଶିକ୍ଷିତ କରିଥାଏ, ଏଣୁ ସମାଲୋଚକକୁ କଳାକାରଟିଏ ଶିକ୍ଷିତ କରିଥାଏ। ଅତଏବ ସମାଲୋଚକ- ପାଠକ ଓ କଳାକାର ପରସ୍ପର ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଉତ୍ତରାଧୁନିକ କାଳରେ ଟେରୀ

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

**Quick Response Code:**

**Available online at :** https://pracheenews.com/

**DOI:** https://doi.org/10.5281/zenodo.17550801

Article No - BPP00339

**ଯୋଗାଯୋଗ :**
ରଶ୍ମିତା ପଣ୍ଡା, କଳାବିଭୂଷଣ ଗବେଷିକା,
ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**Email :** rashmipanda1993@gmail.com
**ORCID ID:** https://orcid.org/0009-0003-4751-3030

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୦୬.୨୦୨୫ | ୧୨.୦୭.୨୦୨୫ | ୨୦.୦୮.୨୦୨୫ | ୧.୦୯.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପଣ୍ଡା, ରଶ୍ମିତା: ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନା: ସ୍ୱର ଓ ସ୍ୱାତନ୍ତ୍ର୍ୟ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଚ, ପୃଷ୍ଠା :୬୧-୬୯।

ଇଗଲ୍‌ଟନ୍, ଫ୍ରେଡ୍ରିକ୍ ନିତ୍‌ସେ, ବାର୍‌ବାରା ଜନ୍‌ସନ୍ ଓ ଜିନେଟ୍ ୱିଣ୍ଟର୍‌ସନ୍ ପ୍ରମୁଖ ଚିନ୍ତାନାୟକମାନେ ସମାଲୋଚନାର ସ୍ୱତନ୍ତ୍ର ବିବେଚନା କରନ୍ତି। ସମାଲୋଚନା ସର୍ବକାଳରେ ଐତିହାସିକ ଓ ସେଥିପାଇଁ ସର୍ବଦା ଆଦର୍ଶବାଦୀ। ନିତ୍‌ସେଙ୍କ ପରି ଦାର୍ଶନିକ ପ୍ରତ୍ୟେକ ଲେଖାକୁ ଏକ ଇଣ୍ଟରପ୍ରିଟେସନ୍ ବା ବ୍ୟାଖ୍ୟା ବା ବିବେଚନା ଭାବରେ ଗ୍ରହଣ କରିଥା'ନ୍ତି। ଦେଖିବାକୁ ଗଲେ ପ୍ରକୃତି ବା ପ୍ରାକୃତିକ ଘଟଣା ବା ସେହିପରି କିଛି ପ୍ରାଥମିକ ଜିନିଷରୁ ହିଁ ଲେଖାଟିଏ ବା ଭାବଟିଏ ବା କଥାଟିଏ ଜନ୍ମନିଏ ବା ଜନ୍ମିବାର ପ୍ରେରଣା ପାଇଥାଏ। ଯଥାର୍ଥରେ କାର୍ଯ୍ୟ-କାରଣ ସୂତ୍ରରେ ସେ ତଥାକଥିତ ସମାଲୋଚନା ହେଉ ବା ପ୍ରେରଣା ପ୍ରସୂତ ସାରସ୍ୱତ ରଚନା-ବିରଚନା ବା ସଂରଚନାଟିଏ ହେଉ, ସବୁକିଛି ଦ୍ୱିତୀୟକ, ସବୁ ଗୋଟିଗୋଟି କରି ପ୍ରକୃତି ପ୍ରସୂତ, ଏକ ଏକ ମନ୍ମୟ ବିବେଚନା ମାତ୍ର। କିନ୍ତୁ ମନ୍ମୟତା ମଧ୍ୟରେ ତନ୍ମୟତା ଯେତେ ଅଧିକ ଲୁକ୍କାୟିତ ରହିବ, ଯେତେମାତ୍ରାରେ ସୁରକ୍ଷିତ ରହିବ, ସେହି ଲେଖାଟି ସେତେ ମାତ୍ରାରେ କାଳଜୟୀ ହୋଇପାରିବ। ପୁଣି ଏହା ମଧ୍ୟ ସତ୍ୟ ଯେ, ତନ୍ମୟତା ଓ ମନ୍ମୟତା ଉଭୟେ ଅଭେଦ୍ୟ-ଅବିଚ୍ଛେଦ୍ୟ।

ସମାଲୋଚନା ଏପରି ଏକ ସାରସ୍ୱତ କଳାବିଶେଷ ଅଟେ ଯାହାଦ୍ୱାରା କଳାଖଣ୍ଡଟି କାଳଖଣ୍ଡ ଅତିକ୍ରମ କରିବା ସଂଗେ ସଂଗେ ବାସ୍ତବତାଠାରୁ ଅଧିକ ବାସ୍ତବ ମନେହୁଏ। କଳାଖଣ୍ଡଟିରେ ଯାହାକିଛି ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଛି ତା'ର ଯଥାର୍ଥତା ପ୍ରତିପାଦନର ମାଧ୍ୟମ ହେଉଛି ସମାଲୋଚନା- ଏଣୁ ସମାଲୋଚନା ହେଉଛି ସମ୍ୟକ୍ ଆଲୋଚନା। ଉତ୍ତରଉପନିବେଶବାଦର ଅନ୍ୟତମ ବିଶିଷ୍ଟ ପ୍ରବକ୍ତା ଏଡ୍‌ୱାର୍ଡ ସଇଦ୍ କହନ୍ତି ସମସ୍ତ ସାରସ୍ୱତ ସମାଲୋଚନା ଏକ ପ୍ରକାରର ଚମତ୍କାର ଅନୁଭୂତିରୁ ଆରମ୍ଭ ହୋଇଥାଏ, ତାହା ହେଉଛି ଭାଷାର ଏପରି ଚମତ୍କାର ଅଭିବ୍ୟକ୍ତି ଓ ଅଭିକ୍ରିୟା। ଗାୟତ୍ରୀ ଚକ୍ରବର୍ତ୍ତୀ ସ୍ପିଭାକ୍ କହନ୍ତି "ସମାଲୋଚକର ଭୂମିକା କେବଳ ମୂଲ୍ୟାଙ୍କନ ପୂର୍ବକ ଫଇସଲା ଶୁଣାଇବା ନୁହେଁ ଅଧିକନ୍ତୁ ବିବିଧ ସଂସ୍କୃତି, ବିବିଧ କାଳଖଣ୍ଡ ଓ ବିବିଧ ପାଠ ବା ଟେକ୍‌ସ୍ଟ ମଧ୍ୟରେ କଥୋପକଥନ, ଭାବଗତ ଆଦାନ ପ୍ରଦାନ ସୃଷ୍ଟି କରିବା।" ପ୍ରତ୍ୟେକ ସମାଲୋଚକ ନିଜର ସମାଲୋଚନା ମଧ୍ୟରେ କାଳଜୟୀ ହେବାକୁ ଇଚ୍ଛା କରିଥାଏ। କାରଣ ପ୍ରତ୍ୟେକ ସମାଲୋଚକ ତା'ର ଅଜାଣତରେ ନିଜ ସମାଲୋଚନାରେ ମିଶିସାରିଥାଏ।

## ସାହିତ୍ୟିକ ସମାଲୋଚନାର ଲକ୍ଷଣାବଳୀ (Characteristics of Literary Criticism):

ସାରସ୍ୱତ ସମାଲୋଚନା ହେଉଛି ସାହିତ୍ୟିକ ପାଠଟିଏର ଏକ ଶୃଙ୍ଖଳିତ ବିଶ୍ଳେଷଣ, ପରିଶୀଳିତ ବିବେଚନ ଓ ତନ୍ମୟ ଧାରଣା ଓ ମନ୍ମୟ ଅବଧାରଣାଗତ ଚିନ୍ମୟ ମୂଲ୍ୟାୟନ ବିଶେଷ। ସାହିତ୍ୟିକ ପାଠର ଅର୍ଥ, ପ୍ରସଙ୍ଗ ଓ ପ୍ରକାର୍ଯ୍ୟାଦିର ଅବବୋଧରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ସମାଲୋଚନାର ମୂଳ ଲକ୍ଷଣାବଳୀଗୁଡ଼ିକୁ ନିମ୍ନମତେ ଉଲ୍ଲେଖ କରାଯାଇପାରେ।

### (କ) ବିଶ୍ଳେଷଣାତ୍ମକ ଓ ବିବେଚନାତ୍ମକ ପ୍ରକୃତି (Analytical and Interpretative Nature)

ସମାଲୋଚନାର ଦୁଇଟି ବିଶେଷ ପ୍ରକୃତି ବା ଲକ୍ଷଣ ହେଉଛି ଏହାର ବିଶ୍ଳେଷଣାତ୍ମକ ଓ ବିବେଚନାତ୍ମକ ଆଭିମୁଖ୍ୟ। ସାହିତ୍ୟ ପାଠର ଭାଷା, ସଂରଚନା, ବିଷୟବସ୍ତୁ, ପ୍ରତୀକାତ୍ମକତା, ଶୈଳୀ ଓ ସଂସ୍କୃତି ଇତ୍ୟାଦିର ପରୀକ୍ଷା ନିମନ୍ତେ ଏହାର ବିଖଣ୍ଡନ ଓ ବିଶ୍ଳେଷଣ କରିବା ସମାଲୋଚନାର ଏକ ବିଶେଷ ଲକ୍ଷଣ ଅଟେ। ସମାଲୋଚନାଦ୍ୱାରା ସାରସ୍ୱତ କୃତିର ଅଭିଧାର୍ଥ ଉତ୍ତରରେ ନିହିତ ଏହାର ବିବିଧ ଅନ୍ତର୍ନିହିତ ଅର୍ଥାବଳୀ, ପାଠର ଉପପାଠ, ଉପଦିଗବିଦିଗ ଓ ଆଶୟ ତଥା ସୁରକ୍ଷିତ ଉପବିଷୟାଦିର ଆବିଷ୍କାର ନିମିତ୍ତ ବିବେଚନା ବା ଇଣ୍ଟରସିଟେସନ୍ ହୋଇଥାଏ। ବିବେଚନା, ସମୀପ ବିବେଚନା, ଭିନ୍ନ ବିବେଚନା ଓ ପ୍ରତିବିବେଚନା ମାଧ୍ୟମରେ ଟେକ୍ସଟ୍ ତଳେ ଥିବା ଅର୍ଥାବଳୀ ବେଶ୍ ପ୍ରତିଭାତ ହେବାର ସୁଯୋଗ ସୃଷ୍ଟି ହୁଏ। ଏହା ଅବଶ୍ୟ ସମାଲୋଚନାର ବାହାଦୁରୀ ବା ଅସଲ କ୍ରେଡିଟ୍ କହିଲେ ଚଳେ। ସାହିତ୍ୟକୃତିଟି କାହିଁକି ଓ କିପରି ସୃଷ୍ଟି ହୋଇଛି- ତାହା ନିରୂପଣ କରିବା ସମାଲୋଚନାର କାମ। ସମାଲୋଚକ ଅନ୍ତତଃ ଏହି 'କାହିଁକି' ଓ 'କିପରି' ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ଲେଖାଟିରେ ବା ସାରସ୍ୱତ କୃତିଟିରେ ବିଶେଷତ୍ୱ ଏହାଦ୍ୱାରା ନିରୂପିତ ହୋଇଥାଏ।

### (ଖ) ତାତ୍ତ୍ୱିକ ଗଠନଶୈଳୀ (Theoretical Framework):

ସମାଲୋଚନାର ଅନ୍ୟତମ ଲକ୍ଷଣ ହେଉଛି ଏହାର ଧାରା ବା ଏହାର ଫ୍ରେମ୍ ବା ଛାଞ୍ଚ। ପ୍ରତ୍ୟେକ ସମାଲୋଚନା ବା ପ୍ରତ୍ୟେକ ସମାଲୋଚକ ଏକ ସ୍ୱତନ୍ତ୍ର ଧାରାର ହୋଇଥାଏ। ଦୃଷ୍ଟାନ୍ତ ସ୍ୱରୂପ ଫର୍ମ, ଭାଷା, ସଂରଚନା ବା ଗଠନ ଉପରେ ଧ୍ୟାନଦେଇ ସମାଲୋଚନା କରାଯାଉଥିଲେ ତାହା ସଂରଚନାବାଦୀ ସମାଲୋଚନା ବା ନୂତନ ସମାଲୋଚନା ଧାରାର ସମାଲୋଚନା ହୋଇଥାଏ। ସେହିପରି ଶ୍ରେଣୀ ସଂଘର୍ଷ-ସଂଘାତ ଓ ଶ୍ରେଣୀ କୈନ୍ଦ୍ରିକ ଚିନ୍ତାଧାରା ଓ ଆଦର୍ଶକୁ କେନ୍ଦ୍ରକରି ମାର୍କ୍‌ସୀୟ ସମାଲୋଚନା ଲେଖାହୁଏ। ଫ୍ରଏଡ୍ ବା ୟୁଙ୍ଗଙ୍କ ମନସ୍ତାତ୍ତ୍ୱିକ ବା ମନୋବିଶ୍ଳେଷଣାତ୍ମକ ବା ମନୋବୈଜ୍ଞାନିକ ଶିକ୍ଷା ଉପରେ ଧ୍ୟାନଦେଇ ସମୀକ୍ଷା ଲେଖାଗଲେ ତାହା ମନୋବିଶ୍ଳେଷଣାତ୍ମକ ସମାଲୋଚନା ଗୋତ୍ରୀୟ ହୋଇଥାଏ। ସେହିପରି ସାମାଜିକ ଲିଙ୍ଗ, ଲୈଙ୍ଗିକ ଭୂମି ଓ ଭୂମିକା ଓ ପିତୃବୈଖୀୟତା ଓ ପୁରୁଷତାନ୍ତ୍ରିକ ସମାଜକୁ ଲକ୍ଷ୍ୟ କରି ସମାଲୋଚନା କଲେ ତାହା ନାରୀବାଦୀ ସମାଲୋଚନାରେ ପରିଣତ ହେଉଥିବାବେଳେ ଉପନିବେଶ, ଔପନିବେଶୀ ପ୍ରଭାବ ଓ ସାଂସ୍କୃତିକ ପରିଚୟ ପ୍ରଭୃତି ଆଶୟ ଓ ବିଷୟାଶ୍ରିତ ସମାଲୋଚନା

ଉତ୍ତରଉପନିବେଶବାଦୀ ସମାଲୋଚନାରେ ପରିଣତ ହୁଏ । ସେହିପରି ସଂସ୍କୃତିକେନ୍ଦ୍ରିକ, ପାଠକ କେନ୍ଦ୍ରିକ, ପରିବେଶ କେନ୍ଦ୍ରିକ, ଜାତି ବା ରେସ୍ କେନ୍ଦ୍ରିକ, ଖାଦ୍ୟ କେନ୍ଦ୍ରିକ, ଟେକ୍ନୋଲୋଜି ବା ବୈଷୟିକ ବିଦ୍ୟା କେନ୍ଦ୍ରିକ ସମାଲୋଚନା ମଧ୍ୟ ସୃଷ୍ଟି ହେଉଛି । ସର୍ବୋପରି ସ୍ଥାନ-କାଳ-ପାତ୍ର କ୍ରମରେ କାଳର ଦାବୀ ବା ଚାହିଦା ଅନୁସାରେ ସାରସ୍ୱତ ପାଠଟିରେ ନିରନ୍ତର ବିନିର୍ମାଣ ହୋଇଚାଲେ, ନିରନ୍ତର ପୁନର୍ଗଠନ ଓ ପୁନର୍ନିର୍ମାଣ ହୋଇଚାଲେ । ଏହାକୁ ସମାଲୋଚନାରେ ବିନିର୍ମାଣ ବା ବିଗଠନ ବୋଲାଯାଏ । ଏହା ମଧ୍ୟ ସମାଲୋଚନାର ଏକ ବିଶେଷତ୍ୱ ବା ଲକ୍ଷଣ ଅଟେ । ବିବିଧ ସମାଲୋଚନାତତ୍ତ୍ୱ ବିବିଧ ବିଶ୍ଳେଷଣ ପଦ୍ଧତି ଓ ପରିଦୃଷ୍ଟି ସୃଷ୍ଟି କରନ୍ତି ଓ ସେହି ଧାରାର ସମାଲୋଚନା ନିମନ୍ତେ ମାର୍ଗଦର୍ଶନ କରିଥା'ନ୍ତି ।

### (ଗ) ମୂଲ୍ୟାଙ୍କନ କେନ୍ଦ୍ରିକ ଓ ବିବେଚନାତ୍ମକ ପ୍ରବୃତ୍ତି (Evaluative and Judgemental Nature):

ସମାଲୋଚନାରେ ସମାଲୋଚକ ସାରସ୍ୱତ କୃତିଟିର ସାହିତ୍ୟିକ କୃତିତ୍ୱ ବିଚାର-ବିବେଚନା କରିବା ସଂଗେ ସଂଗେ ଏହାର ନନ୍ଦନତାତ୍ତ୍ୱିକ, ନୈତିକ ଓ ବୌଦ୍ଧିକ ମୂଲ୍ୟାୟନ ମଧ୍ୟ କରିଥାଏ । ସାହିତ୍ୟକୃତିଟିର ଗୁଣାତ୍ମକ ଦିଗ ଓ ଗୁଣବତ୍ତା ଦୃଷ୍ଟିରୁ ଏହା ସକାରାତ୍ମକ ବା ନକାରାତ୍ମକ ହୋଇଥାଏ । ଏହାଛଡ଼ା ପାଠଟିର ପ୍ରଭାବଶାଳୀତା ଉପରେ ସମାଲୋଚନାର ଦିଶା ଓ ଦଶା ନିର୍ଭର କରିଥାଏ । ସମାଲୋଚନା ପ୍ରକୃଷ୍ଟ ବା ଉତ୍କୃଷ୍ଟ ସାହିତ୍ୟ ନିର୍ମାଣରେ ବା ବିବେଚନାରେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କାର୍ଯ୍ୟ କରିଥାଏ । ସାରସ୍ୱତ କର୍ମରେ ଉତ୍କର୍ଷ ନିରୂପଣ ସହିତ ଏହାର ସାର୍ବକାଳୀକ ମହତ୍ତ୍ୱ ଓ ଗୁରୁତ୍ୱ ପ୍ରତିପାଦନ କରିଥାଏ । ଅତଏବ ସମାଲୋଚନା ଏକାଧାରରେ ଯଥାର୍ଥ ଓ ଯୋଗ୍ୟ ସାହିତ୍ୟର ବ୍ରାଣ୍ଡିଂ କରିଥାଏ । ସାହିତ୍ୟ ସମାଲୋଚନା ସେହି ଦୃଷ୍ଟିରୁ ଏକ ଅତୀବ ଗୁରୁତ୍ୱପୂର୍ଣ୍ଣ ତଥା ଦାୟିତ୍ୱ ସଂପନ୍ନ କଳାବିଶେଷ ଅଟେ ।

### (ଘ) ପ୍ରାସଙ୍ଗିକ ଅବବୋଧନ (Contextual Under standing):

ସମାଲୋଚନାଦ୍ୱାରା ସମାଲୋଚକ ଉଭୟ ଲେଖା ଓ ଲେଖକର ଇତିହାସ, ସଂସ୍କୃତି, ରାଜନୀତିକ ପୃଷ୍ଠଭୂମି, ଜୀବନାୟନ ପ୍ରଭୃତି ପ୍ରସଙ୍ଗଗୁଡ଼ିକୁ ଅନ୍ତର୍ଭୁକ୍ତ କରି ସମୀକ୍ଷା ବା ବିଚାର କରିଥାଏ । ସମାଲୋଚନାରେ ସାହିତ୍ୟକୃତିର ସମ୍ୟକ୍ ଆଲୋଚନା ହେବା ସଂଗେ ସଂଗେ ସମୟର ଉତ୍ପାଦ ବା ପ୍ରତିଫଳନ ଭାବରେ ଉକ୍ତ ସାରସ୍ୱତ କୃତିକୁ ବିଚାରଭୁକ୍ତ କରାଯାଇଥାଏ । ସମାଲୋଚନାରେ ସାହିତ୍ୟକୃତିକୁ ସମାଜର ପ୍ରତିଫଳନ ଭାବରେ ବିବେଚନା କରିବା ସଂଗେ ସଂଗେ ସେହି ନିର୍ଦ୍ଦିଷ୍ଟ ସମୟର ପ୍ରତିଫଳନ, ପ୍ରତିସରଣ ବା ପ୍ରତିବେଦନ ଭାବରେ ଗ୍ରହଣ ମଧ୍ୟ କରାଯାଇଥାଏ । ପୁଣି ସେହି କୃତିଟିର ସମ୍ୟକ୍ ଆଲୋଚନା କାଳରେ ଇତିହାସ, ମନସ୍ତତ୍ତ୍ୱ, ସମାଜତତ୍ତ୍ୱ, ଅର୍ଥନୀତିତତ୍ତ୍ୱ, ଦର୍ଶନତତ୍ତ୍ୱ, ନୃତତ୍ତ୍ୱ, ଭୂଗୋଳ, ଭୂତତ୍ତ୍ୱ, ବିଜ୍ଞାନ, ବାଣିଜ୍ୟ ଓ ବଜାରତତ୍ତ୍ୱରୁ ସଂଗୃହୀତ ଅନେକ ଜ୍ଞାନକୁ ତହିଁରେ ଉପଯୋଗ ବା ପ୍ରୟୋଗ ମଧ୍ୟ କରାଯାଇଥାଏ ।

### (ଙ) ସଂଳାପଧର୍ମିତା / ସମ୍ବାଦଧର୍ମିତା ଓ ତାର୍କିକତା ବା ଯୌକ୍ତିକତା (Dialogic and Debative):

ସମାଲୋଚନା ବସ୍ତୁତଃ ଏକପ୍ରକାରର ଡାଇଲଗ୍ ବା ସଂଳାପଧର୍ମୀ ବା ସମ୍ବାଦଧର୍ମୀ । ବିବିଧ ବାଦ-ବିବାଦ ସଂପର୍କରେ ବିଭିନ୍ନ ସମାଲୋଚକ, ଦାର୍ଶନିକ ବା ଚିନ୍ତାନାୟକଙ୍କ ସହ ଏହା ସମ୍ବାଦ ପ୍ରସ୍ତୁତ କରିଥାଏ । ଯଥାର୍ଥରେ କୁହାଯାଇପାରେ ଯେ, ଯେତେବେଳେ ଜଣେ ସମାଲୋଚକ କୌଣସି ଟିପ୍ପଣୀ ବା ମନ୍ତବ୍ୟ କୌଣସି ଏକ ସାରସ୍ୱତ କୃତି ସଂପର୍କରେ ରଖିଥାଆନ୍ତି, ସେହିକ୍ଷଣି ବା ତତ୍‌ପରବର୍ତ୍ତୀ କାଳରେ ତାହା କୌଣସି ନା କୌଣସି ବାଦ-ବିବାଦ ବା ସାହିତ୍ୟିକ ମତବାଦ ବା ଗୋଷ୍ଠୀଭୁକ୍ତ ହୋଇଯାଏ । ଏଣୁ ଯେକୌଣସି ସମାଲୋଚନା ଆପେଆପେ ସ୍ୱତଃଭାବରେ ବିବିଧ ସାହିତ୍ୟ ତାତ୍ତ୍ୱିକ ଗଠନ ବା ଗଢ଼ଣର ସମର୍ଥନ କରିବା ସଂଗେ ସଂଗେ ଅନ୍ୟ ଏକ ମତ ବା ମନ୍ତବ୍ୟର ବିରୁଦ୍ଧାଚରଣ କରିଥାଏ । ଏହା ସମାଲୋଚନାର ଏକ ସାଧାରଣ ପ୍ରକୃତି ଓ ପ୍ରବୃତ୍ତି ମାତ୍ର । ତେଣୁ ପ୍ରତ୍ୟେକ ସମାଲୋଚନା ଏକ ସ୍ୱତନ୍ତ୍ର ସମାଲୋଚନା ଓ ସଠିକ୍ ସମାଲୋଚନା ବିଶେଷ ଅଟେ । ବେଳେବେଳେ ପରସ୍ପର ବିରୋଧୀ ମତବାଦ ମଧ୍ୟ ଗୋଟିଏ ପାଠର ବା ଟେକ୍ସଟର ଭିନ୍ନ ଭିନ୍ନ ବିବେଚନାଭୁକ୍ତ ସମାଲୋଚନା ହୋଇପାରେ । ସାହିତ୍ୟିକ ସମାଲୋଚନା ବିତର୍କ ଓ ପୁନର୍ପଠନ ପାଇଁ ସୁଯୋଗ ସୃଷ୍ଟିକରେ । ଏଣୁ ଏହା ମଲ୍ଟି ଭୋକାଲ୍ ଏବଂ ପ୍ଲୁରାଲିଷ୍ଟିକ୍ ବା ବହୁଜନ ଓ ବହୁମତ ସାପେକ୍ଷ । ଏହି ମର୍ମରେ ଅବଶ୍ୟ ଏହା କୁହାଯାଇପାରେ ଯେ, ପୃଥିବୀରେ କୌଣସି ପାଠର ପ୍ରକୃତ, ସଠିକ୍ ଓ ସର୍ବଶେଷ ବିବେଚନା ହୋଇପାରି ନାହିଁ କି ପାରିବ ନାହିଁ । ଏକାଧିକ ଥର ପଠନ, ମନନ ଓ ପରିଷ୍କରଣ ଓ ପୁନର୍ପଠନ ଆମର (ପାଠକର) ଅବବୋଧକୁ ବଦଳାଏ, ମୂଳ ଉପାଡ଼ି ଆଉ ଏକ ଭିନ୍ନ ଇଲାକାରେ ମୂଳକୁ ରୋପଣ କରେ, ଅବବୋଧର ପ୍ରାଚୁର୍ଯ୍ୟ ସୃଷ୍ଟିହୁଏ ଓ ଗୁଣବତ୍ତା ବୃଦ୍ଧିପାଏ ।

### (ଚ) ସମୀପ ପଠନ ଓ ପାଠଗତ ତତ୍ପରତା (Close Reading and Textual Engagement):

ସମୀପ ପଠନ ସମାଲୋଚନାର ଅନ୍ୟତମ ଗୁଣ ବା ପ୍ରକୃତି ହୋଇପାରେ । ସମାଲୋଚନା ଉକ୍ତ ନିର୍ଦ୍ଦିଷ୍ଟ ଲେଖା ବା ସାରସ୍ୱତ କୃତିଟିର ଭାଷା, ଭଂଗୀ, ସ୍ୱର, ସ୍ୱାକ୍ଷର, ତା'ର ରୂପଚିତ୍ର, ପ୍ରତୀକାତ୍ମକ ଆବେଦନ, ପଦଯୋଜନା, ଶିଳ୍ପକଳା, କାରିଗରୀ, ଶୈଳୀସ୍ୱାତନ୍ତ୍ର୍ୟ ଓ ଭାଷାବ୍ୟବସ୍ଥାଦି ପ୍ରତି ଗୁରୁତ୍ୱ ସହକାରେ ଦୃଷ୍ଟିପାତ / ବିବେଚନା ମଧ୍ୟ କରିପାରେ ।

ସମାଲୋଚନା ଉକ୍ତ ସାରସ୍ୱତ କୃତିର ଶୈଳୀତାତ୍ତ୍ୱିକ ବା ଆଳଂକାରିକ ବିଶେଷତ୍ୱ ଓ ସ୍ୱାତନ୍ତ୍ର୍ୟ ପ୍ରତି ମଧ୍ୟ ଧ୍ୟାନ ଦେଇଥାଏ, ଯଦ୍ୱାରା ନୂଆ ନୂଆ ବିବେଚନା ଓ ଅନ୍ତର୍ନିହିତାର୍ଥ ଉଦ୍‌ଘାଟିତ ଓ ଆବିଷ୍କୃତ ହୋଇଥାଏ।

### (ଛ) ଦାର୍ଶନିକ ଓ ବୌଦ୍ଧିକ ପ୍ରବୃତ୍ତି (Reflective and Intellectual Nature):

ସମାଲୋଚକ ପାଖରେ ସାରସ୍ୱତ କୃତିଟିର ସମୀକ୍ଷା ନିମନ୍ତେ ଅନେକ ଅବସର ଓ ବିସ୍ତୀର୍ଣ୍ଣ ପରିସର ଥାଏ। ସମୀକ୍ଷକୀୟ ଚିନ୍ତା, ତାର୍କିକ ଚେତନା, ଦାର୍ଶନିକ ବିଚାର ଓ ବିବେଚନାକୁ ଏହା ପ୍ରୋତ୍ସାହିତ କରିଥାଏ। ନିର୍ଦ୍ଦିଷ୍ଟ ପାଠ ବା ଟେକ୍ସଟ୍‌ରୁ ଯଥେଷ୍ଟ ପ୍ରମାଣ ଉଦ୍ଧାର କରି ଏହା ନିଜସ୍ୱ ଯୌକ୍ତିକ ଉକ୍ତି ଉପସ୍ଥାପନା କରିଥାଏ। ସମାଲୋଚନା ଭାବପ୍ରବଣତାର ଏକ ରୁଚିକର ବା ଯାଦୃଚ୍ଛିକ ଅଭିବ୍ୟକ୍ତି ନୁହେଁ କି ଅଭିବ୍ୟଂଜିତ ବା ଅତିବ୍ୟଂଜିତ ଅତିକଥନ ନୁହେଁ। ସମାଲୋଚନା ହେଉଛି ଦୃଷ୍ଟି ମଧ୍ୟରେ ଥିବା ଅନ୍ତର୍ଦୃଷ୍ଟି ଓ ଦୃଷ୍ଟି ମଧ୍ୟରେ ଥିବା ବହିର୍ଦୃଷ୍ଟିବିଶେଷ। ସମାଲୋଚନା ଆବେଗ ପ୍ରବଣ ବା ଅଭିବ୍ୟକ୍ତି ପ୍ରବଣ ହେଲେ ତାହା ନିମ୍ନମାନର ସମୀକ୍ଷା ବୋଲାଏ ମାତ୍ର, ବ୍ୟକ୍ତିତ୍ୱରୁ ବିମୋଚିତ ହୋଇ ନୈର୍ବ୍ୟକ୍ତିକ ଅଭିବ୍ୟକ୍ତି ଆଡ଼କୁ ଅଗ୍ରସର ହେବାକୁ ସମାଲୋଚନା କୁହାଯାଏ। ଅସଲରେ ଏହାହିଁ ପ୍ରକୃଷ୍ଟ ବା ଉତ୍କୃଷ୍ଟ ସମାଲୋଚନାର ଗୁଣ ବା ଲକ୍ଷଣ। ଏଣୁ ସମାଲୋଚନା ସର୍ବକାଳେ ପ୍ରାମାଣିକ ଓ ମାନକ ହେବା ବିଧେୟ।

### (ଜ) ନୈତିକତା ଓ ଆଦର୍ଶବାଦୀ ଅନୁସନ୍ଧିତ୍ସା (Ethical and Ideological Inquiry):

ସମାଲୋଚନା ମୂଲ୍ୟବୋଧ, ନୈତିକତା, ଔଚିତ୍ୟବୋଧ ବା ରାଜନୀତିକ ଅଭିସନ୍ଧି ଉପରେ ପ୍ରଶ୍ନ କରେ। ସାରସ୍ୱତ କୃତିଟିର ପୃଷ୍ଠଭୂମିରେ ଥିବା ତା'ର ନୈତିକ ପ୍ରେରଣା ଓ ପ୍ରୋତ୍ସାହନ ସଂପର୍କରେ ଏହା ବେଧଡ଼କ୍ ପ୍ରଶ୍ନ କରେ, ଆବଶ୍ୟକ ସ୍ଥଳେ ଚାଲେଞ୍ଜ୍ କରି ଦରକାର ପଡ଼ିଲେ ପାରଂପରିକ ବିବେକାନୁମୋଦିତ ପ୍ରଥା ଓ ପରଂପରାର ଛାତିରେ କୁଠାରଘାତ କରେ, ଶାଣିତ ଅଭିବ୍ୟକ୍ତି ବାଢ଼େ। ନାରୀବାଦୀ ସମାଲୋଚନା, ସାଂସ୍କୃତିକ ସମାଲୋଚନା, ଉତ୍ତରଉପନିବେଶବାଦୀ ସମାଲୋଚନା, ପରିବେଶ ସମାଲୋଚନା ବା ବିନିର୍ମାଣ କୈନ୍ଦ୍ରିକ ସମାଲୋଚନାରେ ଏବଂବିଧ ଆଚାର-ବିଚାର ଓ ଉପଚାର ଲକ୍ଷ୍ୟ କରାଯାଏ। ପାଠଟିରେ ରାଜନୀତିକ ଅଭିସନ୍ଧି ଓ ପୃଷ୍ଠଭୂମି ସହ ଏହାର ଅଭିକ୍ରିୟା ଉପରେ ମଧ୍ୟ ସମାଲୋଚନା ତା'ର ଟିପ୍ପଣୀ ରଖିଥାଏ। ଏହି ଅଭିଯାତ୍ରା କାଳରେ ସମାଲୋଚକ ନୂଆ ପରିଚୟ, ନୂତନ ନ୍ୟାୟ, ନବୀନ କ୍ଷମତା, ନବ୍ୟ ଦମନ, ଅଭିନବ ଉତ୍ପୀଡ଼ନ, ନବନବ ସତ୍ୟ ଓ ନବୀନ ବିମୁକ୍ତିକୁ ଆସ୍ୱାଦନ କରିଥାଏ। ନୂଆ ନୂଆ ମୁହଁ, ନୂଆ ଆକାଶ, ନୂଆ ଅନ୍ତରୀକ୍ଷର ଅନନ୍ତ ଶ୍ରୁତି ପ୍ରତିଶ୍ରୁତିର ସାମ୍ନା କରିଥାଏ ସମୀକ୍ଷକ ଏବଂ ତତ୍ ସଂଗେ ସଂଗେ ସେହି "ପାଠ" ମଧ୍ୟରେ ନୂତନ "ପ୍ରପାଠ"ର ସନ୍ଧାନ ପାଏ, ନିଜକୁ ନିଜେ ବ୍ୟକ୍ତି ପ୍ରତିନିତ୍ୟ ଆବିଷ୍କାର କରିଲା ପରି ନିଜେ ଟେକ୍ସଟ୍‌ଟି ସମାଲୋଚକର ସମୟ କୈନ୍ଦ୍ରିକ ଅଭିଦୃଷ୍ଟିରେ ପୁନରାବିଷ୍କୃତ ହୋଇଚାଲେ। ଏଠାରେ ଅବଶ୍ୟ ଏହା କହିବା ବାହୁଲ୍ୟ ଯେ, ଏହି ଆବିଷ୍କାର କୌଣସି ସମୀକ୍ଷକ ବା ନିଜେ ସୃଷ୍ଟିଟି ପାଇଁ ସର୍ବଶେଷ ଅଭିବ୍ୟକ୍ତି ବା ଆବିଷ୍କାର ନୁହେଁ।

### (ଝ) ବୈବର୍ତ୍ତନିକ ଓ ବୈଚିତ୍ର୍ୟମୟ ପ୍ରକୃତି (Evolving and Diverse Nature):

ସଂସାରରେ କୌଣସି ସତ୍ୟ ପରମ ଓ ଚରମ ନୁହେଁ। ପ୍ରତ୍ୟେକ ଶେଷ ହିଁ ଏକ ନୂତନ ଅଧ୍ୟାୟର ପ୍ରାରମ୍ଭ ମାତ୍ର। ସେହିପରି କୌଣସି ସାରସ୍ୱତ ଅଭିବ୍ୟକ୍ତିର ସମାଲୋଚନା ଏହାର ପରିଶିଷ୍ଟ ପ୍ରତ୍ୟାଭିବ୍ୟକ୍ତି ବା ଶେଷତମ ଅନୁଶୀଳନ ପରିଶୀଳନ ନୁହେଁ। ଅବଶ୍ୟ ନୂତନ ଅନାଗତ ଅଭିବ୍ୟକ୍ତିର ତାହା ହୋଇପାରେ ଏକ ଦୃଶ୍ୟମାନ, ଚିନ୍ତ୍ୟମାନ, ଅନୁଭବ୍ୟ ଅଭିବ୍ୟକ୍ତିବିଶେଷ। ସାହିତ୍ୟିକ ସମାଲୋଚନାର କେନ୍ଦ୍ର ଧୀରେ ଧୀରେ ଅପସାରି ହୋଇଚାଲେ ନିଜଠାରୁ, ବଦଳି ବଦଳିଚାଲେ ନିଜର ପୂର୍ବତନ ସ୍ଥିତିଠାରୁ। ଉଦାହରଣ ସ୍ୱରୂପ, ପୂର୍ବରୁ ଆମେ ଲେଖାଟିର କର୍ତ୍ତୃତ୍ୱ ଲେଖକ ହାତକୁ ପୂର୍ଣ୍ଣରୂପେ ପ୍ରଦାନ କରି ଲେଖକ / ସ୍ରଷ୍ଟା ଲେଖାଟିରେ କେଉଁ ଉଦ୍ଦେଶ୍ୟ ରଖିଛନ୍ତି ତାହା ବିଚାର କରୁଥିଲୁ ବା ଖୋଜୁଥିଲୁ। ପରବର୍ତ୍ତୀ କାଳରେ ଲେଖାଟିର "ଲେଖକ" ଉପରେ ଗୁରୁତ୍ୱଆରୋପ ନକରି ବରଂ "ଲେଖାଟି" ଉପରେ ଗୁରୁତ୍ୱ ଦେଲୁଁ। କାରଣ ଲେଖକ ବା ସ୍ରଷ୍ଟା କ'ଣ ଭାବି / ଚିନ୍ତାକରି ଲେଖାଟି ଲେଖିଛି ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ। ବରଂ ଲେଖାଟିରେ କ'ଣ ଲେଖା ହୋଇପାରିଛି ବା କ'ଣ ଅଭିବ୍ୟକ୍ତ ହୋଇପାରିଛି, ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଏହା ହିଁ ଯଥାର୍ଥ ଅନ୍ୱେଷା। କାରଣ ଅନେକ କାଳରେ ଆମେ ଆମର ଇଚ୍ଛା ମୁତାବକ ଅଭିବ୍ୟକ୍ତି ରଖିପାରୁ ନାହୁଁ, କୋଟିଏ ଭାବିଲେ ମଧ୍ୟ ଗୋଟିଏ ବ୍ୟକ୍ତ ହୋଇପାରିବା ହେଉଛି ମହତ୍ତ୍ୱପୂର୍ଣ୍ଣ। ପାଠକ ବା ସମାଲୋଚକ ଲେଖକର ଭାବିଥିବା / ଭାବୁଥିବା ଚିନ୍ତିଥିବା / ଚିନ୍ତୁଥିବା କଥାଗୁଡ଼ିକୁ ନଦେଖି ଲେଖାରେ ପ୍ରତିଫଳିତ ଭାବନା ଓ ଚିନ୍ତାଚେତନା ପ୍ରଭୃତି ସହ ସାକ୍ଷାତ କରିଥାଏ। ଏଣୁ ସେହି ସୀମିତ, ପ୍ରତିଫଳିତ ପ୍ରତିଲିପି ଉପରେ ପାଠକ ବା ସମାଲୋଚକ ନିଜର ଟିପ୍ପଣୀ ରଖିଥାଏ। ଏହାହିଁ ଲେଖକୀୟ ଚିନ୍ତା ସମୁଦ୍ରର ପୃଷ୍ଠଭୂମିର ପ୍ରତିଫଳନର ପ୍ରତିଫଳନ ମାତ୍ର। ଏଣୁ ଏଠାରେ ଟେକ୍ସଟ୍ ବା ପାଠଟି ଗୁରୁତ୍ୱପୂର୍ଣ୍ଣ ହେଲା, ଲେଖକ ନୁହେଁ। ବର୍ତ୍ତମାନ ଲେଖାର ଅର୍ଥକେନ୍ଦ୍ର ଲେଖକ / ସ୍ରଷ୍ଟା ପାଖରେ ନରହି ସେହି ଟେକ୍ସଟ୍ ପାଖରେ ରହିଲା। କିନ୍ତୁ ଏହିଠାରେ କଥା ସରିଲା ନାହିଁ। କାରଣ ଯେତେବେଳେ ସେହି ଟେକ୍ସଟ୍ ବା ପାଠକୁ ଏକାଧିକ ସମାଲୋଚକ ପଢ଼ନ୍ତି ବା ଏକାଧିକ ବର୍ଗର ପାଠକ ପାଠ କରନ୍ତି, ତା'ର ଭିନ୍ନ ଭିନ୍ନ ଅର୍ଥ ମଧ୍ୟ ବାହାରିଥାଏ। କିନ୍ତୁ ଏହା କିପରି ସମ୍ଭବ ! ଯଦି ଲେଖକ ପାଖରେ ପାଠର ଅର୍ଥକେନ୍ଦ୍ର ନରହି "ପାଠ"ଟି ପାଖରେ

ରହିଛି, ତେବେ ସେହି ପାଠଟି ଏକ ବୃତ୍ତ ଏବଂ ଏହାର ଏକ କେନ୍ଦ୍ର ରହିବା ସ୍ୱାଭାବିକ। ସେହି ସୂତ୍ରରେ ଉକ୍ତ ଅର୍ଥକେନ୍ଦ୍ର ସବୁବେଳେ ଅପରିବର୍ତ୍ତିତ ରହିବା କଥା। କିନ୍ତୁ ଭିନ୍ନ ଭିନ୍ନ ପାଠକ ସମାନ "ପାଠବୃତ୍ତ"କୁ ପାଠ କରିବାଦ୍ୱାରା ଉକ୍ତ ବୃତ୍ତଟି ନ ବଦଳିଲେ ମଧ୍ୟ ସେହି ବୃତ୍ତର କେନ୍ଦ୍ର ଅବଶ୍ୟ ବଦଳି ଯାଉଛି। ପୁଣି ଏହା କିପରି ସମ୍ଭବ ହେଉଛି ? ଅବଶ୍ୟ ଏଥିରୁ ପ୍ରମାଣିତ ହେଲା ଯେ, "ପାଠବୃତ୍ତ"ର "ଅର୍ଥକେନ୍ଦ୍ର" ସେହି ପାଠରେ ବା ବୃତ୍ତରେ ନାହିଁ, ବରଂ ଏହା ଉକ୍ତ ବୃତ୍ତର / ପାଠର ବାହାରେ "ପାଠକ/ସମୀକ୍ଷକ" ପାଖରେ ରହୁଛି। ଏଠାରେ ପୁନଃ ପ୍ରଶ୍ନ ଆସେ ଯେ, ଦୁଇ ଭିନ୍ନ ଭିନ୍ନ ସମାଲୋଚକଙ୍କ ମତ ଭିନ୍ନ ହେଲା କିପରି ଓ କାହିଁକି ? ଏହି କ୍ଷେତ୍ରରେ ଆଉ ଯୋଡ଼ାଏ ସମାଲୋଚକଙ୍କର ସମାନ "ପାଠ" ଉପରେ ଦେଇଥିବା ମତବାଦ ପୂର୍ବ ଆଲୋଚିତ ଅନ୍ୟ ଦୁଇ ସମାଲୋଚକଙ୍କ ସହ ମିଶିପାରେ ବା ନ ମିଶିପାରେ। ଏଥିରୁ ଏହା ଅନ୍ତତଃପକ୍ଷେ ପ୍ରମାଣିତ ହେଲା ଯେ, ଏକାଧିକ ସମାଲୋଚକ ସମାନ "ପାଠ"ଟିକୁ ସମୀକ୍ଷା କଲେ ହେଁ ସେମାନଙ୍କ ମଧ୍ୟରୁ କାହାର କାହାର ମତ ପରସ୍ପର ସହ ଏକମତ ହେଲାବେଳେ ଅନ୍ୟ କେତେକଙ୍କ ମତ କାହାରି କାହାରି ସହ ମିଶିଲା ବା ଆଦୌ କାହା ସହ ମିଶିଲା ନାହିଁ। ପରୀକ୍ଷଣକୁ ଆହୁରି ପ୍ରାମାଣିକ ଓ ତୀକ୍ଷ୍ଣ କରି ଏହି ନିର୍ଯ୍ୟାସ ମିଳିଲା ଯେ, ଯେଉଁମାନଙ୍କର ମତାମତ ପରସ୍ପର ସହ ସାମଞ୍ଜସ୍ୟ ରଖୁଥିଲା ବା ମିଶୁଥିଲା ବା ମେଳଖାଉଥିଲା ବସ୍ତୁତଃ ସେମାନେ ସମାନ ଶ୍ରେଣୀ ବା ସମାନ ପରିବେଶ ବା ପରିସରରୁ ଆସିଥିଲେ। ମାତ୍ର ଯେଉଁମାନଙ୍କ ମତାମତ ପରସ୍ପରଠାରୁ ଭିନ୍ନ ଥିଲା, ସେମାନଙ୍କ ପରିସର, ପରିବେଶ ଓ ପୃଷ୍ଠଭୂମି ବା ଶ୍ରେଣୀ ଭିନ୍ନ ଭିନ୍ନ ଥିଲା। ଏଥିରୁ ଅନ୍ତତଃପକ୍ଷେ ଏହା ସ୍ପଷ୍ଟ ହେଲା ଯେ, ପାଠର ଅର୍ଥକେନ୍ଦ୍ର ନା ଲେଖକ ନା ପାଠ ନା ପାଠକ ପାଖରେ ରହିଛି। ବରଂ ଏହି କେନ୍ଦ୍ରଟି ବରାବର "ପାଠକର ଶ୍ରେଣୀ", "ପରିବେଶ" ଓ "ପରିସର" ମଧ୍ୟରେ ରହିଛି। ଅତଏବ "ଏହି ଶ୍ରେଣୀ, ପରିବେଶ ଓ ପରିସର" ହିଁ ପାଠକ ବା ସମାଲୋଚକର ମନୋଦଶା, ମନୋସ୍ଥିତି ଓ ମନୋଭାବକୁ ନିୟନ୍ତ୍ରିତ କରିଥାଏ ଓ ପ୍ରଭାବିତ କରିଥାଏ। ଅତଏବ ପାଠର ଅର୍ଥକେନ୍ଦ୍ର ବର୍ତ୍ତମାନ ପରିବେଶ-ପରିସର-ପରିସ୍ଥିତି ଓ ଶ୍ରେଣୀ-ଗୋଷ୍ଠୀ-ବର୍ଗ-ଜାତି-ସମାଜ-ରାଷ୍ଟ୍ରୀୟ ପରିସଂସ୍ଥା, ଆର୍ଥନୀତିକ-ରାଜନୀତିକ-ନୃତାତ୍ତ୍ୱିକ-ସାମାଜିକ-ଐତିହାସିକ-ଭୌଗୋଳିକ ଓ ସାଂସ୍କୃତିକ ପରିବେଶ-ପରିସର ଓ ପରିସଂସ୍ଥାରେ ହିଁ ନିହିତ ବୋଲି ପ୍ରମାଣ ମିଳେ। ମାତ୍ର ଏହିଠାରେ ପୁଣି ଏହି ଧାରାର ପରିସମାପ୍ତି ଘଟେ ନାହିଁ। ପରୀକ୍ଷଣର ଅନ୍ତିମ ଚରଣରେ ଯେତେବେଳେ ଏହି ସମାନ କାରକମାନଙ୍କୁ ଭିନ୍ନ ଭିନ୍ନ ସମୟ ଖଣ୍ଡରୁ ବଛାଯାଏ ଓ ସମାନ ପାଠକୁ ସେହି ଭିନ୍ନ ସମୟ ଖଣ୍ଡର ମଣିଷଙ୍କୁ ଦିଆଯାଏ, ସେଠାରେ ସେମାନଙ୍କ ବିବେଚନା ଆହୁରି ସ୍ୱତନ୍ତ୍ର ଓ ଆହୁରି ଅଲଗା ଅଲଗା ହୋଇ ଦେଖାହୁଏ। ଏଥିରୁ ଜଣାପଡ଼ିଲା ଯେ, ଅର୍ଥର କେନ୍ଦ୍ରଟି ନା ଲେଖକ ନା ଲେଖା (ପାଠ) ନା ପାଠକ ନା ପାଠକର ପରିବେଶ, ପରିସର, ପରିସ୍ଥିତି ପାଖରେ ଅଛି, ବରଂ ଏହା ରହିଛି "ସମୟ" ପାଖରେ। ସମୟ ହିଁ ପ୍ରତ୍ୟେକ ପାଠର ପାଠକ ଓ ନିର୍ଣ୍ଣାୟକ। ସମୟ ପାଖରେ ରହିଛି ପାଠର କେନ୍ଦ୍ର। ଏହି ସମୟ ହିଁ ଅସଲ ପାଠକ ଓ ପ୍ରକୃତ ସମାଲୋଚକ। ଏହା ସମାଲୋଚକର ଯୁଗ, ପାଠକର ଯୁଗ, ବିବର୍ତ୍ତନର ଯୁଗ, ଗୋଟିଏ କାଳଖଣ୍ଡର ଯୁଗ, ସର୍ବୋପରି ଏହା ହେଉଛି ଅକ୍ଷୟ, ଅନନ୍ତ, ଅଖଣ୍ଡ କାଳଖଣ୍ଡର ଯୁଗ; ଏହା ସମୟର ସମୟ। ଏହି ସମୟ ହିଁ ଅସଲ ସମାଲୋଚକ। ଏହି ସମୟର ଦନ୍ତାଘାତରେ କେଉଁ ସୃଷ୍ଟି ଛିଣ୍ଡିଯାଏ ତ ଆଉ କେଉଁ ସୃଷ୍ଟି ସୌନ୍ଦର୍ଯ୍ୟର ମୁକୁଟ ପିନ୍ଧି ଅଭିବ୍ୟକ୍ତ ହୁଏ। ପରିବର୍ତ୍ତିତ ସାମାଜିକ, ରାଜନୀତିକ, ଆର୍ଥନୀତିକ, ନୃତାତ୍ତ୍ୱିକ, ସାଂସ୍କୃତିକ ଓ ନୈତିକ-ବୈଜ୍ଞାନିକ-ବୈଷୟିକ ଭୂମିର ଭୂମିକା ଅନୁସାରେ ସାହିତ୍ୟ ସମାଲୋଚନା ଉଦ୍‌ବର୍ତ୍ତନ ଓ ବିବର୍ତ୍ତନର ସ୍ରୋତରେ ଆଗକୁ ଆଗକୁ ଭାସିଚାଲେ। ସମାଲୋଚନା କେବେ ପ୍ରାଚ୍ୟ ଦୃଷ୍ଟିରେ ସମୁଜ୍ଜ୍ୱଳ ତ ଆଉକେବେ ପ୍ରତୀଚ୍ୟ ଦୃଷ୍ଟିରେ ଜାଜ୍ୱଲ୍ୟମାନ। ସମୟର ଆହ୍ୱାନକ୍ରମେ ସମାଲୋଚନାର ଦିଗନ୍ତ ବହୁବର୍ଣ୍ଣରୁ ବିଚିତ୍ରବର୍ଣ୍ଣା ହୋଇଚାଲେ, ପାଠର ପ୍ରପାଠ, ପ୍ରଚ୍ଛଦ, ଆଚ୍ଛଦ, ପରିଚ୍ଛଦ ବଦଳିଚାଲେ। ପାଠର ପୃଷ୍ଠଭୂମିରେ ପରିଦୃଶ୍ୟ ବଦଳିବା ସହ ପାଠର ନିୟତି, ପ୍ରକୃତି ଓ ପ୍ରବୃତ୍ତି ଆପେ ଆପେ ସମୟର ଶିଳାଲେଖ ଲେଖିଚାଲେ। ମୋଟାମୋଟି ଭାବରେ ଏହି ପରିବର୍ତ୍ତିତ ପ୍ରେକ୍ଷାପଟର ପ୍ରମେୟ ହେଉଛି ସମାଲୋଚନା।

### (ଞ) ସର୍ଜନାତ୍ମକ ଓ ବ୍ୟାଖ୍ୟାତ୍ମକ କାରିଗରୀ (Creative and Interpretive Craft):

ସମାଲୋଚନା ଏକାବେଳେ ଯାନ୍ତ୍ରିକ ବା ସୂତ୍ରକୈନ୍ଦ୍ରିକ ନୁହେଁ। ଏହା ମଧ୍ୟ ମୌଳିକ ଲେଖା ପରି ସର୍ଜନାତ୍ମକ। ସର୍ଜନାତ୍ମକ କଳା ଓ କାରିଗରୀ ଏଥିରେ ରହିଥାଏ, ଏବଂ ଏହି ସର୍ଜନାତ୍ମକତା ହିଁ ସାରସ୍ୱତ ସମାାଲୋଚନାକୁ ସ୍ୱାତନ୍ତ୍ୟ ଓ ବୈଶିଷ୍ଟ୍ୟ ପ୍ରଦାନ କରିଥାଏ। ଉନ୍ନତ ଭାଷା, ଶୈଳୀ ଓ ସଂରଚନା ଶିଳ୍ପକଳାଦ୍ୱାରା ସାହିତ୍ୟିକ ସମାଲୋଚନା ସମୃଦ୍ଧ ଓ ସ୍ୱାତନ୍ତ୍ୟ ଲାଭ କରିଥାଏ। ଭିନ୍ନ ଭିନ୍ନ ସମାଲୋଚକଙ୍କ ଭାଷାଗତ ଆୟତ୍ତ ଅନୁସାରେ, ଶୈଳୀଗତ ସ୍ୱାତନ୍ତ୍ୟ ଓ ଗାଠନିକ ପସନ୍ଦ ଅନୁସାରେ ତଦୀୟ ସାରସ୍ୱତ ସମାଲୋଚନା କୃତିଟି ମହତ୍ତର ହୋଇଥାଏ। ସମାଲୋଚନାରେ ମୂଳ ସାହିତ୍ୟ କୃତିକୁ ବିଚାର ବିବେଚନା କଲାବେଳେ ସମାଲୋଚକର ଆୟତ୍ତ ଓ ପରିସରନୁସାରେ ଏହା କେତେବେଳେ କଳାତ୍ମକ, ସର୍ଜନାତ୍ମକ ବା ସ୍ୱତନ୍ତ୍ର ହୋଇଥାଏ ଆଉ କେବେ ଏହା ତନ୍ମୟ, ବିଚାରବନ୍ତ ଓ ତାର୍କିକ ହୋଇଥାଏ। ମୋଟାମୋଟି ଉପରେ ସାହିତ୍ୟିକ ସମାଲୋଚନା ବା ଲିଟେରାରୀ କ୍ରିଟିସିଜିମ୍ ହେଉଛି କଳା ଓ କଳାତ୍ମକ ବିଶ୍ଳେଷଣ, ତର୍କ ଓ ବିଚାର ଭାବନାର ଏକ ଅପୂର୍ବ ସମନ୍ୱୟ, ଲେଖକ ଓ ପାଠକ ମଧ୍ୟରେ ଏହା ଅନନ୍ୟ ସାରସ୍ୱତ ସେତୁ ବିଶେଷ ଏବଂ ଶବ୍ଦ ଓ ଜଗତ ମଧ୍ୟରେ ଏକ

ଅନୁପମ ବିବନ୍ଧନବିଶେଷ ଅଟେ। ବିଶିଷ୍ଟ ଓଡ଼ିଆ ଓ ଇଂରାଜୀ ସମାଲୋଚକ ଓ ସାହିତ୍ୟିକ ସନ୍ତୋଷ କୁମାର ନାୟକଙ୍କ ଭାଷାରେ–

"Literary criticism is the disciplined, discrening, and dialogic discourse that deciphers, dissects and deliberates upon the deep structures, symbolic significances, stylistic subtleties, and socio-cultural substrata of literary texts, while simultaneously situating them within historical horizons, ideological intersections, philosophical paradigms, and aesthetic architectures. It is the articulate art and analytical act of engaging with literature not as a passive product, but as a palimpsest of perspectives, passions and power structures- a multi-dimensional mirror where in human hopes, horrors, heroisms and hypocrisies are encoded in crafted language, constructed characters, and Contextual Complexity."

ସମାଲୋଚନା ହେଉଛି ଏକ ସାରସ୍ୱତ ସୃଷ୍ଟିକର୍ମ। ସମାଲୋଚକର ତୃତୀୟ ଚକ୍ଷୁର ଚୈତନ୍ୟଗତ ଚିତ୍ରଣ ହେଉଛି ସାହିତ୍ୟିକ ସମୀକ୍ଷା। ଭୌତିକ ଦୃଷ୍ଟି ସଂଗେ ସଂଗେ ଏହା ମାନସିକ, ଆଧାତ୍ମିକ, ଆତ୍ମିକ, ପାରତ୍ରିକ ଓ ଅନ୍ୟାନ୍ୟ ଅନେକ ଦୃଷ୍ଟି ଓ ଦର୍ଶନର କଥା କହିଥାଏ। ଏଣୁ ଏହାକୁ ସାହିତ୍ୟ ଉପରେ ଆଧାରିତ ଓ ଅଧିଷ୍ଠିତ ଅଧିସାହିତ୍ୟ ବିଶେଷ ବୋଲି କୁହାଯାଇପାରେ।

**ଏକବିଂଶ ଶତକର ଓଡ଼ିଆ ସମାଲୋଚନା: ଏକ ବିହଙ୍ଗମ ଦୃଷ୍ଟି:**

ଏକବିଂଶ ଶତାବ୍ଦୀ ଅନେକ ଦୃଷ୍ଟିରୁ ଅନନ୍ୟ- ଅନୁପମ। ସାହିତ୍ୟ କ୍ଷେତ୍ରରେ ଯେପରି ନୂତନ ନୂତନ ପରୀକ୍ଷା-ନିରୀକ୍ଷା ଓ ପ୍ରୟୋଗ ପ୍ରଭୃତି କରାଗଲା, ଏହି କାଳରେ ତଦନୁରୂପ ସମାଲୋଚନା କ୍ଷେତ୍ରରେ ନୂତନତା ମଧ୍ୟ ପ୍ରତ୍ୟକ୍ଷ କରାଗଲା। ସମାଲୋଚନା ଏଣିକି ସାହିତ୍ୟକୃତିର ଶାସ୍ତ୍ରୀୟ ବିଚାର ବା ମୂଲ୍ୟାଙ୍କନ ମଧ୍ୟରେ ସୀମିତ ନରହି ପ୍ରଜ୍ଞାଦୀପ୍ତ, କ୍ରମବଦ୍ଧ ଓ ବ୍ୟବସ୍ଥିତ ସମାଧି ବା ବିଧିବଦ୍ଧ ଧ୍ୟାନମୁଦ୍ରାରେ ପରିଣତ ହେଲା। ସମାଲୋଚକ ଡକ୍ଟର ନାୟକ ଯଥାର୍ଥରେ ଏ ମର୍ମରେ କହନ୍ତି–

"More than mere judgement, literary criticism is a methodical meditation, a meticulous movement of mind and meaning, merging textual scrutiny with theoretical scaffolding, drawing upon diverse disciplines- from philology to psychoanalysis, feminism to formatism, structuralism to postcolonialism. It embraces ambiguity, interrogates intentions and excavates essence, offering insightful interpretations and interrogative inquiries that transform mere reading into revelatory reflection. In essence, literary, criticism is the symphonic synthesis of sensibility, scholarship and speculation- a creative-critical consciousness that bridges the boundaries between authorial voice, textual vision and readerly response, rendering literature a living laboratory of language, life and logos."

ଏକବିଂଶ ଶତାବ୍ଦୀର ଏହି ସାରସ୍ୱତ ଅଭିଯାତ୍ରା ବିଂଶ ଶତକର ଅଶୀନବେ ଦଶକରୁ ଆରମ୍ଭ ହୋଇଥିଲେ ହେଁ, ଏଲ୍.ପି.ଜି. ଆନ୍ଦୋଳନର ଆଗମ ଓ ନିଗମ ଏବଂ ଅନେକ ଏବଂବିଧ ଘଟଣାଦ୍ୱାରା ଏହା ତ୍ୱରାନ୍ୱିତ ହୋଇ ଏକବିଂଶ ଶତକ ବେଳକୁ ଏକ ସ୍ଫଟିକରୂପ ଧାରଣ କଲାଣି। ସାରସ୍ୱତ ସମାଲୋଚନା ପାଇଁ ମଣିଷର ମସ୍ତିଷ୍କ ଓ ମାନସଗତ ବିବର୍ତ୍ତନ ଯେତିକି ଜରୁରୀ ସେହି ସମୟ, ସମାଜ, ପରିବେଶ ଓ ପାରିସ୍ଥିତିକ ପରିଦୃଶ୍ୟଗତ ପୃଷ୍ଠଭୂମି ମଧ୍ୟ ସେତିକି ଜରୁରୀ।

ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନା ହେଉ ବା ଅନ୍ୟ ଯେକୌଣସି ଭାଷାର ସମାଲୋଚନା ସାହିତ୍ୟ ହେଉ– ସେସବୁ ବିଭିନ୍ନ ବୈଚିତ୍ର୍ୟରେ ପରିପୂର୍ଣ୍ଣ। ଏହି ସମୟର ସମାଲୋଚନାର ବହୁସ୍ୱରୀୟ ଓ ବହୁସ୍ୱାକ୍ଷରୀୟ ପରିଦୃଷ୍ଟି (Polyphonic and Pluralistic Perspective) ଏହାକୁ କେବଳ ସ୍ୱାତନ୍ତ୍ର୍ୟ ପ୍ରଦାନ କରି ନାହିଁ, ଅଧିକନ୍ତୁ ବହୁଭାଷିତା, ବହୁସ୍ୱରତା, ବହୁଳତା ଓ ସୀମାନ୍ତତା ପ୍ରଭୃତିର ବିଷୟାବଳୀ ଓ ଆଶୟାବଳୀ ଏହାକୁ ଏକ ଚିତ୍ରଶାଳାରେ ପରିଣତ କରିପାରିଛି। ବିବିଧ ଜାତି, ଜନଜାତି, ଉପଜାତି, ଶ୍ରେଣୀ, ବର୍ଗ, ଭିନ୍ନକ୍ଷମତ୍ୱ, ସ୍ଥାନୀୟତା, ବଂଶ, ପ୍ରଜାତି, ପ୍ରବାସ ପ୍ରଭୃତି ଆଧାରରେ ଆଜି ସମାଲୋଚନା କରାଯାଉଛି। ଗତାନୁଗତିକ ସତ୍ୟକୁ ଉପେକ୍ଷା କରି, ଐକିକ ସତ୍ୟକୁ ପଛକରି ତଥା ବୈୟକ୍ତିକ ବିଶେଷତାକୁ ପ୍ରତ୍ୟାଖ୍ୟାନ କରି ସାମୂହିକ ସତ୍ୟ ଓ ବହୁତାଳୀୟ ଦୃଷ୍ଟିକୁ ନଜର ରଖି ଏବର ସମୟରେ ସାହିତ୍ୟିକ ସମାଲୋଚନା କରାଯାଉଛି। ସାହିତ୍ୟିକ ସମାଲୋଚନା ବର୍ତ୍ତମାନ ଚୂଡ଼ାନ୍ତ ନୁହେଁ ଗତିଶୀଳ, ଏକବାଚନିକ ନୁହେଁ, ବହୁବାଚନିକ, ଦୃଢ଼ ନୁହେଁ ଶିଥିଳ, ସ୍ଥୂଳ ନୁହେଁ ସୂକ୍ଷ୍ମ, ଶେଷ ନୁହେଁ ଅଶେଷ।

ସମାଲୋଚନାର ଏବେ ମୌଳିକତା କ୍ଷୁର୍ଣ୍ଣ ହୋଇଛି । ସ୍ପଷ୍ଟ କରି କହିଲେ, ଅଧୁନା ସମାଲୋଚନା ଗୋଟିଏ ବିଷୟରେ ଆଉ ସୀମିତ ହୋଇନାହିଁ, ବରଂ ଏକାଧିକ ବିଷୟାଶ୍ରିତ ହୋଇ ଗଢ଼ିଉଠିଛି । ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନା ହେଉ ବା ଯେକୌଣସି ଭାଷା-ସାହିତ୍ୟର ସମାଲୋଚନା ହେଉ- ସମସ୍ତ ସମାଲୋଚନା ଏକାଧିକ ବିଭାଗକୁ ଓ ଏକାଧିକ ବିଷୟଗତ ଜ୍ଞାନ ଓ ତଥ୍ୟାଦିକୁ ଆଧାର କରି ଗଢ଼ିଉଠିଥାଏ । ଦର୍ଶନ, ମନସ୍ତତ୍ତ୍ୱ, ରାଜନୀତି, ବୈଷୟିକ ବିଜ୍ଞାନ, ପରିବେଶତତ୍ତ୍ୱ, ଗଣମାଧ୍ୟମ ଅଧ୍ୟୟନ ପ୍ରଭୃତିକୁ ଆଶ୍ରୟ କରି ସମାଲୋଚକ ନିଜକୁ ପରିପୃଷ୍ଟ କରୁଛି । ସାହିତ୍ୟିକ ପାଠଗୁଡ଼ିକ ସମାଜ ବିଜ୍ଞାନ, ସାଇବରନେଟିକ୍ସ, ପରିବେଶ ନୈତିକତା ଓ ଚେତନାଗତ ସୂକ୍ଷ୍ମତତ୍ତ୍ୱକୁ ଭିତ୍ତିକରି ବହୁବିମୀୟ ହେବାପରି ସାହିତ୍ୟିକ ସମାଲୋଚନାଗୁଡ଼ିକ ମଧ୍ୟ ବହୁଦିଶା ଓ ଦଶାଦର୍ଶୀ ହେଉଛି । ଏବର ସମୟରେ ସମାଲୋଚକ ହେଉଛି ଏକ ସାଂସ୍କୃତିକ ନକ୍ସାକାର ବା କଲ୍‌ଚୁରାଲ୍ କାର୍ଟୋଗ୍ରାଫର (Cultural Cartographer) । ଭିନ୍ନ ଭିନ୍ନ ବିଭାଗରୁ ଅର୍ଜିତ ବା ଆଦୃତ ଜ୍ଞାନକୁ ମିଶାଇ ସଜାଇ ନିର୍ମିତ ଟେକ୍ସଟ୍‌ର ସମୀକ୍ଷା କଲାବେଳେ ସମୀକ୍ଷକ ଏକ ପ୍ରକାରର ଆନ୍ତର୍ବିଷୟକ ଅର୍ଥର ମାନଚିତ୍ର ଆଙ୍କିଥାଏ । ବସ୍ତୁତଃ, ବର୍ତ୍ତମାନ କାଳରେ ସମାଲୋଚକ ଗୋଟିଏ ନିର୍ଦ୍ଦିଷ୍ଟ ବିଭାଗ ବା ବିଷୟକୁ ନେଇ କୌଣସି ଟେକ୍ସଟ୍‌ର ବିବେଚନା କରିପାରେ ନାହିଁ, ଯଦି ସେପରି ହୁଏ ତେବେ ଉକ୍ତ ସମାଲୋଚନାଟି ଏକଦିଗଦର୍ଶୀ ବା ଏକଦେଶଦର୍ଶୀ ଓ ଅସାର ଅସମୀଚୀନ ସିଦ୍ଧ ହେବ ମାତ୍ର । ଏଣୁ ଆଜିର ସମାଲୋଚନା ଯୁଗକୁ ବହୁବିମୀୟ ସମୀକ୍ଷାର ଯୁଗ / ସମୟ ବା ବହୁବିଷୟକ-ବହୁବିଭାଗୀୟ ବହୁଧାରାର ମିଶ୍ରିତ ଜ୍ଞାନଫଳ, ମିଶ୍ରିତ ଅଭିଜ୍ଞତା ଓ ଅନୁଭୂତିର ନବଯୁଗୀୟ ଫଳଶ୍ରୁତି ବୋଲି ଅଭିହିତ କରାଯାଇପାରେ ।

ଡିଜିଟାଲ୍ ଏବଂ ସାଇବର୍ ସମାଲୋଚକୀୟ ବିବର୍ତ୍ତନ ସଂପ୍ରତି ସମାଲୋଚନାକୁ କିଛି କମ୍ ମାତ୍ରାରେ ପ୍ରଭାବିତ କରି ନାହିଁ । ଡିଜିଟାଲ୍ ହ୍ୟୁମାନିଟିଜ୍ ଓ ଇଲେକ୍ଟ୍ରୋନିକ୍ ସାହିତ୍ୟ ଏବେକାର ସମାଲୋଚନାର ପୁନର୍ଗଠନ କରିବାକୁ ବସିଲାଣି । ହାଇପର୍‌ଟେକ୍ସଟ, କୃତ୍ରିମ ବୁଦ୍ଧିମତ୍ତାଦ୍ୱାରା ଉତ୍ପନ୍ନ ସାହିତ୍ୟ, ସାମାଜିକ ଗଣମାଧ୍ୟମର ନ୍ୟାରେଟିଭ୍ ଏବଂ ଆଭାସୀ କବିତାଗୁଡ଼ିକ ବର୍ତ୍ତମାନ ଡିଜିଟାଲ୍ ହର୍‌ମେନ୍ୟୁଟିକ୍ସର ଏକ ବାତାବରଣ ସୃଷ୍ଟି କରିଛି । ପରଦାକୁ ଧ୍ୟାନରେ ରଖି ଏବେ ଗଳ୍ପ ବା କବିତା ଲେଖାଯାଉଛି । ସମାଲୋଚନା ଏବେ ଆଲ୍‌ଗୋରିଦମ୍ ଆଧାରିତ ନନ୍ଦନତତ୍ତ୍ୱର କଥା କହୁଛି ଏବଂ ଭାଷାପ୍ରସ୍ଥ ଏବେ ତଥ୍ୟ ସଂଚରଣ ଉପରେ ନିର୍ଭରଶୀଳ ହୋଇପଡ଼ିଛି ।

ସାହିତ୍ୟକୁ ପ୍ରଜାତି, ସାମାଜିକ ଲିଙ୍ଗ, ଯୌନତା, ବୟସ, ସାମର୍ଥ୍ୟ ଓ ଶ୍ରେଣୀ ପ୍ରଭୃତି ଆଧାରରେ ପରୀକ୍ଷଣ କରିବା ସଂଗେ ସଂଗେ ଏକପ୍ରକାର ପରିଚୟଗତ ଅନ୍ତର୍ଚ୍ଛେଦ ବା ଅନ୍ତର୍ଚ୍ଛେଦାତ୍ମକ ପରିଚୟର ଗୁରୁତ୍ୱ ସୃଷ୍ଟି ହୋଇଛି । ନାରୀବାଦ, କୁୟର୍, ଦଳିତ, କଳା-ଗୋରା ଭେଦଭାବ (ବର୍ଣ୍ଣ), ଉପନିବେଶ ଉଚ୍ଛେଦ ଓ ସ୍ନାୟବିକ ବୈଚିତ୍ର୍ୟ ପ୍ରମୁଖ ଦୃଷ୍ଟି ଆଧାରରେ ସମାଲୋଚନା ସ୍ୱାତନ୍ତ୍ର୍ୟ ଲାଭ କରିଛି । ସାହିତ୍ୟ ବର୍ତ୍ତମାନ ପରିଚୟ ପାଇଁ ମୂଲ୍ୟାଙ୍କନର କ୍ଷେତ୍ର ହୋଇସାରିଲାଣି । ଧୀରେ ଧୀରେ ଫେସ୍‌ବୁକ୍, ଟ୍ୱିଟର୍, ୱାଟ୍‌ସଆପ ପ୍ରଭୃତିଦ୍ୱାରା ସାହିତ୍ୟ ପ୍ରସାରିତ ହେବା ସଂଗେ ସଂଗେ ପ୍ରଭାବିତ ଏବଂ କବଳିତ ହୋଇଚାଲିଛି ।

ସମାଲୋଚନାର ତଥାକଥିତ ପ୍ରକୃତି ଆଉ ନାହିଁ କହିଲେ ଚଳେ । ସମାଲୋଚନା ପ୍ରଶଂସାରେ ପରିଣତ ହେଲାପରେ ଧୀରେ ଧୀରେ ରାଜନୀତିକରଣ ମାଧ୍ୟମରେ ନିଜର ସ୍ୱର ଓ ସ୍ୱରୂପ ବଦଳାଇ ଚାଲିଛି । ଆଉ ସମାଲୋଚନା ନିରପେକ୍ଷ ନାହିଁ, ବିଚ୍ଛିନ୍ନ ବା ସ୍ୱତନ୍ତ୍ର ହୋଇନାହିଁ । ଗଭୀର ଭାବରେ ସମାଲୋଚନା ଏବେ ରାଜନୀତିକ, ପରାଧୀନ ଓ ଉତ୍ତରସତ୍ୟ ସଚେତନ । ଏକାଧାରରେ ଏହା ଉପନିବେଶୀ ରାଷ୍ଟ୍ର ଓ ଅଧିକୃତ ରାଷ୍ଟ୍ରକୁ, ପୁଞ୍ଜିବାଦୀ ପଣ୍ୟକରଣ ଓ ଆନୁଷ୍ଠାନିକ ଅତ୍ୟାଚାର ଓ ଅନ୍ୟାୟକୁ ସମାଲୋଚନା କରୁଛି । "There's a renewed emphasis on literature as activism- a textual terrain of resistance and reformation." ଯଥାର୍ଥରେ ସମାଲୋଚନା ଆଜି ବୈଚିତ୍ର୍ୟମୟ ।

ସମାଲୋଚନାର ଏବେ ଗୋଟିଏ ବଡ଼ ଗୁରୁତ୍ୱପୂର୍ଣ୍ଣ ଦିଗର ଅବଶ୍ୟ ଉଦୟ ଘଟିଛି । ସେଇଟି ହେଉଛି ପରିବେଶ ସଚେତନତା ବା ପରିବେଶ କୈନ୍ଦ୍ରିକତା । ଏହାଛଡ଼ା ଆମର ମାତୃଗ୍ରହ ପୃଥିବୀ ପ୍ରତି ସଚେତନତା ଅତୀବ ପ୍ରଗାଢ଼ ଭାବରେ ଜନ୍ମନେବା ଏବଂ ମହାକାଶରେ ଏହାର ବିକଳ୍ପ ଆଉ ନାହିଁ ବୋଲି ଜାଣି ଏହାର ସୁରକ୍ଷା କରିବାର ଚିନ୍ତା ସାହିତ୍ୟିକ ସମାଲୋଚକଙ୍କୁ ଅନେକ ମାତ୍ରାରେ ଘାରିଛି । ଏବେ ବିଜ୍ଞାନ, ବୈଜ୍ଞାନିକ ଆବିଷ୍କାର, ମହାକାଶୀୟ ଜ୍ଞାନବିଜ୍ଞାନ, ଭୂତାତ୍ତ୍ୱିକ ଜ୍ଞାନବିଜ୍ଞାନର ଗଣମାଧ୍ୟମରେ ପ୍ରଚାର ପ୍ରସାରଦ୍ୱାରା ସାହିତ୍ୟ ପରି ସାହିତ୍ୟିକ ସମାଲୋଚନା ଏବେ ଜୀବନର ଜ୍ୱଳନ୍ତ କମେଣ୍ଟାରୀ ପାଲଟିଛି । ଜଳବାୟୁ ସଂକଟଦ୍ୱାରା ବିବିଧ ନୂଆ ନୂଆ ବିଭାଗ ଜନ୍ମ ନେଇଛି, ଯଥା- ପରିବେଶ ସମାଲୋଚନା, ଜୀବଜନ୍ତୁ ଅଧ୍ୟୟନ, ଉତ୍ତରମାନବବାଦ, ଏବଂ ଭୂକାବ୍ୟତତ୍ତ୍ୱ ପ୍ରଭୃତି ଅନେକ । ସାହିତ୍ୟ "ସମାଜର" ବା "ଜୀବନର" ମୁକୁର ହେବା ସଂଗେ ସଂଗେ ଅଧୁନାତନ କାଳରେ "ଜୀବମଣ୍ଡଳ" (Biosphere)ର ମୁକୁର ପାଲଟିଛି । ଏହି ପ୍ରତିଫଳନରେ ମଣିଷ ଓ ମଣିଷତ୍ୱର ସଂପର୍କ ଅଣମାନବୀୟ ଜଗତ ବା ଅଜୈବ ମଣ୍ଡଳ ସହ ଦର୍ଶାଯାଇଛି । ସମାଲୋଚନା ଏବେ ବୃହତ୍ତର ପରିସରଭୁକ୍ତ ହୋଇ ମହାକାଶ ଓ ମହାକାଶୀୟ ପିଣ୍ଡମାନଙ୍କ ଯଥାର୍ଥ ସୁରକ୍ଷା ସଂପର୍କରେ ସଚେତନ ।

ଏକବିଂଶ ଶତାବ୍ଦୀର ସମାଲୋଚନା ସାହିତ୍ୟର ସ୍ୱରୂପଗତ ବିଖଣ୍ଡନ ଓ ତାରଲ୍ୟ ଉପରେ ଅନେକ ମାତ୍ରାରେ ଗୁରୁତ୍ୱାରୋପ

କରିଥାଏ। ବର୍ତ୍ତମାନ ସାହିତ୍ୟିକ ବିଭାଗଗୁଡ଼ିକ ମଧ୍ୟ ବିଶୁଦ୍ଧ ବା ମୌଳିକ ହୋଇ ରହିନାହିଁ। ସୁତରାଂ ସମାଲୋଚନା ମଧ୍ୟ ଏଇ ହାଇବ୍ରିଡ୍ ବା ସଂକର ଧାରାଗୁଡ଼ିକ ଉପରେ ଆଲୋକପାତ କରୁଛି। ଉପନ୍ୟାସରେ କବିତା, କବିତାରେ ଚିତ୍ର, ଚିତ୍ରରେ ସଂକେତ ବା କୋଡ୍, କୋଡ୍‌ରେ ଚିତ୍ର, କବିତାରେ ଗଳ୍ପ, ଗଳ୍ପରେ କବିତା- ଏମିତି ଏକାଧିକ ହାଇବ୍ରିଡ୍ ରୂପ ଉପରେ ସମାଲୋଚନା ଧ୍ୟାନଦେବା ସଂଗେ ସଂଗେ ରୂପଗତ ଫ୍ଲୁଇଡିଟି ବା ତାରଲ୍ୟ ଉପରେ ମଧ୍ୟ ଧ୍ୟାନ ଦେବାର ଲକ୍ଷ୍ୟ କରିହେବ। ପାରଂପରିକ ବିଭାଗୀକରଣ ବା ବର୍ଗୀକରଣକୁ ଏହି "ଉତ୍ତର ରଚନା ପଦ୍ଧତି" ପ୍ରତ୍ୟାଖ୍ୟାନ କରିଥାଏ। ଏହାର ଫଳସ୍ୱରୂପ ରୂପର ବିଖଣ୍ଡନ ଓ ତରଳନ ସମାଲୋଚନାରେ ଦେଖିବାକୁ ମିଳିଥାଏ।

ସମାଲୋଚନାରେ ବିନିର୍ମାଣ ବା ବିଗଠନ ଏବେ ରୀତିମତ୍ ଯତ୍ରତତ୍ର ଲକ୍ଷ୍ୟ କରିହେବ। ତଥାକଥିତ ପ୍ରଥାସିଦ୍ଧ ଶାସ୍ତ୍ରୀୟ ସମୀକ୍ଷା ଦୃଷ୍ଟି ଓ ଦର୍ଶନ ପ୍ରତି ଏହା କୁଠାରାଘାତ କରିଥାଏ ଏବଂ ଏଥି ସଂଗେ ସଂଗେ ବିଶ୍ୱସାହିତ୍ୟ ସବଲ୍‌ଟର୍ଣ୍ଣ ସ୍ୱର ଓ ସମାଲୋଚନାର କଷଟିଗୁଡ଼ିକର ପୁନଃନିର୍ମାଣ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବହଣ କରିଥାଏ। ସମାଲୋଚନା ବର୍ତ୍ତମାନ ଏକ ପ୍ରକାରର ଉପନିବେଶୋତ୍ତର ଲେନ୍ସ ମାଧ୍ୟମରେ ଦେଖୁଛି। ସେହିପରି ସାହିତ୍ୟଦ୍ୱାରା ଉଦ୍ଭୂତ ଆବେଗ, ନୈତିକତା ଓ ସହାନୁଭୂତିପୂର୍ଣ୍ଣ ଶକ୍ତି ପ୍ରଭୃତିକୁ ଏହା ଆବିଷ୍କାର କରିଚାଲିଛି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ପ୍ରଭାବତତ୍ତ୍ୱ, ମାନସିକ ଆଘାତ ତତ୍ତ୍ୱ, ଆବେଗଗତ ଭାଷାଶାସ୍ତ୍ର ପ୍ରଭୃତି ପାଠକର ଅନୁଭବ-ଅନୁଭୂତିଗତ ପ୍ରତିକ୍ରିୟାକୁ ଅଧିକତର ଗୁରୁତ୍ୱପ୍ରଦାନ କରି ସମାଲୋଚନାଭୁକ୍ତ ହୋଇଛନ୍ତି ବୋଲି କୁହାଯାଇପାରେ। ଏଠାରେ ବୌଦ୍ଧିକତା ବା ପ୍ରଜ୍ଞା ଏକ ବଡ଼କଥା ନୁହେଁ ବରଂ ପାଠକର ହାର୍ଦ୍ଦିକ ଅନୁଭବ ହେଉଛି ପ୍ରଧାନ। ଏଠାରେ ଅଧିକ ବ୍ୟକ୍ତିନିଷ୍ଠତା ବା ମନ୍ମୟ ଅନୁଭୂତି ଓ ଅନୁଭବ ରହିଛି। ଅଂଶଗ୍ରାହୀ ଆଦର୍ଶ ରୂପାବଳୀ ପାଠକୀୟ ପ୍ରତିକ୍ରିୟା ଓ ସମାଲୋଚକୀୟ ଦୃଷ୍ଟିକୁ ନିରନ୍ତର ପ୍ରଭାବିତ କରୁଛି। "Criticism acknowledge & subjectivity, multiplicity of meaning and the reader's lived experience." ଏକବିଂଶ ଶତାବ୍ଦୀର ସମାଲୋଚନାରେ ଦେଖାଯାଉଥିବା ବୈଶିଷ୍ଟ୍ୟ ମଧ୍ୟରେ ପୋଷ୍ଟମଡର୍ଣ୍ଣ ଏବଂ ମେଟାମଡର୍ଣ୍ଣ ମୁଡ୍ ହେଉଛି ଗୁରୁତ୍ୱପୂର୍ଣ୍ଣ। ଶ୍ଳେଷ, ନିଷ୍କପଟତା, ସଙ୍କୋଚତା, ତର୍କ, ଯୁକ୍ତି ଓ ଅନୁଭୂତି ମଧ୍ୟରେ ଉତ୍ତର ଆଧୁନିକତା (Postmodernism)ରୁ ଅଧ୍ୟାଧୁନିକତା (Metamodernism) ବା ଆଶାପୂର୍ଣ୍ଣ ଦୋଳନ ଆଡ଼କୁ ସ୍ଥାନାନ୍ତରିତ ହେବା ଏହି ସମୟର ସମାଲୋଚନାର ଅନନ୍ୟ ବିଶେଷତ୍ୱ। ସମାଲୋଚକ ଯଥାର୍ଥରେ କହନ୍ତି "Criticism too reflects this dialectical dance of despair and desire." ଅର୍ଥାତ୍ ଏକବିଂଶ ଶତକର ସମାଲୋଚନା ଆଶା ଓ ନିରାଶା, ଆକାଂକ୍ଷା ଓ ଭଗ୍ନାକାଂକ୍ଷା ମଧ୍ୟରେ ଦ୍ୱନ୍ଦ୍ୱାତ୍ମକ ଦୋଳନକୁ ବା ବିଚଳିତ ଚଳନକୁ ପ୍ରତିଫଳିତ କରିଥାଏ। ବର୍ତ୍ତମାନ ମଣିଷ ପରି ମେସିନ୍ ସାହାଯ୍ୟରେ ଅନୁବାଦ, ଅର୍ଥଖୋଜା ଓ ଲେଖାଲେଖି ମଧ୍ୟ ସମ୍ଭବ ହେଲାଣି। ଏଣୁ ସମାଲୋଚନା ବର୍ତ୍ତମାନ କେବଳ ମାନବକୃତ ବା ମାନବସୃଷ୍ଟ ହୋଇ ରହିନାହିଁ, ଅପରନ୍ତୁ ଏହା ମେସିନ୍‌କୃତ ସମାଲୋଚନାରେ ପରିଣତ ହେଲାଣି। କେତେକ ସ୍ୱତନ୍ତ୍ର ଆଲ୍‌ଗୋରିଦମ୍ ବା କଳନବିଧିଦ୍ୱାରା ନିର୍ଦ୍ଦିଷ୍ଟ ଲେଖାର ସମାଲୋଚନା ମଧ୍ୟ ହୋଇପାରିବ। ଏହା ଅବଶ୍ୟ ସମାଲୋଚନା କ୍ଷେତ୍ରରେ ଏକ ବିରଳ ଉପଲବ୍ଧି। କିନ୍ତୁ କହିବା ବାହୁଲ୍ୟ ଯେ, ଏଥିରେ ସର୍ଜନଶୀଳତା ଆଦୌ ନାହିଁ। ଏହା କେବଳ ଓ କେବଳ ଆଲ୍‌ଗୋରିଦିମ୍ ବା କାର୍ଯ୍ୟପ୍ରଣାଳୀ ତଥା କଳନବିଧି ଆଧାରିତ କେତେକ ଇଣ୍ଟରପ୍ରିଟେସନ୍। ସ୍ମୃତି, ମାନସିକ ଆଘାତ ଏବଂ ଉତ୍ତରସତ୍ୟ ସମାଲୋଚନା ଏହି ସମୟର ଅନନ୍ୟ ଏକ ଉପଲବ୍ଧି। ଏକବିଂଶ ଶତକର ସମାଲୋଚନା ମାନସିକ ଆଘାତ, ସ୍ମୃତିଶକ୍ତି କ୍ଷୟ ସାଂଗକୁ ପାଲଟିଛି ଯନ୍ତ୍ରଣାର କାବ୍ୟତତ୍ତ୍ୱ, ଅନୁପସ୍ଥିତିର ଅଭିଲେଖାଗାର ଓ ରୋମନ୍ଥନର ନୈତିକତା।

ଜଗତୀକରଣ ଓ ଆଞ୍ଚଳିକୀକରଣର ଗୁରୁତ୍ୱ ସମାନ ଭାବରେ ଏ ସମୟରେ ଅନୁଭୂତ ହୋଇଛି। ଏଣୁ ଗ୍ଲୋବାଲାଇଜେସନ୍ ସାଙ୍ଗକୁ ଗ୍ଲୋକାଲାଇଜେସନ୍ ମଧ୍ୟ ସମାନ ଭାବରେ ଏ ସମୟରେ ଚାଲିଛି। "Literary criticism becomes global in scope but glocal in sensitivity. It examines how global themes manifest in local forms- from African eco-poetics to Dalit autobiographies, from Latin American magical realism to Arab dystopias." ସମାଲୋଚନା ବର୍ତ୍ତମାନ ଆଞ୍ଚଳିକ ଦୃଷ୍ଟି ସାଙ୍ଗକୁ ଆନ୍ତର୍ଜାତୀୟ ଦୃଷ୍ଟିକୁ ଧ୍ୟାନଦେଇ ନିଜର ପଦପାତ କରୁଛି। ଏକବିଂଶ ଶତାବ୍ଦୀର ସମାଲୋଚନାର ଏହା ଏକ ଅନନ୍ୟ ବିଶେଷତା।

## ଉପସଂହାର (Conclusion):

ସମାଲୋଚକମାନେ ଏବର କାଳରେ ଶାରୀରିକ ଗଠନ, ପ୍ରକାର୍ଯ୍ୟ, କ୍ଷମତା ଓ ଆକାର-ପ୍ରକାର ଆଧାରରେ ମଧ୍ୟ ସମାଲୋଚନା କରୁଛନ୍ତି। ଏହାର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଏସବୁ ଆଧାରିତ ସାହିତ୍ୟ ରଚନା। Performance criticism, embodiment theory ଏବଂ Somatic semiotics ବର୍ତ୍ତମାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସମାଲୋଚନା କେବଳ ବିଶ୍ଳେଷଣାତ୍ମକ ନହୋଇ ବରଂ ସର୍ଜନାତ୍ମକ, କାବ୍ୟିକ ଓ ଉପସ୍ଥାପ୍ୟ ହୋଇ ନୂଆ ନୂଆ ରୂପ-ରଙ୍ଗ-ଢଙ୍ଗରେ ଉଭା ହୋଇଛି। ଯା'ଭିତରେ ସ୍ୱୟଂତତ୍ତ୍ୱ (Auto-Theory), ସମୀକ୍ଷା-ସର୍ଜନାତ୍ମକ ନିବନ୍ଧ, କାବ୍ୟିକ ସମୀକ୍ଷା ଓ ହାଇବ୍ରିଡ୍ ବିଭାଗଗୁଡ଼ିକର ଆରମ୍ଭ ଓ ବିକାଶ ଏକବିଂଶ ଶତାବ୍ଦୀର ସମାଲୋଚନା କ୍ଷେତ୍ରରେ ଏକ ଏକ ବିରଳ ନୂତନତ୍ୱ। ସମାଲୋଚନା ବର୍ତ୍ତମାନ ଏକ

act of recovery, restitution ଏବଂ ବିସ୍ମୃତ ପରଂପରା ଓ ପୁରୋଦୃଷ୍ଟିର ପୁନଃ ପରିକଳ୍ପନା ମାତ୍ର। ଯଥାର୍ଥରେ ଏହି କାଳର ସମାଲୋଚନା ଅଦୃଶ୍ୟ ପାଠ ଓ ପ୍ରସଙ୍ଗ, ଖଣ୍ଡିତ କାହାଣୀ ଓ ଅବଲୁପ୍ତ ସ୍ୱର ଓ ସ୍ୱାକ୍ଷରଗୁଡ଼ିକୁ ଅଧିକ ଗୁରୁତ୍ୱ ଦେଇଆସିଛି। ସମକାଳର ସମାଲୋଚନା କିଏ କାହାପାଇଁ କିପରି କହିଲା- ତା'ପ୍ରତି ଧ୍ୟାନ ଦେଉଛି। ଏଥି ସଂଗେ ସଂଗେ ସାହିତ୍ୟିକ ସ୍ୱରର ନୈତିକତା, ନୀରବତାର କ୍ରୁରତା ବା ହିଂସା ଏବଂ ବ୍ୟାଖ୍ୟାନର କର୍ତ୍ତୃତ୍ୱ ଉପରେ ଗୁରୁତ୍ୱ ଦେଇ ଏବର କାଳର ସମାଲୋଚନା ଉଭା ହୋଇଛି। ମୋଟାମୋଟି ରୂପେ ଏହି ସମୟର ସମାଲୋଚନା ବାବଦରେ ଏହା କୁହାଯାଇପାରେ ଯେ, "In a world of mass surveillance, digital policing, and state-sponsored censorship, criticism becomes a covert critique and a clarion call. Literature is read as resistance literature, and criticism as cultural counter- insurgency." ବର୍ତ୍ତମାନ ଟେକ୍ନୋଲୋଜି ବା ବୈଷୟିକବିଦ୍ୟା ଏତେ ମାତ୍ରାରେ ଉନ୍ନତ ଓ ଆଦୃତ ହୋଇଛି ଯେ, ଗଣମାଧ୍ୟମ ଓ ଡିଜିଟାଲ୍ ପ୍ଲାଟ୍‌ଫର୍ମଦ୍ୱାରା Real-time-readership ଏବଂ Rapid Response-Criticism ସୃଷ୍ଟି ହୋଇଚାଲିଛି। ଅର୍ଥନିର୍ମାଣର ପ୍ରାଚୁର୍ଯ୍ୟ ଓ ବହୁଳତା, ତଥ୍ୟର ପ୍ରାଚୁର୍ଯ୍ୟ ଓ ଅତ୍ୟଧିକ ତଥ୍ୟ ଉଭୟ ସାହିତ୍ୟ ଓ ସମାଲୋଚନାକୁ ପ୍ରଭାବିତ କରିବା ସଂଗେ ସଂଗେ ଏସବୁର ସ୍ୱର ଓ ସ୍ୱରୂପକୁ ମଧ୍ୟ ପ୍ରଭାବିତ କରିଚାଲିଛି। ସଂକ୍ଷେପରେ କହିଲେ, "Twenty first century literary criticism is no longer confined to classrooms or cloisters- it is borderless, brave, and boundless. It stands at the confluence of consciousness and culture, navigating technological terrains, tectonic traumas, and textual transformations with intellectual integrity, aesthetic agitity, and ethical urgency. It is a living literature about literature, a critique that critiques itself, and a mirror that multiplies meaning in the age of multiplicity." ସମଗ୍ର ପୃଥିବୀର ସାହିତ୍ୟିକ ସମାଲୋଚନାର ପରିଦୃଷ୍ଟି ଓ ପରିଦୃଶ୍ୟ ଏହିପରି ଥିଲାବେଳେ ଏଥିମଧ୍ୟରୁ ଅଧିକାଂଶ ଦୃଷ୍ଟିକୋଣ ଓଡ଼ିଆ ସାହିତ୍ୟରେ ପ୍ରତିଫଳିତ ହୋଇଛି ବୋଲି କୁହାଯାଇପାରେ। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ହେବ ଯେ, ଉପର୍ଯ୍ୟାଲୋଚ୍ୟ ସମୀକ୍ଷା-ବିବୀକ୍ଷା ଧାରାର ଉତ୍ସ ବା ଲେଖକଙ୍କ ସଂଖ୍ୟା ଅତୀବ ନଗଣ୍ୟ। ଗତାନୁଗତିକ ଧାରା ବା ଟ୍ରେଣ୍ଡ୍‌ରୁ ବାହାରି ଆସି ନୂଆ ଧାରାର ଲେଖା ଲେଖିବା ଲୋକଙ୍କ ସଂଖ୍ୟା ଅତ୍ୟଳ୍ପ। ତେବେ ଏହିସବୁ ନବୀନ ଧାରା ଆପଣାଇବାରେ ଓଡ଼ିଆ ସମାଲୋଚନା ଯେ ପଛରେ ନାହିଁ- ଏକଥାକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ।

**ସହାୟକ ଗ୍ରନ୍ଥାବଳୀ :**


1. Leitch, Vincent B., Literary Criticism in the 21st Century Theory Renaissance, Bloomsbury Publishing India Pvt. Ltd., 2014.
2. Wolfreys, Julian (Ed.), Introducing Criticism in the 21st Century, Edinburgh University Press, 2015.
3. Sridhar, A., Hosseini M.A., & Attridge, Derek (Ed.), The work of Reading: Literary Criticism in the 21st Century, Palgrave Macmillan, 2021.

DOI : https://doi.org/10.5281/zenodo.17550870 ମୂଳ ପ୍ରବନ୍ଧ

# ସାମ୍ପ୍ରତିକ ସମୟର ରାଜନୀତିକ ଚାପ ଓ ତାର ପ୍ରତିବାଦର ସ୍ୱର: ମୂକ

**ସୁଦର୍ଶନ ସାହୁ**

**ସଂକ୍ଷିପ୍ତସାର :**

ସାମ୍ପ୍ରତିକ ଓଡ଼ିଆ ନାଟ୍ୟ ସାହିତ୍ୟରେ ଆଗଧାଡ଼ିର ଧୂରୀଣ ନାଟ୍ୟକାରମାନଙ୍କ ମଧ୍ୟରୁ ନାରାୟଣ ସାହୁ ହେଉଛନ୍ତି ଅନ୍ୟତମ ବିନ୍ଧାଣୀ। ନାଟ୍ୟକାର ସାହୁଙ୍କ ନାଟକର ଶୈଳୀ ଓ ପ୍ଲଟ ତାଙ୍କ ନାଟ୍ୟ ସ୍ରଷ୍ଟାର ନୂତନ ପରିଚୟ ଦିଏ। ଯାହା ତାଙ୍କୁ ଓଡ଼ିଆ ନାଟ୍ୟ ଜଗତ ପ୍ରଦାନ କରିଛି ଏକ ସ୍ୱତନ୍ତ୍ର ସ୍ଥାନ। ସମାଜରେ ପ୍ରଚଳିତ ରାଜନୈତିକ ଦୁର୍ନୀତି, ଭ୍ରଷ୍ଟାଚାର, ନକ୍ସଲ ସମସ୍ୟା, କନ୍ୟା ଭ୍ରୁଣ ହତ୍ୟା, ଈଶ୍ୱରଙ୍କ ନାମରେ ଠକାମୀ ଆଦି ସମସ୍ୟା ଗୁଡ଼ିକୁ ତାଙ୍କ ନାଟକର ପ୍ରତିଟି  ଦୃଶ୍ୟମାନଙ୍କରେ ଦର୍ଶାଇଛନ୍ତି। ଏଥି ସହିତ ପରମ୍ପରା ପ୍ରତି ସଚେତନ ହୋଇ ନାଟକ ରଚନା କରିବା ନାଟ୍ୟକାରଙ୍କର ବିଶେଷତ୍ୱ। ଆଲୋଚ୍ୟ ନାଟକ 'ମୂକ' ହେଉଛି ସାମ୍ପ୍ରତିକ ସମାଜର ରାଜନୈତିକ ଚିତ୍ର ଉପରେ ଆଧାରିତ। ନାଟକ ପ୍ରତି ନାଟ୍ୟକାରଙ୍କ ଦୃଷ୍ଟିଭଙ୍ଗୀ ଏବଂ ରାଜନୈତିକ ଚାପ ଉପରେ ପ୍ରତିବାଦର ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ:**

ସାମ୍ପ୍ରତିକ, ମୂକ, ସମାଜ, ସତ୍ୟ, ପ୍ରତିବାଦ, ସାହୁ,ରାଜନୈତିକ।

ଜୀବନର ଅନ୍ୟନାମ ସଂଘର୍ଷ। ସଂଘର୍ଷ ବିନା ଜୀବନ ଦୃଶ୍ୟ ହୀନ। ଜୀବନର ପ୍ରତିଟି ଚିତ୍ର ନାଟକର ଦୃଶ୍ୟପରେ ଦୃଶ୍ୟ ପରି ପ୍ରତୀୟମାନ। ସେଥିପାଇଁ କୁହାଯାଏ ଜୀବନଟା ଏକ ନାଟକ। ଜୀବନର ପ୍ରତ୍ୟେକ ସମୟର ଚିତ୍ରକୁ ଦେଖାଇବା ପାଇଁ ଓଡ଼ିଆ ନାଟକ ଏବଂ ନାଟ୍ୟକାରମାନେ ଖୁବ୍ ତତ୍ପର। ଯୁଗ ରୁଚିକୁ ଖାପଖୁଆଇ ସମାଜ ପରିବର୍ତ୍ତନ ହୁଏ। ଯାହା ଓଡ଼ିଆ ନାଟ୍ୟ ସାହିତ୍ୟରେ ମଧ୍ୟ ପ୍ରତିଫଳିତ ହୋଇଥାଏ। ନାଟକର ଇତିହାସକୁ ଲକ୍ଷ୍ୟକଲେ ସ୍ୱାଧିନତୋର ସମୟରେ ଓଡ଼ିଆ ନାଟକ କ୍ଷେତ୍ରରେ ଯେଉଁ ପରିବର୍ତ୍ତନ ହେଲା ତାହାର ରୂପ ଏକ ବ୍ୟାପକ ଭାବେ ଦେଖା ଦେବା ସହ ବହୁ ମାତ୍ରାରେ ପ୍ରଭାବିତ ମଧ୍ୟ ହେଲା। ମଣିଷର ନିଃସଙ୍ଗପଣ, ମନସ୍ତତ୍ତ୍ୱ, ଯୌନ ଚେତନା, ଅସହାୟତା ଆଦିକୁ ଏକ ନୂତନ ଢଙ୍ଗରେ ପ୍ରକାଶ ପାଇଲା ଯାହାର ନାମ ଦିଆଗଲା ଉଦ୍ଭଟ ବା ପରୀକ୍ଷାଧର୍ମୀ ନାଟକ। ଯାହା ଫଳରେ ସାଧାରଣ ଦର୍ଶକ ଟିଏ ନାଟକରୁ ମୁହଁ ଫେରାଇବାକୁ ଆରମ୍ଭ କଲେ। ଏହା ଫଳରେ ନାଟ୍ୟ ଆଲୋଚକ ଓ ନୂଆ ନାଟ୍ୟକାର ମାନେ ଏହି ଧାରାର ନାଟକକୁ ବିରୋଧ କରି ନୁହେଁ; ପରିବର୍ତ୍ତନ ତଥା ନାଟକକୁ ଦର୍ଶକ ମୁହାଁ କରିବାକୁ ଆପ୍ରାଣେ ଚେଷ୍ଟା ଆରମ୍ଭ ହେଲା।

୧୯୮୦ ପରବର୍ତ୍ତୀ ସମୟରେ ପରୀକ୍ଷାଧର୍ମୀତା ଓ ପରମ୍ପରାର ସମନ୍ୱୟରେ ନାଟକ ରଚନା କରାଗଲା। ଏହି ସମୟରେ ନାଟ୍ୟକାରମାନେ ସମାଜର ବାସ୍ତବ ଘଟଣାବଳୀକୁ ଅଧିକ ଗୁରୁତ୍ୱ ଦେଲେ। ସମାଜରେ ଦେଖା ଦେଉଥିବା ରାଜନୈତିକ ଭ୍ରଷ୍ଟାଚାର, ଗରିବ ଖଟିଖିଆଙ୍କ ଦୁଃଖ ଦୁର୍ଦ୍ଦଶା, ଅନ୍ୟାୟ, ଅନୀତି ଆଦିର ଚିତ୍ରକୁ ଖୁବ୍ ସ୍ପଷ୍ଟ ଭାବେ ପ୍ରକାଶ କରିଛନ୍ତି। ଫଳରେ ପୁଣି ଦର୍ଶକ ନିକଟରେ ନାଟକ ପହଞ୍ଚିଲା। ଯଥା ବିଜୟ ଶତପଥୀଙ୍କ 'କଂସର ଆତ୍ମା', ରତି ମିଶ୍ରଙ୍କ 'ହଂସ ଶିକାର', 'ଦେଖ ବର୍ଷା ଆସୁଛି', ଶଙ୍କର ତ୍ରିପାଠୀଙ୍କ

**ଯୋଗାଯୋଗ : ସୁଦର୍ଶନ ସାହୁ,** ଗବେଷକ,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା
**Email**: Pintusudarsansahoo29@gmail.com
**ORCID ID:** https://orcid.org/0009-0005-9240-6124

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୦୬.୨୦୨୫ | ୧୮.୦୭.୨୦୨୫ | ୨୫.୦୮.୨୦୨୫ | ୧.୦୯.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ସୁଦର୍ଶନ, ୨୦୨୫। ସାମ୍ପ୍ରତିକ ସମୟର ରାଜନୀତିକ ଚାପ ଓ ତାର ପ୍ରତିବାଦର ସ୍ୱର: ମୂକ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା: ଚ, ପୃଷ୍ଠା : ୭୦-୭୩।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.17550870
Article No - BPP00340

'ସାମ୍ରାଜ୍ୟ ପତ୍ରର ବେଳ', 'ସ୍ୱୟଂବର', ରଣଜିତ ପଟ୍ଟନାୟକଙ୍କ 'ଦାନବୀୟ', 'ଟିଟୋ' ଆଦି।

ନାଟକ ଏକ ସମୟର କଥା କହେ। ଯେଉଁ ସମୟ ଖଣ୍ଡରେ ନାଟକଟି ରଚିତ ହେଉଛି ସେହି ସମୟର ପରିସ୍ଥିତି ଓ ସମସ୍ୟାର କଥା କହିବାକୁ ସେ ବାଧ୍ୟ ହୁଏ। ଏହି ସମୟ ସ୍ରୋତରେ ଓଡ଼ିଆ ନାଟକକୁ ପ୍ରବେଶ କରନ୍ତି ଅନେକ ଧୂରୀଣ ନାଟ୍ୟକାରଗଣ। ତାଙ୍କର ନିଜ ନିଜ ନାଟକମାନଙ୍କ ମଧ୍ୟରେ ନିଜର ପରିଚୟ ସୃଷ୍ଟି କରିବାର ସକ୍ଷମ ହେଲେ। ସେଥି ମଧ୍ୟରୁ ରତି ମିଶ୍ର, ବିଜୟ ମିଶ୍ର, ସୁବୋଧ ପଟ୍ଟନାୟକ, ପ୍ରମୋଦ ତ୍ରିପାଠୀ, ଶଙ୍କର ତ୍ରିପାଠୀ, ବିଜୟ ଶତପଥି, ରମେଶ ପାଣିଗ୍ରାହୀ, ନିଳାଦ୍ରୀ ଭୂଷଣ ହରିଚନ୍ଦନ, ନାରାୟଣ ସାହୁ, ପୂର୍ଣ୍ଣଚନ୍ଦ୍ର କାନୁନଗୋ, ଡିଲେଶ୍ୱର ରଣା ପ୍ରମୁଖ।

ଉତ୍ତର ଅଶୀ ଓଡ଼ିଆ ନାଟ୍ୟ ସାହିତ୍ୟ ଜଗତରେ ଡକ୍ଟର ନାରାୟଣ ସାହୁ ଜଣେ ସଫଳ ସ୍ରଷ୍ଟା। ଓଡ଼ିଆ ନାଟକ ଓ ସମାଲୋଚନା କ୍ଷେତ୍ରରେ ତାଙ୍କର ଦକ୍ଷତା ଭରପୂର ରହିଛି। ସାମାଜିକ, ଅର୍ଥନୈତିକ, ରାଜନୈତିକ ସମସ୍ୟାକୁ ବିଶ୍ଳେଷଣ କରିବା ତାଙ୍କ ନାଟକର ପ୍ଲଟ୍। ମନୋରଞ୍ଜନଙ୍କ ନାଟ୍ୟଧାରା ବା ଉଦ୍ଭଟ ଚିନ୍ତାଧାରାକୁ ପରିହାର କରି ଏକ ପାରମ୍ପାରିକ ତଥା ମାଟିମନସ୍କ ପ୍ରତି ତାଙ୍କ ନାଟକ ଗୁଡ଼ିକ ବେଶ୍ କ୍ରିୟାଶୀଳ। ତାଙ୍କ ନାଟକ ଜୀବନର ପ୍ରଥମ ସୃଷ୍ଟି 'ତାମସୀ ତୃଷ୍ଣା'। ତାହା ୧୯୮୩ ମସିହାରେ ମଞ୍ଚସ୍ଥ ହୁଏ। ଦିନ ଦ୍ୱିପହରରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭରେ କାର୍ଯ୍ୟରତ ସାମ୍ବାଦିକ ଉପରେ ଗାଡି ଚଲାଇ ମରାଇ ଦିଆଗଲା। ଏଠି ସାମ୍ବାଦିକର ନୁହେଁ; ବରଂ ମୂଲ୍ୟବୋଧର ମୃତ୍ୟୁ ହୁଏ। ତତ୍କାଳୀନ ସମୟର ରାଜନୈତିକ ପୃଷ୍ଠଭୂମି ଉପରେ ପ୍ରତିଫଳିତ ନାଟକ। ଏହି ନାଟକ ପାଇଁ ଖୁବ୍ ଚର୍ଚ୍ଚାର ବିଷୟ ପାଲଟି ଥିଲେ ନିଜେ ନାଟ୍ୟକାର। ତାହା ପରଠାରୁ ସେ କେବେ ପଛକୁ ବୁଲି ଚାହିଁ ନାହାଁନ୍ତି। ଗୋଟିଏ ପରେ ଗୋଟେ ସମସ୍ୟାକୁ ବିଶ୍ଳେଷଣ କରି ନାଟକ ଲେଖିଲେ ନାଟ୍ୟକାର ସାହୁ। ଯଥା – ଆଶ୍ରା ଖୋଜି ବୁଲୁଥିବା ଇଶ୍ୱର(୧୯୯୦), କାହାଣୀ ସବା ଶେଷ ଲୋକର(୧୯୯୨), ପୁନଶ୍ଚ ସଂଗ୍ରାମ(୧୯୯୭), ସୁବର୍ଣ୍ଣ ସକାଳ(୧୯୯୮), ମୂକ(୨୦୦୦), ଉପାସନା(୨୦୦୨), ଅପରାହ୍ନର ଅବଶୋଷ(୨୦୦୨), ପ୍ରଶ୍ନ(୨୦୦୨), ନିଷିଦ୍ଧ ସଂଳାପ(୨୦୦୭), କ୍ରାନ୍ତି(୨୦୦୭), ଶେଷ କଥା(୨୦୦୭), ଫ୍ରଣ୍ଟଲାଇନ ଓ ଅନ୍ୟାନ୍ୟ ନାଟକ(୨୦୦୭), ଅଧାଦେଖା ସ୍ୱପ୍ନ(୨୦୦୭), ଉତ୍ତର ପୁରୁଷ ଓ ଅନ୍ୟାନ୍ୟ ନାଟକ(୨୦୧୪), ମୂଷା(୨୦୧୫), ଅନାଗତ(୨୦୧୯) ଆଦି।

ଧର୍ମ ନାମରେ ସମାଜରେ ସାଧାରଣ ମଣିଷ ଠକାମୀର ଶିକାର ହେଉଛି। ସାଧାରଣ ଜନତାଙ୍କ ଆଖିରେ ଆଧ୍ୟାତ୍ମିକତାର ଅନ୍ଧପୁଟୁଳି ବାନ୍ଧି ଆଗଧାଡିର ମଣିଷ ଏଠି ଶୋଷଣ କରେ। ଧର୍ମ ନାମରେ ହେଉଥିବା ଠକାମୀ ଓ ପ୍ରବଂଚନାକୁ ବ୍ୟଙ୍ଗ ବିଦ୍ରୂପ ଭାବେ ତାଙ୍କ 'ଆଶ୍ରା ଖୋଜିବୁଲୁଥିବା ଈଶ୍ୱର' ନାଟକରେ ଚିତ୍ରିତ କରିଛନ୍ତି। ଏହି ନାଟକ ପରବର୍ତ୍ତୀ ସମୟରେ ଏକ ସଫଳ ନାଟକ ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରେ। ସମାଜର ବଡ଼ ପଣ୍ଡାମାନଙ୍କ ଦୃଷ୍ଟିରେ ସବା ଶେଷ ଲୋକ ହେଉଛି ଦଳିତ। ସେମାନଙ୍କୁ ସିଢ଼ି କରି ରାଜନୀତି କରାଯାଏ ସତ; ହେଲେ ସ୍ୱାଧିନତାର ସ୍ୱାଦ ଆଜି ବି ସେମାନେ ଚାଖି ପାରିଲେ ନାହିଁ। ସେମାନେ ପ୍ରତିଦିନ ସେହି ଦଳିତ ହୋଇ ରହିଗଲେ। ନିଜର ହକ୍ ପାଇଁ ସରକାରଙ୍କ ନିକଟରେ ସଂଘର୍ଷ କରନ୍ତି। ହେଲେ ସଂଘର୍ଷର ଫଳକୁ ସେମାନଙ୍କ ହାତକୁ ଯାଏନାହିଁ। ଏହିଭଳି ଏକ ଦଳିତ, ନିଷ୍ପେସିତ ଓ ରାଜନୈତିକ କାହାଣୀକୁ ନେଇ ନାଟ୍ୟକାରଙ୍କର ଅନ୍ୟ ଏକ ନାଟକ ହେଉଛି 'ଓ ସବା ଶେଷ ଲୋକ'।

ସାମ୍ପ୍ରତିକ ସମୟରେ ସହରୀ ଜୀବନର ଅଭାବବୋଧକୁ ପ୍ରତିବାଦର ସ୍ୱର ଉତ୍ତୋଳନ କରି ନାଟ୍ୟକାର ରଚନା କରନ୍ତି 'ସୁବର୍ଣ୍ଣ ସକାଳ'। ସଂପୂର୍ଣ୍ଣ କଟକ ସହରର ଇତିହାସ ଓ ସାମ୍ପ୍ରତିକ ସମୟକୁ ତାଙ୍କ ଲେଖନୀମୁନରେ ତଉଲିବାକୁ ଚେଷ୍ଟା କରିଛନ୍ତି। ନାଟକଟିରେ ବ୍ୟଙ୍ଗ କରି କହୁଛନ୍ତି କଟକ ସହର ତା'ର ହଜାର ବର୍ଷର ପୂର୍ତ୍ତି ପାଳନ କରୁଛି। ହେଲେ ଜନସାଧାରଣଙ୍କ ଅନେକ ପ୍ରକାରର ଅସୁବିଧା, ଅଭାବ ପରିଲକ୍ଷିତ ହେଉଛି। ନାଟକଟିରେ ଦୁଇଟି ଇତିହାସର ଚରିତ୍ର (ରାଜା ଓ ବାଇମୁଣ୍ଡି) ମାଧ୍ୟମରେ ବୁଲି ବୁଲି କଟକର ବିଡ଼ମ୍ବିତ ଚିତ୍ରଗୁଡ଼ିକୁ ଦର୍ଶାଉଛନ୍ତି।

ନକ୍ସଲ ସମସ୍ୟାର ମୁଖ୍ୟ ବିଷୟବସ୍ତୁ ପାଲଟିଛି ନାଟ୍ୟକାରଙ୍କ 'କ୍ରାନ୍ତି' ନାଟକରେ। ଏଥିରେ ଓଡ଼ିଶାର କୋରାପୁଟ, ରାୟଗଡ଼ା, ମାଲକାନଗିରି ଆଦି ଅଞ୍ଚଳର ନକ୍ସଲବାଦି ସମସ୍ୟା ଦେଖା ଦେଇଛି। ସରକାର ନକ୍ସଲ ମାନଙ୍କ ପ୍ରତି ବିଭିନ୍ନ କଠୋର କାର୍ଯ୍ୟ ସତ୍ତ୍ୱେ ବଢ଼ି ଚାଲିଛି ସେମାନଙ୍କର କାର୍ଯ୍ୟକଳାପ। କାହିଁକି ଗୋଟିଏ ମଣିଷ ନକ୍ସଲ ସାଜେ ତାହାର କାରଣ ନାଟ୍ୟକାର ଅନୁସନ୍ଧାନ କରି ତାହାକୁ ନାଟକର ରୂପ ଦିଅନ୍ତି। ସରକାରଙ୍କ ବିଭିନ୍ନ କାର୍ଯ୍ୟକାରୀ ଯୋଜନା ସାଧାରଣ ଆଦିବାସୀମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଆଦିବାସୀଙ୍କ ନାମରେ ହେଉଛି ରାଜନୀତି। ସରଳ ଆଦିବାସୀମାନେ ରାଜନେତା ଓ ସରକାରୀ କର୍ମଚାରୀମାନଙ୍କଦ୍ୱାରା ଠକାମିର ଶିକାର ହୁଅନ୍ତି। ଫଳରେ ସରକାରଙ୍କ ସାଧାରଣ ସୁବିଧା ଟିକକ ନପାଇବାରୁ ହାତରେ ବନ୍ଧୁକ ଧରି ସମାଜ ଆଖିରେ ସାଜନ୍ତି ନକ୍ସଲ। ଏଭଳି ଏକ ବାସ୍ତବବାଦୀ ସାଂପ୍ରତିକ ସମସ୍ୟା ସଂପର୍କରେ ଓଡ଼ିଆ ନାଟକ ରଚନା ହୋଇଥିଲେ ମଧ୍ୟ ନାଟ୍ୟକାରଙ୍କ ନାଟକ 'କ୍ରାନ୍ତି' ସମାଧାନର ବାଟ ଦେଖାଇଛି।

ସମାଜରେ ପ୍ରଚଳିତ ବିଭିନ୍ନ ସମସ୍ୟା ମାନଙ୍କ ଭିତରୁ ଏବେ ମୁଣ୍ଡ ଟେକି ଉଠିଛି କନ୍ୟା ଭ୍ରୂଣ ହତ୍ୟା। ମଣିଷ କନ୍ୟା ସନ୍ତାନକୁ

ବୋଝ ମନେ କରି ସାମାଜିକ ବିଧି ବ୍ୟବସ୍ଥା ଭିତରେ ପେଶି ହୋଇ ନିଜ ଗର୍ଭରେ ଥିବା ଭ୍ରୁଣକୁ ନଷ୍ଟ କରିବାକୁ ପଛାଉ ନାହିଁ ଏବଂ ଅନିଶ୍ଚିତତା ଭବିଷ୍ୟତକୁ ନେଇ ପ୍ରତି ମୁହୂର୍ତ୍ତରେ ଚିନ୍ତାମଗ୍ନ ହୋଇପଡ଼େ। ବାପାମାଆ ଓ ଡ଼ାକ୍ତରଙ୍କ ଚିନ୍ତାଧାରାକୁ ପରିବର୍ତ୍ତନ କରାଇବା ଲାଗି ନାଟ୍ୟକାର ସୃଷ୍ଟି କରନ୍ତି ଅନାମ ଭଳି ଏକ ବୈପ୍ଳବିକ ଚରିତ୍ର। ବିପ୍ଳବ କରେ ସତ; ହେଲେ ନିଜ ପାଇଁ ନୁହେଁ, ନୂତନ ପିଢ଼ିଙ୍କ ପାଇଁ। ଏହି ପରି ଏକ ନୂତନ ଧରଣର ବିଷୟକୁ ନେଇ ନାଟକୀୟତାର ରୂପ ପାଏ ନାଟ୍ୟକାରଙ୍କ 'ଅନାଗତ' ନାଟକରେ।

ନାଟ୍ୟକାର ନାରାୟଣ ସାହୁଙ୍କ ସମଗ୍ର ନାଟକ ମଧ୍ୟରେ ଆଲୋଚ୍ୟ 'ମୂକ' ହେଉଛି ଅନବଦ୍ୟ ନାଟକ।ଏହି ନାଟକଟି ଏକ ପ୍ରତୀକଧର୍ମୀ ନାଟକ। ସାଂପ୍ରତିକ ସମୟର ରାଜନୈତିକ ଚିନ୍ତାଧାରା ସହ ସମାଜର ସ୍ଥିତିକୁ ବଖାଣିବା ଏହାର ଲକ୍ଷ୍ୟ। ସାଂପ୍ରତିକ ସମୟରେ ଆଧୁନିକ ମଣିଷର ସମ୍ପର୍କ ଓ ପରିଚୟ ହେଉଛି ମୂକପ୍ରାୟ। ଆଜିର ବିଧ୍ୱଂସ ଗ୍ରସ୍ତ ସମାଜରେ ଦୁର୍ନୀତିଗ୍ରସ୍ତ ଶାସକ ଗୋଷ୍ଠୀ କିପରି ସରଳ ଲୋକଙ୍କ ଉପରେ ଅତ୍ୟାଚାର କରୁଛନ୍ତି ତାର ବାସ୍ତବ ଚିତ୍ର ଏହି ନାଟକରେ ପ୍ରଦର୍ଶିତ। ପ୍ରତିଟି ଯୁଗ ଓ ମୁହୂର୍ତ୍ତରେ କଣ୍ଠରୋଧ କରାଯାଇଛି ସତ୍ୟର। ନାଟ୍ୟକାର ସାହୁ ସାଂପ୍ରତିକ ସମୟ ସହ ସାମାଜିକ ବାସ୍ତବତାକୁ ଯୋଡ଼ିବାରେ ଖୁବ୍ ଦକ୍ଷ। ସାଂପ୍ରତିକ ସମୟର ସତ୍ୟ କଥାକୁ ବଖାଣିଲେ ରାଜନୀତିର ପ୍ରେସରରେ ସତ୍ୟର ଜିଭକୁ କାଟି ପ୍ରତିବାଦକୁ ଚୁପ୍ କରିବା ହେଉଛି ନାଟକର ବିଷୟବସ୍ତୁ।

କ୍ଷମତାର ଲୋଭ ଯୁଗ ଯୁଗର ଧରି ରହି ଆସିଛି। ସେ ରାଜତନ୍ତ୍ର ହେଉ କି ଗଣତନ୍ତ୍ର ! ସେ ଲୋଭ ବେଳେବେଳେ ସତ୍ୟର ତଣ୍ଟିଚିପିବାକୁ ପଛାଏ ନାହିଁ। ରାଜତନ୍ତ୍ର ଠାରୁ ଗଣତନ୍ତ୍ର ଯାଏଁ ସବୁଠି ସତ୍ୟ ଉପରେ ଅତ୍ୟାଚାର କରନ୍ତି। ପୁରାଣ ଠାରୁ ଆରମ୍ଭ କରି ସାମ୍ପ୍ରତିକ ସମୟ ଯାଏଁ ଲକ୍ଷ୍ୟ କଲେ ସବୁଠି ଦେଖିପାରିବା ସତ୍ୟର ବଳାତ୍କାର ହୋଇଛି। ପ୍ରଚଳିତ ସମୟର ବିଶୃଙ୍ଖ ସମାଜକୁ ନାଟ୍ୟକାର ଏକ ସଚେତନତାର ବାର୍ତ୍ତା ମୂଳରେ ପ୍ରଦାନ କରିଛନ୍ତି। 'ମୂକ' ରଚନା ହୁଏ ୨୦୦୦ ମସିହା କଟକର କୁନ୍‌ମା ପବ୍ଲିକେଶନ ଦ୍ୱାରା। ମାତ୍ର ନଅ ଗୋଟି ଚରିତ୍ର (ଅଭିଜିତ, ଅଳକା, ବାଇଡଙ୍କ, ମହୀପାଳ, ସଲିମ, ପୋଲିସ ଏନିସପେକ୍ଟର, ଟ୍ରାଫିକ ପୋଲିସ, ପରମଗୁରୁ, ମୁକ ଶିଶୁ)କୁ ନେଇ ସମଗ୍ର ନାଟକଟି ଗତିଶୀଳ। ଫ୍ଲାସବ୍ୟାକ୍ ଶୈଳୀରେ ନାଟକଟି ରଚନା କରାଯାଇଛି। ପ୍ରଥମରୁ ମୂକ ଶିଶୁର ନୃତ୍ୟକୁ ଦୁଇ ରାଜନୈତିକ ଦଳର ପ୍ରଶଂସା ଦେଖିବାକୁ ମିଳୁଛି। ଏହା ପରେ ପରେ ସେହି ମୂକ ଶିଶୁର ପଛରେ ଥିବା ଇତିହାସକୁ ଦର୍ଶାଉଛନ୍ତି। ଆସେମ୍ବ୍ଲି ଛକର ହତ୍ୟାକାଣ୍ଡକୁ ନେଇ 'ସତ୍ୟବଚନ' ଖବରକାଗଜର ସାମ୍ବାଦିକ ଦମ୍ପତି ଅଭିଜିତ ଓ ଅଳକାଙ୍କର ସତ୍ୟ ପ୍ରକାଶ କରିବା ମହଙ୍ଗା ହୋଇଛି। ଏକ ସାମ୍ବାଦିକ ପରିବାର ରାଜନୀତିର ପ୍ରଭାବରୁ ବାରମ୍ବାର ଧମକ ଦିଆଯାଏ। ଏହି ସମୟରେ ସାମ୍ବାଦିକ ଦୁହିଁଙ୍କୁ ବହିଷ୍କାର କରି ଶାସକ ଦଳରେ ଯୋଗ ଦିଅନ୍ତି ସତ୍ୟବଚନର ମୁଖ୍ୟ ସଂପାଦକ ପରମଗୁରୁ। କିନ୍ତୁ ସାମ୍ବାଦିକ ଦମ୍ପତି ସତ୍ୟକୁ ଛାଡ଼ି ମିଥ୍ୟାକୁ ଗ୍ରହଣ କରି ପାରି ନାହାନ୍ତି। ଯାହାଫଳରେ ନାଟକର ଶେଷରେ ଦେଖା ଦେଉଛି ଶାସକ ଦଳର ଗୁଣ୍ଡା ସଲିମ୍ ଅଳକାର ଜିଭକୁ କାଟି ଓ ହାତ ଦୁଇକୁ ଅକାମୀ କରିଦିଅନ୍ତି। ଯେହେତୁ ଅଳକା ସେ ସମୟରେ ଗର୍ଭବତୀ ଥିଲେ ଶେଷରେ ମୃତ୍ୟୁ ସହ ଲଢ଼ି ହାରିଗଲେ ସତ ! ହେଲେ ଜନ୍ମ ଦିଅନ୍ତି ଏକ ମୂକ ଶିଶୁ।

ଅତ୍ୟାଚାର, ଭ୍ରଷ୍ଟାଚାର, ଦୁର୍ନୀତିଗ୍ରସ୍ତ ଶାସକ ଦଳ କିପରି ସମାଜକୁ କଳୁଷିତ କରିବା ସହ ସରଳ ମଣିଷ ମାନଙ୍କ ଉପରେ ଅତ୍ୟାଚାରର ସ୍ୱଷ୍ଟ ଚିତ୍ର ଏଥିରେ ଦେଖାଇଛନ୍ତି। ସତ୍ୟ ବଚନର ମଣିଷ କିପରି ବଦଳିଯାଏ, ମିଛ ବା ଟଙ୍କାଖୋର ମନବୃ[illegible]ରେ ସତ୍ୟ ଧର୍ମ ନ୍ୟାୟକୁ ପଛରେ ଏଡାଇ କିପରି ଶାସକଦଳ ସହ ହାତ ମିଳାଇ ମିଛକୁ ସତ କରି ସତ୍ୟବଚନ ଖବର କାଗଜରେ ମିଛର ପ୍ରଚାର କରୁଛନ୍ତି ତାହା ଆମେ ପରମଗୁରୁ ଚରିତ୍ର ମାଧ୍ୟମରେ ଦେଖିପାରିବା। ଯିଏ ଆଦର୍ଶ, ବିପ୍ଳବର ଆହ୍ୱାନ ଦେଇ ସମାଜକୁ ପରିବର୍ତ୍ତନମୁଖୀ କରାଉଥିଲେ, ସିଏ କ୍ଷମତା ଓ ରାଜନୀତିର ଟଙ୍କା ଲୋଭରେ ବଦଳି ଯାଉଛନ୍ତି। "ଭୋକ ଏମିତି ଏକ ଜିନିଷ, ଯାହା ଦାମ୍‌ର କୌଣସି ଧାର ଧାରେନା। ଓଦା ପେଟ କେବେ ବିପ୍ଳବ କରି ପାରେନା, ଆଦର୍ଶ, ବିପ୍ଳବ ଏଗୁଡ଼ିକ ସବୁ ଫମ୍ପା ଆଓ୍ୱଜ। ରାତିର ରଙ୍ଗ ପରି ମୂଲ୍ୟହୀନ ଦିବସର ଉଷ୍ଣତା ପରି ବର୍ଣ୍ଣହୀନ।"( ମୂକ-୩୭)

ପ୍ରକୃତରେ ଦଳିତ ନିଷ୍ପେସିତ ମଣିଷମାନଙ୍କୁ ରାଜନେତାମାନେ ମେଣ୍ଢା ବୋଲି ଭାବନ୍ତି। ସରଳ ଖଟିଖିଆ ଲୋକଙ୍କୁ ନେଇ ରାଜନୀତି କରିବା ଏ ସମାଜ ପାଇଁ ଗୋଟିଏ ନିତିଦିନିଆ କାର୍ଯ୍ୟ ପାଲଟି ଗଲାଣି। ସେହି ରାଜନୀତିରେ ମିଛ ପ୍ରତିଶ୍ରୁତି ଦେଇ ସାଧାରଣ ଜନତାଙ୍କୁ ସେମାନେ ମେଣ୍ଢା ଭଳି ବ୍ୟାବହାର କରନ୍ତି। ଯାହା ନାଟକରେ ପ୍ରତିକୀତ ହୁଏ।

"ଅଭିଜିତ: କେତେଦିନ ଏ ଦେଶରେ ଜନତାଙ୍କୁ ମେଣ୍ଢା ବନେଇ ରଖିଥିବେ।

ମହୀପାଳ: ଯେତେ ଦିନ ଯାଏଁ ସେମାନଙ୍କର ଚେତନା ଉଦୟ ହୋଇଛି ! ଯେତେ ଦିନ ଯାଏ ସେମାନେ ବିପ୍ଳବ କରି ଶିଖି ନାହାନ୍ତି ! ଯେତେ ଦିନ ଯାଏ ସେମାନେ ଅଧିକାର ସଚେତନ ନ ହୋଇଛନ୍ତି !"(ମୂକ-୬୭)

ସତ୍ୟ କେବେ ଲୁଚି ରହେନି। ସତ୍ୟକୁ ଯେତେ ଲୁଚେଇ ରଖିଲେ ବି ସେ ଦିନେ ନା ଦିନେ ପର୍ଦ୍ଦାଫାଶ ହୁଏ। ଯାହା ନାଟ୍ୟକାର

ପୋଲିସ ଇନ୍ସପେକ୍ଟର କଣ୍ଠରେ ଦର୍ଶାଇଛନ୍ତି –"ସତ୍ୟ ହେଉଛି ସେହି ଆଲୋକ ଶିଖା। ଯାହାକୁ ନିବୁଜ କୋଠରୀ ମଧ୍ୟରେ ଆବଦ୍ଧ କଲେ ମ୍ଭ କୌଣସି ନା କୌଣସି ଛିଦ୍ର ଦେଇ ତାହା ନିଶ୍ଚୟ ପ୍ରକାଶିତ ହେବ। ସତ୍ୟର ଜୟ ହେବ।" (ମୂକ- ୪୭)

ଏହି ନାଟକ ସାଂପ୍ରତିକ ସମାଜ ପାଇଁ ଏକ ପ୍ରତିବାଦର ସ୍ୱର ଉତ୍ତଳନ ନିମନ୍ତେ ନାଟ୍ୟକାର ପ୍ରୟାସ କରିଛନ୍ତି। କିନ୍ତୁ ନାଟକରେ ପ୍ରତିବାଦର ସ୍ୱର ଲୋପପାଇଛି। ପ୍ରତିବାଦ କରୁଥିବା ଏକ ମାତ୍ର ନାରୀ ଚରିତ୍ର ଅଳକାର ଜିଭକୁ କାଟି ଦିଆଯାଇଛି। ପ୍ରତିବାଦ କରୁଥିବା ବ୍ୟକ୍ତି ସମାଜ ଉପରକୁ ଏବେ ପ୍ରଶ୍ନବାଚୀ। ଶେଷରେ ନିରୁପାୟ ହୋଇ ପ୍ରତିବାଦ ବଦଳରେ ମୂକ ପାଲଟି ଯାଆନ୍ତି ଯାହା ନାଟକରେ ପ୍ରତିକୀତ। ଯେଉଁଠି ପ୍ରତିବାଦରେ ସ୍ୱର ଲୋପ ପାଏ। ସେଠି ଏହିଭଳି ମୂକମାନେ ଜନ୍ମ ନିଅନ୍ତି। ଯେତେଦିନ ଯାଏଁ ଏ ଦେଶରେ ଜନତା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ ନ କରିଛନ୍ତି। ସେତେଦିନ ଯାଏ ପରିଣତି ଏଇଆ ହେଉଥିବ। ସେହି ମୂକ ଶିଶୁ ମାଧ୍ୟମରେ ନାଟ୍ୟକାର ଏକ ସୁସ୍ଥ ସମାଜ ଗଠନ ଓ ସମାଜ ପ୍ରତି ଏକ ପରିବର୍ତ୍ତନ ଚେତନାର ସଙ୍କେତ ଦେଇଛନ୍ତି।

ବାସ୍ତବିକ ଏହି ନାଟକ ସାଂପ୍ରତିକ ସମାଜ ପାଇଁ ଏକ ଆହ୍ୱାନ। ନାଟ୍ୟକାର ନାରାୟଣ ସାହୁଙ୍କ ଆଲୋଚ୍ୟ ନାଟକରେ ପ୍ରତିବାଦର ସ୍ୱର ଓ ବିପ୍ଳବର ବାଣୀ ଶୁଣିବାକୁ ମିଳିଥାଏ। ତାହା ଆମେ ନାଟକର ବିଭିନ୍ନ ସଂଳାପମାନଙ୍କରୁ ଜାଣିପାରିବା। ସଂଳାପ ନାଟକକୁ ସୁଦୃଢ଼ କରିଥାଏ। ନାଟ୍ୟକାର ସାହୁଙ୍କ ପ୍ରତ୍ୟେକ ନାଟକର ସଂଳାପ ସଂକ୍ଷିପ୍ତ ଏବଂ ସାଧାରଣ ଭାଷା ବ୍ୟବହୃତ। ମୂକର ସଂଳାପ ଗୁଡ଼ିକ ମଧ୍ୟ ଠିକ୍ ସେହିପରି। ସାମ୍ପ୍ରତିକ ସମୟର ରାଜନୀତିକୁ ନେଇ ଅନେକ ଓଡ଼ିଆ ନାଟକ ରଚନା କରାଯାଇଥିଲେ ହେଁ ସେଥି ମଧ୍ୟରୁ ନାରାୟଣ ସାହୁଙ୍କ ଆଲୋଚ୍ୟ ନାଟକଟି ଖୁବ୍ ପାଠକାଦୃତ ହୋଇ ପାରିଛି। ସତ୍ୟ ଏଠାରେ ରାଜନୀତିର ଚାପରେ ଲୁଚି ଯାଇଛି ସତ; ହେଲେ ଏଇ ଚାପ ପରବର୍ତ୍ତି ପିଢ଼ିକୁ ମୁକ୍ତିର ପଥ ଦେଖାଇଛି। ଶେଷରେ କୁହାଯାଇ ପାରେ ଏହି ମୂକ ଶିଶୁମାନେ ଜନ୍ମ ହେଲେ ବି ବିପ୍ଳବର ଉର୍ଦ୍ଧ୍ୱକୁ ଯାଇ ନିରବ ସଂଳାପ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହେବ।

**ସହାୟକ ଗ୍ରନ୍ଥସୂଚୀ :**


୧. ପତି, ସୁଷମା, ଏକାଙ୍କିକାକାର ନାରାୟଣ ସାହୁ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ, ପ୍ରଥମ ସଂସ୍କରଣ ୨୦୧୮।

୨. ମିଶ୍ର, ଜ୍ଞାନୀ ଦେବାଶିଷ (ସଂପାଦକ), ନଟ ନାଟ୍ୟ ନାଟ୍ୟାୟନ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ, ପ୍ରଥମ ସଂସ୍କରଣ ୨୦୧୫।

୩. ସାମନ୍ତରାୟ, ରାମାକାନ୍ତ, ଅଶୀ ପରର ଓଡ଼ିଆ ନାଟକ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ, ଦ୍ୱିତୀୟ ସଂସ୍କରଣ ୨୦୨୨।

୪. ସାହୁ, ନାରାୟଣ, ମୂକ, କୁନ୍‌ମା ପବ୍ଲିକେଶନ,କଟକ, ପ୍ରଥମ ସଂସ୍କରଣ ୨୦୦୦।

୫. ସାହୁ, ନାରାୟଣ, ନାଟ୍ୟଚର୍ଚ୍ଚା ଓ ଅନ୍ୟ ପ୍ରସଙ୍ଗ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ, ପ୍ରଥମ ସଂସ୍କରଣ ୨୦୨୦।

୬. ସାହୁ, ନାରାୟଣ, ସ୍ୱାଧୀନତୋତ୍ତର ଓଡ଼ିଆ ନାଟକ ଓ ଅନ୍ୟ ପ୍ରସଙ୍ଗ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ, ପ୍ରଥମ ସଂସ୍କରଣ ୨୦୧୭।


❖ ❖ ❖

DOI : https://doi.org/10.5281/zenodo.17550916

ମୂଳ ପ୍ରବନ୍ଧ

# ପୁରାଣରୁ ଆଧୁନିକତାର ଧାରା : ସୀତା ମୁଁ ସୀତା

**ଆରତୀ ନାୟକ**

**ସଂକ୍ଷିପ୍ତସାର :**

ଉତ୍ତରଅଶୀ ପରବର୍ତ୍ତୀ ଓଡିଆ ସାହିତ୍ୟରେ ମିଥ୍ ପ୍ରତି ଲେଖକୀୟ ଅନୁରାଗ ବିଶେଷ ଭାବେ ଦୃଷ୍ଟି ଆକର୍ଷଣ କରିଥାଏ। ପ୍ରାଚୀନତାର ପୃଷ୍ଠଭୂମିରେ ଆଧୁନିକ ଜୀବନଚର୍ଯ୍ୟା ସମନ୍ୱିତ କରି ଲୋକାଭିମୁଖୀ କରିବା ସମ୍ଭବତଃ ସାହିତ୍ୟରେ ମିଥ୍ ପ୍ରୟୋଗ ଉଦ୍ଦେଶ୍ୟ। ଉପନ୍ୟାସ ପରିପ୍ରେକ୍ଷୀରେ କୁହାଯାଇପାରେ ପୁରାଣରେ ଯେଉଁ ଚରିତ୍ରମାନେ ଥିଲେ ଓ ଯେଉଁକଥାବସ୍ତୁ ଥିଲା ଆଧୁନିକ ଜୀବନରେ ତା'ର କ'ଣ ସମ୍ପର୍କ ରହିଛି ବା ସେହି ଚରିତ୍ରମାନେ ହଜାର ହଜାର ବର୍ଷ ତଳେ ଯାହା ଲେଖକ ଓ କବିଙ୍କ ଦ୍ୱାରା ବିସ୍ତୃତ ହୋଇଥିଲେ, ଆଜିର ସାମାଜିକ ବିଶ୍ୱାସ ଓ ଦୃଷ୍ଟିକୋଣ ମାଧ୍ୟମରେ ସେହିଚରିତ୍ର ଗୁଡ଼ିକର କ'ଣ ଅଭାବବୋଧ ରହିଯାଇଛିକି ? କିମ୍ବା social justice ବା ସାମାଜିକ ନ୍ୟାୟ ପାଇବାରୁ ସେମାନେ ବଞ୍ଚିତ ହୋଇଛନ୍ତିକି ? ତାଙ୍କର ସେହି ଦିଗଟି ଉଦଘାଟନ କରିବା ପାଇଁ ଔପନ୍ୟାସିକମାନେ ବିଶେଷ ଭାବରେ ଚିନ୍ତିତ ହୋଇଛନ୍ତି ଏବଂ ତାଙ୍କର ଉପନ୍ୟାସ ମାଧ୍ୟମରେ ସାମାଜିକ ନ୍ୟାୟ ଦେବାକୁ ପ୍ରୟାସ କରିଛନ୍ତି। ପୁରାଣର ଚରିତ୍ରମାନେ କିପରି ଭାବରେ ସମାଜର ହିତ ପାଇଁ ପାଲଟି ଯାଇଛନ୍ତି ସାଧାରଣ ମଣିଷରୁ ରାକ୍ଷସ, ରାକ୍ଷସୀ, କଳିହୁଡ଼ି ଓ ଦେବୀ। ସେ ମନ୍ଥରା ହୁଅନ୍ତୁ କି ସୂର୍ପଣଖା, ଦ୍ରୌପଦୀ ହୁଅନ୍ତୁ କି ସୀତା ଏବଂ କର୍ଣ୍ଣ ଆଦି ଚରିତ୍ର ମାନଙ୍କ ଉପରେ କ'ଣ ଅନ୍ୟାୟ ହୋଇଛି ଏବଂ ଜନ କଲ୍ୟାଣ ପାଇଁ କେତେବେଳେ ସେମାନଙ୍କୁ ନିଆଁରୁ ଜନ୍ମ ନେବାକୁ ପଡ଼ିଛି ତ କେତେବେଳେ ମାଟିତଳୁ ଏବଂ ଜନ୍ମ ହୋଇ ଭୁଲିବାକୁ ପଡ଼ିଛି ବଂଶ ମର୍ଯ୍ୟାଦାର ପରିଚୟକୁ। ପୁରାଣର ଏହିପରି ଚରିତ୍ରମାନଙ୍କୁ ସାଂପ୍ରତିକ ସମୟରେ ସାମାଜିକ ନ୍ୟାୟ ଦେବାରେ ପଦ୍ମଜ ପାଳ ହେଉଛନ୍ତି ଅନ୍ୟତମ।

**ପ୍ରମୁଖ ଶବ୍ଦାବଳୀ :**

ଆଦର୍ଶ, ଜଞ୍ଜାଳ, ରାକ୍ଷସ, ରାକ୍ଷସୀ, ଦେବୀ, ସୀତା।

**ବିଷୟବସ୍ତୁ:**

ଓଡ଼ିଆ ସାହିତ୍ୟର ଏକ ବଳିଷ୍ଠ ବିଭାଗ ହେଉଛି ଉପନ୍ୟାସ ଏବଂ ଏହି କ୍ଷେତ୍ରରେ ପଦ୍ମଜ ପାଳ ହେଉଛନ୍ତି ଜଣେ ପ୍ରଭାବଶାଳୀ ଲେଖକ। ମଣିଷ ଜୀବନର ସାମାଜିକ ବ୍ୟବସ୍ଥା, ସୁଖଦୁଃଖ, ସହ, ବିଷାଦ, ସମସ୍ୟା ଓ ଅସହାୟତାକୁ ନିଜ ଲେଖା ମାଧ୍ୟମରେ ପରିବେଷଣ କରିଛନ୍ତି। ତାଙ୍କର ଅନେକ ଲେଖାରେ ପ୍ରତିବାଦ ଓ ବିଦ୍ରୋହ ମଧ୍ୟ ସ୍ଥାନ ପାଇଛି।୧୯୪୬ ମସିହା ନଭେମ୍ବର ୪ ତାରିଖରେ ଜଗତସିଂପୁର ଜିଲ୍ଲାର କାଦୁଅପଡ଼ା ଅନ୍ତର୍ଗତ କୁସିଙ୍ଗା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ।ତାଙ୍କ ଅଙ୍ଗେନିଭା ଅନୁଭୂତିକୁ ସେ ଉପସ୍ଥାପନା କରିଛନ୍ତି ଉପନ୍ୟାସରେ। ତାଙ୍କର ବର୍ତ୍ତମାନ ସୁଧା କୋଡ଼ିଏ ଗୋଟି ଉପନ୍ୟାସ ପ୍ରକାଶିତ ହୋଇଛି। ଯଥା – "ଦୁର୍ଗ ପତନର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.17550916
Article No - BPPP00341

**ଯୋଗାଯୋଗ : ଆରତୀ ନାୟକ,**
ଗବେଷିକା, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,
ତକତପୁର, ବାରିପଦା
**E mail :** 97arati.nayak@gmail.com
**Orcid Id :** https://.org/0009-0001-7058-5230

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୬.୨୦୨୫ | ୧୧.୦୭.୨୦୨୫ | ୨୫.୦୮.୨୦୨୫ | ୧.୦୯.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, ଆରତୀ; ୨୦୨୫। ପୁରାଣରୁ ଆଧୁନିକତାର ଧାରା : ସୀତା ମୁଁ ସୀତା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଚ, ପୃଷ୍ଠା :୭୪-୭୬।

ବେଳ”,“ଆମ ସମୟର ଦୁଃଖ”,“ଯିବୁ କି ଥିବୁ”,“ପାପ ପରି ନିଜର”, “ଗଣ୍ଡଭୈରବ”,“ଓୟେ ପୁଅ ମା”, “ପଣ୍ଡୁରଙ୍ଗୀ ନିବାସ”, “ଆକ୍ରାନ୍ତ”, “ମାମୁଁ ଘରଚଢ଼ଁରୀ”, “ଛାଇଲେଉଟାଣି”, “ଅପଦେବତା”,“ ଜରା ନିବାସ”,“ଗାନ୍ଧୀଛକରୁ ଟିକିଏ ଆଗକୁ”,“ଯାତ୍ରା ଡଟ୍ କମ୍”,“ମୁହୂର୍ତ୍ତେ ମାତ୍ର”, “ଗହ୍ୱର”, “ପ୍ରତିସ୍ୱର୍ଦ୍ଧା”, “ହାଏ ମୁନି କେମିତି ଅଛ”, “ବିରାଓ୍ୱତ ରିପୋର୍ଟ”, “ସୀତା ମୁଁ ସୀତା” । ଏଠାରେ “ସୀତା ମୁଁ ସୀତା”ଉପନ୍ୟାସକୁ ଆଲୋଚନାର ପର୍ଯ୍ୟାୟଭୁକ୍ତ କରାଯାଇଛି।

୧୯୮୦ ପରବର୍ତ୍ତୀ କାଳରେ ଯେଉଁ ସାମାଜିକ ପରିବର୍ତ୍ତନ ଆସିଲା, ତାହା ଦ୍ୱାରା ଅର୍ଥ ଉପାର୍ଜନ ଜୀବନର ପ୍ରଧାନ ଲକ୍ଷ୍ୟ ହେଲା। ଅଶୀଦଶକ ବେଳକୁ ଭାରତୀୟ ଅର୍ଥନୀତିରେ ଯେଉଁ ଦୁର୍ଗତି ଆସିଲା ସେତେବେଳେ ନାରୀ ପୁରୁଷ ନିର୍ବିଶେଷରେ ସବୁବର୍ଗର ଲୋକମାନେ ଅର୍ଥ ଉପାର୍ଜନ ପାଇଁ ବାଧ ହେଲେ। ଜଗତୀକରଣ ପ୍ରଭାବରେ ସବୁଠାରୁ ଅଧିକ ପ୍ରଭାବିତ ହେଲେ ଭାରତୀୟ ନାରୀ। ସବୁବେଳେ ଘର କୋଣରେ ଜୀବନ ବିତାଇ ଦେଉଥିବା ନାରୀ ସମୟକ୍ରମେ ସାମରିକ ବିଭାଗ ତଥା ବିମାନ ଚଳାଚଳ, କ୍ରୀଡ଼ା ବିଭାଗ, ବଡ ବଡ କଳକାରଖାନା ଆଦିକ୍ଷେତ୍ରରେ ପ୍ରବେଶ କରିବାକୁ ହେଲା।ସେମାନେ ଏ ସବୁ କ୍ଷେତ୍ରରେ କେବଳ ପ୍ରବେଶ କଲେ ନାହିଁ, ଆଶାତୀତ ସଫଳତା ପାଇ ପୁରୁଷ ଜାତିକୁ ଚମକାଇ ଦେଲେ। ତେଣୁ ସାଂପ୍ରତିକ ସମୟରେ ନାରୀ ପ୍ରତ୍ୟେକ କାର୍ଯ୍ୟରେ ପାଦ ଥାପିଛି ଏବଂ ପ୍ରତିକ୍ଷେତ୍ରରେ ସେ ଆଗୁଆ। ତଥାପି ଏପରି ଏକ ସମୟ ଓ ସମାଜରେ ଲେଖକ ନାରୀକୁ ଅବଳା ଓ ଦୁର୍ବଳା କରିପକାଇଛନ୍ତି ଏହି ଉପନ୍ୟାସରେ। କାରଣ ଆଜିର ନାରୀମାନେ ଯେତେବି ମଡନ୍ ହୁଅନ୍ତୁନା କାହିଁକି ସମାଜରେ କେଉଁଠିନା କେଉଁଠି ଆଜିବି କନ୍ୟା ଭ୍ରୂଣ ହତ୍ୟା ହେଉଛି। ଶାରୀରିକ ହେଉ କି ମାନସିକ କ୍ଷେତ୍ରରେ ଆଜିବି ନାରୀ ଅବହେଳିତ ହୋଇ ନିଜର କାୟାଧର୍ମ ବଦଳେଇ ଦେଉଛନ୍ତି। ତେଣୁ ପ୍ରତ୍ୟେକ ନାରୀ ଯେପରି ଶକ୍ତିଶାଳୀ ଜୀବନଟିଏ ବଞ୍ଚିବେ କିମ୍ବା ଉପଯୁକ୍ତ ନ୍ୟାୟ ପାଇବେ ତା’ର ଏକ ପ୍ରୟାସ ଶ୍ରୀଯୁକ୍ତ ପାଳ ଏହି ଉପନ୍ୟାସ ମାଧ୍ୟମରେ କରିଛନ୍ତି।

‘ମୁଁ ସୀତା ! ସୀତା ରାମଚନ୍ଦ୍ର

ହଁ , ମୁଁ ହିଁ ସୀତା ରାମଚନ୍ଦ୍ର।

ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କର ଧର୍ମପତ୍ନୀ ମୁଁ– ସୀତା !

ସୂର୍ଯ୍ୟବଂଶୀ ମହାରାଜା ଦଶରଥଙ୍କର କୁଳବଧୂ – ସୀତା !

ପୁରାଣ ଶାସ୍ତ୍ରରେ ନଥିଲେ ଏ କାହାଣୀ ହୁଏତ ମାନବୀୟ ସ୍ମୃତିଭିତରୁଲୋପ ପାଇଯାଇଥାନ୍ତା।

ହୁଏତ ସାତ ହଜାର ସାତଶ ଆଠଶ ବର୍ଷରୁଅଧିକ ବର୍ଷତଳେ, ଦିନେ ମୁଁ ବଞ୍ଚିଥିଲି ଏଇ ଜଗତରେ, ଭାରତ ବର୍ଷରେ । ମିଥିଳାର ରାଜକନ୍ୟା; ଅଯୋଧ୍ୟାର କୁଳବଧୂ, ରାଜବଧୂ ରୂପେ।

ମୁଁ ସୀତା, ମୁଁ ଜିଗୀଷା ଭାର୍ଗବ।

ମୁଁ ଜାଗୀକୁ ଜାଣେ, ମୁଁ ଜିଗୀଷା ଭାର୍ଗବକୁ ଜାଣେ।

ମୁଁ ସୀତାକୁ ବି ଜାଣେ। ଜାଗୀ ମୋରି ରୂପ। ଜିଗୀସା ଭାର୍ଗବ ବି ମୋର ରୂପ।

ମୁଁ ସୀତା, ଜାଗୀ, ଜିଗୀଷା ଭାର୍ଗବ ଆମେ ଏକ।

ଜିଗୀଷା ଭାର୍ଗବ ଯେ କି ବାର ବର୍ଷର ଏକ ଖ୍ରୀଷ୍ଟିଆନ ଝିଅଟିଏ। ସର୍ବଦା ସେ ତା’ର ଭାବନା ରାଇଜରେ ବୁଲୁଥାଏ। ତା’ର ଜନ୍ମଦିନ ଦିନ ହଠାତ୍ ତା ଭିତରେ ଏକ ପରିବର୍ତ୍ତନ ଦେଖାଗଲା। ହଠାତ୍ କହିଉଠିଲା ମୁଁ ସୀତା ହଁ ମୁଁ ହିଁ ସୀତା। ଏହି ଚରିତ୍ର ମାଧ୍ୟମରେ ଲେଖକ ସୀତାଙ୍କୁ ଏବଂ ସୀତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ଉପସ୍ଥାପନା କରିଛନ୍ତି। ହିନ୍ଦୁ ନାରୀର ମଡେଲ୍ ଯେ କି ସୀତା, ଜଣେ ଖ୍ରୀଷ୍ଟିଆନ ଝିଅ ରାତିର ରାମଲୀଳା ନାଟକ ଦେଖି ନିଜକୁ ସୀତା ମନେକରି ମନ ଭିତରେ ସୀତାଙ୍କ ଅସ୍ତିତ୍ୱକୁ ଗ୍ରହଣ କରିନେଇ ନିଜର ଦୁଃଖ କଷ୍ଟକୁ କହିବା ଏପରି ଏକ ଘଟଣାରେ ଲେଖକଙ୍କ ଉଦ୍ଦେଶ୍ୟ ହେଇପାରେ ଯେ, ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ସମାନ। ହିନ୍ଦୁ ହେଉ କି ମୁସଲିମ, ଖ୍ରୀଷ୍ଟିଆନ ହେଉ କି ଶିଖ୍ ସବୁ ଜାତି ସମାନ ଏବଂ ସବୁ ନାରୀ ଓ ପୁରୁଷମାନେ ମଧ୍ୟ ସମାନ। ତେଣୁଆଜିର ସମାଜରେ ସବୁ ନାରୀମାନେ ହେଉଛନ୍ତି ଜଣେ ଜଣେ ସୀତା। ରକ୍ତ ମାଂସ ଦେହଧାରୀ ନାରୀଠାରୁ ଦେବୀ ସତ୍ତାର ଆରୋପ ଦେଇ ସୀତାଙ୍କୁ ଆଦର୍ଶର ବ୍ୟୁହ ଭିତରେ ଛନ୍ଦି ଦିଆ ଯାଇଛି କିନ୍ତୁ ଉପନ୍ୟାସର ନାୟିକା କୁହେ ମୁଁ ଏକ ସାଧାରଣ ନାରୀ। ମଣିଷର ସୁଖ, ଦୁଃଖ, ଇଚ୍ଛା, ଅଭିପ୍ସା, ଭୟ, ବିଶ୍ୱାସକୁ ନେଇ ଗଢ଼ା ମୋ ଶରୀର ମାତ୍ର ମୋ ରୂପକୁ ଚାପି ଦେଇ ମହର୍ଷି ବାଲ୍ମୀକି ମୋତେ କରିଦେଲେ ଏକ ମଡେଲ୍। ପୋତି ହେଇଗଲା ମୋର ମାନବୀ ଶରୀର, ହସ, କାନ୍ଦ, ଘୃଣା, ରାଗ, କ୍ରୋଧ, ମନଛାପ ଅଶରଣୀ ଗୁଣ। ଚାହେଁନା ମୁଁ ଦେବୀ ହେବା ପାଇଁ ଅବା ଚାହେଁ ନାହିଁ ମୁକ୍ତି, ଚାହେଁ ଜୀବନ, ସୈକତ ଜଞ୍ଜାଳ। ସୀତା ଏଠାରେ ପ୍ରଶ୍ନ କରିଛନ୍ତି ଏ ପୁରୁଷ ସମାଜକୁ ଯଥା ବାଲ୍ମୀକି, ବିଶ୍ୱାମିତ୍ର ଓ ଏହିଶ୍ରେଣୀର ଯୋଗୀ ଋଷି ଓ ତପସ୍ୱୀମାନଙ୍କୁ କି ନାରୀକୁ କାହିଁକି ନ୍ୟୁନ କରିଦେଇଛନ୍ତି। ହଠାତ୍ କାହିଁକି ମୋତେ ସଜାଇ ଦେଲେ ସାଧାରଣ ନାରୀରୁ ଦେବୀ। କାହିଁକି ପ୍ରଜାବତ୍ସଳ ପୁରୁଷୋତ୍ତମ ରାମଚନ୍ଦ୍ର ପତି ଧର୍ମକୁ ଅସ୍ୱୀକାର କରି ମୋର ପରାମର୍ଶ ନ ନେଇ ପିତା ଦଶରଥଙ୍କ ପ୍ରତିଜ୍ଞା ଅନୁଯାୟୀ ରାଜି ହୋଇଗଲେ ବଣକୁ ଯିବା ପାଇଁ। ହିନ୍ଦୁନାରୀମାନଙ୍କର ଗର୍ବ ପାଇଁ ପାଳନ କରିବାକୁ ପଡ଼ିଲା ନାରୀଧର୍ମ।

ହଠାତ୍ ମୁଁ ପାଲଟିଗଲି ପତିବ୍ରତା ସତୀ ଶିରୋମଣି, ମନୋହରିଣୀ, ମଙ୍ଗଳମୟ, ସଦାଚାରୀ ମାତୃରୂପା, ମନୋମୟୀ ସୀତେ ମହାମାୟୀ। ପରମ୍ପରାର ଅନ୍ଧବିଶ୍ୱାସ ଭିତରେ କେଉଁମାନେ ରାମଙ୍କୁ ବିଷ୍ଣୁ ଏବଂ ସୀତାଙ୍କୁ ବୈଷ୍ଣବୀ ରୂପରେ ଉପସ୍ଥାପନ କରି ପୁରାଣ କାହାଣୀ ଭିତରେ ଦେବଦେବୀ ଆରୋପଣ କରିଛନ୍ତି ତାହା ସେମାନଙ୍କର ପ୍ରକୃତ ପ୍ରାପ୍ୟ ନୁହେଁ। ସୀତା ଏକ ଜୀବନ୍ତ ନାରୀ ପ୍ରତିଭା। ତାଙ୍କ ଜୀବନରେ ମଧ୍ୟ ସୁଖ, ସ୍ୱଚ୍ଛନ୍ଦ, ଦୁଃଖ, ଦୁର୍ଯୋଗ ରହିଛି। ମାତ୍ର ଏକ ହିନ୍ଦୁଆଦର୍ଶ ଭିତରେ ଗୋଟେ ସୁଗୃହିଣୀ ସତୀପତ୍ନୀ ଏବଂ ଜଣେ ଉତ୍ତମ ମାତା ଓ ଦେବୀ ରୂପରେ ତାଙ୍କୁ ଚିତ୍ରଣ କରିବା ଦ୍ୱାରା ସୀତା ପୋତି ହୋଇ ପଡିଛନ୍ତି ଆଦର୍ଶର ବଳୟ ଭିତରେ। ତହିଁରୁ ମୁକ୍ତି ଲୋଡ଼ା, କ୍ରାନ୍ତି ଆବଶ୍ୟକ। ଆଜିର ଯୁଗରେ ଯେଉଁ ସୀତାଙ୍କୁ ଲେଖକ ଲକ୍ଷ୍ୟ କରିଛନ୍ତି ସେମାନଙ୍କ ଭିତରେ ମଧ୍ୟ ପାରମ୍ପରିକ ଆଦର୍ଶ, ସତୀତ୍ୱର ଛାପ ସମାଜ ଆଶା କରେ। ବର୍ତ୍ତମାନ ସମାଜର ପ୍ରତ୍ୟେକ ନାରୀ ହେଉଛନ୍ତି ଜଣେ ଜଣେ ସୀତା। ଜାଗୀ, ଜିଗୀଷା ଭାର୍ଗବ, ସୀତା ଏମାନେ କେହି ଅଲଗା ବ୍ୟକ୍ତିତ୍ୱ ନୁହନ୍ତି, ସେମାନେ ସବୁ ନାରୀର ନିର୍ଯାତିତ ଚେତନାକୁ ସମାଜ ସମ୍ମୁଖରେ ରୂପ ଦେବା ପାଇଁ ପ୍ରୟାସୀ। ସମାଜରେ ଅନେକ ପୁରୁଷ ଅଛନ୍ତି ଯେଉଁମାନେ ନାରୀମାନଙ୍କୁ ଯଥେଷ୍ଟ ସମ୍ମାନ ଦିଅନ୍ତି। ସେମାନେ ବୁଝନ୍ତି ଏଇ ଜୀବନ ଓ ଜୀବନସତ୍ତା ଏବଂ ଯେଉଁମାନେ ନାରୀଙ୍କୁ ବୁଝନ୍ତି ନାହିଁ ସେମାନଙ୍କୁ ଏକ ଅନୁରୋଧ କରିଛନ୍ତିଲେଖକ ଉପନ୍ୟାସ ଶେଷରେ – "ପୁରୁଷମାନଙ୍କୁ ଓ ଏ ସମାଜକୁମୋର ଆନ୍ତରିକ ସମ୍ମାନ ଓ ସଦଭାବ। ନାରୀମାନଙ୍କୁ ସ୍ୱାମୀମାନେ ନିଷ୍ପେସିତ କରିବା ବନ୍ଦ୍ କରନ୍ତୁ। ନାରୀଙ୍କୁ ଉଚିତ ସମ୍ମାନ ଦିଅନ୍ତୁ। ଶାରୀରିକ ଓ ମାନସିକ କ୍ଷେତ୍ରରେ ସେମାନଙ୍କୁ ବୁଝିବା ଚେଷ୍ଟା କରନ୍ତୁ। ଜୀବନକୁ ଭଲଭାବରେ ବଞ୍ଚିବା ଶିଖନ୍ତୁ ଓ ନିଜକୁ ଜାଣନ୍ତୁ, ଶ୍ରଦ୍ଧାମୟ ହୁଅନ୍ତୁ, ତ୍ୟାଗ, ସଦିଚ୍ଛା, ଭଲପାଇବା ସହିତ ସମ୍ବେଦନଶୀଳ ଓ ପ୍ରେମମୟ ଜୀବନ ବଞ୍ଚନ୍ତୁ"।

ପରମ୍ପରାର ଦୁହାଇ ଦେଇ ସୀତାଙ୍କର ଆଦର୍ଶକୁ ଉଲ୍ଲେଖ କରି ତାଙ୍କୁ ଓ ସର୍ବଂସହା ଧରିତ୍ରୀ ବା ଧରଣୀ ରୂପରେ ଚିତ୍ରଣ କରିବା ଏକ ଅବାନ୍ତର ପ୍ରକ୍ରିୟା। ତେଣୁ ନାରୀ ଜୀବନ ଚିରକାଳ ଦୁଃସହ ଯନ୍ତ୍ରଣା ଭୋଗ କରି ଆସିଛି। ଏହି ପରିସ୍ଥିତିରୁ ମୁକୁଳିବା ପାଇଁ ସୀତାଙ୍କୁ ଦେବୀ ନୁହେଁ ମାନବୀ ରୂପରେ ଚିତ୍ରଣ କରିବା ବା ପାଠକ ଉପଲବ୍ଧି କରିବା ଆବଶ୍ୟକ।

**ସହାୟକ ଗ୍ରନ୍ଥସୂଚୀ :**


୧. ପାଳ, ପଦ୍ମଜ, ସୀତା ମୁଁ ସୀତା, ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର –୨୦୨୨।

୨. ମହାପାତ୍ର, ତପନ, କଥାଶିଳ୍ପୀ ଓ ଔପନ୍ୟାସିକ ପଦ୍ମଜ ପାଲଙ୍କ ସର୍ଜନ ଜୀବନ ଅଧାରୁ ଆରମ୍ଭ : ଅଧାରୁ ଶେଷ, ଆଦିତ୍ୟ ଭାରତ, ସେକ୍ଟର – ୬, ସି. ଡି. ଏ, କଟକ – ୨୦୨୦।

୩. ପଟ୍ଟନାୟକ, ପଠାଣି, ରାଉତ, ଭୋଳାନାଥ, ଓଡିଆ ଉପନ୍ୟାସ ସାହିତ୍ୟର ପରିଚୟ( ପ୍ରଥମ ଭାଗ), ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ ଛକ, କଟକ, ୨୦୧୯।

୪. ପାଣିଗ୍ରାହୀ, ସୁରେନ୍ଦ୍ର ନାଥ, ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ, ବିନୋଦ ବିହାରୀ, କଟକ, ୨୦୧୭।


❖ ❖ ❖

Regd. No.: 23717/65

# VOICE FOR VOICELESS

INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ମୋର ପାଠ ପଢ଼ିବାରେ ଦାୟିତ୍ୱ ନିଅନ୍ତୁ, ମୁଁ ଦେଶ ଗଢ଼ିବାରେ ସାହାଯ୍ୟ କରିବି



ଗରିବ ପିଲାଟିକୁ ପାଠ ପଢ଼ାନ୍ତୁ * TEACH A POOR CHILD

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ସମସ୍ତଙ୍କର ପେଟ ପୂରୁଛି,
## କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ ❋ FEED THE MENTALLY SICK**


Voice for Voiceless
SARVODAYA
SOCIETY
GOALS
1 Stop Contaminating Water
2 Stop Polluting Air
3 Stop Plastic Use
4 Save Earth
5 Stop Drug Abuse and Alcoholism
6 Stop Untouchability
7 Help Dibyanga
8 Help Mentally Disable Person
9 Help Senior Citizens
10 Help Sick Person
11 Help Poor Children
12 Help Poor Women
13 Planting Tree
14 Protecting Animals and Birds
15 Spreading Basic Education
16 Women Empowerment
17 Cleanliness Campaign
18 Satya and Ahmisha
19 Health and Hygienic
20 Communal Harmony
21 Vocational Education
22 Cottage Industries
23 Village Economy
24 Self Help Groups
25 Feed the Need
26 Farming and Agriculture
SARVODAYA
SOCIETY
GOALS
For Positive Constrictive Programme

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in
+91 88957 07011

# ଗଛ ଲଗାନ୍ତୁ ଜୀବନ ବଞ୍ଚାନ୍ତୁ



**ଗଛ ଲଗାନ୍ତୁ * PLANT TREE**

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking please contact :**
**The Advertising Manager**
**Niladri Vihar, Naya Bazar, Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com

**Web Site: https://pracheenews.com/**

All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name.............................................................................................................................

Address........................................................................................Pin code ...........................

Mobile No.........................................E-Mail..............................................................................

I am sending, Rs......................,(Bank Draft) Postal extra

Check Number.......................................................................Date..........................................

Bank..........................................................Place.......................................................................

Date...............................................Signature..........................................................................

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

ନୂତନ ସୂର୍ଯ୍ୟାଲୋକର ଆହ୍ବାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ